# ରାଜ୍ୟ ନିର୍ମାଣକାରୀମାନେ

ଈଶ୍ୱରଙ୍କ ରାଜ୍ୟ ନିର୍ମାଣରେ ତାହାଙ୍କର ଓ ଏକଆରେକର ସହକର୍ମୀଗଣ



ଆଶିଷ୍ ରାଇଚୁର୍

Printed and Distributed by **All Peoples Church & World Outreach, Bangalore, India**
First Edition Printed September 2015

Managing Editor/Head of Publications: Valentina Hubert
Cover and Graphics Design: Bijo Thomas

**Contact Information:**
All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617, +91-80-65970617
Email: contact@apcwo.org
Website: www.apcwo.org

Unless otherwise indicated, all Scripture quotations are taken from the Holy Bible, New King James Version. Copyright © 1982 by Thomas Nelson, Inc., Used by permission. All rights reserved.


FOR FREE DISTRIBUTION
Free distribution of this publication has been made possible through the financial support of members, partners and friends of All Peoples Church. If you have been enriched through this free publication, we invite you to contribute financially to help with the printing and distribution of free publications from All Peoples Church. Thank you!

MAILING LIST
If you would like to be included in our mailing list to receive new publications when they are printed, please kindly send us your correct postal address.

FREE BULK ORDERS
We are happy to send free extra copies for use in your local church, Bible study group, Bible College, Seminars, etc. Please let us know how many copies you will need and the postal address to send them to, and we will send the books to you.

# ରାଜ୍ୟ ନିର୍ମାଣକାରୀମାନେ

## ଈଶ୍ୱରଙ୍କ ରାଜ୍ୟ ନିର୍ମାଣରେ ତାହାଙ୍କର ଓ ଏକଆରେକର ସହକର୍ମୀଗଣ



ଆଶିଷ୍ ରାଇଚୁର୍

# ସୂଚୀପତ୍ର


**ପ୍ରଥମ ଅଧ୍ୟାୟ : ରାଜ୍ୟ ଓ ମଣ୍ଡଳୀ** ୫

ଈଶ୍ୱରଙ୍କ ରାଜ୍ୟ ୫

ଈଶ୍ୱରଙ୍କ ରାଜ୍ୟ ଓ ମଣ୍ଡଳୀ ୬

ମଣ୍ଡଳୀର ସ୍ୱାଭାବିକ ଆକାର ୭

**ଦ୍ୱିତୀୟ ଅଧ୍ୟାୟ : ଖ୍ରୀଷ୍ଟ–ରାଜ୍ୟର ରାଜା** ୧୧

ରାଜାଙ୍କ ସଙ୍ଗେ ଆମର ସମ୍ପର୍କ ରକ୍ଷା ଅତୀବ ଗୁରୁତ୍ୱପୂର୍ଣ୍ଣ ବିଷୟ ୧୨

ରାଜ୍ୟ ମୋର ବା ଆପଣଙ୍କର ନୁହେଁ ମାତ୍ର ତାହାଙ୍କର ୧୩

ଆମେମାନେ କେବଳ ଈଶ୍ୱରଙ୍କ ଗୌରବ ଅନ୍ୱେଷଣ କରିବା ୧୪

ଜଗତରେ ଆମର ଅଧିକାର ରାଜାଙ୍କ ପ୍ରତି ଆମର ସମର୍ପଣ ଉପରେ ନିର୍ଭର କରେ ୧୮

ମନୁଷ୍ୟଠାରେ ଗୌରବ ନ କରୁ ୧୯

ସର୍ବବିଷୟର ବିଚାରକର୍ତ୍ତା ପ୍ରଭୁଙ୍କଠାରେ ଆମେ ଉତ୍ତରଦାୟୀ ଅଟୁ ୨୦

ଜଣେ ରାଜ୍ୟ ନିର୍ମାଣକାରୀର ହୃଦୟ ରଖନ୍ତୁ ୨୨

**ତୃତୀୟ ଅଧ୍ୟାୟ : ପବିତ୍ର ଆତ୍ମା–ନିର୍ଦ୍ଦେଶକ** ୨୭

ପିତାଙ୍କ ଇଚ୍ଛା ସାଧନକାରୀମାନେ ସ୍ୱର୍ଗରେ ପୁରସ୍କୃତ ହେବେ ୨୭

ପବିତ୍ର ଆତ୍ମା ଈଶ୍ୱରଙ୍କ ଇଚ୍ଛାକୁ ପୃଥିବୀରେ ଆମମାନଙ୍କ ନିକଟରେ ପ୍ରକାଶ କରିଥାନ୍ତି ୨୮

ମାଂସରୁ ଯାହା ଜାତ, ତାହା ମାଂସ ଓ ଆତ୍ମାରୁ ଯାହା ଜାତ, ତାହା ଆତ୍ମା ୨୯

ମାଂସରୁ ଯାହା ଜାତ ଈଶ୍ୱରଙ୍କ ଇଚ୍ଛାରେ ଆତ୍ମାରୁ ଜାତ ହେବାକୁ ଥିବା
ବିଷୟକୁ ତାହା ପ୍ରତିବନ୍ଧକ ସୃଷ୍ଟି କରେ ୩୧

ମାଂସରୁ ଜାତ ବିଷୟ ଲାଭଦାୟକ ନୁହେଁ ୩୨

ଆତ୍ମାଙ୍କ ଦ୍ୱାରା ଆଚରଣ କଲେ ଆପଣ ଶାରୀରିକ ବିଷୟଗୁଡ଼ିକୁ ଜନ୍ମ ଦେବେ ନାହିଁ ୩୩

ସମର୍ପିତ ଓ ଭଗ୍ନ ହୋଇ ଚାଲିବା ଆବଶ୍ୟକ ୩୪

ଦୁଇଟି ପରୀକ୍ଷାମୂଳକ ପ୍ରଶ୍ନ: ମୋତେ କ'ଣ ପ୍ରେରିତ କରୁଛି ?
କିଏ ଗୌରବ ପାଉଛନ୍ତି ? ୩୪

ପବିତ୍ର ଆତ୍ମା ପ୍ରକାଶ କରିଥାନ୍ତି 'କେଉଁଠି', 'କେବେ' ଓ 'କିପରି' ୩୫
ଆତ୍ମାଙ୍କ ଚାଳନା ବିଭିନ୍ନ ମାର୍ଗରେ ଆସିଥାଏ ୩୮
ପବିତ୍ର ଆତ୍ମାଙ୍କ ସହିତ ଏକ ନିରବଚ୍ଛିନ୍ନ ସହଭାଗିତା ରକ୍ଷା କରିବା ଅତ୍ୟାବଶ୍ୟକ ୩୯
ଆତ୍ମାଙ୍କ ସମୟକୁ ଜାଣିବା ଅତ୍ୟାବଶ୍ୟକ ୪୦
ଆତ୍ମାରେ ପ୍ରାର୍ଥନା କଲେ ଈଶ୍ୱରଙ୍କ ଉଦ୍ଦେଶ୍ୟସକଳକୁ ବୁଝିବା ପାଇଁ
ମୋର ଆତ୍ମା ପ୍ରସ୍ତୁତ ହୋଇଥାଏ ୪୦
ଆତ୍ମାରେ ପ୍ରାର୍ଥନା କରିବା ଦ୍ୱାରା ଈଶ୍ୱରଙ୍କ ଇଚ୍ଛା ମୋର ଇଚ୍ଛା ହୋଇଥାଏ ୪୧
ଆତ୍ମାଙ୍କ ଏକ କାର୍ଯ୍ୟକୁ ଜନ୍ମଦେବା– 'ମରିୟମଙ୍କ ପ୍ରତି ଘଟିଥିବା
ଆଶ୍ଚର୍ଯ୍ୟକର୍ମରୁ କେତେକ ଶିକ୍ଷା ୪୩
୧. ଆତ୍ମାଙ୍କ କାର୍ଯ୍ୟ ଉପଯୁକ୍ତ ସମୟରେ ପୃଥିବୀରେ ପ୍ରକାଶିତ ହୋଇଥାଏ ୪୩
୨. ଆତ୍ମାଙ୍କ କାର୍ଯ୍ୟ ସାଧାରଣ ଲୋକଙ୍କ ମାଧ୍ୟମରେ ପ୍ରକାଶିତ ହୋଇଥାଏ ୪୩
୩. ଆତ୍ମାଙ୍କ କାର୍ଯ୍ୟ ଅମିଶ୍ରିତ ରୂପେ କରାଯିବା ଉଚିତ ଓ ତାହାଙ୍କ ଆତ୍ମାଙ୍କ ଦ୍ୱାରା ହିଁ ଜନ୍ମିତ
ହେବାକୁ ହେବ ୪୪
୪. ଆତ୍ମାଙ୍କ କାର୍ଯ୍ୟ ବାଧାର କାରଣ ହୋଇପାରେ ୪୫
୫. ଆତ୍ମାଙ୍କ କାର୍ଯ୍ୟ ସାଧାରଣ ସ୍ୱାଭାବିକ ପ୍ରଣାଳୀରେ ପ୍ରକାଶିତ ହୁଏ ୪୬
୬. ଈଶ୍ୱରଙ୍କ ନିରୂପିତ ସ୍ଥାନରେ ନ ପହଞ୍ଚିବା ଯାଏଁ ଆମେ ବାରମ୍ବାର ବନ୍ଦ ଦ୍ୱାରର ସମ୍ମୁଖୀନ
ହୋଇପାରୁ ୪୬
୭. ଆତ୍ମାଙ୍କ କାର୍ଯ୍ୟ ପ୍ରାୟତଃ ସରଳ, ବିନୀତ ଭାବରେ ଆରମ୍ଭ ହୋଇଥାଏ ୪୭
୮. ଆତ୍ମାଙ୍କ କାର୍ଯ୍ୟକୁ ସୁରକ୍ଷିତ ରଖିବା ଓ ଯତ୍ନ ନେବା ଆବଶ୍ୟକ ୪୮

**ଚତୁର୍ଥ ଅଧ୍ୟାୟ : ଈଶ୍ୱରଦତ୍ତ ଦର୍ଶନର ସ୍ୱଭାବ** ୫୩
ଈଶ୍ୱରଦତ୍ତ ଦର୍ଶନ ଏକ ସ୍ୱର୍ଗୀୟ ଆଦେଶ ଓ ଏକ ପ୍ରାଧିକାର ଅର୍ପଣ ୫୪
ଈଶ୍ୱରଦତ୍ତ ଦର୍ଶନ ପ୍ରାୟତଃ ଆମ ହୃଦୟର ସାଧାରଣ ଆନ୍ଦୋଳନ ଦ୍ୱାରା ଜଣାପଡ଼େ ୫୭
କାର୍ଯ୍ୟାରମ୍ଭ ଓ କାର୍ଯ୍ୟ ସଫଳ ହେବା ପାଇଁ ଈଶ୍ୱରଦତ୍ତ ଦର୍ଶନର
ଏକ ନିରୂପିତ ସମୟ ରହିଥାଏ ୫୯
ଏକ ଈଶ୍ୱରଦତ୍ତ ଦର୍ଶନ ପ୍ରସ୍ତୁତି ଆବଶ୍ୟକ କରେ ୬୧
ଈଶ୍ୱରଦତ୍ତ ଦର୍ଶନର ପରିପ୍ରକାଶ ଆମ ପ୍ରତ୍ୟାଶାରୁ ଭିନ୍ନ ହୋଇପାରେ ୬୮
ନିଜର ଉଦ୍ୟମ ଯୋଗୁଁ ଈଶ୍ୱରଦତ୍ତ ଦର୍ଶନର 'କାଇରସ' ମୁହୂର୍ତ୍ତ ବିଳମ୍ବିତ ହୋଇଥାଏ ୬୯
ଏକ ଈଶ୍ୱରଦତ୍ତ ଦର୍ଶନକୁ ପ୍ରତ୍ୟେକେ ବୁଝି ନ ପାରନ୍ତି ୭୧

ଈଶ୍ୱରଦତ୍ତ ଦର୍ଶନକୁ ଶୟତାନ ବିରୋଧ କରେ ୭୩
ଈଶ୍ୱରଦତ୍ତ ଦର୍ଶନ ସର୍ବଦା ବ୍ୟକ୍ତି ବିଶେଷଠାରୁ ବଡ଼ ୭୪
ଈଶ୍ୱରଦତ୍ତ ଦର୍ଶନରେ ଅଂଶୀ ହେବାଦ୍ୱାରା ଅନ୍ୟମାନେ ସେମାନଙ୍କ ଜୀବନର ଆହ୍ୱାନକୁ ଦେଖିପାରନ୍ତି ଓ ତାହା ପୂରଣ କରନ୍ତି ୭୬
ଖ୍ରୀଷ୍ଟଙ୍କ ଶରୀରକୁ ଦିଆଯାଇଥିବା ସ୍ୱପ୍ନ ଓ ଦର୍ଶନସମୂହ ପରସ୍ପର ସହିତ ସଂଯୁକ୍ତ ୭୭
ପ୍ରାର୍ଥନା କରନ୍ତୁ ଯେପରି ଈଶ୍ୱର ଆପଣଙ୍କ କେବଳ ଏକ ବୃହତ୍ ଦର୍ଶନ ନୁହେଁ ମାତ୍ର ତା' ସାଙ୍ଗକୁ ଏକ ବୃହତ୍ ହୃଦୟ ମଧ୍ୟ ଦେବେ ୭୮

**ପଞ୍ଚମ ଅଧ୍ୟାୟ : ରାଜ୍ୟ ନିର୍ମାଣକାରୀମାନଙ୍କ ଜୀବନଶୈଳୀ** ୮୩
ଈଶ୍ୱର ପରାୟଣ ଚରିତ୍ର ଗୁରୁତ୍ୱପୂର୍ଣ୍ଣ ୮୩
ଚରିତ୍ର କାହିଁକି ଗୁରୁତ୍ୱପୂର୍ଣ୍ଣ ? ୮୬
୧. ରାଜ୍ୟର ସେବାକାର୍ଯ୍ୟ ନିମନ୍ତେ ଈଶ୍ୱରପରାୟଣ ଚରିତ୍ର ପୂର୍ବାପେକ୍ଷିତ ସର୍ତ୍ତ ୮୬
୨. ଆପଣଙ୍କ ନୈତିକ ଚରିତ୍ର ଆପଣଙ୍କ ପ୍ରକୃତ ଶକ୍ତି ୮୯
୩. ଆପଣ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯେଉଁ ସମ୍ବାଦ ପରିବେଷଣ କରିବାକୁ ଯାଉଛନ୍ତି ତାହାକୁ ଆପଣଙ୍କ ଚରିତ୍ର ପ୍ରକୃତ ରୂପ ଦେଇଥାଏ ୮୯
୪. ଚରିତ୍ର ଆପଣଙ୍କ ସ୍ଥାୟିତ୍ୱକୁ ସ୍ଥିର କରେ ୯୧
ଆତ୍ମିକ ପରିପକ୍ୱତା– ଆତ୍ମିକ ଦାନ ପରି ଗୁରୁତ୍ୱପୂର୍ଣ୍ଣ ବିଷୟ ୯୧
ଆତ୍ମିକ ପରିପକ୍ୱତାର ସାତୋଟି ଲକ୍ଷଣ ୯୨
୧. ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ବୃଦ୍ଧି ପାଇବା ଆତ୍ମିକ ପରିପକ୍ୱତା ୯୨
୨. ଈଶ୍ୱରଙ୍କ ସମସ୍ତ ଇଚ୍ଛା ସମ୍ବନ୍ଧରେ ସିଦ୍ଧ ଓ ସମ୍ପୂର୍ଣ୍ଣ ବିଶେଷଜ୍ଞ ରହିବା ଆତ୍ମିକ ପରିପକ୍ୱତା ଅଟେ ୯୩
୩. ପ୍ରତ୍ୟେକ ସତ୍କର୍ମ କରିବାକୁ ସୁସଜ୍ଜିତ ରହିବା ଆତ୍ମିକ ପରିପକ୍ୱତା ୯୪
୪. ଆତ୍ମିକ ପରିପକ୍ୱତା ହାସଲ କରିବା ଦ୍ୱାରା ଗୁରୁପାକ ଖାଦ୍ୟ ଗ୍ରହଣ କରିବାର ସାମର୍ଥ୍ୟ ଆସିଥାଏ । ୯୫
୫. ଆତ୍ମିକ ପରିପକ୍ୱ ଲୋକଙ୍କର ଜ୍ଞାନେନ୍ଦ୍ରିୟଗୁଡ଼ିକ ଭଲମନ୍ଦର ପ୍ରଭେଦ ନିରୂପଣ କରିପାରେ ୯୬
୬. ପିଲାମାନଙ୍କ ପରି ଆଚରଣ ପରିତ୍ୟାଗ କରିବା ଆତ୍ମିକ ପରିପକ୍ୱତା ୯୭
୭. ସମସ୍ତ ଶରୀର ଓ ଜିହ୍ୱାକୁ ନିୟନ୍ତ୍ରଣାଧୀନ ରଖିବା ଆତ୍ମିକ ପରିପକ୍ୱତା ୯୭

**ରାଜ୍ୟର ଭଣ୍ଡାରଘରିଆପଣ** ୯୮
ଈଶ୍ୱରଙ୍କ ରାଜ୍ୟର ଜଣେ ଉତ୍ତମ ଭଣ୍ଡାରଘରିଆର ବୈଶିଷ୍ଟ୍ୟସମୂହ ୧୦୦
୧. ଜଣେ ଉତ୍ତମ ଭଣ୍ଡାରଘରିଆ ଦେଖିଥାଏ ଯେ ସବୁକିଛି କାର୍ଯ୍ୟ ଠିକ୍‌ଠାକ୍ ଚାଲିଛି ୧୦୦
୨. ଜଣେ ଉତ୍ତମ ଭଣ୍ଡାରଘରିଆ ସଫଳତାକୁ ଦେଖିଥାଏ ୧୦୦
୩. ଜଣେ ଉତ୍ତମ ଭଣ୍ଡାରଘରିଆ ଉତ୍ତରଦାୟୀ ରହେ ୧୦୧
୪. ଜଣେ ଉତ୍ତମ ଭଣ୍ଡାରଘରିଆ ନିରାପତ୍ତା ପ୍ରତି ଦୃଷ୍ଟି ଦିଏ ୧୦୧
୫. ଜଣେ ଉତ୍ତମ ଭଣ୍ଡାରଘରିଆ ନିରନ୍ତରତାକୁ ନିଶ୍ଚିତ କରିଥାଏ ୧୦୨
୬. ଜଣେ ଉତ୍ତମ ଭଣ୍ଡାରଘରିଆ ବିଶ୍ୱସ୍ତ ଓ ବୁଦ୍ଧିମାନ ହୋଇଥାଏ ୧୦୨
୭. ଜଣେ ଉତ୍ତମ ଭଣ୍ଡାରଘରିଆ ଅଳ୍ପ ବିଷୟରେ ବିଶ୍ୱସ୍ତ ରହିଥାଏ ୧୦୪
୮. ଜଣେ ଉତ୍ତମ ଭଣ୍ଡାରଘରିଆ ଅର୍ଥ ପରିଚାଳନାରେ ବିଶ୍ୱସ୍ତ ହୋଇଥାଏ ୧୦୫
୯. ଜଣେ ଉତ୍ତମ ଭଣ୍ଡାରଘରିଆ ଅନ୍ୟର ବିଷୟବସ୍ତୁର ଦାୟିତ୍ୱରେ ବିଶ୍ୱସ୍ତ ହୋଇଥାଏ ୧୦୫

**ଷଷ୍ଠ ଅଧ୍ୟାୟ : ଆତ୍ମାଙ୍କ ଦ୍ୱାରା ଲୋକମାନଙ୍କୁ ଗଢ଼ିବା** ୧୦୯
ରାଜ୍ୟ ନିର୍ମାଣ କହିଲେ ଲୋକମାନଙ୍କୁ ଗଢ଼ିବା ୧୦୯
ରାଜ୍ୟ ନିର୍ମାଣକାରୀମାନେ ସେମାନଙ୍କ ହୃଦୟରେ ଲୋକମାନଙ୍କୁ ସ୍ଥାନ ଦେବାକୁ ହେବ ୧୧୦
ଆତ୍ମାଙ୍କ ଦ୍ୱାରା ଆମେ ଲୋକମାନଙ୍କୁ ଗଢ଼ିଥାଉ ୧୧୨
ଈଶ୍ୱର ଅସିଦ୍ଧ ଲୋକମାନଙ୍କୁ ସିଦ୍ଧ କରିବା ପାଇଁ ଅସିଦ୍ଧ ଲୋକମାନଙ୍କୁ ବ୍ୟବହାର କରିଥାନ୍ତି ୧୧୨
ଲୋକମାନଙ୍କୁ ଆତ୍ମାଙ୍କ ଦ୍ୱାରା ଗଢ଼ିବା ନିମନ୍ତେ କେତେକ ବ୍ୟାବହାରିକ ପରାମର୍ଶ ୧୧୩
#୧. ବ୍ୟକ୍ତିବିଶେଷ ନିମନ୍ତେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ଜାଣନ୍ତୁ ୧୧୩
#୨. ଈଶ୍ୱରଦତ୍ତ ଶକ୍ତିର ଉପଯୋଗ କରିବାକୁ ଲୋକମାନଙ୍କୁ ଯଥାସ୍ଥାନରେ ରଖନ୍ତୁ ୧୧୪
#୩. ସେମାନଙ୍କ ପ୍ରଦତ୍ତ ଦାନକୁ ଆବିଷ୍କାର ଓ ବିକଶିତ କରନ୍ତୁ ୧୧୬
#୪. ନିଜର ଜୀବନ ଅନୁସାରେ ଅନ୍ୟମାନଙ୍କ ଜୀବନର ଯତ୍ନ ନିଅନ୍ତୁ ୧୧୬
#୫. ଅସୁରକ୍ଷିତ ବିଷୟଗୁଡ଼ିକରୁ ଦୂରେଇ ରୁହନ୍ତୁ ୧୧୭
#୬. ଆବଶ୍ୟକ ସ୍ଥଳେ ଶାସନ କରନ୍ତୁ ୧୨୦
#୭. ସବୁକ୍ଷେତ୍ରରେ ପରିପକ୍ୱତା ଆଣନ୍ତୁ ୧୨୭
#୮. ସେମାନଙ୍କ ଆହ୍ୱାନ ଅନୁସାରେ ସେମାନଙ୍କୁ ମୁକ୍ତ କରନ୍ତୁ ୧୨୮
#୯. ଆବଶ୍ୟକମତେ ସେମାନଙ୍କୁ ଆତ୍ମିକ ସହାୟତା ଦିଅନ୍ତୁ ୧୨୯
#୧୦. ଯେଉଁମାନେ ପଡ଼ିଯାଇଛନ୍ତି ସେମାନଙ୍କୁ ପୁନଃସ୍ଥାପିତ କରିବାକୁ ହେବ ୧୨୯
#୧୧. ପାପରେ ପତିତ ଲୋକମାନଙ୍କ ବିଷୟରେ ମନୋଯୋଗୀ ହୁଅନ୍ତୁ ୧୩୦

**ସପ୍ତମ ଅଧ୍ୟାୟ : ଭାଗଦାରି– ରାଜ୍ୟର ସହକର୍ମୀ** ୧୩୫
ଏକ ବିଭକ୍ତ ରାଜ୍ୟ ଦୁର୍ବଳ ଓ ଶକ୍ତିବିହୀନ ୧୩୫
ଆମ୍ଭାଙ୍କ ଐକ୍ୟ ରକ୍ଷା ନିମନ୍ତେ ଆମମାନଙ୍କୁ ଆହ୍ୱାନ ଦିଆଯାଇଛି ୧୩୬
ରାଜ୍ୟ– ମନା ହେବା ୧୩୬
ଈଶ୍ୱରଙ୍କ ରାଜ୍ୟର ଅଭିବୃଦ୍ଧିକୁ ବ୍ୟକ୍ତିଗତ ସେବାକାର୍ଯ୍ୟର ଅଗ୍ରଗତିର ଆଗରେ ରଖନ୍ତୁ ୧୩୭
ପରସ୍ପର ସହିତ ସଂଯୁକ୍ତ ହୋଇ କାର୍ଯ୍ୟ କରିବା ବିଷୟ ଆମେ ଶିଖିବାକୁ ହେବ ୧୩୮
ଅନ୍ୟମାନଙ୍କୁ ସଂଯୁକ୍ତ କରିବା ଦାୟିତ୍ୱ ଈଶ୍ୱରଙ୍କୁ ଦିଅନ୍ତୁ ୧୪୪
ଆମେ ଅନ୍ୟମାନଙ୍କ ବିଚାର କରିବା ଅନୁଚିତ ୧୪୫
ପ୍ରତ୍ୟେକେ ଭିନ୍ନ ଭିନ୍ନ ଦାନ ପାଇଥାନ୍ତି ୧୪୬
ଦୁର୍ବଳମାନଙ୍କୁ ବୋଝଗ୍ରସ୍ତ କରନ୍ତୁ ନାହିଁ ୧୪୭
ରାଜ୍ୟରେ ଭାଗଦାରିର ମହତ୍ତ୍ୱ ୧୪୮
ରାଜ୍ୟର ଭାଗଦାରିରେ ଯେଉଁସବୁ ବିଷୟ ପ୍ରତିବନ୍ଧକ ସାଜିଥାନ୍ତି ୧୪୮

**ଅଷ୍ଟମ ଅଧ୍ୟାୟ : ନଗରସ୍ଥିତ ମଣ୍ଡଳୀ ଦ୍ୱାରା ଈଶ୍ୱରଙ୍କ ରାଜ୍ୟ ସଂସ୍ଥାପନ** ୧୫୩
ଏକତା ନିମନ୍ତେ ଆହ୍ୱାନ: ଏକ ଶରୀର–ଅନେକ ମଣ୍ଡଳୀ ୧୫୩
ନେତୃତ୍ୱରୁ ଆରମ୍ଭ କରିବା ୧୫୪
ନଗରର ପରିବର୍ତ୍ତନ ପାଇଁ ଭାଗଦାରି ୧୫୬
ନଗରବ୍ୟାପୀ ଏକତା ସମାବେଶ ୧୫୮
ନଗରରେ କାର୍ଯ୍ୟରତ ନଗରସ୍ଥ ମଣ୍ଡଳୀ ୧୫୯
ତାଡ଼ନା ପ୍ରତି ମିଳିତ ପ୍ରତ୍ୟୁତ୍ତର ୧୬୧
ଏକତା ଓ ଅନୁରକ୍ତିର ନିୟମ ୧୬୨

**ନବମ ଅଧ୍ୟାୟ : ଭ୍ରାତୃ ଓ ପିତୃଗଣ (ଭଗ୍ନୀ ଓ ମାତୃଗଣ)** ୧୬୭
ଭ୍ରାତା, ସହକାର୍ଯ୍ୟକାରୀ ଓ ଈଶ୍ୱରଙ୍କ ସେବକ ୧୬୭
ଦୁର୍ଦ୍ଦଶାକାଳ ନିମନ୍ତେ ଜାତ ୧୬୮
ଏକ ବ୍ୟକ୍ତିଗତ ଆହ୍ୱାନ ୧୬୯
ଜଣେ ଭ୍ରାତା ଯେତେବେଳେ ଝୁଣ୍ଟିପଡ଼େ ୧୭୦

ଆଲୋକ ସଙ୍ଗେ ଘୃଣାଭାବ ମିଶି ରହି ନପାରେ ୧୭୦
ପଶ୍ଚାତ୍ ବିଷୟକୁ ଭୂଲିଯିବାକୁ ହେବ ୧୭୧
ରାଜ୍ୟରେ ପିତା ଓ ମାତାମାନଙ୍କର ଉତ୍ଥାନ ହେବା ଆବଶ୍ୟକ ୧୭୨

**ଦଶମ ଅଧ୍ୟାୟ : ରାଜ୍ୟର ସେବା ନିମନ୍ତେ ପରବର୍ତ୍ତୀ ପିଢ଼ିକୁ ଉଠାଇବା** ୧୭୫
ଟୀମଥିମାନଙ୍କୁ କିପରି ଉଠାଇବାକୁ ହେବ: 'ପାଉଲ-ଟୀମଥି'ଙ୍କ ସଂପର୍କରୁ ଶିକ୍ଷା ୧୭୬
୧. ଏକ ସ୍ୱର୍ଗୀୟ ସମ୍ପର୍କକୁ ଜାଣନ୍ତୁ ୧୭୭
୨. ଏକ ଲାଳନପାଳନକାରୀ ସମ୍ପର୍କ ବିକଶିତ କରନ୍ତୁ ୧୭୮
୩. ଘନିଷ୍ଠତା ଓ ସ୍ୱଚ୍ଛତା ରକ୍ଷା କରନ୍ତୁ ୧୭୯
୪. ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଦିଅନ୍ତୁ ୧୭୯
୫. ଉତ୍ସାହିତ କରନ୍ତୁ, ଉପଦେଶ ଦିଅନ୍ତୁ, ସଂଶୋଧନ କରନ୍ତୁ ୧୮୦
୬. ମୂଲ୍ୟକୁ ସ୍ପଷ୍ଟ କରନ୍ତୁ ୧୮୦
୭. ସମ୍ମାନ ଦିଅନ୍ତୁ, ଗଠନ କରନ୍ତୁ, ଆଦର କରନ୍ତୁ ୧୮୧
୮. କାର୍ଯ୍ୟଭାର ଅର୍ପଣ କରନ୍ତୁ ଓ କ୍ଷମତା ପ୍ରଦାନ କରନ୍ତୁ ୧୮୨
୯. ଉତ୍ତମ ସୁପାରିଶ ଦିଅନ୍ତୁ ୧୮୩
୧୦. ଈଶ୍ୱରଙ୍କ ଆହ୍ୱାନ ଉଦ୍ଦେଶ୍ୟରେ ମୁକ୍ତ କରନ୍ତୁ ୧୮୩
ଆପଣ ଯେତେବେଳେ ବୃଦ୍ଧ ଓ ପକ୍ୱକେଶ ବିଶିଷ୍ଟ ହୁଅନ୍ତି ୧୮୪

# ମୁଖବନ୍ଧ

ଈଶ୍ୱର ଯେ ଆମମାନଙ୍କୁ ତାହାଙ୍କ ସହକର୍ମୀ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ କରିଅଛନ୍ତି ଏହା ବିଚାର କଲେ ଅତି ଆଶ୍ଚର୍ଯ୍ୟଜନକ ବିଷୟ ମନେ ହୁଏ । ହଁ, ସେ ଆମମାନଙ୍କୁ ତାହାଙ୍କ ରାଜ୍ୟର ନିର୍ମାଣକାରୀ ଭାବେ ଆହ୍ୱାନ କରିଛନ୍ତି ।

ରାଜ୍ୟ ନିର୍ମାଣ କହିଲେ ଆମେ କ'ଣ ବୁଝୁ? ଜଣେ କିପରି ରାଜ୍ୟ ନିର୍ମାଣକାରୀ ହୋଇ ଈଶ୍ୱରଙ୍କ ସଙ୍ଗେ ମିଶି ତାହାଙ୍କ ରାଜ୍ୟ ନିର୍ମାଣ କାର୍ଯ୍ୟରେ ପରିଶ୍ରମ କରେ ? ଯେହେତୁ ଆମେ ସମସ୍ତେ ଈଶ୍ୱରଙ୍କର ସହଶ୍ରମିକ ଅଟୁ, ଆମେ ମଧ୍ୟ ତାହାଙ୍କ ରାଜ୍ୟ ନିର୍ମାଣରେ ଏକଆରେକ ସହଶ୍ରମିକ ଅଟୁ । ଆମମାନଙ୍କ ମଧ୍ୟରେ ରହିଥିବା ବିଭିନ୍ନତା, ବ୍ୟକ୍ତିଗତ ଅସୁରକ୍ଷା, ଭୁଲଭ୍ରାନ୍ତି ଓ ଦୁର୍ବଳତା ସତ୍ତ୍ୱେ ଆମେ କିପରି ଏହା କରି ପାରିଥାଉ ?

ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧରେ ଶୀଘ୍ର କିଛିଟା ଧାରଣା ଦେବା ପରେ ରାଜ୍ୟ ନିର୍ମାଣକାରୀ ହେବାପାଇଁ ଆମେ ଯାତ୍ରା ଆରମ୍ଭ କରିବା ଏବଂ ପ୍ରଥମେ ବ୍ୟକ୍ତିଗତ ସ୍ତରରେ ଅର୍ଥାତ୍ ଆମ ହୃଦୟରୁ ଆମେ ଏହି ଯାତ୍ରା ଆରମ୍ଭ କରିବା । ଆମେ ଦେଖିବା ରାଜାଙ୍କର ସହକର୍ମୀ ହେବାର ଅର୍ଥ କ'ଣ ଓ କିପରି ଆମମାନଙ୍କ ହୃଦୟରେ ରାଜ୍ୟ ନିର୍ମାଣକାରୀର ସ୍ୱଭାବ ବିକଶିତ ହୁଏ । ଆମମାନଙ୍କ ହୃଦୟରେ ଯଦି ଐକ୍ୟବଦ୍ଧ ହେବାର ଭାବ ନ ରହେ ତେବେ ଆମେ ପ୍ରକୃତ ରାଜ୍ୟ ନିର୍ମାଣକାରୀ ହୋଇ ନପାରୁ । ଆମେ ମଧ୍ୟ ଈଶ୍ୱରଙ୍କ ଆତ୍ମାଙ୍କ ନିକଟରେ ସମର୍ପିତ ହେବା ବିଷୟ ଶିକ୍ଷା କରିବାକୁ ହେବ, କାରଣ ସେ ହିଁ ରାଜ୍ୟର କାର୍ଯ୍ୟ ବିଷୟରେ ନିର୍ଦ୍ଦେଶ ଦେଇଥାନ୍ତି।

ଆମେ ମଧ୍ୟ ଦେଖିବା କିପରି ଈଶ୍ୱର ତାହାଙ୍କ ରାଜ୍ୟର ବିସ୍ତାର ନିମନ୍ତେ ତାହାଙ୍କ ଦର୍ଶନ ଓ ସ୍ୱପ୍ନସମୂହକୁ ଆମମାନଙ୍କ ବ୍ୟକ୍ତିଗତ ଜୀବନରେ ସଫଳ କରିଥାନ୍ତି।

ରାଜ୍ୟ ନିର୍ମାଣ କହିଲେ ଲୋକମାନଙ୍କୁ ଗଠନ କରିବା, ସେମାନଙ୍କ ହୃଦୟ ଓ ଜୀବନକୁ ଯଥାର୍ଥ ରୂପ ଦେବା । ଏକ ସଂଗଠନର ବିକାଶ କରିବା ବା ଏକ ଗୃହର ନିର୍ମାଣ କାର୍ଯ୍ୟଠାରୁ ଏହା ସମ୍ପୂର୍ଣ୍ଣ ଏକ ଭିନ୍ନ ବିଷୟ । ଆମେ ଆତ୍ମାଙ୍କ ଦ୍ୱାରା ହିଁ

ଲୋକମାନଙ୍କୁ ଗଠନ କରିଥାଉ  ଓ ଏଥିନିମନ୍ତେ ରହିଥିବା ସରଳ ସୂତ୍ରଗୁଡ଼ିକୁ ଆମେ ଶିକ୍ଷା କରିବା ।

ଈଶ୍ୱରଙ୍କ ରାଜ୍ୟରେ ସ୍ୱପ୍ନ ଓ ଦର୍ଶନସମୂହର ପରସ୍ପର ସମ୍ପର୍କ ରହିଛି । ମୋ ହୃଦୟରେ ରହିଥିବା ସ୍ୱପ୍ନକୁ ସାର୍ଥକ କରିବାକୁ ଈଶ୍ୱର ମୋତେ ଆହ୍ୱାନ କରିବେ ଓ ସେ ଦିଗରେ କାର୍ଯ୍ୟ କରିବାକୁ ମୋତେ ପ୍ରେରଣା ଦେବେ । ଏହି ପ୍ରକ୍ରିୟାରେ ମୋ ହୃଦୟରେ ଯାହା ସ୍ଥାନ ପାଇଥିଲା ତାହା ସଫଳ ହେବ । ଆମେ ମଧ୍ୟ ଶିକ୍ଷା ଲାଭ କରିବା ରାଜ୍ୟ ନିର୍ମାଣରେ କିପରି ଅଂଶୀଦାର ହେବା, ସହକାର୍ଯ୍ୟକାରୀଭାବେ ଓ ମିଳିତ ଭାବରେ ଶ୍ରମ କରିବା ।

ଆମେ ଯେଉଁ ସଂପ୍ରଦାୟ ବା ନଗରରେ ବାସ କରୁ, ସେଠିକାର ଲୋକମାନଙ୍କ ପ୍ରତି ଆମର ମିଳିତ ଦାୟିତ୍ୱ କ'ଣ ହେବା ଉଚିତ ତାହା ଆମେ ଆଲୋଚନା କରିବା ।

ପରବର୍ତ୍ତୀ ପୀଢ଼ୀ ପ୍ରତି ମଧ୍ୟ ଆମର ରାଜ୍ୟ ସମ୍ବନ୍ଧୀୟ ଦାୟିତ୍ୱ ରହିଛି । ସେମାନଙ୍କ ନିମନ୍ତେ ଆମେ ଏକ ଅଧିକାର ଛାଡ଼ି ଯିବାକୁ ହେବ ଯେପରି ରାଜ୍ୟର କାର୍ଯ୍ୟ ପୀଢ଼ୀପରେ ପୀଢ଼ୀ ଅଧିକ ଶକ୍ତିଯୁକ୍ତ ହୋଇ ଚାଲୁ ରହେ ।

ଆମେ ଯଦି ରାଜ୍ୟ ନିର୍ମାଣକାରୀ ଭାବରେ କାର୍ଯ୍ୟ ଚାଲୁ ରଖୁ ତେବେ ଖ୍ରୀଷ୍ଟଙ୍କ ଶରୀରରେ ସଂପୂର୍ଣ୍ଣ ଆତ୍ମିକ ପରିବର୍ତ୍ତନ ଆସିବ ଯାହା ଯେକୌଣସି ନଗର, ଯେକୌଣସି ଅଞ୍ଚଳ, ଯେକୌଣସି ରାଷ୍ଟ୍ରରେ ଆମେ ଦେଖିପାରିବା ।

ଆସନ୍ତୁ ଆମେ ପ୍ରଥମେ ତାହାଙ୍କ ରାଜ୍ୟର ଅନ୍ୱେଷଣ କରୁ । ସମସ୍ତେ ମିଶି ତାହାଙ୍କ ରାଜ୍ୟ ନିର୍ମାଣ କରୁ । ଆସନ୍ତୁ ଆମେମାନେ ରାଜ୍ୟ ନିର୍ମାଣକାରୀ ହେବା ! ''ତୁମ୍ଭର ରାଜ୍ୟ ଆସୁ'' !

ଆଶିଷ୍ ରାଇଚୁର୍

## ପ୍ରଥମ ଅଧ୍ୟାୟ

# ରାଜ୍ୟ ଓ ମଣ୍ଡଳୀ

‘‘ଆଉ, ମୁଁ ମଧ୍ୟ ତୁମ୍ଭଙ୍କୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ । ମୁଁ ତୁମ୍ଭକୁ ସ୍ୱର୍ଗରାଜ୍ୟର କଞ୍ଚି ଦେବି, ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ବନ୍ଦ କରିବ, ସ୍ୱର୍ଗରେ ତାହା ବନ୍ଦ ରହିବ, ପୁଣି ପୃଥିବୀରେ ଯାହା କିଛି ମୁକ୍ତ କରିବ, ସ୍ୱର୍ଗରେ ତାହା ମୁକ୍ତ ରହିବ ।’’ (ମାଥିଉ ୧୬:୧୮,୧୯)



# ୧
# ରାଜ୍ୟ ଓ ମଣ୍ଡଳୀ

## ଈଶ୍ୱରଙ୍କ ରାଜ୍ୟ

*ଗୀତସଂହିତା ୨୪:୧୦*

*ଏହି ଗୌରବମୟ ରାଜା କିଏ ? ବାହିନୀଗଣର ସଦାପ୍ରଭୁ, ସେ ଗୌରବମୟ ରାଜା ଅଟନ୍ତି ।*

ଈଶ୍ୱର ରାଜା ଅଟନ୍ତି । ତାହାଙ୍କ ରାଜ୍ୟ ଉପରେ ତାହାଙ୍କ କର୍ତ୍ତୃତ୍ୱ ଓ ଆଧିପତ୍ୟ ରହିଥାଏ । ଏହା ତାଙ୍କ ରାଜତ୍ୱର ସ୍ଥାନ । ଏହିଠାରେ ତାଙ୍କ ପ୍ରଭୁତ୍ୱ ବିସ୍ତାରିତ ହୋଇଥାଏ ଏବଂ ତାହାଙ୍କ ପରାକ୍ରମ ଓ ପ୍ରଭାବ ବଳବତ୍ତର ରହିଥାଏ । ଏହି ସ୍ଥାନରେ ତାହାଙ୍କ ଇଚ୍ଛା ସଫଳ ହୋଇଥାଏ ଓ ତାହାଙ୍କ ଅଭିମତସକଳ ସାଧିତ ହୋଇଥାଏ । ‘‘ପ୍ରଭୁ ସ୍ୱର୍ଗରେ ଆପଣା ସିଂହାସନ ସ୍ଥାପନ କରିଛନ୍ତି, ପୁଣି ତାହାଙ୍କ ରାଜ୍ୟ ସମସ୍ତଙ୍କ ଉପରେ କର୍ତ୍ତୃତ୍ୱ କରେ’’ (ଗୀତ ୧୦୩:୧୯) ।

ପ୍ରଭୁ ଯୀଶୁ ଆମମାନଙ୍କ ମଧ୍ୟରେ ରାଜ୍ୟର ପରିଚୟ ପ୍ରଦାନ କରନ୍ତି । ସେ ଆସି ଘୋଷଣା କଲେ, *‘‘ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ’’* (ମାଥିଉ ୪:୧୭) । ଆମମାନଙ୍କୁ ସ୍ୱର୍ଗରାଜ୍ୟକୁ ନେବାପାଇଁ ଓ ଆମ ମଧ୍ୟକୁ ସ୍ୱର୍ଗରାଜ୍ୟ ଆଣିବା ପାଇଁ ସେ ଆସିଥିଲେ । ଆମେମାନେ ଅନ୍ଧକାରର କ୍ଷମତାରୁ ଉଦ୍ଧାର ପ୍ରାପ୍ତ ହୋଇ ଯୀଶୁ ଖ୍ରୀଷ୍ଟଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତରିତ କରାଯାଇଛୁ (କଲସୀ ୧:୧୩) । ତାହାଙ୍କ ରାଜ୍ୟ ଆମମାନଙ୍କ ହୃଦୟ ମଧ୍ୟରେ ସ୍ଥାପିତ ହୋଇଛି ଓ ବାସ କରୁଛି (ଲୂକ ୧୭:୨୧) । ଈଶ୍ୱରଙ୍କ ପରିବାରରେ ପୋଷ୍ୟଗ୍ରହଣ କରାଯାଇଥିବା ଆମମାନଙ୍କୁ *‘‘ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହଉତ୍ତରାଧିକାରୀ’’* କୁହାଯାଏ (ରୋମୀ ୮:୧୭) । ଆମ ଜୀବନ ଓ ଆମର ସମସ୍ତ କାର୍ଯ୍ୟକଳାପ ତାହାଙ୍କ କର୍ତ୍ତୃତ୍ୱ ଓ ଆଧିପତ୍ୟର ଅନ୍ତର୍ଭୁକ୍ତ ହୋଇଥାଏ । ଆମମାନଙ୍କୁ ରାଜ୍ୟର ସନ୍ତାନମାନେ କୁହାଯାଏ (ମାଥିଉ ୧୩:୩୮) । ଈଶ୍ୱରଙ୍କ ରାଜ୍ୟ ବୃଦ୍ଧି ପାଇଥାଏ ଓ ମାନବ ଜୀବନର ସବୁ ଭାଗରେ ଏହା ପରିବ୍ୟାପ୍ତ ହୋଇଥାଏ (ମାଥିଉ ୧୩:୩୧–୩୩) ।

ଦିନ ଆସିବ ସେ ପୃଥିବୀରେ ଏକ ପ୍ରକୃତ ରାଜ୍ୟ ସ୍ଥାପନ କରିବେ । *''ସେ ଯାକୁବ ବଂଶ ଉପରେ ଯୁଗେ ଯୁଗେ ରାଜତ୍ୱ କରିବେ, ପୁଣି ତାହାଙ୍କ ରାଜ୍ୟର ଶେଷ ହେବ ନାହିଁ''* (ଲୂକ ୧:୩୩) । *''ତାହାଙ୍କ ଉପରେ କର୍ତ୍ତୃତ୍ୱଭାର ଥୁଆଯିବ, ... ତାହାଙ୍କ କର୍ତ୍ତୃତ୍ୱବୃଦ୍ଧି ଓ ଶାନ୍ତିର ସୀମା ରହିବ ନାହିଁ, ସେ ଦାଉଦଙ୍କର ସିଂହାସନରେ ଓ ତାହାଙ୍କର ରାଜ୍ୟରେ ଉପବିଷ୍ଟ ହୋଇ ନ୍ୟାୟବିଚାର ଓ ଧାର୍ମିକତାରେ ଏ କ୍ଷଣଠାରୁ ଅନନ୍ତ କାଳ ପର୍ଯ୍ୟନ୍ତ ତାହା ସୁସ୍ଥିର ଓ ସୁଦୃଢ଼ କରିବେ''* (ଯିଶା ୯:୬,୭) । ସେ ଏହି ରାଜ୍ୟର ଶାସନ ଭାର ତାହାଙ୍କ ଲୋକମାନଙ୍କ ଉପରେ ନ୍ୟସ୍ତ କରିବେ ଏବଂ ସାଧୁମାନେ ରାଜ୍ୟର ଅଧିକାରୀ ହେବେ (ଦାନି ୭:୨୨,୨୭) । ଅନାଦି କାଳରୁ ଈଶ୍ୱର ଏହି ଯୋଜନା ପ୍ରସ୍ତୁତ କରିଛନ୍ତି । ସାଧୁମାନଙ୍କୁ ନିମନ୍ତ୍ରଣ କରି କୁହାଯିବ, *''ଆସ, ତୁମ୍ଭମାନଙ୍କ ନିମନ୍ତେ ଜଗତର ପତ୍ତନାବଧି ଯେଉଁ ରାଜ୍ୟ ପ୍ରସ୍ତୁତ କରାଯାଇଅଛି, ସେଥିର ଅଧିକାରୀ ହୁଅ''* (ମାଥିଉ ୨୫:୩୪) । *''ଅତଏବ, ଅଟଳ ରାଜ୍ୟ ପ୍ରାପ୍ତ ହେବାରୁ ଆସ, ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକାରେ ଈଶ୍ୱରଙ୍କ ସନ୍ତୋଷଜନକ ଉପାସନା କରୁ''* (ଏବ୍ରୀ ୧୨:୨୮) ।

ନୂତନ ନିୟମରେ ''ଈଶ୍ୱରଙ୍କ ରାଜ୍ୟ'' ଓ ''ସ୍ୱର୍ଗରାଜ୍ୟ'' ବିଷୟରେ ଅନେକ ଥର କୁହାଯାଇଛି । ଈଶ୍ୱରଙ୍କ ରାଜ୍ୟ କହିଲେ ଏହା ଯାହାର ରାଜ୍ୟ ତାହାକୁ ବୁଝାଏ ଅର୍ଥାତ୍ ଏହି ରାଜ୍ୟ ଈଶ୍ୱରଙ୍କର । ସ୍ୱର୍ଗ ରାଜ୍ୟ କହିଲେ ଏହି ରାଜ୍ୟର ଉତ୍ପତ୍ତି ଯେଉଁଠାରୁ ହୋଇଥାଏ ତାହାକୁ ବୁଝାଏ ଅର୍ଥାତ୍ ପାର୍ଥିବ ପରିସର ବାହାରେ ଥିବା ଆତ୍ମିକ ପରିସରକୁ ବୁଝାଏ ଯାହାକୁ ସ୍ୱର୍ଗ କୁହାଯାଏ । ଯୀଶୁ କହିଲେ, *''ମୋହର ରାଜ୍ୟ ଏହି ଜଗତ ସମ୍ବନ୍ଧୀୟ ନୁହେଁ''* (ଯୋହନ ୧୮:୩୬) ।

## ଈଶ୍ୱରଙ୍କ ରାଜ୍ୟ ଓ ମଣ୍ଡଳୀ

*ମାଥିଉ ୧୬:୧୮,୧୯*

*[୧୮] ଆଉ, ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ । [୧୯] ମୁଁ ତୁମ୍ଭକୁ ସ୍ୱର୍ଗରାଜ୍ୟର କଞ୍ଚି ଦେବି, ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ବନ୍ଦ କରିବ, ସ୍ୱର୍ଗରେ ତାହା ବନ୍ଦ ରହିବ, ପୁଣି ପୃଥିବୀରେ ଯାହା କିଛି ମୁକ୍ତ କରିବ, ସ୍ୱର୍ଗରେ ତାହା ରହିବ ।*

ଏହି ଯୁଗରେ, ଈଶ୍ୱରଙ୍କ ରାଜ୍ୟର ଆତ୍ମିକ ଆକୃତି (ପରିପ୍ରକାଶ) ଖ୍ରୀଷ୍ଟଙ୍କ ଶରୀରରୂପୀ ମଣ୍ଡଳୀ ମାଧ୍ୟମରେ ଜଗତରେ ନିର୍ବାହିତ ଓ ପ୍ରକାଶିତ ଅଟେ । ମଣ୍ଡଳୀ ଈଶ୍ୱରଙ୍କ ରାଜ୍ୟର ଅଂଶ ବିଶେଷ ଓ ଏହା ଜଗତରେ ଈଶ୍ୱରଙ୍କ ରାଜ୍ୟକୁ ପ୍ରତିନିଧିତ୍ୱ କରେ । ମଣ୍ଡଳୀକୁ କୁହାଯାଇଛି

ଯେପରି ଏହା ପ୍ରାର୍ଥନା କରେ – *'ତୁମ୍ଭର ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ'' (ମାଥିଉ ୬:୧୦)।*
ରାଜା ପୃଥିବୀରେ ଯାହା ଚାହାନ୍ତି ତାହା କାର୍ଯ୍ୟକାରୀ କରିବାକୁ ମଣ୍ଡଳୀକୁ ରାଜ୍ୟର ଅଧିକାର ଦିଆଯାଇଛି । ପୃଥିବୀରେ ଶୟତାନର କର୍ତ୍ତୃତ୍ୱର ବିଭିନ୍ନ ଶକ୍ତି କେନ୍ଦ୍ରଗୁଡ଼ିକୁ ସୂଚାଉଥିବା ''ନରକର ପ୍ରବେଶ ଦ୍ୱାରସବୁକୁ'' ଧ୍ୱଂସ କରିବା ପାଇଁ ମଣ୍ଡଳୀ ଶକ୍ତିପ୍ରାପ୍ତ ଅଟେ । ଯୀଶୁଙ୍କ ପରି ଆମେମାନେ ଏଠାରେ ରହି ରାଜ୍ୟର ସୁସମାଚାର ଘୋଷଣା କରିବାକୁ ହେବ (ପ୍ରେରିତ ୮:୧୨,୧୪:୨୨,୧୯:୮, ୨୦:୨୫,୨୮:୨୩,୩୧) । ଆମେ ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରୁ, ରାଜ୍ୟର ଚିନ୍ତାଧାରା ଓ ସଂସ୍କୃତି ଯେଉଁ ପ୍ରକାର ସେପରି ଜୀବନଯାପନ କରିବାକୁ ଶିକ୍ଷା କରୁ ଏବଂ ରାଜ୍ୟର ଜୀବନଶୈଳୀ ଅନୁସାରେ ବୃଦ୍ଧି ଲାଭ କରୁ ।

## ମଣ୍ଡଳୀର ସ୍ୱାଭାବିକ ଆକାର

ମଣ୍ଡଳୀ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସକାରୀ ସମସ୍ତଙ୍କର ଆତ୍ମିକ ଶରୀର ଅଟେ । ମଣ୍ଡଳୀ ଅର୍ଥାତ୍ ଏହି ଆତ୍ମିକ ଶରୀରର ସ୍ୱାଭାବିକ ଅଭିବ୍ୟକ୍ତି *''ସବୁ ଜାତି, ସବୁ ଗୋଷ୍ଠୀ, ସବୁ ଦେଶବାସୀ ଓ ଭାଷାଭାଷୀଙ୍କ ମଧ୍ୟରୁ''* ଆଗତ ଓ ମେଷଶାବକଙ୍କ ରକ୍ତରେ ମୁକ୍ତିପ୍ରାପ୍ତ ଲୋକମାନଙ୍କ ମାଧ୍ୟମରେ ପ୍ରକାଶିତ ହୋଇଥାଏ । ବିଶ୍ୱାସୀ ଭାବରେ ଆମ ପ୍ରତ୍ୟେକଙ୍କର ବ୍ୟକ୍ତିଗତ ମନୋନୟନ, ସ୍ୱାଭାବିକ ସଂସ୍କୃତି ରହିଛି ଏବଂ ଆମେ ବିଭିନ୍ନ ସ୍ଥାନୀୟ ମଣ୍ଡଳୀରୁ ଆସିଛୁ ଓ ଆମମାନଙ୍କ ମଧ୍ୟରେ ଈଶ୍ୱରଙ୍କ କାର୍ଯ୍ୟକୁ ଆମେ ବିଭିନ୍ନ ଭାବରେ ବ୍ୟକ୍ତ କରିଥାଉ । ଏସମସ୍ତ ସ୍ୱାଭାବିକ ପ୍ରଭେଦ ଯୋଗୁଁ ଆମମାନଙ୍କ ମଧ୍ୟରେ ବିଚ୍ଛିନ୍ନତା ଦେଖାଦେଇଥାଏ, ଯଦିଓ ଆମେ ସମସ୍ତେ ଏକ ଶରୀରର ଅଂଶ ବିଶେଷ ଓ ଈଶ୍ୱରଙ୍କ ରାଜ୍ୟର ପ୍ରଜା ଅଟୁ । ବିଚ୍ଛିନ୍ନତାର ଏ ସମସ୍ତ କାରଣ ଆମମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିଥାଏ । ଫଳରେ ମଣ୍ଡଳୀ ଏକ ବିଭକ୍ତ ଗୃହ ଓ ଏକ ବିଭକ୍ତ ରାଜ୍ୟର ରୂପ ନେଇଥାଏ ।

''ରାଜ୍ୟ ନିର୍ମାଣକାରୀମାନେ'' ଶୀର୍ଷକ ଉପରେ ଆଧାରିତ ଏହି ଶିକ୍ଷା ଆମମାନଙ୍କୁ ବିଭକ୍ତ କରୁଥିବା ବିଭିନ୍ନ ବିଷୟର ଊର୍ଦ୍ଧ୍ୱକୁ ଉଠି ଈଶ୍ୱରଙ୍କ ରାଜ୍ୟ ସ୍ଥାପନାର୍ଥେ ମିଳିମିଶି କାର୍ଯ୍ୟ କରିବା ଦିଗରେ ଆମକୁ ସାହାଯ୍ୟ କରିବ ।

# ବ୍ୟକ୍ତିଗତ ପ୍ରୟୋଗ

ପ୍ରଶ୍ନ–୧. ଆପଣ ଯେଉଁପରି ଜୀବନ କାଟନ୍ତି ଓ ସେବାକାର୍ଯ୍ୟ କରନ୍ତି ସେହି ଅନୁସାରେ ଆପଣ ଈଶ୍ୱରଙ୍କ ରାଜ୍ୟର ବିଭିନ୍ନ ଦୃଷ୍ଟିକୋଣକୁ ଦେଖିଥାନ୍ତି କି?

ପ୍ରଶ୍ନ–୨. ଯଦି ଆପଣ ଈଶ୍ୱରଙ୍କ ରାଜ୍ୟର ଦୃଷ୍ଟିକୋଣରେ ପ୍ରତ୍ୟେକ ବିଷୟ କରନ୍ତି ତେବେ ଆପଣଙ୍କ ସାମ୍ପ୍ରତିକ ଜୀବନଯାପନ ଓ ସେବାକାର୍ଯ୍ୟରେ କିପରି ପରିବର୍ତ୍ତନ ଆସିପାରନ୍ତା ? ଅର୍ଥାତ୍ ପ୍ରତ୍ୟେକ ବିଷୟରେ ଯଦି ଆପଣ ଈଶ୍ୱରଙ୍କର ରାଜ୍ୟର ପ୍ରତିନିଧିତ୍ୱ କରନ୍ତେ ଏବଂ ଲୋକମାନଙ୍କ ହୃଦୟ ଓ ଜୀବନରେ ଈଶ୍ୱରଙ୍କ ରାଜ୍ୟ ବୃଦ୍ଧି ପାଇବାକୁ କାର୍ଯ୍ୟ କରନ୍ତେ ।

ପ୍ରଶ୍ନ–୩. ଆପଣଙ୍କ ବିଚାରରେ କେଉଁଟି ଗୁରୁତ୍ୱପୂର୍ଣ୍ଣ, ଜଣେ ବ୍ୟକ୍ତିର ବ୍ୟକ୍ତିଗତ ସଂସ୍କୃତି ଓ ମନୋନୟନ ଅବା ଈଶ୍ୱରଙ୍କ ରାଜ୍ୟର ଶିକ୍ଷାନୁମୋଦିତ ସଂସ୍କୃତି, ଜୀବନଶୈଳୀ ଓ ମୂଲ୍ୟସମୂହ ?

# ଦ୍ୱିତୀୟ ଅଧ୍ୟାୟ

# ଖ୍ରୀଷ୍ଟ – ରାଜ୍ୟର ରାଜା

ଯେ ପରମଧନ୍ୟ ଏକମାତ୍ର ସମ୍ରାଟ୍, ଯେ ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ, ଯେ ଏକମାତ୍ର ଅମର ଓ ଅଗମ୍ୟ ଜ୍ୟୋତିର୍ନିବାସୀ, ଯାହାଙ୍କୁ କୌଣସି ମର୍ତ୍ତ୍ୟ କେବେ ଦେଖି ନାହିଁ ବା ଦେଖି ପାରେ ନାହିଁ, ସେ ଉପଯୁକ୍ତ ସମୟରେ ତାହା ଦର୍ଶାଇବେ; ଅନନ୍ତକାଳ ପର୍ଯ୍ୟନ୍ତ ତାହାଙ୍କ ସମ୍ଭ୍ରମ ଓ ପରାକ୍ରମ ପ୍ରକାଶିତ ହେଉ । ଆମେନ୍ (୧ ତୀମଥି ୬:୧୫,୧୬)



# ୨
# ଖ୍ରୀଷ୍ଟ – ରାଜ୍ୟର ରାଜା

ଈଶ୍ୱରଙ୍କ ରାଜ୍ୟର ସ୍ଥାପନ ଓ ବିସ୍ତାର କରିବା କାର୍ଯ୍ୟରେ ପ୍ରେରିତ ପାଉଲ ଈଶ୍ୱରଙ୍କ ଦ୍ୱାରା ଶକ୍ତିଯୁକ୍ତ ଭାବରେ ବ୍ୟବହୃତ ହୋଇଥିଲେ । ସେ ଜଣେ ପ୍ରକୃତ ରାଜ୍ୟ ନିର୍ମାଣକାରୀ ଥିଲେ । ଖ୍ରୀଷ୍ଟଙ୍କୁ ଗୌରବ ଦେବା ପାଇଁ ଓ ଲୋକମାନଙ୍କ ଜୀବନରେ ଈଶ୍ୱରଙ୍କ ରାଜ୍ୟ ସ୍ଥାପିତ ହେବା ଦେଖିବା ପାଇଁ ତାହାଙ୍କ ହୃଦୟ ସମର୍ପିତ ଥିଲା । ଜଣେ ପ୍ରକୃତ ରାଜ୍ୟ ନିର୍ମାଣକାରୀ କିପିରି ହୋଇପାରେ ପାଉଲ ସେ ବିଷୟରେ ତାଙ୍କ ପତ୍ର ସମୂହରେ ଉଲ୍ଲେଖ କରନ୍ତି । ଏପରି ଏକ ଶାସ୍ତ୍ରାଂଶକୁ ନେଇ ଆମେ ଆଲୋଚନା ଆରମ୍ଭ କରିବା ।

*୧ କରିନ୍ଥୀ ୩:୬,୯–୧୧*
*[୬]ମୁଁ ରୋପଣ କରିଅଛି, ଆପଲ୍ଲ ଜଳ ସେଚନ କରିଅଛନ୍ତି, କିନ୍ତୁ ଈଶ୍ୱର ବୃଦ୍ଧି ସାଧନ କରିଅଛନ୍ତି ।*
*[୯]କାରଣ ଆମ୍ଭେମାନେ ଈଶ୍ୱରଙ୍କ ସହକର୍ମୀ; ତୁମ୍ଭେମାନେ ଈଶ୍ୱରଙ୍କ କ୍ଷେତ୍ର, ଈଶ୍ୱରଙ୍କ ଗୃହ ।*
*[୧୦]ମୋତେ ଦତ୍ତ ଈଶ୍ୱରଙ୍କ ଅନୁଗ୍ରହ ଅନୁସାରେ ମୁଁ ଜଣେ ବୁଦ୍ଧିମାନ୍ ଗୃହ ନିର୍ମାଣକାରୀ ତୁଲ୍ୟ ଭିତ୍ତିମୂଳ ସ୍ଥାପନ କରିଅଛି, ଅନ୍ୟ ଜଣେ ତାହା ଉପରେ ନିର୍ମାଣ କରୁଅଛି । କିନ୍ତୁ ପ୍ରତ୍ୟେକ ଲୋକ ତାହା ଉପରେ କିପରି ନିର୍ମାଣ କରୁଅଛି, ସେ ସମ୍ବନ୍ଧରେ ସାବଧାନ ହେଉ ।*
*[୧୧] କାରଣ ଯେଉଁ ଭିତ୍ତିମୂଳ ସ୍ଥାପିତ ହୋଇଅଛି, ତାହା ବ୍ୟତୀତ ଅନ୍ୟ ଭିତ୍ତିମୂଳ କେହି ସ୍ଥାପନ କରି ପାରେ ନାହିଁ, ସେହି ଭିତ୍ତିମୂଳ ଯୀଶୁଖ୍ରୀଷ୍ଟ ।*

ଏଠାରେ ଆମେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଦେଖୁ :

- ଆମେ ରାଜାଙ୍କର ସହକର୍ମୀ ''ଆମ୍ଭେମାନେ ଈଶ୍ୱରଙ୍କ ସହକର୍ମୀ...'' (୯ ପଦ) । ଆମେ ଯେହେତୁ ରାଜାଙ୍କ ସହକର୍ମୀ ଏଣୁ ତାହାହିଁ ଆମକୁ ରାଜ୍ୟ ନିର୍ମାଣକାରୀ କରିଥାଏ । ତାହାଙ୍କ ରାଜ୍ୟ ନିର୍ମାଣ କରିବାକୁ ଆମେ ତାହାଙ୍କ ସଙ୍ଗେ ମିଶି କାର୍ଯ୍ୟ କରୁଅଛୁ ।
- ରାଜ୍ୟ ନିର୍ମାଣର ଅର୍ଥ ଲୋକମାନଙ୍କୁ ଗଢ଼ିବା ''... ତୁମ୍ଭେମାନେ ଈଶ୍ୱରଙ୍କ କ୍ଷେତ୍ର, ଈଶ୍ୱରଙ୍କ ଗୃହ'' (୯ପଦ) ।

- ରାଜ୍ୟ ନିର୍ମାଣ କହିଲେ ଅଂଶୀଦାର ହେବା, ମିଳିମିଶି କାର୍ଯ୍ୟ କରିବା (୬,୯,୧୦ପଦ) । ‘‘ମୁଁ ରୋପଣ କରିଅଛି, ଆପଲ୍ଲ ଜଳ ସେଚନ କରିଅଛନ୍ତି’’ । ‘‘ମୁଁ ଭିତ୍ତିମୂଳ ସ୍ଥାପନ କରିଅଛି, ଅନ୍ୟଜଣେ ତାହା ଉପରେ ନିର୍ମାଣ କରୁଅଛି’’ ।
- ଈଶ୍ୱର ଜଣେ ବ୍ୟକ୍ତିଙ୍କୁ ବୁଣିବା ପାଇଁ, ଅନ୍ୟ ଜଣକୁ ଜଳସେଚନ କରିବା ପାଇଁ ଓ ଅନ୍ୟ ଜଣକୁ ଅମଳ କରିବା ପାଇଁ ବ୍ୟବହାର କରନ୍ତି । ଈଶ୍ୱର ଜଣକୁ ଭିତ୍ତିମୂଳ ସ୍ଥାପନ କରିବାକୁ, ଅନ୍ୟ ଜଣକୁ ତାହା ଉପରେ ନିର୍ମାଣ କରିବାକୁ ଏବଂ ଅନ୍ୟଜଣଙ୍କୁ କାର୍ଯ୍ୟ ଆଗେଇ ନେବାକୁ ବ୍ୟବହାର କରନ୍ତି । ପ୍ରତ୍ୟେକଙ୍କ କାର୍ଯ୍ୟ ଭିନ୍ନ ଭିନ୍ନ ହେଲେ ବି ସମଭାବେ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକେ ସମଭାବେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି ।
- ରାଜ୍ୟ ନିର୍ମାଣ ଖ୍ରୀଷ୍ଟଙ୍କୁ ସୂଚିତ କରେ (୧୧ପଦ) । ଖ୍ରୀଷ୍ଟ ଭିତ୍ତିମୂଳ ବା ଆରମ୍ଭ ସ୍ଥାନ ଅଟନ୍ତି ।

## ରାଜାଙ୍କ ସଙ୍ଗେ ଆମର ସମ୍ପର୍କ ରକ୍ଷା ଅତୀବ ଗୁରୁତ୍ୱପୂର୍ଣ୍ଣ ବିଷୟ

*୧ କରିନ୍ଥୀ ୩:୧୧*

*[୧୧]କାରଣ ଯେଉଁ ଭିତ୍ତିମୂଳ ସ୍ଥାପିତ ହୋଇଅଛି, ତାହା ବ୍ୟତୀତ ଅନ୍ୟ ଭିତ୍ତିମୂଳ କେହି ସ୍ଥାପନ କରିପାରେ ନାହିଁ, ସେହି ଭିତ୍ତିମୂଳ ଯୀଶୁ ଖ୍ରୀଷ୍ଟ ।*

ରାଜ୍ୟ ନିର୍ମାଣରେ ଆମକୁ ସର୍ବଦା ମନରେ ରଖିବାକୁ ହେବ ଯେ ଖ୍ରୀଷ୍ଟ ଭିତ୍ତିମୂଳ ଅଟନ୍ତି । ସେ ମୁଖ୍ୟ ଓ ସର୍ବପ୍ରଧାନ ଅଟନ୍ତି ।

ଜଣେ ରାଜ୍ୟ ନିର୍ମାଣକାରୀ ହେବାକୁ ହେଲେ ରାଜାଙ୍କ ସଙ୍ଗରେ ଆମର ସମ୍ପର୍କ ରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ବିଷୟ ତାହାଙ୍କଠାରୁ ଆରମ୍ଭ ହୋଇଥାଏ ।

ଆମେ ଯେଉଁମାନେ ପ୍ରଭୁଙ୍କ ସେବାରେ ଅଛୁ, ଅଧିକାଂଶ ବ୍ୟକ୍ତି କୌଣସି ‘ସମ୍ପ୍ରଦାୟ’ କୌଣସି ‘କାର୍ଯ୍ୟକାରୀମାନଙ୍କ ନେଟ୍ୱାର୍କ’, କୌଣସି ‘ଆତ୍ମିକ ଆଚ୍ଛାଦନ’, କୌଣସି ‘କାର୍ଯ୍ୟକାରୀମାନଙ୍କ ସଂସ୍ଥା’, ବା କୌଣସି ‘କାର୍ଯ୍ୟକାରୀମାନଙ୍କ ସହଭାଗିତା’, ସଙ୍ଗେ ସଂଶ୍ଳିଷ୍ଟ ରହିଥାଉ ଏବଂ ଏକ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅବହେଳା କରିଥାଉ, ତା’ହେଲା ରାଜାଙ୍କ ସଙ୍ଗେ ଆମର ବ୍ୟକ୍ତିଗତ ସମ୍ପର୍କର ଗଭୀରତା । କୌଣସି ‘ସମ୍ପ୍ରଦାୟ’, ‘କାର୍ଯ୍ୟକାରୀମାନଙ୍କ ନେଟ୍ୱାର୍କ’, ‘ଆତ୍ମିକ ଆଚ୍ଛାଦନ’, ‘କାର୍ଯ୍ୟକାରୀମାନଙ୍କ ସଂସ୍ଥା’, ବା ‘କାର୍ଯ୍ୟକାରୀମାନଙ୍କ ସହଭାଗିତା’ ରାଜାଙ୍କ ସଙ୍ଗେ ଆମର ବ୍ୟକ୍ତିଗତ ସମ୍ପର୍କର ସ୍ଥାନ ନେଇ ନ ପାରେ ।

ସହକାର୍ଯ୍ୟକାରୀମାନଙ୍କ ସଙ୍ଗେ ସୁସମ୍ପର୍କ ରକ୍ଷା କରିବା ତ ଗୁରୁତ୍ୱପୂର୍ଣ୍ଣ ବିଷୟ, ତେବେ ରାଜାଙ୍କ ସଙ୍ଗେ ସମ୍ପର୍କ ରକ୍ଷା ଆମକୁ ରାଜ୍ୟ ନିର୍ମାଣକାରୀ ହେବା ପାଇଁ ଯୋଗ୍ୟବ୍ୟକ୍ତି କରିଥାଏ ।

*କଲସୀ ୧:୧୬-୧୮*
*[୧୬]କାରଣ ଦୃଶ୍ୟ ଓ ଅଦୃଶ୍ୟ, ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ସିଂହାସନ କି ପ୍ରଭୁତ୍ୱ କି ଆଧିପତ୍ୟ କି କର୍ତ୍ତାପଣ, ସମସ୍ତ ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ସୃଷ୍ଟ ହୋଇଅଛି; [୧୭]ସମସ୍ତ ବିଷୟ ସୃଷ୍ଟ ହେବା ପୂର୍ବରୁ ସେ ଅଛନ୍ତି ଓ ତାହାଙ୍କଠାରେ ସମସ୍ତ ବିଷୟର ଅସ୍ତିତ୍ୱ ଅଛି । [୧୮]ଆଉ, ସେ ମଣ୍ଡଳୀରୂପ ଶରୀରର ମସ୍ତକସ୍ୱରୂପ, ସେ ଆଦି, ମୃତମାନଙ୍କ ମଧ୍ୟରୁ ପ୍ରଥମ ଜାତ, ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି ।*

ରାଜ୍ୟ ଓ ରାଜ୍ୟ ନିର୍ମାଣରେ ଖ୍ରୀଷ୍ଟ ସର୍ବପ୍ରଧାନ ବା ଅଗ୍ରଗଣ୍ୟ ଅଟନ୍ତି ।

ରାଜ୍ୟ ନିର୍ମାଣରେ ଆମେ ମନେ ରଖିବାକୁ ହେବ ଯେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା, ତାହାଙ୍କ ନିମନ୍ତେ ଓ ତାହାଙ୍କ ଦେଇ ହୋଇଥାଏ । ଏବଂ ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହେବାକୁ ହେବ ।

ଆମେ ଯାହା କରୁ ସେଥିରେ ଯଦି ଖ୍ରୀଷ୍ଟ ପ୍ରଥମ ସ୍ଥାନ ପାଆନ୍ତି ନାହିଁ, ତେବେ ଆମର କାର୍ଯ୍ୟ ଖ୍ରୀଷ୍ଟଙ୍କ ରାଜ୍ୟ ନିର୍ମାଣରେ ସହାୟକ ନୁହେଁ ବୋଲି ବିଚାର କରାଯିବ ।

ଯଦି ମୋର ପ୍ରଚାର ଶୁଣି ଲୋକେ ଈଶ୍ୱର ଓ ତାହାଙ୍କ ବାକ୍ୟ ଅପେକ୍ଷା ମୋ ବିଷୟରେ ଅଧିକ ଉତ୍ସୁକତା ପ୍ରକାଶ କରନ୍ତି ତେବେ ମୋର ପ୍ରଚାର ପ୍ରକୃତ ରାଜ୍ୟ ନିର୍ମାଣ କାର୍ଯ୍ୟ ଉଦ୍ଦେଶ୍ୟରେ ସହାୟକ ହେଲା ନାହିଁ । ମୁଁ ରାଜ୍ୟ ନିର୍ମାଣକାରୀ ଭାବରେ କାର୍ଯ୍ୟ କରି ପାରିଲି ନାହିଁ ।

## ରାଜ୍ୟ ମୋର ବା ଆପଣଙ୍କର ନୁହେଁ ମାତ୍ର ତାହାଙ୍କର

*ମାଥିଉ ୬:୧୦*
*[୧୦]ତୁମ୍ଭର ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ ।*

ରାଜ୍ୟ ତାହାଙ୍କର । 'ମୋର ସେବାକାର୍ଯ୍ୟ', ବା 'ମୋର ମଣ୍ଡଳୀ', 'ତୁମର ସେବାକାର୍ଯ୍ୟ', ବା 'ତୁମର ମଣ୍ଡଳୀ' କହିବା ନିରର୍ଥକ । ଆମର ଯାହା ଅଛି ଓ ଆମେ ଯାହା କରୁ ସେସବୁ ତାହାଙ୍କର ! ଆମେମାନେ ଏକତ୍ର ମିଳିମିଶି ତାହାଙ୍କ ରାଜ୍ୟ ନିର୍ମାଣ କରୁଛୁ ।

ତାହାଙ୍କ ରାଜ୍ୟ ଯେପରି ଆସେ ଏହା ଦେଖିବାକୁ ଆମର ବାଞ୍ଛା ରହିବା ଉଚିତ । ଆମ ମଧ୍ୟରୁ ଅଧିକାଂଶ ଦେଖିବାକୁ ଚାହିଁ ଥାଉ ''ମୋର ସେବାକାର୍ଯ୍ୟ ଆସୁ'' ଯାହାକି ଏକ ଭ୍ରାନ୍ତ ଚିନ୍ତାଧାରା ।

ପୃଥିବୀରେ ଯାହା ସଫଳ ହେବା ସେ ଚାହାନ୍ତି ତାହା ଏଠାରେ ଆମେ ସାଧନ କରିବାକୁ ହେବ । ସ୍ୱର୍ଗସ୍ଥ ଈଶ୍ୱର ତାହାଙ୍କ ଇଚ୍ଛା ପ୍ରକାଶ କରନ୍ତି । ଏହା କାର୍ଯ୍ୟକାରୀ ହେବା ପାଇଁ ସେ ପୃଥିବୀରେ ଥିବା ତାହାଙ୍କ ଲୋକମାନଙ୍କ ଉପରେ ନିର୍ଭର କରନ୍ତି ।

## ଆମେମାନେ କେବଳ ଈଶ୍ୱରଙ୍କ ଗୌରବ ଅନ୍ୱେଷଣ କରିବା

*ମାଥିଉ ୬:୧୩ଖ*

*''[୧୩]... ଯେଣୁ ରାଜ୍ୟ, ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର । ଆମେନ୍ ।''*

ସମସ୍ତ ଗୌରବ କେବଳ ଈଶ୍ୱରଙ୍କର ଅଟେ ।

ରାଜ୍ୟ ନିର୍ମାଣକାରୀ ଭାବରେ ଆମର ଉଦ୍ଦେଶ୍ୟ ଅତି ସ୍ୱଷ୍ଟ– କେବଳ ଈଶ୍ୱରଙ୍କୁ ଗୌରବ ଦେବା । ଆମେ କେବେହେଲେ କାଣିଚାଏ ଗୌରବ ପାଇବାକୁ ବାଞ୍ଛା କରିବା ଅନୁଚିତ ।

*ଯୋହନ ୭:୧୮*

*[୧୮] ଯେ ଆପଣାରୁ କହେ, ସେ ନିଜ ଗୌରବ ଅନ୍ୱେଷଣ କରେ, କିନ୍ତୁ ଯେ ଆପଣା ପ୍ରେରଣକର୍ତ୍ତାଙ୍କ ଗୌରବ ଅନ୍ୱେଷଣ କରେ, ସେ ସତ୍, ଆଉ ତାହାଠାରେ କୌଣସି ଅଧର୍ମ ନାହିଁ ।*

ଆମେ ଯେତେବେଳେ ବାସ୍ତବରେ ଈଶ୍ୱରଙ୍କୁ ଗୌରବ ଦେବାକୁ ଚାହିଁବା ତେବେ ଯାଇ ଆମେ ଶୁଚି ଅନ୍ତଃକରଣ ବିଶିଷ୍ଟ ହେବା ଓ ଆମଠାରେ କୌଣସି ଅଧର୍ମ ଦେଖାଯିବ ନାହିଁ ।

ପ୍ରାୟତଃ ଦେଖାଯାଏ ଯେ ଆମେ ଈଶ୍ୱରଙ୍କୁ ଅଧିକ ଗୌରବ ଦେବା ସଙ୍ଗେ ସଙ୍ଗେ ଆଂଶିକ ଭାବେ ନିଜେ ବି ସେହି ଗୌରବର ଅଧିକାରୀ ହେବାକୁ ଚାହିଁଥାଉ । ଏଣୁ ଆମ ହୃଦୟ କଳଙ୍କିତ ହୋଇଥାଏ । ଏହି ମନୋଭାବକୁ ଛାଡ଼ି ଆମେ ସମସ୍ତ ଗୌରବ ଈଶ୍ୱରଙ୍କୁ ଦେବା । କଥାରେ ଅଛି – ଏକ ଅମିଶ୍ରିତ ମଣ୍ଡଳୀ ଅପରିମିତ ଆତ୍ମା ପ୍ରାପ୍ତ ହୋଇଥାଏ ।

*ଯିଶା ୪୨:୮*
*[୮]ଆମ୍ଭେ ସଦାପ୍ରଭୁ : ଏହି ଆମ୍ଭର ନାମ, ପୁଣି, ଆମ୍ଭେ ଆପଣା ଗୌରବ ଅନ୍ୟକୁ, କିଅବା ଆପଣା ପ୍ରଶଂସା ଖୋଦିତ ପ୍ରତିମାଗଣକୁ ଦେବୁ ନାହିଁ ।*

ଈଶ୍ୱର ଈର୍ଷାକାରୀ ପରମେଶ୍ୱର, ଅର୍ଥାତ୍ ଅନ୍ୟ କାହାକୁ ତାହାଙ୍କ ପ୍ରାପ୍ୟ ଗୌରବ ଦିଆଗଲେ ସେ ତାହା ସହ୍ୟ କରିପାରିବେ ନାହିଁ (ଯାତ୍ରା ୨୦:୫;୩୪:୧୪) । ତେବେ ତାହାଙ୍କ ସେବାକାରୀ ଭାବରେ ଆମେ କାହିଁକି ନିଜ ପ୍ରତି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ବିଷୟରେ ସଙ୍କୋଚ କରୁ ନାହୁଁ ? କ'ଣ ଆମରି ଶକ୍ତି, ଆମରି ପ୍ରାର୍ଥନା ବା ଆମର ସୁଗୁଣ ଯୋଗୁଁ ଆଶ୍ଚର୍ଯ୍ୟ କର୍ମସବୁ ଘଟିଥାଏ ବୋଲି ? ଆମର କଥାବାର୍ତ୍ତା, ଆମର ଆକର୍ଷଣୀୟ ବିଜ୍ଞାପନ, ଆମର ଆଚରଣ, ଆମ ସେବାକାର୍ଯ୍ୟର ରିପୋର୍ଟସମୂହ ଓ ଆମର ସାକ୍ଷ୍ୟସମସ୍ତ ଯୋଗୁଁ ଲୋକମାନଙ୍କ ଦୃଷ୍ଟି ଆମ ଉପରେ ନିବଦ୍ଧ ଥାଏ । ଯଦି ମୁହୂର୍ତ୍ତକ ପାଇଁ ଲୋକେ ଆମଠାରୁ ବିମୁଖ ହୁଅନ୍ତି ତେବେ ଆମେ ଭୟଭୀତ ହୋଇ ପଡ଼ିଥାଉ । ଏହା ପିତର ଓ ଯୋହନଙ୍କ ପ୍ରତିକ୍ରିୟା ସଦୃଶ ନୁହେଁ । ଖଞ୍ଜ ବ୍ୟକ୍ତିଟି ସୁସ୍ଥ ହେବା ପରେ ପିତର ଓ ଯୋହନ ଉପସ୍ଥିତ ଜନତାଙ୍କୁ କହିଲେ *"... ଆପଣମାନେ କାହିଁକି ଏହି ଲୋକ ବିଷୟରେ ଚମତ୍କୃତ ହେଉ ଅଛନ୍ତି ? କିମ୍ବା ଆମ୍ଭେମାନେ ଯେପରି ନିଜ ଶକ୍ତି ଅବା ଭକ୍ତି ବଳରେ ଏହାକୁ ଚାଲିବା ଶକ୍ତି ଦେଇଅଛୁ, ତାହା ଭାବି ଆମ୍ଭମାନଙ୍କ ପ୍ରତି କାହିଁକି ଏକ ଦୃଷ୍ଟିରେ ଚାହୁଁ ଅଛନ୍ତି ?"* (ପ୍ରେରିତ ୩:୧୨) । ସେମାନେ ଏହାପରେ ଲୋକମାନଙ୍କୁ ଜୀବିତ ଈଶ୍ୱର ଓ ତାହାଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ କହିଲେ ।

*ଯୋହନ ୫:୪୧*
*[୪୧]ମୁଁ ମନୁଷ୍ୟମାନଙ୍କଠାରୁ ଗୌରବ ଗ୍ରହଣ କରେ ନାହିଁ ।*

ଆମେମାନେ ଈଶ୍ୱରଙ୍କ ସାକ୍ଷାତରେ ଏପରି ଏକ ସ୍ଥାନକୁ ଆସିବାକୁ ହେବ ଯେଉଁଠାରେ ମନୁଷ୍ୟମାନଙ୍କଠାରୁ ଗୌରବ ପାଇବା ଇଚ୍ଛା ଆମର ଆଉ ରହିବ ନାହିଁ । ମନୁଷ୍ୟର ପ୍ରଶଂସା ପାଇବାର ଇଚ୍ଛା ଆମ ହୃଦୟରେ ଆଦୌ ନ ରହିବା ଉଚିତ । ଏହା ଦ୍ୱାରା ହିଁ ଜଣେ ପ୍ରକୃତ ରାଜ୍ୟ ନିର୍ମାଣକାରୀ ହୋଇପାରେ ।

*ଯୋହନ ୮:୫୪କ*
*[୫୪]ଯୀଶୁ ଉତ୍ତର ଦେଲେ, "ମୁଁ ଯଦି ନିଜର ଗୌରବ କରୁଥାଏ, ତେବେ ମୋହର ଗୌରବ କିଛି ନୁହେଁ ..."*

ସ୍ୱଅର୍ପିତ ଗୌରବ ପ୍ରକୃତ ଗୌରବ ନୁହେଁ ଓ ଏହା ମୂଲ୍ୟହୀନ ।

*ଯୋହନ ୫:୪୪*
*[୪୪]ତୁମ୍ଭେମାନେ କିପରି ବିଶ୍ୱାସ କରିପାର ? ତୁମ୍ଭେମାନେ ତ ପରସ୍ପରଠାରୁ ଗୌରବ ଗ୍ରହଣ କରୁଅଛ, ପୁଣି ଏକମାତ୍ର ଈଶ୍ୱରଙ୍କଠାରୁ ଯେଉଁ ଗୌରବ, ତାହା ପାଇବା ପାଇଁ ଚେଷ୍ଟା କରୁନାହିଁ ।*

ରାଜ୍ୟ ନିର୍ମାଣକାରୀ ଭାବରେ ଆମେ ଏପରି ଏକ ସ୍ଥାନକୁ ଆସିବାକୁ ହେବ ଯେଉଁଠାରେ ଆମେ ଆଉ ମନୁଷ୍ୟଠାରୁ ଗୌରବ ପାଇବାକୁ ଇଚ୍ଛା ନକରି କେବଳ ଈଶ୍ୱରଙ୍କଠାରୁ ଗୌରବ ପାଇବାକୁ ବାଞ୍ଛା କରିବା । ଯେତେବେଳେ ଆମେମାନେ ମନୁଷ୍ୟମାନଙ୍କ ପ୍ରଶଂସା ନ ଚାହିଁ ସ୍ୱର୍ଗର ପ୍ରଶଂସା ପାଇବାକୁ ବଞ୍ଛିବା, ତେବେ ଯାଇ ଆମେ ପ୍ରକୃତରେ ଈଶ୍ୱରଙ୍କ ଗୌରବ ଅନ୍ୱେଷଣ କରୁଛୁ ବୋଲି କୁହାଯିବ ।

ଫାରୁଶୀ ଓ କପଟୀମାନେ ଲୋକ ଦେଖାଣିଆ ଧର୍ମକର୍ମ କରି ପୁରସ୍କାର ସ୍ୱରୂପେ ମନୁଷ୍ୟମାନଙ୍କ ପ୍ରଶଂସା ପାଉଥିଲେ । ଏପରି ମନୋଭାବ ରଖିବା ବିରୁଦ୍ଧରେ ଯୀଶୁ ଆମକୁ ଚେତାବନୀ ଦିଅନ୍ତି । ସେ ଆମକୁ ଶିକ୍ଷା ଦେଇଛନ୍ତି ଯେପରି ଆମେ ଈଶ୍ୱରଙ୍କ ଦୃଷ୍ଟିରେ ଧର୍ମକର୍ମ କରୁ ଓ ଉର୍ଦ୍ଧ୍ୱସ୍ଥ ଈଶ୍ୱରଙ୍କଠାରୁ ପୁରସ୍କାର ପାଇବା ଆମର ଲକ୍ଷ୍ୟ ରହେ (ମାଥିଉ ୬:୧–୬,୨୩:୫) ।

*ଯୋହନ ୧୨:୪୨,୪୩*
*[୪୨]ତଥାପି ନେତାମାନଙ୍କ ମଧ୍ୟରୁ ସୁଦ୍ଧା ଅନେକେ ତାହାଙ୍କଠାରେ ବିଶ୍ୱାସ କଲେ, କିନ୍ତୁ କାଳେ ସେମାନେ ସମାଜଚ୍ୟୁତ ହୁଅନ୍ତି, ଏଥିପାଇଁ ଫାରୁଶୀମାନଙ୍କ ହେତୁ ତାହା ସ୍ୱୀକାର କରୁ ନ ଥିଲେ, [୪୩]କାରଣ ସେମାନେ ଈଶ୍ୱରଙ୍କଠାରୁ ଗୌରବ ଅପେକ୍ଷା ବରଂ ମନୁଷ୍ୟମାନଙ୍କଠାରୁ ଗୌରବ ଭଲ ପାଇଲେ ।*

ଯେଉଁ ପରିସ୍ଥିତିରେ ଆମର କାର୍ଯ୍ୟ ମନୁଷ୍ୟ ପକ୍ଷରେ ଗ୍ରହଣୀୟ ହୋଇ ନ ପାରେ ଓ ମନୁଷ୍ୟମାନେ ଆମକୁ ପ୍ରତ୍ୟାଖ୍ୟାନ କରି ପାରନ୍ତି, ସେପରି ସ୍ଥଳେ ଆମେ ଯାହା କରିବାକୁ ସ୍ଥିର କରୁ ତା'ଉପରେ ଆମ ହୃଦୟ ମନୁଷ୍ୟର ପ୍ରଶଂସା କିଅବା ଈଶ୍ୱରଙ୍କର ପ୍ରଶଂସା ପାଇବାକୁ ଚାହେଁ ତା'ର ଅସଲ ପରୀକ୍ଷା ହୋଇଥାଏ । ଏପରି ପରିସ୍ଥିତି ସମୂହରେ ଆମେ କ'ଣ

''ମନୁଷ୍ୟମାନଙ୍କଠାରୁ ଗୌରବ'' ପରିବର୍ତ୍ତେ ''ଈଶ୍ୱରଙ୍କଠାରୁ ଗୌରବ'' ମନୋନୀତ କରିବା ନାହିଁ ?

*ଗାଲାତୀ ୧:୧୦*
*[୧୦]ମୁଁ କି ଏବେ ମନୁଷ୍ୟମାନଙ୍କର କିମ୍ବା ଈଶ୍ୱରଙ୍କର ପ୍ରିୟପାତ୍ର ହେବାକୁ ଯତ୍ନ କରୁଅଛି ? ଅବା ମନୁଷ୍ୟମାନଙ୍କୁ କି ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଅଛି ? ଯଦି ମୁଁ ଏବେ ସୁଦ୍ଧା ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରୁଥାଆନ୍ତି, ତେବେ ମୁଁ ଖ୍ରୀଷ୍ଟଙ୍କର ଦାସ ହୁଅନ୍ତି ନାହିଁ ।*

ଆପଣ ଯଦି ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରନ୍ତି ତେବେ ଆପଣ ଈଶ୍ୱରଙ୍କ ଦାସ ହୋଇ ପାରିବେ ନାହିଁ ।

*୧ ଥେସଲନୀକୀୟ ୨:୪-୬କ*
*[୪]କିନ୍ତୁ ଆମ୍ଭମାନଙ୍କ ହସ୍ତରେ ସୁସମାଚାର ପ୍ରଚାରର ଭାର ସମର୍ପିତ ହେବା ନିମନ୍ତେ ଆମ୍ଭେମାନେ ଯେ ରୂପେ ଈଶ୍ୱରଙ୍କ କର୍ତ୍ତୃକ ଯୋଗ୍ୟ ଗଣିତ ହୋଇଅଛୁ, ସେହିରୂପେ ଆମେମାନେ ପ୍ରଚାର କରୁ, ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ତାହା କରୁ ନାହୁଁ, ବରଂ ଆମ୍ଭମାନଙ୍କ ହୃଦୟର ପରୀକ୍ଷକ ଯେ ଈଶ୍ୱର, ତାହାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ତାହା କରୁ । [୫]ତୁମ୍ଭେମାନେ ତ ଜାଣ ଯେ, ଆମ୍ଭମାନେ କୌଣସି ସମୟରେ ଚାଟୁବାଦ ବ୍ୟବହାର କରି ନାହୁଁ ଅବା ଲୋଭକୁ ଗୁପ୍ତ କରିବା ନିମନ୍ତେ ଛଳନା କରି ନାହୁଁ, ଈଶ୍ୱର ଏଥିର ସାକ୍ଷୀ। [୬]ଯଦ୍ୟପି ଖ୍ରୀଷ୍ଟଙ୍କ ପ୍ରେରିତସ୍ୱରୂପେ ଆମ୍ଭେମାନେ ସମ୍ଭ୍ରମ ଦାବୀ କରି ପାରିଥାଆନ୍ତୁ, ତଥାପି ତୁମ୍ଭମାନଙ୍କଠାରୁ ହେଉ ବା ଅନ୍ୟ କାହାରିଠାରୁ ହେଉ, କୌଣସି ମନୁଷ୍ୟଠାରୁ ଗୌରବ ପାଇବାକୁ ଚେଷ୍ଟା କରି ନାହୁଁ ।*

ଆମେମାନେ ଯେଉଁ ପ୍ରଚାର କାର୍ଯ୍ୟ/ଶିକ୍ଷାଦାନ/ସେବାକାର୍ଯ୍ୟ କରୁ ତଦ୍ୱାରା ଆମେ ମନୁଷ୍ୟକୁ ସନ୍ତୁଷ୍ଟ ନ କରି ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟ ନେଇ ସର୍ବଦା ତାହା କରିବାକୁ ହେବ । ଯଦି ଆମର କାର୍ଯ୍ୟ ଏପରି ମାର୍ଗରେ ହୋଇଥାଏ ଯେ ଆମେ ମନୁଷ୍ୟଠାରୁ ଗୌରବ ପାଇଥାଉ ତେବେ ଆମ ହୃଦୟର ଅଭିପ୍ରାୟ ଶୁଦ୍ଧ ନୁହେଁ ।

*ଗୀତ ୧୧୫:୧*
*[୧]ହେ ସଦାପ୍ରଭୋ, ଆମ୍ଭମାନଙ୍କୁ ନୁହେଁ, ଆମ୍ଭମାନଙ୍କୁ ନୁହେଁ, ମାତ୍ର ତୁମ୍ଭ ଦୟା ଓ ତୁମ୍ଭ ସତ୍ୟତା ସକାଶେ ଆପଣା ନାମକୁ ଗୌରବାନ୍ୱିତ କର ।*

ଆମର ହୃଦୟ ନିର୍ମଳ ରଖିବାକୁ ଓ ଯଥାର୍ଥ ମାର୍ଗରେ ପରିଚାଳିତ କରିବାକୁ ହେଲେ ଏହି ପ୍ରାର୍ଥନାକୁ ଆମେ ବାରମ୍ବାର ବ୍ୟବହାର କରିବା ଉଚିତ ।

## ଜଗତରେ ଆମର ଅଧିକାର ରାଜାଙ୍କ ପ୍ରତି ଆମର ସମର୍ପଣ ଉପରେ ନିର୍ଭର କରେ

*ଯାକୁବ ୪:୭*
*[୭]ଅତଏବ, ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ; ଶୟତାନକୁ ପ୍ରତିବାଧା କର, ତାହାହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ ।*

ଆମେ ରାଜାଙ୍କ ପ୍ରତି ଯେତେ ଦୂର ସମର୍ପିତ ହୋଇଥାଉ ତଦନୁସାରେ ପୃଥିବୀରେ ଆମର ଅଧିକାର ପ୍ରଭାବଶାଳୀ ହୋଇଥାଏ । ପ୍ରଥମେ ଆମେ ଈଶ୍ୱରଙ୍କଠାରେ ସମର୍ପିତ ହେବାକୁ ହେବ, ଓ ତାପରେ ଶୟତାନକୁ ପ୍ରତିବାଧା କରିବାକୁ ହେବ ।

ଉଦ୍ୟାନରେ ଦୁଇଟି ବୃକ୍ଷ ଥିଲା । ଗୋଟିଏ ବୃକ୍ଷର ଫଳ ମନୁଷ୍ୟକୁ ଦୀର୍ଘ ସମୟ ବଞ୍ଚିବା ପାଇଁ ଶକ୍ତିଯୁକ୍ତ କରୁଥିଲା । ଅନ୍ୟ ବୃକ୍ଷର ଫଳ ନ ଖାଇବା ଦ୍ୱାରା ମନୁଷ୍ୟ ପୃଥିବୀ ଉପରେ କର୍ତ୍ତୃତ୍ୱ କରିପାରିଥାନ୍ତା । ଯେଉଁଦିନ ସେ ସେହି ମନା ଫଳ ଖାଇଲା ପୃଥିବୀ ଉପରେ ତା'ର କର୍ତ୍ତୃତ୍ୱ ଲୋପ ପାଇଲା । ସେ ମଧ୍ୟ ଜୀବନ ବୃକ୍ଷ ନିକଟକୁ ଯିବାରୁ ବଞ୍ଚିତ ହେଲା ।

ରାଜ୍ୟର ଅଧିକାର ପାଇବାକୁ ହେଲେ ଆମର ବାଧ୍ୟତା ଓ ସମର୍ପଣ ନିହାତି ଆବଶ୍ୟକ ।

ଆତ୍ମିକ ଅଧିକାର ଅତି ସରଳ ବିଷୟ । ମୋଠାରେ ତାଙ୍କର ଅଧିକାର ରହିବା ଆବଶ୍ୟକ, ତଦ୍ଦ୍ୱାରା ମୋ ଦେଇ ତାହାଙ୍କ ଅଧିକାର ପ୍ରକାଶିତ ହେବ ।

ସେ ମୋଠାରେ ଯେଉଁ ମାତ୍ରାରେ ରାଜତ୍ୱ କରନ୍ତି ମୋ ଦେଇ ସେହି ମାତ୍ରାରେ ସେ ରାଜତ୍ୱ କରିବେ । ଯଦି ଆପଣ କୌଣସି ଅଧିକାର ପାଇଛନ୍ତି ତେବେ ଆପଣଙ୍କୁ ପ୍ରଦତ୍ତ ଅଧିକାର ଅନୁସାରେ ଆପଣ ଆପଣଙ୍କ କ୍ଷମତାର ପ୍ରୟୋଗ କରିବେ ।

## ମନୁଷ୍ୟଠାରେ ଗୌରବ ନ କରୁ

*୧ କରିନ୍ଥୀ ୧:୧୧-୧୩*
*[୧୧]କାରଣ, ହେ ମୋହର ଭାଇମାନେ, ଖ୍ଲୋୟୀଙ୍କ ପରିଜନଙ୍କଠାରୁ ତୁମ୍ଭମାନଙ୍କ ସମ୍ବନ୍ଧରେ ମୋ*
*ନିକଟରେ ଏହା ପ୍ରକାଶ ପାଇଅଛି ଯେ, ତୁମ୍ଭମାନଙ୍କ ମଧ୍ୟରେ ବାଦର୍ବିବାଦ ଅଛି । [୧୨]ମୋ*
*କଥାର ଭାବ ଏହି, ତୁମ୍ଭମାନଙ୍କ ମଧ୍ୟରୁ କେହି କେହି କହନ୍ତି, ମୁଁ ପାଉଲଙ୍କର, କେହି କେହି*
*କହନ୍ତି, ମୁଁ ଆପଲ୍ଲଙ୍କର, କେହି କେହି କହନ୍ତି, ମୁଁ କେଫାଙ୍କର, ଆଉ କେହି କେହି କହନ୍ତି, ମୁଁ*
*ଖ୍ରୀଷ୍ଟଙ୍କର । [୧୩]ଖ୍ରୀଷ୍ଟ କି ବିଭକ୍ତ ହୋଇଅଛନ୍ତି ? ତୁମ୍ଭମାନଙ୍କ ନିମନ୍ତେ କି ପାଉଲ କ୍ରୁଶରେ*
*ହତ ହୋଇଥିଲା ? କିମ୍ବା ତୁମ୍ଭେମାନେ କି ପାଉଲ ନାମରେ ବାପ୍ତିଜିତ ହୋଇଥିଲ?*

*୧ କରିନ୍ଥୀ ୩:୨୧*
*[୨୧]ଅତଏବ, କେହି ମନୁଷ୍ୟଠାରେ ଗର୍ବ ନ କରୁ ।*

*୧ କରିନ୍ଥୀ ୪:୬*
*[୬]ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ଶିକ୍ଷା ନିମନ୍ତେ ଏହିସବୁ କଥା ମୋ ନିଜକୁ ଓ ଆପଲ୍ଲଙ୍କୁ ଲକ୍ଷ୍ୟ କରି ଦୃଷ୍ଟାନ୍ତ ଦେଲି, ଯେପରି 'ଯାହା ଲିଖିତ ଅଛି, ତାହା ଅତିକ୍ରମ କର ନାହିଁ', ଏହା ତୁମ୍ଭେମାନେ ଆମ୍ଭମାନଙ୍କଠାରୁ ଶିକ୍ଷା କର, ପୁଣି ଯେପରି ତୁମ୍ଭମାନଙ୍କ ମଧ୍ୟରୁ କେହି ଜଣକର ସପକ୍ଷ ଓ ଅନ୍ୟ ଜଣକର ବିପକ୍ଷ ହୋଇ ଗର୍ବୀ ନ ହୁଅ ।*

ଯେଉଁମାନେ ଖ୍ରୀଷ୍ଟୀୟ ନେତୃତ୍ୱରେ ରହିଛନ୍ତି ସେମାନଙ୍କୁ ଆମେ ନିଶ୍ଚେ ସମ୍ମାନ ଓ ଆଦର କରିବା । ତେବେ ଆମେ ସତର୍କ ହେବାକୁ ହେବ ଯେପରି ଆମେ ''ଜଣକର ସପକ୍ଷ ଓ ଅନ୍ୟ ଜଣକର ବିପକ୍ଷ ହୋଇ ଗର୍ବୀ ନହେଉ'' ।

ଜଣେ ବ୍ୟକ୍ତି ଯେଉଁ ସ୍ଥାନରେ ରହିବା ଉଚିତ ତାକୁ ଯଦି ଆମେ ଅଧିକ ଉଚ୍ଚୀକୃତ କରୁ ତେବେ ଆମେ ରାଜ୍ୟରେ ଦଳଭେଦ ଓ ମତଭେଦ ସୃଷ୍ଟି କରୁ । ସେତେବେଳେ ଆମେ ଆଉ ରାଜ୍ୟ ନିର୍ମାଣକାରୀ ନ ହୋଇ ରାଜ୍ୟ ବିଭକ୍ତକାରୀ ହୋଇଯାଉ ।

ଆପଣ ଯଦି ନିଜକୁ ଉଚ୍ଚୀକୃତ କରନ୍ତି ଓ ମନେ କରନ୍ତି ଯେ ଆପଣଙ୍କ ଯୋଗୁଁ ଆପଣ ଯାହାସବୁ କରନ୍ତି ସେଥିଯୋଗୁଁ ବିଭିନ୍ନ ବିଷୟ ସାଧିତ ହେଉଛି ତେବେ ଆପଣ ମନୁଷ୍ୟଠାରେ ଗୌରବ କରନ୍ତି ।

ଆପଣ ଯଦି ନିଜକୁ ଉଚ୍ଚୀକୃତ କରନ୍ତି ଓ ମନେ କରନ୍ତି ଯେ ଆପଣ ଅଧିକ ଆତ୍ମିକମନା, ଈଶ୍ୱରଙ୍କ ପ୍ରତି ଅଧିକ ସମ୍ବେଦନଶୀଳ, ଅଧିକ ପ୍ରାର୍ଥନାଶୀଳ ବ୍ୟକ୍ତି,

ଅନ୍ୟମାନଙ୍କଠାରୁ ଅଧିକ ଆତ୍ମାଙ୍କ ଅଭିଷେକ ପାଇଛନ୍ତି, ତେବେ ଆପଣ ମନୁଷ୍ୟଠାରେ ଗୌରବ କରନ୍ତି ।

## ସର୍ବ ବିଷୟର ବିଚାରକର୍ତ୍ତା ପ୍ରଭୁଙ୍କଠାରେ ଆମେ ଉତ୍ତରଦାୟୀ ଅଟୁ

*୧ କରିନ୍ଥୀ ୪:୩–୫*

*୩କିନ୍ତୁ ତୁମ୍ଭମାନଙ୍କ ଦ୍ଵାରା କିମ୍ବା କୌଣସି ଲୌକିକ ବିଚାର ସଭା ଦ୍ଵାରା ବିଚାରିତ ହେବା ମୋ*
*ପକ୍ଷରେ ଅତି ସମାନ୍ୟ ବିଷୟ, ଏପରିକି ମୁଁ ନିଜେ ସୁଦ୍ଧା ନିଜର ବିଚାର କରେ ନାହିଁ।*
*୪କାରଣ ମୁଁ ନିଜେ ନିଜ ବିରୁଦ୍ଧରେ କିଛି ଜାଣେ ନାହିଁ, ତଥାପି ଏଥିରେ ମୁଁ ନିର୍ଦ୍ଦୋଷ ବୋଲି*
*ପ୍ରମାଣିତ ହୋଇ ନାହିଁ, କିନ୍ତୁ ଯେ ମୋହର ବିଚାର କରନ୍ତି, ସେ ପ୍ରଭୁ । ୫ତେଣୁ, ସମୟର*
*ପୂର୍ବେ ପ୍ରଭୁଙ୍କ ନ ଆସିବା ପର୍ଯ୍ୟନ୍ତ କୌଣସି ବିଷୟ ବିଚାର କର ନାହିଁ, ସେ ଅନ୍ଧକାରର ଗୁପ୍ତ*
*ବିଷୟଗୁଡ଼ିକ ଆଲୋକରେ ଦେଖାଇବେ, ପୁଣି ହୃଦୟର ସଂକଳ୍ପସମସ୍ତ ପ୍ରକାଶ କରିବେ;*
*ସେତେବେଳେ ପ୍ରତ୍ୟେକ ଜଣ ଈଶ୍ୱରଙ୍କଠାରୁ ପ୍ରଶଂସା ପାଇବ ।*

*୨ କରିନ୍ଥୀ ୫:୯–୧୧*

*୯ଏଣୁ ମଧ୍ୟ ନିବାସୀ ହେଉ ବା ପ୍ରବାସୀ ହେଉ, ତାହାଙ୍କ ନିକଟରେ ସନ୍ତୋଷପାତ୍ର ହେବା*
*ଆମ୍ଭମାନଙ୍କର ଏକାନ୍ତ ବାସନା । ୧୦କାରଣ ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ*
*ଆପଣା ଶରୀର ଦ୍ଵାରା କୃତ କର୍ମାନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାରାସନ*
*ଛାମୁରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ । ୧୧ଅତଏବ, ପ୍ରଭୁ ବିଷୟକ ଭୟ ଜ୍ଞାତ*
*ହେବାରୁ ଆମ୍ଭେମାନେ ମନୁଷ୍ୟମାନଙ୍କୁ ମଣାଉଅଛୁ, କିନ୍ତୁ ଆମ୍ଭେମାନେ ଈଶ୍ୱରଙ୍କ ଛାମୁରେ*
*ପ୍ରକାଶିତ ଅଟୁ, ଏବଂ ତୁମ୍ଭମାନଙ୍କ ବିବେକ ନିକଟରେ ମଧ୍ୟ ଯେ ପ୍ରକାଶିତ ଅଟୁ, ଏହା ମୁଁ*
*ଆଶା କରେ ।*

ଯେଉଁମାନଙ୍କ ନିକଟରେ ପ୍ରଭୁ ଆମକୁ ରଖିଛନ୍ତି ସେମାନଙ୍କ ନିକଟରେ ଉତ୍ତରଦାୟୀ ରହିବା ତ ଗୁରୁତ୍ୱପୂର୍ଣ୍ଣ ବିଷୟ, ତେବେ ଈଶ୍ୱରଙ୍କ ନିକଟରେ ଉତ୍ତରଦାୟୀ ରହିବା ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଶେଷରେ, ସମସ୍ତ ବିଷୟର ବିଚାରକର୍ତ୍ତା ପ୍ରଭୁଙ୍କ ନିକଟରେ ଆମେ ଉତ୍ତରଦାୟୀ ଅଟୁ ।

ଉତ୍ତରଦାୟୀ କହିଲେ:

୧. ଈଶ୍ୱରଙ୍କ ପ୍ରତି ଯଥାର୍ଥ ରହିବା

୨. ନିଜପ୍ରତି ଯଥାର୍ଥ ରହିବା

୩. ପରିବାର ପ୍ରତି ଯଥାର୍ଥ ରହିବା
୪. ଆମେ ଯେଉଁମାନଙ୍କ ନିକଟରେ ସେବା କରୁ ସେମାନଙ୍କ ପ୍ରତି ଯଥାର୍ଥ ରହିବା
୫. ଯେଉଁମାନେ ଆମମାନଙ୍କ ଜୀବନର ଯତ୍ନତତ୍ତ୍ୱ ନିଅନ୍ତି ସେମାନଙ୍କ ପ୍ରତି ଯଥାର୍ଥ ରହିବା

ଯଦି ପ୍ରଥମ ଦୁଇଟିରେ ଆମେ ବିଫଳ ହେଉ ତେବେ ଅନ୍ୟ ତିନୋଟିରେ ମଧ୍ୟ ଆମେ ନିଶ୍ଚେ ବିଫଳ ହେବା ।

ଆମେ ଯେଉଁସବୁ କାର୍ଯ୍ୟ କରିଛୁ ତଦନୁସାରେ ନୁହେଁ ମାତ୍ର ଯେଉଁ ମନୋଭାବ ନେଇ ସେସବୁ କରିଛୁ ତା'କୁ ନେଇ ଆମେ ବିଚାରିତ ହେବା (୧ କରିନ୍ଥୀ ୪:୫) ।

ଆମେ ଯେଉଁସବୁ ମହାନ୍ ସେବାକାର୍ଯ୍ୟ କରିଛୁ ସେସବୁ ଯୋଗୁଁ ନୁହେଁ ମାତ୍ର ପିତାଙ୍କ ଇଚ୍ଛା ସାଧନ କରିଛୁ କି ନାହିଁ ତା'କୁ ନେଇ ଆମେ ବିଚାରିତ ହେବା (ମାଥିଉ ୭:୨୧-୨୩) ।

ଆମମାନଙ୍କ ଆହ୍ୱାନ ବା ଆତ୍ମିକ ଦାନର ମହତ୍ତ୍ୱାନୁସାରେ ନୁହେଁ ମାତ୍ର ଆମେ ବିଶ୍ୱସ୍ତ ଭାବରେ କାର୍ଯ୍ୟ କରିଛୁ କି ନାହିଁ ତଦନୁସାରେ ଆମେ ବିଚାରିତ ହେବ । (ମାଥିଉ ୨୫:୨୧)

*ପ୍ରକାଶିତ ୩:୧,୨*

*[୧]ସାର୍ଦ୍ଦୀ ମଣ୍ଡଳୀର ଦୂତ ନିକଟକୁ ଲେଖ: ଯେ ଈଶ୍ୱରଙ୍କ ସପ୍ତ ଆତ୍ମା ଓ ସପ୍ତ ନକ୍ଷତ୍ର ଧାରଣ କରନ୍ତି, ସେ ଏହା କହନ୍ତି, ଆମ୍ଭେ ତୁମ୍ଭର କର୍ମ ଜାଣୁ, ତୁମ୍ଭେ ନାମରେ ଜୀବିତ, ମାତ୍ର ପ୍ରକୃତରେ ମୃତ । [୨]ଜାଗ୍ରତ ହୁଅ, ପୁଣି ଲୁପ୍ତପ୍ରାୟ ଅବଶିଷ୍ଟ ବିଷୟସବୁକୁ ସବଳ କର; କାରଣ ଆମ୍ଭେ ତୁମ୍ଭର କର୍ମସବୁକୁ ଆମ୍ଭର ଈଶ୍ୱରଙ୍କ ଛାମୁରେ ସିଦ୍ଧ ବୋଲି ଦେଖି ନାହୁଁ ।*

ଆମେମାନେ ''ଜୀବିତ'' ବୋଲି ଅନ୍ୟମାନଙ୍କ ନିକଟରେ ସୁଖ୍ୟାତି ଅର୍ଜନ କରିପାରୁ, କିନ୍ତୁ ଈଶ୍ୱରଙ୍କ ଦୃଷ୍ଟିରେ ଆମେ ''ମୃତ'' ହୋଇ ପାରୁ ।

ମନୁଷ୍ୟମାନଙ୍କ ବିଚାରରେ ଆମେ ''ଅଭିଷିକ୍ତ'' ଜଣାଯାଇପାରୁ, କିନ୍ତୁ ଈଶ୍ୱରଙ୍କୁ ନିରାଶ କରିପାରୁ ।

ଆମର କାର୍ଯ୍ୟ ଓ ସେବା ଯେପରି ଈଶ୍ୱରଙ୍କ ଦୃଷ୍ଟିରେ ସିଦ୍ଧ ଦେଖାଯିବ ଏହା ଆମର ଇଚ୍ଛା ହେବା ଉଚିତ ।

## ଜଣେ ରାଜ୍ୟ ନିର୍ମାଣକାରୀର ହୃଦୟ ରଖନ୍ତୁ

ରାଜ୍ୟ ନିର୍ମାଣକାରୀର ହୃଦୟ କହିଲେ ଖ୍ରୀଷ୍ଟ ରାଜାଙ୍କ ପ୍ରତି ସମ୍ପୂର୍ଣ୍ଣରୂପେ ଅନୁରକ୍ତ ଏକ ହୃଦୟ ।

ରାଜ୍ୟ ନିର୍ମାଣକାରୀର ହୃଦୟ ସର୍ବଦା ଖ୍ରୀଷ୍ଟଙ୍କ ଗୌରବ ଅନ୍ୱେଷଣ କରିଥାଏ ।

ରାଜ୍ୟ ନିର୍ମାଣକାରୀର ହୃଦୟ ମନୁଷ୍ୟଠାରୁ ପ୍ରଶଂସା ପାଇବାକୁ ଚାହିଁ ନ ଥାଏ ।

ରାଜ୍ୟ ନିର୍ମାଣକାରୀର ହୃଦୟ ମନୁଷ୍ୟଠାରେ ଗୌରବ କରି ନ ଥାଏ ।

ରାଜ୍ୟ ନିର୍ମାଣକାରୀର ହୃଦୟର ମନୋଭାବ ଶୁଦ୍ଧ ଥାଏ ।

ଆପଣଙ୍କ ଅନ୍ତରରେ ଈଶ୍ୱର ଯେପରି ରାଜ୍ୟ ନିର୍ମାଣକାରୀର ହୃଦୟ ସୃଷ୍ଟି କରନ୍ତି, ଏଥିପାଇଁ ପ୍ରାର୍ଥନା କରନ୍ତୁ । ଏହିଠାରେ ହିଁ ସମସ୍ତ ରାଜ୍ୟ ନିର୍ମାଣର ଆରମ୍ଭ ହୋଇଥାଏ । ‘‘ହେ ପ୍ରଭୁ, ମୋତେ ରାଜ୍ୟ ନିର୍ମାଣକାରୀର ହୃଦୟ ଦିଅ’’ ।

# ବ୍ୟକ୍ତିଗତ ପ୍ରୟୋଗ

**ପ୍ରଶ୍ନ ୧:** ରାଜ୍ୟ ନିର୍ମାଣକାର୍ଯ୍ୟରେ ଲାଗି ରହିବା ସହଜ, କିନ୍ତୁ ରାଜାଙ୍କ ସଙ୍ଗେ ଆମର ବ୍ୟକ୍ତିଗତ ସମ୍ପର୍କକୁ ସର୍ବଦା ଗଭୀରତର କରିବାକୁ ଆମେ ଭୁଲି ଯାଇପାରୁ । ଆପଣ ନିୟମିତ ଭାବରେ କେଉଁସବୁ ବିଷୟ କରନ୍ତି ଯଦ୍ୱାରା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଆପଣଙ୍କ ସମ୍ପର୍କକୁ ନିବିଡ଼ତର କରନ୍ତି ?

**ପ୍ରଶ୍ନ ୨:** କେବଳ ଈଶ୍ୱରଙ୍କୁ ଗୌରବ ଦେବାକୁ ଚାହିଁଲେ ହିଁ ଆମର ଅନ୍ତଃକରଣ ନିର୍ମଳ ହୋଇପାରିବ ଓ ଆମଠାରେ ଅଧର୍ମ ଦେଖାଯିବ ନାହିଁ । ଆପଣଙ୍କ ସେବାକାର୍ଯ୍ୟରେ ଆପଣ ଅନ୍ତରର ସହ କେବଳ ଈଶ୍ୱରଙ୍କୁ ଗୌରବ ଦେବାକୁ ଚାହିଁଥାନ୍ତି କି ? ଆପଣଙ୍କୁ ଯେତେବେଳେ କେହି ଚିହ୍ନନ୍ତି ନାହିଁ, ପ୍ରଶଂସା କରନ୍ତି ନାହିଁ ଓ ସମ୍ମାନ ଦିଅନ୍ତି ନାହିଁ ଆପଣ ଅପମାନିତ ମନେ କରନ୍ତି କି ?

**ପ୍ରଶ୍ନ ୩:** ବିଭିନ୍ନ ଈଶ୍ୱରଙ୍କ ଦାସମାନଙ୍କ ସଙ୍ଗେ କଥାବାର୍ତ୍ତା ହେବାବେଳେ କୌଣସି ପ୍ରଭୁଙ୍କ ଦାସଙ୍କ ସଙ୍ଗେ ବା କୌଣସି ସେବାକାର୍ଯ୍ୟ ସଙ୍ଗେ ଆପଣଙ୍କର ସୁସମ୍ପର୍କ ରହିଛି ବୋଲି ନିଜର ପରିଚୟ ସୃଷ୍ଟି କରନ୍ତି କି ବା ତାକୁ ନେଇ ଗର୍ବ କରିଥାନ୍ତି ? ଏହାକୁ ଜଣକର ସପକ୍ଷ ଓ ଅନ୍ୟ ଜଣକର ବିପକ୍ଷ ହୋଇ ଗର୍ବ କରିବା ମନେ କରନ୍ତି କି ?

(ଈଶ୍ୱରଙ୍କ ଦାସମାନଙ୍କ ଜୀବନରେ ସ୍ୱାର୍ଥ, କାମନା, ଗର୍ବ ଓ ଈର୍ଷାଭାବ ଭଳି ଯେଉଁସବୁ ମୂଳ ସମସ୍ୟା ରହିଛି ତା'ଉପରେ ଅଧିକ ଅଧ୍ୟୟନ କରିବା ନିମନ୍ତେ ଲେଖକଙ୍କ ପୁସ୍ତକ (ଏପିସି ପବ୍ଲିକେସନ୍) : "Laying the Axe to the Root" ପାଠ କରନ୍ତୁ । ଏହା ମାଗଣାରେ ଉପଲବ୍ଧ ।)

## ତୃତୀୟ ଅଧ୍ୟାୟ

# ପବିତ୍ର ଆତ୍ମା–ନିର୍ଦ୍ଦେଶକ

ପୁଣି, କିଛି ସନ୍ଦେହ ନ କରି ସେମାନଙ୍କ ସାଙ୍ଗରେ ଯିବା ନିମନ୍ତେ ଆତ୍ମା ମୋତେ କହିଲେ ... (ପ୍ରେରିତ ୧୧:୧୨)



# ୩
# ପବିତ୍ର ଆତ୍ମା–ନିର୍ଦ୍ଦେଶକ

ରାଜ୍ୟ ନିର୍ମାଣରେ ପବିତ୍ର ଆତ୍ମାଙ୍କ ନିର୍ଦ୍ଦେଶ ଓ ଚାଳନା ନିକଟରେ ସମର୍ପିତ ହେବା ନିତାନ୍ତ ଆବଶ୍ୟକ । ବାସ୍ତବରେ, ଖ୍ରୀଷ୍ଟୀୟ ଜୀବନ ଯାପନରେ ଆମର ସର୍ବ ଅବସ୍ଥାରେ ଓ ସମସ୍ତ କାର୍ଯ୍ୟରେ ଆମେ ପବିତ୍ର ଆତ୍ମାଙ୍କ ଚାଳନାକୁ ଅନୁସରଣ କରିବାକୁ ହେବ । ଆମର ବୃତ୍ତି ଯାହା ହେଉନା କାହିଁକି ଆମେମାନେ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହେବାକୁ ହେବ ।

## ପିତାଙ୍କ ଇଚ୍ଛା ସାଧନକାରୀମାନେ ସ୍ୱର୍ଗରେ ପୁରସ୍କୃତ ହେବେ

ଯେଉଁମାନେ ନିଜର ଇଚ୍ଛାକୁ ଛାଡ଼ି ପିତାଙ୍କ ଇଚ୍ଛା ସାଧନ କରନ୍ତି ସେମାନେ ସ୍ୱର୍ଗରେ ପୁରସ୍କୃତ ହେବେ ।

*ମାଥିଉ ୭:୨୧–୨୩*

*୨୧ମୋତେ ପ୍ରଭୁ, ପ୍ରଭୁ ବୋଲି ଡ଼ାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।*
*୨୨ସେଦିନ ଅନେକେ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ, ଆମ୍ଭେମାନେ କି ତୁମ୍ଭ ନାମରେ ଭାବବାଣୀ କହିଲୁ ନାହିଁ ? ପୁଣି, ତୁମ୍ଭ ନାମରେ କି ଭୂତମାନଙ୍କୁ ଛଡ଼ାଇଲୁ ନାହିଁ ? ଆଉ, ତୁମ୍ଭ ନାମରେ କି ଅନେକ ଶକ୍ତିର କାର୍ଯ୍ୟ କଲୁ ନାହିଁ ? ୨୩ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟ ରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣି ନାହିଁ । ହେ ଅଧର୍ମାଚାରୀମାନେ, ମୋ ପାଖରୁ ଦୂର ହୁଅ ।*

ତାହାଙ୍କ ସଙ୍ଗରେ ବ୍ୟକ୍ତିଗତ ସମ୍ପର୍କ ନଥାଇ ମଧ୍ୟ ''ତାହାଙ୍କ ନାମରେ'' ଅନେକ ଶକ୍ତିର କାର୍ଯ୍ୟ କରିବା ସମ୍ଭବ ପର ।

''ତାହାଙ୍କ ନାମରେ'' ଅନେକ ଶକ୍ତିର କାର୍ଯ୍ୟ କରି ମଧ୍ୟ ''ଅଧର୍ମାଚାରୀ'' ନାମ ପାଇବା ସମ୍ଭବପର ।

ଈଶ୍ୱରଙ୍କ ଇଚ୍ଛା ବହିର୍ଭୁତ ଏବଂ ତାହାଙ୍କ ସଙ୍ଗେ ବ୍ୟକ୍ତିଗତ ସମ୍ପର୍କ ନଥାଇ ଜନ୍ମିତ କୌଣସି ବିଷୟ ‘‘ତାହାଙ୍କ ନାମରେ’’ କରାଯାଇଥିଲେ ମଧ୍ୟ ତାକୁ ଅଧର୍ମାଚରଣ କୁହାଯିବ ।

ପିତାଙ୍କ ଇଚ୍ଛା ସାଧନ ନ କରି ମଧ୍ୟ ‘‘ତାହାଙ୍କ ନାମରେ’’ ଅନେକ ଆଶ୍ଚର୍ଯ୍ୟ କାର୍ଯ୍ୟ କରି ହେବ ।

ଅନେକ ସମୟରେ ଆମେ ବିଭିନ୍ନ ପ୍ରକଳ୍ପ, କାର୍ଯ୍ୟକ୍ରମ, ସେବାକାର୍ଯ୍ୟ ଆରମ୍ଭ କରି ଦେଉ ଓ ସେଥିରେ ପ୍ରଭୁଙ୍କ ନାମ ନେଉ, କାରଣ ଆମେ ମନେ କରିଥାଉ ଯେ ଏସବୁ ଈଶ୍ୱରଙ୍କ ଇଚ୍ଛା ଅନୁମୋଦିତ କାର୍ଯ୍ୟ ।

ତାହାଙ୍କୁ ଜାଣିବାକୁ, ତାହାଙ୍କ ଇଚ୍ଛା ଜାଣିବାକୁ, ଧର୍ମାଚରଣ କରିବାକୁ ଆମେ ଅଗ୍ରାଧିକାର ଦେବା ଓ ତାପରେ ଯାଇ ସେ ଆମକୁ ତାହାଙ୍କ ନାମରେ ଯେଉଁ ଶକ୍ତିର କାର୍ଯ୍ୟ କରିବାକୁ ଆହ୍ୱାନ କରିଛନ୍ତି ତାହା ସାଧନ କରିବା।

ଯଦି ବୃକ୍ଷ ଉତ୍ତମ ଅଟେ ତେବେ ଫଳ ମଧ୍ୟ ଉତ୍ତମ ହେବ ।

## ପବିତ୍ର ଆତ୍ମା ଈଶ୍ବରଙ୍କ ଇଚ୍ଛାକୁ ପୃଥିବୀରେ ଆମମାନଙ୍କ ନିକଟରେ ପ୍ରକାଶ କରିଥାନ୍ତି

*ଯୋହନ ୧୬:୧୩–୧୫*

*୧୩ କିନ୍ତୁ ସେ, ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣାଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେହିସବୁ କହିବେ, ପୁଣି ଆଗାମୀ ବିଷୟସବୁ ତୁମ୍ଭମାନଙ୍କୁ ଜଣାଇବେ ।*
*୧୪ ସେ ମୋତେ ଗୌରବାନ୍ୱିତ କରିବେ, କାରଣ ସେ ମୋ ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ ।*
*୧୫ ଯାହା ଯାହା ପିତାଙ୍କର, ସେହିସବୁ ମୋହର, ଏହିହେତୁ ମୁଁ କହିଲି, ସେ ମୋହର ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ ।*

ପ୍ରଭୁ ଯୀଶୁ ଯାହା ଯାହା କହନ୍ତି ପବିତ୍ର ଆତ୍ମା ସେହିସବୁ ବିଷୟ ହିଁ ଆମମାନଙ୍କୁ କହିବେ । ପିତା ଯାହା ଯୀଶୁଙ୍କ ନିକଟରେ ପ୍ରକାଶ କରନ୍ତି ଆତ୍ମା ତାହା ହିଁ ଆମ ହୃଦୟରେ ବ୍ୟକ୍ତ କରିଥାନ୍ତି ।

ପବିତ୍ର ଆତ୍ମା ଆଗରୁ ଆମ ନିକଟରେ ବିଭିନ୍ନ ବିଷୟ ପ୍ରକାଶ କରିଥାନ୍ତି । ଆମ ଜୀବନର ଭବିଷ୍ୟତକାଳୀନ ପ୍ରସଙ୍ଗକୁ ନେଇ ମଧ୍ୟ ସେ ଆମ ହୃଦୟରେ କଥା କହି ପାରନ୍ତି । ଆମେ ଯେପରି ଏହି ବାକ୍ୟକୁ ଆମ ଆତ୍ମାରେ ସଞ୍ଚୟ କରି ରଖିବା ଓ ତାହାଙ୍କ ଦ୍ୱାରା କଥିତ କାର୍ଯ୍ୟ ସକାଶେ ଧୈର୍ଯ୍ୟ ସହକାରେ ନିଜକୁ ପ୍ରସ୍ତୁତ କରିବା ଏହା ସେ ଚାହାନ୍ତି।

ପବିତ୍ର ଆତ୍ମା ସର୍ବଦା ଯୀଶୁଙ୍କୁ ଗୌରବାନ୍ୱିତ କରିଥାନ୍ତି । ଆତ୍ମା ଯାହା କହନ୍ତି ତାହା ପ୍ରଭୁ ଯୀଶୁଙ୍କୁ ଉଚ୍ଚୀକୃତ ଓ ମହିମାନ୍ୱିତ କରିଥାଏ । ମୁଁ ବିଶ୍ୱାସ କରେ ଯେ ମୁଁ ଯାହା କରିବାକୁ ପ୍ରଭୁ ଚାହାନ୍ତି ତାହା ମୁଁ ଈଶ୍ୱରଙ୍କ ଆତ୍ମାଙ୍କ ଠାରୁ ଶୁଣିଛି, କିନ୍ତୁ ସେହି କାର୍ଯ୍ୟ ଯଦି ମୋତେ ଉଚ୍ଚୀକୃତ କରେ ଓ ମୋର ମହତ୍ତ୍ୱ ବଢ଼ାଇଥାଏ, ତେବେ ମୁଁ ନିଶ୍ଚିତ ହେବି ଯେ ମୁଁ ଈଶ୍ୱରଙ୍କ ଆତ୍ମାଙ୍କଠାରୁ ଶୁଣି ନାହିଁ ।

*ରୋମୀ ୮:୧୪*

*[୧୪]ଯେଣୁ ଯେତେ ଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ ।*

ଈଶ୍ୱରଙ୍କ ପୁତ୍ରକନ୍ୟା ଭାବରେ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହେବାର ସୁଯୋଗ ଆମେ ପାଇଛୁ ।

ତେଣୁ ଆମେ ଈଶ୍ୱରଙ୍କ ହୃଦୟ ଓ ମନକୁ ଜାଣି ପାରୁ । ପବିତ୍ର ଆତ୍ମା, ଯେପରି ଭାବରେ ଈଶ୍ୱରଙ୍କ ଇଚ୍ଛାକୁ ପ୍ରକାଶ କରନ୍ତି ତଦନୁସାରେ ଆମେ ତାହା ଜାଣିପାରୁ ।

ଆତ୍ମାଙ୍କ ଦ୍ୱାରା ଚାଳିତ ହେବା ଓ ପିତାଙ୍କ ଇଚ୍ଛାନୁସାରେ ସମସ୍ତ ବିଷୟ କରିବାର ପ୍ରକୃତ ଗୁରୁତ୍ୱକୁ ଆମେ ନିତାନ୍ତ ବୁଝିବା ଆବଶ୍ୟକ ।

## ମାଂସରୁ ଯାହା ଜାତ, ତାହା ମାଂସ ଓ ଆତ୍ମାରୁ ଯାହା ଜାତ, ତାହା ଆତ୍ମା

*ଯୋହନ ୩:୬*

*[୬]ମାଂସରୁ ଯାହା ଜାତ, ତାହା ମାଂସ, ପୁଣି, ଆତ୍ମାରୁ ଯାହା ଜାତ, ତାହା ଆତ୍ମା ।*

ମାଂସରୁ ଜାତ କୌଣସି ବିଷୟକୁ ଆତ୍ମିକ ବିଷୟରେ 'ପରିବର୍ତ୍ତନ' କରାଯାଇ ପାରିବ ନାହିଁ ।

ପ୍ରାୟତଃ ଆମେମାନେ ଶାରୀରିକ ଶକ୍ତିର ଉପଯୋଗ କରି ଅନେକ ବିଷୟକୁ ଜନ୍ମ ଦେଇଥାଉ ଓ ଆଶା ରଖିଥାଉ ଯେ ଯେକୌଣସିମତେ ସେଗୁଡ଼ିକ ଆତ୍ମାଙ୍କ କାର୍ଯ୍ୟରୂପେ ପରିଗଣିତ ହେବ । ଏହା ସମ୍ଭବ ନୁହେଁ ।

*ଯାତ୍ରା ୩୦:୨୨–୩୩*
*[୨୨] ଆହୁରି ସଦାପ୍ରଭୁ ମୋଶାଙ୍କୁ କହିଲେ, [୨୩]ତୁମ୍ଭେ ଆପଣା ନିକଟରେ ଏହିସବୁ ଅତ୍ୟୁତ୍ତମ*
*ସୁଗନ୍ଧି ଦ୍ରବ୍ୟ, ଅର୍ଥାତ୍, ପବିତ୍ର ସ୍ଥାନର ଶେକଲ ଅନୁସାରେ ପାଞ୍ଚଶତ ଶେକଲ ନିର୍ମଳ ଗନ୍ଧରସ*
*ଓ ତହିଁର ଅର୍ଦ୍ଧ, ଅର୍ଥାତ୍, ଅଢ଼ାଇଶତ ଶେକଲ ସୁଗନ୍ଧି ଦାରୁଚିନି ଓ ଅଢ଼ାଇ ଶତ ଶେକଲ*
*ସୁଗନ୍ଧି ବଚ [୨୪]ଓ ପାଞ୍ଚଶତ ଶେକଲ ଗୁଡ଼ତ୍ୱକ୍ ଓ ଏକ ହିନ୍ ଜୀତ ତୈଳ ସଂଗ୍ରହ କରିବ ।*
*[୨୫]ଏହିସବୁ ଦ୍ୱାରା ତୁମ୍ଭେ ଅଭିଷେକାର୍ଥକ ପବିତ୍ର ତୈଳ, ଅର୍ଥାତ୍, ଗନ୍ଧ ବଣିକର କ୍ରିୟାନୁସାରେ*
*ତୈଳ ପସ୍ତୁତ କରିବ, ତାହା ଅଭିଷେକାର୍ଥକ ପବିତ୍ର ତୈଳ ହେବ । [୨୬]ତାହା ତୁମ୍ଭେ ନେଇ*
*ସମାଗମ ତମ୍ବୁ ଓ ସାକ୍ଷ୍ୟ ସିନ୍ଦୁକ, [୨୭]ପୁଣି ମେଜ ଓ ତହିଁର ସକଳ ପାତ୍ର, [୨୮]ଆଉ ଧୂପବେଦି ଓ*
*ତହିଁର ସକଳ ପାତ୍ର ଓ ପ୍ରକ୍ଷାଳନ ପାତ୍ର ଓ ତହିଁର ବୈଠିକି ଅଭିଷେକ କରିବ। [୨୯] ପୁଣି*
*ଏହିସବୁ ବସ୍ତୁକୁ ପବିତ୍ର କରିବ, ତହିଁରେ ତାହା ମହାପବିତ୍ର ହେବ, ଯାହା କିଛି ତାହା ସ୍ପର୍ଶ*
*କରଇ, ସେସବୁ ପବିତ୍ର ହେବ । [୩୦]ପୁଣି ତୁମ୍ଭେ ହାରୋଣକୁ ଓ ତାହାର ପୁତ୍ରଗଣକୁ ଆମ୍ଭର*
*ଯାଜକକର୍ମ କରଣାର୍ଥେ ଅଭିଷେକ କରି ପବିତ୍ର କରିବ । [୩୧] ଆଉ ଇଶ୍ରାଏଲ– ସନ୍ତାନଗଣକୁ*
*କହିବ, ତୁମ୍ଭମାନଙ୍କ ପୁରୁଷାନୁକ୍ରମେ ଆମ୍ଭ ନିମନ୍ତେ ତାହା ଅଭିଷେକାର୍ଥକ ପବିତ୍ର ତୈଳ*
*ହେବ । [୩୨] ମନୁଷ୍ୟର ଶରୀରରେ ତାହା ଢ଼ଳାଯିବ ନାହିଁ, ଅଥବା ତୁମ୍ଭେମାନେ ତହିଁର ମିଶ୍ରିତ*
*ଦ୍ରବ୍ୟର ପରିମାଣାନୁସାରେ ଆଉ କୌଣସି ତୈଳ କରିବ ନାହିଁ; ତାହା ପବିତ୍ର ଅଟେ, ଆଉ*
*ତାହା ତୁମ୍ଭମାନଙ୍କ ପ୍ରତି ପବିତ୍ର ହେବ । [୩୩] ଯେକେହି ତତ୍ତୁଲ୍ୟ କିଛି ପ୍ରସ୍ତୁତ କରିବ, ଅବା*
*ଯେକେହି ଅନ୍ୟବଂଶୀୟ ଲୋକର ଶରୀରରେ ତହିଁରୁ କିଛି ଦେବ, ସେ ଆପଣା ଲୋକମାନଙ୍କ*
*ମଧ୍ୟରୁ ଉଚ୍ଛିନ୍ନ ହେବ ।*

ପୁରାତନ ନିୟମରେ ବର୍ଣ୍ଣିତ ଅଭିଷେକାର୍ଥକ ପବିତ୍ର ତୈଳ ନୂତନ ନିୟମରେ ପବିତ୍ର ଆତ୍ମାଙ୍କ ଅଭିଷେକର ଏକ ''ନିଦର୍ଶନ ଓ ଛାୟା ସ୍ୱରୂପ ବିଷୟ'' ।

ପବିତ୍ର ଆତ୍ମାଙ୍କ ଅଭିଷେକକୁ ସୁଚାଉ ଥିବା ପୁରାତନ ନିୟମର ଏହି ''ନିଦର୍ଶନ ଓ ଛାୟା ସ୍ୱରୂପ ବିଷୟରୁ'' ଆମେ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଲାଭ କରିଥାଉ ।

- ଈଶ୍ୱରଙ୍କ ସେବାରେ ବ୍ୟବହୃତ ଯେକୌଣସି ବିଷୟ ଈଶ୍ୱରଙ୍କ ଦ୍ୱାରା ଅଭିଷେକ ପ୍ରାପ୍ତ ହେବା ଆବଶ୍ୟକ (୨୬–୨୮ ପଦ)
- ଯାହା କିଛି ଈଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ହୋଇଥାଏ ତାହା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପବିତ୍ର ବିବେଚିତ ହୋଇଥାଏ (୨୯–୩୦ ପଦ)
- ଯାହା ମାଂସରୁ ଜାତ ତାହାକୁ ଈଶ୍ୱର ଅଭିଷେକ କରିବେ ନାହିଁ (୩୨ ପଦ)
- ଯଦି ଅଭିଷେକକୁ ଅନୁକରଣ କରାଯାଏ ଈଶ୍ୱର ତାକୁ ସହ୍ୟ କରିପାରିବେ ନାହିଁ (୩୨ ପଦ)
- ଯାହା ମାଂସରୁ ଜାତ ସେଥିରେ ଈଶ୍ୱରଙ୍କ ଜୀବନ ଓ ଉପସ୍ଥିତି ନଥାଏ (୩୩ ପଦ)

ଯାହା ମାଂସରୁ ଜାତ ଈଶ୍ୱର ତାକୁ ଅଭିଷେକ ପ୍ରଦାନ କରି ନ ପାରନ୍ତି । ଯାହା ମାଂସରୁ ଜାତ ତାହା ଈଶ୍ୱରଙ୍କ ପ୍ରକୃତ କାର୍ଯ୍ୟର ଏକ ଅନୁକରଣ ମାତ୍ର । ଏହା ଈଶ୍ୱରଙ୍କ ଜୀବନ, ଉପସ୍ଥିତି ଓ ଅଭିଷେକରୁ ''ବିଚ୍ଛିନ୍ନ'' ହେବ ।

## ମାଂସରୁ ଯାହା ଜାତ ଈଶ୍ୱରଙ୍କ ଇଚ୍ଛାରେ ଆତ୍ମାରୁ ଜାତ ହେବାକୁ ଥିବା ବିଷୟକୁ ତାହା ପ୍ରତିବନ୍ଧକ ସୃଷ୍ଟି କରେ

*ଗାଲାତୀ ୪:୨୯*

*[୨୯] କିନ୍ତୁ ଶାରୀରିକ ସ୍ୱାଭାବାନୁସାରେ ଯେ ଜାତ, ସେ ଯେପରି ସେସମୟରେ ଆତ୍ମାଙ୍କ ପ୍ରତିଜ୍ଞା ଅନୁସାରେ ଯେ ଜାତ, ତାଙ୍କୁ ତାଡ଼ନା କରୁଥିଲା, ସେହିପରି ଏବେ ମଧ୍ୟ ଘଟୁଅଛି।*

ଆମେ ମାଂସିକତାରେ ଯାହା ସବୁ ଜନ୍ମ କରୁ ସେସବୁ ଆତ୍ମାଙ୍କ ଦ୍ୱାରା ଜାତ ହେବାକୁ ଥିବା ବିଷୟସବୁ ପ୍ରତି ପ୍ରତିବନ୍ଧକ ସୃଷ୍ଟିକରେ ଓ ସେସବୁକୁ ବିନାଶ କରିଦେବାକୁ ଚାହିଁ ଥାଏ ।

ଶତ୍ରୁର ବିଭିନ୍ନ କୌଶଳ ଯୋଗୁଁ ନୁହେଁ ମାତ୍ର ମାଂସିକତାରେ ଜନ୍ମ ନେଇଥିବା ବିଭିନ୍ନ ବିଷୟ ଯୋଗୁଁ ଆମକୁ ସବୁଠୁ ଅଧିକ ସଂଘର୍ଷ କରିବାକୁ ପଡ଼ିଥାଏ ।

*ଗାଲାତୀ ୫:୧୭*
*[୧୭]କାରଣ ଶରୀରର ଅଭିଳାଷ ଆତ୍ମାଙ୍କ ପ୍ରତିକୂଳ, ଆଉ ଆତ୍ମାଙ୍କ ଅଭିଳାଷ ଶରୀରର ପ୍ରତିକୂଳ, ଯେଣୁ ଏହି ଦୁଇ ପରସ୍ପରର ବିପରୀତ, ଫଳତଃ ତୁମ୍ଭେମାନେ ଯାହା ଯାହା ଇଚ୍ଛା କର, ସେହିସବୁ କରିପାର ନାହିଁ ।*

ଯାହା ମାଂସିକ ବିଷୟ ତାହା ଆତ୍ମାଙ୍କ ବିଷୟକୁ ନିଶ୍ଚେ ବିରୋଧ କରିବ । ଯାହା ନକଲି ତାହା ଅସଲି ବିଷୟକୁ ବିରୋଧ କରିବ । ମିଥ୍ୟା ବିଷୟ ସତ୍ୟ ବିଷୟକୁ ସର୍ବଦା ବିରୋଧ କରିବ । ତେଣୁ ମାଂସିକ ବିଷୟକୁ ଜନ୍ମ ନ ଦେବା ବିଷୟରେ ଆମେ ସତର୍କତା ଅବଲମ୍ବନ କରିବାକୁ ହେବ । ଏହା କେବଳ ଖ୍ରୀଷ୍ଟୀୟ ସେବା କ୍ଷେତ୍ରରେ ନୁହେଁ, ଜୀବନର ପ୍ରତ୍ୟେକ କ୍ଷେତ୍ର ନିମନ୍ତେ ପ୍ରଯୁଜ୍ୟ ।

## ମାଂସରୁ ଜାତ ବିଷୟ ଲାଭଦାୟକ ନୁହେଁ

*ଯୋହନ ୬:୬୩*
*[୬୩]ଆତ୍ମା ଜୀବନଦାୟକ; ମାଂସ କୌଣସି ଉପକାର କରେ ନାହିଁ; ମୁଁ ତୁମ୍ଭମାନଙ୍କୁ ଯେ ସମସ୍ତ ବାକ୍ୟ କହିଅଛି, ସେହିସବୁ ଆତ୍ମା ଓ ଜୀବନ ଅଟେ ।*

ମାଂସରୁ ଯାହା ଜାତ ତାହା ଲୋକଙ୍କର କୌଣସି ଉପକାର କରି ନଥାଏ । ଜୀବନ ପ୍ରଦାନକାରୀ ଶକ୍ତି ଏଥିରେ ନ ଥାଏ ।

ମାଂସରୁ ଯାହା ଜାତ, ତାହା ଇନ୍ଦ୍ରିୟସବୁକୁ ପ୍ରଭାବିତ କରିପାରେ । ଇନ୍ଦ୍ରିୟସବୁକୁ ସନ୍ତୁଷ୍ଟ କରିପାରେ । ଏହା ଭାବପ୍ରବଣତାକୁ ଉତ୍ତୋଳିତ କରିପାରେ ଓ ଲୋକଙ୍କୁ ଉତ୍ତମ ଅନୁଭବ ଦେଇପାରେ । କିନ୍ତୁ ଆତ୍ମାଙ୍କ ସାନ୍ନିଧ୍ୟ ଓ ଶକ୍ତିଦ୍ୱାରା ହିଁ ପ୍ରକୃତ ଜୀବନ, ଶକ୍ତି ଓ ପରିବର୍ତ୍ତନ ଆସିଥାଏ ।

କେଉଁଟିରେ ମାଂସିକତା ରହିଛି ଓ କେଉଁଟିରେ ଆତ୍ମିକତା ରହିଛି ତାହା ବୁଝିବା ପାଇଁ ସାମର୍ଥ୍ୟର ଆବଶ୍ୟକତା ରହିଛି । ଅଧିକାଂଶ ଖ୍ରୀଷ୍ଟିୟାନ ଉତ୍ତମ ଅନୁଭବଯୁକ୍ତ ଖ୍ରୀଷ୍ଟ ଧର୍ମରେ ସନ୍ତୁଷ୍ଟ ହୋଇ ରହିଯାନ୍ତି । ଏଥିରେ ହେଉଥିବା ମାଂସିକ ସେବାକାର୍ଯ୍ୟ ଇନ୍ଦ୍ରିୟ ଓ ଭାବପ୍ରବଣତାସବୁକୁ ସୁହାଏ, କିନ୍ତୁ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ପରିବର୍ତ୍ତିତ ହେବାର ବାସ୍ତବ ଆହ୍ୱାନ ଏଥିରେ ନଥାଏ ।

*ଗୀତ ୧୨୭:୧*

*[୧]ସଦାପ୍ରଭୁ ଯେବେ ଗୃହ ନିର୍ମାଣ ନ କରନ୍ତି, ତେବେ ନିର୍ମାଣକାରୀମାନେ ବ୍ୟର୍ଥରେ ପରିଶ୍ରମ କରନ୍ତି, ଯେବେ ସଦାପ୍ରଭୁ ନଗର ରକ୍ଷା ନ କରନ୍ତି, ତେବେ ପ୍ରହରୀ କେବଳ ବୃଥାରେ ଜାଗ୍ରତ ହୁଏ ।*

ଯଦି ପ୍ରଭୁ ନିର୍ମାଣ ନ କରନ୍ତି, ତେବେ ମୁଁ ଯାହା ନିର୍ମାଣ କରେ ତାହା ନିରର୍ଥକ ହୋଇଥାଏ । ଏହା ଦେଖିବାକୁ ଚମତ୍କାର, ମହତ୍ ଓ ଅନ୍ୟମାନଙ୍କ ପ୍ରଶଂସାର କାରଣ ହୋଇପାରେ । କିନ୍ତୁ ଏସବୁ ଗୃହ ପାଉଲଙ୍କ ଭାଷାରେ ''କାଠ, ଘାସ, ଛଣ''ରେ ନିର୍ମିତ ହୋଇଥିବା ଗୃହ ପରି । ଏସବୁ ଅଗ୍ନି ପରୀକ୍ଷାରେ ଧ୍ୱଂସ ପାଇଯାଏ (୧ କରିନ୍ଥୀ ୩:୧୨,୧୩) ।

ରାଜ୍ୟ ନିର୍ମାଣକାରୀ ଭାବରେ ପିତାଙ୍କ ଇଚ୍ଛା ସାଧନ ମୋର ଏକମାତ୍ର ବାଞ୍ଛା ହେବା ଉଚିତ ଅର୍ଥାତ୍ କେବଳ ଆତ୍ମାଙ୍କ ବିଷୟସବୁକୁ ଜନ୍ମ ଦେବା ।

## ଆତ୍ମାଙ୍କ ଦ୍ୱାରା ଆଚରଣ କଲେ ଆପଣ ଶାରୀରିକ ବିଷୟଗୁଡ଼ିକୁ ଜନ୍ମ ଦେବେ ନାହିଁ

*ଗାଲାତୀ ୫:୧୬*

*[୧୬] ମୋହର ଭାବ ଏହି, ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମ୍ଭେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ ।*

ଆତ୍ମାଙ୍କ ଦ୍ୱାରା ଆଚରଣ କରିବାର ଅର୍ଥ ଏକ ସମ୍ବେଦନଶୀଳ ଓ ପବିତ୍ର ଆତ୍ମାଙ୍କ ପ୍ରତି ସମର୍ପିତ ଜୀବନ ଯାପନ କରିବା । ଏହି ପ୍ରକାର ଜୀବନଯାପନ କରିବାକୁ ଆମେ ଆହ୍ୱାନ ପାଇଛୁ । ପବିତ୍ର ଆତ୍ମା ଈଶ୍ୱରଙ୍କ ପ୍ରତି ସମର୍ପିତ ଜୀବନ କାଟିବା ନିଶ୍ଚିତ କରିଥାଏ ଯେ ଆମେ ଶାରୀରିକ ବିଷୟଗୁଡ଼ିକୁ ଜନ୍ମ ଦେଇ ନଥାଉ ।

ଦୈନିକ ଓ ପ୍ରତି ମୁହୂର୍ତ୍ତ ଆତ୍ମାଙ୍କ ଦ୍ୱାରା ଆଚରଣ କରିବାକୁ ମନୋନୟନ କରିବା ଦ୍ୱାରା ଆମେ ଶାରୀରିକ ନିର୍ଦ୍ଦେଶକୁ ନମାନି ଆତ୍ମାଙ୍କ ପ୍ରଭାବରେ ଚାଲିବାକୁ ସ୍ଥିର କରିଥାଉ । ଅନେକ ସମୟରେ ଏହା ସ୍ୱତଃସ୍ଫୁର୍ତ୍ତ ଭାବରେ ଘଟିଥାଏ ଯେତେବେଳେ ଆମେ ନିଜକୁ ଆତ୍ମାଙ୍କ ନଦୀରେ ସହଜରେ ଓ ତୁରନ୍ତ ଭାସମାନ ଅବସ୍ଥାରେ ପାଇଥାଉ । ଅନେକ ସମୟରେ ଶାରୀରିକ ସ୍ୱର ଚିତ୍କାର କରିଥାଏ ଯେପରି ଆମେ ତା'ର ନିର୍ଦ୍ଦେଶକୁ ଅବଧାନ କରିବା । ଏପରି ସମୟରେ ଆମେ ଆତ୍ମାଙ୍କର ଠାରୁ ବଳ ପ୍ରାପ୍ତ ହୋଇ ଶାରୀରିକ ସ୍ୱରକୁ ବନ୍ଦ (କ୍ରୁଶାର୍ପିତ) କରିଥାଉ ଓ ଈଶ୍ୱରଙ୍କ ଆତ୍ମାଙ୍କୁ ଅନୁସରଣ କରିବାକୁ ଏକ ଦୃଢ଼ ନିଷ୍ପତ୍ତି ନେଇଥାଉ ।

## ସମର୍ପିତ ଓ ଭଗ୍ନ ହୋଇ ଚାଲିବା ଆବଶ୍ୟକ

ଆମମାନଙ୍କ ମଧ୍ୟରୁ ଯେଉଁମାନେ ନିଜ ପ୍ରଚେଷ୍ଟାରେ ବଡ଼ ହୋଇ ପାରିଛୁ, ନିଜକୁ ସୁଦକ୍ଷ ଓ ନିପୁଣ ମନେ କରୁ ଆମେ ପବିତ୍ର ଆତ୍ମାଙ୍କ ଉପରେ ନିର୍ଭର ନ କରି ବରଂ ଶାରୀରିକ ବିଷୟସବୁକୁ ସାଧନ କରିବାକୁ ଚାହିଁପାରୁ ।

ସମର୍ପଣ ଏକ ମନୋନୟନ । ସମର୍ପଣ କରିବାର ଅର୍ଥ ଆଜ୍ଞାକାରୀ ହେବା । ପବିତ୍ର ଆତ୍ମାଙ୍କ କଥା ଶୁଣିବାକୁ ଓ ତାଙ୍କ ନିକଟରେ ନିଜକୁ ସମର୍ପଣ କରିବାକୁ ଆମେ ମନୋନୟନ କରିଥାଉ । ପବିତ୍ର ଆତ୍ମାଙ୍କୁ କୌଣସି ମତେ ଦୁଃଖ ନଦେବା ବା ନିର୍ବାଣ ନ କରିବା ବିଷୟରେ ଆମେ ସତର୍କ ହୋଇଥାଉ । ପ୍ରକୃତ ପକ୍ଷେ ଆମେ କେବଳ ସେହି ମାର୍ଗରେ ଜୀବନଯାପନ କରିବାକୁ ବାଞ୍ଛା କରିଥାଉ ।

ଭଗ୍ନ ହେବା ଏକ ମନୋନୟନ । ଭଗ୍ନ ହେବାର ଅର୍ଥ ପ୍ରଭୁଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା । ଆମେ ଦାନପ୍ରାପ୍ତ ଓ ପ୍ରତିଭାସମ୍ପନ୍ନ ହୋଇପାରୁ, ତଥାପି ଆମେ ହୃଦୟଙ୍ଗମ କରୁ ଯେ ଆମେ ମାଟିପାତ୍ର ସଦୃଶ ଏବଂ ଈଶ୍ୱର ଯଦି ଆମମାନଙ୍କ ମଧ୍ୟରେ, ଆମମାନଙ୍କ ଉପରେ ଓ ଆମମାନଙ୍କ ଦେଇ ଅଭିଷେକ ପ୍ରଦାନ ନ କରନ୍ତି ତେବେ ଆମେମାନେ ଫଳ ଉତ୍ପାଦନ କରି ନପାରୁ । ତେଣୁ ଆମେ ପାଇଥିବା ଦାନସବୁ ଉପରେ ନିର୍ଭର ନକରି କେବଳ ଈଶ୍ୱରଙ୍କ ଶକ୍ତି ଉପରେ ନିର୍ଭର କରି କାର୍ଯ୍ୟ କରିଥାଉ । ଏହି ମାର୍ଗରେ ହିଁ ସେବାକାର୍ଯ୍ୟ କରିବାକୁ ଆମେ ମନୋନୟନ କରିଥାଉ ।

## ଦୁଇଟି ପରୀକ୍ଷା ମୂଳକ ପ୍ରଶ୍ନ: ମୋତେ କଣ ପ୍ରେରିତ କରୁଛି ? କିଏ ଗୌରବ ପାଉଛନ୍ତି ?

ଆମେ ମାଂସିକ ଭାବରେ ନା ଆତ୍ମିକ ଭାବରେ କାର୍ଯ୍ୟ କରୁଛୁ, କିପରି ଆମେ ଏହା ନିର୍ଦ୍ଦିଷ୍ଟ କରି କହିପାରିବା ? ଏହାର ପରୀକ୍ଷା ପାଇଁ ଏକ ସରଳ ପ୍ରଶ୍ନ ହେଲା– ''ମୋତେ କ'ଣ ପ୍ରେରିତ କରୁଛି'' ? ଯଦି ଆମେ ଘୃଣା, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମତଭେଦ, ଈର୍ଷା ଇତ୍ୟାଦିର ବଶବର୍ତ୍ତୀ ହୋଇ କାର୍ଯ୍ୟକରୁ (ଗାଲାତୀ ୫:୨୦), ତେବେ ଆମେ ଶାରୀରିକ ଫଳ ଉତ୍ପନ୍ନ କରିବା ଆତ୍ମିକ ଫଳ ନୁହେଁ । ଯଦି ଆମେ ଧାର୍ମିକତା, ଶାନ୍ତି, ଆନନ୍ଦ, ପରସ୍ପରର ନିଷ୍ଠା ଜନ୍ମାଇବା ଓ ଅନୁରୂପ ବିଷୟ ସବୁକୁ ନେଇ (ରୋମୀ ୧୪:୧୭–୧୯) କାର୍ଯ୍ୟ କରୁ ତେବେ ଆତ୍ମିକ ଫଳ ଉତ୍ପନ୍ନ କରିବା ।

ଅନ୍ୟ ଏକ ପରୀକ୍ଷାମୂଳକ ପ୍ରଶ୍ନ ହେଲା, ''କିଏ ଗୌରବ ପାଉଛନ୍ତି'' ? ଯଦି ଖ୍ରୀଷ୍ଟ ଉଚ୍ଚୀକୃତ, ଉନ୍ନୀତ ଓ ଗୌରବାନ୍ୱିତ ହେଉଛନ୍ତି ତେବେ ଆମେ ଯାହା କରୁଛୁ ତାହା ଆତ୍ମାଙ୍କ ଦ୍ୱାରା ସାଧିତ ହେଉଛି । ଯଦି ଏଥିରେ ମିଶ୍ରିତ ଗୌରବ ରହିଥାଏ ଅର୍ଥାତ୍ ଯୀଶୁଙ୍କ ସମେତ ମୁଁ ଓ ମୋର ସେବାକାର୍ଯ୍ୟ ଗୌରବ ପାଇଥାଉ ତେବେ ଆମର କାର୍ଯ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ ।

## ପବିତ୍ର ଆତ୍ମା ପ୍ରକାଶ କରିଥାନ୍ତି 'କେଉଁଠି', 'କେବେ' ଓ 'କିପରି'

ପ୍ରେରିତ ପୁସ୍ତକରେ ଆମେ ଦେଖୁ ଯେ ପବିତ୍ର ଆତ୍ମା କାର୍ଯ୍ୟ ନିର୍ଦ୍ଦେଶ ଦେଇଛନ୍ତି ଏବଂ ବିଶ୍ୱାସୀମାନେ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟକରିଛନ୍ତି । ପବିତ୍ର ଆତ୍ମା ପ୍ରକାଶ କରିଛନ୍ତି କେଉଁଠି, କେବେ ଓ କିପରି ଏବଂ ବିଶ୍ୱାସୀମାନେ ଉକ୍ତ ନିର୍ଦ୍ଦେଶ ଅନୁଯାୟୀ ଅଗ୍ରସର ହୋଇଛନ୍ତି ।

*ପ୍ରେରିତ ୮:୨୯*

*୨୯ସେତେବେଳେ ଆତ୍ମା ଫିଲିପ୍‌ପଙ୍କୁ କହିଲେ, ''ନିକଟକୁ ଯାଇ ଏହି ରଥର ସାଙ୍ଗ ଧର''।*

ଇଥିୟୋପୀୟ ନପୁଂସକକୁ ସାକ୍ଷାତ କରିବା ନିମନ୍ତେ ପବିତ୍ର ଆତ୍ମା ଅତି ଅନୁକୂଳ ସମୟରେ ଚାଳନା ଦେଇଥିଲେ । ଏହି ଇଥିୟୋପୀୟ  ବ୍ୟକ୍ତି ଯେଉଁ ଅବସ୍ଥାରେ ଥିଲେ ସେତେବେଳେ ଫିଲିପ୍‌ପ ତାଙ୍କୁ ପ୍ରଭୁଙ୍କ କଥା କହି ସହଜରେ ଯୀଶୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ନେଇ ପାରିଥିଲେ ।

*ପ୍ରେରିତ ୧୦:୧୯,୨୦*

*୧୯ପିତର ସେହି ଦର୍ଶନ ବିଷୟ ଚିନ୍ତା କରୁଥିବା ସମୟରେ ଆତ୍ମା ତାଙ୍କୁ କହିଲେ, ''ଦେଖ, ତିନି ଜଣ ଲୋକ ତୁମ୍ଭକୁ ଖୋଜୁଅଛନ୍ତି । ୨୦ଉଠ, ତଳକୁ ଯାଇ କିଛି ସନ୍ଦେହ ନ କରି ସେମାନଙ୍କ ସାଙ୍ଗରେ ଯାଅ, କାରଣ ଆମ୍ଭେ ସେମାନଙ୍କୁ ପଠାଇ ଅଛୁ ।''*

*ପ୍ରେରିତ ୧୧:୧୨*

*୧୨ପୁଣି, କିଛି ସନ୍ଦେହ ନ କରି ସେମାନଙ୍କ ସାଙ୍ଗରେ ଯିବା ନିମନ୍ତେ ଆତ୍ମା ମୋତେ କହିଲେ। ଆଉ, ଏହି ଛଅ ଜଣ ଭାଇ ମଧ୍ୟ ମୋ ସାଙ୍ଗରେ ଗଲେ । ପୁଣି ଆମ୍ଭେମାନେ ସେହି ବ୍ୟକ୍ତିଙ୍କ ଗୃହରେ ପ୍ରବେଶ କଲୁ ।*

ସନ୍ଦେହ ନ କରି କର୍ଣ୍ଣୀଲୟଙ୍କ ନିକଟକୁ ଯିବା ପାଇଁ ପବିତ୍ର ଆତ୍ମା ହିଁ ପିତରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ଦ୍ୱାରା ଅଣଯିହୁଦୀମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାର ଦ୍ୱାର ଉନ୍ମୁକ୍ତ ହୋଇଗଲା ।

ଏଠାରେ ଲକ୍ଷ୍ୟ କରିବା କଥା ଯେ ଉଭୟ, ଫିଲିପ୍‌ପ ଓ ପିତରଙ୍କୁ କ'ଣ କରିବାକୁ ହେବ ସେ ବିଷୟରେ ପବିତ୍ର ଆତ୍ମା ସେମାନଙ୍କୁ ଦୀର୍ଘ, ବିଶଦ, ବର୍ଣ୍ଣନାତ୍ମକ ନିର୍ଦ୍ଦେଶ ଦେଇ ନଥିଲେ । କ'ଣ ଘଟିବ, କାର୍ଯ୍ୟଟି କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ସେ କିଛି ପ୍ରକାଶ କରିନଥିଲେ । ଫିଲିପ୍‌ପଙ୍କ କ୍ଷେତ୍ରରେ ସୁସମାଚାର ଆଫ୍ରିକାରେ ପହଞ୍ଚି ପାରିଥିଲା । ପିତରଙ୍କ କ୍ଷେତ୍ରରେ ଅଣଯିହୁଦୀମାନଙ୍କ ନିକଟରେ ପ୍ରଥମ କରି ସୁସମାଚାର ପ୍ରଚାରିତ ହେବାକୁ ଯାଉଥିଲା । ଉଭୟ କ୍ଷେତ୍ରରେ ରାଜ୍ୟର ବୃଦ୍ଧି ଓ ବିସ୍ତୃତି ଦୃଷ୍ଟିରୁ କାର୍ଯ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଥିଲା । ତଥାପି ପବିତ୍ର ଆତ୍ମାଙ୍କ ନିର୍ଦ୍ଦେଶ ଅତି ସଂକ୍ଷିପ୍ତ ଓ ସରଳ ଥିଲା । ଛୋଟ ଛୋଟ କବ୍‌ଜାରେ ବଡ଼ବଡ଼ କବାଟ ବୁଲିଥାଏ । ଆତ୍ମାଙ୍କ ସରଳ ନିର୍ଦ୍ଦେଶ ମାନିଲେ ମହତ୍ ବିଷୟମାନ ସାଧିତ ହୋଇଥାଏ ।

*ପ୍ରେରିତ ୧୩:୨–୪*
*୨ସେମାନେ ପ୍ରଭୁଙ୍କ ସେବା ଓ ଉପବାସ କରୁଥିବା ସମୟରେ ପବିତ୍ର ଆତ୍ମା କହିଲେ, ''ଯେଉଁ କର୍ମ ନିମନ୍ତେ ଆମ୍ଭେ ବର୍ଣ୍ଣବ୍‌ବା ଓ ଶାଉଲକୁ ଆହ୍ୱାନ କରିଅଛୁ, ସେଥିପାଇଁ ସେମାନଙ୍କୁ ପୃଥକ୍ କର ।'' ୩ସେଥିରେ ସେମାନେ ଉପବାସ ଓ ପ୍ରାର୍ଥନା କଲା ଉତ୍ତାରେ ସେମାନଙ୍କ ଉପରେ ହସ୍ତାର୍ପଣ କରି ସେମାନଙ୍କୁ ବିଦାୟ ଦେଲେ । ୪ଏହି ପ୍ରକାରେ ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରେରିତ ହୋଇ ସେଲୂକିଆକୁ ଗଲେ, ସେଠାରୁ ସେମାନେ ଜାହାଜରେ ଚଢ଼ି କୁପ୍ରକୁ ଗଲେ ।*

ପବିତ୍ର ଆତ୍ମା ହିଁ ବର୍ଣ୍ଣବା ଓ ଶାଉଲଙ୍କୁ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ତାଙ୍କର ସେବାକାର୍ଯ୍ୟ ନିମନ୍ତେ ଆହ୍ୱାନ କରିଥିଲେ । ''ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରେରିତ ହୋଇ'' ଗଲେ ।

ପବିତ୍ର ଆତ୍ମା ଯେପରି ତାଙ୍କର ଇଚ୍ଛାମତେ ମଣ୍ଡଳୀର ଲୋକଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ନିର୍ଦ୍ଦିଷ୍ଟ କାର୍ଯ୍ୟ ନିମନ୍ତେ ସେମାନଙ୍କୁ ଆହ୍ୱାନ କରନ୍ତି ଏଥିପାଇଁ ଆମେ ତାହାଙ୍କ ଉପରେ ନିର୍ଭର କରିବା ଆବଶ୍ୟକ । ଯଦି ସେମାନଙ୍କୁ ମଣ୍ଡଳୀ ବାହାରେ ସେବାକାର୍ଯ୍ୟ କରିବାକୁ ପଠାଇବା ଆବଶ୍ୟକ ହୋଇପଡ଼େ, ତେବେ ଆମେ ତାହା କରିବାକୁ ହେବ । ସେମାନେ ଯେପରି ଆତ୍ମାଙ୍କ ଇଚ୍ଛାକୁ ପାଳନ କରିପାରିବେ ଏଥିନିମନ୍ତେ ଆମେ ସେମାନଙ୍କୁ ଆଶୀର୍ବାଦ କରି ପ୍ରେରଣ କରିବାକୁ ହେବ ।

*ପ୍ରେରିତ ୧୬:୬-୧୦*
*⁶ସେମାନେ ଏସିଆରେ ବାକ୍ୟ ପ୍ରଚାର କରିବାକୁ ପବିତ୍ର ଆତ୍ମାଙ୍କ ଦ୍ୱାରା ନିବାରିତ ହୋଇ
ଫ୍ରୁଗିଆ ଓ ଗାଲାତୀୟ ଅଞ୍ଚଳ ଦେଇ ଯାତ୍ରା କଲେ । ⁷ଆଉ, ସେମାନେ ମୁସିଆ ନିକଟରେ
ଉପସ୍ଥିତ ହୋଇ ବୀଥୁନିଆକୁ ଯିବା ପାଇଁ ଚେଷ୍ଟା କଲେ, କିନ୍ତୁ ଯୀଶୁଙ୍କର ଆତ୍ମା ସେମାନଙ୍କୁ
ଅନୁମତି ଦେଲେ ନାହିଁ । ⁸ସେମାନେ ମୁସିଆ ପାଖ ଦେଇ ତ୍ରୋୟାକୁ ଆସିଲେ । ⁹ଆଉ,
ରାତ୍ରି କାଳରେ ପାଉଲ ଗୋଟିଏ ଦର୍ଶନ ପାଇଲେ, ମାକିଦନିଆର ଜଣେ ଲୋକ ଠିଆ ହୋଇ
ତାଙ୍କୁ ବିନତି କରି କହୁଅଛି, "ମାକିଦନିଆକୁ ପାର ହୋଇ ଆସି ଆମ୍ଭମାନଙ୍କର ଉପକାର
କର"। ¹⁰ସେ ଏହି ଦର୍ଶନ ପାଇଲା ପରେ ଆମ୍ଭେମାନେ ତତ୍କ୍ଷଣାତ୍ ମାକିଦନିଆକୁ ଯିବା
ପାଇଁ ଚେଷ୍ଟା କଲୁ, କାରଣ ସେମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ଈଶ୍ୱର
ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି ବୋଲି ଆମ୍ଭେମାନେ ବୁଝିଲୁ।*

ସମଗ୍ର ଜଗତକୁ ଯାଇ ସମସ୍ତଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ନିମନ୍ତେ ପ୍ରଭୁ ଯୀଶୁଙ୍କର ମହାନ୍ ଆଦେଶ ରହିଅଛି । ତଥାପି ଏଠାରେ ଆମେ ଦେଖୁ ଯେ ପବିତ୍ର ଆତ୍ମା ପାଉଲ ଓ ତାଙ୍କ ଦଳକୁ ଏସିଆ ଓ ବିଥୁନିଆକୁ ଯାଇ ସୁସମାଚାର ପ୍ରଚାର କରିବାକୁ ସେହି ନିର୍ଦ୍ଦିଷ୍ଟ ସମୟରେ ମନା କଲେ । ତା ପରିବର୍ତ୍ତେ ସେମାନଙ୍କୁ ମାକିଦନିଆକୁ ଯାଇ କାର୍ଯ୍ୟ କରିବାକୁ ସେ ଚାଳନା ଦେଲେ ।

ରାଜ୍ୟର କାର୍ଯ୍ୟ ନିମନ୍ତେ ଆମେ କେଉଁ ସମୟରେ, କେଉଁ ସ୍ଥାନକୁ ଓ କିପରି ଯିବା ତାହା ପବିତ୍ର ଆତ୍ମା ସଠିକ୍ ରୂପେ ଜାଣନ୍ତି ।

*୨ କରିନ୍ଥୀୟ ୧:୧୫-୧୭*
*¹⁵ଆଉ, ତୁମ୍ଭେମାନେ ଯେପରି ଦ୍ୱିତୀୟ ଥର ଅନୁଗ୍ରହ ଲାଭ କରିପାର, ¹⁶ପୁଣି, ତୁମ୍ଭମାନଙ୍କ
ନିକଟ ଦେଇ ମାକିଦନିଆକୁ ଯାଇ ଓ ପୁନର୍ବାର ମାକିଦନିଆରୁ ତୁମ୍ଭମାନଙ୍କ ନିକଟକୁ ଆସି
ତୁମ୍ଭମାନଙ୍କ ସାହାଯ୍ୟରେ ଯିହୁଦା ପ୍ରଦେଶକୁ ଯାତ୍ରା କରିପାରେ, ଏଥିପାଇଁ ମୁଁ ସେହି ବିଶ୍ୱାସରେ
ପ୍ରଥମରେ ତୁମ୍ଭମାନଙ୍କ ନିକଟକୁ ଯିବା ପାଇଁ ଇଚ୍ଛା କରୁଥିଲି । ¹⁷ତେବେ ଏହି ପ୍ରକାର ଇଚ୍ଛା
କରିବାରେ ମୁଁ କ'ଣ ଲଘୁଭାବରେ ଆଚରଣ କରିଥିଲି? ଅବା, ମୁଁ ଯାହା ସଙ୍କଳ୍ପ କରିଥାଏ,
ତାହା କ'ଣ ସାଂସାରିକ ଭାବରେ କରିଥାଏ ଯେ, ମୋହର କଥା ହଁ ଓ ନା ଉଭୟ ହୁଏ ?*

ଆତ୍ମାଙ୍କ ପ୍ରେରଣାରେ ପ୍ରସ୍ତୁତ ଯୋଜନାକୁ ଆମେ ଅନୁସରଣ କରିବାକୁ ହେବ । ଯଦିବା ଆମେ କୌଣସି ଯୋଜନା ପ୍ରସ୍ତୁତ କରିଥାଉ ବା କୌଣସି ଉଦ୍ଦେଶ୍ୟ ରଖିଥାଉ ତାହା ପବିତ୍ର ଆତ୍ମାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବା ଆବଶ୍ୟକ ।

ରାଜ୍ୟର କାର୍ଯ୍ୟ ମାନବୀୟ ବୁଦ୍ଧିରେ କରାଯାଇ ପାରିବ ନାହିଁ । ରାଜ୍ୟର କାର୍ଯ୍ୟ ନିମନ୍ତେ ଆତ୍ମାଙ୍କ ଦ୍ୱାରା ଚାଳିତ ରାଜ୍ୟ ସମ୍ବନ୍ଧୀୟ ଚିନ୍ତନ ଆବଶ୍ୟକ । ଏଥିନିମନ୍ତେ ଈଶ୍ୱରଙ୍କ ବାକ୍ୟରେ ନୂତନୀକୃତ ମନ ଆବଶ୍ୟକ ହୋଇଥାଏ । ଅର୍ଥାତ୍ ଯେଉଁ ମନ ଈଶ୍ୱରଙ୍କ ମାର୍ଗରେ ଓ ଈଶ୍ୱରଙ୍କ ଚିନ୍ତାଧାରା ଅନୁଯାୟୀ ଚିନ୍ତା କରିଥାଏ ।

## ଆତ୍ମାଙ୍କ ଚାଳନା ବିଭିନ୍ନ ମାର୍ଗରେ ଆସିଥାଏ

*ରୋମୀୟ ୮:୧୬*

*[୧୬]ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି ।*

ଆତ୍ମା ଯଦି ନିର୍ଦ୍ଦେଶ ଦିଅନ୍ତି ତାଙ୍କର ସେହି ଚାଳନାକୁ ଶୁଣିବାକୁ ବା ଜାଣିବା ପାଇଁ ଶିକ୍ଷିତ ହେବା ଆବଶ୍ୟକ ।
ପବିତ୍ର ଆତ୍ମା ବିଭିନ୍ନ ମାର୍ଗରେ ଆମକୁ କଥା କହିଥାନ୍ତି :

- ଲିଖିତ ବାକ୍ୟକୁ ଜୀବନ୍ତ କରନ୍ତି
- ଶାନ୍ତ କ୍ଷୁଦ୍ର ଆନ୍ତରିକ ସାକ୍ଷ୍ୟ (ପ୍ରଭାବ) ଦିଅନ୍ତି
- ଆପଣ ଆତ୍ମାରେ ଏକ ସୂଚନାର ଝଲକ ପାଇଥାନ୍ତି
- ଆନ୍ତରିକ ଭାବେ ଜାଣି ପାରନ୍ତି
- ଆପଣା ଆତ୍ମାରେ ଈଶ୍ୱରଙ୍କ ଶାନ୍ତି ବା ଅନ୍ୟ କିଛି ପ୍ରଭାବ/ଅନୁଭବ ଲାଭ କରନ୍ତି
- କୌଣସି ଧାରଣା ବା ଛବି ଜାଗ୍ରତ ହୁଏ ଯାହା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ପ୍ରକାଶ କରେ
- ଭାବବାଣୀ ମାଧ୍ୟମରେ
- ସ୍ୱପ୍ନ ଓ ଦର୍ଶନ ମାଧ୍ୟମରେ
- ପ୍ରତ୍ୟକ୍ଷ ପ୍ରକାଶନ ଦ୍ୱାରା
- ଅନ୍ୟାନ୍ୟ ମାର୍ଗରେ

## ପବିତ୍ର ଆତ୍ମାଙ୍କ ସହିତ ଏକ ନିରବଚ୍ଛିନ୍ନ ସହଭାଗିତା ରକ୍ଷା କରିବା ଅତ୍ୟାବଶ୍ୟକ

*୨ କରିନ୍ଥୀୟ ୧୩:୧୪*

*[୧୪]ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ, ଈଶ୍ୱରଙ୍କ ପ୍ରେମ ଓ ପବିତ୍ର ଆତ୍ମାଙ୍କ ସହଭାଗିତା ତୁମ୍ଭ ସମସ୍ତଙ୍କ ସହବର୍ତ୍ତୀ ହେଉ । ଆମେନ୍ ।*

ପବିତ୍ର ଆତ୍ମା ଈଶ୍ୱରଙ୍କ ସଙ୍ଗେ ସାହଚର୍ଯ୍ୟ, ନିରବଚ୍ଛିନ୍ନ ସହଭାଗିତା ରକ୍ଷା କରି ଚାଲିବାକୁ ଆମେ ଆହ୍ୱାନ ପ୍ରାପ୍ତ ଅଟୁ । ପବିତ୍ର ଆତ୍ମାଙ୍କ ସହିତ ସାହଚର୍ଯ୍ୟ ରକ୍ଷା କରି ଚାଲିବାର ଅର୍ଥ ପବିତ୍ର ଆତ୍ମାଙ୍କ ସହିତ ନିରବଚ୍ଛିନ୍ନ ଯୋଗାଯୋଗ ରକ୍ଷା କରିବା । ସର୍ବଦା ଆମେ ତାହାଙ୍କ ସ୍ୱର ଶୁଣିବାକୁ ପ୍ରସ୍ତୁତ ରହିବାକୁ ହେବ ଏବଂ ଆମେ ତାହାଙ୍କ କଥା ଶୁଣିବାକୁ ହେବ ଓ ତାଙ୍କୁ ଆମରି କଥା କହିବାକୁ ହେବ । ଏପରି ହେଲେ ଆମେ ଜାଣିବା କେତେବେଳେ ସେ କଥା କହିଛନ୍ତି ଓ ତାଙ୍କ ନିର୍ଦ୍ଦେଶସମୂହକୁ ଆମେ ଆଉ ହରାଇବା ନାହିଁ ।

ନିୟମିତ ପ୍ରାର୍ଥନା ଓ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ପାଇଁ ସମୟ ଅଲଗା କରିବା ଗୁରୁତ୍ୱପୂର୍ଣ୍ଣ । ଆମ ମନର ନୂତନୀକରଣ ଓ ପ୍ରଭୁଙ୍କ ସଙ୍ଗେ ସଂଯୁକ୍ତ ହୋଇ ରହିବା ନିମନ୍ତେ ଏହା ସାହାଯ୍ୟ କରେ ।

ଅନ୍ତରରେ ଶାନ୍ତି ପ୍ରାପ୍ତ ହୋଇ ଚାଲିବା ନିଶ୍ଚିତତା ପ୍ରଦାନ କରିଥାଏ ଯେ ଆମେ ତାହାଙ୍କ ପ୍ରଭାବରେ ଚାଲୁଅଛୁ । ଆମର ଚାରିପାର୍ଶ୍ୱରେ ଅଶାନ୍ତ ପରିବେଶ ରହିଥିଲେ ହେଁ ଆମର ଅନ୍ତରରେ ଶାନ୍ତି ବିରାଜିତ ରହେ ଓ ଅନ୍ତର ଉତ୍ତେଜନା−ରହିତ ରହେ, କାରଣ ଆମେ ଆମ ବୋଧର ଅଗମ୍ୟ ଈଶ୍ୱରଙ୍କ ଶାନ୍ତି ପ୍ରାପ୍ତ ହୋଇ ଚାଲିଥାଉ । ପବିତ୍ର ଆତ୍ମା କପୋତ ସଦୃଶ, ଯେଉଁମାନେ ଶାନ୍ତିରେ ଚାଲନ୍ତି ସେମାନଙ୍କ ଉପରେ ସେ ଅବସ୍ଥାନ କରନ୍ତି । ଶାନ୍ତିରେ ଚାଲିବାର ଅର୍ଥ ଶାନ୍ତିଦାତା ଈଶ୍ୱରଙ୍କଠରେ ରହି ଚାଲିବା, ଯେକି ଶତ୍ରୁକୁ ଆମ ପଦ ତଳେ ଦଳି ପକାନ୍ତି (ରୋମୀୟ ୧୬:୨୦)।

ଆମେ ଆମର ହୃଦୟ, ଜୀବନ ଓ ଉଦ୍ଦେଶ୍ୟକୁ ଶୁଚି ରଖିବାକୁ ହେବ । ଶୁଚି ଅନ୍ତଃକରଣ ଆମ ପ୍ରତି ଈଶ୍ୱରଙ୍କ ପ୍ରକାଶନକୁ ପ୍ରଭାବିତ କରିଥାଏ, କାରଣ ଯେଉଁମାନଙ୍କର ହୃଦୟ ନିର୍ମଳ ସେମାନେ ହିଁ ଈଶ୍ୱରଙ୍କ ‘‘ଦର୍ଶନ’’ ଲାଭ କରିବେ (ମାଥିଉ ୫:୮) । ନିର୍ମଳ ହୃଦୟ ପରିବର୍ତ୍ତେ ଶାରୀରିକ ଅଭିଳାଷରୁ ଜାତ ମନୋଭାବରଖି ଯଦି ଆମେ ଈଶ୍ୱରଙ୍କ ବିଷୟ ‘‘ଦର୍ଶନ’’ କରୁ ଆମେ ଈଶ୍ୱରଙ୍କର ଏକ ଅସ୍ପଷ୍ଟ ଛବି ପାଇଥାଉ, ଏଥିରେ ଈଶ୍ୱରଙ୍କର ‘‘ପ୍ରକାଶନ’’ ବାସ୍ତବ ହୋଇ ନଥାଏ । ଏହାକୁ ଆମେ ଭ୍ରାନ୍ତମତ କହିଥାଉ । ପବିତ୍ର ଆତ୍ମା

ପବିତ୍ର ଅଟନ୍ତି । ତେଣୁ ଯେଉଁମାନେ ପବିତ୍ରତାରେ ଆନନ୍ଦ କରନ୍ତି ସେମାନଙ୍କ ଉପରେ ସେ ପ୍ରସନ୍ନ ହୋଇଥାନ୍ତି । ‘‘ମାତ୍ର ସଦାପ୍ରଭୁ ଆପଣା ପାଇଁ ସଦ୍‌ଭକ୍ତ ଲୋକକୁ ପୃଥକ୍ କରି ରଖିଅଛନ୍ତି, ଏହା ଜ୍ଞାତ ହୁଅ’’ (ଗୀତ ୪:୩) ।

ପ୍ରେମରେ ଆଚରଣ କରିବା ଦ୍ୱାରା ଆତ୍ମାଙ୍କ ସହିତ ଏହି ସହଭାଗିତା ରକ୍ଷା ସମ୍ଭବ ହୋଇଥାଏ । *‘‘ଈଶ୍ୱର ତ ପ୍ରେମ, ଯେ ପ୍ରେମରେ ରହେ, ସେ ଈଶ୍ୱରଙ୍କଠାରେ ରହେ ଓ ଈଶ୍ୱର ତାହାଠାରେ ରହନ୍ତି’’* (୧ ଯୋହନ ୪:୧୬) । ଯଦି ଆମେ ପ୍ରେମରେ ଚାଲୁନାହିଁ ତେବେ ଆମେ ତାଙ୍କ ସହିତ ଚାଲି ନ ପାରୁ ବା ଆତ୍ମାରେ ଆଚରଣ କରି ନ ପାରୁ ।

## ଆତ୍ମାଙ୍କ ସମୟକୁ ଜାଣିବା ଅତ୍ୟାବଶ୍ୟକ

କାର୍ଯ୍ୟ ନିମନ୍ତେ ଆତ୍ମାଙ୍କ ନିର୍ଦ୍ଧାରିତ ସମୟକୁ ଜାଣିବା ଗୁରୁତ୍ୱପୂର୍ଣ୍ଣ ବିଷୟ – ଅର୍ଥାତ୍ କାର୍ଯ୍ୟକୁ ତୁରନ୍ତ, ପରେ ବା ଭବିଷ୍ୟତରେ ପୂର୍ବରୁ କରିବାକୁ ହେବ ତାହା ଜାଣିବାକୁ ହେବ ।

ଅନେକ ସମୟରେ ସେ କହନ୍ତି ‘‘ନିକଟକୁ ଯାଇ ଏହି ରଥର ସାଙ୍ଗ ଧର’’ (ପ୍ରେରିତ ୮:୨୯) । ଏହାକୁ ତୁରନ୍ତ ବିନା ପ୍ରଶ୍ନରେ ପାଳନ କରିବାକୁ ହେବ, ନ ହେଲେ ଆମେ ଈଶ୍ୱରଙ୍କ ଯୋଜନାକୁ ହରାଇପାରୁ । ଅନ୍ୟ ସମୟରେ ସେ କହନ୍ତି ଓ ଆମେ ପ୍ରାର୍ଥନା, ପ୍ରସ୍ତୁତି ନିମନ୍ତେ ସମୟ ପାଉ ଓ ତାହାଙ୍କ ନିର୍ଦ୍ଦେଶକୁ ପାଳନ କରୁ (ପ୍ରେରିତ ୧୩:୧–୪)

## ଆତ୍ମାରେ ପ୍ରାର୍ଥନା କଲେ ଈଶ୍ବରଙ୍କ ଉଦ୍ଦେଶ୍ୟସକଳକୁ ବୁଝିବା ପାଇଁ ମୋର ଆତ୍ମା ପ୍ରସ୍ତୁତ ହୋଇଥାଏ

*୧ କରିନ୍ଥୀୟ ୨:୯,୧୦,୧୬*

*[୯]କିନ୍ତୁ ଯେପରି ଲେଖାଅଛି, ‘‘ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇ ନାହିଁ, ସେ ସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରି ଅଛନ୍ତି ।’’ [୧୦]କିନ୍ତୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ଆତ୍ମାଙ୍କ ଦ୍ୱାରା ସେସମସ୍ତ ପ୍ରକାଶ କରିଅଛନ୍ତି, ଯେଣୁ ଆତ୍ମା ସମସ୍ତ ବିଷୟ, ହଁ, ଈଶ୍ୱରଙ୍କର ଗଭୀର ବିଷୟ ସବୁ ଅନୁସନ୍ଧାନ କରନ୍ତି । [୧୬]କାରଣ କିଏ ପ୍ରଭୁଙ୍କ ମନ ଜାଣିଅଛି ଯେ ସେ ତାହାଙ୍କୁ ଶିକ୍ଷା ଦେଇପାରେ ? କିନ୍ତୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ମନ ପାଇଅଛୁ ।*

ଈଶ୍ୱର ଆମମାନଙ୍କ ପାଇଁ ଯାହାସବୁ ପ୍ରସ୍ତୁତ କରିଅଛନ୍ତି, ତାହା ପବିତ୍ର ଆତ୍ମା ହିଁ ଆମ ନିକଟରେ ପ୍ରକାଶ କରିଥାନ୍ତି । ଏସବୁ ବିଷୟ ଆମ ନିମନ୍ତେ ନିଗୂଢ଼ ବିଷୟ ହୋଇପାରେ–

ଅର୍ଥାତ୍ ଯାହା ଆମ ଚକ୍ଷୁ ଦେଖି ନାହିଁ, ଆମର କର୍ଣ୍ଣ ଶୁଣି ନାହିଁ, କି ଆମରି ମନ କଳ୍ପନା କରି ନାହିଁ । କିନ୍ତୁ ପବିତ୍ର ଆତ୍ମା ଏହି ନିଗୂଢ଼ ବିଷୟମାନ ଆମ ନିକଟରେ ପ୍ରକାଶ କରିଥାନ୍ତି । ଏଣୁ ଆମେ ଖ୍ରୀଷ୍ଟଙ୍କ ମନ ଧାରଣ କରିଥାଉ – କାରଣ ପବିତ୍ର ଆତ୍ମା ଆମ ନିକଟରେ ପ୍ରକାଶ କରିବା ଯୋଗୁଁ ଆମେ ଆମ ନିମନ୍ତେ ଖ୍ରୀଷ୍ଟଙ୍କ ମନରେ ଥିବା ଚିନ୍ତା, ଯୋଜନା ଓ ଉଦ୍ଦେଶ୍ୟ ସମୂହକୁ ଜାଣିପାରି ଥାଉ ।

*୧ କରିନ୍ଥୀୟ ୧୪:୨*
*[୨] କାରଣ ଯେ ପରଭାଷାରେ କହେ, ସେ ମନୁଷ୍ୟକୁ କଥା କହେ ନାହିଁ, କିନ୍ତୁ ଈଶ୍ୱରଙ୍କୁ କହେ, ଯେଣୁ କେହି ତାହା ବୁଝେ ନାହିଁ, ମାତ୍ର ସେ ଆତ୍ମା ଦ୍ୱାରା ନିଗୂଢ଼ ବିଷୟ କହେ ।*

ଆମେ ଆତ୍ମାଙ୍କ ଦ୍ୱାରା ପ୍ରାର୍ଥନା କଲେ ନିଗୂଢ଼ ବିଷୟସବୁ କହିଥାଉ । ଆମେ ନିରାପଦରେ କହିପାରୁ ଏସବୁ ନିଗୂଢ଼ ବିଷୟର କିଛି ଅଂଶ ଅର୍ଥାତ୍ ଆମମାନଙ୍କ ବ୍ୟକ୍ତିଗତ ଜୀବନ ନିମନ୍ତେ ଈଶ୍ୱରଙ୍କ ଚିନ୍ତା, ଯୋଜନା ଓ ଉଦ୍ଦେଶ୍ୟ ସକଳ ଈଶ୍ୱର ଆମ ନିମନ୍ତେ ପ୍ରସ୍ତୁତ କରିଛନ୍ତି ।

## ଆତ୍ମାରେ ପ୍ରାର୍ଥନା କରିବା ଦ୍ୱାରା ଈଶ୍ୱରଙ୍କ ଇଚ୍ଛା ମୋର ଇଚ୍ଛା ହୋଇଥାଏ

*ଏବ୍ରୀ ୫:୭–୯*
*[୭-୮] ଯେ ତାହାଙ୍କୁ ମୃତ୍ୟୁରୁ ରକ୍ଷା କରିବାକୁ ସମର୍ଥ ତାହାଙ୍କ ନିକଟରେ ସେ ଆପଣା ପାର୍ଥିବ ଜୀବନରେ ଥିବା ସମୟରେ ପ୍ରବଳ ଆର୍ତ୍ତନାଦ ଓ ଅଶ୍ରୁ ସହକାରେ ପ୍ରାର୍ଥନା ଓ ବିନତି ଉତ୍ସର୍ଗ କରିଥିଲେ, ଆଉ ଉତ୍ତର ସ୍ୱରୂପେ ଆଶଙ୍କାରୁ ରକ୍ଷା ପାଇ ପୁତ୍ର ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ । [୯] ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।*

ଏଠାରେ ଲକ୍ଷ୍ୟ କରିବା ବିଷୟ ଏହି ଯେ ଧର୍ମଶାସ୍ତ୍ର କହେ ପ୍ରଭୁ ଯୀଶୁ ଯେଉଁ ସବୁରେ ଦୁଃଖଭୋଗ କଲେ ସେଥିରୁ "ଆଜ୍ଞାବହତା ଶିକ୍ଷା କଲେ" । ସେ "ଆଜ୍ଞାବହତା ଶିକ୍ଷା କଲେ", ଯଦ୍ଦ୍ୱାରା ପିତାଙ୍କ ଇଚ୍ଛା ତାହାଙ୍କ ନିଜସ୍ୱ ଇଚ୍ଛାରେ ପରିଣତ ହୋଇଥିଲା । ଆମେ ଜାଣୁ ଏହା ଗେଥ୍ସିମାନୀ ଉଦ୍ୟାନରେ ଘଟିଥିଲା ।

*ମାଥିଉ ୨୬:୩୮,୩୯,୪୨*

*[୩୮] ସେତେବେଳେ ସେ ସେମାନଙ୍କୁ କହିଲେ, ‘‘ମୋହର ପ୍ରାଣ ମୃତ୍ୟୁଭୋଗ କରିବା ପରି ଅତ୍ୟନ୍ତ ଶୋକାକୁଳ ହେଉଅଛି, ତୁମ୍ଭେମାନେ ଏଠାରେ ରହି ମୋ ସାଙ୍ଗରେ ଜାଗିଥାଅ ।’’*
*[୩୯] ପୁଣି, ସେ ଅଳ୍ପ ଦୂର ଆଗକୁ ଯାଇ ଉବୁଡ଼ ହୋଇ ପ୍ରାର୍ଥନା କରୁ କରୁ କହିଲେ, ‘‘ହେ ମୋହର ପିତା, ଯଦି ହୋଇ ପାରେ, ତେବେ ଏହି ପାନପାତ୍ର ମୋ’ଠାରୁ ଦୂର ହେଉ; ତଥାପି ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ।’’*
*[୪୨] ପୁନର୍ବାର ସେ ଦ୍ୱିତୀୟ ଥର ଯାଇ ପ୍ରାର୍ଥନା କରି କହିଲେ, ‘‘ହେ ମୋହର ପିତା, ପାନ ନ କଲେ ଏହି ପାତ୍ର ଯଦି ମୋ’ଠାରୁ ଦୂର ହୋଇ ନପାରେ, ତେବେ ତୁମ୍ଭର ଇଚ୍ଛା  ସଫଳ ହେଉ’’ ।*

ପ୍ରାର୍ଥନା ଆମକୁ ପରିବର୍ତ୍ତିତ କରିଥାଏ । ଆମର ଇଚ୍ଛାକୁ ପିତାଙ୍କ ଇଚ୍ଛାରେ ପରିଣତ କରିବା ଦିଗରେ ପ୍ରାର୍ଥନା ସାହାଯ୍ୟ କରିଥାଏ । ପ୍ରାର୍ଥନା ସମୟରେ ଈଶ୍ୱର ଆମମାନଙ୍କ ହୃଦୟରେ କାର୍ଯ୍ୟ କରନ୍ତି ଓ ଆମର ଇଚ୍ଛା, ବାଞ୍ଛା ଓ ସ୍ୱପ୍ନସବୁକୁ ତାହାଙ୍କ ଇଚ୍ଛା, ଯୋଜନା ଓ ଉଦ୍ଦେଶ୍ୟ ମୁତାବକ ପରିବର୍ତ୍ତିତ କରନ୍ତି ।

*ରୋମୀୟ ୮:୨୬,୨୭*

*[୨୬] ଆଉ, ସେହି ପ୍ରକାରେ ଆତ୍ମା ମଧ୍ୟ ଆମ୍ଭମାନଙ୍କ ଦୁର୍ବଳତାରେ ସାହାଯ୍ୟ କରନ୍ତି; କାରଣ କ’ଣ ପ୍ରାର୍ଥନା କରିବା ଉଚିତ, ତାହା ଆମ୍ଭେମାନେ ଜାଣୁ ନାହିଁ, କିନ୍ତୁ ଆତ୍ମା ସ୍ୱୟଂ ଅକଥନୀୟ ଆର୍ତ୍ତନାଦରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରନ୍ତି ।*
*[୨୭] ପୁଣି, ଯେ ଆମ୍ଭମାନଙ୍କ ହୃଦୟ ଅନୁସନ୍ଧାନ କରନ୍ତି, ସେ ଆତ୍ମାଙ୍କ ଭାବ କ’ଣ, ତାହା ଜାଣନ୍ତି, କାରଣ ସେ ଈଶ୍ୱରଙ୍କ ଇଚ୍ଛାନୁସାରେ ସାଧୁମାନଙ୍କ ନିମନ୍ତେ ନିବେଦନ କରନ୍ତି ।*

ଆମେମାନେ ଆପଣା ଭାଷାରେ ପ୍ରାର୍ଥନା କରିପାରୁ, ତଥାପି ଈଶ୍ୱର ପ୍ରାର୍ଥନାରେ ସାହାଯ୍ୟ କରିବା ପାଇଁ ଜଣେ ଶକ୍ତିଶାଳୀ ସାହାଯ୍ୟକାରୀଙ୍କୁ ଅର୍ଥାତ୍ ପବିତ୍ର ଆତ୍ମାଙ୍କୁ ଆମମାନଙ୍କୁ ଦେଇଛନ୍ତି ଏବଂ ସେ ଆମମାନଙ୍କୁ ପ୍ରାର୍ଥନା କରିବାରେ ସାହାଯ୍ୟ କରିଥାନ୍ତି । ଆମେ ପରଭାଷାରେ ପ୍ରାର୍ଥନା କଲେ ଆତ୍ମାଙ୍କ ଦ୍ୱାରା ପ୍ରାର୍ଥନା କରୁ । ଆମେ ଜାଣୁ ଯେ ଆତ୍ମାଙ୍କଠାରୁ ନିର୍ଗତ ପ୍ରାର୍ଥନାରେ ସର୍ବଦା ଈଶ୍ୱରଙ୍କ ଇଚ୍ଛା ନିହିତ ଥାଏ । ତେଣୁ ଆତ୍ମାଙ୍କ ଦ୍ୱାରା ପ୍ରାର୍ଥନା କରିବା ଆମର ଇଚ୍ଛାକୁ ତାହାଙ୍କ ଇଚ୍ଛାରେ ପରିବର୍ତ୍ତନ କରିବା ପାଇଁ  ଏକ ସୁଯୋଗର ସମୟ ହୋଇଥାଏ ।

## ଆତ୍ମାଙ୍କର ଏକ କାର୍ଯ୍ୟକୁ ଜନ୍ମ ଦେବା–'ମରିୟମଙ୍କ ପ୍ରତି ଘଟିଥିବା ଆଶ୍ଚର୍ଯ୍ୟକର୍ମ'ରୁ କେତେକ ଶିକ୍ଷା

ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର କୁମାରୀ ମରିୟମଙ୍କ ଗର୍ଭରେ ନରରୂପେ ଜନ୍ମ ନେବା ପବିତ୍ର ଆତ୍ମାଙ୍କର ଏକ ବାସ୍ତବ କାର୍ଯ୍ୟ ଥିଲା । ଈଶ୍ୱର ଆମମାନଙ୍କ ଦେଇ ଯେଉଁସବୁ କାର୍ଯ୍ୟ କରନ୍ତି ସେସବୁ ଈଶ୍ୱରଙ୍କ ପୁତ୍ରଙ୍କର ଜନ୍ମ ସଙ୍ଗେ ଆଦୌ ତୁଳନୀୟ ନୁହେଁ । ତେବେ 'ମରିୟମଙ୍କ ପ୍ରତି ଆଶ୍ଚର୍ଯ୍ୟ କର୍ମ' ଘଟଣାରୁ ଈଶ୍ୱର କିପରି ଆତ୍ମାଙ୍କର ବିଭିନ୍ନ କାର୍ଯ୍ୟକୁ ମନୁଷ୍ୟ ମଧ୍ୟ ଦେଇ ସାଧନ କରନ୍ତି ସେ ସମ୍ବନ୍ଧରେ ଅନେକ ଶିକ୍ଷା ମିଳିଥାଏ ।

### ୧. ଆତ୍ମାଙ୍କ କାର୍ଯ୍ୟ ଉପଯୁକ୍ତ ସମୟରେ ପୃଥିବୀରେ ପ୍ରକାଶିତ ହୋଇଥାଏ

*ଆଦି ୩:୧୫*

*୧୫ ଆଉ ଆମ୍ଭେ ତୁମ୍ଭର ଓ ନାରୀର ମଧ୍ୟରେ, ପୁଣି ତୁମ୍ଭ ବଂଶ ଓ ତାଙ୍କ ବଂଶ ମଧ୍ୟରେ ବୈରଭାବ ଜନ୍ମାଇବା; ସେ ତୁମ୍ଭର ମସ୍ତକକୁ ଆଘାତ କରିବ ଓ ତୁମ୍ଭେ ତାହାଙ୍କ ଗୋଇଠିକି ଆଘାତ କରିବ ।*

*ଗାଲାତୀ ୪:୪*

*୪ କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣା କଲେ, ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧୀନ ହେଲେ ।*

ନାରୀର ''ବଂଶ'' ବିଷୟରେ ଏଦନ ଉଦ୍ୟାନରେ ଭବିଷ୍ୟବାଣୀ କରାଯାଇଥିଲେ ହେଁ ପ୍ରାୟ ଚାରି ହଜାର ବର୍ଷ ପରେ ହିଁ ଖ୍ରୀଷ୍ଟ ଏହି ଜଗତକୁ ଆଗମନ କରିଥିଲେ । ସମୟର ପୂର୍ଣ୍ଣତା ଆସିଲେ ହିଁ ଈଶ୍ୱରଙ୍କ କାର୍ଯ୍ୟ ଜଗତରେ ପ୍ରକାଶିତ ହୋଇଥାଏ ।

ଈଶ୍ୱର ଯେଉଁ କାର୍ଯ୍ୟ ନିମନ୍ତେ ଆମକୁ ଆହ୍ୱାନ କରନ୍ତି ସେ ଆମକୁ ଆଗରୁ ସେ ବିଷୟରେ କହନ୍ତି, ଏପରିକି ଅନେକ ବର୍ଷ ଆଗରୁ ସେ ଆମକୁ କହିଥାନ୍ତି । କିନ୍ତୁ ସେ ତାହାଙ୍କ କାର୍ଯ୍ୟକୁ ଉପଯୁକ୍ତ ସମୟରେ ଆମମାନଙ୍କ ମାଧ୍ୟମରେ ପ୍ରକାଶ କରିଥାନ୍ତି ।

### ୨. ଆତ୍ମାଙ୍କ କାର୍ଯ୍ୟ ସାଧାରଣ ଲୋକଙ୍କ ମାଧ୍ୟମରେ ପ୍ରକାଶିତ ହୋଇଥାଏ

*ଯିଶାଇୟ ୭:୧୪*

*୧୪ ଏହେତୁ ପ୍ରଭୁ ଆପେ ତୁମ୍ଭମାନଙ୍କୁ ଏକ ଚିହ୍ନ ଦେବେ, ଦେଖ, ଏକ କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁୟେଲ (ଆମ୍ଭମାନଙ୍କ ସହିତ ପରମେଶ୍ୱର) ରଖିବ ।*

ଈଶ୍ୱର ଯେତେବେଳେ ତ୍ରାଣକର୍ତ୍ତାଙ୍କୁ ଜଗତକୁ ପ୍ରେରଣ କରିବାକୁ ଚାହିଁଲେ ସେ କୌଣସି ରାଜକୁମାରୀ ବା ଉଚ୍ଚ ଶିକ୍ଷିତା ନାରୀକୁ ମନୋନୀତ କରି ନଥିଲେ । ସେ ମଧ୍ୟ କୌଣସି ନାରୀକୁ ମନୋନୀତ କରିନଥିଲେ ଯାହାର ଶିଶୁ ଜନ୍ମ ଓ ପ୍ରସବ କରିବାରେ ଯଥେଷ୍ଟ ଅନୁଭବ ରହିଥିବ । ତା'ପରିବର୍ତ୍ତେ ସେ ଏକ କ୍ଷୁଦ୍ର, ନଗଣ୍ୟ, ଅନୁଭୂତି ନଥିବା କୁମାରୀ ମରିୟମଙ୍କୁ ବାଛିଥିଲେ ।

ଆମ ଦୃଷ୍ଟିରେ ଜଗତର ତ୍ରାଣକର୍ତ୍ତା, ଈଶ୍ୱରଙ୍କ ପୁତ୍ରଙ୍କୁ ଜନ୍ମଦେବା ପାଇଁ ପ୍ରସବ ଅନୁଭୂତି ନଥିବା ଜଣେ କୁମାରୀଙ୍କୁ ମନୋନୟନ କରି ଈଶ୍ୱର ଏକ ସଂକଟଜନକ ସ୍ଥିତିକୁ ନିମନ୍ତ୍ରଣ କଲେ । ଯଦି ଗର୍ଭପାତ ହୋଇଥିଲେ କ'ଣ ହୋଇଥାନ୍ତା ? ଯଦି ଗର୍ଭଧାରଣ ସମୟରେ ସେ (ମରିୟମ) ନିଜର ଯତ୍ନ ନ ନେଇଥିଲେ କ'ଣ ହୁଅନ୍ତା ?

ତେବେ ଈଶ୍ୱରଙ୍କ ଦୃଷ୍ଟିରେ ଫଳାଫଳ ତାଙ୍କ ଉପରେ ନିର୍ଭର କରେ, ଆମ ଉପରେ ନୁହେଁ । ସେ କେବଳ ଆମର ଉପଲବ୍ଧିତା, ଆମର ବାଧ୍ୟତା ଓ ଆମର ନିର୍ଭରତା ଚାହାନ୍ତି । ମରିୟମଙ୍କ ପ୍ରତ୍ୟୁତ୍ତର ଥିଲା ଯେ ପ୍ରଭୁଙ୍କ ନିମନ୍ତେ ସେ ଉପଲବ୍ଧ ଅଛନ୍ତି । ସେ କହିଲେ, *''ଦେଖନ୍ତୁ, ମୁଁ ପ୍ରଭୁଙ୍କ ଦାସୀ, ଆପଣଙ୍କ ବାକ୍ୟାନୁସାରେ ମୋ ପ୍ରତି ଘଟୁ'' (ଲୂକ ୧:୩୮)* । ଈଶ୍ୱରଙ୍କ ନିଶ୍ଚିତତାର ବାଣୀ ଥିଲା, *''ଯେ ବିଶ୍ୱାସ କଲେ ସେ ଧନ୍ୟ, କାରଣ ପ୍ରଭୁଙ୍କଠାରୁ ତାଙ୍କୁ ଯାହାଯାହା କୁହାଯାଇଅଛି, ସେହିସବୁ ସଫଳ ହେବ'' (ଲୂକ ୧:୪୫) ।*

ଈଶ୍ୱର ତାଙ୍କ ଅନନ୍ତକାଳୀନ ରାଜ୍ୟର କାର୍ଯ୍ୟ ସାଧାରଣ ଲୋକଙ୍କ ଉପରେ ନ୍ୟସ୍ତ କରିବା ପାଇଁ ଭୟ କରି ନ ଥାନ୍ତି ।

## ୩. ଆତ୍ମାଙ୍କ କାର୍ଯ୍ୟ ଅମିଶ୍ରିତ ରୂପେ କରାଯିବା ଉଚିତ ଓ ତାହାଙ୍କ ଆତ୍ମାଙ୍କ ଦ୍ୱାରା ହିଁ ଜନ୍ମିତ ହେବାକୁ ହେବ

*ଲୂକ ୧:୩୫*

*୩୫ ଦୂତ ତାଙ୍କୁ ଉତ୍ତର ଦେଲେ, ''ପବିତ୍ର ଆତ୍ମା ତୁମ୍ଭ ଉପରେ ଅବତରଣ କରିବେ ଓ ପରାତ୍ପରଙ୍କ ଶକ୍ତି ତୁମ୍ଭକୁ ଆବୋରିବେ, ଏଣୁ ଯେ ଜାତ ହେବେ, ସେ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ ।*

ଈଶ୍ୱର ଆମମାନଙ୍କ ଦ୍ୱାରା ଯେଉଁ କାର୍ଯ୍ୟ କରିବାକୁ ଯାଉଛନ୍ତି । ତାହା ତାହାଙ୍କ ଆତ୍ମାଙ୍କ ଦ୍ୱାରା ହିଁ ଜନ୍ମିତ ହେବା ଆବଶ୍ୟକ, ଶାରୀରିକ କାର୍ଯ୍ୟ ଦ୍ୱାରା ଏହା କଳୁଷିତ ନ ହେବା ଉଚିତ । ଶାରୀରିକ ବିଷୟକୁ ନା କହିବା ଓ ଆତ୍ମାଙ୍କ ବିଷୟକୁ ହଁ କହିବା ପାଇଁ ଆମେ ସ୍ୱେଚ୍ଛାକୃତ ଭାବରେ ସିଦ୍ଧାନ୍ତ ନେବାକୁ ହେବ ।

## ୪. ଆତ୍ମାଙ୍କ କାର୍ଯ୍ୟ ବାଧାର କାରଣ ହୋଇପାରେ

*ମାଥିଉ ୧:୧୯*

*[୧୯] ଏଥିରେ ତାଙ୍କ ସ୍ୱାମୀ ଯୋଷେଫ ଧାର୍ମିକ ଥିବାରୁ ଏବଂ ତାଙ୍କୁ ପ୍ରକାଶ୍ୟରେ ନିନ୍ଦାର ପାତ୍ର କରିବାକୁ ଇଚ୍ଛା ନ କରିବାରୁ ଗୋପନରେ ତାଙ୍କୁ ପରିତ୍ୟାଗ କରିବାକୁ ସ୍ଥିର କଲେ ।*

ଯଦିଓ ମରିୟମ ଈଶ୍ୱରଙ୍କ ପୁତ୍ରଙ୍କୁ ଗର୍ଭରେ ଧାରଣ କଲେ, ଏହା ତାଙ୍କ ପାଇଁ ଲଜ୍ଜା ଅପମାନର କାରଣ ହୋଇଥିଲା । ସେ ଏହି ଗର୍ଭଧାରଣ ବିଷୟରେ ତାଙ୍କ ନିଜ ପରିବାର, ତାଙ୍କ ପଡ଼ୋଶୀଗଣଙ୍କୁ ଏବଂ ସର୍ବୋପରି ଯୋଷେଫଙ୍କୁ, ଯାହାଙ୍କ ସହିତ ତାଙ୍କର ବିବାହ ନିର୍ବନ୍ଧ ହୋଇସାରିଛି, ଏ ସମସ୍ତଙ୍କୁ କିପରି ବୁଝାଇବେ ? ସେ ଯେ ଦୂତକ ଦର୍ଶନ ପାଇଛନ୍ତି ଓ ପବିତ୍ର ଆତ୍ମାଙ୍କ ଶକ୍ତିରେ ଗର୍ଭଧାରଣ କରିଛନ୍ତି ଏସବୁ କଥା କିଏବା ବିଶ୍ୱାସ କରିବ ?

ତଥାପି, ଈଶ୍ୱର ଯାହାଙ୍କୁ କହିବା ଉଚିତ ଥିଲା ତାଙ୍କୁ କହିଥିଲେ । ଈଶ୍ୱର ସ୍ୱପ୍ନ ମାଧ୍ୟମରେ ଯୋଷେଫଙ୍କୁ କହିଲେ । ପବିତ୍ର ଆତ୍ମା ମଧ୍ୟ ମରିୟମଙ୍କ ଜ୍ଞାତି ଏଲିଶାବେଥିଙ୍କ ଦ୍ୱାରା ସାକ୍ଷ୍ୟ ପ୍ରଦାନ କଲେ ।

ଅନେକ ସମୟରେ ଆମମାନଙ୍କ ଜୀବନରେ ଈଶ୍ୱରଙ୍କର ପ୍ରକୃତ କାର୍ଯ୍ୟ ହେବାବେଳେ ଆମେମାନେ ଅପମାନିତ ହୋଇପାରୁ । ଲୋକେ ଆମ କଥା ବୁଝି ନପାରନ୍ତି। ଅନେକେ ଆମକୁ ଭୁଲ ବୁଝିପାରନ୍ତି । ଏହାର ଅର୍ଥ ନୁହେଁ ଯେ ଆମେ ଯାହା କରୁଛୁ ତାହା ଈଶ୍ୱରଙ୍କ ଆଡୁ ହେଉ ନାହିଁ । ଆତ୍ମାଙ୍କ କାର୍ଯ୍ୟ ବାସ୍ତବ । କିନ୍ତୁ ଆମ ଚତୁଃପାର୍ଶ୍ୱର ଲୋକ ତାହା ବୁଝି ନ ପାରନ୍ତି । ତଥାପି ଅପମାନ, ବିଶୃଙ୍ଖଳା, ଲଜ୍ଜା, ଅବୁଝାମଣା, ନିରୁତ୍ସାହ ସତ୍ତ୍ୱେ ଅତି କମ୍ ଲୋକ ଏ ସତ୍ୟକୁ ବୁଝିବେ, କାରଣ ପ୍ରଭୁ ସେମାନଙ୍କ ହୃଦୟରେ କଥା କହିବେ । ତେବେ ଯେଉଁମାନେ ଈଶ୍ୱରଙ୍କ ଦ୍ୱାରା ନ୍ୟସ୍ତକାର୍ଯ୍ୟ ଆପଣ କଲା ବେଳେ ଆପଣଙ୍କୁ ସାହାଯ୍ୟ କରିବେ ଓ ଆଗକୁ ବଢ଼ିବା ପାଇଁ ଉତ୍ସାହ ପ୍ରଦାନ କରିବେ ସେମାନଙ୍କ ସଙ୍ଗେ ସମ୍ପର୍କ ରକ୍ଷା କରି ରହନ୍ତୁ ।

## ୫. ଆତ୍ମାଙ୍କ କାର୍ଯ୍ୟ ସାଧାରଣ ସ୍ୱାଭାବିକ ପ୍ରଣାଳୀରେ ପ୍ରକାଶିତ ହୁଏ

*୧ କରିନ୍ଥୀୟ ୧୫:୧୦*

*[୧୦] କିନ୍ତୁ, ମୁଁ ଯାହା ହୋଇଅଛି, ତାହା ଈଶ୍ୱରଙ୍କ ଅନୁଗ୍ରହରେ ହୋଇଅଛି, ଆଉ ମୋ ପ୍ରତି ପ୍ରଦତ୍ତ ତାହାଙ୍କର ସେହି ଅନୁଗ୍ରହ ବ୍ୟର୍ଥ ହୋଇ ନାହିଁ, ମାତ୍ର ମୁଁ ସେ ସମସ୍ତଙ୍କ ଅପେକ୍ଷା ଅଧିକ*

*ପରିଶ୍ରମ କରିଅଛି, ତଥାପି ମୁଁ ନୁହେଁ, କିନ୍ତୁ ମୋ ସହିତ ଥିବା ଈଶ୍ୱରଙ୍କ ଅନୁଗ୍ରହ ତାହା କରିଅଛି ।*

ଗର୍ଭଧାରଣ ଏକ ଆଶ୍ଚର୍ଯ୍ୟ କର୍ମ ହୋଇ ଥିଲେ ହେଁ ମରିୟମ ଦୀର୍ଘ ନ'ମାସ ଧରି ଅର୍ଥାତ୍ ପୂର୍ଣ୍ଣ ସମୟ ଶିଶୁକୁ ଗର୍ଭରେ ଧାରଣ କଲେ । ଈଶ୍ୱର କାହିଁକି ଏଥିରେ ଆଶ୍ଚର୍ଯ୍ୟ କର୍ମ ନ କଲେ ? ପ୍ରଥମ ଦିନ ଗର୍ଭ ଧାରଣ । ଦ୍ୱିତୀୟ ଦିନ ଗର୍ଭ ଧାରଣ ସମ୍ପୂର୍ଣ୍ଣ । ତୃତୀୟ ଦିନ ସନ୍ତାନ ପ୍ରସବ ! ଦେଖନ୍ତୁ, ଶିଶୁ ତିନି ଦିନରେ ଜନ୍ମ ନେଲେ ! ଏହା କ'ଣ ଈଶ୍ୱରଙ୍କ ପୁତ୍ର ମଶିହଙ୍କ ଜଗତକୁ ଆଗମନ କରିବାର ନିଶ୍ଚିତ ଚିହ୍ନ ହୋଇପାରି ନଥାନ୍ତା ?

ତେବେ ସେପରି କିଛି ହୋଇ ନଥିଲା । ଗର୍ଭଧାରଣ ଅଲୌକିକ ଓ ଆତ୍ମାଙ୍କ କାର୍ଯ୍ୟ ହେଲେ ମଧ୍ୟ ମରିୟମ ଗର୍ଭଧାରଣ ଓ ପ୍ରସବ ନିମନ୍ତେ ଉଦ୍ଦିଷ୍ଟ ସାଧାରଣ ସ୍ୱାଭାବିକ ପ୍ରକ୍ରିୟା ମଧ୍ୟ ଦେଇ ଯାଇଥିଲେ ।

ଠିକ୍ ସେପରି ଈଶ୍ୱର ତାହାଙ୍କ ଆତ୍ମାଙ୍କ ଦ୍ୱାରା ଆମ ମଧ୍ୟରେ ତାହାଙ୍କ କାର୍ଯ୍ୟ ଆରମ୍ଭ କରନ୍ତି । କିନ୍ତୁ ଆମେ ଈଶ୍ୱରଙ୍କ ସହକର୍ମୀ ଭାବରେ ତାହାଙ୍କ ଅନୁଗ୍ରହର ଶକ୍ତିରେ ପୃଥିବୀରେ ତାଙ୍କ କାର୍ଯ୍ୟକୁ ସାଧନ କରିବାକୁ ହେବ । ପୃଥିବୀରେ ତାହାଙ୍କ କାର୍ଯ୍ୟକୁ ପ୍ରକାଶ କରିବା ପାଇଁ ଆମକୁ ସାଧାରଣ ସ୍ୱାଭାବିକ ରୀତିରେ କାର୍ଯ୍ୟସାଧନ କରିବାକୁ ହେବ । ତ୍ୟାଗ, କଠିନ ପରିଶ୍ରମ, ଅଧ୍ୟବସାୟ ସହିତ, ଯୋଜନା ବଦ୍ଧ, ସଂଗଠିତ ହୋଇ କାର୍ଯ୍ୟକୁ ଆବଶ୍ୟକତା ଅନୁଯାୟୀ ସଂଚାଳକ ଓ ସମ୍ପାଦନ କରିବାକୁ ହେବ । ପ୍ରେରିତ ପାଉଲ କହନ୍ତି ଯେ ଅନ୍ୟ ପ୍ରେରିତମାନଙ୍କ ତୁଳନାରେ ସେ ଅଧିକ ପରିଶ୍ରମ କରିଛନ୍ତି ।

## ୬. ଈଶ୍ୱରଙ୍କ ନିରୂପିତ ସ୍ଥାନରେ ନପହଞ୍ଚିବା ଯାଏଁ ଆମେ ବାରମ୍ବାର ବନ୍ଦ ଦ୍ୱାରର ସମ୍ମୁଖୀନ ହୋଇପାରୁ

*ଲୂକ ୨:୭*

*୭ ପୁଣି ସେ ଆପଣା ପ୍ରଥମଜାତ ପୁତ୍ର ପ୍ରସବ କଲେ ଏବଂ ତାହାଙ୍କୁ ଲୁଗାରେ ଗୁଡ଼ାଇ ଗୁହାଳ କୁଣ୍ଡରେ ଶୁଆଇଲେ, କାରଣ ବସାଘରେ ସେମାନଙ୍କ ପାଇଁ ସ୍ଥାନ ନଥିଲା ।*

ଈଶ୍ୱର ନିଶ୍ଚିତ ରୂପେ ଜାଣିଥିଲେ ଈଶ୍ୱରଙ୍କ ପୁତ୍ର କେଉଁ ଦିନ କେଉଁ ସମୟରେ ଜନ୍ମ ଗ୍ରହଣ କରିବେ । ତେବେ ଆଶ୍ଚର୍ଯ୍ୟର କଥା ଏହି ଯେ ପିତା ଯଦିଓ ଯୀଶୁଙ୍କ ଜନ୍ମ ସମୟ ଜାଣିଥିଲେ ସେ ତାଙ୍କ ନିମନ୍ତେ ବସାଘରେ ଏକ ବଖରା 'ସଂରକ୍ଷିତ' କରି ରଖି ନ ଥିଲେ।

ଆମେ ଅନୁମାନ କରିପାରୁ ଯେ ମରିୟମ ଓ ଯୋଷେଫ ବେଥଲିହିମକୁ ଯାତ୍ରା କଲାବେଳେ ମରିୟମ, ନିଶ୍ଚିତ ଥିବେ ଯେ ସେମାନେ ପହଞ୍ଚି ପହଞ୍ଚି ପ୍ରଥମ ବସା ଘରେ ଏକ ପରିଷ୍କାର ଆରାମଦାୟକ ବଖରା ପାଇଯିବେ । ନିଶ୍ଚିତ ରୂପେ ଈଶ୍ୱର ତାଙ୍କ ପୁତ୍ରଙ୍କ ଜନ୍ମ ନିମନ୍ତେ ସବୁ ପ୍ରକାର ବ୍ୟବସ୍ଥା କରିବେ । ତେବେ କଳ୍ପନା କରନ୍ତୁ ସେମାନଙ୍କୁ କିପରି ଆଘାତ ଲାଗିଥିବ, ନିରାଶା ଓ ନିରୁତ୍ସାହ ଭାବ ଆସିଥିବ ଯେତେବେଳେ ସେମାନେ ସବୁ ବସାଗୃହ ବୁଲି ସବୁକୁ ପରିପୂର୍ଣ୍ଣ ଦେଖିଥିବେ ଓ ସେମାନଙ୍କୁ  ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିଥିବ, କୌଣସି ଜାଗାରେ ସେମାନେ ସ୍ଥାନ ପାଇଲେ ନାହିଁ । ଶେଷରେ ମରିୟମ ଓ ଯୋଷେଫ ଅନେକ ବସାଗୃହକୁ ଯାଇ ବିଫଳ ହେବା ପରେ ଶେଷରେ ଜଣେ ବ୍ୟକ୍ତି ତାଙ୍କ ଗୁହାଳରେ ରହିବାକୁ କହିଲେ । ସେଠାରେ ହିଁ ଯୀଶୁ ଜନ୍ମ ହେବାକୁ ଥିଲା ।

ନିଶ୍ଚିତରୂପେ ସେମାନେ ଈଶ୍ୱରଙ୍କ ପୁତ୍ରଙ୍କ ଜନ୍ମ ଏକ ଗୁହାଳରେ ହେବ ବୋଲି କେବେହେଲେ କଳ୍ପନା କରି ନଥିବେ ! କିନ୍ତୁ ସେହି ରାତ୍ରିରେ ଈଶ୍ୱରଙ୍କ ପୁତ୍ର ସେହି ସ୍ଥାନରେ ହିଁ ଜନ୍ମ ଗ୍ରହଣ କରିବାକୁ ଯାଉଥିଲେ ।

ଆମ ମଧ୍ୟ ଦେଇ ହେଉଥିବା ଈଶ୍ୱରଙ୍କ କାର୍ଯ୍ୟ ପ୍ରକାଶ କରିବାକୁ ଉଦ୍ୟତ ହେବାବେଳେ ବନ୍ଦ ଦ୍ୱାର ସବୁ ଦେଖି ଆମେ ନିରୁତ୍ସାହିତ ହେବା ଅନୁଚିତ । ବନ୍ଦ ଦ୍ୱାର ସୂଚାଏ ଯେ ଈଶ୍ୱର ଆମ ମଧ୍ୟ ଦେଇ ଯେଉଁ କାର୍ଯ୍ୟ ପ୍ରକାଶ କରିବାକୁ ଯାଉଛନ୍ତି ସେଥି ନିମନ୍ତେ ତାଙ୍କ ଦ୍ୱାରା ନିରୂପିତ ସ୍ଥାନକୁ ଯିବା ପାଇଁ ସେ ଆମକୁ ନିର୍ଦ୍ଦେଶ ଦେଉଛନ୍ତି । ଈଶ୍ୱରଙ୍କର ସେହି ନିରୂପିତ ସ୍ଥାନରେ ତାହାଙ୍କ କାର୍ଯ୍ୟର ପ୍ରକାଶନ ନିମନ୍ତେ ଆମକୁ ସେହି ସ୍ଥାନରେ ପହଞ୍ଚିବା ଯାଏଁ ଆମକୁ ଅଗ୍ରସର ହେବାକୁ ହେବ ।

## ୭. ଆତ୍ମାଙ୍କ କାର୍ଯ୍ୟ ପ୍ରାୟତଃ ସରଳ, ବିନୀତ ଭାବରେ ଆରମ୍ଭ ହୋଇଥାଏ

କଳ୍ପନା କରନ୍ତୁ ତ ସମଗ୍ର ବିଶ୍ୱର ଈଶ୍ୱର, ଜଗତର ତ୍ରାଣକର୍ତ୍ତା, ରାଜାମାନଙ୍କ ରାଜା ପଶୁମାନେ ଖାଦ୍ୟ ଖାଉଥିବା ଗୁହାଳ କୁଣ୍ଡରେ ଜନ୍ମ ନେଲେ । ନିଶ୍ଚିତ ରୂପେ ଈଶ୍ୱର ଚାହିଁଥିଲେ ଅନ୍ୟ ବ୍ୟବସ୍ଥା କରି ପାରିଥାନ୍ତେ । ହୁଏତ ସେ ବେଥଲିହିମର ଏକ ଉତ୍ତମ ବସାଗୃହରେ ଭଲ ବଖରାର ବ୍ୟବସ୍ଥା କରିପାରିଥାନ୍ତେ ବା ଏକ ରାଜପ୍ରସାଦ ବା ଜଣେ ଧନୀବ୍ୟକ୍ତିର ଗୃହକୁ ଏଥିଲାଗି ମନୋନୀତ କରିଥାନ୍ତେ । କିନ୍ତୁ ସେ ସବୁଠୁ ନିକୃଷ୍ଟ ସ୍ଥାନ ଅର୍ଥାତ୍ ଗୁହାଳକୁ ମନୋନୀତ କଲେ  ।

ଈଶ୍ୱର ତାଙ୍କ କାର୍ଯ୍ୟର ପ୍ରକାଶନକୁ କ୍ଷୁଦ୍ର ମାର୍ଗରେ କରିଥାନ୍ତି । ଏହି ସରଳ ଆରମ୍ଭ ମଧ୍ୟ ଈଶ୍ୱରଙ୍କ କାର୍ଯ୍ୟ ଏବଂ ସାରା ପୃଥିବୀକୁ ପ୍ରଭାବିତ କରିବା ନିମନ୍ତେ ପ୍ରାୟତଃ ଏହା ଉଦ୍ଦିଷ୍ଟ ଥାଏ ।

ଈଶ୍ୱର ଆପଣା କାର୍ଯ୍ୟ ସମ୍ବନ୍ଧରେ କହନ୍ତି, *''ପରାକ୍ରମ ଦ୍ୱାରା ନୁହେଁ, କିଅବା ବଳ ଦ୍ୱାରା ନୁହେଁ, ମାତ୍ର ଆମ୍ଭର ଆତ୍ମାଦ୍ୱାରା''* (ଯିଖରିୟ ୪:୬) । ଏହି ପ୍ରସଙ୍ଗରେ ସେ ମଧ୍ୟ ଆମକୁ କହନ୍ତି, *''କାରଣ କ୍ଷୁଦ୍ରକ୍ଷୁଦ୍ର ବିଷୟର ଦିନକୁ କିଏ ତୁଚ୍ଛ ଜ୍ଞାନ କରିଅଛି''?* (ଯିଖରିୟ ୪:୧୦) । କ୍ଷୁଦ୍ର କ୍ଷୁଦ୍ର ଆରମ୍ଭର ଦିନକୁ, ବିନୀତ ରୂପେ ଆରମ୍ଭର ଦିନକୁ ତୁଚ୍ଛ ଜ୍ଞାନ କରନ୍ତୁ ନାହିଁ ।

## ୮. ଆତ୍ମାଙ୍କ କାର୍ଯ୍ୟକୁ ସୁରକ୍ଷିତ ରଖିବା ଓ ଯତ୍ନ ନେବା ଆବଶ୍ୟକ

*ଲୂକ ୨:୪୦*

*[୪୦]ଆଉ ଶିଶୁ ବୃଦ୍ଧି ପାଇବାକୁ ଲାଗିଲେ ଓ ଜ୍ଞାନରେ ପୂର୍ଣ୍ଣ ହେଉ ହେଉ ଶକ୍ତିମାନ ହେଲେ,*
*ପୁଣି ଈଶ୍ୱରଙ୍କ ଅନୁଗ୍ରହ ତାହାଙ୍କ ଉପରେ ଥିଲା ।*

*ମାଥିଉ ୨:୧୨–୧୬*

*[୧୨]ପରେ ହେରୋଦଙ୍କ ନିକଟକୁ ବାହୁଡ଼ି ନ ଯିବାକୁ ସ୍ୱପ୍ନରେ ପ୍ରତ୍ୟାଦେଶ ପାଇ ସେମାନେ*
*ଅନ୍ୟ ପଥ ଦେଇ ସ୍ୱଦେଶକୁ ପ୍ରସ୍ଥାନ କଲେ । [୧୩]ସେମାନେ ପ୍ରସ୍ଥାନ କଲା ଉତ୍ତାରେ, ଦେଖ,*
*ପ୍ରଭୁଙ୍କର ଜଣେ ଦୂତ ସ୍ୱପ୍ନରେ ଯୋଷେଫଙ୍କୁ ଦର୍ଶନ ଦେଇ କହିଲେ, ''ଉଠ, ଶିଶୁ ଓ ମାତାଙ୍କୁ*
*ଘେନି ମିସରକୁ ପଳାଅ, ପୁଣି ଆମ୍ଭେ ତୁମ୍ଭକୁ ନ କହିବା ପର୍ଯ୍ୟନ୍ତ ସେଠାରେ ରୁହ, କାରଣ*
*ଶିଶୁଙ୍କୁ ବିନାଶ କରିବା ନିମନ୍ତେ ହେରୋଦ ତାହାଙ୍କୁ ଅନ୍ୱେଷଣ କରିବାକୁ ଉଦ୍ୟତ''। [୧୪-*
*୧୫]ଏଥିରେ ସେ ଉଠି ରାତ୍ରିରେ ଶିଶୁ ଓ ତାହାଙ୍କ ମାତାଙ୍କୁ ଘେନି ମିସରକୁ ପଳାଇଗଲେ, ଆଉ*
*ହେରୋଦଙ୍କ ମରଣ ପର୍ଯ୍ୟନ୍ତ ସେଠାରେ ରହିଲେ, ଯେପରି ଭାବବାଦୀଙ୍କ ଦ୍ୱାରା ପ୍ରଭୁଙ୍କ ଉକ୍ତ*
*ଏହି ବାକ୍ୟ ସଫଳ ହୁଏ, ''ମିସରରୁ ଆମ୍ଭେ ଆପଣା ପୁତ୍ରଙ୍କୁ ଆହ୍ୱାନ କଲୁ ।'' [୧୬]ଇତି*
*ମଧ୍ୟରେ ହେରୋଦ ପଣ୍ଡିତମାନଙ୍କ ଦ୍ୱାରା ଆପଣାକୁ ପ୍ରବଞ୍ଚିତ ହେବା ଦେଖି କ୍ରୋଧାନ୍ଧ*
*ହୋଇଗଲେ, ଆଉ ସେମାନଙ୍କ ନିକଟରୁ ସୂକ୍ଷ୍ମରୂପେ ଯେଉଁ ସମୟ ବୁଝିଥିଲେ, ତଦନୁସାରେ*
*ଦୁଇବର୍ଷ ଓ ସେଥିରୁ ନ୍ୟୂନବୟସ୍କ ଯେତେ ବାଳକ ବେଥଲିହିମ, ପୁଣି ସେଥିର ସମସ୍ତ ସୀମା*
*ମଧ୍ୟରେ ଥିଲେ, ଲୋକ ପଠାଇ ସେହି ସମସ୍ତଙ୍କୁ ବଧ କରାଇଲେ।*

ଅନୁମାନ କରନ୍ତୁ, ମରିୟମ ଯଦି ଶିଶୁଙ୍କୁ ଜନ୍ମ ଦେଇ କହିଥାନ୍ତେ, ‘‘ଏହି ଶିଶୁକୁ ମୁଁ ଶୁଆଇବା, ଗାଧୋଇବା ଓ ଯତ୍ନ ନେବା ଅନାବଶ୍ୟକ, କାରଣ ଏତ ଈଶ୍ୱରଙ୍କ ପୁତ୍ର । ଦୂତମାନେ ତାଙ୍କର ଯତ୍ନ ନେବେ’’ – ତେବେ କ’ଣ ହୁଅନ୍ତା । ଏହା ମୂର୍ଖତା ମାତ୍ର । ଏହା ସତ୍ୟ ଯେ ସେ ଈଶ୍ୱରଙ୍କ ପୁତ୍ର, ମାତ୍ର ପ୍ରତ୍ୟେକ ପିତାମାତା ସ୍ୱାଭାବିକ ରୂପେ ଯେପରି କରିଥାନ୍ତି ମରିୟମ ଓ ଯୋଷେଫ ମଧ୍ୟ ଶିଶୁଙ୍କ ଯତ୍ନ ନେବା, ଲାଳନ ପାଳନ କରିବା ଓ ସୁରକ୍ଷା ପ୍ରତି ଧ୍ୟାନ ଦେବା କାର୍ଯ୍ୟ କରିଥିଲେ ।

ପୃଥିବୀରେ ପ୍ରକାଶିତ ହେବାକୁ ଥିବା ଈଶ୍ୱରଙ୍କ ପ୍ରତ୍ୟେକ କାର୍ଯ୍ୟର ଯତ୍ନ ନେବା ଓ ସୁରକ୍ଷା କରିବା ଆବଶ୍ୟକ । ଆତ୍ମାଙ୍କ କାର୍ଯ୍ୟ ବୋଲି ଏହାର ଯତ୍ନ ନେବାର ଦାୟିତ୍ୱ ଆମର ନୁହେଁ ବୋଲି କୁହାଯାଇ ପାରିବ ନାହିଁ । ବରଂ ଏହାର ଅନନ୍ତକାଳୀନ ଗୁରୁତ୍ୱ ରହିଥିବାରୁ ଈଶ୍ୱରଙ୍କ ଯେଉଁ କାର୍ଯ୍ୟ ଆମ ମାଧ୍ୟମରେ ପ୍ରକାଶ ଲାଭ ହେବାକୁ ଯାଉଛି ତାର ଉତ୍ତମ ଭଣ୍ଡାରଘରିଆ ରୂପେ ଆମକୁ ଆଚରଣ କରିବାକୁ ହେବ ଯେପରିକି ଈଶ୍ୱରଙ୍କ ଉଦ୍ଦେଶ୍ୟ ସଫଳ ହୁଏ ।

# ବ୍ୟକ୍ତିଗତ ପ୍ରୟୋଗ

ପଶ୍ନ ୧. ଆପଣ କାର୍ଯ୍ୟ ସମ୍ବନ୍ଧୀୟ ଯେଉଁସବୁ ନିଷ୍ପତ୍ତି ନିଅନ୍ତି ଓ ଯୋଜନା ପ୍ରସ୍ତୁତ କରନ୍ତି ତା'ପୂର୍ବରୁ ଆତ୍ମାଙ୍କ ସ୍ୱର ଶୁଣିବାକୁ ସମୟ ଦେଇଥାନ୍ତି କି ? ଆପଣ କ'ଣ ଜାଣନ୍ତି କି ଆପଣଙ୍କ ନିଷ୍ପତ୍ତି ଗୁଡ଼ିକ ତାହାଙ୍କ ଦୃଷ୍ଟିରେ ''ଉତ୍ତମ, ସୁଗ୍ରାହ୍ୟ, ସିଦ୍ଧ'' ଅଟେ ?

ପ୍ରଶ୍ନ ୨. ମରିୟମଙ୍କ ପ୍ରତି ଆଶ୍ଚର୍ଯ୍ୟକର୍ମକୁ ସମୀକ୍ଷା କରି ଆତ୍ମାଙ୍କ କାର୍ଯ୍ୟର ଯେଉଁସବୁ ଦୃଷ୍ଟିକୋଣ ବର୍ତ୍ତମାନ ସମୟ ନିମନ୍ତେ ପ୍ରାସଙ୍ଗିକ ତାହା ଆଲୋଚନା କରନ୍ତୁ ।

(ଈଶ୍ୱରଙ୍କ ଆତ୍ମାଙ୍କ ଠାରୁ ଶୁଣିବା ବିଷୟରେ ଅଧିକ ଅଧ୍ୟୟନ ନିମନ୍ତେ APC ପ୍ରକାଶନର "Understanding the Prophetic" ପୁସ୍ତକ ଓ ଆତ୍ମାଙ୍କ ଦ୍ୱାରା ପ୍ରାର୍ଥନା ସମ୍ବନ୍ଧରେ ଅଧିକ ଅଧ୍ୟୟନ ନିମନ୍ତେ APC ପ୍ରକାଶନର "The Wonderful Benefits of Praying in Tongues" ପାଠ କରନ୍ତୁ । ଏହା ବିନା ମୂଲ୍ୟରେ ମିଳେ ।)

## ଚତୁର୍ଥ ଅଧ୍ୟାୟ

# ଈଶ୍ୱରଦତ୍ତ ଦର୍ଶନର ସ୍ୱଭାବ

ଅତଏବ, ହେ ରାଜନ୍ ଆଗ୍ରିପ୍ପା, ମୁଁ ସେହି ସ୍ୱର୍ଗୀୟ ଦର୍ଶନର ଅବାଧ୍ୟ ହେଲି ନାହିଁ (ପ୍ରେରିତ ୨୬:୧୯) ।



# ୪
# ଈଶ୍ବରଦତ୍ତ ଦର୍ଶନର ସ୍ୱଭାବ

ଏହା ଦର୍ଶନ ଓ ସ୍ୱପ୍ନର ସମୟ । 'ଦର୍ଶନ ଓ ସ୍ୱପ୍ନ' କହିଲେ ଆମର ଶୋଇବା ଅବସ୍ଥାରେ ସ୍ୱପ୍ନ ମାଧ୍ୟମରେ ବା ସଜାଗ ରହିଥିବା ସମୟରେ ଦର୍ଶନ ମାଧ୍ୟମରେ ଈଶ୍ୱର ଆମକୁ କଥା କହିବାର ଅଲୌକିକ ଆତ୍ମିକ ଅନୁଭୂତିକୁ କେବଳ ବୁଝାଏ ନାହିଁ । ପବିତ୍ର ଆତ୍ମା ତାହାଙ୍କ ଲୋକମାନଙ୍କ ହୃଦୟ ଓ ମନରେ ଯେଉଁ ଚିନ୍ତା, ଯୋଜନା, ଉଦ୍ଦେଶ୍ୟ, ଲକ୍ଷ୍ୟ ଓ କୌଶଳସମୂହକୁ ଜନ୍ମ ଦିଅନ୍ତି ସେସବୁ ମଧ୍ୟ 'ଦର୍ଶନ ଓ ସ୍ୱପ୍ନ'ର ଅନ୍ତର୍ଭୁକ୍ତ । ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଏସବୁ ବିଷୟ ମନୁଷ୍ୟ ହୃଦୟରେ ଏକ ଧାରଣା, ଏକ ଚିନ୍ତା, ଏକ ଛବି, ଏକ ଅନୁରାଗ ଭାବରେ ପ୍ରଥମେ ସ୍ଥାନ ପାଇଥାଏ ଓ ଏହାକୁ ଆମେ 'ଈଶ୍ୱରଦତ୍ତ ଦର୍ଶନ' କହିଥାଉ ।

*ପ୍ରେରିତ ୨:୧୭,୧୮*

*[୧୭]ଈଶ୍ୱର କହନ୍ତି, ଶେଷ କାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ତୁମ୍ଭମାନଙ୍କର ପୁତ୍ରକନ୍ୟାମାନେ ଭାବବାଣୀ କହିବେ, ଆଉ ତୁମ୍ଭମାନଙ୍କର ଯୁବାମାନେ ଦର୍ଶନ ପାଇବେ, ପୁଣି ତୁମ୍ଭମାନଙ୍କର ପ୍ରାଚୀନମାନେ ସ୍ୱପ୍ନ ଦେଖିବେ ।*
*[୧୮]ହଁ, ସେହି କାଳରେ ଆମ୍ଭେ ନିଜ ଦାସଦାସୀମାନଙ୍କ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ସେମାନେ ଭାବବାଣୀ କହିବେ ।*

ସ୍ୱପ୍ନ ଓ ଦର୍ଶନ ପବିତ୍ର ଆତ୍ମାଙ୍କର ଭାଷା । ଈଶ୍ୱରଙ୍କ ଆତ୍ମା ସ୍ୱପ୍ନ ଓ ଦର୍ଶନ ମାଧ୍ୟମରେ ଆମ ସଙ୍ଗେ ଯୋଗାଯୋଗ କରିଥାନ୍ତି । ହୁଏତ ତାହାଙ୍କ ପ୍ରକାଶନ ଅଲୌକିକ ଆତ୍ମିକ ଅନୁଭୂତି ହୋଇପାରେ କିଅବା ସେ ଆମଠାରେ ଯାହା ଜାଗ୍ରତ କରାନ୍ତି ତାହା ସାଂସାରିକ ଧାରଣା, ଭାବନା, ଛବି, ଇଚ୍ଛା ହୋଇପାରେ ।

ଈଶ୍ୱର ଆମକୁ ଯେଉଁସବୁ ଦର୍ଶନ ଓ ସ୍ୱପ୍ନ ଦିଅନ୍ତି ତା'ର ଉଦ୍ଦେଶ୍ୟ 'ସ୍ୱର୍ଗୀୟ ମନୋରଞ୍ଜନ' ନୁହେଁ । ପ୍ରତ୍ୟେକ ଦର୍ଶନ ଓ ସ୍ୱପ୍ନର ପଛରେ ଏକ ଉଦ୍ଦେଶ୍ୟ ରହିଥାଏ ।

ଅନେକ ସମୟରେ ଏହାଦ୍ୱାରା ଈଶ୍ୱର ପ୍ରକାଶ କରିଥାନ୍ତି ଯେ ସେ ପୃଥିବୀରେ ଆମ ଦ୍ୱାରା କ'ଣ କରିବାକୁ ଚାହାନ୍ତି । ଈଶ୍ୱରଦତ୍ତ ସ୍ୱପ୍ନ ଓ ଦର୍ଶନଗୁଡ଼ିକର ଉଦ୍ଦେଶ୍ୟ ପ୍ରାୟତଃ ରାଜ୍ୟ ସମ୍ବନ୍ଧୀୟ ଅଟେ । ଆଗକୁ ସେସବୁ ପୂରଣ ହେବାକୁ ବାକି ଥାଏ ।

ଆମ ମଧ୍ୟରୁ ଅନେକେ ଈଶ୍ୱରଙ୍କ ପାଇଁ କିଛି କରିବାକୁ ଈଶ୍ୱରଙ୍କଠାରୁ ଦର୍ଶନ, ସ୍ୱପ୍ନ ଓ ତାଙ୍କର ଅଭିମତ ପ୍ରାପ୍ତ ହୋଇଥାଉ । ଆମେ ଏକ ଅର୍ଥପୂର୍ଣ୍ଣ ଜୀବନ ଯାପନ କରିବାକୁ ଚାହୁଁ ଓ ଈଶ୍ୱରଙ୍କ ରାଜ୍ୟରେ କିଛିଟା ପ୍ରଭେଦ ଆଣିବା ଭଳି କାର୍ଯ୍ୟ କରିବାକୁ ଚାହିଁଥାଉ । ଆମେ ଏକ ରାଜ୍ୟ ନିର୍ମାଣକାରୀ ହେବାକୁ ଚାହୁଁ । କିନ୍ତୁ, ଆଜି ଆମେ ଯେଉଁ ସ୍ଥାନରେ ରହିଛୁ ଏଠାରୁ ସେଠାକୁ କିପରି ଯାଇ ପାରିବା ? ଈଶ୍ୱର ଆମ ଜୀବନ ମାଧ୍ୟମରେ ତାହାଙ୍କ ସ୍ୱପ୍ନ ସାକାର କରିବାପାଇଁ ଆମକୁ ଏହି ଯାତ୍ରାରେ କିପରି କଢ଼ାଇ ନେଇଯିବେ ?

ଏହି ଅଧ୍ୟାୟର ଲକ୍ଷ୍ୟ ହେଉଛି ଈଶ୍ୱର କିପରି ତାହାଙ୍କ ଦର୍ଶନ ପ୍ରଦାନ କରନ୍ତି ଓ କିପରି ଆମ ଜୀବନରେ ସେହି ଦର୍ଶନ ଚରିତାର୍ଥ ହେବା ପାଇଁ ଆମକୁ ସେ ଏକ ଯାତ୍ରାରେ କଢ଼ାଇ ନିଅନ୍ତି ଏବଂ ଶେଷରେ ତାହାଙ୍କ ରାଜ୍ୟର ଉଦ୍ଦେଶ୍ୟସକଳ ପୂରଣ ହେବାରେ ସେ ଆମକୁ ସାହାଯ୍ୟ କରିଥାନ୍ତି ଏହା ବୁଝିବା । ଏହା ଦ୍ୱାରା ଆମେ ଯଥାର୍ଥରୂପେ ଈଶ୍ୱରଙ୍କ ସହିତ ଗମନାଗମନ କରିପାରିବା ଓ ପ୍ରକୃତ ରାଜ୍ୟ ନିର୍ମାଣକାରୀ ହୋଇପାରିବା ।

ଏଠାରେ ଈଶ୍ୱରଦତ୍ତ ଦର୍ଶନ ସମ୍ବନ୍ଧୀୟ କେତେକ ଅନ୍ତର୍ଦୃଷ୍ଟି ଦିଆଗଲା :

## ଈଶ୍ୱରଦତ୍ତ ଦର୍ଶନ ଏକ ସ୍ୱର୍ଗୀୟ ଆଦେଶ ଓ ଏକ ପ୍ରାଧିକାର ଅର୍ପଣ

*ପ୍ରେରିତ ୨୬:୧୯*

*୧୯ଅତଏବ, ହେ ରାଜନ୍ ଆଗ୍ରିପ୍ପା, ମୁଁ ସେହି ସ୍ୱର୍ଗୀୟ ଦର୍ଶନର ଅବାଧ୍ୟ ହେଲି ନାହିଁ ।*

ଏକ ଈଶ୍ୱରଦତ୍ତ ଦର୍ଶନ ଏକ ସ୍ୱର୍ଗୀୟ ଆଦେଶ ଓ ଈଶ୍ୱରଙ୍କର ପ୍ରାଧିକାର ଅର୍ପଣ ଯେପରି ପୃଥିବୀରେ ଈଶ୍ୱରଙ୍କ ରାଜ୍ୟ ସ୍ଥାପିତ ଓ ପରିବ୍ୟାପ୍ତ ହୁଏ ।

- ଏହା ଏକ ଆଦେଶ ଯାହାକୁ ପାଳନ କରିବାକୁ ହେବ ।
- ଏହା ସ୍ୱର୍ଗରୁ ଏକ ପ୍ରାଧିକାର ଅର୍ପଣ (Authorization) ଯାହା ଆମକୁ ସାହସିକ, ନିର୍ଭୀକ ଓ ଦୃଢ଼ବିଶ୍ୱାସୀ କରିଥାଏ । ଦର୍ଶନକୁ ଚରିତାର୍ଥ କରିବା ପାଇଁ ଆମେ ଯତ୍ନଶୀଳ ହୋଇ ପାରିବା, କାରଣ ଈଶ୍ୱର ଆମର ସହବର୍ତ୍ତୀ ବୋଲି ଆମେ ଜାଣୁ । ଈଶ୍ୱର

ଯେଉଁ ଦର୍ଶନ ପ୍ରଦାନ କରନ୍ତି ତାହା ପୂରଣ କରିବା ପାଇଁ ସେ ଶତପ୍ରତିଶତ ପ୍ରତିଜ୍ଞାବଦ୍ଧ ଅଟନ୍ତି । ଯଦି ଏହି ବିଶ୍ୱର ମହାନ୍ ଈଶ୍ୱର ଆମର ସହାୟତା କରୁଛନ୍ତି ତେବେ ଆମର ଅନିଚ୍ଛା ବ୍ୟତୀତ ଅନ୍ୟ କୌଣସି ବିଷୟ ଆମ ମଧ୍ୟ ଦେଇ ତାହା କାର୍ଯ୍ୟକାରୀ ହେବାରୁ ଅଟକାଇ ପାରିବ ନାହିଁ ।

- ଦର୍ଶନ ପାଇଥିବା ବ୍ୟକ୍ତି ଦର୍ଶନ–ବାହକ ହୋଇଥାଏ । ଈଶ୍ୱର ଏହି ବ୍ୟକ୍ତିଠାରେ ଓ ଏହି ବ୍ୟକ୍ତି ମାଧ୍ୟମରେ କାର୍ଯ୍ୟ କରିବେ ଯେପରି ଦର୍ଶନ ସଫଳ ହୁଏ । ହେଲେ ଏହା ପୃଥକ୍ ରୂପେ ଘଟି ନଥାଏ । ଅନେକ ବିଷୟ ଓ ଅନେକ ଲୋକ ଏହି ଦର୍ଶନ ସଫଳ କରିବା ପାଇଁ ଏକତ୍ରିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ ।

- ଈଶ୍ୱର ଯଦି ପୃଥିବୀରେ କିଛି କାର୍ଯ୍ୟକାରୀ କରିବାକୁ ଚାହାନ୍ତି ସେ ସାଧାରଣତଃ କୌଣସି ସ୍ଥାନର ଜଣେ ବ୍ୟକ୍ତିଙ୍କୁ ଏକ ନିର୍ଦ୍ଦିଷ୍ଟ ସମ୍ବାଦ ଘୋଷଣା କରିବା ପାଇଁ ଉଠାଇଥାନ୍ତି । ଏହାଦ୍ୱାରା ଅନେକ ଲୋକ ଈଶ୍ୱରଙ୍କ ଉଦ୍ଦେଶ୍ୟ ପୂରଣ ନିମନ୍ତେ ଆନ୍ଦୋଳିତ ହୋଇ ଏକତ୍ରିତ ହୋଇଥାନ୍ତି ।

- ଈଶ୍ୱର କୌଣସି ବ୍ୟକ୍ତିଙ୍କୁ (ପୁରୁଷ ବା ସ୍ତ୍ରୀ) ଉଠାଇଥାନ୍ତି ଯାହାଙ୍କ **ମିଶନ୍** ହୋଇଥାଏ ଈଶ୍ୱରଙ୍କର ନିର୍ଦ୍ଦିଷ୍ଟ ଏକ ଉଦ୍ଦେଶ୍ୟ ପୂରଣ କରିବା । ଈଶ୍ୱର ଏହି ବ୍ୟକ୍ତିଙ୍କୁ ଏକ **ସମ୍ବାଦ** ଘୋଷଣା କରିବାକୁ ବ୍ୟବହାର କରିଥାନ୍ତି  ଓ ତାଙ୍କୁ ଏକ **ସେବାକାର୍ଯ୍ୟ** ଦେଇଥାନ୍ତି । ଏହି ବ୍ୟକ୍ତି ହିଁ ଦର୍ଶନ–ବାହକ ହୋଇ ଲୋକଙ୍କ ମଧ୍ୟରେ ରହିଥାନ୍ତି । ଈଶ୍ୱର ମଧ୍ୟ ତାଙ୍କୁ ବିଭିନ୍ନ **ପ୍ରଣାଳୀ** ଦିଅନ୍ତି ଓ ତାହା କାର୍ଯ୍ୟକାରୀ କରିବା ପାଇଁ ଅନେକ **ଉପାୟ** ମଧ୍ୟ ବତାଇଥାନ୍ତି ଯେପରିକି ଈଶ୍ୱରଙ୍କ ସ୍ୱର୍ଗୀୟ ଉଦ୍ଦେଶ୍ୟ ପୂରଣ ହୋଇପାରେ ।

ଆମେମାନେ ବାଇବଲର କେତେକ ଈଶ୍ୱରଙ୍କ ଲୋକଙ୍କ ଉଦାହରଣ ଦେଖିବା ଈଶ୍ୱର ସେମାନଙ୍କ ମାଧ୍ୟମରେ କିପରି କାର୍ଯ୍ୟ କରିଛନ୍ତି । ମୋଶା ସେମାନଙ୍କ ମଧ୍ୟରେ ଅନ୍ୟତମ । ଈଶ୍ୱର ମୋଶାଙ୍କୁ କିପରି ଏକ ଦର୍ଶନ ଦେଲେ ଓ ତାହା ପୂରଣ କରିବାକୁ ତାଙ୍କୁ ଉଠାଇଲେ, ଏହାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଗଲା ।

*ପ୍ରେରିତ ୭:୧୭–୩୬*

*୧୭ କିନ୍ତୁ ଈଶ୍ୱର ଅବ୍ରହାମଙ୍କ ନିକଟରେ ଯେଉଁ ପ୍ରତିଜ୍ଞା କରିଥିଲେ, ସେହି ପ୍ରତିଜ୍ଞା ସଫଳ*
*ହେବା ସମୟ ସନ୍ନିକଟ ହୁଅନ୍ତେ, ଲୋକମାନେ ମିସରରେ ବୃଦ୍ଧି ପାଇ ବହୁ ସଂଖ୍ୟକ ହୋଇ*
*ଉଠିଲେ । ୧୮ ଅବଶେଷରେ ମିସରରେ ଆଉ ଜଣେ ରାଜା ହେଲେ ସେ ଯୋଷେଫଙ୍କୁ ଜାଣି*

ନଥିଲେ । ୧୯ସେ ଆମ୍ଭମାନଙ୍କ ଜାତି ପ୍ରତି ଖଳ ବ୍ୟବହାର କଲେ, ପୁଣି, ଆମ୍ଭମାନଙ୍କ
ପିତୃପୁରୁଷମାନେ ଯେପରି ଆପଣା ଆପଣା ସନ୍ତାନମାନଙ୍କୁ ଜୀବିତ ନ ରହିବା ପାଇଁ ବାହାରେ
ପକାଇ ଦିଅନ୍ତି । ଏଥିନିମନ୍ତେ ସେମାନଙ୍କ ପ୍ରତି ଦୌରାତ୍ମ୍ୟ କଲେ । ୨୦ସେହି ସମୟରେ
ମୋଶା ଜନ୍ମ ହେଲେ, ସେ ଦିବ୍ୟ ସୁନ୍ଦର ଥିଲେ ଓ ତିନି ମାସ ପର୍ଯ୍ୟନ୍ତ ଆପଣା ପିତାଙ୍କ
ଗୃହରେ ପ୍ରତିପାଳିତ ହେଲେ । ୨୧ପରେ ସେ ଯେତେବେଳେ ବାହାରେ ପକାଗଲେ,
ସେତେବେଳେ ଫାରୋଙ୍କ କନ୍ୟା ତାଙ୍କୁ ଉଠାଇନେଇ ଆପଣା ପୁତ୍ରରୂପେ ପ୍ରତିପାଳନ କଲେ ।
୨୨ଆଉ, ମୋଶା ମିସରୀୟମାନଙ୍କ ସମସ୍ତ ବିଦ୍ୟାରେ ଶିକ୍ଷିତ ହୋଇ ବାକ୍ୟ ଓ କର୍ମରେ
ପରାକ୍ରମୀ ହେଲେ । ୨୩ଆଉ ଚାଳିଶ୍ ବର୍ଷ ପୂର୍ଣ୍ଣ ହେଉଥିବା ସମୟରେ ଆପଣା ଭାଇମାନଙ୍କୁ,
ଅର୍ଥାତ୍ ଇଶ୍ରାଏଲସନ୍ତାନମାନଙ୍କୁ ସଂଖୋଳିବା ନିମନ୍ତେ ତାଙ୍କ ଇଚ୍ଛା ଜାତ ହେଲା ।
୨୪ସେତେବେଳେ ଜଣକ ପ୍ରତି ଅନ୍ୟାୟ କରାଯାଉଥିବା ଦେଖି, ସେ ତା'ର ସପକ୍ଷ ହେଲେ ଓ
ସେହି ମିସରୀୟ ଲୋକକୁ ବଧ କରି ଉପଦ୍ରବ ପାଇଥିବା ଲୋକ ପ୍ରତି ଅନ୍ୟାୟର ପ୍ରତିକାର
କଲେ । ୨୫ତାଙ୍କ ହସ୍ତ ଦ୍ୱାରା ଈଶ୍ୱର ଯେ ତାଙ୍କ ଭାଇମାନଙ୍କୁ ଉଦ୍ଧାର କରୁଅଛନ୍ତି, ଏହା
ସେମାନେ ବୁଝିବେ ବୋଲି ସେ ମନେ କରିଥିଲେ, କିନ୍ତୁ ସେମାନେ ବୁଝିଲେ ନାହିଁ ।
୨୬ପରଦିନ ସେମାନେ ମରାମରି ହେଉଥିବା ସମୟରେ ସେ ଦେଖା ଦେଇ ସେମାନଙ୍କୁ ମିଳନ
କରିବା ଉଦ୍ଦେଶ୍ୟରେ କହିଲେ, ଆହେ, ତୁମ୍ଭେମାନେ ପରସ୍ପର ଭାଇ, କାହିଁକି ଏକଆରେକ
ପ୍ରତି ଅନ୍ୟାୟ କରୁଅଛ ? ୨୭କିନ୍ତୁ ଯେଉଁ ଜଣକ ପ୍ରତିବାସୀ ପ୍ରତି ଅନ୍ୟାୟ କରୁଥିଲା, ସେ
ତାଙ୍କୁ ପେଲି ଦେଇ କହିଲା, କିଏ ତୁମ୍ଭକୁ ଆମ୍ଭମାନଙ୍କ ଉପରେ ଶାସନକର୍ତ୍ତା ଓ ବିଚାରକ
ସ୍ୱରୂପେ ନିଯୁକ୍ତ କଲା? ୨୮କାଲି ଯେପରି ସେହି ମିସରୀୟକୁ ବଧ କରିଥିଲ, ସେପରି କି
ମୋତେ ବଧ କରିବାକୁ ଇଚ୍ଛା କରୁଅଛ? ୨୯ଏହି କଥା ଶୁଣି ମୋଶା ପଳାଇଯାଇ ମିଦିୟନ
ଦେଶରେ ପ୍ରବାସୀ ହେଲେ; ସେଠାରେ ତାଙ୍କର ଦୁଇ ପୁତ୍ର ଜନ୍ମ ହେଲେ। ୩୦ପରେ ଚାଳିଶ
ବର୍ଷ ପୂର୍ଣ୍ଣ ହୁଅନ୍ତେ, ସୀନୟ ପର୍ବତର ପ୍ରାନ୍ତରରେ ଜଣେ ଦୂତ ଗୋଟିଏ ବୁଦାର ଅଗ୍ନିଶିଖାରେ
ତାଙ୍କୁ ଦର୍ଶନ ଦେଲେ। ୩୧ମୋଶା ସେହି ଦୃଶ୍ୟ ଦେଖି ଚମତ୍କୃତ ହେଲେ, ପୁଣି ଭଲରୂପେ
ଦେଖିବା ନିମନ୍ତେ ନିକଟକୁ ଯାଉଥିବା ସମୟରେ ପ୍ରଭୁଙ୍କର ଏହି ବାଣୀ ହେଲା, ୩୨ଆମ୍ଭେ
ତୁମ ପିତୃପୁରୁଷମାନଙ୍କ ଈଶ୍ୱର, ଅବ୍ରହାମ, ଯିସ୍‌ହାକ ଓ ଯାକୁବର ଈଶ୍ୱର। ସେଥିରେ ମୋଶା
କମ୍ପି ଉଠି ଭଲରୂପେ ଦେଖିବାକୁ ସାହସ କଲେ ନାହିଁ। ୩୩ତତ୍ପରେ ପ୍ରଭୁ ତାଙ୍କୁ କହିଲେ, ତୁମ୍ଭ
ପାଦରୁ ପାଦୁକା କାଢ଼ିଦିଅ, କାରଣ ତୁମ୍ଭେ ଯେଉଁ ସ୍ଥାନରେ ଠିଆ ହୋଇଅଛ, ତାହା ପବିତ୍ର
ଭୂମି। ୩୪ମିସରରେ ଆମ୍ଭର ଯେଉଁ ଲୋକମାନେ ଅଛନ୍ତି, ଆମ୍ଭେ ସେମାନଙ୍କର କ୍ଳେଶ ନିଶ୍ଚୟ
ଦେଖିଅଛୁ ଓ ସେମାନଙ୍କର ଆର୍ତ୍ତନାଦ ଶୁଣିଅଛୁ, ପୁଣି ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ
ଅବତରଣ କରିଅଛୁ; ଆଉ ଏବେ ଆସ, ଆମ୍ଭେ ତୁମ୍ଭକୁ ମିସରକୁ ପ୍ରେରଣ କରିବା। ୩୫କିଏ

*ତୁମ୍ଭକୁ ଶାସନକର୍ତ୍ତା ଓ ବିଚାରକସ୍ୱରୂପେ ନିଯୁକ୍ତ କଲା ବୋଲି କହି ଏହି ଯେଉଁ ମୋଶାଙ୍କୁ ସେମାନେ ଅଗ୍ରାହ୍ୟ କଲେ, ତାଙ୍କୁ ଈଶ୍ୱର ବୁଦାରେ ଦର୍ଶନ ଦେଇଥିବା ଦୂତଙ୍କ ସହାୟତାରେ ଶାସକ ଓ ଉଦ୍ଧାରକର୍ତ୍ତା କରି ପ୍ରେରଣ କଲେ।* [୩୬]*ଏହି ବ୍ୟକ୍ତି ମିସର ଦେଶ, ସୂଫ ସାଗର ଓ ଚାଳିଶ ବର୍ଷ ପର୍ଯ୍ୟନ୍ତ ପ୍ରାନ୍ତରରେ ନାନା ଅଦ୍ଭୁତ କର୍ମ ଓ ଲକ୍ଷଣ ସାଧନ କରି ସେମାନଙ୍କୁ ବାହାର କରି ଆଣିଲେ।*

## ଈଶ୍ୱରଦତ୍ତ ଦର୍ଶନ ପ୍ରାୟତଃ ଆମ ହୃଦୟର ସାଧାରଣ ଆନ୍ଦୋଳନ ଦ୍ୱାରା ଜଣାପଡ଼େ

ଈଶ୍ୱର ଅଲୌକିକ ଭାବରେ ତାହାଙ୍କର ଯୋଜନା ଓ ଉଦ୍ଦେଶ୍ୟ ପ୍ରକାଶ କଲେ ମଧ୍ୟ ଆମ ହୃଦୟର ସାଧାରଣ ଆନ୍ଦୋଳନ ଦ୍ୱାରା ମଧ୍ୟ କୌଣସି ସ୍ୱର୍ଗୀୟ ଦର୍ଶନକୁ ଆମେ ଜାଣି ପାରୁ । କୌଣସି ଏକ ବିଷୟ ଆମ ହୃଦୟକୁ ଅଧିକାର କରେ । ଈଶ୍ୱରଙ୍କ ଉପସ୍ଥିତି ଯୋଗୁଁ କୌଣସି ଏକ ବିଷୟ ଆମ ମନୋଯୋଗ ଆକର୍ଷଣ କରେ । ପ୍ରାନ୍ତରରେ ମୋଶା ଦେଖିଥିବା ଜ୍ୱଳନ୍ତା ବୁଦା ଏହାର ଏକ ଉଦାହରଣ । ଅନେକ ବୁଦା ଥିଲେ ବି ଗୋଟିଏ ବୁଦା ତାଙ୍କ ଧ୍ୟାନ ଆକର୍ଷଣ କରିଥିଲା, କାରଣ ଈଶ୍ୱରଙ୍କ ଉପସ୍ଥିତି ତହିଁରେ ଥିଲା । ସେଠାରୁ ଈଶ୍ୱର କଥା କହିଲେ ଓ ତାଙ୍କୁ ଆହ୍ୱାନ କଲେ । ଯେଉଁ ବିଷୟ ଆପଣଙ୍କ ଦୃଷ୍ଟି ଆକର୍ଷଣ କରେ – ଆପଣଙ୍କ ଜ୍ୱଳନ୍ତା ବୁଦା – ସେଠାରେ ଈଶ୍ୱରଙ୍କ ଉପସ୍ଥିତି ପ୍ରାୟତଃ ଥାଏ ଓ ସେଠାରୁ ଈଶ୍ୱରଙ୍କ ସ୍ୱର ନିର୍ଗତ ହୋଇ ଆପଣଙ୍କୁ ଆହ୍ୱାନ ଜଣାଏ ଓ ଆପଣଙ୍କ ଭାଗ୍ୟ ନିର୍ଦ୍ଧାରଣ କରେ ।

ତଥାପି ଜ୍ୱଳନ୍ତା ବୁଦାରେ ମୋଶା ଯାହା ଶୁଣିଲେ ତାହା ୪୦ ବର୍ଷ ଆଗରୁ ସେ ଜାଣିଥିଲେ ।

*ପ୍ରେରିତ ୭:୨୩*
[୨୩]*ଆଉ ଚାଳିଶ୍ ବର୍ଷ ପୂର୍ଣ୍ଣ ହେଉଥିବା ସମୟରେ ଆପଣା ଭାଇମାନଙ୍କୁ ସଂଖୋଳିବା ନିମନ୍ତେ ତାଙ୍କ ଇଚ୍ଛା ଜାତ ହେଲା ।*

ଜ୍ୱଳନ୍ତା ବୁଦା ଅନୁଭୂତିର ୪୦ ବର୍ଷ ପୂର୍ବରୁ ଈଶ୍ୱର ମୋଶାଙ୍କ ହୃଦୟକୁ ଆନ୍ଦୋଳିତ କରିଥିଲେ । ଏହା ଜ୍ୱଳନ୍ତା ବୁଦା ଭଳି ଆଖିଦୃଶିଆ ନ ଥିଲା । ତଥାପି ଈଶ୍ୱର ହିଁ କଥା କହିଥିଲେ ଓ ସେହି ଦର୍ଶନ ହିଁ ପ୍ରକାଶିତ ହୋଇଥିଲା, ଅର୍ଥାତ୍ ଈଶ୍ୱର ତାହାଙ୍କ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ମୋଶାଙ୍କୁ ଉଠାଇବାକୁ ଯାଉଥିଲେ । ଜ୍ୱଳନ୍ତା ବୁଦା ଘଟଣାର ୪୦ ବର୍ଷ ପୂର୍ବରୁ ମଧ୍ୟ ମୋଶା ଜାଣିଥିଲେ ଯେ ସେ ଈଶ୍ୱରଙ୍କ ଲୋକ ଓ ସେ ଈଶ୍ୱରଙ୍କ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଦିଷ୍ଟ ବ୍ୟକ୍ତି (ପ୍ରେରିତ ୭:୨୮) । ଏହା ଏକ ସାଧାରଣ ଆନ୍ଦୋଳନ, ଏକ ସାଧାରଣ ଇଚ୍ଛା, ଏକ ସାଧାରଣ ହୃଦ୍‌ବୋଧ ।

ନିହିମିୟାଙ୍କ ବିଷୟ ବିଚାର କରନ୍ତୁ । ଈଶ୍ୱର ତାଙ୍କୁ ଯିରୁଶାଲମର ଭଗ୍ନପ୍ରାଚୀର ଗୁଡ଼ିକ ପୁନଃ ନିର୍ମାଣ କରିବା ପାଇଁ ଉଠାଇ ଥିଲେ । ନିହିମିୟା କିପରି ଈଶ୍ୱର-ଦତ୍ତ ଦର୍ଶନ ପ୍ରାପ୍ତ ହୋଇଥିଲେ ?

*ନିହିମିୟା ୧:୧-୪*

*[୧]ହଖଲିୟଙ୍କ ପୁତ୍ର ନିହିମିୟାଙ୍କର ବାକ୍ୟ । ବିଂଶତିତମ ବର୍ଷର କିସ୍‌ଲେବ୍ ମାସରେ ମୁଁ ଶୂଶନ୍ ରାଜଧାନୀରେ ଥିଲି । [୨]ତହିଁରେ ହନାନି ନାମରେ ମୋହର ଭ୍ରାତୃଗଣ ମଧ୍ୟରୁ ଏକ ଜଣ ଓ ଯିହୁଦାରୁ କେତେକ ଲୋକ ଆସିଲେ, ତହୁଁ ମୁଁ ସେମାନଙ୍କୁ ବନ୍ଦୀତ୍ୱରୁ ରକ୍ଷିତ ଅବଶିଷ୍ଟ ଯିହୁଦୀୟମାନଙ୍କ ବିଷୟରେ ଓ ଯିରୁଶାଲମ ବିଷୟରେ ପଚାରିଲି । [୩]ସେତେବେଳେ ସେମାନେ ମୋତେ କହିଲେ, ବନ୍ଦୀତ୍ୱରୁ ରକ୍ଷିତ ସେହି ପ୍ରଦେଶସ୍ଥ ଅବଶିଷ୍ଟ ଲୋକେ ମହାଦୁଃଖ ଓ ଅପମାନରେ ଅଛନ୍ତି; ମଧ୍ୟ ଯିରୁଶାଲମର ପ୍ରାଚୀର ଭଗ୍ନ ହୋଇ ରହିଅଛି ଓ ତହିଁର ଦ୍ୱାରସବୁ ଅଗ୍ନିରେ ଦଗ୍ଧ ହୋଇଅଛି । [୪]ତହୁଁ ମୁଁ ଏହି କଥା ଶୁଣନ୍ତେ, ବସି ରୋଦନ କଲି ଓ କେତେକ ଦିନ ପର୍ଯ୍ୟନ୍ତ ବିଳାପ କଲି; ପୁଣି, ମୁଁ ସ୍ୱର୍ଗସ୍ଥ ପରମେଶ୍ୱରଙ୍କ ଛାମୁରେ ଉପବାସ ଓ ପ୍ରାର୍ଥନା କଲି ।*

ନିହିମିୟା ଯେତେବେଳେ ଯିରୁଶାଲମର ପ୍ରାଚୀରଗୁଡ଼ିକର ଅବସ୍ଥା ସମ୍ପର୍କରେ ଖବର ପାଇଲେ, ତାଙ୍କ ଅନ୍ତର ଆନ୍ଦୋଳିତ ହୋଇଥିଲା । ଅନେକ ଯିହୁଦୀ ବନ୍ଦୀ ଏହି ନଗରର ପ୍ରାଚୀରମାନଙ୍କ ଅବସ୍ଥା ସମ୍ପର୍କରେ ଜାଣିଥିଲେ । କିନ୍ତୁ ସେମାନେ ସମ୍ଭବତଃ ଏବିଷୟରେ ଚିନ୍ତିତ ନଥିଲେ । କିନ୍ତୁ ନହିମିୟା ସେପରି ନଥିଲେ । ସେ ବିଚଳିତ ହୋଇପଡ଼ିଥିଲେ । ସେ ନଗରର ଭଗ୍ନ ପ୍ରାଚୀରଗୁଡ଼ିକ ନିମନ୍ତେ କାନ୍ଦିଲେ, ବିଳାପ କଲେ, ଉପବାସ ଓ ପ୍ରାର୍ଥନା କଲେ ।

ଆପଣଙ୍କ ହୃଦୟରେ ଯାହା ଆନ୍ଦୋଳନ ସୃଷ୍ଟି କରୁଛି ତା'ପ୍ରତି ମନୋଯୋଗ କରନ୍ତୁ ।

ପରବର୍ତ୍ତୀ ସମୟରେ ନିହିମିୟା ଯିରୁଶାଲମରେ ପହଞ୍ଚି ନଗରର ଭଗ୍ନ ପ୍ରାଚୀରଗୁଡ଼ିକର ପର୍ଯ୍ୟବେକ୍ଷଣ କଲେ । ସେ ବୁଝି ପାରିଲେ ଯେ ଯାହା ତାଙ୍କୁ ଆନ୍ଦୋଳିତ କରିଥିଲା ତାହା ଈଶ୍ୱର ତାଙ୍କ ହୃଦୟରେ ଜାଗ୍ରତ କରାଇଥିଲେ ଯେ ଯିରୁଶାଲମ ନିମନ୍ତେ ତାଙ୍କୁ କିଛି କରିବାକୁ ହେବ । ଏହା ଥିଲା ଈଶ୍ୱରଦତ୍ତ ଦର୍ଶନ । ଈଶ୍ୱରଙ୍କଠାରୁ ପାଇଥିବା ମିଶନକୁ ସେ ପୃଥିବୀରେ କାର୍ଯ୍ୟକାରୀ କରିବାକୁ ହେବ !

*ନିହିମିୟା ୨:୧୨*

*[୧୨] ତହୁଁ ରାତ୍ରିରେ ମୁଁ ଓ ମୋ ସଙ୍ଗେ କେତେକ ଲୋକ ଉଠିଲୁ; ପୁଣି, ମୋର ପରମେଶ୍ୱର ଯିରୁଶାଲମ ନିମନ୍ତେ ଯାହା କରିବାକୁ ମୋର ମନରେ ପ୍ରବୃତ୍ତି ଦେଇଥିଲେ, ତାହା ମୁଁ କାହାକୁ ଜଣାଇଲି ନାହିଁ; ଆଉ ମୁଁ ଯେଉଁ ପଶୁ ଉପରେ ଚଢ଼ିଥିଲି, ତାହା ଛଡ଼ା ଅନ୍ୟ ପଶୁ ମୋ ସଙ୍ଗରେ ନ ଥିଲା ।*

## କାର୍ଯ୍ୟାରମ୍ଭ ଓ କାର୍ଯ୍ୟ ସଫଳ ହେବା ପାଇଁ ଈଶ୍ୱରଦତ୍ତ ଦର୍ଶନର ଏକ ନିରୂପିତ ସମୟ ରହିଥାଏ

*ପ୍ରେରିତ ୭:୧୭,୨୦*

*[୧୭] କିନ୍ତୁ ଈଶ୍ୱର ଅବ୍ରହାମଙ୍କ ନିକଟରେ ଯେଉଁ ପ୍ରତିଜ୍ଞା କରିଥିଲେ, ସେହି ପ୍ରତିଜ୍ଞା ସଫଳ ହେବା ସମୟ ସନ୍ନିକଟ ହୁଅନ୍ତେ, ଲୋକମାନେ ମିସରରେ ବୃଦ୍ଧି ପାଇ ବହୁସଂଖ୍ୟକ ହୋଇ ଉଠିଲେ ।*
*[୨୦] ସେହି ସମୟରେ ମୋଶା ଜନ୍ମ ହେଲେ, ସେ ଦିବ୍ୟ ସୁନ୍ଦର ଥିଲେ ଓ ତିନି ମାସ ପର୍ଯ୍ୟନ୍ତ ଆପଣା ପିତାଙ୍କ ଗୃହରେ ପ୍ରତିପାଳିତ ହେଲେ ।*

ଈଶ୍ୱର ଅବ୍ରହାମଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ ଯେ ତାଙ୍କର ଲୋକମାନେ ୪୦୦ ବର୍ଷ ଧରି ଦାସତ୍ୱ ଅବସ୍ଥାରେ ରହିବେ (ଆଦି ୧୫:୧୩) । ଏହି ସମୟ ଅବଧିକୁ *‘କ୍ରୋନସ୍’* କୁହାଯାଇଛି । ଯେତେବେଳେ ଏହି ସମୟ ଅବଧି ସରି ଆସିଲା ସେତେବେଳେ *‘କାରିଓସ୍’* ବା ‘‘ସମୟର ପୂର୍ଣ୍ଣତା’’ ଆସିଲା, ଯାହାକି ପୃଥିବୀର ଏକ ନିର୍ଦ୍ଦିଷ୍ଟ ସର୍ତ୍ତ । ‘‘ସମୟର ପୂର୍ଣ୍ଣତା’’ କହିଲେ ‘‘ପରିପକ୍ୱ ସମୟ’’ ଯାହା ଉଭୟ ବାହ୍ୟିକ ଓ ଆନ୍ତରିକ ଉପାଦାନର ଏକତ୍ରୀକରଣର ସମୟ । ସମୟର ପୂର୍ଣ୍ଣତା ଆସିବାରୁ ମୋଶା ଜନ୍ମ ନେଲେ ।

ଈଶ୍ୱର ଦତ୍ତ ଦର୍ଶନର ପ୍ରାରମ୍ଭ ଓ କାର୍ଯ୍ୟକାରିତା ନିମନ୍ତେ ଏକ ‘କାଇରସ୍’ ମୁହୁର୍ତ୍ତ (ସମୟ ବା କାଳ) ରହିଥାଏ ।

‘କାଇରସ୍’ ସମୟର ଅନ୍ତର୍ଭୁକ୍ତ ବାହ୍ୟିକ ଉପାଦାନଗୁଡ଼ିକ:

- ବ୍ୟକ୍ତିବିଶେଷ : ଦର୍ଶନ-ବାହକ ବ୍ୟକ୍ତିଙ୍କୁ ଛାଡ଼ି ଅନ୍ୟ ଯେଉଁମାନେ ଏହି ଦର୍ଶନର ଅଂଶୀ ହେବାକୁ ଯାଉଛନ୍ତି ସେମାନଙ୍କୁ ପ୍ରସ୍ତୁତ କରିବା ଆବଶ୍ୟକ । ବେଳେବେଳେ ଯେଉଁମାନେ ଏଥିରେ ପ୍ରତିବନ୍ଧକ ସାଜନ୍ତି ସେମାନଙ୍କୁ ବାହାରେ ରଖିବାକୁ ହେବ । ଅନେକ ସମୟରେ ଗୋଟିଏ ପୀଢ଼ୀର ଲୋକ ଏହାକୁ ଚାଲୁ ରଖନ୍ତି ଓ ପରବର୍ତ୍ତୀ ପୀଢ଼ୀ ହାତରେ ଏହା ଅର୍ପଣ କରନ୍ତି ।

- ସ୍ଥାନ : ଯେଉଁଠାରେ କାର୍ଯ୍ୟ ସମ୍ପାଦିତ ହେବ ସେହି ସ୍ଥାନକୁ (ନଗର, ଅଞ୍ଚଳ ବା ପରିବେଶ) ଈଶ୍ୱର ପ୍ରସ୍ତୁତ କରନ୍ତି ।
- ଦର୍ଶନ-ବାହକର ପରିପାର୍ଶ୍ୱରେ ରହିଥିବା ବିଷୟଗୁଡ଼ିକ, ଉଦାହରଣ : ଅର୍ଥ, ତା'ର ପରିବାର, ଇତ୍ୟାଦି ।

ଈଶ୍ୱର ଏହିସବୁ ବିଷୟକୁ ଏକତ୍ର କରିଥାନ୍ତି ଯେପରିକି ତାଙ୍କ ଉଦ୍ଦେଶ୍ୟର ସଫଳ ରୂପାୟନ ହୋଇପାରେ ।

ଆନ୍ତରିକ ଉପାଦାନରେ ଥାଏ ଦର୍ଶନ-ବାହକର ଜୀବନ, ପ୍ରସ୍ତୁତି ଓ ଇଚ୍ଛୁକତା ସମ୍ବନ୍ଧୀୟ ସର୍ତ୍ତାବଳୀ । ଏଥିରେ ନିହିତ ସର୍ତ୍ତାବଳୀ ହେଲା :

- ଅନ୍ତରର ଯଥାର୍ଥ ମନୋଭାବସମୂହ
- ଲୋକଙ୍କ ସହିତ ଯଥାର୍ଥ ସମ୍ପର୍କରେ ରହିବା
- ଜୀବନର ବିଭିନ୍ନ କ୍ଷେତ୍ରରେ ପରିପକ୍ୱତା ଲାଭ ଓ ଆତ୍ମିକ ବିକାଶ ଲାଭ
- ସୁବ୍ୟବସ୍ଥିତ ବ୍ୟକ୍ତିଗତ ଜୀବନ (ଶୃଙ୍ଖଳା, ଗୃହ, ପରିବାର)
- ଏକ ଦାସରୂପୀ ହୃଦୟ ଧାରଣ କରିବା
- ଅଳ୍ପ ବିଷୟରେ ବିଶ୍ୱସ୍ତତା
- ଖ୍ରୀଷ୍ଟଙ୍କସମ ଚରିତ୍ର ଧାରଣ

ଆମ ଜୀବନରେ ଏହି ଆନ୍ତରିକ ଉପାଦାନଗୁଡ଼ିକର ପ୍ରଗତିକୁ ନେଇ ଆମେ 'କାଇରସ୍' ମୁହୂର୍ତ୍ତକୁ ଶୀଘ୍ର ବା ବିଳମ୍ବିତ କରିପାରୁ ।

ଜୀବନରେ ବଞ୍ଚିବାକୁ ହେଲେ ଅନେକ କାଳ, ଅନେକ ସୋପାନ ବା ସ୍ତର ଦେଇ ଯିବାକୁ ହୋଇଥାଏ । ଏହାର ଅର୍ଥ ଏହି ଯେ ଈଶ୍ୱର ଆମକୁ ଅନେକ 'କ୍ରନସ୍' ସ୍ତର ଓ 'କାଇରସ୍' ମୁହୂର୍ତ୍ତ ଦେଇ କଢ଼ାଇ ନିଅନ୍ତି । ଆମେମାନେ ଇଷାଖର୍- ସନ୍ତାନଗଣଙ୍କ ପରି ହେବା ଉଚିତ୍ ଯେଉଁମାନେ ଥିଲେ ''କାଳଜ୍ଞ'' ଓ ''ଇଶ୍ରାଏଲର କି କର୍ତ୍ତବ୍ୟ, ତାହା ସେମାନେ ଜାଣିଲେ'' (୧ ବଂଶା ୧୨:୩୨) । ଈଶ୍ୱର ଆମକୁ ଯେଉଁ ସମସ୍ତ ସମୟ ଓ କାଳ ମଧ୍ୟ ଦେଇ କଢ଼ାଇ ନିଅନ୍ତି ଆମେ ତାହା ଚିହ୍ନିବା ଉଚିତ କାରଣ ସେ ପ୍ରଗତିଶୀଳ ଭାବରେ ତାହାଙ୍କ ରାଜ୍ୟର ଉଦ୍ଦେଶ୍ୟସମୂହ ଆମ ଆଗରେ ପ୍ରକାଶ କରିଥାନ୍ତି ଏବଂ ତାହାଙ୍କ ଦର୍ଶନ ଓ ସ୍ୱପ୍ନସମୂହକୁ ଆମମାନଙ୍କ ଜୀବନ ମାଧ୍ୟମରେ ସଫଳ ରୂପାୟନ କରାଇଥାନ୍ତି ।

## ଏକ ଈଶ୍ୱରଦତ୍ତ ଦର୍ଶନ ପ୍ରସ୍ତୁତି ଆବଶ୍ୟକ କରେ

ଈଶ୍ୱରଦତ୍ତ ଦର୍ଶନର ସଫଳ ରୂପାୟନ ନିମନ୍ତେ ଯେଉଁ ଯାତ୍ରା ଆବଶ୍ୟକ ତାହା ଏକ ପ୍ରସ୍ତୁତି ପ୍ରକ୍ରିୟା ଯହିଁ ମଧ୍ୟ ଦେଇ ଆମକୁ ଯିବାକୁ ହେବ । ଈଶ୍ୱର ଆମ ମଧ୍ୟଦେଇ ତାହାଙ୍କ ଦର୍ଶନ, ଆହ୍ୱାନ ଓ ଆତ୍ମିକଦାନ ପ୍ରକାଶ କରିବା ପୂର୍ବରୁ ସେ ଆମକୁ ପ୍ରସ୍ତୁତ ଓ ଗଠନ କରିବାକୁ ସମୟ ନେଇଥାନ୍ତି ।

ଈଶ୍ୱର ଆମକୁ ବିଭିନ୍ନ ମାର୍ଗରେ ପ୍ରସ୍ତୁତ କରିଥାନ୍ତି । ଆମେମାନେ ଯେଉଁ ପ୍ରାଥମିକ ପ୍ରସ୍ତୁତି ମଧ୍ୟ ଦେଇ ଯାଇଥାଉ ତା'ହେଲା– ଈଶ୍ୱରଙ୍କ ସହିତ ଆମର ବ୍ୟକ୍ତିଗତ ଆତ୍ମିକ ଯାତ୍ରା ଏବଂ ଖ୍ରୀଷ୍ଟଙ୍କସମ ଚରିତ୍ର ଧାରଣ କରି ବୃଦ୍ଧି ପାଇବା ।

ପ୍ରସ୍ତୁତି ସମୟରେ ଈଶ୍ୱର ଆମମାନଙ୍କୁ ଅନ୍ୟ ନେତାମାନଙ୍କ ସାଙ୍ଗରେ କାର୍ଯ୍ୟ କରିବାର ସୁଯୋଗ ଦେଇପାରନ୍ତି । ଏହା ଆମମାନଙ୍କୁ ବହୁତ ସାହାଯ୍ୟ କରିପାରେ । ଆମେ ଅନ୍ୟ କାହାରି ସ୍ୱପ୍ନ ଓ ଦର୍ଶନ ମଧ୍ୟରେ ପ୍ରବେଶ କରି ବିଶ୍ୱସ୍ତ ଭାବରେ ସେବା କରିବା ଉଚିତ । ଅନ୍ୟର ସ୍ୱପ୍ନକୁ ସାକାର କରିବାକୁ ସାହାଯ୍ୟ କରି ଆମେ ନିଜେ ତାଲିମ୍ ପ୍ରାପ୍ତ ହୋଇଥାଉ ଓ ଆମ ଜୀବନରେ ଈଶ୍ୱରଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସୁସଜ୍ଜିତ ହୋଇଥାଉ ।

ପ୍ରସ୍ତୁତି ସମୟରେ, ବେଳେବେଳେ ଜୀବନର ଅନେକ କାଳ ଆମ ହୃଦୟରେ ସ୍ଥାନ ପାଇଥିବା ଦର୍ଶନ ବହିର୍ଭୁତ ଅନେକ ବିଷୟ ଆମେ କରିଥାଉ । ଯେଉଁସବୁ ବିଷୟ ଆମେ ବାଧ୍ୟ ହୋଇ କରିଥାଉ ବା ବାଧ୍ୟହୋଇ ଅନେକ ପରିସ୍ଥିତି ମଧ୍ୟ ଦେଇ ଯାଇଥାଉ ଆମ ହୃଦୟ ଧାରଣ କରିଥିବା ବୋଝ ସଙ୍ଗେ ସେସବୁ ଅପ୍ରାସଙ୍ଗିକ ବା ନିରର୍ଥକ ମନେ ହୋଇପାରେ । ତଥାପି ଏହି ସମସ୍ତ ''ଅସମ୍ବନ୍ଧିତ ସମୟ'' ମଧ୍ୟରେ ଆମେ ଜୀବନର ବିଭିନ୍ନ କ୍ଷେତ୍ରରେ ପ୍ରସ୍ତୁତ ଓ ବିକଶିତ କରାଯାଇଥାଉ ଯାହା ଦର୍ଶନର ସଫଳ ରୂପାୟନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଈଶ୍ୱର ଆମକୁ ଜୀବନର ବିଭିନ୍ନ କାଳ ମଧ୍ୟ ଦେଇ ନିଅନ୍ତି ଏବଂ ପ୍ରତ୍ୟେକ କାଳ କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ ଅଭିପ୍ରେତ ଥାଏ ।

ପ୍ରସ୍ତୁତି ସମୟ କେବେ ନଷ୍ଟ ଯାଏ ନାହିଁ । ଈଶ୍ୱରଙ୍କ ସହିତ କାର୍ଯ୍ୟ କରିବା ଓ ପ୍ରତ୍ୟେକ କାଳରେ ଆମ ଜୀବନରେ ତାହାଙ୍କର କାର୍ଯ୍ୟ ପ୍ରତି ସମର୍ପିତ ରହିବା ଆମର ଲକ୍ଷ୍ୟ ହେବାକୁ ହେବ ।

ଆସନ୍ତୁ ଆମେମାନେ ବାଇବଲରେ ବର୍ଣ୍ଣିତ କେତେକ ବ୍ୟକ୍ତିଙ୍କର ଯାତ୍ରା, ବିଶେଷ କରି ‘‘ପ୍ରସ୍ତୁତି ସମୟ’’କୁ ନେଇ ବିଚାର କରିବା ।

## ଯୋଷେଫ

*ଗୀତ ୧୦୫:୧୭–୨୨*

*[୧୭]ସେ ସେମାନଙ୍କ ଆଗରେ ଏକ ମନୁଷ୍ୟକୁ ପଠାଇଲେ, ଯୋଷେଫ ଦାସ ହେବା ପାଇଁ*
*ବିକ୍ରୀତ ହେଲା; [୧୮]ସେମାନେ ବେଡ଼ିରେ ତାହାର ଚରଣକୁ ଦୁଃଖ ଦେଲେ; ସେ ଲୌହଶୃଙ୍ଖଳରେ*
*ରଖାଗଲା; [୧୯]ଶେଷରେ ତାହାର ବଚନ ସଫଳ ହେଲା; ସଦାପ୍ରଭୁଙ୍କ ବାକ୍ୟ ତାହାକୁ ପରୀକ୍ଷା*
*କଲା। [୨୦]ତହୁଁ ରାଜା ଲୋକ ପଠାଇ ତାହାକୁ ମୁକ୍ତ କଲା; ନରପତି ତାହାକୁ ମୁକ୍ତକରି*
*ଛାଡ଼ିଦେଲା । [୨୧-୨୨]ସେ ଆପଣାର ଅଧିପତିମାନଙ୍କୁ ଇଚ୍ଛାନୁସାରେ ବନ୍ଧନ କରିବା ପାଇଁ ଓ*
*ଆପଣାର ମନ୍ତ୍ରୀମାନଙ୍କୁ ଜ୍ଞାନ ଶିକ୍ଷା ଦେବା ପାଇଁ; ତାହାକୁ ଆପଣା ଗୃହର ପ୍ରଭୁ ଓ ଆପଣା*
*ସକଳ ସମ୍ପତ୍ତିର କର୍ତ୍ତା କଲା ।*

ଯୋଷେଫ ଯେତେବେଳେ ଯୁବକ, ସମ୍ଭବତଃ ନାବାଳକ ଥିଲେ ସେ ଈଶ୍ୱରଙ୍କ ଠାରୁ ପ୍ରାପ୍ତ ଏକ ସ୍ୱପ୍ନ ଦେଖିଥିଲେ, ଯହିଁରେ ତାଙ୍କ ଜୀବନରେ ଈଶ୍ୱର ରଖିଥିବା ଯୋଜନା ପ୍ରକାଶ ପାଇଥିଲା। କିନ୍ତୁ ତାଙ୍କ ଭାଇମାନେ ତାଙ୍କୁ କ୍ରୀତଦାସ ରୂପେ ବିକ୍ରି କରି ଦେବା ଦ୍ୱାରା ବିଭିନ୍ନ ବିଷୟ ଅନପେକ୍ଷିତ ଭାବରେ ପରିବର୍ତ୍ତିତ ହୋଇଥିଲା। ଯୋଷେଫ ବିଦେଶରେ ପୋଟୀଫର୍ ନିକଟରେ ରହି ତାର ସେବା କଲେ। ପୋଟୀଫରର ଗୃହରେ ଈଶ୍ୱର ଯୋଷେଫଙ୍କୁ ଆଶୀର୍ବାଦ କଲେ। ଏଣୁ ସବୁକିଛି ଠିକ୍‌ଠାକ୍ ଚାଲିଛି ମନେ ହେଉଥିଲା। ଦିନେ ହଠାତ୍ ମିଥ୍ୟା ଅଭିଯୋଗରେ ଦୋଷୀ କରାଯାଇ ତାଙ୍କୁ କାରାଗାରରେ ନିକ୍ଷେପ କରାଗଲା। ଏସମସ୍ତ ବିଷୟ ଯୋଷେଫଙ୍କ ଈଶ୍ୱର–ବିଶ୍ୱାସକୁ ଓ ସେ ପାଇଥିବା ଦର୍ଶନକୁ ଓଲଟପାଲଟ କରିଦେଇଥାନ୍ତା, କାରଣ ଏ ସମସ୍ତ ବିଷୟ ଅନାବଶ୍ୟକ ଓ ଯନ୍ତ୍ରଣାଦାୟକ ମନେ ହେଉଥିଲା। କିନ୍ତୁ ଈଶ୍ୱର ଯୋଷେଫଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆୟୋଜନ କରୁଥିଲେ ଓ ସେ ଦିଗରେ ତାଙ୍କୁ ନିକଟବର୍ତ୍ତୀ କରାଉଥିଲେ। ସମୟ ଆସିଲା ହଠାତ୍ ଯୋଷେଫ କାରାଗାରରୁ ମୁକ୍ତ ହୋଇ ଫାରୋଙ୍କ ପରେ ଦେଶର ଦ୍ୱିତୀୟ ବ୍ୟକ୍ତି ଭାବରେ ମିସରର ପ୍ରଧାନମନ୍ତ୍ରୀ ହୋଇ ଅବସ୍ଥାପିତ ହେଲେ। ଫଳରେ ଯୋଷେଫ ଈଶ୍ୱରଦତ୍ତ ସ୍ୱପ୍ନର ସଫଳ ରୂପାୟନ ନିମନ୍ତେ ଆଗକୁ ବଢ଼ିଲେ।

ଆମେ ଯଦି ସମୟସୀମାକୁ ଦେଖୁ ଓ ଈଶ୍ୱର ତାଙ୍କ ଜୀବନରେ ଯେପରି କାର୍ଯ୍ୟକଲେ ତାକୁ ପରୀକ୍ଷା କରୁ ତେବେ ଆମେ ଦେଖିବା ଯେ:

- ଯୋଷେଫ ୧୭ ବର୍ଷ ବୟସରେ ମିଶର ଦେଶରେ ବିକ୍ରୀତ ହୋଇଥିଲେ (ଆଦି ୩୭:୨) ।

- ସେ ୩୦ ବର୍ଷ ବୟସରେ କାରାଗାରରୁ ମୁକ୍ତ ହୋଇ ସମଗ୍ର ମିଶର ଦେଶର ଅଧୀକ୍ଷକ ଭାବରେ ନିଯୁକ୍ତି ପାଇଥିଲେ (ଆଦି ୪୧:୪୬) । ଏଣୁ ସେ ପ୍ରଧାନ ମନ୍ତ୍ରୀ ପଦବୀ ପ୍ରାପ୍ତ ହେବା ପୂର୍ବରୁ ୧୧ ବର୍ଷ ପୋଟିଫରଙ୍କ ଗୃହରେ ଓ ତାପରେ ୨ ବର୍ଷ କାରାଗାରରେ ରହିଥିଲେ (ଆଦି ୪୧:୧) ।
- ବିଶ୍ୱସ୍ତ ଭାବରେ ୯ ବର୍ଷ କାର୍ଯ୍ୟ କଲା ପରେ ଯୋଷେଫ ୩୯ ବର୍ଷ ବୟସରେ ଖାଦ୍ୟ କିଣିବା ପାଇଁ ମିଶରକୁ ଆସିଥିବା ଆପଣା ଭାଇମାନଙ୍କୁ ଦେଖିଥିଲେ (ସେତେବେଳେ ଦୁର୍ଭିକ୍ଷ ଦ୍ୱିତୀୟ ବର୍ଷରେ ପହଞ୍ଚିଥିଲା, ବା ସେ ଅଧୀକ୍ଷକ ହେବାର ନବମ ବର୍ଷରେ) ।
- ତାଙ୍କ ଭାଇମାନେ ପିତା ଯାକୁବଙ୍କୁ ନେଇ ଦ୍ୱିତୀୟ ଥର ଆସିବାବେଳେ ହୁଏତ ସେ ୪୧ ବର୍ଷ ବୟସ୍କ ଥିଲେ ଓ ଯୋଷେଫଙ୍କ ସ୍ୱପ୍ନ ସତ୍ୟରେ ପରିଣତ ହୋଇଥିଲା ।
- ତେଣୁ ପ୍ରାୟ ୩୦ ବର୍ଷରେ ସ୍ୱପ୍ନ ବାସ୍ତବ ରୂପ ନେଇଥିଲା । (ସ୍ୱପ୍ନ ଦେଖିବା ସମୟରୁ ଏହା ସାକାର ହେବା ଯାଏଁ) ।
- ତେଣୁ ସେ ଅବଶିଷ୍ଟ ୭୦ ବର୍ଷ ଈଶ୍ୱରଙ୍କ ଇଚ୍ଛାନୁସାରେ କାର୍ଯ୍ୟ କରି ୧୧୦ ବର୍ଷ ବୟସରେ ମରିଥିଲେ (ଆଦି ୫୦:୨୨) ।

ଈଶ୍ୱରଦତ୍ତ ଦର୍ଶନକୁ ପୂରଣ କରିବା ପାଇଁ ଆଗେଇ ଆସିବା ଗୁରୁତ୍ୱପୂର୍ଣ୍ଣ ବିଷୟ । ଯୋଷେଫଙ୍କ କ୍ଷେତ୍ରରେ ଏହା ୪୦ ବର୍ଷ ବୟସରେ ଘଟିଥିଲା । କିନ୍ତୁ ସେହି ଦର୍ଶନ ନେଇ ଚାଲିବା ସମଭାବେ ଗୁରୁତ୍ୱପୂର୍ଣ୍ଣ । ଯୋଷେଫ ହୁଏତ ଆହୁରି ୭୦ ବର୍ଷ ଏହି ଦର୍ଶନକୁ ନେଇ ଚାଲିଥିଲେ ।

## ମୋଶା

- ମୋଶାଙ୍କୁ ଫାରୋଙ୍କ ପ୍ରାସାଦରେ ଶିକ୍ଷିତ ଓ ତାଲିମପ୍ରାପ୍ତ କରିବା ପାଇଁ ଈଶ୍ୱର ଅଲୌକିକ ଭାବରେ ତାଙ୍କ ନିମନ୍ତେ ଆୟୋଜନ କରିଥିଲେ । ଏହା ଥିଲା ମୋଶାଙ୍କ ଜୀବନରେ ଆତ୍ମିକ ଭାଗ୍ୟରୂପକ ଈଶ୍ୱରଙ୍କ ବୀଜ (ପ୍ରେରିତ ୭:୨୨) । ସ୍ୱର୍ଗୀୟ ଉଦ୍ଦେଶ୍ୟ ପୂରଣାର୍ଥେ ମୋଶାଙ୍କ ନିମନ୍ତେ ତାହା ଥିଲା ପ୍ରାରମ୍ଭିକ ପ୍ରସ୍ତୁତି ଓ ଆସୀନ ହେବାର ସମୟ ।
- ୪୦ ବର୍ଷ ବୟସରେ ମୋଶା ତାଙ୍କ ପ୍ରତି ରହିଥିବା ଐଶୀ ଉଦ୍ଦେଶ୍ୟକୁ ବୁଝି ପାରିଥିଲେ । କିନ୍ତୁ ସେ ନିଜ ପ୍ରଣାଳୀରେ ତାହା ସାଧନ କରିବାର ଭୁଲ କରିଥିଲେ।

- ଆମେ ଯେତେଥର ଆପଣା ସାମର୍ଥ୍ୟ ଅନୁସାରେ କୌଣସି ବିଷୟ କରୁ ତଦ୍ଦ୍ୱାରା ଈଶ୍ୱରଙ୍କ ଯୋଜନା ପ୍ରକାଶିତ ହେବାକୁ ଆମେ ଅଧିକ ବିଳମ୍ବିତ କରିଥାଉ । ମୋଶା ନିଜେ ନିଜେ ସବୁକିଛି କରିବାକୁ ଚେଷ୍ଟା କରିବାରୁ ଈଶ୍ୱରଙ୍କ ଯୋଜନା ୪୦ବର୍ଷ ବିଳମ୍ବରେ ପ୍ରକାଶିତ ହୋଇଥିଲା !

- ମୋଶା ଦୀର୍ଘ ୪୦ବର୍ଷ ଧରି ପ୍ରାନ୍ତରରେ ଦିନ କାଟିଥିଲେ (ପ୍ରେରିତ ୭:୨୯,୩୦; ଯାତ୍ରା ୨:୧୫,୨୩), କାରଣ ଯେଉଁ ରାଜାଙ୍କୁ ସେ କ୍ରୋଧାନ୍ୱିତ କରିଥିଲେ ତାଙ୍କର ମରଣକୁ ସେ ଅପେକ୍ଷା କରି ରହିଥିଲେ ।

- ୮୦ ବର୍ଷ ବୟସରେ ମୋଶା ଈଶ୍ୱରଦତ୍ତ ମିଶନ୍ ପୂରଣ କରିବା କାର୍ଯ୍ୟ ଆରମ୍ଭ କଲେ ।

- ପରବର୍ତ୍ତୀ ୪୦ବର୍ଷ କାଳ ସେ ଜୀବନର ଉଦ୍ଦେଶ୍ୟ ପାଳନ କରିବାରେ ଲାଗି ରହିଲେ ।

- ମୋଶା ଈଶ୍ୱରଙ୍କର ଜଣେ ମହାନ୍ ବ୍ୟକ୍ତି ହୋଇଥିଲେ ମଧ୍ୟ ଏକ ଗୁରୁତର ଭୁଲ ଯୋଗୁଁ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିପାରି ନଥିଲେ, କେବଳ ଦୂରରୁ ଏହାକୁ ଦେଖିଥିଲେ (ଗଣନା: ୨୦:୧୨, ଦ୍ୱି:ବିବ:୩୧:୨; ୩୪:୪) । ୧୨୦ ବର୍ଷ ବୟସରେ ମୋଶାଙ୍କର ମୃତ୍ୟୁ ହୋଇଥିଲା (ଦ୍ୱି:ବିବ: ୩୪:୭) ।

## ଦାଉଦ

- ନାବାଳକ ଭାବରେ ଦାଉଦ ରାଜା ରୂପେ ଅଭିଷିକ୍ତ ହୋଇଥିଲେ (୧ ଶାମୁ ୧୬) । ମନେ କରାଯାଉ ସେତେବେଳେ ତାଙ୍କ ବୟସ ୧୩ ବର୍ଷ ଥିଲା ।

- ପ୍ରାଥମିକ ତାଲିମ୍ ଭାବରେ ପିତାଙ୍କ ମେଷଗୁଡ଼ିକୁ ପାଳନ କରିଥିଲେ । ସେହି ସମୟରେ ସେ ସଙ୍ଗୀତରେ ଦକ୍ଷତା ହାସଲ କରିଥିଲେ, ସିଂହ ଓ ଭାଲୁଙ୍କୁ ମାରିଥିଲେ ଏବଂ ଇଶ୍ରାଏଲର ଲୋକମାନଙ୍କ ମଧ୍ୟରେ ସୁନାମ ଅର୍ଜନ କରିଥିଲେ । ବେଳେବେଳେ ଆବଶ୍ୟକ ମତେ ସେ ଶାଉଲଙ୍କ ନିକଟକୁ ଆସି ବାଦ୍ୟ ସଙ୍ଗୀତ ପରିବେଷଣ କରୁଥିଲେ (୧ ଶାମୁ ୧୬:୧୭; ୧ ଶାମୁ ୧୭:୧୫) ।

- ଗଲିୟାତକୁ ହତ୍ୟା କରି ସେ ପ୍ରଥମ ପ୍ରସିଦ୍ଧି ଲାଭ କଲେ ଓ ଜଣେ ଜାତୀୟ ବୀର ହୋଇପାରିଥିଲେ । ଦାଉଦ ହୁଏତ ସେ ସମୟରେ ୧୫–୧୭ ବର୍ଷ ବୟସର ଥିଲେ (୧ ଶାମୁ ୧୭) ।

- ଶାଉଲ ଦାଉଦଙ୍କୁ ରାଜ ପ୍ରାସାଦରୁ ଦୂରେଇ ରଖିଲେ, ତଥାପି ସେ ସହସ୍ରପତି ନିଯୁକ୍ତ ହୋଇଥିଲେ (୧ ଶାମୁ ୧୮:୧୩) । ସମ୍ଭବତଃ ଦାଉଦ ଏହାଦ୍ୱାରା ଯୁଦ୍ଧରେ ନିହତ ହୋଇଯିବେ ବୋଲି ଶାଉଲ ମନେ କରିଥିଲେ ।
- ଦୁଃସମୟ ଆସିଲା ଓ ଦାଉଦ ତାଙ୍କ ଜୀବନ ରକ୍ଷା ନିମନ୍ତେ ପଳାୟନ କଲେ, କାରଣ ରାଜା ଶାଉଲ ତାଙ୍କୁ ହତ୍ୟା କରିବାକୁ ଚାହିଁଲେ ।
- ପରବର୍ତ୍ତୀ ଅନେକ ବର୍ଷ ଧରି ଦାଉଦ ପଳାତକ ଜୀବନ କାଟିଲେ (୧ ଶାମୁ ୨୨:୧,୨) । ରାଜା ଭାବରେ ଅଭିଷିକ୍ତ ହୋଇଥିବା ବ୍ୟକ୍ତି ଗୁହାମାନଙ୍କରେ ବାସ କଲେ !
- ତଥାପି, ଏହି ସମୟରେ ଈଶ୍ୱର ଅନେକ ଲୋକଙ୍କୁ ତାଙ୍କ ନିକଟକୁ ପ୍ରେରଣ କଲେ ଯେଉଁମାନେ ଦାଉଦଙ୍କ ସଙ୍ଗୀ ହେଲେ ଓ ପରବର୍ତ୍ତୀ ସମୟରେ ତାଙ୍କର ଶକ୍ତିଶାଳୀ ସୈନ୍ୟବଳର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେଲେ !
- ପ୍ରାୟ ୨୩ବର୍ଷ ବୟସରେ ଦାଉଦ ଯିହୁଦାର ରାଜା ହୋଇ ସାଢ଼େ ସାତ ବର୍ଷ ଯିହୁଦା ଉପରେ ରାଜୁତି କଲେ (୨ ଶାମୁ ୨:୧-୪,୧୧) ।
- ଉଭୟ ଇଶ୍ରାଏଲ ଓ ଯିହୁଦାର ରାଜାରୂପେ ଅବସ୍ଥାପିତ ହେବା ବେଳକୁ ଦାଉଦଙ୍କ ବୟସ ୩୦ ବର୍ଷ ହୋଇଥିଲା (୨ ଶାମୁ ୫:୪,୫) । ସେ ଏହାପରେ ୪୦ବର୍ଷ ଧରି ରାଜୁତି କରିଥିଲେ (୧ ରାଜା ୨:୧୧) ।
- ଦାଉଦ ଆପଣା ସମକାଳୀନ ଲୋକମାନଙ୍କ ମଧ୍ୟରେ ଈଶ୍ୱରଙ୍କର ସଙ୍କଳ୍ପ ଅନୁସାରେ ସେବକର କାର୍ଯ୍ୟ କଲା ଉତ୍ତାରେ ୭୦-୭୫ବର୍ଷ ବୟସରେ ମହାନିଦ୍ରା ପ୍ରାପ୍ତ ହୋଇଥିଲେ (ପ୍ରେରିତ ୧୩:୨୨,୩୬) ।
- ଶାମୁୟେଲଙ୍କ ଦ୍ୱାରା ୧୩ବର୍ଷ ବୟସରେ ଆହ୍ୱାନ ପ୍ରାପ୍ତ ହୋଇ ୧୭ ବର୍ଷର ପ୍ରସ୍ତୁତି ପରେ ୩୦ବର୍ଷ ବୟସରେ ରାଜା ଭାବରେ ସେ ନିଯୁକ୍ତ ହୋଇଥିଲେ ।

## ପାଉଲ

- ଦମ୍ମେସକ ରାସ୍ତାରେ ପ୍ରଭୁଯୀଶୁଙ୍କ ଦର୍ଶନ ପାଇବା ସମୟରେ ପାଉଲଙ୍କ ବୟସ ପ୍ରାୟ ୩୩ବର୍ଷ ଥିଲା । ସେ ଅନେକ ବର୍ଷ ଧରି ଫାରୁଶୀ ଭାବରେ ତାଲିମ୍ ପାଇଥିଲେ ।
- ଏହି ଦର୍ଶନ ସମୟରେ ପ୍ରଭୁ ଯୀଶୁ ତାଙ୍କୁ ବିଜାତିମାନଙ୍କ ନିକଟରେ ଆଲୋକ ସ୍ୱରୂପ ହେବା ପାଇଁ, ବିଶ୍ୱାସର ଏକ ପ୍ରେରିତ ହେବାର ଆହ୍ୱାନ ଦେଇଥିଲେ ।

- ପାଉଲ ପ୍ରଥମ ୩ ବର୍ଷ ଦମ୍ମେସକ ଓ ଆରବରେ କଟାଇଥିଲେ (ଗାଲାତୀ ୧:୧୬,୧୭; ପ୍ରେରିତ ୯:୧୯-୨୫) । ଲୋକେ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିବାରୁ ସେ ଦମ୍ମେସକ ଛାଡ଼ି ଆରବକୁ ଗଲେ ଓ ପୁଣି ଦମ୍ମେସକକୁ ଫେରି ଆସିଲେ । ନିଶ୍ଚିତ ରୂପେ ଏହି ସମୟରେ ସେ ସୁସମାଚାର ସମ୍ବନ୍ଧୀୟ ଶିକ୍ଷା ପ୍ରତ୍ୟାଦେଶ ମାଧ୍ୟମରେ ପାଇଥିଲେ ଓ ତାହାହିଁ ପ୍ରଚାର କଲେ ।
- ଏହାପରେ ସେ ଯିରୁଶାଲମରେ ୧୫ଦିନ ରହିଲେ (ଗାଲାତୀ ୧:୧୮; ପ୍ରେରିତ ୯:୨୬-୩୦) ଓ ସାହସର ସହିତ ପ୍ରଚାର କଲେ । କିନ୍ତୁ ପୁନର୍ବାର ଲୋକେ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କଲେ । ତେଣୁ ସେ ତାର୍ଷକୁ ପଳାୟନ କଲେ ।
- ଏହାପରେ ସେ ତାର୍ଷ, ସିରିୟା ଓ କିଲିକିଆ ଅଞ୍ଚଳରେ ପ୍ରାୟ ୧୩ ବର୍ଷ କାର୍ଯ୍ୟ କଲେ (ଗାଲା ୧:୨୧-୨୪;୨:୧) । ଏହି ୧୩ ବର୍ଷର ଶେଷରେ ବର୍ଣ୍ଣବା ତାର୍ଷକୁ ଆସି ଶାଉଲଙ୍କୁ ନେଇ ଆନ୍ତିୟଖିଆକୁ ଆସିଲେ (ପ୍ରେରିତ ୧୧:୨୫,୨୬) ।
- ପାଉଲ ପୁରା ଏକ ବର୍ଷ ଆନ୍ତିୟଖିଆ ମଣ୍ଡଳୀରେ ରହି ଶିକ୍ଷାଦାନ କଲେ ।
- ଏହାପରେ ସେ ବର୍ଣ୍ଣବାଙ୍କ ସହିତ ଦ୍ୱିତୀୟ ଥର ପାଇଁ ଯିରୁଶାଲମକୁ ଆସିଲେ । ଦୁର୍ଭିକ୍ଷରେ ପ୍ରପୀଡ଼ିତ ଲୋକଙ୍କ ମଧ୍ୟରେ ରିଲିଫ୍ ନେଇ ସେ ଆସିଥିଲେ (ପ୍ରେରିତ ୧୧:୨୯,୩୦) । ୧୪ ବର୍ଷ ବ୍ୟବଧାନ ପରେ ସେ ଯିରୁଶାଲମକୁ ଆସିଲେ (ଗାଲାତୀ ୨:୧) ।
- ଏ ମଧ୍ୟରେ ଦମ୍ମେସକ ରାସ୍ତାରେ ପ୍ରଭୁଙ୍କୁ ଦର୍ଶନ କରିବା ଘଟଣାର ୧୭ ବର୍ଷ ବିତିଯାଇଛି । ପାଉଲଙ୍କୁ ହୁଏତ ଏହି ସମୟରେ ୫୦ ବର୍ଷ ହୋଇ ସାରିଥିବ ।
- ପାଉଲଙ୍କ ପ୍ରଥମ ୧୭ବର୍ଷର ଖ୍ରୀଷ୍ଟୀୟ ଜୀବନ ଓ ଈଶ୍ୱରଙ୍କ ସହିତ ତାଙ୍କର ଯାତ୍ରା ବିଷୟରେ ବିଶେଷ କିଛି ଲିପିବଦ୍ଧ ହୋଇ ନାହିଁ । ଅବଶ୍ୟ ଆମେ ଜାଣୁ ଯେ ପାଉଲ ଏହି ସମୟରେ ପ୍ରଚାର କରୁଥିଲେ ଓ ଶିକ୍ଷା ଦେଉଥିଲେ । ଆମେ ଜାଣୁ ଯେ ସେ ଈଶ୍ୱରଙ୍କ ନିଗୁଢ଼ତତ୍ତ୍ୱ ସମ୍ବନ୍ଧୀୟ ପ୍ରତ୍ୟାଦେଶ ଓ ଜ୍ଞାନ ପ୍ରାପ୍ତ ହୋଇଥିଲେ । କିନ୍ତୁ ଏହି ସମୟରେ ତାଙ୍କର ସେବାକାର୍ଯ୍ୟ ଓ ପ୍ରଚାର ସମ୍ବନ୍ଧରେ ବିଶେଷ କିଛି ଲେଖାଯାଇନାହିଁ । ଏହାକୁ ପାଉଲଙ୍କ ଜୀବନର ''ନୀରବତାର ବର୍ଷସମୂହ'' କୁହାଯାଏ । ଏହା ଆଗରୁ ଯିହୁଦୀ ଧର୍ମ ସମ୍ବନ୍ଧରେ ସେ ପାଇଥିବା ତାଲିମ୍ ମଧ୍ୟ ତାଙ୍କ ପାଇଁ ତାଲିମ୍‌ର ସମୟ ଥିଲା ।

- ଶେଷରେ, ୧୭ବର୍ଷ ପରେ, ପ୍ରେରିତ ୧୩ରେ ପାଉଲ ଓ ବର୍ଣ୍ଣବା ପ୍ରଥମ ମିଶନାରୀ ଯାତ୍ରାରେ ଯିବା ପାଇ ଆହ୍ୱାନ ପାଆନ୍ତି (ପ୍ରେରିତ ୧୩:୧-୪) ।
- ପ୍ରେରିତ ୧୪:୧୪ରେ ପ୍ରଥମ କରି ଉଭୟ ପାଉଲ ଓ ବର୍ଣ୍ଣବାଙ୍କୁ ପ୍ରେରିତ କୁହାଯାଇଛି ।
- ପ୍ରଭୁଙ୍କର ସମ୍ମୁଖୀନ ହେବାର ୧୭ ବର୍ଷ ପରେ ପାଉଲ ପ୍ରୈରିତିକ ସେବାକାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରେରିତ ପାଉଲଙ୍କ ନିମନ୍ତେ ସୁଦ୍ଧା ୧୭ ବର୍ଷର ପ୍ରସ୍ତୁତି ଓ ତାଲିମ୍ ଆବଶ୍ୟକ ହୋଇଥିଲା । ଈଶ୍ୱର କେବେ ତରବର ହୁଅନ୍ତି ନାହିଁ ।

## ଯିରିମିୟ

- ଜନ୍ମ ହେବାର ପୂର୍ବରୁ ହିଁ ଯିରିମିୟଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତା ଭାବରେ ଆହ୍ୱାନ କରାଯାଇଥିଲା । ଈଶ୍ୱର ତାଙ୍କୁ କହିଥିଲେ ଯେ ତାଙ୍କୁ ଜଣେ ବାଳକ ବୋଲି କେହି କହିବାର ସୁଯୋଗ ସେ କାହାକୁ ନ ଦିଅନ୍ତୁ ।
- ତଥାପି, ଇତିହାସ ପ୍ରକାରେ, ଆମେ ଜାଣୁ ଯେ ଈଶ୍ୱର ତାଙ୍କୁ ପରିଦର୍ଶନ କରିବାର ଅନ୍ତତଃ ୧୬ ବର୍ଷ ପର୍ଯ୍ୟନ୍ତ ସେ ଅପେକ୍ଷା କଲେ (୧ ଅଧ୍ୟାୟ) ଓ ତା'ପରେ ଭବିଷ୍ୟଦ୍‌ବାଣୀ ପ୍ରଚାର କଲେ ।

ଈଶ୍ୱରଦତ୍ତ ପ୍ରତ୍ୟେକ ଦର୍ଶନର ପ୍ରାରମ୍ଭ, କାର୍ଯକାରିତା ଓ ସଫଳ ରୂପାୟନ ନିମନ୍ତେ ଏକ ନିରୂପିତ ସମୟ ରହିଥାଏ । ଈଶ୍ୱରଦତ୍ତ ଦର୍ଶନର ପ୍ରାରମ୍ଭରୁ ବର୍ତ୍ତମାନ ସମୟକୁ ପ୍ରସ୍ତୁତିର ସମୟ କୁହାଯିବ । ପ୍ରସ୍ତୁତିର ସମୟ ମଧ୍ୟରେ ରହିଥାଏ ଏକ ପ୍ରତୀକ୍ଷାର ସମୟ – ଅର୍ଥାତ୍ ଈଶ୍ୱରଦତ୍ତ ଦର୍ଶନର ପ୍ରାରମ୍ଭ ଓ କାର୍ଯ୍ୟକାରିତା ନିମନ୍ତେ ଅପେକ୍ଷାରତ ରହିବା । ତେବେ ଏହି ପ୍ରତୀକ୍ଷାର ଅର୍ଥ ନିଷ୍କର୍ମା ରହିବା ନୁହେଁ । ଅପେକ୍ଷା କରି ରହିବା ଓ ନିଷ୍କର୍ମା ରହିବା ଦୁଇଟି ଭିନ୍ନ ବିଷୟ । ନିଷ୍କର୍ମା ରହିବାର ଅର୍ଥ କିଛି ନ କରି ଅଳସୁଆ ହୋଇ ରହିବା । ପ୍ରସ୍ତୁତି ସମୟରେ ଈଶ୍ୱରଙ୍କ ଦର୍ଶନର ପ୍ରକାଶନର ଅପେକ୍ଷା କରି ରହିଥିଲେ ହେଁ ଈଶ୍ୱର ଆମକୁ ଯେଉଁ କାର୍ଯ୍ୟ କରିବାକୁ ଦେଇଛନ୍ତି ପ୍ରତୀକ୍ଷା ସମୟରେ ତାକୁ ସକ୍ରିୟ ଭାବରେ ଆମେ ତାହା କରିବାକୁ ହେବ । ପ୍ରତୀକ୍ଷା ସମୟରେ ଯୋଷେଫ ପୋଟିଫରଙ୍କ ଗୃହରେ ଓ ପରେ କାରାଗାରରେ ରହି ସେବା କରିଥିଲେ । ପ୍ରତୀକ୍ଷା ସମୟରେ ମୋଶା ବିବାହ କରି ତାଙ୍କ ଶ୍ୱଶୁରଙ୍କ ମେଷପଲର ଯନ୍ ନେଇଥିଲେ । ଦାଉଦ ତାଙ୍କର ପ୍ରତୀକ୍ଷାର ସମୟରେ ଏକ ସୈନ୍ୟବାହିନୀ ଗଠନ କଲେ, ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧମାନଙ୍କରେ ଭାଗ ନେଲେ ଓ ଈଶ୍ୱରଙ୍କଠାରୁ ଶୁଣିବା ଶିଖିଲେ ଓ

ବିଜୟ ପ୍ରାପ୍ତି ନିମନ୍ତେ ଈଶ୍ୱରଙ୍କ ଉପରେ ନିର୍ଭର ରଖିବା ଶିଖିଲେ । ପତୀକ୍ଷାର ସମୟରେ ପାଉଲ ପ୍ରତ୍ୟାଦେଶ ଦ୍ୱାରା ବହୁତ କିଛି ଜ୍ଞାନ ପାଇଲେ ଯାହାକୁ ନେଇ ସେ ପ୍ରଚାର କଲେ, ଶିକ୍ଷା ଦେଲେ ଓ ଲେଖା ମାଧ୍ୟମରେ ପ୍ରକାଶ କଲେ ।

ଈଶ୍ୱରଙ୍କ ସହିତ ଆମର ଯାତ୍ରାରେ ପ୍ରସ୍ତୁତିର ସମୟ କେବେ ସମାପ୍ତ ହୁଏ ନାହିଁ । ପ୍ରତ୍ୟେକ କାଳ ଜୀବନର ପରବର୍ତ୍ତୀ କାଳ ନିମନ୍ତେ ପ୍ରସ୍ତୁତିର ଏକ ସମୟ ହୋଇଥାଏ । ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟ ପରବର୍ତ୍ତୀ ପର୍ଯ୍ୟାୟ ନିମନ୍ତେ ବା ଭବିଷ୍ୟତ୍‌କାଳୀନ କୌଣସି ବିଷୟ ନିମନ୍ତେ ଏକ ପ୍ରସ୍ତୁତିର ସମୟ ହୋଇଥାଏ । ତେଣୁ ଆମେ ସର୍ବଦା ଶିକ୍ଷା ଗ୍ରହଣ କରି, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବୃଦ୍ଧିଲାଭ କରି ଓ ପରିପକ୍ୱ ହେବାକୁ ଯତ୍ନଶୀଳ ରହିବା ।

## ଈଶ୍ୱରଦତ୍ତ ଦର୍ଶନର ପରିପ୍ରକାଶ ଆମ ପ୍ରତ୍ୟାଶାରୁ ଭିନ୍ନ ହୋଇପାରେ

ଈଶ୍ୱର ଆମକୁ ଯେଉଁ ଦର୍ଶନ ଦେଇଛନ୍ତି କିପରି ତାହା ସେ ପୂରଣ କରିବେ ଏ ବିଷୟରେ ଅନେକ ସମୟରେ ଆମେ ଭୁଲ ବୁଝିଥାଉ । ଏହି ସ୍ୱପ୍ନସବୁ ଯେପରି ଭାବେ ଆମ ଜୀବନରେ ପ୍ରକାଶିତ ଓ ବ୍ୟକ୍ତ ହେବ ତାହା ଆମର ଧାରଣା ବା ପ୍ରତ୍ୟାଶାଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇପାରେ ।

ଈଶ୍ୱର ଯେଉଁ ମାର୍ଗରେ ଏସବୁ ସ୍ୱପ୍ନକୁ ସାକାର କରନ୍ତୁ ନା କାହିଁକି ଆମେ ସେଥିପ୍ରତି ଉନ୍ମୁକ୍ତ ରହିବା ଉଚିତ୍ । ସ୍ୱପ୍ନ ସତ୍ୟତାରେ ପରିଣତ ହେବା ଦେଖିବା ଗୁରୁତ୍ୱପୂର୍ଣ୍ଣ ଅଟେ, କିପରି ଏହା ଘଟିବ ତାହା ବଡ଼ ବିଷୟ ନୁହେଁ ।

ଯୋଷେଫଙ୍କ ବିଷୟରେ ଚିନ୍ତା କରନ୍ତୁ । ଆମେ ନିଶ୍ଚିତ ଯେ ମିଶରର ପ୍ରଧାନମନ୍ତ୍ରୀ ପାଇବା ପୂର୍ବରୁ ଯୋଷେଫ କେବେ ଚିନ୍ତା କରି ନଥିବେ ଯେ ସେ ଦାସ ଭାବେ ବିକ୍ରିତ ହେବେ, ଦାସ୍ୟକର୍ମ କରିବେ, ମିଥ୍ୟାରେ ଅଭିଯୁକ୍ତ ହୋଇ କାରାଗାରରେ ନିକ୍ଷିପ୍ତ ହେବେ। ମୋଶାଙ୍କ ବିଷୟରେ ମଧ୍ୟ ଚିନ୍ତା କରନ୍ତୁ । ନିଜର ଜଣେ ଏବ୍ରୀୟ ଭାଇ ପ୍ରତି ନ୍ୟାୟବିଚାର କରିବାର ଏକକ କର୍ମ ଯୋଗୁଁ ତାଙ୍କୁ ୪୦ ବର୍ଷ ଧରି ପ୍ରାନ୍ତରରେ ବିତାଇବାକୁ ପଡ଼ିଲା ବୋଲି ସେ କେବେ ଅନୁମାନ କରି ନଥିବେ । ହଠାତ୍ ସେ ମିଶରରେ ରାଜପ୍ରାସାଦ ଛାଡ଼ି ମିଦିୟନ୍ ପ୍ରାନ୍ତରରେ ଗୃହଶୂନ୍ୟ ଯାଯାବର ଭାବରେ ଜୀବନ କାଟିଥିଲେ । ଦାଉଦଙ୍କ ବିଷୟ ଭାବିଦେଖନ୍ତୁ । ଭାବବାଦୀ ଶାମୁୟେଲଙ୍କ ଦ୍ୱାରା ଅଭିଷିକ୍ତ ହେବାଠାରୁ ରାଜା ରୂପେ ଅବସ୍ଥାପିତ ହେବାଯାଏଁ ସେ ଯେଉଁସବୁ ପରିସ୍ଥିତି ମଧ୍ୟ ଦେଇ ଯାଇଥିଲେ ତାହାର କାରଣ ସେ ହୁଏତ କେବେ ବୁଝି ନ ଥିଲେ ।

ଈଶ୍ୱର ବିଭିନ୍ନ ସ୍ୱପ୍ନ, ଅନୁପ୍ରାଣିତ ଅନୁସରଣ, ସ୍ୱର୍ଗୀୟଭାଗ୍ୟ, ସ୍ୱର୍ଗୀୟ ଲକ୍ଷ୍ୟ ଓ ଆତ୍ମାରେ ଜାତ ଦର୍ଶନ ଆମମାନଙ୍କ ହୃଦୟରେ ପ୍ରଦାନ କରିଥାନ୍ତି । ଏସବୁ ଈଶ୍ୱରଦତ୍ତ । ଏସବୁ ସଫଳ ହେବା କଷ୍ଟସାଧ୍ୟ, ପ୍ରତ୍ୟାଶାର ବହିର୍ଭୁତ, ସମୟ ସାପେକ୍ଷ ହେଲେ ମଧ୍ୟ ପରିତ୍ୟାଗ କରନ୍ତୁ ନାହିଁ । ଈଶ୍ୱରଙ୍କ ଦର୍ଶନ ଯେପରି ସଫଳ ହେବ ସେଥିପାଇଁ ଲାଗି ରୁହନ୍ତୁ ।

ଆମର ଯାହା ଅଛି, ଆମେ କିଏ ଅଟୁ, ବା ଆଜି ଆମେ ଯେଉଁ ସ୍ଥାନରେ ଅଛୁ ଏସବୁ ବିଷୟ ଉପରେ ଆମ ଜୀବନରେ ଈଶ୍ୱରଙ୍କ ପରିପ୍ରକାଶ ନିର୍ଭର କରେ ନାହିଁ । ଜଗତ ଯେଉଁମାନଙ୍କୁ ନିର୍ବୋଧ, ଦୁର୍ବଳ, ଅଜଣା, ତୁଚ୍ଛୀକୃତ ଓ ନଗଣ୍ୟ ମନେ କରେ ଈଶ୍ୱରଙ୍କ ଗୌରବ ସେମାନଙ୍କ ମଧ୍ୟଦେଇ ପ୍ରକାଶିତ ହୋଇଥାଏ (୧ କରିନ୍ଥୀ ୧:୨୬-୩୧) ।

## ନିଜର ଉଦ୍ୟମ ଯୋଗୁଁ ଈଶ୍ୱରଦତ୍ତ ଦର୍ଶନର 'କାଇରସ୍' ମୁହୂର୍ତ୍ତ ବିଳମ୍ବିତ ହୋଇଥାଏ

ଆମେ ଯେତେବେଳେ ନିଜର ସାମର୍ଥ୍ୟରେ କୌଣସି କାର୍ଯ୍ୟ କରିବାର ପ୍ରୟାସ କରୁ, ଏହାଦ୍ୱାରା 'କାଇରସ୍' ମୁହୁର୍ତ୍ତକୁ ଆମେ ଅଧିକ ବିଳମ୍ବିତ କରି ପକାଉ । ମୋଶା ନିଜର ଶକ୍ତି ବଳରେ କାର୍ଯ୍ୟ କରିବାକୁ ଚାହିଁବାରୁ ବିଭିନ୍ନ ବିଷୟର ୪୦ବର୍ଷ ବିଳମ୍ବ ଘଟିଥିଲା ! ମିଶରର ରାଜା ମରିବା ପର୍ଯ୍ୟନ୍ତ ସେ ୪୦ବର୍ଷ ଅପେକ୍ଷା କରିଥିଲେ ।

*ପ୍ରେରିତ ୭:୨୯,୩୦*

*[୨୯]ଏହି କଥା ଶୁଣି ମୋଶା ପଳାଇଯାଇ ମିଦିୟନ ଦେଶରେ ପ୍ରବାସୀ ହେଲେ: ସେଠାରେ ତାଙ୍କର ଦୁଇପୁତ୍ର ଜନ୍ମ ହେଲେ । [୩୦]ପରେ ଚାଳିଶ ବର୍ଷ ପୂର୍ଣ୍ଣ ହୁଅନ୍ତେ, ସୀନୟ ପର୍ବତର ପ୍ରାନ୍ତରରେ ଜଣେ ଦୂତ ଗୋଟିଏ ବୁଦାର ଅଗ୍ନିଶିଖାରେ ତାଙ୍କୁ ଦର୍ଶନ ଦେଲେ ।*

*ଯାତ୍ରା ୨:୧୫,୨୩*

*[୧୫]ଅନନ୍ତର ଫାରୋ ଏ କଥା ଶୁଣି ମୋଶାଙ୍କୁ ବଧ କରିବା ପାଇଁ ଚେଷ୍ଟା କଲେ। ମାତ୍ର ମୋଶା ଫାରୋଙ୍କ ସମ୍ମୁଖରୁ ପଳାଇ ମିଦିୟନ ଦେଶରେ ବାସ କରିବାକୁ ଯାଇ ଗୋଟିଏ କୂପ ନିକଟରେ ବସିଲେ । [୨୩]ବହୁକାଳ ଉତ୍ତାରେ ମିସ୍ରୀୟ ରାଜାଙ୍କର ମୃତ୍ୟୁ ହେଲା, ପୁଣି ଇଶ୍ରାଏଲ-ସନ୍ତାନଗଣ ଦାସ୍ୟକର୍ମ ହେତୁରୁ ହାହାକାର ଓ କ୍ରନ୍ଦନ କଲେ ଓ ଦାସ୍ୟକର୍ମ ସକାଶୁ ସେମାନଙ୍କ ଆର୍ତ୍ତନାଦ ପରମେଶ୍ୱରଙ୍କ ଛାମୁରେ ଉପସ୍ଥିତ ହେଲା ।*

ଏହା ପ୍ରାୟ ନିଶ୍ଚିତ ଯେ ଈଶ୍ୱରଦତ୍ତ ଦର୍ଶନର ସଫଳ ରୂପାୟନ କରିବାକୁ ଯାଇ ଆମ ମଧ୍ୟରୁ ଅଧିକାଂଶ ଲୋକ ଭୁଲ କରି ବସୁ । ଆମର ଭୁଲ ଯୋଗୁଁ ରାସ୍ତା ବୁଲାଣିଆ ହୋଇଯାଏ, କାର୍ଯ୍ୟ ବିଳମ୍ବିତ ହୁଏ, ନିରାଶା ଓ ନିରୁତ୍ସାହ ଭାବ ଆସିଥାଏ । କିନ୍ତୁ ଆମେ ଲାଗି ରହିବାକୁ ହେବ ।

ଈଶ୍ୱର ଆମକୁ ଠିକ୍ ରାସ୍ତାକୁ ଆଣି ପାରନ୍ତି । ଈଶ୍ୱରଙ୍କ ନିକଟରେ ଆମେ ଆମର ଭୁଲତ୍ରୁଟି ସ୍ୱୀକାର କରି ତାହାଙ୍କ କ୍ଷମାଭିକ୍ଷା ପୂର୍ବକ ପୂର୍ବାବସ୍ଥାକୁ ଫେରାଇ ନେବାପାଇଁ ପ୍ରାର୍ଥନା କଲେ ସେ ତାହା କରିବେ । ଆମର ଭୁଲତ୍ରୁଟି ଅପେକ୍ଷା ଈଶ୍ୱର ମହାନ୍ ଅଟନ୍ତି । ଏପରି କୌଣସି ଜଟିଳ ପରିସ୍ଥିତି ନାହିଁ ଯାହାର ସମାଧାନ ସେ କରି ନ ପାରିବେ ।

ଅନେକ ସମୟରେ ଆମର ଭୁଲ ତ୍ରୁଟି ଆମକୁ ଏପରି ଏକ ଜାଲରେ ପକାଇଦିଏ ଯହିଁରୁ ଆମେ ମୁକୁଳି ପାରି ନଥାଉ । କିନ୍ତୁ ଈଶ୍ୱର ଏଥିରୁ ଆମକୁ ଉଦ୍ଧାର କରି ପାରନ୍ତି । *''ସଦାବେଳେ ସଦାପ୍ରଭୁଙ୍କ ଆଡ଼େ ମୋହର ଦୃଷ୍ଟି ଥାଏ, କାରଣ ସେ ଜାଲରୁ ମୋହର ଚରଣ ଉଦ୍ଧାର କରିବେ'' (ଗୀତ ୨୫:୧୫) ।*

ଅନେକ ସମୟରେ ଆମର ଭୁଲତ୍ରୁଟି ଯୋଗୁଁ ଆମେ ଦହଲା କାଦୁଅର ଗର୍ତ୍ତରେ ନିପତିତ ହୋଇପାରୁ। ବାରମ୍ବାର ଏକ ଭୁଲ କଲେ ଆମେ ଗୋଟିଏ ଗର୍ତ୍ତରୁ ଅନ୍ୟ ''ଗର୍ତ୍ତ''କୁ ଯାଉ ଓ ଶେଷରେ ଶିକ୍ଷା ପାଇଥାଉ। କିନ୍ତୁ ଗର୍ତ୍ତଗାମୀ ହେବାର କାରଣ ଯାହା ହେଲେ ବି ଈଶ୍ୱର ସେଥିରୁ ଆମକୁ ବାହାର କରି ଆଣି ସୁଦୃଢ଼ ଭୂମି ଉପରେ ଆମକୁ ଠିଆ କରାଇ ପାରନ୍ତି। *''ମୁଁ ଧୈର୍ଯ୍ୟ ଧରି ସଦାପ୍ରଭୁଙ୍କର ଅପେକ୍ଷା କଲି; ପୁଣି, ସେ ମନୋଯୋଗ କରି ମୋହର କାକୁକ୍ତି ଶୁଣିଲେ । ସେ ମୋତେ ଭୟଙ୍କର ଗର୍ତ୍ତରୁ ଓ ଦହଲା କାଦୁଅରୁ ଉଠାଇ ଆଣିଲେ ଓ ଶୈଳ ଉପରେ ମୋହର ଚରଣ ରଖିଲେ ଓ ମୋହର ପାଦଗତି ଦୃଢ଼ କଲେ। ପୁଣି, ସେ ମୋ ମୁଖରେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ପ୍ରଶଂସାର ଏକ ନୂତନ ଗୀତ ଦେଇଅଛନ୍ତି, ଅନେକେ ଏହା ଦେଖିବେ ଓ ଭୟ କରିବେ, ପୁଣି ସଦାପ୍ରଭୁଙ୍କଠାରେ ବିଶ୍ୱାସ କରିବେ''* (ଗୀତ ୪୦:୧−୩)

ଆମର ଭୁଲତ୍ରୁଟି ସବୁ ଯୋଗୁଁ ବିଳମ୍ବ ଘଟିଥାଏ, କିନ୍ତୁ ଆମର ଈଶ୍ୱର ସମୟର ପୁନଃସ୍ଥାପନା କରିଥାନ୍ତି। ଯାହା ସାଧାରଣରେ ସାଧିତ ହେବାକୁ ଅନେକ ବର୍ଷ ଲାଗିଥାଏ ତାକୁ ଏକ ବର୍ଷ ମଧ୍ୟରେ ସେ ସାଧନ କରିପାରନ୍ତି। ସେ ବିଭିନ୍ନ ବିଷୟକୁ ତ୍ୱରାନ୍ୱିତ କରିପାରନ୍ତି

ଯଦ୍ଦ୍ୱାରା ଯାହା ସାଧିତ ହେବାପାଇଁ ଅନେକ ବର୍ଷ ଲାଗିଥାନ୍ତା ତାହା ଖୁବ୍ କମ୍ ସମୟରେ ସମ୍ପନ୍ନ ହୋଇପାରିଥାଏ। ଈଶ୍ୱର କରୁଣାମୟ। ଆମେ ଯେତେ ସମୟ ନଷ୍ଟ କରିପକାଇଛୁ, ସେ ତାକୁ ପୁନଃସ୍ଥାପିତ କରିପାରିବେ । *''ଆଉ, ଆମ୍ଭେ ତୁମ୍ଭମାନଙ୍କ ମଧ୍ୟରୁ ଆପଣାର ଯେଉଁ ମହା ସୈନ୍ୟଦଳ, ଅର୍ଥାତ୍ ପଙ୍ଗପାଳ, ପତଙ୍ଗ ଘୁର୍ଘୁରିୟା ଓ ଶୂକକୀଟ ପଠାଇଲୁ, ସେମାନେ ଯେଉଁ ବର୍ଷର ଶସ୍ୟାଦି ଖାଇ ଅଛନ୍ତି, ତାହା ଆମ୍ଭେ ତୁମ୍ଭମାନଙ୍କୁ ଫେରାଇ ଦେବା।''* (ଯୋୟେଲ ୨:୨୫)

ଆମେମାନେ ଆମର ଅତୀତର ଭୁଲତ୍ରୁଟିରୁ ଶିକ୍ଷା ଗ୍ରହଣ କରି, ବୁଦ୍ଧିମାନ ହୋଇ, ଭବିଷ୍ୟତ ଆଡ଼କୁ ଅଗ୍ରସର ହେବା ଉଚିତ୍ ଓ ଈଶ୍ୱର ଆମ ହୃଦୟରେ ଯେଉଁ ଦର୍ଶନ ରଖିଛନ୍ତି ତାଙ୍କୁ ଜ୍ଞାନର ସହ କାର୍ଯ୍ୟକାରୀ କରିବାକୁ ତତ୍ପର ହେବା ଉଚିତ।

*''ତୁମ୍ଭେ ଆପଣା ପାଦ ସଳଖ କରି ପକାଅ ଓ ତୁମ୍ଭର ସବୁ ପଥ ସ୍ଥିରୀକୃତ ହେଉ''* (ହିତୋ ୪:୨୬)

## ଏକ ଈଶ୍ୱରଦତ୍ତ ଦର୍ଶନକୁ ପ୍ରତ୍ୟେକେ ବୁଝି ନ ପାରନ୍ତି

*ପ୍ରେରିତ ୭:୨୩-୨୫*

*[୨୩]ତାଙ୍କ ଚାଳିଶ ବର୍ଷ ପୂର୍ଣ୍ଣ ହେଉଥିବା ସମୟରେ ଆପଣା ଭାଇମାନଙ୍କୁ, ଅର୍ଥାତ୍ ଇସ୍ରାଏଲ ସନ୍ତାନମାନଙ୍କୁ ସଂଖୋଳିବା ନିମନ୍ତେ ତାଙ୍କ ଇଚ୍ଛା ଜାତ ହେଲା। [୨୪]ସେତେବେଳେ ଜଣକ ପ୍ରତି ଅନ୍ୟାୟ କରାଯାଉଥିବା ଦେଖି, ସେ ତା'ର ସପକ୍ଷ ହେଲେ ଓ ସେହି ମିସରୀୟ ଲୋକକୁ ବଧ କରି ଉପଦ୍ରବ ପାଉଥିବା ଲୋକ ପ୍ରତି ଅନ୍ୟାୟର ପ୍ରତିକାର କଲେ। [୨୫]ତାଙ୍କ ହସ୍ତ ଦ୍ୱାରା ଈଶ୍ୱର ଯେ ତାଙ୍କ ଭାଇମାନଙ୍କୁ ଉଦ୍ଧାର କରୁଅଛନ୍ତି, ଏହା ସେମାନେ ବୁଝିବେ ବୋଲି ସେ ମନେ କରିଥିଲେ, କିନ୍ତୁ ସେମାନେ ବୁଝିଲେ ନାହିଁ।*

ମୋଶା ମନେ କଲେ ଯେ ଈଶ୍ୱର ତାଙ୍କ ଜୀବନ ଦେଇ ଯାହା କରିଛନ୍ତି ଓ କରୁଛନ୍ତି ତାହା ତାଙ୍କ ଏବ୍ରୀୟ ଭ୍ରାତୃଗଣ ଉପଲବ୍ଧି କରିପାରିବେ। ସେ ମନେ କଲେ ଯେ ତାଙ୍କ ଲୋକମାନେ ତାଙ୍କ ଜୀବନରେ ଈଶ୍ୱରଙ୍କ ହସ୍ତ ରହିଥିବା ଦେଖିବେ ଓ ସେ ଫାରୋଙ୍କ ପ୍ରାସାଦରେ ରହି ବଢୁଥିବାର ଉଦ୍ଦେଶ୍ୟକୁ ସେମାନେ ଜାଣିବେ । କିନ୍ତୁ ତାଙ୍କ ଲୋକମାନେ ତାହା ବୁଝିପାରି ନଥିଲେ । ମୋଶା ଯେ ସେମାନଙ୍କର ଭାବୀ ଉଦ୍ଧାରକର୍ତ୍ତା ଏହା ସେମାନେ ଆଦୌ ଚିନ୍ତା କରି ନଥିଲେ ।

ପ୍ରେରିତ ପାଉଲଙ୍କ ଜୀବନରେ ମଧ୍ୟ ପ୍ରାୟ ଏହି ବିଷୟ ଆମେ ଦେଖିଥାଉ । ପ୍ରଭୁଙ୍କ ଦର୍ଶନ ଲାଭ ଓ ପରିବର୍ତ୍ତନର ଅନୁଭୂତି ତାଙ୍କ କ୍ଷେତ୍ରରେ ଅତି ଶକ୍ତିଶାଳୀ ଥିଲା। ତାଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଥିଲା । ପ୍ରଭୁ ଯୀଶୁ ତାଙ୍କୁ ଦର୍ଶନ ଦେଇ ତାଙ୍କୁ ଏକ ମହାନ୍ ଆହ୍ୱାନ ଓ ସେବାକାର୍ଯ୍ୟ ଦେଇଥିଲେ । କିନ୍ତୁ ପ୍ରଥମ କେତେ ବର୍ଷ ଧରି ମଣ୍ଡଳୀ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଥିଲା, ସମ୍ଭବତଃ ତାଙ୍କଠାରୁ ଦୂରେଇ ରହିଥିଲା । ପାଉଲ ଅଧିକ ସମୟ ଏକାନ୍ତରେ କ୍ଷେପଣ କଲେ । ସେ ନିଜ ଗୋଡ଼ରେ ନିଜେ ଠିଆ ହେଲେ, ପ୍ରାପ୍ତ ଦର୍ଶନକୁ ଧରି ରହିଲେ ଏବଂ ପ୍ରଭୁଙ୍କଠାରେ ନିଜକୁ ବଳବାନ୍ କଲେ ।

*ଗାଲାତୀୟ ୧:୧୫,୧୬*

*[୧୫] କିନ୍ତୁ ଯେ ମୋହର ମାତାଙ୍କ ଉଦରରୁ ମୋତେ ପୃଥକ୍ କରିଥିଲେ ଓ ଆପଣା ଅନୁଗ୍ରହରେ ମୋତେ ଆହ୍ୱାନ କଲେ, [୧୬] ସେ ଯେତେବେଳେ ଆପଣା ପୁତ୍ରଙ୍କୁ ମୋଠାରେ ପ୍ରକାଶ କରିବା ନିମନ୍ତେ ସନ୍ତୁଷ୍ଟ ହେଲେ, ଯେପରି ମୁଁ ବିଜାତିମାନଙ୍କ ମଧ୍ୟରେ ତାହାଙ୍କୁ ପ୍ରଚାର କରେ, ସେତେବେଳେ ମୁଁ ମନୁଷ୍ୟ ସହିତ ପରାମର୍ଶ କରି ନଥିଲି ।*

ଲୋକେ ଆମମାନଙ୍କର ଈଶ୍ୱରଦତ୍ତ ଦର୍ଶନକୁ ବୁଝି ନ ପାରିଲେ ସୁଦ୍ଧା ଆମେ ସେମାନଙ୍କ ସଙ୍ଗେ ଲାଗି ରହିବାକୁ ହେବ । ଅନେକ ସମୟରେ ପାଉଲଙ୍କ ପରି ଆମେ ‘‘ମନୁଷ୍ୟ ସହିତ ପରାମର୍ଶ ନ କରିବା’’ ବିଷୟ ମଧ୍ୟ ଶିକ୍ଷା ଲାଭ କରିବା । ଈଶ୍ୱର ଆମକୁ ଯେଉଁ ଦର୍ଶନ ଦେଇଛନ୍ତି ତାହା ମନୁଷ୍ୟର ଅନୁମୋଦନ ଲାଭ କରିବାର ଆବଶ୍ୟକତା ନାହିଁ। ଆମେ କେବଳ ଦୃଢ଼ ରହିବା ଯେ ଈଶ୍ୱର ଆମ ହୃଦୟରେ କଥା କହିଛନ୍ତି ।

ସମୟ ଅନୁକ୍ରମେ ଈଶ୍ୱର ତାଙ୍କ ଦ୍ୱାରା ଦର୍ଶନକୁ ପୁଷ୍ଟି କରନ୍ତି । ସେ କାହାକୁ ପଠାଇ ନିଶ୍ଚିତ କରନ୍ତି ଯେ ଅବଶ୍ୟ ସେ ତାହା ଆମ ନିକଟରେ ପ୍ରକାଶ କରିଛନ୍ତି ।

ସମୟ ଅନୁକ୍ରମେ ଦର୍ଶନ କାର୍ଯ୍ୟକାରୀ ହେବା ନିମନ୍ତେ ଯେଉଁ ସ୍ୱଷ୍ଟତା, ଦିଗ୍‌ଦର୍ଶନ, ଚାଳନା ଓ ଜ୍ଞାନର ଆବଶ୍ୟକତା ରହିଛି ଈଶ୍ୱର ତାହା ଆମକୁ ଦେବେ । ଈଶ୍ୱର ଆମ ନିକଟକୁ ଲୋକ ପଠାଇ ଆମକୁ ପରାମର୍ଶ, ଚାଳନା ଦେବେ ଏବଂ ଆମ ହୃଦୟର ଦର୍ଶନକୁ କିପରି ବ୍ୟାବହାରିକ ଭାବରେ କାର୍ଯ୍ୟକାରୀ କରିବାକୁ ହେବ ତାହା ଦେଖାଇବେ । ଈଶ୍ୱର ତାଙ୍କ ଦ୍ୱାରା ପ୍ରେରିତ ବ୍ୟକ୍ତିମାନଙ୍କ ମାଧ୍ୟମରେ ଯାହା ପ୍ରକାଶ କରିବେ, ସେଥିପ୍ରତି ଆମେ ଉନ୍ମୁକ୍ତ ରହିବାକୁ ହେବ ।

## ଈଶ୍ୱରଦତ୍ତ ଦର୍ଶନକୁ ଶୟତାନ ବିରୋଧ କରେ

*ନିହିମିୟା ୨:୧୮-୨୦*

*୧୮ତହୁଁ ମୋ ପ୍ରତି ମୋର ପରମେଶ୍ୱରଙ୍କ ମଙ୍ଗଳମୟ ହସ୍ତ ବିଷୟ, ମଧ୍ୟ ମୋ'ପ୍ରତି ଉକ୍ତ ରାଜାଙ୍କ କଥା ବିଷୟ ମୁଁ ସେମାନଙ୍କୁ ଜଣାଇଲି । ତହିଁରେ ସେମାନେ କହିଲେ, ''ଆସ, ଆମ୍ଭେମାନେ ଉଠି ନିର୍ମାଣ କରିବା'' । ଏହିରୂପେ ସେମାନେ ସେହି ଉତ୍ତମ କାର୍ଯ୍ୟ ନିମନ୍ତେ ଆପଣାମାନଙ୍କ ହସ୍ତ ସବଳ କଲେ । ୧୯ମାତ୍ର ହୋରୋଣୀୟ ସନ୍‌ବଲ୍ଲଟ୍ ଓ ଅମ୍ମୋନୀୟ ଦାସ ଟୋବିୟ ଓ ଆରବୀୟ ଗେଶମ୍ ଏହା ଶୁଣି ଆମ୍ଭମାନଙ୍କୁ ପରିହାସ ଓ ତୁଚ୍ଛ କରି କହିଲେ, ''ତୁମ୍ଭେମାନେ ଏ କି କାର୍ଯ୍ୟ କରୁଅଛ? ତୁମ୍ଭେମାନେ କି ରାଜଦ୍ରୋହ କରିବ''? ୨୦ସେତେବେଳେ ମୁଁ ଉତ୍ତର କରି ସେମାନଙ୍କୁ କହିଲି, ''ଯେ ସ୍ୱର୍ଗସ୍ଥ ପରମେଶ୍ୱର, ସେ ଆମ୍ଭମାନଙ୍କ କାର୍ଯ୍ୟ ସିଦ୍ଧ କରିବେ, ଏଥିପାଇଁ ତାହାଙ୍କର ଦାସ ଆମ୍ଭେମାନେ ଉଠି ନିର୍ମାଣ କରିବୁ, ମାତ୍ର ଯିରୂଶାଲମରେ ତୁମ୍ଭମାନଙ୍କର କୌଣସି ଅଂଶ କି ଅଧିକାର କି ସ୍ମୃତି ଚିହ୍ନ ନାହିଁ'' ।*

ଏହା ଅତି ସ୍ପଷ୍ଟ ହେଲେ ବି କୁହାଯିବା ଆବଶ୍ୟକ । ଈଶ୍ୱରଙ୍କ ଦ୍ୱାରା ଅଧିକାରଯୁକ୍ତ ହୋଇ ଯଦି କୌଣସି ବ୍ୟକ୍ତି ଈଶ୍ୱରଙ୍କ ରାଜ୍ୟ ବିସ୍ତାର କରେ ଓ ଅନ୍ଧକାରର କାର୍ଯ୍ୟସମୂହକୁ କ୍ଷତି ପହଞ୍ଚାଏ ତେବେ ଶୟତାନ କେବେହେଲେ ତାହା ବରଦାସ୍ତ କରିବ ନାହିଁ । ରାଜ୍ୟର କାର୍ଯ୍ୟକୁ ବିରୋଧ, ପ୍ରତିବନ୍ଧକ ସୃଷ୍ଟି, ବିଭ୍ରାନ୍ତ ଓ ଅମନୋଯୋଗୀ କରିବା ପାଇଁ ସେ ଯଥାସାଧ ଉଦ୍ୟମ କରିବ ।

ଯିରୁଶାଲମର ଭଗ୍ନପ୍ରାଚୀର ଗୁଡ଼ିକର ପୁନଃନିର୍ମାଣ କରିବା ପାଇଁ ନିହିମିୟା ଯେତେବେଳେ ସ୍ଥିର କଲେ ସେଠାରେ ଥିବା ଆରବ ଓ ଆମୋନୀୟ କର୍ମଚାରୀମାନେ ହସିଲେ ଓ ପରେ ସେହି କାର୍ଯ୍ୟର ବିରୋଧ କଲେ । କିନ୍ତୁ ନିହିମିୟା ପ୍ରଭୁଙ୍କ ଉପରେ ଦୃଷ୍ଟି ରଖି ଈଶ୍ୱର ତାଙ୍କୁ ଯେଉଁ କାର୍ଯ୍ୟ କରିବା ନିମନ୍ତେ ଆହ୍ୱାନ କରିଛନ୍ତି ସେଥିରେ ସେ ଅଗ୍ରସର ହେଲେ ।

ଅନେକ କ୍ଷେତ୍ରରେ ଶୟତାନର ବିରୋଧ ଏତେ ଚତୁରତାର ସହିତ ହୋଇଥାଏ ଯେ ଆମେ ଏହାକୁ ଚିହ୍ନି ପାରିନଥାଉ ।

ଶୟତାନର ବିରୋଧ ଆମକୁ **ବିଭ୍ରାନ୍ତ** କରିପାରେ। ସାମାନ୍ୟ ଉତ୍ତମ ବିଷୟ ଗୁଡ଼ିକ, ଗୁରୁତ୍ୱପୂର୍ଣ୍ଣ ବା ଜଟିଳ ବିଷୟସବୁ ଆମର ମନୋଯୋଗ, ସମୟ ଓ ଶକ୍ତିକୁ ଆକର୍ଷିତ

କରିପାରେ । ତେବେ ଆମେ ଉକ୍ତ ପରିସ୍ଥିତିସବୁକୁ ବୁଝିବାକୁ ହେବ ଏବଂ ଆମଠାରେ ଅର୍ପିତ ଈଶ୍ୱରଦତ୍ତ ଦର୍ଶନକୁ ସଫଳ କରିବା ପାଇଁ ଧ୍ୟାନ ଦେବାକୁ ହେବ । ବିଭ୍ରାନ୍ତ ହେଲେ ମନୋଯୋଗ ଚାଲିଯାଏ ଏବଂ ସମୟ, ଶକ୍ତି ଓ ସମ୍ବଳର ଅପଚୟ ଘଟେ ।

ଶୟତାନର ବିରୋଧ ଯୋଗୁଁ ସାମାନ୍ୟ **ଦିଗପରିବର୍ତ୍ତନ** ଆସିଥାଏ । ଏହି ସାମାନ୍ୟ ଦିଗ ପରିବର୍ତ୍ତନର ସହିତ ଆମେ କାର୍ଯ୍ୟାରମ୍ଭ କରୁ ଓ କ୍ରମଶଃ ଏହି ଦିଗପରିବର୍ତ୍ତନ ବୃଦ୍ଧି ପାଇ ମୂଳ ମିଶନ୍ ସହିତ ଏକ ବିରାଟ ବ୍ୟବଧାନ ସୃଷ୍ଟି କରେ । ଏପରି ପରିସ୍ଥିତିରେ ଆମେ ସର୍ବଦା ଆତ୍ମ-ପରୀକ୍ଷା କରି ଈଶ୍ୱରଦତ୍ତ ମୂଳ ଦର୍ଶନ ସହିତ ସଂଯୁକ୍ତ ହୋଇ କାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ତାହାଙ୍କ ଚାଳନାନୁସାରେ ଆମେ କାର୍ଯ୍ୟ କରିବାକୁ ହେବ ।

ଶୟତାନର ବିରୋଧ ଆଭ୍ୟନ୍ତରୀଣ **ବିବାଦ** ବା କନ୍ଦଳ ସୃଷ୍ଟି କରିପାରେ । ଆଭ୍ୟନ୍ତରୀଣ ବିବାଦ ଆତ୍ମ-ବିନାଶକ ହୋଇଥାଏ । ଏଣୁ ଆମେ ଆମର ଦଳ ସବୁରେ ଓ ସେବାକାର୍ଯ୍ୟରେ ଯେପରି ଆଭ୍ୟନ୍ତରୀଣ ବିବାଦ ନରହେ ସେ ବିଷୟରେ ସାବଧାନ ରହୁ ।

ଶୟତାନର ବିରୋଧ **ନିରୁତ୍ସାହଭାବ** ଆଣିପାରେ । ଆମେ ସମସ୍ତେ ନିରୁତ୍ସାହଭାବର ଶିକାର ହୋଇଥାଉ ଓ ଓହରି ଯିବା ପାଇ ଚିନ୍ତା ବି କରିଥାଉ । ଅନେକ ସମୟରେ ଆମର ସହକର୍ମୀମାନେ ଆମକୁ ନିରୁତ୍ସାହିତ କରିପାରନ୍ତି । କିନ୍ତୁ ଏହାର ସମାଧାନ ହେଉଛି ଈଶ୍ୱରଙ୍କଠାରେ ଆମେ ନିଜକୁ ଉତ୍ସାହିତ କରିବା ବିଷୟ ଶିଖିବା ଓ ଆଗେଇ ଚାଲିବା ।

ଈଶ୍ୱର ଆମର ସପକ୍ଷ ଅଟନ୍ତି ଓ ସେ ଆମକୁ ଜୟଯୁକ୍ତ ଜୀବନ କାଟିବା ପାଇଁ ଶକ୍ତି ପ୍ରଦାନ କରନ୍ତି !

## ଈଶ୍ୱରଦତ୍ତ ଦର୍ଶନ ସର୍ବଦା ବ୍ୟକ୍ତିବିଶେଷଠାରୁ ବଡ଼

ପ୍ରତ୍ୟେକ ଈଶ୍ୱରଦତ୍ତ ଦର୍ଶନ ବ୍ୟକ୍ତିବିଶେଷଠାରୁ ବଡ଼ ଅଟେ । ଈଶ୍ୱର କେବେହେଲେ ଜଣେ ବ୍ୟକ୍ତିଦ୍ୱାରା ହିଁ ତାଙ୍କର ଦର୍ଶନର ସଫଳ ରୂପାୟନ ହେଉ ବୋଲି ଚାହିଁ ନଥାନ୍ତି ।

*ନିହିମିୟା ୨:୧୨*

*[୧୨] ତହୁଁ ରାତ୍ରିରେ ମୁଁ ଓ ମୋ ସଙ୍ଗେ କେତେକ ଲୋକ ଉଠିଲୁ, ପୁଣି, ମୋର ପରମେଶ୍ୱର ଯିରୂଶାଲମ ନିମନ୍ତେ ଯାହା କରିବାକୁ ମୋର ମନରେ ପ୍ରବୃତ୍ତି ଦେଇଥିଲେ, ତାହା ମୁଁ କାହାକୁ ଜଣାଇଲି ନାହିଁ; ଆଉ ମୁଁ ଯେଉଁ ପଶୁ ଉପରେ ଚଢ଼ିଥିଲି, ତାହା ଛଡ଼ା ଅନ୍ୟ ପଶୁ ମୋ ସଙ୍ଗରେ ନଥିଲା।*

*ନିହିମିୟା ୨:୧୭,୧୮*

*[୧୭] ଏଉତ୍ତାରେ ମୁଁ ସେମାନଙ୍କୁ କହିଲି, ''ଆମ୍ଭେମାନେ କିପ୍ରକାର ମନ୍ଦ ଅବସ୍ଥାରେ ଅଛୁ, ଯିରୂଶାଲମ କିପରି ଉଜାଡ଼ ହୋଇ ପଡ଼ିଅଛି ଓ ତହିଁର ଦ୍ୱାରସବୁ ଅଗ୍ନିରେ ଦଗ୍ଧ ହୋଇଅଛି, ଏହା ତୁମ୍ଭେମାନେ ଦେଖୁଅଛ; ଆସ, ଆମ୍ଭେମାନେ ଯେପରି ଆଉ ନିନ୍ଦାପାତ୍ର ନୋହିବା, ଏଥିପାଇଁ ଯିରୂଶାଲମର ପ୍ରାଚୀର ନିର୍ମାଣ କରୁ'' । [୧୮] ତହୁଁ ମୋ'ପ୍ରତି ମୋର ପରମେଶ୍ୱରଙ୍କ ମଙ୍ଗଳମୟ ହସ୍ତ ବିଷୟ, ମଧ୍ୟ ମୋ ପ୍ରତି ଉକ୍ତ ରାଜାଙ୍କ କଥା ବିଷୟ ମୁଁ ସେମାନଙ୍କୁ ଜଣାଇଲି । ତହିଁରେ ସେମାନେ କହିଲେ, ''ଆସ, ଆମ୍ଭେମାନେ ଉଠି ନିର୍ମାଣ କରିବା''। ଏହି ରୂପେ ସେମାନେ ସେହି ଉତ୍ତମ କାର୍ଯ୍ୟ ନିମନ୍ତେ ଆପଣାମାନଙ୍କ ହସ୍ତ ସବଳ କଲେ ।*

ନିହିମିୟାଙ୍କ ହୃଦୟରେ ଯେଉଁ ଈଶ୍ୱରଦତ୍ତ ଦର୍ଶନ ସ୍ଥାନ ପାଇଥିଲା ସେ ବିଷୟରେ ସେ କିଛି ଦିନ କାହାକୁ କିଛି କହି ନ ଥିଲେ । ତା'ପରେ ସେ ଅନ୍ୟମାନଙ୍କ ନିକଟରେ ନିଜର ଦର୍ଶନକୁ ପ୍ରକାଶ କରିଥିଲେ । ସେ ଏହି ଦର୍ଶନରେ ସାମିଲ୍ ହେବା ପାଇଁ ଅନ୍ୟମାନଙ୍କୁ ନିମନ୍ତ୍ରଣ କରିଥିଲେ ଯେପରି ସେମାନେ ଏକତ୍ର ଏହି ଦର୍ଶନକୁ ସଫଳ ହେବା ଦେଖିବେ । *''ଆସ, ଆମ୍ଭେମାନେ ଯିରୂଶାଲମର ପ୍ରାଚୀର ନିର୍ମାଣ କରୁ''।* ଈଶ୍ୱର ତାଙ୍କୁ କିପରି କଢ଼ାଇ ନେଇଛନ୍ତି ତାହା ସେ କହିଲେ ଏବଂ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱାସ ଓ ନିର୍ଭରତା ଉତ୍ପନ୍ନ କଲେ ଯଦ୍ଦ୍ୱାରା ସେମାନେ ମଧ୍ୟ ଦର୍ଶନକୁ ବୁଝିପାରି ପ୍ରତ୍ୟୁତ୍ତର ଦେଇ କହିଲେ, *''ଆସ, ଆମ୍ଭେମାନେ ଉଠି ନିର୍ମାଣ କରିବା''।*

ପ୍ରେରିତ ପୁସ୍ତକ ଓ ଅନ୍ୟାନ୍ୟ ପତ୍ରରେ ଆମ ପାଉଲଙ୍କ ସହକର୍ମୀମାନଙ୍କ ବିଷୟ ପଢୁ । ପାଉଲ ନିଜେ ହିଁ ତାଙ୍କ ସହକର୍ମୀମାନଙ୍କ ନାମ ଉଲ୍ଲେଖ କରିଛନ୍ତି । ''ସହବନ୍ଦୀଗଣ'', ''ସହକର୍ମୀ'', ''ଅଂଶୀଦାର ଓ ସହସହାୟକ'', ''ଜୁଆଳୀରେ ସଂଯୁକ୍ତ ସହକାର୍ଯ୍ୟକାରୀ'', ''ସହଶ୍ରମିକ'', ''ସହଦାସ'' ଇତ୍ୟାଦି ପଦ ସେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ନିମନ୍ତେ ବ୍ୟବହାର କରିଛନ୍ତି, ଯଥା– ବର୍ଣ୍ଣବା, ଶୀଲା, ଲୂକ, ଏଣ୍ଡ୍ରୋନିକସ୍, ଜୁନିଆ, ତିମଥୀ, ଲୁସିଅସ୍, ଯାସୋନ୍, ସୋସିପାଟର୍, ତିତସ୍, ଏପାଫ୍ରା, ତୁଖିକ, ଆରିଷ୍ଟାର୍ଖ, ମାର୍କ, କ୍ଲେମେଣ୍ଟ୍, ଜୁଷ୍ଟସ୍, ଫିଲିମୋନ୍, ଆପିଆ, ଆର୍କିପସ୍, ଦୀମା, ଅନ୍ୟଭାଇମାନେ, ''ସୁସମାଚାର କାର୍ଯ୍ୟରେ ତାଙ୍କ ସହିତ କାର୍ଯ୍ୟକରିଥିବା ମହିଳାମାନେ'' ଏବଂ ''ଅନ୍ୟ ସହଶ୍ରମିକମାନେ ଯେଉଁମାନଙ୍କ ନାମ ଜୀବନ ପୁସ୍ତକରେ ଲିଖିତ ଅଛି''।

ଆମମାନଙ୍କ ମଧ୍ୟରୁ ଅନେକଙ୍କ ନିମନ୍ତେ ଏହି ସମସ୍ୟା ରହିଛି ଯେ ଆମମାନଙ୍କ ହୃଦୟରେ ଈଶ୍ୱର ରଖିଥିବା ଦର୍ଶନର ଅଂଶୀ ହେବାପାଇଁ ଆମେ ଅନ୍ୟମାନଙ୍କୁ ଅନୁମତି ଦେଇ ନଥାଉ । ଆମେ ମନେକରୁ ଯେ ଆମେ ସବୁ କିଛି ନିଜେ ହିଁ କରିବାକୁ ହେବ । ଏହା ମନେ ରଖିବା ଉଚିତ ଯେ ଈଶ୍ୱରଦତ୍ତ ଦର୍ଶନ ବ୍ୟକ୍ତି ବିଶେଷଠାରୁ ବଡ଼ । ସାଧାରଣତଃ ଈଶ୍ୱର ଜଣେ ବ୍ୟକ୍ତି ନିକଟରେ ଦର୍ଶନ ପ୍ରକାଶ କରିଥାନ୍ତି, କିନ୍ତୁ ଅନ୍ୟମାନେ ମିଳିମିଶି ଏହାକୁ କାର୍ଯ୍ୟକାରୀ କରିବା ତାହାଙ୍କ ଇଚ୍ଛା । ସେ ଅନ୍ୟଲୋକମାନଙ୍କୁ ଆଣି ଏହି ଦର୍ଶନରେ ଅଂଶୀ କରାଇଥାନ୍ତି ଯେପରି ସେମାନଙ୍କ ମିଳିତ ଚେଷ୍ଟାରେ ଏହାର ସଫଳ ରୂପାୟନ ହୋଇ ପାରିବ ।

ସମ୍ଭବତଃ ଦର୍ଶନ-ବାହକମାନେ ଯେଉଁ ଏକ କ୍ଷେତ୍ରରେ ବୃଦ୍ଧିପାଇବାକୁ ହେବ ତା'ହେଲା-ଅନ୍ୟମାନଙ୍କୁ ଦର୍ଶନ ସମ୍ବନ୍ଧରେ ଯଥାର୍ଥ ଭାବରେ ଅଂଶୀ କରାଇବାର ସାମର୍ଥ୍ୟ ଯେପରି ସେମାନେ ତାହା ବୁଝିପାରିବେ ଓ ଏଥିରେ ସାମିଲ୍ ହେବେ । ଯଥାର୍ଥ ମନୋଭାବ ନେଇ ଆମେ ଏହା କରିବାକୁ ହେବ । ଈଶ୍ୱର ମଧ୍ୟ ଅନ୍ୟମାନଙ୍କୁ କଥା କହିପାରନ୍ତି ଓ ସେମାନେ ନିଜ ହୃଦୟରେ ଅନୁରୂପ ଆନ୍ଦୋଳନ ଅନୁଭବ କରି ଆମକୁ ଦିଆଯାଇଥିବା ଈଶ୍ୱରଙ୍କ ଦର୍ଶନରେ ଯୋଗ ଦିଅନ୍ତି । ଏହା ଆମକୁ ଆନନ୍ଦ ମୁଖର କରେ । ଅନ୍ୟ କେତେକ ଆମ କଥା ଶୁଣନ୍ତି, କିନ୍ତୁ ସେମାନଙ୍କ ହୃଦୟ ଅନ୍ୟମାନଙ୍କ ପରି ଆନ୍ଦୋଳିତ ହୋଇ ନପାରେ । ଯେଉଁମାନେ ଆମର ଦର୍ଶନର ପ୍ରତ୍ୟୁତ୍ତର ନ ଦିଅନ୍ତି ସେମାନଙ୍କ ନିମନ୍ତେ ଆମେ ନିରୁତ୍ସାହିତ ହେବା, ଅଶାନ୍ତ ବା କ୍ରୋଧିତ ହେବା ଅନୁଚିତ । ହୁଏତ ଈଶ୍ୱର ସେମାନଙ୍କ ନିମନ୍ତେ ଅନ୍ୟକିଛି ବିଷୟ ରଖିଛନ୍ତି ଯହିଁରେ ସେମାନେ ଯୋଗ ଦେବେ ।

ଈଶ୍ୱର ଆମକୁ ଯେଉଁ ଦର୍ଶନ ଦେଇଛନ୍ତି ସେଥିରେ ଯୋଗଦେବା ପାଇଁ ଅନ୍ୟମାନଙ୍କୁ କହିବା ବେଳେ ଓ ସେମାନଙ୍କୁ ନିମନ୍ତ୍ରଣ କଲା ବେଳେ ଆମକୁ ଅବଶ୍ୟ ସାବଧାନ ଓ ବୁଦ୍ଧିମାନ ହେବାକୁ ହେବ । ଆମମାନଙ୍କ ଦଳରେ ଭୁଲ ଲୋକମାନେ ରହିବା ଆମେ ପସନ୍ଦ କରିବାନି, କାରଣ ଆମ ହୃଦୟରେ ଈଶ୍ୱର ଯାହା ରଖିଛନ୍ତି ତାକୁ ସେମାନେ ନଷ୍ଟ କରି ପକାଇବେ ।

## ଈଶ୍ୱର ଦତ୍ତ ଦର୍ଶନରେ ଅଂଶୀ ହେବାଦ୍ୱାରା ଅନ୍ୟମାନେ ସେମାନଙ୍କ ଜୀବନର ଆହ୍ୱାନକୁ ଦେଖିପାରନ୍ତି ଓ ତାହା ପୂରଣ କରନ୍ତି

ଏକ ଈଶ୍ୱରଦତ୍ତ ଦର୍ଶନରେ ସାମିଲ୍ ଓ ଅଂଶୀ ହୋଇ ଅନେକେ ସେମାନଙ୍କ ଜୀବନର ଆହ୍ୱାନକୁ ଜାଣିପାରନ୍ତି ଓ ତାହାକୁ ପୂରଣ କରିଥାନ୍ତି ।

ଦର୍ଶନ ବିଷୟରେ ଅନ୍ୟମାନଙ୍କୁ କହିବା ଦ୍ୱାରା ଆମେ ଆମର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନ୍ୟମାନଙ୍କୁ ବ୍ୟବହାର କରିବା ଅନୁଚିତ । ଏହା ସମ୍ପୂର୍ଣ୍ଣ ଭୁଲ ।

ଆମମାନଙ୍କ ହୃଦୟରେ ଈଶ୍ୱର ରଖିଥିବା ଦର୍ଶନରେ ଅନ୍ୟମାନଙ୍କୁ ସାମିଲ୍ କଲାବେଳେ ଆମେ ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖିବାକୁ ହେବ । ଅମେ ଦେଖିବାକୁ ହେବ ଯେ ଯେତେବେଳେ ସେମାନେ ଆମ ହୃଦୟରେ ସ୍ଥାନ ପାଇଥିବା ଈଶ୍ୱରଦତ୍ତ ଦର୍ଶନର ସଫଳତା ନିମନ୍ତେ ଆମ ସଙ୍ଗେ ମିଶି କାର୍ଯ୍ୟ କରନ୍ତି ଈଶ୍ୱର ସେମାନଙ୍କ ଜୀବନରେ ଯେଉଁ ବୋଝ ଦେଇଛନ୍ତି ଓ ଈଶ୍ୱର ସେମାନଙ୍କୁ ଯେଉଁଥିପାଇଁ ଆହ୍ୱାନ ଦେଇଛନ୍ତି ସେସବୁ ଯେପରି ପୂରଣ ହୁଏ ।

## ଖ୍ରୀଷ୍ଟଙ୍କ ଶରୀରକୁ ଦିଆଯାଇଥିବା ସ୍ୱପ୍ନ ଓ ଦର୍ଶନସମୂହ ପରସ୍ପର ସହିତ ସଂଯୁକ୍ତ

ଆମେମାନେ ଏକ ଶରୀରଭୁକ୍ତ ହୋଇଥିବାରୁ ଈଶ୍ୱର ତାଙ୍କ ଲୋକମାନଙ୍କୁ ଦେଉଥିବା ସ୍ୱପ୍ନ ଓ ଦର୍ଶନସମୂହ ପରସ୍ପର ନିର୍ଭରଶୀଳ ଓ ନିବିଡ଼ ଭାବରେ ସଂଯୁକ୍ତ ।

*ଏଫିସୀ ୪:୪*

*[୪]ଏକ ଶରୀର ଓ ଏକ ଆତ୍ମା, ଯେଉଁ ରୂପେ ତୁମ୍ଭେମାନେ ତୁମ୍ଭମାନଙ୍କ ଆହ୍ୱାନର ଏକ ଭରସାରେ ମଧ୍ୟ ଆହୂତ ହୋଇଅଛ ।*

ଏହି ଶରୀର ବାହାରେ ଆମେମାନେ ଆମର ଆହ୍ୱାନକୁ ପୁରା କରିପାରିବା ନାହିଁ । ଆମେମାନେ ସମସ୍ତେ ଏକ ଭରସାରେ ଆହ୍ୱାନପ୍ରାପ୍ତ ଅଟୁ ।

ଏଫିସୀ ୪:୧୬

*[୧୬]ତାହାଙ୍କଠାରୁ ସମସ୍ତ ଶରୀର ପ୍ରତ୍ୟେକ ସନ୍ଧିର ସାହାଯ୍ୟ ଦ୍ୱାରା ପୁଣି ପ୍ରତ୍ୟେକ ଅଂଶର କାର୍ଯ୍ୟସାଧକ ଶକ୍ତି ଅନୁସାରେ ସୁଖଚିତ ଓ ସୁସଂଯୁକ୍ତ ହୋଇ ପ୍ରେମରେ ଆପଣାର ନିଷ୍ଠା ନିମନ୍ତେ ନିଜର ବୃଦ୍ଧି ସାଧନ କରୁଅଛି ।*

ଆମେ ପରସ୍ପରକୁ କିଛି ଯୋଗାଇଥାଉ, ଯେପରି ଆମେ ସମସ୍ତେ ଏକତ୍ର ମିଳି ଶରୀରର ଗଠନ କରି ପାରିବା ।

ଯେତେବେଳେ ଆମେ ଅନ୍ୟମାନଙ୍କର ଦର୍ଶନର ଅଂଶୀ ହୋଇ ସେମାନଙ୍କ ଦର୍ଶନକୁ ସଫଳ କରିବା ପାଇଁ ସେମାନଙ୍କୁ ସାହାଯ୍ୟ କରିବା– ସେତେବେଳେ ଆମ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଦର୍ଶନକୁ ମଧ୍ୟ ଆମେ ବାସ୍ତବରେ କାର୍ଯ୍ୟକାରୀ ଓ ପୂରଣ କରି ପାରିବା।

## ପ୍ରାର୍ଥନା କରନ୍ତୁ ଯେପରି ଈଶ୍ୱର ଆପଣଙ୍କୁ କେବଳ ଏକ ବୃହତ୍ ଦର୍ଶନ ନୁହେଁ ମାତ୍ର ତା' ସାଙ୍ଗକୁ ଏକ ବୃହତ୍ ହୃଦୟ ମଧ୍ୟ ଦେବେ

ଆମମାନଙ୍କ ମଧ୍ୟରୁ ଅନେକେ ଏକ ବୃହତ୍ ଦର୍ଶନ ପାଇଛନ୍ତି, ମାତ୍ର ଆମର ହୃଦୟ ତା'ତୁଳନାରେ କ୍ଷୁଦ୍ର ଅଟେ । ସେଠାରେ କେବଳ ଜଣକ ପାଇଁ ଅର୍ଥାତ୍ 'ନିଜ' ପାଇଁ ସ୍ଥାନ ରହିଛି ।

ମୋ ହୃଦୟରେ ମୋ ସାଙ୍ଗକୁ ଅନ୍ୟମାନଙ୍କ ନିମନ୍ତେ ମଧ୍ୟ ସ୍ଥାନ ରହିବା ଉଚିତ ।

ଏକ ବୃହତ୍ ଦର୍ଶନ ଏକ ବୃହତ୍ ହୃଦୟ ଆବଶ୍ୟକ କରେ !

ଆମମାନଙ୍କ ଦତ୍ତ ଦର୍ଶନରେ ଅନ୍ୟ ଯେଉଁମାନେ ଅଂଶୀ ହେବା ଉଚିତ ବୋଲି ଈଶ୍ୱର ଚାହାନ୍ତି ସେମାନଙ୍କୁ ଆମ ହୃଦୟରେ ସ୍ଥାନ ଦେବା ପାଇଁ ଆମେ ହୃଦୟବାନ୍ ହେବା ଉଚିତ ।

ଏକ ବୃହତ୍ ହୃଦୟରେ ଅସୁରକ୍ଷା, ଈର୍ଷା, ପ୍ରତିଦ୍ୱନ୍ଦିତା ଓ ଆତ୍ମ-କୈନ୍ଦ୍ରିକତାର ଭାବନା ନଥାଏ । ଏକ ବୃହତ୍ ହୃଦୟ ଅନ୍ୟ ଲୋକମାନଙ୍କ ଜୀବନରେ ଈଶ୍ୱରଙ୍କ କାର୍ଯ୍ୟକୁ ଦେଖିପାରେ ଓ ସେଥିରେ ଆନନ୍ଦ କରେ । ଈଶ୍ୱର ଅନ୍ୟମାନଙ୍କୁ ଯେଉଁଥି ପାଇଁ ଆହ୍ୱାନ କରିଛନ୍ତି ସେମାନେ ଯେପରି ତାହା ପୂରଣ କରିପାରିବେ, ଏକ ବୃହତ୍ ହୃଦୟ ସେମାନଙ୍କୁ ଏଥିପାଇଁ ଉତ୍ସାହିତ ଓ ଶକ୍ତିଯୁକ୍ତ କରିଥାଏ ।

# ବ୍ୟକ୍ତିଗତ ପ୍ରୟୋଗ

ପ୍ରଶ୍ନ ୧: ଈଶ୍ୱର ତାହାଙ୍କ ରାଜ୍ୟ ନିର୍ମାଣାର୍ଥେ ଆପଣଙ୍କ ହୃଦୟରେ କେଉଁ ଦର୍ଶନ ରଖିଛନ୍ତି? ଜୀବନର ଏହି ସମୟରେ ସେ ଆପଣଙ୍କୁ କ'ଣ କହୁଛନ୍ତି ? ଯଦି ସ୍ପଷ୍ଟ ଭାବରେ ଶୁଣିପାରୁନାହାନ୍ତି ତେବେ ହବକ୍‌କୁକଙ୍କ ପରି ଈଶ୍ୱରଙ୍କ କଥା ଶୁଣିବାକୁ ନିଜକୁ ଯଥାସ୍ଥାନରେ ରଖନ୍ତୁ । *''ମୁଁ ଆପଣା ପ୍ରହରୀ ସ୍ଥାନରେ ଠିଆ ହେବି ଓ ଦୁର୍ଗର ଉପରେ ରହିବି, ଆଉ ସେ ମୋ'ଗୁହାରି ବିଷୟରେ ମୋତେ କି କଥା କହିବେ ଓ ମୁଁ କି ଉତ୍ତର ଦେବି, ଏହା ନିରୀକ୍ଷଣ କରି ବୁଝିବି''* (ହବକ୍‌କୁକ ୨:୧)

ପ୍ରଶ୍ନ:୨.ଈଶ୍ୱର ତାହାଙ୍କ ରାଜ୍ୟ ସମ୍ବନ୍ଧୀୟ ଉଦ୍ଦେଶ୍ୟ ଆପଣଙ୍କ ଦ୍ୱାରା ପ୍ରକାଶ କରିବା ପାଇଁ ଆପଣଙ୍କ ଜୀବନରେ କେଉଁ ଆନ୍ତରିକ ଓ ବାହ୍ୟିକ ବିଷୟମାନ କାର୍ଯ୍ୟକାରୀ କରାଉଛନ୍ତି ବୋଲି ଆପଣ ମନେ କରନ୍ତି ? ଈଶ୍ୱରଙ୍କ ସଙ୍ଗେ ସହଯୋଗ କରିବା ପାଇଁ ଏ ସମସ୍ତ ବିଷୟ ଆପଣ କରିପାରନ୍ତି କି ଯେପରି ଆପଣଙ୍କ ଜୀବନରେ ସେସବୁର ପ୍ରଗତି ଦେଖାଯାଏ?

ପ୍ରଶ୍ନ: ୩. ଈଶ୍ୱର ଆପଣଙ୍କୁ ଦେଇଥିବା ଦର୍ଶନରେ ଅନ୍ୟମାନେ ଅଂଶୀ ହୋଇ କାର୍ଯ୍ୟ କରନ୍ତୁ ଓ ତାକୁ ପୂରଣ କରନ୍ତୁ ବୋଲି ଅନ୍ୟମାନଙ୍କ ପ୍ରତି ଆପଣଙ୍କ ହୃଦୟରେ ସ୍ଥାନ ରହିଛି କି? ଅନ୍ୟମାନଙ୍କୁ ବାହାରେ ରଖିବା ପାଇଁ ଆପଣ ପ୍ରାଚୀରମାନେ ନିର୍ମାଣ କରିଛନ୍ତି କି? ଏହି ସମସ୍ତ ପ୍ରାଚୀରକୁ ଭାଙ୍ଗି ଦେବା ପାଇଁ ପ୍ରଭୁଙ୍କ ନିକଟରେ ଆପଣ ପ୍ରାର୍ଥନା କରିବେ କି?

(ଈଶ୍ୱରଙ୍କ ଯୋଜନାକୁ ଆବିଷ୍କାର ଓ ପୂରଣ କରିବା ସମ୍ପର୍କରେ ଅଧିକ ଜାଣିବା ନିମନ୍ତେ ଆମଦ୍ୱାରା ପ୍ରକାଶିତ ପୁସ୍ତକ: "Fulfilling God's Purpose fou Your Life." ପାଠ କରନ୍ତୁ । ଈଶ୍ୱରଙ୍କ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ସମ୍ପର୍କରେ ଅଧିକ ଜାଣିବା ପାଇଁ ଆମ ଦ୍ୱାରା ପ୍ରକାଶିତ ପୁସ୍ତକ: "Giving Birth to the Purposes of God." ଏବଂ "Don't Compromise Your Calling." ପାଠ କରନ୍ତୁ। ସମୟ ଓ କାଳ ଉପରେ ଅଧିକ ଜାଣିବା ନିମନ୍ତେ ଆମଦ୍ୱାରା ପ୍ରକାଶିତ ପୁସ୍ତକ: "A Time for Every Prupose." ପାଠ କରନ୍ତୁ । ଏ ସମସ୍ତ ପୁସ୍ତକ ମାଗଣାରେ ଉପଲବ୍ଧ।)

## ପଞ୍ଚମ ଅଧ୍ୟାୟ

# ରାଜ୍ୟ ନିର୍ମାଣକାରୀମାନଙ୍କ ଜୀବନଶୈଳୀ

ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ (ମାଥିଉ ୫:୧୬) ।



# ୫
# ରାଜ୍ୟ ନିର୍ମାଣକାରୀମାନଙ୍କ ଜୀବନଶୈଳୀ

ଆମେ ଯାହା କରୁ ତା' ଅପେକ୍ଷା ଆମେ କିଏ ଅଟୁ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଆମର କାର୍ଯ୍ୟ ଅପେକ୍ଷା ଆମର ଅସ୍ତିତ୍ୱ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ରାଜ୍ୟ ନିର୍ମାଣକାର୍ଯ୍ୟରେ ବ୍ୟତିବ୍ୟସ୍ତ ରହି ଆମେ ଭୁଲିଯାଇଥାଉ ଯେ ଈଶ୍ୱର ଆମେ କରୁଥିବା କାର୍ଯ୍ୟ ଅପେକ୍ଷା ଆମେ ମନୁଷ୍ୟମାନଙ୍କ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି ।

ତେଣୁ ଆମେ କିଏ ଅଟୁ ଓ ରାଜ୍ୟ ନିର୍ମାଣକାରୀ ଭାବରେ ଆମେ ଯେଉଁ ଜୀବନ ଯାପନ କରୁ ତତ୍ ସମ୍ବନ୍ଧୀୟ ମୁଖ୍ୟ ଉପାଦାନଗୁଡ଼ିକ ଏହି ଅଧ୍ୟାୟରେ ଆଲୋଚିତ ହୋଇଛି । ତିନୋଟି ମୁଖ୍ୟ କ୍ଷେତ୍ରକୁ ନେଇ ବିଚାର କରିବା: (କ) ଈଶ୍ୱରପରାୟଣ ଚରିତ୍ର (ଖ) ଆତ୍ମିକ ପରିପକ୍ୱତା ଓ (ଗ) ଭଣ୍ଡାରଘରିଆପଣ

## ଈଶ୍ୱରପରାୟଣ ଚରିତ୍ର ଗୁରୁତ୍ୱପୂର୍ଣ୍ଣ

*ଚରିତ୍ର କ'ଣ ?*

- ଚରିତ୍ର କହିଲେ ବ୍ୟକ୍ତି ଭାବରେ ମୋର ସ୍ୱଭାବ, ଗୁଣ, ମେଜାଜ୍, ବ୍ୟକ୍ତିତ୍ୱ, ପ୍ରକୃତି, ଆତ୍ମା, ନୈତିକ ସୂତ୍ର ଓ ଗଠନକୁ ବୁଝାଏ ।
- ବ୍ୟକ୍ତିଭାବରେ ମୁଁ ପ୍ରକୃତରେ କିଏ ତାହାହିଁ ମୋର ଚରିତ୍ର ।
- ଅନ୍ୟମାନଙ୍କ ଆଗରେ ମୁଁ ଯାହା ଅଟେ ବୋଲି ମୋର ଧାରଣା ରହିଛି କିଅବା ଅନ୍ୟମାନେ ମୋ ସମ୍ପର୍କରେ ଯାହା ଧାରଣା କରନ୍ତି  ତାହା ମୋର ଚରିତ୍ର ନୁହେଁ ।
- ମୋର ଆଚରଣ ମାଧ୍ୟମରେ ମୋର ଚରିତ୍ର ପ୍ରକାଶିତ ହୁଏ ।

- କଷ୍ଟକର ଓ ଅନପେକ୍ଷିତ ପରିସ୍ଥିତିସମୂହରେ ମୋର କ୍ରିୟା ଓ ପ୍ରତିକ୍ରିୟା ମୋର ଚରିତ୍ରକୁ ପ୍ରକାଶ କରିଥାଏ ।
- ମୁଁ ଗୁପ୍ତରେ ଯାହାସବୁ ପସନ୍ଦ କରିଥାଏ ସେଥରୁ ମୋର ଚରିତ୍ର ପ୍ରକାଶିତ ହୋଇଥାଏ।
- ମୋର କଥାବାର୍ତ୍ତା, ମନୋବୃତ୍ତି ଓ ନିଷ୍ପତ୍ତିସମୂହ ମୋର ଚରିତ୍ରକୁ ପ୍ରକାଶ କରିଥାନ୍ତି।
- ଏହା ମୋର ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତି ଯାହା ମୋର ପସନ୍ଦସବୁକୁ ପ୍ରଭାବିତ କରେ।

### *ଯୋଷେଫ*

ବାଇବଲରେ ଈଶ୍ୱର ପରାୟଣତାର ଅନ୍ୟତମ ଶ୍ରେଷ୍ଠ ଚରିତ୍ର ଭାବରେ ଯୋଷେଫଙ୍କ ଉଦାହରଣ ନିଆଯାଏ । ସେ ବିଶ୍ୱସ୍ତ ଭାବରେ ପ୍ରାୟ ୧୧ବର୍ଷ ଧରି ପୋଟୀଫରର ଗୃହରେ ସେବା କରିଥିଲେ । ଏହି ସମୟର ଶେଷ ଆଡ଼କୁ ଯୋଷେଫଙ୍କ ପ୍ରତି ତାଙ୍କର ବିଶ୍ୱସନୀୟତା ଏତେ ବଢ଼ି ଯାଇଥିଲା ଯେ ପୋଟିଫର ତାଙ୍କ ଗୃହର ସମସ୍ତ ପରିଚାଳନା ଭାର ଯୋଷେଫଙ୍କ ଉପରେ ନ୍ୟସ୍ତ କରିଥିଲେ । ତଥାପି ତାଙ୍କ ଜୀବନରେ ଏକ ଭୟଙ୍କର ସମୟ ଆସିଥିଲା । ତାହା ନିମ୍ନରେ ଦିଆଗଲା :

*ଆଦି ୩୯:୧-୧୩*

*[୧]ଯୋଷେଫ ମିସର ଦେଶକୁ ଅଣାଯାନ୍ତେ, ଫାରୋଙ୍କର ଜଣେ ଭୃତ୍ୟ ଅର୍ଥାତ୍, ମିସ୍ରୀୟ ପୋଟୀଫର ନାମକ ରକ୍ଷକ ସେନାପତି, ତାଙ୍କର ଆନୟନକାରୀ ଇଶ୍ମାଏଲୀୟମାନଙ୍କଠାରୁ ଯୋଷେଫଙ୍କୁ କିଣିଥିଲା । [୨]ମାତ୍ର ସଦାପ୍ରଭୁ ଯୋଷେଫଙ୍କର ସହବର୍ତ୍ତୀ ଥିଲେ, ଏଣୁ ସେ ଭାଗ୍ୟବାନ ହେଲେ; ଆଉ ସେ ଆପଣା ମିସ୍ରୀୟ କର୍ତ୍ତାର ଗୃହରେ ବାସ କଲେ । [୩]ଏଥିରେ ସଦାପ୍ରଭୁ ତାଙ୍କର ସହବର୍ତ୍ତୀ ଅଛନ୍ତି ଓ ସେ ଯେ କାର୍ଯ୍ୟ କଲେ, ସଦାପ୍ରଭୁ ତାଙ୍କ ହାତରେ ସେ ସମସ୍ତ ସିଦ୍ଧ କରୁଅଛନ୍ତି, ଏହା ତାଙ୍କର କର୍ତ୍ତା ଦେଖିଲା । [୪]ଏଣୁ ଯୋଷେଫ ତାହାର ଦୃଷ୍ଟିରେ ଅନୁଗ୍ରହ ପାଇ ତାହାର ସେବାରେ ନିଯୁକ୍ତ ହେଲେ, ପୁଣି ସେ ଯୋଷେଫଙ୍କୁ ଆପଣାର ଗୃହାଧ୍ୟକ୍ଷ କରି ତାଙ୍କର ହସ୍ତରେ ସର୍ବସ୍ୱ ସମର୍ପଣ କଲା । [୫]ଏହି ପ୍ରକାରେ ସେ ଯୋଷେଫଙ୍କୁ ଆପଣା ଗୃହ ଓ ସର୍ବସ୍ୱର ଅଧ୍ୟକ୍ଷ କରିବା ଦିନଠାରୁ ସଦାପ୍ରଭୁ ଯୋଷେଫଙ୍କ ଲାଗି ସେହି ମିସ୍ରୀୟ ଲୋକର ଗୃହ ଉପରେ ଆଶୀର୍ବାଦ କଲେ; ପୁଣି ଗୃହ ଓ କ୍ଷେତ୍ରସ୍ଥିତ ସମସ୍ତ ସମ୍ପଦ ପ୍ରତି ସଦାପ୍ରଭୁଙ୍କର ଆଶୀର୍ବାଦ ବର୍ତ୍ତିଲା । [୬]ଏହେତୁ ସେ ଯୋଷେଫଙ୍କ ହସ୍ତରେ ଆପଣା ସର୍ବସ୍ୱର ଏରୂପ ଭାର ଦେଲା, ଯେ ଆପଣା ଭୋଜନ ବିନୁ ଆଉ କୌଣସି ବିଷୟର ତତ୍ତ୍ୱ ନେଲା ନାହିଁ । ଯୋଷେଫ ରୂପରେ ଓ ସୌନ୍ଦର୍ଯ୍ୟରେ ମନୋହର ଥିଲେ । [୭]ଆଉ ଉକ୍ତ ଘଟନା ଉତ୍ତାରେ ତାଙ୍କର ପ୍ରଭୁର ଭାର୍ଯ୍ୟା ଯୋଷେଫଙ୍କ ଉପରେ ଦୃଷ୍ଟି ପକାଇବାକୁ ଲାଗିଲା; ତହୁଁ ତାଙ୍କୁ କହିଲା, ତୁମ୍ଭେ ମୋ ସଙ୍ଗେ ଶୟନ କର । [୮]ମାତ୍ର ଯୋଷେଫ ଅସ୍ୱୀକାର କରି ଆପଣା*

*ପ୍ରଭୁର ଭାର୍ଯ୍ୟାକୁ କହିଲେ, ଦେଖ, ଏ ଗୃହରେ ମୋ ଜିମା ଯାହା ଅଛି, ମୋ ପ୍ରଭୁ ତହିଁର ତତ୍ତ୍ୱ ନିଅନ୍ତି ନାହିଁ, ସେ ମୋ ହସ୍ତରେ ଆପଣାର ସର୍ବସ୍ୱ ସମର୍ପଣ କରିଅଛନ୍ତି । [୯]ଏହି ଗୃହରେ ମୋ'ଠାରୁ ବଡ଼ କେହି ନାହିଁ; ତୁମ୍ଭେ ତାଙ୍କର ଭାର୍ଯ୍ୟା, ଏନିମନ୍ତେ କେବଳ ତୁମ୍ଭ ଛଡ଼ା ମୋ ପ୍ରତି ଆଉ କିଛି ମନା ନାହିଁ । ଏହେତୁ ମୁଁ କିରୂପେ ଏତେ ବଡ଼ ଦୁଷ୍ଟତା ଓ ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କରିପାରେ ? [୧୦]ତଥାପି ସେ ସ୍ତ୍ରୀ ଦିନକୁ ଦିନ ଯୋଷେଫଙ୍କୁ ଏପରି କହେ; ମାତ୍ର ଯୋଷେଫ ତାହା ସଙ୍ଗେ ଶୟନ କରିବାକୁ କିମ୍ବା ତାହା ନିକଟରେ ରହିବାକୁ ସମ୍ମତ ହୁଅନ୍ତି ନାହିଁ । [୧୧] ଅନନ୍ତର ଦିନକରେ ଯୋଷେଫ ନିଜ କାର୍ଯ୍ୟ ନିମନ୍ତେ ଗୃହ ଭିତରକୁ ଗଲେ, ପୁଣି ଗୃହର ଦାସ ମଧ୍ୟରୁ କେହି ସେଠାରେ ନଥିଲା । [୧୨]ତେଣୁ ସେ ଯୋଷେଫଙ୍କର ବସ୍ତ୍ର ଧରି ମୋ ସଙ୍ଗେ ଶୟନ କର ବୋଲି ଟଣାଟଣି କଲା; ମାତ୍ର ଯୋଷେଫ ତାହା ହସ୍ତରେ ଆପଣା ବସ୍ତ୍ର ଛାଡ଼ି ବାହାରକୁ ପଳାଇଗଲେ । [୧୩]ଯେତେବେଳେ ସେ ସ୍ତ୍ରୀ ଯୋଷେଫଙ୍କୁ ତାହା ହସ୍ତରେ ଆପଣା ବସ୍ତ୍ର ଛାଡ଼ି ବାହାରକୁ ପଳାଇଯିବାର ଦେଖିଲା ।*

'ନା' କହିବା ଶକ୍ତି ଏକ ବଳିଷ୍ଠ ଚରିତ୍ରରୁ ଆସିଥାଏ (୮ ପଦ) ।

କେହି ଦେଖୁ ନଥିଲେ ବି ଆପଣଙ୍କ ବିବେକ ଆପଣଙ୍କୁ ଈଶ୍ୱରଙ୍କ ନିକଟରେ ଉତ୍ତରଦାୟୀ କରିଥାଏ (୯ ପଦ) ।

ଏକ ବଳିଷ୍ଠ ଚରିତ୍ର ଦୁର୍ବଳ ହୋଇ ଯାଇ ନପାରେ ଓ ନିରବଚ୍ଛିନ୍ନ ଭାବରେ ଆସୁଥିବା ପ୍ରଲୋଭନ ନିକଟରେ ଏହା ଆତ୍ମସମର୍ପଣ କରିବ ନାହିଁ (୧୦ ପଦ) ।

### *ଚରିତ୍ର କିପରି ବିକଶିତ ହୁଏ ?*

ଜଣେ ବ୍ୟକ୍ତିର ଚରିତ୍ରର ବିକାଶ ନିମନ୍ତେ କେଉଁ ବିଷୟ ପ୍ରଭାବିତ ବା ନିୟନ୍ତ୍ରିତ କରେ ? ବାଇବଲରେ ଦାନିୟେଲଙ୍କ ଚରିତ୍ର ବଳିଷ୍ଠ ନୈତିକ ଚରିତ୍ରର ଅନ୍ୟ ଏକ ମହତ୍ ଉଦାହରଣ । ଆମେ ଦାନିୟେଲଙ୍କ ଜୀବନରୁ ଦେଖିବା କିପରି ଈଶ୍ୱର ତାଙ୍କଠାରେ ଚରିତ୍ରର ବିକାଶ କଲେ ।

### *ଦାନିୟେଲ*

ଦାନିୟେଲ ସମ୍ଭବତଃ ଯିରୁଶାଲମରେ ଜନ୍ମ ଗ୍ରହଣ କରିଥିଲେ ଓ ସେ ଯିହୁଦା ଗୋଷ୍ଠୀର ଲୋକ ଥିଲେ । ସେ ବାବିଲୋନ୍‌କୁ ଯିରୁଶାଲମର ଜଣେ ବନ୍ଦୀ ଭାବରେ ନିଆଯାଇଥିଲେ । ଦାନିୟେଲ ଓ ତାଙ୍କର ତିନିବନ୍ଧୁ ନିଶ୍ଚେ କମ୍ ବୟସର ଯୁବା ଥିଲେ ଯେତେବେଳେ କି ସେମାନଙ୍କୁ ତାଲିମ୍ ଦେବା ନିମନ୍ତେ ବାବିଲୋନ୍‌କୁ ନିଆଯାଇଥିଲା।

ଦାନିୟେଲ ତାଙ୍କ ଜୀବନକାଳ ମଧ୍ୟରେ ତିନୋଟି ସାମ୍ରାଜ୍ୟର ଅନେକ ରାଜାଙ୍କ ଦରବାରରେ କାର୍ଯ୍ୟ କରିଥିଲେ, ଯଥା: ନବୁଖଦ୍‌ନେଜର୍ ଓ ବେଲ୍‌ସଜର୍ (ବାବିଲୋନ୍‌ର ରାଜାଗଣ), ଦାରିଅସ୍ (ମାଦୀୟ ରାଜା), ଓ ପରେ ସାଇରସ୍ (ପର୍ସିଆର ରାଜା)। ତାଙ୍କର ଜୀବନ ଏହି ଶକ୍ତିଶାଳୀ ରାଜାମାନଙ୍କୁ ଏପରି ପ୍ରଭାବିତ କରିଥିଲା ଯେ ସେମାନେ ସମସ୍ତେ ସ୍ୱୀକାର କରିଥିଲେ ଯେ ଏବ୍ରୀୟମାନଙ୍କ ଈଶ୍ୱର ହିଁ ସତ୍ୟ ଈଶ୍ୱର ଅଟନ୍ତି ।

- ଦାନିୟେଲଙ୍କ ଚରିତ୍ର କମ୍ ବୟସରୁ ହିଁ ବିକାଶ ଲାଭ କରିଥିଲା ଓ ସେ ତାଙ୍କ ଆନ୍ତରିକ ବୋଧ ଅନୁସାରେ ଦୃଢ଼ଭାବରେ ଠିଆ ହୋଇଥିଲେ (ଦାନି ୧:୮) । ଦାନିୟେଲ ଓ ତାଙ୍କ ବନ୍ଧୁମାନେ ଯେଉଁ ନିଷ୍ପତ୍ତି ନେଇଥିଲେ ଈଶ୍ୱର ତାକୁ ସମ୍ମାନ କରିଥିଲେ ।

*ଦାନିୟେଲ ୧:୮*
*ମାତ୍ର ରାଜାର ଆହାରୀୟ ଦ୍ରବ୍ୟରେ ଓ ତାହାର ପାନୀୟ ଦ୍ରାକ୍ଷାରସରେ ଆପଣାକୁ ଅଶୁଚି ନ କରିବା ପାଇଁ ଦାନିୟେଲ ନିଜ ମନରେ ସ୍ଥିର କଲେ; ଏହେତୁ ସେ ଯେପରି ଆପଣାକୁ ଅଶୁଚି ନ କରେ, ଏଥିପାଇଁ ସେ ନପୁଂସକାଧିପତିକି ନିବେଦନ କଲା ।*

ଈଶ୍ୱର ପରାୟଣ ଚରିତ୍ର ଗଠନ କରିବା ଅତି କମ୍ ବୟସରୁ ମଧ୍ୟ ସମ୍ଭବ ।

- ଜଣେ ବ୍ୟକ୍ତିର ସାଙ୍ଗସାଥୀ ତା'ର ଚରିତ୍ରକୁ ପ୍ରଭାବିତ କରିଥାନ୍ତି ।

*ଦାନିୟେଲ ୨:୧୭*
*[୧୭]ଏଥିରେ ଦାନିୟେଲ ଆପଣା ଗୃହକୁ ଗଲେ, ଆଉ ସେ ତାଙ୍କର ସଙ୍ଗୀମାନେ ଯେପରି ବାବିଲର ଅନ୍ୟାନ୍ୟ ବିଦ୍ୱାନ୍‌ମାନଙ୍କ ସଙ୍ଗେ ବିନଷ୍ଟ ନୋହିବେ ।*

*୧ କରିନ୍ଥୀ ୧୫:୩୩*
*[୩୩]ଭ୍ରାନ୍ତ ନ ହୁଅ, କୁସଂସର୍ଗ ଶିଷ୍ଟାଚାର ନଷ୍ଟ କରେ ।*

- ବଳିଷ୍ଠ ନୈତିକ ଚରିତ୍ର ଗଠନ ସମୟସାପେକ୍ଷ ଏବଂ ଶୃଙ୍ଖଳା ଓ ଅଭ୍ୟାସ ଦ୍ୱାରା ସମ୍ଭବ ହୋଇଥାଏ ।

*ଦାନିୟେଲ ୬:୧୦*
*ଅନନ୍ତର ଏହି ଲେଖା ସ୍ୱାକ୍ଷରିତ ହୋଇଅଛି ବୋଲି ଜାଣିଲା ଉତ୍ତାରେ ଦାନିୟେଲ ଆପଣା ଗୃହକୁ ଗଲେ; ତାଙ୍କ କୋଠରିର ଝରକା ଯିରୂଶାଲମ ଆଡ଼େ ମେଲା ଥିଲା; ପୁଣି, ସେ ପୂର୍ବେ ଯେପରି କରିଥାଆନ୍ତି, ତଦନୁସାରେ ଦିନ ମଧ୍ୟରେ ତିନି ଥର ଆଣ୍ଠୁପାତି ପ୍ରାର୍ଥନା କଲେ ଓ ଆପଣା ପରମେଶ୍ୱରଙ୍କ ଛାମୁରେ ଧନ୍ୟବାଦ ପ୍ରଦାନ କଲେ ।*

- ଦୁଃଖ ଦୁର୍ଦ୍ଦଶା ଆସିଲେ ବଳିଷ୍ଠ ନୈତିକ ଚରିତ୍ର ଅଧିକ ଦୃଢ଼ ହୋଇଥାଏ

*ରୋମୀୟ ୫:୩,୪*
*[୩]କେବଳ ତାହା ନୁହେଁ, ସମସ୍ତ କ୍ଳେଶରେ ମଧ୍ୟ ଦର୍ପ କରୁଅଛୁ, ଯେଣୁ କ୍ଳେଶରୁ ଧୈର୍ଯ୍ୟ,*
*ଧୈର୍ଯ୍ୟରୁ ଅନୁଭୂତି, ୪ ପୁଣି, ଅନୁଭୂତିରୁ ଭରସା ଯେ ଜନ୍ମେ, ଏହା ଆମ୍ଭେମାନେ ଜାଣୁ ।*

## ଚରିତ୍ର କାହିଁକି ଗୁରୁତ୍ୱପୂର୍ଣ୍ଣ ?

### ୧.ରାଜ୍ୟର ସେବାକାର୍ଯ୍ୟ ନିମନ୍ତେ ଈଶ୍ୱରପରାୟଣ ଚରିତ୍ର ପୂର୍ବାପେକ୍ଷିତ ସର୍ତ୍ତ

ପ୍ରେରିତ ପାଉଲ ଆତ୍ମିକ ନେତାମାନଙ୍କୁ ନିଯୁକ୍ତ କରିବା ସମ୍ପର୍କରେ ତୀମଥି ଓ ତୀତସଙ୍କ ନିକଟକୁ ଯେଉଁ ପତ୍ର ଲେଖିଥିଲେ ସେଥିରେ ବର୍ଣ୍ଣିତ ନେତାମାନଙ୍କ ଯୋଗ୍ୟତାର ତାଲିକାରେ ସେମାନେ ପାଇଥିବା ଅନୁଗ୍ରହ ଦାନ ଅପେକ୍ଷା ସେମାନଙ୍କ ବଳିଷ୍ଠ ଚରିତ୍ର ଓ ଜୀବନଶୈଳୀ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ।

ଆତ୍ମାଙ୍କ ଅଭିଷେକ ଓ ଆତ୍ମିକଦାନ ପାଇବା ଗୁରୁତ୍ୱପୂର୍ଣ୍ଣ ବିଷୟ । ତେବେ ଆମେ ସେଗୁଡ଼ିକ ପାଇ ଚରିତ୍ରଗଠନ ଓ ଜୀବନଶୈଳୀକୁ ଅବହେଳା କରି ନ ପାରୁ ।

*୧ ତୀମଥି ୩:୧−୧୫*
*[୧]ଏହି କଥା ସତ୍ୟ, କେହି ଯଦି ଅଧ୍ୟକ୍ଷପଦ ପାଇବାକୁ ଆକାଂକ୍ଷା କରନ୍ତି, ତେବେ ସେ ଉତ୍ତମ*
*କାର୍ଯ୍ୟ ବାଞ୍ଛା କରନ୍ତି। [୨]ଅତଏବ, ଅଧ୍ୟକ୍ଷଙ୍କର ଅନିନ୍ଦନୀୟ ହେବା ଆବଶ୍ୟକ, ସେ ଅବଶ୍ୟ*
*ଏକ ସ୍ତ୍ରୀରି ସ୍ୱାମୀ, ମିତଭୋଗୀ, ସୁବୁଦ୍ଧି, ସଦାଚାରୀ, ଆତିଥ୍ୟପ୍ରିୟ ଓ ଶିକ୍ଷାଦାନରେ ନିପୁଣ*
*ହେବେ, [୩]ମଦ୍ୟପାୟୀ କି ବିବାଦପ୍ରିୟ ନ ହୋଇ ବରଂ ମୃଦୁଶୀଳ, ନିର୍ବିରୋଧ ଓ ନିର୍ଲୋଭ*
*ହେବେ, [୪]ନିଜ ପରିବାରକୁ ଉତ୍ତମରୂପେ ଶାସନ କରିବେ, ଗାମ୍ଭୀର୍ଯ୍ୟ ସହକାରେ ଆପଣା*
*ସନ୍ତାନମାନଙ୍କୁ ବଶୀଭୂତ କରି ରଖିବେ। [୫](କେହି ଯେବେ ଆପଣା ପରିବାରକୁ ଶାସନ*
*କରିବାକୁ ଜାଣେ ନାହିଁ, ତେବେ ସେ କିପରି ଈଶ୍ୱରଙ୍କ ମଣ୍ଡଳୀର ତତ୍ତ୍ୱ ନେବ?) [୬]ସେ ନୂତନ*
*ଶିଷ୍ୟ ହୋଇ ନଥିବେ, କାଳେ ଅସାର ଗର୍ବୀ ହୋଇ ଶୟତାନ ସଦୃଶ ଦଣ୍ଡଗ୍ରସ୍ତ ହେବେ।*
*[୭]ତାହାଙ୍କର ମଧ ବାହାର ଲୋକଙ୍କଠାରୁ ସୁଖ୍ୟାତି ପ୍ରାପ୍ତ ହେବା ଆବଶ୍ୟକ, କାଳେ ସେ ନିନ୍ଦା*
*ପାଇ ଶୟତାନର ଫାନ୍ଦରେ ପଡ଼ିବେ। [୮]ସେହିପ୍ରକାରେ ସେବକମାନଙ୍କର ଶୁଦ୍ଧ ବିବେକରେ*
*ବିଶ୍ୱାସର ନିଗୂଢ଼ତତ୍ତ୍ୱ ଅବଲମ୍ବନ କରି ଗମ୍ଭୀର, ଛଳନାବାକ୍ୟରହିତ, [୯]ମଦ୍ୟପାନରେ ଅନାସକ୍ତ*

*ଓ କୁତ୍ସିତ ଧନଲାଭରେ ନିର୍ଲୋଭ ହେବା ଆବଶ୍ୟକ, [୧୦]ସେମାନେ ମଧ୍ୟ ପ୍ରଥମେ ପରୀକ୍ଷିତ ହେଉନ୍ତୁ, ପୁଣି ନିର୍ଦ୍ଦୋଷ ଦେଖାଗଲେ ସେବକପଦରେ ନିଯୁକ୍ତ ହେଉନ୍ତୁ। [୧୧]ସେହି ପ୍ରକାରେ ସ୍ତ୍ରୀମାନଙ୍କର ମଧ୍ୟ ପରନିନ୍ଦାକାରିଣୀ ନହୋଇ ଗମ୍ଭୀରା, ମିତାଚାରିଣୀ ଓ ସମସ୍ତ ବିଷୟରେ ବିଶ୍ୱସ୍ତା ହେବା ଆବଶ୍ୟକ। [୧୨]ସେବକମାନେ ଏକ ଏକ ସ୍ତ୍ରୀର ସ୍ୱାମୀ ହେଉନ୍ତୁ, ପୁଣି ଆପଣା ଆପଣା ସନ୍ତାନମାନଙ୍କୁ ଓ ପରିବାରକୁ ଉତ୍ତମରୂପେ ଶାସନ କରନ୍ତୁ। [୧୩]କାରଣ ଯେଉଁମାନେ ଉତ୍ତମରୂପେ ସେବକକର୍ମ କରିଅଛନ୍ତି, ସେମାନେ ଆପଣା ଆପଣା ନିମନ୍ତେ ସୁଖ୍ୟାତି ଓ ଖ୍ରୀଷ୍ଟଯୀଶୁଙ୍କଠାରେ ବିଶ୍ୱାସମୂଳକ ବିପୁଳ ସାହସ ଲାଭ କରିବେ। [୧୪]ମୁଁ ଶୀଘ୍ର ତୁମ୍ଭ ନିକଟକୁ ଯିବି ବୋଲି ଆଶା କରୁଅଛି, [୧୫]ମାତ୍ର ଯେବେ ମୋହର ବିଳମ୍ବ ହୁଏ, ତେବେ ଈଶ୍ୱରଙ୍କ ଗୃହରେ, ଅର୍ଥାତ୍ ସତ୍ୟର ସ୍ତମ୍ଭ ଓ ଭିତ୍ତିମୂଳସ୍ୱରୂପ ଜୀବିତ ଈଶ୍ୱରଙ୍କ ମଣ୍ଡଳୀରେ, କିପରି ଆଚରଣ କରିବାକୁ ହୁଏ, ତାହା ଯେପରି ତୁମ୍ଭେ ଜ୍ଞାତ ହୁଅ, ଏହେତୁ ଏହିସମସ୍ତ ତୁମ୍ଭ ନିକଟକୁ ଲେଖୁଅଛି ।*

*ତୀତସ ୧:୫-୯*
*[୫]ଅସମ୍ପୂର୍ଣ୍ଣ କାର୍ଯ୍ୟସବୁ ସମ୍ପୂର୍ଣ୍ଣ କରିବାକୁ, ପୁଣି ମୋହର ଆଦେଶାନୁସାରେ ପ୍ରତ୍ୟେକ ନଗରରେ ପ୍ରାଚୀନମାନଙ୍କୁ ନିଯୁକ୍ତ କରିବାକୁ ମୁଁ କ୍ରୀତୀରେ ତୁମ୍ଭକୁ ଛାଡ଼ି ଆସିଲି; [୬]ଯେଉଁ ବ୍ୟକ୍ତି ନିର୍ଦ୍ଦୋଷ ଓ ଏକ ସ୍ତ୍ରୀର ସ୍ୱାମୀ, ଯାହାଙ୍କ ସନ୍ତାନମାନେ ବିଶ୍ୱାସୀ ଅଟନ୍ତି ଓ କଦାଚରଣ ବିଷୟରେ ଅପବାଦିତ କିମ୍ବା ଅବାଧ୍ୟ ନୁହନ୍ତି, ତାଙ୍କୁ ନିଯୁକ୍ତ କର। [୭]କାରଣ ଅଧ୍ୟକ୍ଷଙ୍କ ଈଶ୍ୱରଙ୍କର ବେବର୍ତ୍ତାସ୍ୱରୂପେ ନିର୍ଦ୍ଦୋଷ ହେବା ଆବଶ୍ୟକ; ସେ ସ୍ୱେଚ୍ଛାଚାରୀ କି ଆଶୁକ୍ରୋଧୀ କି ମଦ୍ୟପାୟୀ କି ବିବାଦପ୍ରିୟ କି କୁତ୍ସିତ ଧନଲାଭର ଅଭିଳାଷୀ ନହୋଇ ଆତିଥ୍ୟପ୍ରିୟ, [୮]ଉତ୍ତମ ବିଷୟର ଅନୁରାଗୀ, ସୁବୁଦ୍ଧି, ନ୍ୟାୟପରାୟଣ, ସାଧୁ ଓ ମିତାଚାରୀ ହେଉନ୍ତୁ, [୯]ପୁଣି, ଯେପରି ସେ ହିତଜନକ ଶିକ୍ଷା ଦେଇ ଉତ୍ସାହ ଦେବାକୁ ଓ ବିପକ୍ଷବାଦୀମାନଙ୍କୁ ଅନୁଯୋଗ କରିବାକୁ ସକ୍ଷମ ହୁଅନ୍ତି, ଏଥିନିମନ୍ତେ ପ୍ରାପ୍ତ ଶିକ୍ଷାନୁଯାୟୀ ବିଶ୍ୱାସଯୋଗ୍ୟ ବାକ୍ୟକୁ ଦୃଢ଼ଭାବରେ ଧରନ୍ତୁ।*

*୧ ପିତର ୫:୧-୪*
*[୧]ଅତଏବ, ଜଣେ ସହପ୍ରାଚୀନ ପୁଣି ଖ୍ରୀଷ୍ଟଙ୍କ ଦୁଃଖଭୋଗର ସାକ୍ଷୀ ଏବଂ ଆଗାମୀ ଗୌରବର ଅଂଶାଧିକାରୀ ଯେ ମୁଁ, ମୁଁ ତୁମ୍ଭମାନଙ୍କ ମଧ୍ୟରେ ଥିବା ପ୍ରାଚୀନମାନଙ୍କୁ ଅନୁରୋଧ କରୁଅଛି,*
*[୨]ତୁମ୍ଭମାନଙ୍କ ତତ୍ତ୍ୱାବଧାନରେ ଥିବା ଈଶ୍ୱରଙ୍କ ପଲକୁ ପ୍ରତିପାଳନ କର, ବାଧ୍ୟ ହୋଇ ନୁହେଁ, ମାତ୍ର ଈଶ୍ୱରଙ୍କ ଇଚ୍ଛାନୁଯାୟୀ ସ୍ୱଚ୍ଛନ୍ଦ ମନରେ, କୁତ୍ସିତ ଲାଭ ନିମନ୍ତେ ନୁହେଁ, କିନ୍ତୁ ଆଗ୍ରହ ସହକାରେ ତାହା କର, [୩]ପୁଣି ଯେଉଁମାନଙ୍କର ଦାୟିତ୍ୱଭାର ତୁମ୍ଭମାନଙ୍କ ହସ୍ତରେ ସମର୍ପିତ ଅଛି, ସେମାନଙ୍କ ଉପରେ କର୍ତ୍ତାପଣ ନକରି ପଲର ଆଦର୍ଶସ୍ୱରୂପ ହୋଇ ତାହା କର।*
*[୪]ସେଥିରେ ପ୍ରଧାନ ପାଳକ ପ୍ରକାଶିତ ହେବା ସମୟରେ ତୁମ୍ଭେମାନେ ଗୌରବର ଅମ୍ଳାନ ମୁକୁଟ ପାଇବ।*

ସମସ୍ତ ରାଜ୍ୟ ନିର୍ମାଣ କାର୍ଯ୍ୟ ପାଇଁ ଏକ ଈଶ୍ୱରପରାୟଣ ଚରିତ୍ର ସେବାକାର୍ଯ୍ୟର ମୂଳଦୁଆ ସ୍ୱରୂପ ।

ଆମ ସେବାକାର୍ଯ୍ୟର ପ୍ରକୃତ ଶକ୍ତି ଆମର ଅଭିଷେକରେ ନୁହେଁ ମାତ୍ର ଆମ ଚରିତ୍ର ଉପରେ ନିର୍ଭର କରେ ।

*ମାଥିଉ ୯:୧୭*
*ଆଉ, ଲୋକେ ନୂଆ ଦ୍ରାକ୍ଷାରସ ପୁରୁଣା କୁମ୍ପାରେ ରଖନ୍ତି ନାହିଁ, ରଖିଲେ କୁମ୍ପା ଫାଟିଯାଏ ଓ ଦ୍ରାକ୍ଷାରସ ପଡ଼ିଯାଏ, ଆଉ କୁମ୍ପାସବୁ ନଷ୍ଟ ହୁଏ, କିନ୍ତୁ ଲୋକେ ନୂଆ ଦ୍ରାକ୍ଷାରସ ନୂଆ କୁମ୍ପାରେ ରଖନ୍ତି, ପୁଣି ଉଭୟ ରକ୍ଷା ପାଏ।*

ଆମର ଅଭିଷେକ ଦ୍ରାକ୍ଷାରସ ଓ ଆମର ଚରିତ୍ର କୁମ୍ପା ସଦୃଶ । ଯଦି କୁମ୍ପା ଦୁର୍ବଳ ହୋଇଯାଏ ବା ଫାଟିଯାଏ (ବା ଛିଦ୍ର ହୋଇଯାଏ) ତେବେ ଅଭିଷେକ ନଷ୍ଟ ହୋଇଯିବ ।

ଆମେ ଏହା କୁହାଯିବା ଶୁଣିଛୁ : ତୁମର ଚରିତ୍ର ଯେଉଁଠାରେ ତୁମକୁ ରକ୍ଷା କରି ନ ପାରେ ତୁମର ଆତ୍ମିକ ଦାନ ତୁମକୁ ସେଠାକୁ ନେଇ ଯାଇପାରେ । ପବିତ୍ର ଆତ୍ମା ଆମକୁ ଯେତେ ଉଚ୍ଚକୁ ନେଇଯାଇଥାନ୍ତି ସେଠାରେ ଆମେ ନିଜକୁ ସ୍ଥାପନ କରିବା ପାଇଁ ଚରିତ୍ରର ଦୃଢ଼ତା ଆବଶ୍ୟକ ।

**୨. ଆପଣଙ୍କ ନୈତିକ ଚରିତ୍ର ଆପଣଙ୍କ ପ୍ରକୃତ ଶକ୍ତି**
ଜଣେ ବ୍ୟକ୍ତିର ପ୍ରକୃତ ଶକ୍ତି ତା'ର ନୈତିକ ଚରିତ୍ରରେ ଅନ୍ତର୍ନିହିତ ଥାଏ।

ଆପଣଙ୍କ ଆନ୍ତରିକ ଶକ୍ତି – ଆପଣଙ୍କ ନୈତିକ ଚରିତ୍ର– ବିଭିନ୍ନ ପ୍ରକାର ପ୍ରଲୋଭନ, ଅଭିଯୋଗ, ତାଡ଼ନା, ଫୁସୁଲାଫୁସୁଲି, ମିଥ୍ୟା ଓ ଅନ୍ୟାନ୍ୟ ଚାପକୁ ଆପଣ ସହ୍ୟ କରିପାରିବେ କି ନାହିଁ ତାହା ନିର୍ଣ୍ଣୟ କରେ ।

**୩. ଆପଣ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯେଉଁ ସମ୍ବାଦ ପରିବେଷଣ କରିବାକୁ ଯାଉଛନ୍ତି ତାହାକୁ ଆପଣଙ୍କ ଚରିତ୍ର ପ୍ରକୃତ ରୂପ ଦେଇଥାଏ**

*୧ ଥେସଲୀକୀୟ ୧:୫,୬*
*[5]ଯେଣୁ ଆମ୍ଭମାନଙ୍କ ସୁସମାଚାର କେବଳ ବାକ୍ୟରେ ନୁହେଁ, ମାତ୍ର ଶକ୍ତି, ପବିତ୍ରଆତ୍ମା ଓ ଅତ୍ୟନ୍ତ ନିଶ୍ଚୟତା ସହ ତୁମ୍ଭମାନଙ୍କ ନିକଟରେ ଉପସ୍ଥିତ ହେଲା; ତୁମ୍ଭମାନଙ୍କ ମଧ୍ୟରେ ଥିବା ସମୟରେ ତୁମ୍ଭମାନଙ୍କ ନିମନ୍ତେ ଆମ୍ଭେମାନେ କିପ୍ରକାରେ ବ୍ୟବହାର କରିଥିଲୁ, ତାହା ତ ତୁମ୍ଭେମାନେ ଜାଣ। [6]ପୁଣି, ତୁମ୍ଭମାନେ ବହୁ କ୍ଳେଶଭୋଗ ମଧ୍ୟରେ  ପବିତ୍ର ଆତ୍ମାଙ୍କ ଦତ୍ତ ଆନନ୍ଦ ସହ ସେହି ବାକ୍ୟ ଗ୍ରହଣ କରି ଆମ୍ଭମାନଙ୍କ ଓ ପ୍ରଭୁଙ୍କର ଅନୁକାରୀ ହୋଇଥିଲ ।*

୧ ଥେସଲନୀକୀୟ ୨:୧-୧୦
୧ହେ ଭାଇମାନେ, ତୁମ୍ଭେମାନେ ତ ନିଜେ ଜାଣ ଯେ, ତୁମ୍ଭମାନଙ୍କ ମଧ୍ୟକୁ ଆମ୍ଭମାନଙ୍କ
ଆଗମନ ବ୍ୟର୍ଥ ହୋଇ ନାହିଁ, ୨ମାତ୍ର ଯେପରି ତୁମ୍ଭେମାନେ ଜାଣ, ଆମ୍ଭେମାନେ ସେଥିପୂର୍ବେ
ଫିଲିପ୍ପୀରେ ଦୁଃଖ ଓ ଅତ୍ୟାଚାର ଭୋଗ କଲା ଉତ୍ତାରେ ତୁମ୍ଭମାନଙ୍କ ନିକଟରେ ଅତିଶୟ
ପ୍ରାଣପଣେ ଈଶ୍ୱରଙ୍କ ସୁସମାଚାର ପ୍ରଚାର କରିବା ନିମନ୍ତେ ଆମ୍ଭମାନଙ୍କ ଈଶ୍ୱରଙ୍କ ଦ୍ୱାରା
ସାହସପ୍ରାପ୍ତ ହୋଇଥିଲୁ। ୩କାରଣ ଆମ୍ଭମାନଙ୍କ ଉପଦେଶ ଭ୍ରମ ଅବା ଅଶୁଚିତାମୂଳକ ଅବା
ଛଳଯୁକ୍ତ ନୁହେଁ, ୪କିନ୍ତୁ ଆମ୍ଭମାନଙ୍କ ହସ୍ତରେ ସୁସମାଚାରପ୍ରଚାରର ଭାର ସମର୍ପିତ ହେବା
ନିମନ୍ତେ ଆମ୍ଭେମାନେ ଯେରୂପେ ଈଶ୍ୱରଙ୍କ କର୍ତ୍ତୃକ ଯୋଗ୍ୟ ଗଣିତ ହୋଇଅଛୁ, ସେହିରୂପେ
ଆମ୍ଭେମାନେ ପ୍ରଚାର କରୁ; ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ତାହା କରୁ ନାହୁଁ,
ବରଂ ଆମ୍ଭମାନଙ୍କ ହୃଦୟର ପରୀକ୍ଷକ ଯେ ଈଶ୍ୱର, ତାହାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ
ତାହା କରୁ। ୫ତୁମ୍ଭେମାନେ ତ ଜାଣ ଯେ, ଆମ୍ଭେମାନେ କୌଣସି ସମୟରେ ଚାଟୁବାଦ
ବ୍ୟବହାର କରି ନାହୁଁ ଅବା ଲୋଭକୁ ଗୁପ୍ତ କରିବା ନିମନ୍ତେ ଛଳନା କରିନାହୁଁ, ଈଶ୍ୱର ଏଥିର
ସାକ୍ଷୀ। ୬ଯଦ୍ୟପି ଖ୍ରୀଷ୍ଟଙ୍କ ପ୍ରେରିତସ୍ୱରୂପେ ଆମ୍ଭେମାନେ ସମ୍ଭ୍ରମ ଦାବୀ କରି ପାରିଥାଆନ୍ତୁ,
ତଥାପି ତୁମ୍ଭମାନଙ୍କଠାରୁ ହେଉ ବା ଅନ୍ୟ କାହାରିଠାରୁ ହେଉ, କୌଣସି ମନୁଷ୍ୟଠାରୁ ଗୌରବ
ପାଇବାକୁ ଚେଷ୍ଟା କରି ନାହୁଁ। ୭କିନ୍ତୁ ଆମ୍ଭେମାନେ ତୁମ୍ଭମାନଙ୍କ ମଧ୍ୟରେ ମୃଦୁଶୀଳ ହୋଇ,
ମାତା ଯେପରି ଆପଣା ସନ୍ତାନମାନଙ୍କୁ ଲାଳନପାଳନ କରେ, ୮ତୁମ୍ଭମାନଙ୍କ ପ୍ରତି ଆମ୍ଭମାନଙ୍କର
ସ୍ନେହ ଥିବାରୁ ଆମ୍ଭେମାନେ ସେହି ପ୍ରକାରେ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ସୁସମାଚାର କେବଳ
ନୁହେଁ, ମାତ୍ର ଆପଣା ଆପଣା ପ୍ରାଣ ମଧ୍ୟ ଦେବାକୁ ଇଚ୍ଛୁକ ଥିଲୁ, କାରଣ ତୁମ୍ଭେମାନେ
ଆମ୍ଭମାନଙ୍କର ପ୍ରିୟପାତ୍ର ହୋଇଥିଲ। ୯ହେ ଭାଇମାନେ, ଆମ୍ଭମାନଙ୍କ ପରିଶ୍ରମ ଓ କଠିନ
କାର୍ଯ୍ୟ ତୁମ୍ଭମାନଙ୍କ ସ୍ମରଣରେ ଅଛି; ଯେପରି ଆମ୍ଭେମାନେ ତୁମ୍ଭମାନଙ୍କ ମଧ୍ୟରୁ କାହାରି
ଭାରସ୍ୱରୂପ ନ ହେଉ, ଏଥିନିମନ୍ତେ ଦିବାରାତ୍ର କଠୋର ପରିଶ୍ରମ କରି ଈଶ୍ୱରଙ୍କ ସୁସମାଚାର
ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଥିଲୁ। ୧୦ବିଶ୍ୱାସୀ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କ ପ୍ରତି
ଆମ୍ଭେମାନେ କିପରି ପବିତ୍ର, ଧାର୍ମିକ ଓ ଅନିନ୍ଦନୀୟ ବ୍ୟବହାର କରିଥିଲୁ, ସେଥିର ତୁମ୍ଭେମାନେ
ସାକ୍ଷୀ, ପୁଣି ଈଶ୍ୱର ମଧ୍ୟ ସାକ୍ଷୀ।

ଆପଣଙ୍କ ଜୀବନ କଥା କୁହେ ।

ଆପଣ ଯେଉଁ ସର୍ବଶ୍ରେଷ୍ଠ ସମ୍ବାଦ ପ୍ରଚାର କରିବେ ତାହା ଆପଣ ଯେଉଁ ଜୀବନ ଯାପନ କରନ୍ତି ତଦ୍ଦ୍ୱାରା ତାହା କରିବେ ।

ଆପଣ ପ୍ରଚାର କରିଥିବା ଧର୍ମୋପଦେଶଗୁଡ଼ିକୁ ଲୋକେ ଭୁଲିଯାଇପାରନ୍ତି। କିନ୍ତୁ ଆପଣ ଯେପରି ଜୀବନଯାପନ କରିଥିଲେ ତାହାକୁ ସେମାନେ ମନେ ରଖିବେ।

''ମନୁଷ୍ୟ ନିଜେ ସମ୍ବାଦ ଅପେକ୍ଷା ଶ୍ରେଷ୍ଠ । ଆପଣ ଯଦି ବିଶ୍ୱସନୀୟ ଆପଣଙ୍କ ସମ୍ବାଦ ମଧ୍ୟ ବିଶ୍ୱସନୀୟ । ଯଦି କୌଣସି ମନୁଷ୍ୟ ବିଶ୍ୱାସଯୋଗ୍ୟ ନୁହେଁ, ତେବେ ତା'ର ସମ୍ବାଦ ସନ୍ଦେହଜନକ'' (ଡଃ ଏଡ୍‌ୱିନ୍ ଲୁଇସ୍ କୋଲ୍) ।

**୪. ଚରିତ୍ର ଆପଣଙ୍କ ସ୍ଥାୟିତ୍ୱକୁ ସ୍ଥିର କରେ**

''ସୁଖ୍ୟାତି ମୁହୂର୍ତ୍ତକ ମଧ୍ୟରେ ଆସିପାରେ, ମାତ୍ର ପ୍ରକୃତ ମହାନତା ଆସିବାକୁ ଅଧିକ ସମୟ ଲାଗିଥାଏ'' (ଡଃ ଏଡ୍‌ୱିନ୍ ଲୁଇସ୍ କୋଲ୍) ।

''ବର୍ଷ ବର୍ଷ ଧରି ଘାତ ପ୍ରତିଘାତ ମଧ୍ୟରେ ଯେଉଁମାନେ ସଫଳତାକୁ ନେଇ ଚାଲନ୍ତି ସେମାନେ ହିଁ ମହାନ୍ ବ୍ୟକ୍ତି'' (ଡଃ ଏଡ୍‌ୱିନ୍ ଲୁଇସ୍ କୋଲ୍) ।

## ଆତ୍ମିକ ପରିପକ୍ୱତା– ଆତ୍ମିକ ଦାନ ପରି ଗୁରୁତ୍ୱପୂର୍ଣ୍ଣ ବିଷୟ

ଆତ୍ମିକ ପରିପକ୍ୱତା କ'ଣ ? ଆତ୍ମିକଭାବେ ପରିପକ୍ୱ ହେବା କହିଲେ କ'ଣ ବୁଝାଏ ? ଆମେମାନେ ପ୍ରକୃତରେ ଆତ୍ମିକ ଭାବରେ ପରିପକ୍ୱତା ଲାଭ କରୁଛୁ ବୋଲି କିପରି ଜାଣିପାରୁ?

ଆତ୍ମିକ ପରିପକ୍ୱତାକୁ ବୁଝାଇବାକୁ ଯାଇ ନୂତନ ନିୟମରେ ତିନୋଟି ଗ୍ରୀକ୍ ପଦ ବ୍ୟବହୃତ ହୋଇଛି । ଏହି ତିନି ଗ୍ରୀକ୍ ପଦକୁ 'ସମ୍ପୂର୍ଣ୍ଣ' ଅର୍ଥରେ ପ୍ରାୟ ଅନୁବାଦ କରାଯାଏ, କିନ୍ତୁ ମୂଳ ଗ୍ରୀକ୍‌ପଦଗୁଡ଼ିକ ଅଧିକ ଅର୍ଥପୂର୍ଣ୍ଣ ।

*'ଟେଲିଓସ୍* =ସମ୍ପୂର୍ଣ୍ଣ – ପୂର୍ଣ୍ଣବୟସ୍କ, ପରିପକ୍ୱ, ସିଦ୍ଧ ମନୁଷ୍ୟ । ଏହାର ଆକ୍ଷରିକ ଅର୍ଥ 'ପୂର୍ଣ୍ଣବୟସ୍କ' ହେବା ବା ବୃଦ୍ଧିପାଇ ବଡ଼ ହେବା । ପରିପକ୍ୱତା କ୍ଷେତ୍ରରେ ଏହି ପଦର ବହୁଳ ବ୍ୟବହାର ହୁଏ । ଜଣେ ପୂର୍ଣ୍ଣବୟସ୍କ ବା ସିଦ୍ଧ ବା ସମ୍ପୂର୍ଣ୍ଣ ମନୁଷ୍ୟ ଉଭୟ ମାନସିକ ଓ ନୈତିକ ଚରିତ୍ରରେ ବୃଦ୍ଧିଲାଭ କରିଥାଏ ।

*'ପ୍ଲିରୋ'* = ପୂର୍ଣ୍ଣ କରିବା, ପରିପୂର୍ଣ୍ଣ ହେବା, ବିସ୍ତୃତ ହେବା, ପ୍ରଭାବିତ ହେବା । ଏହା ମଧ୍ୟ ସମ୍ପୂର୍ଣ୍ଣ ଅର୍ଥରେ ଅନୁବାଦିତ ହୁଏ କିନ୍ତୁ ଏହାର ଆକ୍ଷରିକ ଅର୍ଥ ପୂର୍ଣ୍ଣ କରିବା ।

*'କାଟାର୍‌ଟିଜୋ'* = ସଠିକ୍‌ଭାବେ ସମ୍ପୂର୍ଣ୍ଣ କରିବା, ସୁସଜ୍ଜିତ କରିବା । ଏହାକୁ ମଧ୍ୟ 'ସମ୍ପୂର୍ଣ୍ଣ' ରୂପେ ଅନୁବାଦ କରାଯାଏ, କିନ୍ତୁ ଏହାର ଆକ୍ଷରିକ ଅର୍ଥ 'ସୁସଜ୍ଜିତ ହେବା' ।

## ଆତ୍ମିକ ପରିପକ୍ୱତାର ସାତୋଟି ଲକ୍ଷଣ

ଏହି ତିନୋଟି ଗ୍ରୀକ୍ ଶବ୍ଦ ନୂତନ ନିୟମରେ ଯେଉଁସବୁ ସ୍ଥାନରେ ବ୍ୟବହୃତ ହୋଇଛି ତା'ର ଅନୁଧ୍ୟାନ କଲେ ଆତ୍ମିକ ପରିପକ୍ୱତାର ସାତୋଟି ଲକ୍ଷଣ ଜଣାଯାଏ ।

### ୧. ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ବୃଦ୍ଧି ପାଇବା ଆତ୍ମିକ ପରିପକ୍ୱତା

*ମାଥିଉ ୫:୪୮*

*୪୮ ଅତଏବ, ତୁମ୍ଭମାନଙ୍କ ସ୍ୱର୍ଗସ୍ଥପିତା ଯେପରି ସିଦ୍ଧ(ଟେଲିଓସ୍) ତୁମ୍ଭେମାନେ ମଧ୍ୟ ସେହିପରି ସିଦ୍ଧ ହୁଅ ।*

ଆମେମାନେ ପୂର୍ଣ୍ଣବୟସ୍କ ଲୋକ ଅର୍ଥାତ୍ ପରିପକ୍ୱ ଓ ବୟଃପ୍ରାପ୍ତ ବ୍ୟକ୍ତି ହେବା ପାଇଁ ଯୀଶୁ ଆମକୁ ଆହ୍ୱାନ କରନ୍ତି, କାରଣ ଈଶ୍ୱର ସେପରି ଅଟନ୍ତି ! ଈଶ୍ୱର ପିଲାଳିଆ ସ୍ୱଭାବ ବିଶିଷ୍ଟ ନୁହନ୍ତି !

*ଏଫିସୀ ୪:୧୩*

*୧୩ ଶେଷରେ ଯେପରି ଆମ୍ଭେମାନେ ସମସ୍ତେ ବିଶ୍ୱାସରେ ଓ ଈଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନରେ ଏକତା ପ୍ରାପ୍ତ ହେଉ, ଅର୍ଥାତ୍ ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣାନୁସାରେ ପୂର୍ଣ୍ଣବୟସ୍କ(ଟେଲିଓସ୍) ପୁରୁଷ ହେଉ ।*

ଜଣେ ସିଦ୍ଧ, ପରିପକ୍ୱ ବ୍ୟକ୍ତି ହେବାର ଅର୍ଥ ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣାନୁସାରେ ପୂର୍ଣ୍ଣବୟସ୍କ ବ୍ୟକ୍ତି ହେବା । ଆତ୍ମିକ ପରିପକ୍ୱତା କହିଲେ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ବୃଦ୍ଧିଲାଭ କରିବା ।

ଆମେ ସର୍ବ ବିଷୟରେ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ବୃଦ୍ଧି ପାଇବାକୁ ହେବ (ଏଫିସୀ ୪:୧୫) । ଆମ ଜୀବନର ସମସ୍ତ ଭାଗରେ ତାହାଙ୍କ ପରି ଆଚରଣ କରିବାକୁ ହେବ। ଅର୍ଥାତ୍ ଆମ ଜୀବନର ସମସ୍ତ କ୍ଷେତ୍ରରେ ଖ୍ରୀଷ୍ଟ ପ୍ରକାଶିତ ହେବାକୁ ହେବ ।

ଏହାହିଁ ଈଶ୍ୱର ଆମ ମଧ୍ୟରେ ସାଧନ କରିବାକୁ ଚାହାନ୍ତି, ଏଣୁ ଈଶ୍ୱରଙ୍କ ସହିତ ଆମର ଗମନାଗମନରେ ଆମର ମନୋଯୋଗ ରହିବା ଆବଶ୍ୟକ ଯେ ଆମ ଜୀବନର ପ୍ରତ୍ୟେକେ କ୍ଷେତ୍ରରେ ଆମେ ପ୍ରତ୍ୟେକେ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ବୃଦ୍ଧି ପାଇବା ।

*କଲସୀ ୧:୨୮,୨୯*
*[28] ତାହାଙ୍କୁ ଆମ୍ଭେମାନେ ପ୍ରଚାର କରୁଅଛୁ, ପୁଣି ପ୍ରତ୍ୟେକ ଲୋକଙ୍କୁ ଚେତନା ଓ ସମ୍ପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଦେଇଅଛୁ, ଯେପରି ଆମ୍ଭେମାନେ ପ୍ରତ୍ୟେକ ଲୋକଙ୍କୁ ଖ୍ରୀଷ୍ଟଙ୍କ ସହଭାଗିତାରେ ସିଦ୍ଧ (ଟେଲିଓସ୍)କରି ଉପସ୍ଥାପିତ କରିପାରୁ। [29] ଏହି ଉଦ୍ଦେଶ୍ୟରେ ମଧ୍ୟ ତାହାଙ୍କର ଯେଉଁ କାର୍ଯ୍ୟସାଧକ ଶକ୍ତି ମୋଠାରେ ସବଳେ କାର୍ଯ୍ୟ ସାଧନ କରୁଅଛି, ତଦନୁସାରେ ମୁଁ ପ୍ରାଣପଣରେ ପରିଶ୍ରମ କରୁଅଛି ।*

ଏହା ଖ୍ରୀଷ୍ଟୀୟ ସେବାକାର୍ଯ୍ୟର ଲକ୍ଷ୍ୟ ହେବା ଉଚିତ – ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ସିଦ୍ଧଭାବରେ (ପରିପକ୍ୱ, ପୂର୍ଣ୍ଣବୟସ୍କ) ଖ୍ରୀଷ୍ଟଙ୍କଠାରେ ଉପସ୍ଥାପିତ କରିବା ।

## ୨. ଈଶ୍ୱରଙ୍କ ସମସ୍ତ ଇଚ୍ଛା ସମ୍ବନ୍ଧରେ ସିଦ୍ଧ ଓ ସମ୍ପୂର୍ଣ୍ଣ ବିଶେଷଜ୍ଞ ରହିବା ଆତ୍ମିକ ପରିପକ୍ୱତା ଅଟେ

*କଲସୀ ୪:୧୨*
*[12] ଏପାଫ୍ରା, ଯେ ତୁମ୍ଭମାନଙ୍କ ମଧ୍ୟରୁ ଜଣେ, ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି, ସେ ତ ଖ୍ରୀଷ୍ଟ ଯୀଶୁଙ୍କର ଦାସ ଏବଂ ଆପଣା ପ୍ରାର୍ଥନାରେ ତୁମ୍ଭମାନଙ୍କ ନିମନ୍ତେ ସର୍ବଦା ପ୍ରାଣପଣ କରୁଅଛନ୍ତି, ଯେପରି ତୁମ୍ଭେମାନେ ସିଦ୍ଧ(ଟେଲିଓସ୍)ଓ ଈଶ୍ୱରଙ୍କ ସମସ୍ତ ଇଚ୍ଛା ସମ୍ବନ୍ଧରେ ସମ୍ପୂର୍ଣ୍ଣ (ପ୍ଲିରୋ) ବିଶେଷଜ୍ଞ ହୋଇ ଅଟଳ ହୋଇ ରୁହ ।*

ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆମେ ସମ୍ପୂର୍ଣ୍ଣରୂପେ ଈଶ୍ୱରଙ୍କ ଇଚ୍ଛା ପ୍ରତି ସମର୍ପିତ ରହିବାକୁ ହେବ।

ଆମ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଇଚ୍ଛାରେ ଆମେମାନେ ସମ୍ପୂର୍ଣ୍ଣ ବୃଦ୍ଧିପ୍ରାପ୍ତ ଓ ସମ୍ପୂର୍ଣ୍ଣ ବିକଶିତ ହେବା ଆବଶ୍ୟକ ଏବଂ ଏଥିରେ କୌଣସି ଅଭାବ ବା କମ୍ ରହିବା ଅନୁଚିତ ।

ଆମେମାନେ ପ୍ରଗତିଶୀଳ ଭାବରେ ଯେତେବେଳେ ଆମ ଜୀବନର ସମସ୍ତ କ୍ଷେତ୍ରକୁ ଈଶ୍ୱରଙ୍କ ଇଚ୍ଛାର ଅଧୀନକୁ ଆଣୁ ଓ ସେସବୁ କ୍ଷେତ୍ରରେ ବୃଦ୍ଧିପ୍ରାପ୍ତ ହେଉ, ସେତେବେଳେ ଆମେମାନେ ଆତ୍ମିକ ଭାବରେ ବୃଦ୍ଧି ପାଉଛୁ ବୋଲି ଜାଣିଥାଉ ।

**୩. ପ୍ରତ୍ୟେକ ସତ୍କର୍ମ କରିବାକୁ ସୁସଜ୍ଜିତ ରହିବା ଆତ୍ମିକ ପରିପକ୍ୱତା**

ଆତ୍ମିକ ପରିପକ୍ୱତାରେ ବୃଦ୍ଧି ପାଇଲେ ଆମେ କ୍ରମବର୍ଦ୍ଧମାନ ଭାବରେ ଈଶ୍ୱରଙ୍କ ଦ୍ୱାରା ନିରୂପିତ ପ୍ରତ୍ୟେକ ସତ୍କର୍ମ କରିବାକୁ ସୁସଜ୍ଜିତ ରହିବା ।

*୨ କରିନ୍ଥୀ ୧୩:୯,୧୧*

*[୯]ଯେଣୁ ଆମ୍ଭେମାନେ ଯେତେବେଳେ ଦୁର୍ବଳ ଓ ତୁମ୍ଭେମାନେ ସବଳ, ସେତେବେଳେ ଆମ୍ଭେମାନେ ଆନନ୍ଦ କରୁ, ତୁମ୍ଭେମାନେ ଯେପରି ସିଦ୍ଧ (କାଟାର୍‌ଟିଜୋ)ହୁଅ, ଏହା ମଧ୍ୟ ଆମ୍ଭେମାନେ ପ୍ରାର୍ଥନା କରୁ। [୧୧]ଶେଷରେ, ହେ ଭାଇମାନେ, ଆନନ୍ଦ କର, ସିଦ୍ଧ ହୁଅ(କାଟାର୍‌ଟିଜୋ), ଚେତନା ଗ୍ରହଣ କର, ଏକମନା ହୁଅ, ଶାନ୍ତିରେ ବାସ କର, ଆଉ ପ୍ରେମ ଓ ଶାନ୍ତିର ଈଶ୍ୱର ତୁମ୍ଭମାନଙ୍କ ସହିତ ରହିବେ।*

ଉପରୋକ୍ତ ପଦରୁ ଆମେ ଶିକ୍ଷାଲାଭ କରୁ ଯେ ବିଶ୍ୱାସୀମାନେ ସୁସଜ୍ଜିତ ହେବା ପାଇଁ ଆମେ ପ୍ରାର୍ଥନା କରିବାକୁ ହେବ (କରିପାରୁ) । ଲକ୍ଷ୍ୟ କରନ୍ତୁ ଯେ ଏଠାରେ ସମ୍ପୂର୍ଣ୍ଣ ବା ସୁସଜ୍ଜିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଣୁ ସୁସଜ୍ଜିତ ହେବା ଓ ଆତ୍ମିକ ପରିପକ୍ୱତା ଲାଭକରିବା ଦିଗରେ ଯାତ୍ରା କରିବାର ଦାୟିତ୍ୱ ଆମ ଉପରେ ନ୍ୟସ୍ତ ରହିଛି ।

*ଏବ୍ରୀ ୧୩:୨୦,୨୧*

*[୨୦]ଯେଉଁ ଶାନ୍ତିଦାତା ଈଶ୍ୱର ଅନନ୍ତକାଳସ୍ଥାୟୀ ନିୟମର ରକ୍ତ ହେତୁ ପ୍ରଧାନ ମେଷପାଳକ, ଅର୍ଥାତ୍ ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ ଫେରାଇ ଆଣିଲେ। [୨୧]ତାହାଙ୍କ ଦୃଷ୍ଟିରେ ଯାହା ସନ୍ତୋଷଜନକ, ତାହା ସେ ଆମ୍ଭମାନଙ୍କ ଅନ୍ତରରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସମ୍ପନ୍ନ କରି ତାହାଙ୍କ ଇଚ୍ଛା ସାଧନ କରିବାକୁ ତୁମ୍ଭମାନଙ୍କୁ ପ୍ରତ୍ୟେକ ସତ୍କର୍ମରେ ସିଦ୍ଧ(କାଟାର୍‌ଟିଜୋ)କରନ୍ତୁ। ଯୁଗେ ଯୁଗେ ଗୌରବ ତାହାଙ୍କର। ଆମେନ୍।*

ଏଠାରେ ମଧ୍ୟ ପ୍ରାର୍ଥନା କରାଯାଇଛି ଯେପରି ଈଶ୍ୱର ବିଶ୍ୱାସୀମାନଙ୍କୁ ସୁସଜ୍ଜିତ କରନ୍ତି ଯଦ୍ଦ୍ୱାରା ସେମାନେ ତାହାଙ୍କର ଇଚ୍ଛା ଅନୁଯାୟୀ ପ୍ରତ୍ୟେକ ସତ୍କର୍ମ କରିପାରିବେ। ଈଶ୍ୱର ଆମକୁ ତାହାଙ୍କ ଦୃଷ୍ଟିରେ ସନ୍ତୋଷଜନକ କାର୍ଯ୍ୟ କରିବାକୁ ଶକ୍ତି ଦେଲେ ଏପରି ସୁସଜ୍ଜିତ ହେବା ସମ୍ଭବ ହୋଇଥାଏ ।

ତାହାଙ୍କ ଦୃଷ୍ଟିରେ ସନ୍ତୋଷଜନକ କାର୍ଯ୍ୟ କରିବା ପାଇଁ ଆମମାନଙ୍କଠାରେ ସେ ତାହାଙ୍କ କାର୍ଯ୍ୟ ନ କଲେ ଆମେ ପ୍ରତ୍ୟେକ ସତ୍କର୍ମ କରିବାପାଇଁ ସୁସଜ୍ଜିତ ହେବାର ଆଶୀର୍ବାଦ ଲାଭ କରିପାରିବା ନାହିଁ ।

*ଲୂକ ୬:୪୦*
*୪୦ ଶିଷ୍ୟ ଗୁରୁଠାରୁ ଶ୍ରେଷ୍ଠ ନୁହେଁ; କିନ୍ତୁ ପ୍ରତ୍ୟେକ ଶିଷ୍ୟ ସିଦ୍ଧ (କାଟାର୍‌ଟିଜୋ) ହୋଇ ଆପଣା ଗୁରୁଙ୍କ ତୁଲ୍ୟ ହେବ ।*

ପ୍ରଭୁ ଯୀଶୁ ବାଞ୍ଛା କରନ୍ତି ଯେ, ଆମେମାନେ ଯେତେଜଣ ତାହାଙ୍କର ଶିଷ୍ୟଶିଷ୍ୟା ଅଟୁ ସମସ୍ତେ ତାହାଙ୍କ ସଦୃଶ ହେବା । ଆମମାନଙ୍କ ଗୁରୁଙ୍କ ସଦୃଶ ହେବା ପାଇଁ ଆମମାନଙ୍କୁ ତାଲିମ୍ ଓ ସୁସଜ୍ଜିତକରଣ ପଦ୍ଧତି ମଧ୍ୟ ଦେଇ ଯିବାକୁ ହେବ ।

*ଏଫିସୀୟ ୪:୧୧,୧୨*
*୧୧ ସେ କାହା କାହାକୁ ପ୍ରେରିତ, କାହା କାହାକୁ ଭାବବାଦୀ, କାହା କାହାକୁ ସୁସମାଚାର ପ୍ରଚାରକ, ପୁଣି କାହାକାହାକୁ ପାଳକ ଓ ଶିକ୍ଷକରୂପେ ନିଯୁକ୍ତ କରି ଦାନ କରିଅଛନ୍ତି।*
*୧୨ ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧିଲାଭ(କାଟାର୍‌ଟିସ୍‌ମସ୍) କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ପା ପ୍ରାପ୍ତ ହୁଏ ।*

ପାଞ୍ଚଟି ସେବାକାର୍ଯ୍ୟ ମଧ୍ୟରେ ଖ୍ରୀଷ୍ଟଙ୍କ ଶରୀରର ସେବାକାର୍ଯ୍ୟ ନିମନ୍ତେ ସାଧୁମାନଙ୍କୁ ସୁସଜ୍ଜିତ କରିବା କାର୍ଯ୍ୟ ଅନ୍ୟତମ ।

## ୪. ଆତ୍ମିକ ପରିପକ୍ୱତା ହାସଲ କରିବା ଦ୍ୱାରା ଗୁରୁପାକ ଖାଦ୍ୟ ଗ୍ରହଣ କରିବାର ସାମର୍ଥ୍ୟ ଆସିଥାଏ

*ଏବ୍ରୀ ୫:୧୧-୧୪*
*୧୧ ଏହି ବିଷୟରେ ଆମ୍ଭମାନଙ୍କର ଅନେକ କଥା କହିବାକୁ ଅଛି, ଆଉ ତୁମ୍ଭେମାନେ ଶୁଣିବାରେ ଶିଥିଳ ହୋଇଥିବାରୁ ସେଥିର ଅର୍ଥ ବୁଝାଇବାର କଷ୍ଟକର।*
*୧୨ କାରଣ ଯଦ୍ୟପି ଏତେ ସମୟ ମଧ୍ୟରେ ତୁମ୍ଭମାନଙ୍କର ଶିକ୍ଷକ ହେବା ଉଚିତ ଥିଲା, ତଥାପି ଈଶ୍ୱରଙ୍କ ବାକ୍ୟର ପ୍ରାଥମିକ ମୌଳିକ ସୂତ୍ରଗୁଡ଼ିକ କେହି ଯେ ତୁମ୍ଭମାନଙ୍କୁ ଶିକ୍ଷା ଦିଏ, ଏହା ପୁନର୍ବାର ତୁମ୍ଭମାନଙ୍କର ପ୍ରୟୋଜନ ଅଛି, ଗୁରୁପାକ ଖାଦ୍ୟ ପ୍ରୟୋଜନ ନହୋଇ ଦୁଗ୍ଧ ତୁମ୍ଭମାନଙ୍କର ପ୍ରୟୋଜନ।*
*୧୩ ଯେ ଦୁଗ୍ଧପାୟୀ, ସେ ତ ଧାର୍ମିକତାର ବାକ୍ୟ ବିଷୟରେ ଅଭ୍ୟସ୍ତ ନୁହେଁ, କାରଣ ସେ ଶିଶୁମାତ୍ର।*
*୧୪ କିନ୍ତୁ ବୟଃପ୍ରାପ୍ତ (ଟେଲିଓସ୍)ଲୋକେ, ଅର୍ଥାତ୍ ଯେଉଁମାନେ ଜ୍ଞାନେନ୍ଦ୍ରିୟଗୁଡ଼ିକର ଅଭ୍ୟାସ ଦ୍ୱାରା ଭଲ ମନ୍ଦ ନିରୂପଣ କରିବାକୁ ସକ୍ଷମ, ସେମାନଙ୍କ ନିମନ୍ତେ ଗୁରୁପାକ ଖାଦ୍ୟ ପ୍ରୟୋଜନ।*

*ଏବ୍ରୀ ୬:୧-୩*
*[୧]ଅତଏବ ଆସ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି ମୃତ କର୍ମରୁ ମନଃପରିବର୍ତ୍ତନ, ଈଶ୍ୱରଙ୍କଠାରେ ବିଶ୍ୱାସ, [୨]ନାନା ବାପ୍ତିସ୍ମ ସମ୍ବନ୍ଧୀୟ ଶିକ୍ଷା, ହସ୍ତାର୍ପଣ, ମୃତମାନଙ୍କ ପୁନରୁତ୍ଥାନ ଓ ଶେଷ ବିଚାରସ୍ୱରୂପ ଭିତ୍ତିମୂଳ ପୁନର୍ବାର ନ ବସାଇ ସିଦ୍ଧିଲାଭ(ଟେଲିଓସ୍) କରିବା ନିମନ୍ତେ ଅଗ୍ରସର ହେଉ। [୩]ହଁ, ଈଶ୍ୱରଙ୍କ ଅନୁମତି ହେଲେ ଆମ୍ଭେମାନେ ଏହା କରିବା।*

୧. କରିନ୍ଥୀ ୨:୬,୭
*[୬]ତଥାପି ଆମ୍ଭେମାନେ ପରିପକ୍ୱ (ଟେଲିଓସ୍)ଲୋକମାନଙ୍କ ମଧ୍ୟରେ ଜ୍ଞାନର କଥା କହୁ, କିନ୍ତୁ ତାହା ଏହି ଯୁଗର ଜ୍ଞାନ ନୁହେଁ କିମ୍ବା ଏହି ଯୁଗର ନଷ୍ଟକଳ୍ପ ନେତାମାନଙ୍କ ଜ୍ଞାନ ନୁହେଁ, [୭]ମାତ୍ର ଆମ୍ଭେମାନେ ନିଗୂଢ଼ତତ୍ତ୍ୱସ୍ୱରୂପ ଈଶ୍ୱରଙ୍କ ଜ୍ଞାନର କଥା କହୁଅଛୁ, ସେହି ଗୁପ୍ତ ଜ୍ଞାନ ଈଶ୍ୱର ଆମ୍ଭମାନଙ୍କ ଗୌରବ ନିମନ୍ତେ ଜଗତର ପୂର୍ବେ ନିରୂପଣ କରିଥିଲେ ।*

ଯେଉଁମାନେ ପରିପକ୍ୱ, ପୂର୍ଣ୍ଣ ବୟସ୍କ, ସେମାନେ ଗୁରୁପାକ ଖାଦ୍ୟ ଗ୍ରହଣ କରିପାରିବେ । ଏହି ଲୋକମାନେ ମୌଳିକ ବା ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି ସିଦ୍ଧିଲାଭ କରିବା ନିମନ୍ତେ ଅଗ୍ରସର ହୁଅନ୍ତି ଓ ପୂର୍ଣ୍ଣବାୟସ୍କ ପୁରୁଷ ହୁଅନ୍ତି। ଏମାନେ ଜ୍ଞାନ ଗ୍ରହଣ କରିପାରନ୍ତି ଓ ଈଶ୍ୱରଙ୍କ ରାଜ୍ୟର ରହସ୍ୟସବୁକୁ ବୁଝିପାରନ୍ତି ।

## ୫. ଆତ୍ମିକ ପରିପକ୍ୱ ଲୋକଙ୍କର ଜ୍ଞାନେନ୍ଦ୍ରିୟଗୁଡ଼ିକ ଭଲମନ୍ଦର ପ୍ରଭେଦ ନିରୂପଣ କରିପାରେ

*ଏବ୍ରୀ ୫:୧୪*
*[୧୪]କିନ୍ତୁ ବୟଃପ୍ରାପ୍ତ ଲୋକେ, ଅର୍ଥାତ୍ ଯେଉଁମାନେ ଜ୍ଞାନେନ୍ଦ୍ରିୟଗୁଡ଼ିକର ଅଭ୍ୟାସ ଦ୍ୱାରା ଭଲମନ୍ଦ ନିରୂପଣ କରିବାକୁ ସକ୍ଷମ, ସେମାନଙ୍କ ନିମନ୍ତେ ଗୁରୁପାକ ଖାଦ୍ୟ ପ୍ରୟୋଜନ ।*

ଯେଉଁମାନେ ପୂର୍ଣ୍ଣବୟସ୍କ ସେମାନଙ୍କ ଜ୍ଞାନେନ୍ଦ୍ରିୟଗୁଡ଼ିକ (ପ୍ରାଣ) ଅଭ୍ୟାସ ଦ୍ୱାରା ଭଲମନ୍ଦର ପ୍ରଭେଦ ଜାଣିପାରନ୍ତି । ସେମାନଙ୍କ ପ୍ରାଣ (ମନ, ଇଚ୍ଛା ଓ ଭାବପ୍ରବଣତା) ସତ୍ୟ ଜାଣିବାକୁ ସର୍ବଦା କାର୍ଯ୍ୟଶୀଳ, ତେଣୁ ଭଲମନ୍ଦର ପ୍ରଭେଦ ଜାଣିବା ପାଇଁ ତାଲିମ୍ ପ୍ରାପ୍ତ ।

## ୬. ପିଲାମାନଙ୍କ ପରି ଆଚରଣ ପରିତ୍ୟାଗ କରିବା ଆତ୍ମିକ ପରିପକ୍ୱତା

*୧ କରିନ୍ଥୀ ୧୩:୧୧*

*[୧୧]ଶିଶୁ ଥିବା ସମୟରେ ମୁଁ ଶିଶୁପରି କଥା କହୁଥିଲି, ଶିଶୁପରି ଭାବୁଥିଲି, ଶିଶୁ ପରି ବିଚାର କରୁଥିଲି; ବୟସପ୍ରାପ୍ତ ହୁଅନ୍ତେ ମୁଁ ଶିଶୁର ବିଷୟସବୁ ପରିତ୍ୟାଗ କଲି ।*

*୧ କରିନ୍ଥୀ ୩:୧-୪*

*[୧]ହେ ଭାଇମାନେ, ମୁଁ ଆତ୍ମିକମନା ଲୋକଙ୍କୁ କହିଲା ପରି ତୁମ୍ଭମାନଙ୍କୁ କହି ପାରିଲି ନାହିଁ, କିନ୍ତୁ ଶାରୀରିକ ଲୋକମାନଙ୍କୁ ଓ ଖ୍ରୀଷ୍ଟଙ୍କଠାରେ ଶିଶୁମାନଙ୍କୁ କହିଲା ପରି ତୁମ୍ଭମାନଙ୍କୁ କହିଲି । [୨]ମୁଁ ତୁମ୍ଭମାନଙ୍କୁ ଦୁଗ୍ଧ ପାନ କରାଇ ଅନ୍ୟ ଖାଦ୍ୟ ଦେଲି ନାହିଁ, କାରଣ ତୁମ୍ଭେମାନେ ତାହା ଗ୍ରହଣ କରିବାକୁ ସମର୍ଥ ନଥିଲ, ଆଉ ଏବେ ମଧ୍ୟ ସମର୍ଥ ହୋଇନାହିଁ, [୩]ଯେଣୁ, ଏପର୍ଯ୍ୟନ୍ତ ତୁମ୍ଭେମାନେ ଶାରୀରିକ ଅଟ। କାରଣ ଯେତେବେଳେ ତୁମ୍ଭମାନଙ୍କ ମଧ୍ୟରେ ଈର୍ଷା ଓ ବିବାଦ ରହିଅଛି, ତୁମ୍ଭେମାନେ କି ଶାରୀରିକ ନୁହଁ ଓ ମନୁଷ୍ୟର ସ୍ୱଭାବ ଅନୁସାରେ କି ଆଚରଣ କରୁନାହଁ? [୪]ଯେହେତୁ ଯେତେବେଳେ ଜଣେ କୁହେ, ମୁଁ ପାଉଲଙ୍କର, ପୁଣି ଆଉ ଜଣେ କୁହେ, ମୁଁ ଆପଲ୍ଲଙ୍କର, ସେତେବେଳେ ତୁମ୍ଭେମାନେ କି ଶାରୀରିକ ନୁହଁ?*

ଆତ୍ମିକ ପରିପକ୍ୱତା ଲାଭ କଲେ ଆମେ ଶିଶୁମାନଙ୍କ ପରି ବିଚାର ବିବେଚନା କରିବା, ଚିନ୍ତା କରିବା ଓ କଥା କହିବା ପରିତ୍ୟାଗ କରୁ ।

ଆମମାନଙ୍କ ଚିନ୍ତା, ବିଚାର ବିବେଚନା ଓ କଥାବାର୍ତ୍ତାରେ ପିଲାଳିଆ ଢ଼ଙ୍ଗ ରହିବା ଅନୁଚିତ ।

ଶାରୀରିକ ହେବାର ଅର୍ଥ ପିଲାଳିଆ ଆଚରଣ କରିବା । ଈର୍ଷା, ବିବାଦ, କଳହ ପ୍ରତିଯୋଗିତା ଓ ସ୍ୱାର୍ଥପର ଲକ୍ଷ୍ୟ – ଏସବୁ ବିଭିନ୍ନ ପ୍ରକାରର ପିଲାଳିଆ ଆଚରଣ ।

## ୭. ସମସ୍ତ ଶରୀର ଓ ଜିହ୍ୱାକୁ ନିୟନ୍ତ୍ରଣାଧୀନ ରଖିବା ଆତ୍ମିକ ପରିପକ୍ୱତା

*ଯାକୁବ ୩:୨*

*[୨]ଯେଣୁ ଆମ୍ଭେମାନେ ସମସ୍ତେ ଅନେକ ବିଷୟରେ ଝୁଣ୍ଟିପଡୁ । ଯଦି କେହି ବାକ୍ୟରେ ଝୁଣ୍ଟି ନ ପଡ଼େ, ତେବେ ସେ ସିଦ୍ଧ ପୁରୁଷ, ସମସ୍ତ ଶରୀରକୁ ମଧ୍ୟ ବଶରେ ରଖିବାକୁ ସମର୍ଥ ।*

ଜଣେ ଆତ୍ମିକ ପରିପକ୍ୱ ବ୍ୟକ୍ତି ଆତ୍ମସଂଯମୀ ହୋଇଥାଏ ଅର୍ଥାତ୍ ନିଜର ଶରୀର ଓ ଜିହ୍ୱାକୁ ନିୟନ୍ତ୍ରଣାଧୀନ ରଖିବାକୁ ସେ ସକ୍ଷମ ଥାଏ ।

ଆତ୍ମ ସଂଯମ, ଆମ ଜୀବନରେ ଆତ୍ମାଙ୍କ କାର୍ଯ୍ୟର ଫଳ ଅଟେ ଓ ଏହା ଆତ୍ମିକ ପରିପକ୍ୱତାର ଲକ୍ଷଣ ଅଟେ (ଗାଲାତୀ ୫:୨୨,୨୩; ୨ ତୀମଥି ୧:୭) ।

ହିତୋପଦେଶ ପୁସ୍ତକ ଆମକୁ ଆତ୍ମ-ସଂଯମର ଗୁରୁତ୍ୱ ଉପରେ ଶିକ୍ଷା ଦେଇଥାଏ। *''ଯେ ନିଜ ଆତ୍ମା ଉପରେ କର୍ତ୍ତୃତ୍ୱ କରେ, ସେ ନଗର ଜୟକାରୀ ଅପେକ୍ଷା ଭଲ'' (ହିତୋ ୧୬:୩୨) । ''ଯାହାର ଆତ୍ମା ଅଟଳ ନାହିଁ, ସେ ଭଗ୍ନ ଓ ପ୍ରାଚୀରହୀନ ନଗର ତୁଲ୍ୟ'' (ହିତୋ ୨୫:୨୮) ।*

ଆତ୍ମିକ ପରିପକ୍ୱତା ଏକ ପଦ୍ଧତି । ଏହା ତତ୍କାଳ ହୋଇ ନଥାଏ । ଏହା ସମୟ ସାପେକ୍ଷ । ଆମେ ଈଶ୍ୱରଙ୍କ ସହିତ ଗମନାଗମନ କଲେ ତାହାଙ୍କ ବାକ୍ୟ ଦ୍ୱାରା, ତାହାଙ୍କ ଆତ୍ମାଙ୍କ ଦ୍ୱାରା, ଅନ୍ୟ ଲୋକମାନଙ୍କ ଦ୍ୱାରା ଓ ଜୀବନର ବିଭିନ୍ନ ଅନୁଭୂତି ମଧ୍ୟଦେଇ ସେ ଆମ ଅନ୍ତରରେ କାର୍ଯ୍ୟ କରନ୍ତି । ଆମେମାନେ ନିରବଚ୍ଛିନ୍ନ ଭାବରେ ଆତ୍ମିକ ପରିପକ୍ୱତାରେ ବୃଦ୍ଧିଲାଭ କରିବାକୁ ହେବ ।

## ରାଜ୍ୟର ଭଣ୍ଡାରଘରିଆପଣ

*୧ କରିନ୍ଥୀ ୪:୧,୨*

*[୧]ଲୋକେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କର ପରିଚାରକ, ପୁଣି ଈଶ୍ୱରଙ୍କ ନିଗୂଢ଼ତତ୍ତ୍ୱର ଭଣ୍ଡାରଘରିଆ ବୋଲି ମନେ କରନ୍ତୁ। [୨]ଆଉ, ଭଣ୍ଡାରଘରିଆ ବିଷୟରେ ଏହା ନିତାନ୍ତ ଆବଶ୍ୟକ, ଯେପରି ସେ ବିଶ୍ୱସ୍ତ ଦେଖାଯାଏ ।*

*୧ ପିତର ୪:୧୦*

*[୧୦]ପ୍ରତ୍ୟେକ ଜଣ ଯେଉଁପରି ଅନୁଗ୍ରହଦାନ ପାଇଅଛି, ସେହିପ୍ରକାରେ ଈଶ୍ୱରଙ୍କ ବହୁବିଧ ଅନୁଗ୍ରହର ଉତ୍ତମ ଭଣ୍ଡାରଘରିଆ ସ୍ୱରୂପେ ତଦ୍ଦ୍ୱାରା ପରସ୍ପରର ସେବା କର।*

*ତୀତସ ୧:୭*

*[୭]କାରଣ ଅଧ୍ୟକ୍ଷଙ୍କ ଈଶ୍ୱରଙ୍କର ବେବର୍ତ୍ତାସ୍ୱରୂପେ ନିର୍ଦ୍ଦୋଷ ହେବା ଆବଶ୍ୟକ, ସେ ସ୍ୱେଚ୍ଛାଚାରୀ କି ଆଶୁକ୍ରୋଧୀ କି ମଦ୍ୟପାୟୀ କି ବିବାଦପ୍ରିୟ କି କୁତ୍ସିତ ଧନଲାଭର ଅଭିଳାଷୀ ନ ହୁଅନ୍ତୁ।*

ଆମେମାନେ ଈଶ୍ୱରଙ୍କ ଭଣ୍ଡାରଘରିଆ ବା ତତ୍ତ୍ୱାବଧାରକ ଅଟୁ ।

ନେତୃତ୍ୱରେ ଭଣ୍ଡାରଘରିଆପଣ ରହିବା ଆବଶ୍ୟକ ଯାହା ଆମର ଜୀବନଯାପନ ଓ ଆଚରଣ ମାଧ୍ୟମରେ ପ୍ରକାଶିତ ହୋଇଥାଏ ।

ଈଶ୍ୱରଙ୍କ ରାଜ୍ୟର ନେତା ଭାବରେ ଓ ରାଜ୍ୟ ନିର୍ମାଣକାରୀ ଭାବରେ ଭଣ୍ଡାରଘରିଆପଣ ଏକ ଜୀବନର ମାର୍ଗ ହେବା ଉଚିତ ।

ଆମେମାନେ ଈଶ୍ୱରଙ୍କ ନିଗୂଢ଼ ବିଷୟମାନର ଭଣ୍ଡାରଘରିଆ ଅଟୁ । ଆମେମାନେ ଈଶ୍ୱରଦତ୍ତ ଅନୁଗ୍ରହ ଓ ଆତ୍ମିକଦାନର ଭଣ୍ଡାରଘରିଆ ଅଟୁ ।

### *ଈଶ୍ୱରଙ୍କ ଭଣ୍ଡାରଘରିଆ କହିଲେ କ'ଣ ବୁଝାଏ ?*

ଭଣ୍ଡାରଘରିଆର ଗ୍ରୀକ୍‌ପଦ 'ଓଇକୋନୋମୋସ୍' ଯାହାର ଅର୍ଥ ପରିବାର ବା ସମ୍ପତ୍ତିର ମ୍ୟାନେଜର୍ ବା ତତ୍ତ୍ୱାବଧାରକ, ଗଭର୍ଣ୍ଣର, କୋଷାଧ୍ୟକ୍ଷ । ଏହାର ଦୁଇ ମୂଳ ପଦ ହେଉଛି 'ଓଇକୋସ୍' ବା ଗୃହ ଏବଂ 'ନୋମୋସ୍' ବା ନିୟମ ।

ଭଣ୍ଡାର ଘରିଆପଣର ଗ୍ରୀକ୍ ପଦ 'ଓଇକୋନୋମିଆ' ଲୂକ ୧୬:୨,୩,୪; ୧ କରିନ୍ଥୀ ୯:୧୭; କଲସୀ ୧:୨୫; ଏଫିସୀ ୩:୨,୯; ଏଫିସୀ ୧:୧୦; ରୋମୀୟ ୧୬:୨୩; ଗାଲାତୀ ୪:୧୨ ଓ ୧ ତୀମଥି ୧:୪ ରେ ବ୍ୟବହୃତ ହୋଇଛି ।

ଜଣେ ଭଣ୍ଡାରଘରିଆ ଜଣେ ମ୍ୟାନେଜର୍, ତତ୍ତ୍ୱାବଧାରକ, ବା ନିରୀକ୍ଷକ ଅଟେ ଯେକି ଅନ୍ୟ ବ୍ୟକ୍ତିର ବିଷୟବସ୍ତୁର ଦାୟିତ୍ୱରେ ରହିଥାଏ ।

ଯାହା ନିଜର ନୁହେଁ ସେସବୁର ଦାୟିତ୍ୱ ଅନ୍ୟ କାହାକୁ ଦିଆଯାଏ । ବିଭିନ୍ନ ବିଷୟର ପରିଚାଳନା ଦାୟିତ୍ୱ କାହା ଉପରେ ନ୍ୟସ୍ତ କରାଯାଇଥାଏ ।

ଜଣେ ଭଣ୍ଡାରଘରିଆ ଦେଖିବା ଉଚିତ ଯେ:

- ସମସ୍ତ ବିଷୟ ଠିକ୍‌ରୂପେ କାର୍ଯ୍ୟ କରୁଛି
- ସମସ୍ତ ବିଷୟ ଲାଭଜନକ
- ସବୁକିଛିର ହିସାବକିତାବ ରଖାଯାଉଛି
- ତା'ଉପରେ ଯାହା ନ୍ୟସ୍ତ କରାଯାଇଛି ତାହା ସୁରକ୍ଷିତ
- ତା' ଅନ୍ତେ ବି ସବୁକିଛି ଠିକ୍ ଚାଲେ ଅର୍ଥାତ୍ ସେ ତା'ର ଜଣେ ଉତ୍ତରାଧିକାରୀକୁ ତାଲିମ୍ ଦିଏ

*ଆମେ ଈଶ୍ୱରଙ୍କ ରାଜ୍ୟର କେଉଁସମସ୍ତ ବିଷୟର ଭଣ୍ଡାରଘରିଆ ଅଟୁ?*

- ସୁସମାଚାରର (୧ କରିନ୍ଥୀ ୯:୧୬,୧୭)
  ଈଶ୍ୱରଙ୍କ ନିଗୂଢ଼ ବିଷୟସବୁର (ଏଫିସୀ ୩:୯; ୧ କରିନ୍ଥୀ ୪:୧; କଲସୀ ୧:୨୬–୨୯; ୧ କରିନ୍ଥୀ ୨:୭; ୨ କରିନ୍ଥୀ ୨:୧୭; ୪:୧,୨) । ଯେଉଁ ପ୍ରକାଶନ ଆମେ ଲାଭ କରିଛୁ ଆମେ ତାର ଭଣ୍ଡାରଘରିଆ ।
- ପାଇଥିବା ଅନୁଗ୍ରହଦାନସବୁର (୧ ପିତର ୪:୧୦,୧୧) ।
- କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ନିମନ୍ତେ ଈଶ୍ୱର ଆପଣଙ୍କୁ ଦେଇଥିବା ଅନୁଗ୍ରହର (ଏଫିସୀ ୩:୧,୨) ।

## ଈଶ୍ୱରଙ୍କ ରାଜ୍ୟର ଜଣେ ଉତ୍ତମ ଭଣ୍ଡାରଘରିଆର ବୈଶିଷ୍ଟ୍ୟସମୂହ

ଈଶ୍ୱରଙ୍କ ଅନୁଗ୍ରହ ଓ ଈଶ୍ୱରଙ୍କ ରାଜ୍ୟର ଜଣେ ଭଣ୍ଡାରଘରିଆ ଭାବରେ ପ୍ରଭୁ ଆମମାନଙ୍କଠାରୁ ନିମ୍ନ ବିଷୟମାନ ଆଶା କରନ୍ତି ।

### ୧. ଜଣେ ଉତ୍ତମ ଭଣ୍ଡାରଘରିଆ ଦେଖିଥାଏ ଯେ ସବୁକିଛି କାର୍ଯ୍ୟ ଠିକ୍‌ଠାକ୍ ଚାଲିଛି

ଆମ ଉପରେ ନ୍ୟସ୍ତଥିବା କାର୍ଯ୍ୟ ସଠିକ୍ ଭାବରେ ସମ୍ପାଦିତ ହେଉଛି କି ନାହିଁ ତାହା ଦେଖିବା ଆମର ଦାୟିତ୍ୱ । ସମସ୍ତ ବିଷୟ ଶୃଙ୍ଖଳାର ସହିତ ଓ ଅନିନ୍ଦନୀୟଭାବେ ହେବା ଉଚିତ । *''ଯେପରି ଆମ୍ଭମାନଙ୍କ ସେବକପଦ ନିନ୍ଦିତ ନ ହୁଏ, ସେଥିପାଇଁ ଆମ୍ଭେମାନେ କୌଣସି ବିଷୟରେ ବାଧା ନ ଦେଉ, ... ବରଂ ସମସ୍ତ ବିଷୟରେ ଆମ୍ଭେମାନେ ଈଶ୍ୱରଙ୍କ ସେବକ ସଦୃଶ ଆପଣା ଆପଣାକୁ ଯୋଗ୍ୟ ବୋଲି ପ୍ରକାଶ କରୁଅଛୁ'' (୨ କରିନ୍ଥୀ ୬:୩,୧୦)*

### ୨. ଜଣେ ଉତ୍ତମ ଭଣ୍ଡାରଘରିଆ ସଫଳତାକୁ ଦେଖିଥାଏ

ଆମେ ଦେଖିବାକୁ ହେବ ଆମେ ଯେଉଁକାର୍ଯ୍ୟ କରୁଛୁ ସେଥିରେ ଆମେ ନିଶ୍ଚିତ ସଫଳତା ହାସଲ କରିବା । ଆମେ ଫଳପ୍ରସ୍ୱ ହେବାକୁ ହେବ । *''ତୁମ୍ଭେମାନେ ପ୍ରଚୁର ଫଳ ଫଳିଲେ ମୋହର ପିତା ମହିମାନ୍ୱିତ ହେବେ, ଆଉ ତୁମ୍ଭେମାନେ ମୋହର ପ୍ରକୃତ ଶିଷ୍ୟ ହେବ'' (ଯୋହନ ୧୫:୮) ।*

ଆମେ ବାରମ୍ବାର ଆତ୍ମ ସମୀକ୍ଷା କରିବାକୁ ହେବ ଯେ ଆମେ ଯେଉଁକାର୍ଯ୍ୟ କରୁଛୁ ତା'ର ସୁଫଳ ମିଳୁଛି କି ନାହିଁ । ଯଦି ସଫଳତା ମିଳୁ ନାହିଁ ତେବେ ଆମେ ଯଥାର୍ଥ ପ୍ରଶ୍ନମାନ ପଚାରି ଦେଖିବାକୁ ହେବ ଫଳପ୍ରସୂ ହେବା ପାଇଁ କେଉଁ ପରିବର୍ତ୍ତନସବୁ ଆବଶ୍ୟକ ।

### ୩. ଜଣେ ଉତ୍ତମ ଭଣ୍ଡାରଘରିଆ ଉତ୍ତରଦାୟୀ ରହେ

ଆମେମାନେ ଈଶ୍ୱରଙ୍କ ନିକଟରେ ଉତ୍ତରଦାୟୀ ଅଟୁ, ଆମମାନଙ୍କଠାରେ ନ୍ୟସ୍ତ କାର୍ଯ୍ୟର ପ୍ରତ୍ୟେକ ବିଷୟର ହିସାବନିକାଶ ଆମେ ଈଶ୍ୱରଙ୍କୁ ଦେବାକୁ ହେବ। ରାଜ୍ୟର କାର୍ଯ୍ୟକୁ ସମ୍ପାଦନ କଲାବେଳେ, ବର୍ତ୍ତମାନ ଏଠାରେ ଏବଂ ତାହାଙ୍କ ସିଂହାସନ ଆଗରେ ଠିଆହେବା ପର୍ଯ୍ୟନ୍ତ ଆମେ ଗମ୍ଭୀରତାର ସହ ଆମର ଉତ୍ତରଦାୟୀତ୍ୱକୁ ବିଚାରକୁ ନେଇ ଆଚରଣ କରିବାକୁ ହେବ । *''ଏଣୁ ମଧ୍ୟ ନିବାସୀ ହେଉ ବା ପ୍ରବାସୀ ହେଉ, ତାହାଙ୍କ ନିକଟରେ ସନ୍ତୋଷପାତ୍ର ହେବା ଆମ୍ଭମାନଙ୍କର ଏକାନ୍ତ ବାସନା। କାରଣ ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରା କୃତ କର୍ମାନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାରାସନ ଛାମୁରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ।''(୨ କରିନ୍ଥୀ ୫:୯, ୧୦)*

ଯେଉଁ ଭଣ୍ଡାରଘରିଆ ଅପବ୍ୟୟୀ ବା ଅସଫଳ ପ୍ରମାଣିତ ହୁଏ ତାକୁ ଦିଆଯାଇଥିବା ଦାୟିତ୍ୱରୁ ମୁକ୍ତ କରାଯାଏ । *''ସେ ଶିଷ୍ୟମାନଙ୍କୁ ମଧ କହିଲେ, ଜଣେ ଧନୀଲୋକ ଥିଲେ; ତାଙ୍କର ଜଣେ ବେବର୍ତ୍ତା ଥିଲା, ଆଉ ସେ ତାଙ୍କର ସମ୍ପତ୍ତି ଅପବ୍ୟୟ କରିଦେଉଅଛି ବୋଲି ତାହା ବିଷୟରେ ଅପବାଦ ଶୁଣି ସେ ତାହାକୁ ଡ଼ାକି କହିଲେ, ମୁଁ ତୁମ୍ଭ ବିଷୟରେ ଏ କି କଥା ଶୁଣୁଅଛି? ତୁମ୍ଭ ବେବର୍ତ୍ତାକାର୍ଯ୍ୟର ହିସାବ ଦିଅ, କାରଣ ତୁମ୍ଭେ ଆଉ ବେବର୍ତ୍ତା ହୋଇ ରହି ପାରିବ ନାହିଁ ।'' (ଲୂକ ୧୬:୧,୨)*

### ୪. ଜଣେ ଉତ୍ତମ ଭଣ୍ଡାରଘରିଆ ନିରାପତ୍ତା ପ୍ରତି ଦୃଷ୍ଟି ଦିଏ

ଈଶ୍ୱର ଆମକୁ ଯାହା ଅର୍ପଣ କରିଅଛନ୍ତି ଆମେ ତାକୁ ଜଗି ରହିବା ଓ ତାର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ।

ଆମର ସେବାଯନ୍ତ୍ରରେ ଯାହା ଦିଆଯାଇଛି ତାର ଅପବ୍ୟବହାର, ଚୋରୀ ବା ଦୁରୁପଯୋଗ ଯେପରି ନ ହୁଏ ସେଥିପ୍ରତି ଧ୍ୟାନ ଦେଇ ସୁପରିଚାଳନା କରିବାକୁ ହେବ ।

### ୫. ଜଣେ ଉତ୍ତମ ଭଣ୍ଡାରଘରିଆ ନିରନ୍ତରତାକୁ ନିଶ୍ଚିତ କରିଥାଏ

ଜଣେ ଭଣ୍ଡାରଘରିଆ ତା'ଅନ୍ତେ ପରିବାରର ଉତ୍ତରାଧିକାରୀକୁ ତାଲିମ୍ ଦେବା ଦାୟିତ୍ୱ ମଧ୍ୟ ଅନେକ ସମୟରେ ସମ୍ପାଦନ କରିଥାଏ । *''କିନ୍ତୁ ମୁଁ କହୁଅଛି, ଯେତେ ଦିନ ପର୍ଯ୍ୟନ୍ତ ଉତ୍ତରାଧିକାରୀ ନାବାଳକ ଥାଏ, ସେତେ ଦିନ ପର୍ଯ୍ୟନ୍ତ ସେ ସମସ୍ତ ବିଷୟର କର୍ତ୍ତା ହେଲେ ହେଁ କୌଣସି ପ୍ରକାରେ ଦାସଠାରୁ ଭିନ୍ନ ନୁହେଁ, କିନ୍ତୁ ପିତାଙ୍କ ନିରୂପିତ ସମୟ ପର୍ଯ୍ୟନ୍ତ ସେ ଅଭିଭାବକ ଓ ବେବର୍ତ୍ତାମାନଙ୍କ ଅଧୀନରେ ଥାଏ।'' (ଗାଲାତୀ ୪:୧,୨) ।*

ଈଶ୍ୱର ଆମକୁ ଯାହା ଅର୍ପଣ କରିଛନ୍ତି ତାହା ଆମେ ଅନ୍ୟକୁ ଅର୍ପଣ କରିବାକୁ ହେବ । ଅବଶ୍ୟ ଆମେ ଯେଉଁ ସର୍ତ୍ତରେ କାର୍ଯ୍ୟ ଆରମ୍ଭ କରିଥିଲେ ତା ଅପେକ୍ଷା ଅଧିକ ଉତ୍ତମ ଓ ବଳିଷ୍ଠ ସର୍ତ୍ତରେ ଆମେ ଏହା ଅନ୍ୟକୁ ଅର୍ପଣ କରିବା ଉଚିତ ।

### ୬. ଜଣେ ଉତ୍ତମ ଭଣ୍ଡାରଘରିଆ ବିଶ୍ୱସ୍ତ ଓ ବୁଦ୍ଧିମାନ ହୋଇଥାଏ

*ଲୂକ ୧୨:୪୧-୪୮*

*[୪୧]ସେଥିରେ ପିତର କହିଲେ ହେ ପ୍ରଭୁ, ଆପଣ କେବଳ ଆମ୍ଭମାନଙ୍କୁ ନା ସମସ୍ତଙ୍କୁ ଏହି ଦୃଷ୍ଟାନ୍ତ କହୁଅଛନ୍ତି? [୪୨]ପ୍ରଭୁ କହିଲେ, ଏଣୁ ଆପଣା ପରିଜନମାନଙ୍କୁ ଯଥା ସମୟରେ ନିରୂପିତ ପଡ଼ି ଦେବା ନିମନ୍ତେ ପ୍ରଭୁ ଯାହାକୁ ସେମାନଙ୍କ ଉପରେ ନିଯୁକ୍ତ କରିବେ, ଏପରି ବିଶ୍ୱସ୍ତ ଓ ବୁଦ୍ଧିମାନ ବେବର୍ତ୍ତା କିଏ? [୪୩]ପ୍ରଭୁ ଆସି ଆପଣାର ଯେଉଁ ଦାସକୁ ସେପ୍ରକାର କରୁଥିବା ଦେଖିବେ, ସେ ଧନ୍ୟ। [୪୪]ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେ ତାହାକୁ ଆପଣାର ସର୍ବସ୍ୱ ଉପରେ ନିଯୁକ୍ତ କରିବେ। [୪୫]କିନ୍ତୁ ଯଦି ସେହି ଦାସ ମୋହର ପ୍ରଭୁଙ୍କ ଆସିବାର ବିଳମ୍ବ ଅଛି ବୋଲି ମନେ ମନେ କହି ଦାସଦାସୀମାନଙ୍କୁ ପ୍ରହାର କରିବାକୁ ଏବଂ ଭୋଜନପାନ କରି ମତ୍ତ ହେବାକୁ ଆରମ୍ଭ କରେ, [୪୬]ତାହାହେଲେ ଯେଉଁଦିନ ସେ ଅପେକ୍ଷା କରୁ ନଥିବ ଓ ଯେଉଁ ଦଣ୍ଡ ସେ ଜାଣି ନଥିବ, ସେହି ଦିନ ଓ ସେହି ଦଣ୍ଡରେ ତାହାର ପ୍ରଭୁ ଆସିବେ, ପୁଣି ସେ ତାହାକୁ ଦ୍ୱିଖଣ୍ଡ କରି ଅବିଶ୍ୱସ୍ତମାନଙ୍କ ସହିତ ତାହାର ଅଂଶ ନିରୂପଣ କରିବେ। [୪୭]ଆଉ, ଯେଉଁ ଦାସ ଆପଣା ପ୍ରଭୁଙ୍କ ଇଚ୍ଛା ଜାଣି ପ୍ରସ୍ତୁତ ହୋଇ ନଥାଏ କିମ୍ବା ତାହାଙ୍କର ଇଚ୍ଛାନୁସାରେ କାର୍ଯ୍ୟ କରି ନଥାଏ, ସେ ବହୁତ ପ୍ରହାରରେ ପ୍ରହାରିତ ହେବ; [୪୮]କିନ୍ତୁ ଯେ ନ ଜାଣି ପ୍ରହାରଯୋଗ୍ୟ କର୍ମ କରିଥାଏ, ସେ ଅଳ୍ପ ପ୍ରହାରରେ ପ୍ରହାରିତ ହେବ। ଯାହାକୁ ବହୁତ ପ୍ରଦତ୍ତ ହୋଇଅଛି, ତାହାଠାରୁ ବହୁତ ଦାବୀ କରାଯିବ, ପୁଣି, ଲୋକେ ଯାହା ନିକଟରେ ବହୁତ ସମର୍ପଣ କରିଅଛନ୍ତି, ତାହା ନିକଟରୁ ବହୁତ ଦାବୀ କରିବେ ।*

*୧ ତୀମଥି ୧:୧୨*

*[୧୨]ଆମ୍ଭମାନଙ୍କର ଯେଉଁ ପ୍ରଭୁ ଖ୍ରୀଷ୍ଟ ଯୀଶୁ ମୋତେ ସକ୍ଷମ କରିଅଛନ୍ତି, ତାହାଙ୍କୁ ମୁଁ ଧନ୍ୟବାଦ ଦେଉଅଛି ଯେ, ସେ ମୋତେ ବିଶ୍ୱସ୍ତ ଜ୍ଞାନ କରି ସେବକପଦରେ ନିଯୁକ୍ତ କରିଅଛନ୍ତି।*

ଭଣ୍ଡାରଘରିଆ ଭାବରେ ଆମେ ବିଶ୍ୱସ୍ତ ଓ ବୁଦ୍ଧିମାନ ରହିବା ଆବଶ୍ୟକ । ବିଶ୍ୱସ୍ତତା କହିଲେ ଆନ୍ତରିକତା, ନିର୍ଭରଯୋଗ୍ୟତା ଓ ଭରସାଯୋଗ୍ୟତାକୁ ବୁଝାଇ ଥାଏ ।

ପ୍ରକୃତ ଭଣ୍ଡାରଘରିଆପଣ ଉନ୍ନତି ଆଣିଥାଏ ଏବଂ ଆମକୁ ଅର୍ପିତ ଉଚ୍ଚସ୍ତରର ଭଣ୍ଡାରଘରିଆପଣ ଆହୁରି ଅଧିକ ଉନ୍ନତି ଆଣିଥାଏ ।*''ପ୍ରଭୁ କହିଲେ, ଏଣୁ ଆପଣା ପରିଜନମାନଙ୍କୁ ଯଥା ସମୟରେ ନିରୂପିତ ପଡ଼ି ଦେବା ନିମନ୍ତେ ପ୍ରଭୁ ଯାହାକୁ ସେମାନଙ୍କ ଉପରେ ନିଯୁକ୍ତ କରିବେ, ଏପରି ବିଶ୍ୱସ୍ତ ଓ ବୁଦ୍ଧିମାନ ବେବର୍ତ୍ତା କିଏ?'' (୪୨ ପଦ)*

ଭଣ୍ଡାରଘରିଆପଣର ଅର୍ଥ ଆମେ ଯାହା ଚାହୁଁ ତାହା କରିବା ନୁହେଁ, କିନ୍ତୁ କର୍ତ୍ତା କ'ଣ ଚାହାନ୍ତି ତାହା ଜାଣିବା ଓ ତଦନୁସାରେ କାର୍ଯ୍ୟ କରିବା । *''ଆଉ, ଯେଉଁ ଦାସ ଆପଣା ପ୍ରଭୁଙ୍କ ଇଚ୍ଛା ଜାଣି ପ୍ରସ୍ତୁତ ହୋଇ ନଥାଏ କିମ୍ବା ତାହାଙ୍କର ଇଚ୍ଛାନୁସାରେ କାର୍ଯ୍ୟ କରି ନଥାଏ, ସେ ବହୁତ ପ୍ରହାରରେ ପ୍ରହାରିତ ହେବ'' (୪୭ ପଦ)*

### *ଅସାଧୁ ଭଣ୍ଡାରଘରିଆ*

ଏଠାରେ ପ୍ରଭୁ ଭଣ୍ଡାରଘରିଆପଣ ସମ୍ପର୍କରେ ଶିକ୍ଷାଦେବାକୁ ଯାଇ ଅନ୍ୟଏକ ଦୃଷ୍ଟାନ୍ତ ଦେଇଛନ୍ତି ।

*ଲୂକ ୧୬:୧-୧୨*

*[୧]ସେ ଶିଷ୍ୟମାନଙ୍କୁ ମଧ୍ୟ କହିଲେ, ଜଣେ ଧନୀ ଲୋକ ଥିଲେ; ତାଙ୍କର ଜଣେ ବେବର୍ତ୍ତା*
*ଥିଲା, ଆଉ ସେ ତାଙ୍କର ସମ୍ପତ୍ତି ଅପବ୍ୟୟ କରିଦେଉଅଛି ବୋଲି ତାହା ବିଷୟରେ ଅପବାଦ*
*ଶୁଣି ସେ ତାହାକୁ ଡ଼ାକି କହିଲେ,[୨]ମୁଁ ତୁମ୍ଭ ବିଷୟରେ ଏ କି କଥା ଶୁଣୁଅଛି? ତୁମ୍ଭ*
*ବେବର୍ତ୍ତାକାର୍ଯ୍ୟର ହିସାବ ଦିଅ, କାରଣ ତୁମ୍ଭେ ଆଉ ବେବର୍ତ୍ତା ହୋଇ ରହି ପାରିବ ନାହିଁ।*
*[୩]ସେଥିରେ ସେହି ବେବର୍ତ୍ତା ମନେ ମନେ କହିଲା, କଅଣ କରିବି? ମୋହର ପ୍ରଭୁ ତ ମୋ'ଠାରୁ*
*ବେବର୍ତ୍ତାପଦ ଛଡ଼ାଇ ନେଉଅଛନ୍ତି। ମାଟି ହାଣିବାକୁ ମୋହର ବଳ ନାହିଁ, ଭିକ ମାଗିବାକୁ*
*ମୋତେ ଲାଜ ଲାଗୁଅଛି। [୪]ମୁଁ ବେବର୍ତ୍ତାପଦରୁ ଚ୍ୟୁତ ହେଲା ଉତ୍ତାରେ ଲୋକେ ଯେପରି*
*ମୋତେ ଆପଣା ଆପଣା ଗୃହରେ ଗ୍ରହଣ କରନ୍ତି, ଏଥିପାଇଁ କଅଣ କରିବି, ତାହା ବୁଝିଲିଣି।*

*[5]ପୁଣି, ସେ ଆପଣା ପ୍ରଭୁଙ୍କର ପ୍ରତ୍ୟେକ ଖାତକକୁ ପାଖକୁ ଡ଼ାକି ପ୍ରଥମ ଜଣକୁ କହିଲା, ତୁମ୍ଭ ଉପରେ ମୋ'ପ୍ରଭୁଙ୍କର କେତେ ପାଉଣା? ସେ କହିଲା, ଶଏ ମହଣ ତେଲ। [6]ସେ ତାହାକୁ କହିଲା, ତୁମ୍ଭର ଚୁକ୍ତିପତ୍ର ଘେନି ଶୀଘ୍ର ବସି ପଚାଶ ବୋଲି ଲେଖ। [7]ତାହା ପରେ ସେ ଆଉ ଜଣକୁ କହିଲା, ତୁମ୍ଭ ଉପରେ କେତେ ପାଉଣା? ସେ କହିଲା, ଶଏ ଭରଣ ଗହମ। ସେ ତାହାକୁ କହିଲା, ତୁମ୍ଭର ଚୁକ୍ତିପତ୍ର ଘେନି ଅଶୀ ବୋଲି ଲେଖ। [8]ସେହି ଅବିଶ୍ୱସ୍ତ ଦେବର୍ତ୍ତା ବୁଦ୍ଧି ସହିତ କାର୍ଯ୍ୟ କରିଥିବାରୁ ପ୍ରଭୁ ତାହାର ପ୍ରଶଂସା କଲେ, ଯେଣୁ ଏହି ଯୁଗର ସନ୍ତାନମାନେ ସେମାନଙ୍କ ସ୍ୱଜାତି ପକ୍ଷରେ ଆଲୋକର ସନ୍ତାନମାନଙ୍କ ଅପେକ୍ଷା ଅଧିକ ବୁଦ୍ଧିମାନ୍ । [9]ମୁଁ ମଧ୍ୟ ତୁମ୍ଭମାନଙ୍କୁ କହୁଅଛି, ଅଧର୍ମ ଧନରେ ଆପଣା ଆପଣା ନିମନ୍ତେ ବନ୍ଧୁ ଲାଭ କର, ଯେପରି ତାହା ଶେଷ ହେଲେ ସେମାନେ ତୁମ୍ଭମାନଙ୍କୁ ନିତ୍ୟସ୍ଥାୟୀ ବାସସ୍ଥାନରେ ଗ୍ରହଣ କରିବେ। [10]ଯେ ଅତି ଅଳ୍ପ ବିଷୟରେ ବିଶ୍ୱସ୍ତ, ସେ ବହୁତ ବିଷୟରେ ମଧ୍ୟ ବିଶ୍ୱସ୍ତ ଅଟେ, ପୁଣି ଯେ ଅତି ଅଳ୍ପ ବିଷୟରେ ଅବିଶ୍ୱସ୍ତ ସେ ବହୁତ ବିଷୟରେ ମଧ୍ୟ ଅବିଶ୍ୱସ୍ତ। [11]ଅତଏବ, ଯଦି ତୁମ୍ଭେମାନେ ଅଧର୍ମ ଧନରେ ବିଶ୍ୱସ୍ତ ହୋଇନାହିଁ, ତେବେ କିଏ ତୁମ୍ଭମାନଙ୍କୁ ବିଶ୍ୱାସ କରି ସତ୍ୟ ଧନ ତୁମ୍ଭମାନଙ୍କ ହସ୍ତରେ ସମର୍ପଣ କରିବ? [12]ଆଉ, ଯଦି ତୁମ୍ଭେମାନେ ପରର ବିଷୟରେ ବିଶ୍ୱସ୍ତ ହୋଇନାହିଁ, ତେବେ କିଏ ତୁମ୍ଭମାନଙ୍କୁ ତୁମ୍ଭମାନଙ୍କର ନିଜ ବିଷୟ ଦେବେ?*

ଏଠାରେ ପ୍ରଭୁଯୀଶୁ ଏହି ଭଣ୍ଡାରଘରିଆ ବା ଦେବର୍ତ୍ତାର କାର୍ଯ୍ୟକୁ ପ୍ରଶଂସା କରିନାହାନ୍ତି । ତାକୁ ''ଅସାଧୁ ଦେବର୍ତ୍ତା'' ବା ''କୁଟିଳ ମ୍ୟାନେଜର'' କୁହାଯାଏ । କିନ୍ତୁ ଏହି ଦେବର୍ତ୍ତା ଯେପରି ବୁଦ୍ଧିର ସହିତ ବା ବିଚକ୍ଷଣତାର ସହିତ କାର୍ଯ୍ୟକଲା, ତାହା ତା'ର ଦୂରଦୃଷ୍ଟି ଓ ବିଚାରଶକ୍ତିକୁ ସୂଚାଏ ଏବଂ ପ୍ରଭୁ ଯୀଶୁ ଏହି ବିଷୟରେ ତା'ର ପ୍ରଶଂସା କରିଥିଲେ । ସେ ତା'ର ପଦ ଓ ଅର୍ଥକୁ ଉପଯୋଗ କରି ଅନ୍ୟମାନଙ୍କ ସଙ୍ଗେ ଯେପରି ବନ୍ଧୁତା ସ୍ଥାପନ କଲା ତଦ୍ୱାରା ସେ ତା'ର ପଦରୁ ବହିଷ୍କୃତ ହେଲେ ବି ଯେଉଁମାନେ ତା'ଦ୍ୱାରା 'ଉପକୃତ' ହୋଇଥିଲେ ସେମାନେ ତାକୁ ସାହାଯ୍ୟ କରିବାକୁ ଆଗେଇ ଆସିବେ । ଏହାପରେ ସେ ଭଣ୍ଡାରଘରିଆପଣ ସମ୍ପର୍କରେ ଆହୁରି କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ କହିଥିଲେ ।

## ୭. ଜଣେ ଉତ୍ତମ ଭଣ୍ଡାରଘରିଆ ଅଳ୍ପ ବିଷୟରେ ବିଶ୍ୱସ୍ତ ରହିଥାଏ

କ୍ଷୁଦ୍ର ବିଷୟସବୁକୁ ଆମେ କିପରି ପରିଚାଳନା କରୁ ସେଥିରୁ ଆମର ଭଣ୍ଡାରଘରିଆପଣ ପ୍ରକାଶ ପାଇଥାଏ । ଆମ ପାଖରେ ଯଦି କ୍ଷୁଦ୍ର ବିଷୟ ରହିଛି, ତାକୁ କ'ଣ ଆମେ ଯତ୍ନ ଓ ସାବଧାନତାର ସହିତ ସମ୍ପାଦନ କରିଥାଉ ବା ଏହାକୁ ସାମାନ୍ୟ ମଣି ଗୁରୁତ୍ୱ ଦେଇ ନଥାଉ ? *''ଯେ ଅତି ଅଳ୍ପ ବିଷୟରେ ବିଶ୍ୱସ୍ତ, ସେ ବହୁତ ବିଷୟରେ ମଧ୍ୟ ବିଶ୍ୱସ୍ତ ଅଟେ, ପୁଣି ଯେ ଅତି ଅଳ୍ପ ବିଷୟରେ ଅବିଶ୍ୱସ୍ତ ସେ ବହୁତ ବିଷୟରେ ମଧ୍ୟ ଅବିଶ୍ୱସ୍ତ। '' (୧୦ ପଦ)* କ୍ଷୁଦ୍ର ବିଷୟରେ ବିଶ୍ୱସ୍ତ ହେବା ଦ୍ୱାରା ଆମେ ବହୁତ ବିଷୟର ଦାୟିତ୍ୱ ନେବାକୁ ଯୋଗ୍ୟ ଗଣିତ ହୋଇଥାଉ ।

**୮. ଜଣେ ଉତ୍ତମ ଭଣ୍ଡାରଘରିଆ ଅର୍ଥ ପରିଚାଳନାରେ ବିଶ୍ୱସ୍ତ ହୋଇଥାଏ**

ଅର୍ଥ ପରିଚାଳନାକୁ ଆମେ ପ୍ରାୟ ଗୁରୁତ୍ୱ ଦେଇ ନଥାଉ, କାରଣ ଏହାକୁ ଆମେ ପ୍ରାୟତଃ ‘‘ଅଧର୍ମ ଧନ’’ ଓ ଈଶ୍ୱର ଏହା ଉପରେ ପ୍ରାୟତଃ ମନୋଯୋଗ କରନ୍ତି ନାହିଁ ବୋଲି ମନେ କରିଥାଉ । ତଥାପି, ଆମଠାରେ ଅର୍ପିତ ଅର୍ଥକୁ ଆମେ କିପରି ପରିଚାଳନା କରୁ ଏହା ଈଶ୍ୱର ଦେଖିଥାନ୍ତି ।

ତେବେ ମଜାଦାର ବିଷୟ ଏହି ଯେ ପ୍ରଭୁଯୀଶୁ କହିଲେ ଯେ ଅର୍ଥର ସୁପରିଚାଳନା କରିବା ଦ୍ୱାରା ଆମେ ପ୍ରକୃତ ଧନର ଅର୍ଥାତ୍ ଈଶ୍ୱରଙ୍କ ରାଜ୍ୟର ବିଷୟଗୁଡ଼ିକର ପରିଚାଳନା ଦାୟିତ୍ୱ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାଉ । *‘‘ଅତଏବ, ଯଦି ତୁମ୍ଭେମାନେ ଅଧର୍ମ ଧନରେ ବିଶ୍ୱସ୍ତ ହୋଇନାହିଁ, ତେବେ କିଏ ତୁମ୍ଭମାନଙ୍କୁ ବିଶ୍ୱାସ କରି ସତ୍ୟ ଧନ ତୁମ୍ଭମାନଙ୍କ ହସ୍ତରେ ସମର୍ପଣ କରିବ?’’ (୧୧ ପଦ)*

**୯. ଜଣେ ଉତ୍ତମ ଭଣ୍ଡାରଘରିଆ ଅନ୍ୟର ବିଷୟବସ୍ତୁର ଦାୟିତ୍ୱରେ ବିଶ୍ୱସ୍ତ ହୋଇଥାଏ**

ଅନ୍ୟର ବିଷୟସବୁକୁ ଉଚିତ ଭଣ୍ଡାରଘରିଆ ଭାବରେ ପରିଚାଳନା କରିବା ଦ୍ୱାରା ଆମ ନିଜର ବିଷୟସବୁକୁ ପରିଚାଳନା କରିବା ଦାୟିତ୍ୱ ନିମନ୍ତେ ଆମେ ଯୋଗ୍ୟ ବିବେଚିତ ହୋଇଥାଉ । *‘‘ଆଉ, ଯଦି ତୁମ୍ଭେମାନେ ପରର ବିଷୟରେ ବିଶ୍ୱସ୍ତ ହୋଇନାହିଁ, ତେବେ କିଏ ତୁମ୍ଭମାନଙ୍କୁ ତୁମ୍ଭମାନଙ୍କର ନିଜ ବିଷୟ ଦେବେ?’’ (୧୨ ପଦ)*

ଭଣ୍ଡାରଘରିଆପଣ ଦାୟିତ୍ୱବୋଧ ଆଣି ଦେଇଥାଏ । *‘‘କାରଣ ଯଦି ମୁଁ ସ୍ୱେଚ୍ଛାରେ ଏହା କରେ, ତେବେ ମୋହର ପୁରସ୍କାର ଅଛି, କିନ୍ତୁ ଯଦି ସ୍ୱେଚ୍ଛାରେ ନ କରେ, ତେବେହେଁ ସେବକପଦର ଭାର ମୋଠାରେ ସମର୍ପିତ ହୋଇଅଛି।’’ (୧ କରିନ୍ଥୀ ୯:୧୭)*

ଭଣ୍ଡାରଘରିଆପଣ ତ୍ୟାଗପୂତ ଜୀବନଯାପନ କରିବା ପାଇଁ ଆହ୍ୱାନ କରେ । *‘‘ମୁଁ ତୁମ୍ଭମାନଙ୍କ ନିମନ୍ତେ ଯେଉଁ ସବୁ ଦୁଃଖଭୋଗ କରୁଅଛି, ସେଥିରେ ଏବେ ଆନନ୍ଦ କରୁଅଛି, ଆଉ ଖ୍ରୀଷ୍ଟଙ୍କର ଯେଉଁ କ୍ଳେଶଭୋଗ ବାକି ଅଛି, ତାହା ମୁଁ ତାହାଙ୍କ ଶରୀରରୂପ ମଣ୍ଡଳୀ ନିମନ୍ତେ ମୋହର ଶରୀରରେ ପୂରଣ କରୁଅଛି, ଈଶ୍ୱର ମୋତେ ଯେଉଁ ଭଣ୍ଡାରଘରିଆପଦ ତୁମ୍ଭମାନଙ୍କ ନିମନ୍ତେ ଦେଇଅଛନ୍ତି, ତଦନୁସାରେ ମୁଁ ସେହି ମଣ୍ଡଳୀର ଜଣେ ସେବକ ହୋଇଅଛି, ଯେପରି ମୁଁ ଈଶ୍ୱରଙ୍କ ବାକ୍ୟ ସମ୍ପୂର୍ଣ୍ଣରୂପେ ପ୍ରଚାର କରେ।’’ (କଲସୀ ୧:୨୪,୨୫) ।*

# ବ୍ୟକ୍ତିଗତ ପ୍ରୟୋଗ

ପ୍ରଶ୍ନ ୧. ଆପଣଙ୍କ ନୈତିକ ଚରିତ୍ରର ଅନେକ କ୍ଷେତ୍ର ବଳିଷ୍ଠ ହେବା ପ୍ରୟୋଜନ କି? ସେସବୁକୁ ବଳିଷ୍ଠ କରିବା ପାଇଁ ଆପଣ କ'ଣ କରିପାରିବେ ?

ପ୍ରଶ୍ନ ୨. ଆତ୍ମିକ ପରିପକ୍ୱତାର ସାତୋଟି ଲକ୍ଷଣକୁ ଦେଖିଲେ କେଉଁସବୁ କ୍ଷେତ୍ରରେ ଅଧିକ ଆତ୍ମିକ ଅଭିବୃଦ୍ଧି ପାଇଁ ଅଧିକ ମନୋଯୋଗ କରିବା ଉଚିତ ବୋଲି ଆପଣ ମନେ କରନ୍ତି ?

ପ୍ରଶ୍ନ ୩. ଆପଣଙ୍କୁ ଈଶ୍ୱରଙ୍କ ରାଜ୍ୟର କାର୍ଯ୍ୟ କରିବାକୁ ଦିଆଯାଇଛି । ଆପଣ ବର୍ତ୍ତମାନ ରାଜ୍ୟର ଯେଉଁ କାର୍ଯ୍ୟ କରନ୍ତି ସେଥିରେ ଆପଣ ଆପଣଙ୍କ ଭଣ୍ଡାରଘରିଆପଣକୁ କିପରି ଅଧିକ ଉନ୍ନତ କରି ପାରିବେ ? ଆପଣ କିପରି ଜଣେ ଉତ୍ତମ ଭଣ୍ଡାରଘରିଆ ହୋଇ ପାରିବେ ?

(ଜଣେ ସେବକର ବ୍ୟକ୍ତିଗତ ଜୀବନ ଓ ଚରିତ୍ର ସମ୍ପର୍କରେ ଅଧିକ ଜାଣିବାକୁ ଚାହିଁଲେ APC Publication ପକ୍ଷରୁ ପ୍ରକାଶିତ ପୁସ୍ତକ "Code of Honor" ପାଠ କରନ୍ତୁ । ଏହା ମାଗଣାରେ ମିଳେ ।)

### ଷଷ୍ଠ ଅଧ୍ୟାୟ

# ଆତ୍ମାଙ୍କ ଦ୍ୱାରା ଲୋକମାନଙ୍କୁ ଗଢ଼ିବା

ପୁଣି, ତୁମ୍ଭେମାନେ ଯେ ଆମ୍ଭମାନଙ୍କ ସେବାରେ ଲିଖିତ ଖ୍ରୀଷ୍ଟଙ୍କ ପତ୍ରସ୍ୱରୂପ, ଏହା ପ୍ରକାଶ ପାଉଅଛି; ତାହା କାଳିରେ ଲିଖିତ ନୁହେଁ, ମାତ୍ର ଜୀବନ୍ତ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଲିଖିତ, ପ୍ରସ୍ତର ଫଳକରେ ନୁହେଁ, ମାତ୍ର ମାଂସମୟ ହୃଦୟରୂପ ଫଳକରେ। (୨ କରିନ୍ଥୀ ୩:୩)



# ୬
# ଆତ୍ମାଙ୍କ ଦ୍ୱାରା ଲୋକମାନଙ୍କୁ ଗଢ଼ିବା

ଏହି ଅଧ୍ୟାୟରେ ଆମେମାନେ ରାଜ୍ୟର କେନ୍ଦ୍ରୀୟ କାର୍ଯ୍ୟ ଅର୍ଥାତ୍ ଲୋକମାନଙ୍କୁ ଗଢ଼ିବା ସମ୍ପର୍କରେ ଆଲୋଚନା କରିବା । ରାଜ୍ୟ ନିର୍ମାଣ କାର୍ଯ୍ୟ ଏକ ସଂଗଠନ ଗଢ଼ିବାକୁ ବୁଝାଏ ନାହିଁ ଯଦିଓ ରାଜ୍ୟ ନିର୍ମାଣ କାର୍ଯ୍ୟ କରୁକରୁ ଆମେ ଏକ ଦୃଢ଼ ସଂଗଠନ ସ୍ଥାପନ କରିପାରୁ । ରାଜ୍ୟ ନିର୍ମାଣ କାର୍ଯ୍ୟ କହିଲେ ବଡ଼ ବଡ଼ କୋଠାବାଡ଼ି ନିର୍ମାଣ କରିବା ବା ସୁସଂଗଠିତ କାର୍ଯ୍ୟକ୍ରମମାନ, ସଭା ସମିତି ସବୁ ଆୟୋଜନ କରିବାକୁ ବୁଝାଏ ନାହିଁ, ଯଦି ବା ଏସବୁ ଆମେ କରିବାକୁ ହେବ । ରାଜ୍ୟ ନିର୍ମାଣ କାର୍ଯ୍ୟର ପ୍ରକୃତ ଆଭିମୁଖ୍ୟ ଲୋକମାନଙ୍କୁ ଗଢ଼ିବା।

## ରାଜ୍ୟ ନିର୍ମାଣ କହିଲେ ଲୋକମାନଙ୍କୁ ଗଢ଼ିବା

*୧ କରିନ୍ଥୀ ୩:୯*

*[୯]କାରଣ ଆମ୍ଭେମାନେ ଈଶ୍ୱରଙ୍କ ସହକର୍ମୀ; ତୁମ୍ଭେମାନେ ଈଶ୍ୱରଙ୍କ କ୍ଷେତ୍ର, ଈଶ୍ୱରଙ୍କ ଗୃହ।*

ପ୍ରେରିତ ପାଉଲ ନିଜକୁ ଈଶ୍ୱରଙ୍କର ଜଣେ ସହକର୍ମୀ, ଜଣେ ରାଜ୍ୟ ନିର୍ମାଣକାରୀ କହନ୍ତି । ଈଶ୍ୱରଙ୍କ ଲୋକମାନେ ''କ୍ଷେତ୍ର'' ଓ ''ଗୃହ'' ଅଟନ୍ତି ଯେଉଁଥିରେ ସେ ଈଶ୍ୱରଙ୍କ ସହିତ କାର୍ଯ୍ୟ କରନ୍ତି ।

*୧ କରିନ୍ଥୀ ୯:୧*

*[୧]ମୁଁ କଅଣ ସ୍ୱାଧୀନ ନୁହେଁ ? ମୁଁ କଅଣ ଜଣେ ପ୍ରେରିତ ନୁହେଁ? ମୁଁ କଅଣ ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କୁ ଦର୍ଶନ କରି ନାହିଁ? ତୁମ୍ଭେମାନେ କଅଣ ପ୍ରଭୁଙ୍କଠାରେ ମୋହର କୃତ କର୍ମ ନୁହଁ?*

ପ୍ରେରିତ ପାଉଲ ପ୍ରଭୁଙ୍କ କାର୍ଯ୍ୟରେ ତାଙ୍କର ଅନେକ ମିଶନାରୀ ଯାତ୍ରା, ତାଙ୍କ ଦ୍ୱାରା ସ୍ଥାପିତ ଅନେକ ମଣ୍ଡଳୀ, ତାଙ୍କ ଦ୍ୱାରା ପ୍ରଚାରିତ ଅନେକ ଉପଦେଶ ବା ତାଙ୍କଦ୍ୱାରା ଲିଖିତ ଅନେକ ପତ୍ର ବିଷୟରେ କହିପାରିଥାନ୍ତେ । କିନ୍ତୁ ପ୍ରଭୁଙ୍କ କାର୍ଯ୍ୟରେ ସେ ଲୋକମାନଙ୍କ ବିଷୟରେ କହନ୍ତି । ''ତୁମ୍ଭେମାନେ କ'ଣ ପ୍ରଭୁଙ୍କଠାରେ ମୋହର କୃତ କର୍ମ ନୁହେଁ'' ।

*ଏଫିସୀ ୨:୨୨*
*୨୨ ତାହାଙ୍କଠାରେ ତୁମ୍ଭେମାନେ ମଧ୍ୟ ଈଶ୍ୱରଙ୍କ ଆତ୍ମିକ ନିବାସ ନିମନ୍ତେ ଏକତ୍ର ନିର୍ମିତ ହେଉଅଛ ।*

ଈଶ୍ୱର ଏକ ଗୃହ ନିର୍ମାଣ କରୁନାହାନ୍ତି କି ଏକ ସଂଗଠନ ସ୍ଥାପନ କରୁ ନାହାନ୍ତି । ସେ ଲୋକମାନଙ୍କୁ ଗଠନ କରୁଛନ୍ତି । ତାହାଙ୍କ ନିବାସ ସ୍ଥାନ ଭାବରେ ଈଶ୍ୱରଙ୍କ ଲୋକମାନେ ଏକତ୍ର ନିର୍ମିତ ହେଉଛନ୍ତି ।

*୧ ପିତର ୨:୫*
*୫ ତାହାଙ୍କ ନିକଟକୁ ଆସି ତୁମ୍ଭେମାନେ ମଧ୍ୟ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଆତ୍ମିକ ବଳି ଉତ୍ସର୍ଗ କରିବା ନିମନ୍ତେ ପବିତ୍ର ଯାଜକବର୍ଗ ହେବା ପାଇଁ ଜୀବନ୍ତ ପ୍ରସ୍ତରସ୍ୱରୂପ ହୋଇ ଗୋଟିଏ ପାରମାର୍ଥିକ ଗୃହରୂପରେ ନିର୍ମିତ ହୁଅ ।*

ଏହି ଆତ୍ମିକ ଗୃହ ଜୀବନ୍ତ ପ୍ରସ୍ତରଗୁଡ଼ିକୁ ନେଇ ଅର୍ଥାତ୍ ଈଶ୍ୱରଙ୍କ ଲୋକମାନଙ୍କୁ ନେଇ ନିର୍ମିତ ହୋଇଛି ।

''ଜୀବନ୍ତ ପ୍ରସ୍ତରଗୁଡ଼ିକୁ'' ନେଇ କାର୍ଯ୍ୟ କରିବା ଓ ''ମୃତ ପ୍ରସ୍ତରଗୁଡ଼ିକୁ'' ନେଇ କାର୍ଯ୍ୟ କରିବା ମଧ୍ୟରେ ପ୍ରଭେଦ ରହିଛି ! ମୃତପ୍ରସ୍ତରଗୁଡ଼ିକ କିଛି ଅନୁଭବ କରି ପାରନ୍ତି ନାହିଁ, କିନ୍ତୁ ଜୀବନ୍ତ ପ୍ରସ୍ତରଗୁଡ଼ିକ ଅନୁଭବ କରି ପାରନ୍ତି । ପଥରଗୁଡ଼ିକ ବୃଦ୍ଧି ପାଆନ୍ତି ନାହିଁ, କିନ୍ତୁ ଜୀବନ୍ତ ପସ୍ତରଗୁଡ଼ିକ ବୃଦ୍ଧିଶୀଳ ଅଟନ୍ତି । ପଥରଗୁଡ଼ିକର ଗତି ନାହିଁ, କିନ୍ତୁ ଜୀବନ୍ତ ପ୍ରସ୍ତର ଗୁଡ଼ିକ ଗତିଶୀଳ ଅଟନ୍ତି ।

## ରାଜ୍ୟ ନିର୍ମାଣକାରୀମାନେ ସେମାନଙ୍କ ହୃଦୟରେ ଲୋକମାନଙ୍କୁ ସ୍ଥାନ ଦେବାକୁ ହେବ

*୨ କରିନ୍ଥୀ ୭:୩*
*୩ ମୁଁ ତୁମ୍ଭମାନଙ୍କୁ ଦୋଷ ଦେବା ନିମନ୍ତେ ଏହା କହୁ ନାହିଁ; କାରଣ ମୁଁ ପୂର୍ବରେ କହିଅଛି, ତୁମ୍ଭେମାନେ ଆମ୍ଭମାନଙ୍କ ହୃଦୟରେ ଏପରି ସ୍ଥାନ ପାଇଅଛ ଯେ, ମଲେ ଆମ୍ଭେମାନେ ଏକତ୍ର ମରିବା, ପୁଣି ବଞ୍ଚିଲେ ଏକତ୍ର ବଞ୍ଚିବା ।*

ପାଉଲ ଯେଉଁମାନଙ୍କ ମଧ୍ୟରେ କାର୍ଯ୍ୟ କରୁଥିଲେ ସେମାନଙ୍କୁ ସେ ତାଙ୍କ ହୃଦୟରେ ସ୍ଥାନ ଦେଇଥିଲେ । ସେ ସେମାନଙ୍କୁ ମୂଲ୍ୟବାନ ମନେ କରି ସଞ୍ଚିତ କରି ରଖିଥିଲେ । ସେ ସେମାନଙ୍କୁ ଏତେ ପ୍ରିୟ ମଣୁଥିଲେ ଯେ ସେ ସେମାନଙ୍କ ସହିତ ଏକତ୍ର ବଞ୍ଚିବାକୁ ବା ଏକତ୍ର ମରିବାକୁ ଚାହୁଁଥିଲେ ।

*୧ ଥେସଲନୀକୀୟ ୨:୧୯,୨୦*
*[୧୯]କାରଣ ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ଆଗମନ ସମୟରେ ତାହାଙ୍କ ଛାମୁରେ ଆମ୍ଭମାନଙ୍କ ଭରସା, ଆନନ୍ଦ କି ଦର୍ପର ମୁକୁଟ କଅଣ? କି ତୁମ୍ଭେମାନେ ନୁହଁ? [୨୦]ତୁମ୍ଭେମାନେ ତ ଆମ୍ଭମାନଙ୍କର ଗୌରବ ଓ ଆନନ୍ଦର କାରଣ ଅଟ ।*

ଶେଷଦିନରେ ପାଉଲ ଯେତେବେଳେ ପ୍ରଭୁଙ୍କ ଛାମୁରେ ଠିଆ ହେବେ ସେ ଯେଉଁସବୁ ମହତ୍‌କର୍ମ କରିଛନ୍ତି, ଯେତିକି ପ୍ରଚାର ଯାତ୍ରାରେ ସେ ଯାଇଛନ୍ତି, ଯେତିକି ପୁସ୍ତକ ସେ ଲେଖିଛନ୍ତି, ଇତ୍ୟାଦିକୁ ନେଇ ସେ ଗର୍ବ କରିବେ ନାହିଁ । ବରଂ ସେ ଯେଉଁଲୋକମାନଙ୍କର ସେବା କରିଛନ୍ତି ସେମାନଙ୍କୁ ନେଇ ସେ ଗର୍ବ କରିବେ । ତାଙ୍କ ସେବାପ୍ରାପ୍ତ ଲୋକମାନେ ହିଁ ତାଙ୍କ ନିମନ୍ତେ ଆନନ୍ଦ, ମୁକୁଟ, ଗୌରବସ୍ୱରୂପ ଥିଲେ ଯାହାକୁ ନେଇ ସେ ଖୁସୀ ମନାଇବେ ଓ ଗର୍ବ କରିବେ ।

ଆମେମାନେ କେଉଁ ବିଷୟକୁ ନେଇ ଗର୍ବ କରୁ, ଆମମାନଙ୍କ ଦ୍ୱାରା ସମ୍ପାଦିତ କାର୍ଯ୍ୟ ବା ଆମ ସେବାର ପରିସରରେ ଥିବା ଲୋକମାନଙ୍କୁ ନେଇ ?

*୨ କରିନ୍ଥୀ ୩:୧-୩*
*[୧]ଆମ୍ଭେମାନେ କି ପୁନର୍ବାର ଆତ୍ମପ୍ରଶଂସା କରିବାକୁ ଆରମ୍ଭ କରୁଅଛୁ? କିମ୍ବା କାହାରି କାହାରି ପରି କଅଣ ତୁମ୍ଭମାନଙ୍କ ନିକଟକୁ ବା ତୁମ୍ଭମାନଙ୍କ ନିକଟରୁ ଆମ୍ଭମାନଙ୍କର ପ୍ରଶଂସାପତ୍ର ଆବଶ୍ୟକ? [୨]ତୁମ୍ଭେମାନେ ତ ଆମ୍ଭମାନଙ୍କ ହୃଦୟରେ ଲିଖିତ ଏବଂ ସମସ୍ତ ଲୋକଙ୍କ ଜ୍ଞାତ ଓ ପଠିତ ଆମ୍ଭମାନଙ୍କ ପତ୍ରସ୍ୱରୂପ; [୩]ପୁଣି, ତୁମ୍ଭେମାନେ ଯେ ଆମ୍ଭମାନଙ୍କ ସେବାରେ ଲିଖିତ ଖ୍ରୀଷ୍ଟଙ୍କ ପତ୍ରସ୍ୱରୂପ, ଏହା ପ୍ରକାଶ ପାଉଅଛି, ତାହା କାଳିରେ ଲିଖିତ ନୁହେଁ, ମାତ୍ର ଜୀବନ୍ତ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଲିଖିତ, ପ୍ରସ୍ତରଫଳକରେ ନୁହେଁ, ମାତ୍ର ମାଂସମୟ ହୃଦୟରୂପ ଫଳକରେ ।*

ଏଠାରେ ପାଉଲ କ'ଣ କହନ୍ତି ଲକ୍ଷ୍ୟ କରନ୍ତୁ । ସେ ଯେଉଁମାନଙ୍କ ନିକଟରେ ସେବାକାର୍ଯ୍ୟ କରିଥିଲେ ସେମାନେ ତାଙ୍କ ହୃଦୟରେ ଲିଖିତ ହୋଇଛନ୍ତି । ସେ ସେମାନଙ୍କୁ ତାଙ୍କ ହୃଦୟରେ ଧାରଣ କରିଥିଲେ । ଏହା ପ୍ରତ୍ୟେକେ ଜାଣିଥିଲେ । ସେ ସେମାନଙ୍କୁ ତାଙ୍କ ଦୃଦୟରେ ଧାରଣ କରିଥିବାରୁ ସେ ଆତ୍ମାଙ୍କ ଦ୍ୱାରା ସେମାନଙ୍କ ହୃଦୟରେ ଲେଖି ପାରିଥିଲେ ।

ଆମେ ଯେତେବେଳେ ଆମମାନଙ୍କ ହୃଦୟରେ ଲୋକମାନଙ୍କୁ ଲେଖିବାକୁ ଈଶ୍ୱରଙ୍କୁ କହିବା ସେ ଆମକୁ ସେମାନଙ୍କ ହୃଦୟରେ ଲେଖିବାକୁ ସାମର୍ଥ୍ୟ ଦେବେ । ଏହା ବ୍ୟତୀତ ଅନ୍ୟ ସମସ୍ତ ସେବାକାର୍ଯ୍ୟ କେବଳ ବାହ୍ୟିକ କାର୍ଯ୍ୟ ହୋଇଥାଏ ଓ ସେଥିରେ ଜୀବନଗୁଡ଼ିକର ପରିବର୍ତ୍ତନ ନିମନ୍ତେ ଶକ୍ତି ନଥାଏ ।

## ଆତ୍ମାଙ୍କ ଦ୍ୱାରା ଆମେ ଲୋକମାନଙ୍କୁ ଗଢ଼ିଥାଉ

*୨ କରିନ୍ଥୀ ୩:୧–୩*

*୧ଆମ୍ଭେମାନେ କି ପୁନର୍ବାର ଆତ୍ମପ୍ରଶଂସା କରିବାକୁ ଆରମ୍ଭ କରୁଅଛୁ? କିମ୍ବା କାହାରି କାହାରି ପରି କଅଣ ତୁମ୍ଭମାନଙ୍କ ନିକଟକୁ ବା ତୁମ୍ଭମାନଙ୍କ ନିକଟରୁ ଆମ୍ଭମାନଙ୍କର ପ୍ରଶଂସାପତ୍ର ଆବଶ୍ୟକ? ୨ତୁମ୍ଭେମାନେ ତ ଆମ୍ଭମାନଙ୍କ ହୃଦୟରେ ଲିଖିତ ଏବଂ ସମସ୍ତ ଲୋକଙ୍କ ଜ୍ଞାତ ଓ ପଠିତ ଆମ୍ଭମାନଙ୍କ ପତ୍ରସ୍ୱରୂପ; ୩ପୁଣି, ତୁମ୍ଭେମାନେ ଯେ ଆମ୍ଭମାନଙ୍କ ସେବାରେ ଲିଖିତ ଖ୍ରୀଷ୍ଟଙ୍କ ପତ୍ରସ୍ୱରୂପ, ଏହା ପ୍ରକାଶ ପାଉଅଛି, ତାହା କାଳିରେ ଲିଖିତ ନୁହେଁ, ମାତ୍ର ଜୀବନ୍ତ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଲିଖିତ, ପ୍ରସ୍ତରଫଳକରେ ନୁହେଁ, ମାତ୍ର ମାଂସମୟ ହୃଦୟରୂପ ଫଳକରେ।*

ଆମେ ଲୋକମାନଙ୍କ ହୃଦୟରେ ‘‘କାଳି ଦ୍ୱାରା ନୁହେଁ, ମାତ୍ର ଜୀବନ୍ତ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା’’ ଲେଖିଥାଉ । ଲୋକମାନଙ୍କ ହୃଦୟକୁ ପ୍ରଭାବିତ କରିବା ପାଇଁ ଆମେ ସ୍ୱାଭାବିକ ମାଧ୍ୟମ ବ୍ୟବହାର କରି ନଥାଉ । ପ୍ରକୃତରେ ଆମେ ଏହା କରିପାରିବା ନାହିଁ । ଈଶ୍ୱରଙ୍କ ଆତ୍ମାଙ୍କ ଶକ୍ତିରେ ହିଁ ଆମେ ଲୋକମାନଙ୍କ ହୃଦୟ ଓ ଜୀବନରେ ଈଶ୍ୱରଙ୍କ କାର୍ଯ୍ୟ ପ୍ରତିଷ୍ଠିତ ହେବା ଦେଖିପାରୁ ।

*ଯୋହନ ୬:୬୩*

*୬୩ଆତ୍ମା ଜୀବନଦାୟକ; ମାଂସ କୌଣସି ଉପକାର କରେ ନାହିଁ; ମୁଁ ତୁମ୍ଭମାନଙ୍କୁ ଯେସମସ୍ତ ବାକ୍ୟ କହିଅଛି, ସେହିସବୁ ଆତ୍ମା ଓ ଜୀବନ ଅଟେ।*

ଆତ୍ମାଙ୍କ କାର୍ଯ୍ୟ ହେତୁ ଜୀବନ ଆସିଥାଏ ଅର୍ଥାତ୍ ଲୋକମାନଙ୍କ ଜୀବନରେ ତାହା ସ୍ଥାୟୀ ପରିବର୍ତ୍ତନ ଓ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିଥାଏ । ଆତ୍ମାଙ୍କ କାର୍ଯ୍ୟରେ ଆମେ ନିର୍ଭରଶୀଳ ହେବାକୁ ହେବ, ଶାରୀରିକ ପଦ୍ଧତିଗୁଡ଼ିକ ଉପରେ ନୁହେଁ ।

## ଈଶ୍ୱର ଅସିଦ୍ଧ ଲୋକମାନଙ୍କୁ ସିଦ୍ଧ କରିବା ପାଇଁ ଅସିଦ୍ଧ ଲୋକମାନଙ୍କୁ ବ୍ୟବହାର କରିଥାନ୍ତି

*ହିତୋପଦେଶ ୨୭:୧୭*

*୧୭ଯେପରି ଲୁହା ଲୁହାକୁ ସତେଜ କରେ, ସେପରି ମନୁଷ୍ୟ ଆପଣା ବନ୍ଧୁର ମୁଖ ସତେଜ କରେ।*

ଯଦି ଅନ୍ୟ କାହାରି ସିଦ୍ଧିଲାଭ ଉଦ୍ଦେଶ୍ୟରେ ଈଶ୍ୱର ମୋତେ ବ୍ୟବହାର କରନ୍ତି ତେବେ ତା'ର ଅର୍ଥ ନୁହେଁ ଯେ ମୁଁ ଜଣେ ସିଦ୍ଧ ବ୍ୟକ୍ତି ।

ଅନ୍ୟମାନଙ୍କ ଜୀବନକୁ ସତେଜ କରିବା ପାଇଁ ଈଶ୍ୱର ଆମ ମଧ୍ୟଦେଇ କାର୍ଯ୍ୟ କରିପାରନ୍ତି ଓ କେବଳ ସେଥିନିମନ୍ତେ ଆମେ ଉପଲବ୍ଧ ହୋଇଥାଉ । ଠିକ୍ ସେପରି ଭାବରେ, ଈଶ୍ୱର ଯାହାକୁ ବାଛନ୍ତୁ ନା କାହିଁକି, ଅନ୍ୟମାନଙ୍କ ଦ୍ୱାରା ଆମ ମଧ୍ୟରେ କାର୍ଯ୍ୟ କରିବା ନିମନ୍ତେ ଈଶ୍ୱର ଯେପରି ଚାହାନ୍ତି ଆମେ ସେଥିପ୍ରତି ଉନ୍ମୁକ୍ତ ରହିବାକୁ ହେବ ।

## ଲୋକମାନଙ୍କୁ ଆତ୍ମାଙ୍କ ଦ୍ୱାରା ଗଢ଼ିବା ନିମନ୍ତେ କେତେକ ବ୍ୟାବହାରିକ ପରାମର୍ଶ

ଲୋକମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟ ଓ ଯୋଜନାକୁ ସେମାନଙ୍କ ଜୀବନରେ ଯେପରି ବୁଝି ପାରନ୍ତି ଓ ସଫଳ କରି ପାରନ୍ତି ଏହି ବିଷୟକୁ ଗୁରୁତ୍ୱ ଦେଇ ଆତ୍ମାଙ୍କ ଦ୍ୱାରା ସେମାନଙ୍କୁ ଗଢ଼ିବା ନିମନ୍ତେ ନିମ୍ନରେ କେତେକ ବ୍ୟାବହାରିକ ପରାମର୍ଶ ଦିଆଗଲା ।

### #୧. ବ୍ୟକ୍ତିବିଶେଷ ନିମନ୍ତେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ଜାଣନ୍ତୁ

ଜଣେ ବ୍ୟକ୍ତି ନିମନ୍ତେ ଈଶ୍ୱରଙ୍କର ଯେଉଁସବୁ ଅଭିମତ ନାହିଁ ତଦନୁସାରେ ତାକୁ ନଗଢ଼ି ତା'ନିମନ୍ତେ ଈଶ୍ୱରଙ୍କ ଯେଉଁସବୁ ଯୋଜନା ଓ ଉଦ୍ଦେଶ୍ୟ ରହିଛି ତାହା ଜାଣିବା ନିମନ୍ତେ ପ୍ରୟାସ କରିବାକୁ ହେବ ।

ସେମାନଙ୍କ ନିମନ୍ତେ ଈଶ୍ୱର-ନିରୂପିତ ସ୍ଥାନକୁ ଜାଣନ୍ତୁ ।

*୧ କରିନ୍ଥୀ ୧୨:୧୮*

*[୧୮] କିନ୍ତୁ ଈଶ୍ୱର ଅଙ୍ଗପ୍ରତ୍ୟଙ୍ଗକୁ ଗୋଟି ଗୋଟି କରି ଶରୀରରେ ଆପଣା ଇଚ୍ଛାନୁସାରେ ଖଞ୍ଜି ଅଛନ୍ତି।*

ସେମାନଙ୍କ ନିମନ୍ତେ ଈଶ୍ୱର-ନିରୂପିତ କାର୍ଯ୍ୟକୁ ଜାଣନ୍ତୁ ।

*ରୋମୀୟ ୧୨:୪-୬*

*[୪]କାରଣ ଯେପରି ଏକ ଶରୀରରେ ଆମ୍ଭମାନଙ୍କର ଅନେକ ଅଙ୍ଗପ୍ରତ୍ୟଙ୍ଗ ଅଛି, କିନ୍ତୁ ସମସ୍ତ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ଏକପ୍ରକାର ନୁହେଁ,*
*[୫]ସେହିପରି ଅନେକ ଯେ ଆମ୍ଭେମାନେ, ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ଏକ ଶରୀର ଓ ପ୍ରତ୍ୟେକେ ପରସ୍ପର ଅଙ୍ଗପ୍ରତ୍ୟଙ୍ଗ।*
*[୬]ଆଉ, ଆମ୍ଭମାନଙ୍କୁ ପ୍ରଦତ୍ତ ଅନୁଗ୍ରହ ଅନୁସାରେ ଆମ୍ଭେମାନେ ବିଭିନ୍ନ ଦାନ ପାଇଅଛୁ, ଏଣୁ ସେହି ଦାନ ଯଦି ଭାବବାଣୀ ହୁଏ, ଆସ, ଆମ୍ଭେମାନେ ବିଶ୍ୱାସର ପରିମାଣ ଅନୁସାରେ ଭାବବାଣୀ କହୁ।*

ଏହା ଆପଣଙ୍କ ନିମନ୍ତେ ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଯଦ୍ଦ୍ୱାରା ଆପଣ ଲୋକମାନଙ୍କୁ ସେମାନଙ୍କ ନିମନ୍ତେ ରହିଥିବା ଈଶ୍ୱର-ନିରୂପିତ ଉଦ୍ଦେଶ୍ୟ ଜାଣିବାକୁ ଓ ତାହା ପୂରଣ କରିବା ଦିଗରେ ଆବଶ୍ୟକୀୟ ସାହାଯ୍ୟ ପ୍ରଦାନ କରିପାରିବେ । ଏଥି ନିମନ୍ତେ ଆପଣ ଈଶ୍ୱରଙ୍କ ଆତ୍ମାଙ୍କ ଚାଳନା ପାଇବା ପାଇଁ ଅତ୍ୟନ୍ତ ସତର୍କ ରହିବାକୁ ହେବ ।

ଯୀଶୁ ଆତ୍ମାଙ୍କ ଦ୍ୱାରା ଲୋକମାନଙ୍କୁ ଜାଣି ପାରୁଥିଲେ ।

### *ପିତରଙ୍କ କ୍ଷେତ୍ରରେ*

*ଯୋହନ ୧:୪୧,୪୨*

*[୪୧]ସେ ପ୍ରଥମେ ଆପଣା ଭାଇ ଶିମୋନଙ୍କ ଦେଖା ପାଇ ତାହାଙ୍କୁ କହିଲେ, ଆମ୍ଭେମାନେ ମଶୀହଙ୍କର (ଅର୍ଥାତ୍ ଖ୍ରୀଷ୍ଟ)ଦେଖା ପାଇଅଛୁ। [୪୨]ସେ ତାଙ୍କୁ ଯୀଶୁଙ୍କ ନିକଟକୁ ଆଣିଲେ। ଯୀଶୁ ତାଙ୍କୁ ଏକଦୃଷ୍ଟିରେ ଚାହିଁ କହିଲେ, ତୁମ୍ଭେ ଯୋହନଙ୍କ ପୁତ୍ର ଶିମୋନ। ତୁମ୍ଭେ କେଫା (ଅର୍ଥାତ୍ ପିତର) ନାମରେ ଖ୍ୟାତ ହେବ ।*

### *ନିଥନିୟେଲଙ୍କ କ୍ଷେତ୍ରରେ*

*ଯୋହନ ୧:୪୭*

*[୪୭]ଯୀଶୁ ନିଥନିୟେଲଙ୍କୁ ଆପଣା ନିକଟକୁ ଆସୁଥିବା ଦେଖି ତାଙ୍କ ବିଷୟରେ କହିଲେ, ଏହି ଦେଖ, ପ୍ରକୃତରେ ଏ ଜଣେ ଇସ୍ରାଏଲୀୟ ଲୋକ, ଏହାଙ୍କଠାରେ ଛଳନା ନାହିଁ।*

ଆତ୍ମାଙ୍କ ଦ୍ୱାରା ଜଣେ ବ୍ୟକ୍ତିର ଭବିଷ୍ୟତକୁ ଦେଖନ୍ତୁ ଓ ଜାଣନ୍ତୁ, ସେମାନଙ୍କୁ ତଦନୁସାରେ ତାଲିମ୍ ଦିଅନ୍ତୁ ଓ ଉପଯୁକ୍ତ ସମୟରେ ସେମାନଙ୍କୁ ଯିବାକୁ ଦିଅନ୍ତୁ ।

## #୨. ଈଶ୍ୱରଦତ୍ତ ଶକ୍ତିର ଉପଯୋଗ କରିବାକୁ ଲୋକମାନଙ୍କୁ ଯଥାସ୍ଥାନରେ ରଖନ୍ତୁ

ଲୋକମାନଙ୍କୁ ବିଭିନ୍ନ ସମୟରେ ସେମାନଙ୍କ ଈଶ୍ୱର-ନିରୂପିତ ସ୍ଥାନରେ ରଖିବାକୁ ହେବ, ଯଦ୍ଦ୍ୱାରା ସେମାନେ ଈଶ୍ୱରଙ୍କ ଅଭିମତ ଅନୁସାରେ ବିକଶିତ ହୋଇପାରିବେ ।

### *ମୋଶା ଓ ଯିହୋଶୂୟଙ୍କ କ୍ଷେତ୍ରରେ*

*ଦ୍ୱିତୀୟ ବିବରଣ ୧:୩୮*

*[୩୮]ତୁମ୍ଭର ପରିଚାରକ ନୂନର ପୁତ୍ର ଯିହୋଶୂୟ ସେହି ସ୍ଥାନରେ ପ୍ରବେଶ କରିବ; ତୁମ୍ଭେ ତାହାକୁ ସାହସ ଦିଅ, ଯେହେତୁ ସେ ଇସ୍ରାଏଲକୁ ତାହା ଅଧିକାର କରାଇବ ।*

*ଦ୍ୱିତୀୟ ବିବରଣ ୩:୨୮*

*[୨୮]ମାତ୍ର ଯିହୋଶୂୟକୁ ଆଜ୍ଞା ଦିଅ ଓ ତାହାକୁ ସାହସ ଦିଅ ଓ ତାହାକୁ ବଳବାନ କରାଅ; କାରଣ ସେ ଏହି ଲୋକମାନଙ୍କର ଆଗେ ଆଗେ ପାର ହୋଇଯିବ; ପୁଣି ତୁମ୍ଭେ ଯେଉଁ ଦେଶ ଦେଖିବ, ତାହା ସେ ସେମାନଙ୍କୁ ଅଧିକାର କରାଇବ।*

### ***ବର୍ଣ୍ଣବା ଓ ଶାଉଲଙ୍କ କ୍ଷେତ୍ରରେ***

*ପ୍ରେରିତ ୧୧:୨୫,୨୬*
*[୨୫]ପରେ ସେ ଶାଉଲଙ୍କୁ ଖୋଜିବା ପାଇଁ ତାର୍ଷକୁ ବାହାରିଗଲେ, [୨୬]ପୁଣି, ସେ ତାଙ୍କୁ ପାଇ ଆନ୍ତିୟଖିଆକୁ ଘେନିଆସିଲେ। ସେମାନେ ସମ୍ପୂର୍ଣ୍ଣ ଏକ ବର୍ଷ ପର୍ଯ୍ୟନ୍ତ ମଣ୍ଡଳୀର ସହିତ ରହି ଅନେକ ଲୋକଙ୍କୁ ଶିକ୍ଷା ଦେଲେ, ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଖ୍ୟାତ ହେଲେ।*

### ***ପାଉଲ, ବର୍ଣ୍ଣବା ଓ ଜନ୍ ମାର୍କ***

ପାଉଲ ଯେପରି ଜନ୍‌ମାର୍କଙ୍କ କ୍ଷେତ୍ରରେ ଭୁଲ କରି ପରେ ନିଜର ନିଷ୍ପତ୍ତି ବଦଳାଇଥିଲେ ସେହିପରି ଅନେକ କ୍ଷେତ୍ରରେ ଆମେ ବ୍ୟକ୍ତି ବିଶେଷଠାରେ ରହିଥିବା ଈଶ୍ୱରଙ୍କ ସାମର୍ଥ୍ୟକୁ ବୁଝିବାରେ ଭୁଲ୍ କରିପାରୁ ।

*ପ୍ରେରିତ ୧୩:୧୩*
*[୧୩]ପରେ ପାଉଲ ଓ ତାଙ୍କ ସଙ୍ଗୀମାନେ ପାଫରୁ ଜଳ ଯାତ୍ରା କରି ପଂଫୁଲିଆର ପର୍ଗୀକୁ ଆସିଲେ; କିନ୍ତୁ ଯୋହନ ସେମାନଙ୍କୁ ପରିତ୍ୟାଗ କରି ଯିରୁଶାଲମକୁ ବାହୁଡ଼ିଗଲେ।*

*ପ୍ରେରିତ ୧୫:୩୬-୪୧*
*[୩୬]କେତେକ ଦିନ ପରେ ପାଉଲ ବର୍ଣ୍ଣବ୍‌ବାଙ୍କୁ କହିଲେ, ଆସ, ଆମ୍ଭେମାନେ ଯେଉଁସବୁ ନଗରରେ ପ୍ରଭୁଙ୍କର ବାକ୍ୟ ପ୍ରଚାର କରିଥିଲୁ, ସେହିସମସ୍ତ ନଗରକୁ ଏବେ ବାହୁଡ଼ିଯାଇ ଭାଇମାନଙ୍କ ସାକ୍ଷାତ କରି, ସେମାନେ କିପ୍ରକାରେ ଅଛନ୍ତି ଦେଖିବା। [୩୭]ସେଥିରେ ମାର୍କ ନାମରେ ଖ୍ୟାତ ଯୋହନଙ୍କୁ ମଧ୍ୟ ସାଙ୍ଗରେ ଘେନିଯିବା ପାଇଁ ବର୍ଣ୍ଣବ୍‌ବାଙ୍କର ଇଚ୍ଛା ଥିଲା, [୩୮]*
*କିନ୍ତୁ ସେ ସେମାନଙ୍କୁ ଛାଡ଼ି ପଂଫୁଲିଆରୁ ଚାଲି ଆସିଥିଲେ ଓ ସେମାନଙ୍କ ସହିତ କାର୍ଯ୍ୟକୁ ଯାଇ ନଥିଲେ, ତାଙ୍କୁ ସାଙ୍ଗରେ ନେବାକୁ ପାଉଲ ଉଚିତ ମନେ କଲେ ନାହିଁ। [୩୯]ସେଥିରେ*
*ଘୋର ବିବାଦ ଘଟିବାରୁ ସେମାନେ ପରସ୍ପରଠାରୁ ପୃଥକ ହେଲେ, ବର୍ଣ୍ଣବ୍‌ବା ମାର୍କଙ୍କୁ ସାଙ୍ଗରେ ଘେନି ଜାହାଜରେ କୁପ୍ରକୁ ଗମନ କଲେ, [୪୦]କିନ୍ତୁ ପାଉଲ ଶୀଲାଙ୍କୁ ମନୋନୀତ କରି ଭାଇମାନଙ୍କ*
*ଦ୍ୱାରା ପ୍ରଭୁଙ୍କ ଅନୁଗ୍ରହରେ ସମର୍ପିତ ହୋଇ ପ୍ରସ୍ଥାନ କଲେ, [୪୧]ଆଉ ସେ ସୁରିଆ ଓ କିଲିକିଆ*
*ଦେଇ ଯାଉ ଯାଉ ମଣ୍ଡଳୀସମୂହଙ୍କୁ ସୁସ୍ଥିର କଲେ।*

*କଲସୀ ୪:୧୦*
*[୧୦]ମୋହର ସହବନ୍ଦୀ ଆରିସ୍ତାର୍ଖ ପୁଣି ବର୍ଣ୍ଣବ୍‌ବାଙ୍କ କୁଟୁମ୍ବୀୟ ଭ୍ରାତା ମାର୍କ(ଏହାଙ୍କ ସମ୍ବନ୍ଧରେ ତୁମ୍ଭେମାନେ ଆଦେଶ ପାଇଅଛ, ସେ ଯଦି ତୁମ୍ଭମାନଙ୍କ ନିକଟକୁ ଆସନ୍ତି, ତେବେ ତାଙ୍କୁ ଗ୍ରହଣ କର) ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି।*

*୨ ତୀମଥି ୪:୧୧*
*[୧୧]କେବଳ ଲୂକ ମୋ ସହିତ ଅଛନ୍ତି। ମାର୍କଙ୍କୁ ତୁମ୍ଭ ସଙ୍ଗରେ ଘେନି ଆସ, କାରଣ ମୋହର ସେବା ନିମନ୍ତେ ସେ ଉପକାରୀ।*

## #୩. ସେମାନଙ୍କୁ ପ୍ରଦତ୍ତ ଦାନକୁ ଆବିଷ୍କାର ଓ ବିକଶିତ କରନ୍ତୁ

ଲୋକମାନେ ଯେଉଁସବୁ ଅନୁଗ୍ରହଦାନ ଓ ଆତ୍ମିକଦାନ ପାଇଛନ୍ତି ତାହାର ପ୍ରକୃତ ଉପଯୋଗ ନିମନ୍ତେ ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ।

ତେବେ ସେମାନେ ପାଇଥିବା ଅନୁଗ୍ରହଦାନ ଓ ଆତ୍ମିକଦାନର ବାହାରକୁ ଯାଇ କାର୍ଯ୍ୟ କରିବାକୁ ଆମେ ସେମାନଙ୍କୁ ମନା କରିପାରିବା । ମନୁଷ୍ୟଭାବେ ଜଣକ ପାଖରେ ଯାହା ଅଛି ତାହା ହିଁ ତା'ଠାରୁ ପାଇବାକୁ ଆମେ ସ୍ୱାଭାବିକ ରୂପେ ଚାହିଁଥାଉ ।

*୧ ତୀମଥି ୪:୧୪*
*[୧୪]ଭାବବାଣୀ ଓ ପ୍ରାଚୀନମାନଙ୍କର ହସ୍ତାର୍ପଣ ଦ୍ୱାରା ତୁମ୍ଭକୁ ଯେଉଁ ଅନୁଗ୍ରହଦାନ ଦତ୍ତ ହୋଇଅଛି, ତାହା ଅବହେଳା ନ କର ।*
*୨ ତୀମଥି ୧:୬,୭*
*[୬]ଏହି କାରଣରୁ ମୁଁ ତୁମ୍ଭକୁ ସ୍ମରଣ କରାଉଅଛି ଯେ, ତୁମ୍ଭଠାରେ ଈଶ୍ୱରଙ୍କର ଯେଉଁ ଅନୁଗ୍ରହଦାନ ଅଛି, ତାହା ପୁନଃ ପ୍ରଜ୍ୱଳିତ କର। [୭]କାରଣ ଈଶ୍ୱର ଆମ୍ଭମାନଙ୍କୁ ଭୀରୁତାର ଆତ୍ମା ଦେଇ ନାହାନ୍ତି, ମାତ୍ର ଶକ୍ତି, ପ୍ରେମ ଓ ସୁବୁଦ୍ଧିର ଆତ୍ମା ଦେଇଅଛନ୍ତି ।*

## #୪. ନିଜର ଜୀବନ ଅନୁସାରେ ଅନ୍ୟମାନଙ୍କ ଜୀବନର ଯତ୍ନ ନିଅନ୍ତୁ

*ଫିଲିପୀ ୪:୯*
*[୯]ତୁମ୍ଭେମାନେ ଯେସମସ୍ତ ବିଷୟ ମୋଠାରୁ ଶିଖିଅଛ, ପାଇଅଛ, ଶୁଣିଅଛ ଓ ମୋଠାରେ ଦେଖିଅଛ, ସେହିସବୁ କର; ସେଥିରେ ଶାନ୍ତିଦାତା ଈଶ୍ୱର ତୁମ୍ଭମାନଙ୍କର ସହବର୍ତ୍ତୀ ହେବେ ।*
*୧ କରିନ୍ଥୀ ୪:୧୬*
*[୧୬]ଏଣୁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରେ, ତୁମ୍ଭେମାନେ ମୋହର ଅନୁକାରୀ ହୁଅ ।*
*୧ କରିନ୍ଥୀ ୧୧:୧*
*[୧]ମୁଁ ଯେପରି ଖ୍ରୀଷ୍ଟଙ୍କ ଅନୁକାରୀ, ତୁମ୍ଭେମାନେ ମଧ୍ୟ ସେହିପରି ମୋହର ଅନୁକାରୀ ହୁଅ।*

ଆପଣ ଯେପରି ଜୀବନଯାପନ କରନ୍ତି ତଦ୍ଦ୍ୱାରା ଆପଣ ସର୍ବଶ୍ରେଷ୍ଠ ସମ୍ବାଦ ପ୍ରଚାର କରିବେ ।
*ମାଥିଉ ୫:୧୯*
*[୧୯]ଅତଏବ, ଯେକେହି ଏହିସମସ୍ତ କ୍ଷୁଦ୍ରତମ ଆଜ୍ଞା ମଧ୍ୟରୁ କୌଣସି ଗୋଟିଏ ଆଜ୍ଞା ଅମାନ୍ୟ କରେ ଓ ଲୋକଙ୍କୁ ସେହି ପ୍ରକାରେ ଶିକ୍ଷା ଦିଏ, ସେ ସ୍ୱର୍ଗରାଜ୍ୟରେ କ୍ଷୁଦ୍ରତମ ବୋଲି ଖ୍ୟାତ ହେବ; କିନ୍ତୁ ଯେକେହି ସେହିସମସ୍ତ ପାଳନ କରେ ଓ ଶିକ୍ଷା ଦିଏ, ସେ ସ୍ୱର୍ଗରାଜ୍ୟରେ ମହାନ୍ ବୋଲି ଖ୍ୟାତ ହେବ।*

ଶିକ୍ଷା ଦେବା ପୂର୍ବରୁ ଶିକ୍ଷାନୁଯାୟୀ ଜୀବନଯାପନ କରିବାକୁ ହେବ ।

*ମାଥିଉ ୧୫:୧୪*

*[୧୪]ସେମାନଙ୍କୁ ଛାଡ଼ିଦିଅ, ସେମାନେ ଅନ୍ଧମାନଙ୍କ ଅନ୍ଧ ପଥପ୍ରଦର୍ଶକ; ଆଉ, ଯେବେ ଅନ୍ଧ ଅନ୍ଧକୁ ବାଟ କଢ଼ାଏ, ତେବେ ଉଭୟେ ଖାତରେ ପଡ଼ିବେ।*

ଆପଣ ନିଜେ ଯଦି ପ୍ରତ୍ୟାଦେଶ ପାଇନାହାନ୍ତି ତେବେ ଅନ୍ୟମାନଙ୍କୁ ପ୍ରତ୍ୟାଦେଶ ମଧ୍ୟକୁ କଢ଼ାଇ ନେଇ ପାରିବେ ନାହିଁ । ଯଦି ତାହା କରିବାକୁ ପ୍ରୟାସ କରିବେ ଅନ୍ଧକୁ ଅନ୍ଧ କଢ଼ାଇ ନେବାଭଳି ହେବ । ଉଭୟେ ଖାତରେ ପଡ଼ିବେ ।

ଆପଣଙ୍କର ଯାହା ନାହିଁ ତାହା ଆପଣ କେବେ ଦେଇ ପାରିବେ ନାହିଁ ।

ଆପଣ ଯେଉଁ ସ୍ଥାନଗୁଡ଼ିକୁ ଯାଇନାହାନ୍ତି ସେଠାକୁ ଅନ୍ୟମାନଙ୍କୁ କଢ଼ାଇ ନେଇ ପାରିବେ ନାହିଁ ।

ଆପଣ ଯଦି ନିଜେ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ପରିପକ୍ୱତା ଲାଭ କରିନାହାନ୍ତି ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ପରିପକ୍ୱ ହେବାରେ ସାହାଯ୍ୟ କରିପାରିବେ ନାହିଁ।

ଆପଣ ଯେଉଁସବୁ କ୍ଷେତ୍ରରେ ନିଜେ ବନ୍ଧନରେ ଅଛନ୍ତି ସେସବୁ କ୍ଷେତ୍ରରେ ଆପଣ ଅନ୍ୟମାନଙ୍କୁ ମୁକ୍ତ କରିବାରେ ସାହାଯ୍ୟ କରିପାରିବେ ନାହିଁ ।

## #୫. ଅସୁରକ୍ଷିତ ବିଷୟଗୁଡ଼ିକରୁ ଦୂରେଇ ରୁହନ୍ତୁ

ଲୋକମାନଙ୍କ ସଙ୍ଗେ ସମ୍ପର୍କ ରଖିବା ବେଳେ ନେତାମାନେ ଯେଉଁସବୁ ବଡ଼ ଧରଣର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ତାହା ଅସୁରକ୍ଷିତ ଅବସ୍ଥା ଯୋଗୁଁ ଆସିଥାଏ ।

ଅସୁରକ୍ଷିତ ନେତାମାନେ ଅନ୍ୟମାନଙ୍କ ପ୍ରତି ଈର୍ଷାନ୍ୱିତ ହୁଅନ୍ତି, ଅନ୍ୟମାନଙ୍କୁ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି, ଅନ୍ୟମାନଙ୍କ ଜୀବନଯାପନରେ ଅଯଥା ହସ୍ତକ୍ଷେପ କରନ୍ତି, ଅଧିକାରଯୁକ୍ତ ବା ଏକଚାଟିଆ ବ୍ୟବହାର ଦେଖାଇଥାନ୍ତି, ଇତ୍ୟାଦି । ଏ ସମସ୍ତ ଫାନ୍ଦରୁ ନିଜକୁ ରକ୍ଷା କରନ୍ତୁ ।

### *(କ) ଈର୍ଷାନ୍ୱିତ ନ ହୁଅନ୍ତୁ*

ଶାଉଲ ଓ ଦାଉଦଙ୍କ ଉଦାହରଣ

*୧ ଶାମୁୟେଲ ୧୮:୬-୧୧*

*[୬]ଦାଉଦ ପଲେଷ୍ଟୀୟକୁ ବଧ କରି ଫେରିଲା ବେଳେ ଲୋକମାନେ ଆସୁ ଆସୁ ଏପରି ହେଲା ଯେ, ଇସ୍ରାଏଲୀୟ ସମସ୍ତ ନଗରରୁ ସ୍ତ୍ରୀମାନେ ବାହାରି ଦାରା, ଆନନ୍ଦଧ୍ୱନି ଓ ତ୍ରିତନ୍ତ୍ରୀ ବାଦ୍ୟ*

*ସହିତ ଗାୟନ ଓ ନୃତ୍ୟ କରୁ କରୁ ଶାଉଲ ରାଜାଙ୍କୁ ଭେଟିବା ପାଇଁ ଆସିଲେ। [7]ଆଉ ସେହି ସ୍ତ୍ରୀମାନେ ବାଦ୍ୟ କରୁ କରୁ ଉତ୍ତର ପ୍ରତ୍ୟୁତ୍ତରକ୍ରମେ ଗାୟନ କରି କହିଲେ: ଶାଉଲ ବଧ କଲେ ସହସ୍ର ସହସ୍ର, ଦାଉଦ ବଧ କଲେ ଅୟୁତ ଅୟୁତ। [8]ଏଥିରେ ଶାଉଲ ଅତି କ୍ରୁଦ୍ଧ ହେଲେ ଓ ଏହି କଥା ତାଙ୍କର ଦୃଷ୍ଟିରେ ମନ୍ଦ ବୋଧ ହେଲା; ଏଣୁ ସେ କହିଲେ, ସେମାନେ ଦାଉଦକୁ ଅୟୁତ ଅୟୁତର ଜୟୀ ଓ ଆମ୍ଭଙ୍କୁ କେବଳ ସହସ୍ର ସହସ୍ରର ଜୟୀ ବୋଲି କହିଲେ, ରାଜତ୍ୱ ଛଡ଼ା ତାହାର ଆଉ କଅଣ ପାଇବାର ବାକୀ ଅଛି? [9]ସେହି ଦିନାବଧି ଶାଉଲ ଦାଉଦଙ୍କ ପ୍ରତି କୁଦୃଷ୍ଟି ରଖିଲେ। [10]ପରଦିନ ପରମେଶ୍ୱରଙ୍କଠାରୁ ମନ୍ଦ-ଆତ୍ମା ଶାଉଲଙ୍କୁ ଆକ୍ରାନ୍ତ କରନ୍ତେ, ସେ ଗୃହ ମଧ୍ୟରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରିବାକୁ ଲାଗିଲେ; ପୁଣି ଦାଉଦ ପ୍ରତି ଦିନ ପରି ହସ୍ତରେ ବାଦ୍ୟ ବଜାଇଲେ, ସେ ସମୟରେ ଶାଉଲଙ୍କ ହସ୍ତରେ ବର୍ଚ୍ଛା ଥିଲା। [11]ତହୁଁ ଶାଉଲ ବର୍ଚ୍ଛା ଫିଙ୍ଗିଲେ; କାରଣ ସେ କହିଲେ, ମୁଁ ଦାଉଦକୁ କାନ୍ଥରେ ଫୋଡ଼ିବି। ମାତ୍ର ଦାଉଦ ତାଙ୍କ ନିକଟରୁ ଦୁଇଥର ଘୁଞ୍ଚିଗଲେ ।*

*୧ ଯୋହନ ୪:୨୦,୨୧*
*[20]ଈଶ୍ୱରଙ୍କୁ ପ୍ରେମ କରୁଅଛି ବୋଲି କହି ଯଦି କେହି ଆପଣା ଭାଇକୁ ଘୃଣା କରେ, ତାହାହେଲେ ସେ ମିଥ୍ୟାବାଦୀ, ଯେଣୁ ଯେଉଁ ଭାଇକୁ ଦେଖିଅଛି, ଯଦି ତାହାକୁ କେହି ପ୍ରେମ ନକରେ, ତାହାହେଲେ ଯେଉଁ ଈଶ୍ୱରଙ୍କୁ ସେ ଦେଖିନାହିଁ, ତାହାଙ୍କୁ ପ୍ରେମ କରି ପାରେ ନାହିଁ । [21]ଯେ ଈଶ୍ୱରଙ୍କୁ ପ୍ରେମ କରେ, ସେ ଆପଣା ଭାଇକୁ ମଧ୍ୟ ପ୍ରେମ କରୁ, ଏହି ଆଜ୍ଞା ଆମ୍ଭେମାନେ ତାହାଙ୍କଠାରୁ ପାଇଅଛୁ ।*

ନିର୍ମଳ ଅନ୍ତଃକରଣ ବିଶିଷ୍ଟ ହୁଅନ୍ତୁ ଅର୍ଥାତ୍ ଉଭୟ ଈଶ୍ୱରଙ୍କ ପ୍ରତି ଓ ମନୁଷ୍ୟ ପ୍ରତି ଆପଣଙ୍କ ହୃଦୟ ଯଥାର୍ଥ ରଖନ୍ତୁ ।

## *(ଖ) ଅଧିକ ସୁରକ୍ଷା ଦେବା/ନିୟନ୍ତ୍ରଣରେ ରଖିବା ବିଷୟକୁ ଏଡ଼ାଇ ଯାଆନ୍ତୁ ।*

*୨ କରିନ୍ଥୀ ୧୧:୧-୪*
*[1]ତୁମ୍ଭେମାନେ ଯଦି ମୋର ଅଳ୍ପ ନିର୍ବୋଧତା ସହ୍ୟ କରନ୍ତ। ହଁ, ତୁମ୍ଭେମାନେ ତ ମୋ ପ୍ରତି ସହିଷ୍ଣୁ। [2]କାରଣ ଈଶ୍ୱରଙ୍କ ବିଷୟକ ଉଦ୍‌ଯୋଗରେ ମୁଁ ତୁମ୍ଭମାନଙ୍କ ନିମନ୍ତେ ଉଦ୍‌ଯୋଗୀ, ଯେଣୁ ମୁଁ ତୁମ୍ଭମାନଙ୍କୁ ସତୀ କନ୍ୟା ସଦୃଶ ଏକ ସ୍ୱାମୀଠାରେ, ଅର୍ଥାତ୍ ଖ୍ରୀଷ୍ଟଙ୍କଠାରେ, ସମର୍ପଣ କରିବା ନିମନ୍ତେ ବାଗ୍‌ଦାନ କରିଅଛି। [3]କିନ୍ତୁ ସର୍ପ ଆପଣା ଧୂର୍ତ୍ତତାରେ ହବ୍‌ବାଙ୍କୁ ଯେପରି ଭୁଲାଇଲା, ସେହିପରି କାଳେ ତୁମ୍ଭମାନଙ୍କ ମନ ଖ୍ରୀଷ୍ଟଙ୍କ ପ୍ରତି ସରଳତା ଓ ପବିତ୍ରତାରୁ ଭ୍ରଷ୍ଟ ହୁଏ, ମୋହର ଏହି ଭୟ ହେଉଅଛି। [4]କାରଣ ଯେଉଁ ଯୀଶୁଙ୍କୁ ଆମ୍ଭେମାନେ ପ୍ରଚାର କଲୁ ନାହିଁ, ଏପରି ଅନ୍ୟ ଯୀଶୁଙ୍କୁ ଯଦି କେହି ଆସି ପ୍ରଚାର କରେ, ବା ଯେଉଁ ଆତ୍ମା ତୁମ୍ଭେମାନେ ପ୍ରାପ୍ତ ହେଲ ନାହିଁ, ଏପରି ଅନ୍ୟ ଏକ ଆତ୍ମା ପ୍ରାପ୍ତ ହୁଅ, ଅବା ଯେଉଁ ସୁସମାଚାର ତୁମ୍ଭେମାନେ ଗ୍ରହଣ କଲ ନାହିଁ, ଏପରି ଅନ୍ୟ ଏକ ସୁସମାଚାର ପ୍ରାପ୍ତ ହୁଅ, ତାହାହେଲେ ତୁମ୍ଭେମାନେ ତ ବଡ଼ ସହିଷ୍ଣୁ।*

*୨ କରିନ୍ଥୀ ୧:୨୪*
*[୨୪]ତୁମ୍ଭମାନଙ୍କ ବିଶ୍ୱାସ ଉପରେ ଯେ ଆମ୍ଭମାନଙ୍କର ପ୍ରଭୁତ୍ୱ ଅଛି, ତାହା ନୁହେଁ, ବରଂ ତୁମ୍ଭମାନଙ୍କର ଆନନ୍ଦ ନିମନ୍ତେ ତୁମ୍ଭମାନଙ୍କର ସହକାର୍ଯ୍ୟକାରୀ ଅଟୁ; ଯେଣୁ ବିଶ୍ୱାସରେ ତୁମ୍ଭେମାନେ ସ୍ଥିର ହୋଇ ରହିଅଛ ।*

''ଈଶ୍ୱରଙ୍କ ବିଷୟକ ଉଦ୍‌ଯୋଗରେ ଉଦ୍‌ଯୋଗୀ'' ହେବା ଏକ ସୁସ୍ଥ ବିଷୟ, କିନ୍ତୁ ଅନ୍ୟମାନଙ୍କର ବିଶ୍ୱାସ-ଜୀବନ ଓ ସେମାନେ ଈଶ୍ୱରଙ୍କ ସଙ୍ଗେ ଚାଲିବା ବିଷୟରେ ଅଯଥା ହସ୍ତକ୍ଷେପ କରିବା ଅନୁଚିତ । ଏ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବା ଉଚିତ ।

## (ଗ) ଅଧିକ ଲିପ୍ତ ନ ରୁହନ୍ତୁ

କେଉଁଟା ଠିକ୍ କେଉଁଟା ଭୁଲ୍ ତାହା ଲୋକମାନଙ୍କୁ ଶିକ୍ଷା ଦିଅନ୍ତୁ ଏବଂ ସିଦ୍ଧାନ୍ତ ନେବା କାର୍ଯ୍ୟ ସେମାନଙ୍କ ଉପରେ ଛାଡ଼ି ଦିଅନ୍ତୁ । ଲୋକମାନଙ୍କ ପକ୍ଷରୁ ସିଦ୍ଧାନ୍ତ ନ ନିଅନ୍ତୁ, ନଚେତ୍ ସେମାନେ ବୃଦ୍ଧି ପାଇବେ ନାହିଁ ଓ ନିଜେ ସିଦ୍ଧାନ୍ତ ନେବା ଶିଖିବେ ନାହିଁ ।

ନିଜେ ଆଶାବାଡ଼ିସ୍ୱରୂପ ନ ହୁଅନ୍ତୁ ଯେପରି ଲୋକମାନେ ଆପଣଙ୍କ ଉପରେ ଆଉଜି ନ ପଡ଼ନ୍ତି । ଲୋକମାନଙ୍କୁ ଶିକ୍ଷା ଦିଅନ୍ତୁ ଯେପରି ସେମାନେ ନିଜ ଗୋଡ଼ରେ ନିଜେ ଠିଆ ହେବେ । ସେମାନେ ଆପଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ନଥାଇ ମଧ୍ୟ ଜୀବନ ଯାପନ କରିବେ, ନିଜକୁ ଶୃଙ୍ଖଳିତ କରିବେ, ଓ ଅନ୍ୟାନ୍ୟ ବିଷୟ ନିଜେ ପରିଚାଳନା କରିବେ ।

## (ଘ) ଅଧିକ ଅଧିକାର ପ୍ରୟୋଗ ନ କରନ୍ତୁ

*୧ ପିତର ୫:୧-୪*
*[୧]ଅତଏବ, ଜଣେ ସହପ୍ରାଚୀନ ପୁଣି ଖ୍ରୀଷ୍ଟଙ୍କ ଦୁଃଖଭୋଗର ସାକ୍ଷୀ ଏବଂ ଆଗାମୀ ଗୌରବର ଅଂଶାଧିକାରୀ ଯେ ମୁଁ, ମୁଁ ତୁମ୍ଭମାନଙ୍କ ମଧ୍ୟରେ ଥିବା ପ୍ରାଚୀନମାନଙ୍କୁ ଅନୁରୋଧ କରୁଅଛି,*
*[୨]ତୁମ୍ଭମାନଙ୍କ ତତ୍ତ୍ୱାବଧାନରେ ଥିବା ଈଶ୍ୱରଙ୍କ ପଲକୁ ପ୍ରତିପାଳନ କର, ବାଧ୍ୟ ହୋଇ ନୁହେଁ, ମାତ୍ର ଈଶ୍ୱରଙ୍କ ଇଚ୍ଛାନୁଯାୟୀ ସ୍ୱଚ୍ଛନ୍ଦ ମନରେ, କୁତ୍ସିତ ଲାଭ ନିମନ୍ତେ ନୁହେଁ, କିନ୍ତୁ ଆଗ୍ରହ*
*ସହକାରେ ତାହା କର; [୩]ପୁଣି ଯେଉଁମାନଙ୍କର ଦାୟିତ୍ୱଭାର ତୁମ୍ଭମାନଙ୍କ ହସ୍ତରେ ସମର୍ପିତ ଅଛି, ସେମାନଙ୍କ ଉପରେ କର୍ତ୍ତାପଣ ନକରି ପଲର ଆଦର୍ଶସ୍ୱରୂପ ହୋଇ ତାହା କର।*
*[୪]ସେଥିରେ ପ୍ରଧାନ ପାଳକ ପ୍ରକାଶିତ ହେବା ସମୟରେ ତୁମ୍ଭେମାନେ ଗୌରବର ଅମ୍ଳାନ ମୁକୁଟ ପାଇବ।*

*୧ କରିନ୍ଥୀ ୯:୧୮*
*[୧୮]ତେବେ ମୋହର ପୁରସ୍କାର କଅଣ? ତାହା ଏହି ଯେ, ଯେପରି ମୁଁ ସୁସମାଚାରରେ ଥିବା ମୋହର ଅଧିକାର ବ୍ୟବହାର ନକରି ସୁସମାଚାର ପ୍ରଚାର କରୁ କରୁ ସେହି ସୁସମାଚାରକୁ ବିନାମୂଲ୍ୟରେ ବିଷୟ କରେ ।*

*୨ କରିନ୍ଥୀ ୧୦:୮*
*୮ କାରଣ ଆମ୍ଭମାନଙ୍କ ଅଧିକାର ସମ୍ବନ୍ଧରେ ମୁଁ କିଛି ଅଧିକ ଦର୍ପ କଲେ ସୁଦ୍ଧା ଲଜ୍ଜା ପାଇବି ନାହିଁ, ତୁମ୍ଭମାନଙ୍କୁ ଭୂମିସାତ୍ କରିବା ନିମନ୍ତେ ପ୍ରଭୁ ଆମ୍ଭମାନଙ୍କୁ ଏହି ଅଧିକାର ନଦେଇ ତୁମ୍ଭମାନଙ୍କର ଗଠନ ନିମନ୍ତେ ଦେଇଅଛନ୍ତି।*
*୨ କରିନ୍ଥୀ ୧୨:୧୮,୧୯*
*୧୮ ମୁଁ ତିତସଙ୍କୁ ଯିବା ନିମନ୍ତେ ଅନୁରୋଧ କରିଥିଲି, ପୁଣି ତାଙ୍କ ସହିତ ସେହି ଭାଇଙ୍କି ପଠାଇଥିଲି। ତିତସ କି ତୁମ୍ଭମାନଙ୍କଠାରୁ କିଛି ଲାଭ କରିଅଛନ୍ତି? ଆମ୍ଭେମାନେ କଅଣ ଏକ ଆତ୍ମାରେ ଆଚରଣ କରି ନାହୁଁ? ଆମ୍ଭେମାନେ କଅଣ ଏକ ପଦଚିହ୍ନରେ ଗମନ କରି ନାହୁଁ?*
*୧୯ ଏ ପର୍ଯ୍ୟନ୍ତ ତୁମ୍ଭେମାନେ ଭାବୁଅଛ ଯେ, ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ଦୋଷ କଟାଉଅଛୁ। ଈଶ୍ୱରଙ୍କ ସାକ୍ଷାତରେ ଖ୍ରୀଷ୍ଟଙ୍କ ସେବକସ୍ୱରୂପେ ଆମ୍ଭେମାନେ କଥା କହୁଅଛୁ। କିନ୍ତୁ ହେ ପ୍ରିୟମାନେ, ସମସ୍ତ ବିଷୟ ତୁମ୍ଭମାନଙ୍କ ନିଷ୍ଠା ନିମନ୍ତେ କହୁଅଛୁ।*

### *(ଙ) ମାନସିକ ସ୍ତରରେ ସଂଯୁକ୍ତ ହେବା ବିଷୟକୁ ଏଡ଼ାନ୍ତୁ*

ଯେଉଁମାନଙ୍କୁ ଆମେ ପ୍ରଭୁରେ ବଢ଼ାଉଛୁ ସେମାନଙ୍କ ସଙ୍ଗେ ପ୍ରାୟ ମାନସିକ ସ୍ତରରେ ଆମେ ସଂଯୁକ୍ତ ହୋଇ ଯାଇଥାଉ । ସେମାନଙ୍କଠାରୁ ଅଲଗା ହେବା ସମୟ ଆସିଲେ ଆମର ମାନସିକ ସଂଯୁକ୍ତି ଯୋଗୁଁ ଆମେ ସେମାନଙ୍କୁ ଛାଡ଼ିବାକୁ ଅନିଚ୍ଛୁକ ହେଉ । ଏହା ବିପଜ୍ଜନକ ବିଷୟ ।

୧ ଶାମୁ ୧୮:୧ ସୂଚାଏ ଯେ ଦାଉଦ ଓ ଯୋନାଥନଙ୍କ ମଧ୍ୟରେ ସ୍ୱତନ୍ତ୍ର ବନ୍ଧୁତା ରହିଥିଲା । ତଥାପି, ଯେତେବେଳେ ଦାଉଦ ତାଙ୍କୁ ଛାଡ଼ି ଯିବାକୁ ପଡ଼ିଲା ଯୋନାଥନ ତାଙ୍କୁ ଯିବାକୁ ଦେଇଥିଲେ (୧ ଶାମୁ ୨୦:୧୩) ।

### #୬. ଆବଶ୍ୟକ ସ୍ଥଳେ ଶାସନ କରନ୍ତୁ

୧ କରିନ୍ଥୀ ୪:୨୧
*୨୧ ତୁମ୍ଭମାନଙ୍କର ଇଚ୍ଛା କଅଣ? ମୁଁ ବେତ ଘେନି ତୁମ୍ଭମାନଙ୍କ ପାଖକୁ ଯିବି ନା ପ୍ରେମ ଘେନି ଓ ମୃଦୁତାର ଆତ୍ମା ଘେନି ଯିବି?*
*୨ କରିନ୍ଥୀ ୭:୧୧,୧୨*
*୧୧ ଯେଣୁ ଦେଖ, ଈଶ୍ୱରଙ୍କ ଇଚ୍ଛାନୁସାରେ ତୁମ୍ଭେମାନେ ଏହି ଯେଉଁ ଦୁଃଖ ପାଇଲ, ତାହା ତୁମ୍ଭମାନଙ୍କଠାରେ କେତେ ଉତ୍ସାହ, ହଁ, କେତେ ଅଭିଯୋଗ ଖଣ୍ଡନ, ହଁ, କେତେ ବିରକ୍ତି, ହଁ, କେତେ ଭୟ, ହଁ, କେତେ ଆଗ୍ରହ, ହଁ, କେତେ ଉଦ୍‌ଯୋଗ, ହଁ, କେତେ ପ୍ରତିକାର ଜନ୍ମାଇଅଛି। ଏ ବିଷୟରେ ତୁମ୍ଭେମାନେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ପ୍ରମାଣ ଦେଇଅଛ।*
*୧୨ ଏଣୁ ଯଦ୍ୟପି ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖିଲି, ତଥାପି ଯେ ଅନ୍ୟାୟ କରିଅଛି, ବା ଯେ ଅନ୍ୟାୟ ସହିଅଛି, ତାହା ନିମନ୍ତେ ଯେ ଲେଖିଲି, ତାହା ନୁହେଁ, ମାତ୍ର ଆମ୍ଭମାନଙ୍କ ନିମନ୍ତେ ତୁମ୍ଭମାନଙ୍କ ଆଗ୍ରହ ଯେପରି ଈଶ୍ୱରଙ୍କ ଛାମୁରେ ତୁମ୍ଭମାନଙ୍କ ମଧ୍ୟରେ ପ୍ରକାଶିତ ହୁଏ, ସେଥିନିମନ୍ତେ ଲେଖିଲି। ଅତଏବ, ଆମ୍ଭେମାନେ ସାନ୍ତ୍ୱନାପ୍ରାପ୍ତ ହୋଇଅଛୁ ।*

*୨ କରିନ୍ଥୀ ୧୩:୧୦*
*୧୦ଏଥିନିମନ୍ତେ ଅନୁପସ୍ଥିତ ହୋଇ ମୁଁ ଏହିସବୁ ଲେଖୁଅଛି, ଯେପରି ଉପସ୍ଥିତ ହୋଇ, ପ୍ରଭୁ ମୋତେ ଯେଉଁ ଅଧିକାର ଭଗ୍ନ କରିବା ନିମନ୍ତେ ନଦେଇ ଗଠନ କରିବା ନିମନ୍ତେ ଦେଇଅଛନ୍ତି, ସେହି ଅଧିକାର ଅନୁସାରେ କଠୋର ବ୍ୟବହାର କରିବାକୁ ମୋତେ ନହୁଏ ।*

ସାମନା ସାମନି ହୋଇ ବିରୋଧ କରିବାକୁ ଆମେ ଚାହିଁ ନ ଥାଉ କାରଣ ସେଥିରେ ସମ୍ପର୍କ ଉପରେ ଆଞ୍ଚ ଆସିବାର ଭୟ ରହିଥାଏ ।

*ହିତୋପଦେଶ ୨୭:୬*
*୬ପ୍ରେମକାରୀର କ୍ଷତ ବିଶ୍ୱାସ୍ୟ, ମାତ୍ର ଶତ୍ରୁର ଚୁମ୍ବନ ବହୁଳ ।*
ପ୍ରେମର ସହିତ ଶାସନ କରିବାକୁ ହେଲେ ଆମର ଆନ୍ତରିକ ଶକ୍ତି ରହିଥିବା ଆବଶ୍ୟକ । ଜଣେ ବ୍ୟକ୍ତିର ଜୀବନରେ ଶାସନ ଜାହିର୍ କରିବା ଦ୍ୱାରା ଆମେ ତା' ପ୍ରତି ଉତ୍ତମ କାର୍ଯ୍ୟ କରିବା ପରିବର୍ତ୍ତେ ଯେ କ୍ଷତି କରିଥାଉ ଏହା ବୁଝିବାକୁ ହେବ । ଆମେ ଯେଉଁ ସମସ୍ୟାକୁ ଅଣଦେଖା କରିବାକୁ ଚାହୁଁ ତାହା ଜଣକୁ ନଷ୍ଟ କରି ଦେଇପାରେ ବା ଅନ୍ୟମାନଙ୍କ ପାଇଁ ସମସ୍ୟାର କାରଣ ହୋଇପାରେ ।
ତେବେ ଶାସନ କରିବାରେ ବିଳମ୍ବ କରନ୍ତୁ ନାହିଁ ।

ଆମେ ଶାସନ ବିଷୟରେ କହିବା ପରେ, ଉକ୍ତ ବ୍ୟକ୍ତିକୁ ଈଶ୍ୱରଙ୍କ ନିକଟକୁ ଫେରି ଆସିବା ପାଇଁ ସ୍ୱାଧୀନତା ଦିଅନ୍ତୁ । ଯେଉଁମାନେ ଆମର ପରାମର୍ଶକୁ ଅବଜ୍ଞା କରିଛନ୍ତି ସେମାନେ ଯେଉଁ କଷ୍ଟ ପାଆନ୍ତି ତା' ନିମନ୍ତେ ଆମେ ଦାୟୀ ନୋହୁଁ ।

*ହିତୋପଦେଶ ୧୭:୯*
*୯ଯେ ଅଧର୍ମ ଢ଼ାଙ୍କେ, ସେ ପ୍ରେମ ଖୋଜେ; ମାତ୍ର ଯେ ପୁନଃ ପୁନଃ ଗୋଟିଏ କଥା ଉତ୍‌ଥାପନ କରେ, ସେ ବିଶେଷ ମିତ୍ରଗଣକୁ ବିଭିନ୍ନ କରେ।*
ଜଣେ ବ୍ୟକ୍ତିକି ଶାସନ କଲାପରେ ତା'ର ଭୁଲଭ୍ରାନ୍ତିକୁ ନେଇ ଚର୍ଚ୍ଚା ନ କରନ୍ତୁ ।
ବ୍ୟକ୍ତିର ନିଷ୍ଠା ନିମନ୍ତେ ଶାସନ କରନ୍ତୁ ତାକୁ ବିନାଶ କରିବାକୁ ନୁହେଁ ।

## *(କ) ଭଦ୍ରତାର ସହିତ ଶାସନ କରନ୍ତୁ*

ପ୍ରେମର ସହିତ ଶାସନ କରିବା ସର୍ବଦା ସହଜ ହୋଇ ନଥାଏ କାରଣ ଏପରି ପରିସ୍ଥିତିରେ ଆମର ଭାବପ୍ରବଣତା (ଅଶାନ୍ତ, କ୍ରୋଧିତ, ଉତ୍ତେଜିତ ରହିବା ଇତ୍ୟାଦି) ଭିନ୍ନ

ପ୍ରକାର ମୋଡ଼ ନେଇଥାଏ । ତେବେ ଆମେ କଷ୍ଟକର ପରିସ୍ଥିତିରେ ପବିତ୍ର ଆତ୍ମାଙ୍କ ସାହାଯ୍ୟ ଭିକ୍ଷା କରିବା ଯେପରି ସେ ଆମକୁ ଭଦ୍ରତା, ଦୟା ଓ ଉତ୍ତମତାର ସହିତ ଏହି କାର୍ଯ୍ୟ କରିବାରେ ସାହାଯ୍ୟ କରନ୍ତି ।

*ଗାଲାତୀ ୫:୨୨,୨୩*
*[22]କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ପରୋପକାରିତା, [23]ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ;*
*୨ କରିନ୍ଥୀ ୬:୬*
*[6]ପବିତ୍ରତାରେ, ଜ୍ଞାନରେ, ଦୀର୍ଘସହିଷ୍ଣୁତାରେ, କୋମଳ ଭାବରେ, ପବିତ୍ରଆତ୍ମାଙ୍କଠାରେ, ଅକପଟ ପ୍ରେମରେ,*
*୧ ଥେସଲନୀକୀ ୨:୭*
*[7]କିନ୍ତୁ ଆମ୍ଭେମାନେ ତୁମ୍ଭମାନଙ୍କ ମଧ୍ୟରେ ମୃଦୁଶୀଳ ହୋଇ, ମାତା ଯେପରି ଆପଣା ସନ୍ତାନମାନଙ୍କୁ ଲାଳନପାଳନ କରେ,*
*୨ ତୀମଥି ୨:୨୪*
*[24]ପ୍ରଭୁଙ୍କ ଦାସ ବିରୋଧ କରିବା ଉଚିତ ନୁହେଁ, ମାତ୍ର ସମସ୍ତଙ୍କ ପ୍ରତି କୋମଳ, ଶିକ୍ଷାଦାନରେ ନିପୁଣ ଓ ସହିଷ୍ଣୁ ହେବା...ଉଚିତ୍;*
*ତିତସ ୩:୨*
*[2]କାହାରି ନିନ୍ଦା ନ କରିବାକୁ, କାହାରି ବିରୋଧୀ ନ ହେବାକୁ, ମୃଦୁଶୀଳ ହେବାକୁ, ପୁଣି ସମସ୍ତ ଲୋକଙ୍କ ପ୍ରତି ସର୍ବପ୍ରକାରେ କୋମଳ ଭାବ ଦେଖାଇବାକୁ ସେମାନଙ୍କୁ ସ୍ମରଣ କରାଅ।*
*ଯାକୁବ ୩:୧୭*
*[17]କିନ୍ତୁ ଊର୍ଦ୍ଧ୍ୱରୁ ଆଗତ ଜ୍ଞାନ ପ୍ରଥମରେ ପବିତ୍ର, ଦ୍ୱିତୀୟରେ ଶାନ୍ତିପ୍ରିୟ, ମୃଦୁଶୀଳ, ବାଧ୍ୟ, ଦୟା ଓ ଉତ୍ତମ ଫଳରେ ପରିପୂର୍ଣ୍ଣ, ସନ୍ଦେହଶୂନ୍ୟ ଓ ନିଷ୍କପଟ।*

## *(ଖ) ଅନୁରୋଧ ବନାମ ଆଦେଶ*

### ଅନୁରୋଧ

ପାଉଲଙ୍କ ପତ୍ରଗୁଡ଼ିକରେ ପ୍ରାୟ ୨୪ ଥର ଏହି ପଦ ବ୍ୟବହୃତ ହୋଇଛି ଯେଉଁଥିରେ ପାଉଲ ଓ ଅନ୍ୟାନ୍ୟ ସେବକମାନେ ଶ୍ରୋତାମାନଙ୍କୁ କୌଣସି ଏକ ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରିଛନ୍ତି (ରୋମୀ ୧୨:୧; ୧୫:୩୦; ୧୬:୧୭; ୧ କରିନ୍ଥୀ ୧:୧୦; ୪:୧୬; ୧୬:୧୫; ୨ କରିନ୍ଥୀ ୨:୮; ୬:୧,୨; ୧୦:୧,୨; ଗାଲାତୀ ୪:୧୨; ଏଫିସୀ ୪:୧; ଫିଲିପୀ ୪:୨; ୧ ଥେସଲନୀକୀ ୪:୧,୧୦; ୫:୧୨; ୨ ଥେସଲନୀକୀ ୨:୧; ଫିଲିମୋନ ୧:୯,୧୦; ଏବ୍ରୀ ୧୩:୧୯,୨୨; ୧ ପିତର ୨:୧୧; ୨ ଯୋହନ ୧:୫)

''ଅନୁରୋଧ'' ଅର୍ଥରେ ବ୍ୟବହୃତ ଗ୍ରୀକ୍ ପଦ

*ପାରାକାଲିଓ* – ନିକଟକୁ ଡ଼ାକିବା, ନିମନ୍ତ୍ରଣ କରିବା, ଯାଚନା କରିବା, ଉତ୍ସାହିତ କରିବା, ବିନତି କରିବା, ପ୍ରାର୍ଥନା କରିବା

*ଇରାଟାଓ* – ପ୍ରଶ୍ନ କରିବା, ଅନୁରୋଧ କରିବା, ମାଗିବା, ବାଞ୍ଛା କରିବା, ଅନୁନୟ କରିବା, ପ୍ରାର୍ଥନା କରିବା

**ଉଦାହରଣ :**

*ରୋମୀୟ ୧୬:୧୭*

*[୧୭]ହେ ଭାଇମାନେ, ତୁମ୍ଭେମାନେ ଯେଉଁ ଶିକ୍ଷା ପାଇଅଛ, ସେଥିର ବିପରୀତ ଯେଉଁମାନେ ଦଳଭେଦ ଓ ବିଘ୍ନର କାରଣ ଘଟାନ୍ତି, ସେମାନଙ୍କୁ ଚିହ୍ନି ରଖି ସେମାନଙ୍କଠାରୁ ପୃଥକ ରହିବା ପାଇଁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି।*

*ଫିଲିପୀ ୪:୨*

*[୨]ପ୍ରଭୁଙ୍କଠାରେ ଏକମନା ହେବା ନିମନ୍ତେ ମୁଁ ଇୟଦିଆ ଓ ସୁନ୍ତୁଖୀ ଉଭୟଙ୍କୁ ଅନୁରୋଧ କରୁଅଛି।*

*ଫିଲିମୋନ ୧:୯,୧୦*

*[୯]ତଥାପି ମୁଁ ବୃଦ୍ଧ ପାଉଲ ପ୍ରେମ ହେତୁ ବରଂ ତୁମ୍ଭକୁ ଅନୁରୋଧ କରୁଅଛି, ଖ୍ରୀଷ୍ଟଯୀଶୁଙ୍କ ନିମନ୍ତେ ବର୍ତ୍ତମାନ ବନ୍ଦୀ ଯେ ମୁଁ, [୧୦]ମୋହର ଏପରି ବନ୍ଧନ ଅବସ୍ଥାରେ ମୋଠାରୁ ଜାତ ମୋହର ବତ୍ସ ଅନୀସିମ ନିମନ୍ତେ ତୁମ୍ଭକୁ ଅନୁରୋଧ କରୁଅଛି ।*

**ଆଦେଶ**

ପ୍ରଭୁଙ୍କ ସେବକ ଭାବରେ ଅନେକ ସମୟରେ ଆମେ ଲୋକମାନଙ୍କୁ ''ଆଦେଶ ଦେଇ ଶିକ୍ଷା'' ଦେବାକୁ ପଡ଼ିଥାଏ । ଈଶ୍ୱରଙ୍କ ନିର୍ଦ୍ଦେଶ ମାନିବା ପାଇଁ ଲୋକମାନଙ୍କୁ ଆମେ ଆମର ଆତ୍ମିକ ଅଧିକାରର ପ୍ରୟୋଗ କରିଥାଉ ।

*୧ ତୀମଥି ୪:୧୧*

*[୧୧]ତୁମ୍ଭେ ଏହି ସମସ୍ତ ବିଷୟ ଆଜ୍ଞା ଦେଇ ଶିକ୍ଷା ଦିଅ।*

ଆଦେଶ ଦେବା (ଗ୍ରୀକ୍. ପାରାଗେଲୋ)ର ଅର୍ଥ ସମ୍ବାଦ ପ୍ରେରଣ କରିବା, ଜୋର ଦେଇ କହିବା, ଦୋଷାରୋପ କରିବା, ଆଜ୍ଞା ଦେବା ।

ତେବେ ପାଉଲ ତାଙ୍କ ପତ୍ରଗୁଡ଼ିକରେ ''ଆଦେଶ'' ପଦକୁ ମାତ୍ର ୪ ଥର ଉଲ୍ଲେଖ କରନ୍ତି ଏବଂ ''ଅନୁରୋଧ'' ପଦକୁ ୨୪ଥର ବ୍ୟବହାର କରନ୍ତି । ଏହା ପ୍ରକାଶ କରେ ଯେ ଲୋକମାନଙ୍କୁ ସାଧାରଣ ଭାବେ ନିର୍ଦ୍ଦେଶ ଦେବା, ଚାଳନା ଦେବା ଓ ସଂଶୋଧନ କରିବାକୁ ହେଲେ ଭଦ୍ରତାର ସହିତ ସେମାନଙ୍କୁ ଅନୁରୋଧ କରି ଏହା କରିବାକୁ ହେବ । ସେମାନଙ୍କୁ କ୍ୱଚିତ୍ ''ଆଦେଶ'' ଦେବାକୁ ପଡ଼ିପାରେ ।

*୧ କରିନ୍ଥୀ ୭:୧୦*

*୧୦ କିନ୍ତୁ ବିବାହିତମାନଙ୍କୁ ମୁଁ ଆଜ୍ଞା ଦିଏ, ମୁଁ ନୁହେଁ, ମାତ୍ର ପ୍ରଭୁ ଆଜ୍ଞା ଦିଅନ୍ତି, ଭାର୍ଯ୍ୟା ଆପଣା ସ୍ୱାମୀଠାରୁ ବିଭିନ୍ନ ନହେଉ ।*

*୨ ଥେସଲନୀକୀ ୩:୪,୬,୧୨*

*୪ ଆମ୍ଭେମାନେ ଯେଉଁସବୁ ଆଦେଶ ଦେଉଅଛୁ, ସେହିସବୁ ଯେ ତୁମ୍ଭେମାନେ କରୁଅଛ ଓ କରିବ, ଏହା ତୁମ୍ଭମାନଙ୍କ ସମ୍ବନ୍ଧରେ ପ୍ରଭୁଙ୍କଠାରେ ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ। ୬ ହେ ଭ୍ରାତୃବୃନ୍ଦ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ଆମ୍ଭେମାନେ ତୁମ୍ଭମାନଙ୍କୁ ଏହି ଆଜ୍ଞା ଦେଉଅଛୁ, ଯେକୌଣସି ଭାଇ ଆମ୍ଭମାନଙ୍କଠାରୁ ପ୍ରାପ୍ତ ଶିକ୍ଷା ଅନୁସାରେ ଆଚରଣ ନକରି ଅବିହିତ ଆଚରଣ କରେ, ତାହାଠାରୁ ଆପଣା ଆପଣାକୁ ପୃଥକ୍ କର। ୧୨ ଏହିପ୍ରକାର ଲୋକମାନଙ୍କୁ ଶାନ୍ତ ଭାବରେ କାର୍ଯ୍ୟ କରି ନିଜ ନିଜର ଅନ୍ନ ଭୋଜନ କରିବାକୁ ଆମ୍ଭେମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ଆଜ୍ଞା ଓ ଚେତନା ଦେଉଅଛୁ।*

## *(ଗ) ଅପରିପକ୍ୱ ପ୍ରତ୍ୟୁତ୍ତରର ପ୍ରତିକାର*

ଆମେମାନେ ଯେତେବେଳେ ଶାସନ ବିଷୟରେ କହୁ କେତେକେ ଏହାକୁ ସହଜରେ ଗ୍ରହଣ କରିନିଅନ୍ତି । କିନ୍ତୁ ଅନ୍ୟମାନେ ଏହାକୁ ଗ୍ରହଣ କରି ନ ପାରନ୍ତି । ସେମାନେ ନକାରାତ୍ମକ ପ୍ରତ୍ୟୁତ୍ତର ଦେଇ ପାରନ୍ତି । ଆମେ ଯେଉଁମାନଙ୍କୁ ପ୍ରେମ କରୁ ଓ ଯେଉଁମାନଙ୍କୁ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଗଢୁଛୁ ସେମାନଙ୍କ ଠାରୁ ନାସ୍ତିସୂଚକ ପ୍ରତ୍ୟୁତ୍ତର ପାଇବା ଈଶ୍ୱରଙ୍କ ସେବକଭାବରେ ଆମ ପାଇଁ ଯନ୍ତ୍ରଣାଦାୟକ ମୁହୂର୍ତ୍ତ ହୋଇପାରେ। ସେମାନଙ୍କ ଭବିଷ୍ୟତକୁ ଆମ ହୃଦୟରେ ରଖି ଆମେ ଯଥାସାଧ ପରିଶ୍ରମ କରୁଛୁ, କିନ୍ତୁ ସେମାନଙ୍କୁ ସଂଶୋଧନ କଲେ ସେମାନଙ୍କୁ ଯେଉଁ ଯନ୍ତ୍ରଣା ହୁଏ ସେଥିଯୋଗୁଁ ସେମାନେ ନାସ୍ତିସୂଚକ ପ୍ରତ୍ୟୁତ୍ତର ଦିଅନ୍ତି ।

ନିମ୍ନ ପ୍ରକାରର ନାସ୍ତିସୂଚକ ପ୍ରତ୍ୟୁତ୍ତର ଆମକୁ ମିଳିପାରେ :

***(କ) ଅଭିଯୋଗ କରିବା:-*** ଅନୁଶାସିତ ବ୍ୟକ୍ତି ନିମନ୍ତେ ହଠାତ୍ ଜଗତ ସମ୍ପୂର୍ଣ୍ଣ ଭିନ୍ନ ମନେ ହୁଏ । ଯାହା ଏତେ ଅଦ୍ଭୁତ ଓ ସୁନ୍ଦର ଥିଲା, ହଠାତ୍ ତାହା ମରୁପ୍ରାନ୍ତର ବା ନିର୍ଜନ ସ୍ଥାନରେ ପରିଣତ ହୁଏ । ବ୍ୟକ୍ତିଜଣଙ୍କ ପ୍ରତ୍ୟେକ କ୍ଷୁଦ୍ର ବିଷୟ ନିମନ୍ତେ ମଧ୍ୟ ଅଭିଯୋଗ କରେ । ଅତୀତର କ୍ଷୁଦ୍ର ଘଟଣାଗୁଡ଼ିକ ପୁନର୍ଜୀବିତ ହୋଇ ଉଠେ ଓ ତାହା ବଡ଼ ଆକାର ଧାରଣ କରେ । ମନେ ହୁଏ ଆମେ ଯାହା କିଛି କରୁଛୁ ତାହା ସେମାନଙ୍କ ବିରୁଦ୍ଧରେ ଅଭିପ୍ରେତ; ସେମାନଙ୍କୁ ଚାପରେ ରଖିବା ପାଇଁ, ସୀମିତ କରି ରଖିବା ପାଇଁ, ନିୟନ୍ତ୍ରଣରେ ରଖିବା ପାଇଁ ବା ଆଘାତ ଦେବା ପାଇଁ ଆମେ ସତେ ଯେପରି ସେସବୁ କରୁଛୁ ଏପରି ମନେହୁଏ ।

***(ଖ) ଅଲଗା ହୋଇଯିବା:-*** ଅନୁଶାସିତ ବ୍ୟକ୍ତି ଅଲଗା ହୋଇଯାଏ, ସମ୍ପର୍କ ଛିନ୍ନ କରିଦିଏ ଓ ଲୁଚି ରହେ । ଯୋଗାଯୋଗ ବା ସମ୍ପର୍କ ରକ୍ଷା କରିବା ପାଇଁ ଆଉ ସ୍ୱାଧୀନତା ମିଳେ ନାହିଁ। ଚୁପ୍‌ଚାପ୍ ଆମେ ଉକ୍ତ ବ୍ୟକ୍ତି ସହିତ ସମ୍ପର୍କ ରକ୍ଷା କରିବାକୁ ଚେଷ୍ଟା କରିବାକୁ ହେବ ଏବଂ ତାକୁ ଆଘାତ ଦେବାଭଳି କୌଣସି କାର୍ଯ୍ୟ ଯେପରି କରା ନଯାଏ ତାହା ଦେଖିବାକୁ ହେବ । ସେମାନେ ଆମଠାରୁ ଆଉ କୌଣସି ଆତ୍ମିକ ବିଷୟ ଗ୍ରହଣ କରିବାକୁ ସକ୍ଷମ ନୁହନ୍ତି।

***(ଗ) ବଦଳା ନେବା*** – ବ୍ୟକ୍ତିଜଣକ ତାର ସମସ୍ତ ସମସ୍ୟା, ନିରାଶା ବା ଅସନ୍ତୋଷ ହେତୁ ଆମକୁ ଦୋଷ ଦେବାର ଆରମ୍ଭ କରେ । ହଠାତ୍ ଆମେ ସେମାନଙ୍କଠାରୁ ପାଉଥିବା ସମ୍ମାନ ଓ ଆଦର ଅତୀତର ବିଷୟ ହୋଇଯାଏ ।

*ମାଥିଉ ୧୩:୫୭*

*[୫୭] ଆଉ, ସେମାନେ ତାହାଙ୍କଠାରେ ବିଘ୍ନ ପାଇଲେ। କିନ୍ତୁ ଯୀଶୁ ସେମାନଙ୍କୁ କହିଲେ, ଭାବବାଦୀ ନିଜ ପୈତୃକ ନଗର ଓ ସ୍ୱପରିବାର ବିନା ଅନ୍ୟ କୌଣସିଠାରେ ହତାଦର ହୁଅନ୍ତି ନାହିଁ ।*

*ଗୀତ ୪୧:୯*

*[୯] ହଁ, ମୋହର ନିଜ ସୁହୃଦ, ଯାହାକୁ ମୁଁ ବିଶ୍ୱାସ କଲି, ଯେ ମୋହର ରୋଟୀ ଖାଇଲା, ସେ ଆମ୍ଭ ବିରୁଦ୍ଧରେ ଆପଣା ଗୋଇଠି ଉଠାଇଅଛି ।*

***(ଘ) ପଳାୟନ କରିବା*** : ବ୍ୟକ୍ତି ଜଣକ କିଛି ନ କହି ହଠାତ୍ କେଉଁଆଡ଼େ ଚାଲିଯାଏ । ସେ ତାର ସମସ୍ୟାସବୁକୁ ନେଇ ଅନ୍ୟ କୌଣସି ସେବାକାର୍ଯ୍ୟରେ ଯୋଗ ଦେଇଥାଏ । ସେଠାରେ କିଛି ସମୟ ସେମାନଙ୍କୁ ସନ୍ତୁଷ୍ଟ କରି ରହିବା ପରେ ତାର ପୂର୍ବ ସମସ୍ୟାଗୁଡ଼ିକ ପୁଣି ଥରେ ସାମନାକୁ ଆସିଥାଏ ।

## ଏପରି ପରିସ୍ଥିତିସମୂହରେ କ'ଣ କରିବାକୁ ହେବ?

*(କ) ଏହାକୁ ବ୍ୟକ୍ତିଗତ ମନେ ନ କରନ୍ତୁ*

କେହି ଯଦି ଶାସନ ଗ୍ରହଣ କରୁନାହିଁ ତେବେ ଏପରି ପରିସ୍ଥିତି ଆସିଥାଏ, ସେମାନେ ଶାସନ ଗ୍ରହଣ କରି ନ ପାରି ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି । ଆମେ କିଏ ବା ଈଶ୍ୱରଙ୍କ ସେବକ ଭାବରେ ଆମର ସାମର୍ଥ୍ୟ କ'ଣ ଏଥିରୁ କିଛି ସୂଚିତ ହୋଇ ନଥାଏ ।

(ଖ) *ନାରାଜ ନ ହୁଅନ୍ତୁ । ନିଜ ହୃଦୟକୁ ରକ୍ଷା କରନ୍ତୁ*

*ଗାଲାତୀ ୪:୧୧,୧୨*

*[୧୧]ତୁମ୍ଭମାନଙ୍କ ନିମନ୍ତେ ମୁଁ ଯେଉଁ ପରିଶ୍ରମ କରିଅଛି, କାଳେ ତାହା ବ୍ୟର୍ଥ ହୁଏ, ତୁମ୍ଭମାନଙ୍କ ସମ୍ବନ୍ଧରେ ମୋହର ଏହି ଭୟ ହେଉଅଛି । [୧୨]ହେ ଭାଇମାନ, ମୁଁ ତୁମ୍ଭମାନଙ୍କୁ ନିବେଦନ କରୁଅଛି, ତୁମ୍ଭେମାନେ ମୋ ପରି ହୁଅ, କାରଣ ମୁଁ ତୁମ୍ଭମାନଙ୍କ ପରି ହୋଇଅଛି। ତୁମ୍ଭେମାନେ ମୋ ପ୍ରତି କୌଣସି ଅନ୍ୟାୟ କରି ନାହିଁ ।*

ପାଉଲ ଏପରି ଏକ ପରିସ୍ଥିତି ମଧ୍ୟରେ ଥିଲେ ଯେ ସେ ଗାଲାତୀୟମାନଙ୍କ ମଧ୍ୟରେ ଯଥେଷ୍ଟ ପରିଶ୍ରମ କରିବା ପରେ ମନେ କରିଥିଲେ ଯେ ତାଙ୍କ ପରିଶ୍ରମ ନିଷ୍ଫଳ ପ୍ରମାଣିତ ହୋଇପାରେ । ସେ ସେମାନଙ୍କ ମଧ୍ୟରେ ସୁସମାଚାର ପ୍ରଚାର କରିଥିଲେ। ସେ ପ୍ରସ୍ଥାନ କଲା ପରେ ଅନ୍ୟ କେତେଜଣ ଆସି ବ୍ୟବସ୍ଥାପାଳନ ଉପରେ ଗୁରୁତ୍ୱ ଦେଇ ପ୍ରଚାର କଲେ ଅର୍ଥାତ୍ ପୁନର୍ବାର  ଗାଲାତୀୟମାନଙ୍କୁ ଦାସତ୍ୱ ମଧ୍ୟକୁ ଟାଣି ନେବା ପାଇଁ ଚାହିଁଲେ । ଏହି ପରିସ୍ଥିତିକୁ ପାଉଲ ଯେପରି ମୁକାବିଲା କରିଥିଲେ ତାହା ଅନୁକରଣୀୟ ।

''ଏହା ଏକ ବ୍ୟକ୍ତିଗତ ବିଷୟ ନୁହେଁ । ଅଭିଯୋଗ କରିବା ପାଇଁ ମୋର କିଛି ନାହିଁ । ତୁମେ ବ୍ୟକ୍ତିଗତ ଭାବରେ ମୋ ପ୍ରତି କିଛି ଭୁଲ କାମ କରିନାହିଁ । ଆମ ଉଭୟଙ୍କ ମଧ୍ୟରେ କୌଣସି ମତ ପ୍ରାର୍ଥକ୍ୟ ନାହିଁ; ନିର୍ଦ୍ଦୟଭାବ ନାହିଁ; ପରସ୍ପର ପ୍ରତି ଆମେ କୌଣସି କ୍ଷତି କରିନାହୁଁ । ମୁଁ ତେଣୁ ଅଧିକ ସ୍ୱାଧୀନ ଭାବରେ ତୁମକୁ ଏହି ବିଷୟକୁ ମାନି ନେବାକୁ କହେ ଓ ମଧ୍ୟ ନିଶ୍ଚିତତା ଦେଇ କହେ ଯେ ମୁଁ ବ୍ୟକ୍ତିଗତ ଭାବରେ ଆଘାତପ୍ରାପ୍ତ ନୁହେଁ । ଅଭିଯୋଗ କରିବା ପାଇଁ ମୋର କୌଣସି ଭୁଲଦୋଷ ନାହିଁ, ଏବଂ ମୁଁ ଏହା ଉଚ୍ଚତର କାରଣ ଯୋଗୁଁ କହୁଛି ଯାହା ଏକ ବ୍ୟକ୍ତିଗତ ଅନୁରୋଧ। ଏହା ତୁମର ମଙ୍ଗଳ ନିମନ୍ତେ ଏବଂ ଉତ୍ତମ ଓ ମହତ୍ ଉଦ୍ଦେଶ୍ୟ ନେଇ କୁହାଯାଉଛି ।'' ଖ୍ରୀଷ୍ଟିୟାନମାନେ ଯଦି ସତ୍ୟରୁ ବିମୁଖ ହୋଇ ପାଳକମାନଙ୍କ ଉପଦେଶ ଓ ନିର୍ଦ୍ଦେଶକୁ ଉପେକ୍ଷା କରନ୍ତି ଓ ଜଗତର ଅନୁରୂପୀ ହୁଅନ୍ତି, ତେବେ ଏହା ଏକ ବ୍ୟକ୍ତିଗତ ବିଷୟ ହୋଇ ନ ଥାଏ, ବା ସେମାନଙ୍କ ପ୍ରତି ବ୍ୟକ୍ତିଗତ ଆଘାତ ପହଞ୍ଚାଇ ନ ଥାଏ ଯଦିଓ ସେମାନଙ୍କ ନିମନ୍ତେ ତାହା ଯନ୍ତ୍ରଣା ଦାୟକ ମନେ ହୋଇଥାଏ।

ସେମାନେ ବ୍ୟକ୍ତିଗତ ଭାବେ ଆଘାତପ୍ରାପ୍ତ ବୋଲି କହିବା ପାଇଁ ବିଶେଷ କିଛି କାରଣ ନାହିଁ। ଏହା ଏକ ଉତ୍ତତର ବିଷୟ । ଯେଉଁ କାରଣ ଯୋଗୁଁ ଏହା ଘଟିଲା ତାହା ଅସଫଳ ରହିଲା । ଧର୍ମଭାବରେ ଆଘାତ ପହଞ୍ଚିଲା, ମଣ୍ଡଳୀ ଅପମାନିତ ହେଲା ଏବଂ ତ୍ରାଣକର୍ତ୍ତା ''ବନ୍ଧୁମାନଙ୍କ ଗୃହରେ ଆଘାତ ପାଇଲେ'' । ଜଗତର ଅନୁରୂପୀ ହେବା, ବା ପାପରେ ପତିତ ହେବା, ଏକ ସର୍ବସାଧାରଣ ଅପରାଧ ଏବଂ ଏହା ମୁକ୍ତିକର୍ତ୍ତାଙ୍କୁ ଆପମାନିତ କରିବା ସଙ୍ଗେ ସମାନ। ଯଦିବା ସେମାନେ ତାଙ୍କ ଦ୍ୱାରା ପ୍ରଚାରିତ ଶିକ୍ଷାକୁ ପରିତ୍ୟାଗ କଲେ, ସେମାନଙ୍କ ମଙ୍ଗଳ ନିମନ୍ତେ ସେ କରିଥିବା ପରିଶ୍ରମକୁ ଓ ସେମାନଙ୍କ ପ୍ରତି ଥିବା ତାଙ୍କ ପ୍ରେମକୁ ଭୁଲି ଗଲେ, ତଥାପି ସେ ଏହାକୁ ତାଙ୍କ ବିରୁଦ୍ଧରେ ଏକ ବ୍ୟକ୍ତିଗତ ଅପରାଧ ମନେ କରି ନଥିଲେ ଓ ନିଜେ ବ୍ୟକ୍ତିଗତ ଭାବରେ ଆଘାତ ପାଇଛନ୍ତି ବୋଲି ବିଚାର କରି ନଥିଲେ । ଏହା ପାଉଲଙ୍କର ମହାନତା ! ଜଣେ ଉଚ୍ଚାଭିଳାଷୀ ବ୍ୟକ୍ତି ବା ଜଣେ ଠକ ଏହାକୁ ଏକମାତ୍ର ନ ହେଲେ ବି ମୁଖ୍ୟ ବିଷୟ ରୂପେ ଗ୍ରହଣ କରିଥାନ୍ତା ।''  (ୱାର୍ଣ୍ଣେସ୍ କମେଣ୍ଟାରୀ, ଆଲ୍‌ବର୍ଟ୍ ୱାର୍ଣ୍ଣେସ୍, ୧୭୯୮– ୧୮୭୦)

*(ଗ) ପରିବର୍ତ୍ତନ ହେବା ପାଇଁ ଲୋକମାନଙ୍କୁ ସମୟ ଦିଅନ୍ତୁ*

ଯେଉଁ ସମସ୍ୟା ଉପୁଜିଛି ତା'ର ସମାଧାନ ନିମନ୍ତେ ନିକଟବର୍ତ୍ତୀ ହେବା ପାଇଁ ଲୋକେ ସମୟ ଆବଶ୍ୟକ କରିଥାନ୍ତି ।

*(ଘ) ଶାନ୍ତିର ସହିତ ଚଳପ୍ରଚଳ ହେବା ପାଇଁ ସେମାନଙ୍କୁ ଛାଡ଼ି ଦିଅନ୍ତୁ*

ସେମାନଙ୍କୁ ଈଶ୍ୱରଙ୍କ ହସ୍ତରେ ଛାଡ଼ି ଦିଅନ୍ତୁ । କାରଣ ଈଶ୍ୱର ହିଁ ସେମାନଙ୍କ ବୃଦ୍ଧି ସାଧନ ଓ ସେମାନେ ପରିପକ୍ୱତା ପାଇବା ପାଇଁ କାର୍ଯ୍ୟ କରିପାରନ୍ତି ।

## #୭. ସବୁ କ୍ଷେତ୍ରରେ ପରିପକ୍ୱତା ଆଣନ୍ତୁ

ଲୋକମାନଙ୍କୁ ଆତ୍ମାଙ୍କ ଦ୍ୱାରା ଗଢ଼ିବା ଆମର ଲକ୍ଷ୍ୟ, ଯଦ୍ଦ୍ୱାରା ଆମେ ଅନ୍ୟମାନଙ୍କୁ ଖ୍ରୀଷ୍ଟୀୟ ଜୀବନଯାପନର ପ୍ରତ୍ୟେକ କ୍ଷେତ୍ରରେ ପରିପକ୍ୱତା ଆଣିବା ଦିଗରେ ସାହାଯ୍ୟ କରିଥାଉ ।

*ଏଫିସୀ ୪:୧୩–୧୫*

*[୧୩]ଶେଷରେ ଯେପରି ଆମ୍ଭେମାନେ ସମସ୍ତେ ବିଶ୍ୱାସରେ ଓ ଈଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନରେ ଏକତା ପ୍ରାପ୍ତ ହେଉ, ଅର୍ଥାତ୍ ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣାନୁସାରେ ପୂର୍ଣ୍ଣବୟସ୍କ ପୁରୁଷ ହେଉ, [୧୪]ଯେପରି ଆମ୍ଭେମାନେ ଆଉ ଶିଶୁ ପରି ନହୋଇ ମନୁଷ୍ୟମାନଙ୍କ ଶଠତା ଓ ଭ୍ରାନ୍ତିଯୁକ୍ତ କଳ୍ପନା ଅନୁସାରେ ଧୂର୍ତ୍ତତା ଦ୍ୱାରା ବିଭିନ୍ନ ଶିକ୍ଷାରୂପ ବାୟୁରେ ଇତସ୍ତତଃ ଚାଳିତ ନହେଉ, [୧୫]କିନ୍ତୁ ସତ୍ୟ ଅବଲମ୍ବନ କରି ମସ୍ତକସ୍ୱରୂପ ଯେ ଖ୍ରୀଷ୍ଟ, ତାହାଙ୍କ ଉଦ୍ଦେଶ୍ୟରେ ସର୍ବ ବିଷୟରେ ପ୍ରେମରେ ବୃଦ୍ଧି ପାଉ।*

ଈଶ୍ୱର ଆମମାନଙ୍କୁ ତାହାଙ୍କ ବାକ୍ୟ ଓ ତାହାଙ୍କ ଆତ୍ମାଙ୍କୁ ଦେଇଛନ୍ତି ଯେପରିକି ଏହି କାର୍ଯ୍ୟ ସାଧିତ ହୋଇପାରିବ ।

ପ୍ରାୟତଃ ଆମେମାନେ ଆତ୍ମିକଦାନରେ ଓ ଆହ୍ୱାନରେ ପରିପକ୍ୱତା ପାଇବା ବିଷୟକୁ ଅଧିକ ଗୁରୁତ୍ୱ ଦେଇ ଭୁଲ କରିଥାଉ ଏବଂ ଚରିତ୍ରଗତ ଓ ଅନ୍ୟାନ୍ୟ ବ୍ୟାବହାରିକ ବିଷୟଗୁଡ଼ିକୁ (ଯଥା:- ଲୋକମାନଙ୍କ ସମ୍ବନ୍ଧରେ, ସମୟ ଓ ଅର୍ଥର ପରିଚାଳନା, ଜଣେ ଉତ୍ତମ ସ୍ୱାମୀ/ସ୍ତ୍ରୀ ହେବା, କାର୍ଯ୍ୟ କରିବା ଓ ବିଶ୍ରାମ ନେବାରେ ସନ୍ତୁଳନ ରକ୍ଷା କରିବା, ଇତ୍ୟାଦି) ଭୁଲି ଯାଇଥାଉ ।

ଚରିତ୍ରଗତ ବିଷୟଗୁଡ଼ିକ ପ୍ରତି କ'ଣ କରିବା ?

- ଲୋକମାନଙ୍କର ଆତ୍ମିକଦାନକୁ ଧ୍ୟାନ ନ ଦେଇ ସେମାନଙ୍କ ସଙ୍ଗେ ସମ୍ପର୍କ ଗଢ଼ନ୍ତୁ । ସେମାନଙ୍କ ଆହ୍ୱାନ ଓ ଆତ୍ମିକଦାନ କ'ଣ ବୋଲି ସର୍ବଦା କଥାବାର୍ତ୍ତା କରନ୍ତୁ ନାହିଁ । ଲୋକମାନେ ସେମାନଙ୍କ ଆତ୍ମିକ ଦାନ ଓ ଆହ୍ୱାନକୁ ଆଗରେ ରଖି ଲୁଚିଯିବାକୁ ଚାହିଁଥାନ୍ତି ଏବଂ ସେମାନେ ଚରିତ୍ରଗତ ବିଷୟକୁ ଅବହେଳା କରିଥାନ୍ତି ଯାହା ଅଧିକ ଗୁରୁତ୍ୱପୂର୍ଣ୍ଣ ।

- ହୃଦୟ ସମ୍ବନ୍ଧିତ ବିଷୟଗୁଡ଼ିକୁ ନେଇ କାର୍ଯ୍ୟ କରନ୍ତୁ ।

  ଉଦାହରଣ : ଅଗ୍ରାହ୍ୟ ହେବା, ଅସୁରକ୍ଷିତ ବିଷୟସବୁ, ଭାବପ୍ରବଣତାଜନିତ ଆଘାତ, ଆନ୍ତରିକ ବିଦ୍ରୋହ (ଲୋକେ ପ୍ରାୟତଃ ବାହ୍ୟିକଭାବେ ବିଦ୍ରୋହୀ ଜଣା ନ ପଡ଼ିଲେ ବି ଆନ୍ତରିକଭାବେ ବିଦ୍ରୋହୀ ରହିଥାନ୍ତି), ଇତ୍ୟାଦି ।

- ବ୍ୟକ୍ତିତ୍ୱ ବିଷୟଗୁଡ଼ିକୁ ନେଇ କାର୍ଯ୍ୟ କରନ୍ତୁ । ଉଦାହରଣ: ବଦ୍‌ରାଗୀ ହେବା, ଅନ୍ୟମାନଙ୍କ ସଙ୍ଗେ ସମ୍ପର୍କ ନରଖିବା, ସ୍ୱାଧୀନ ରହିବା, ଇତ୍ୟାଦି ।

- ଜୀବନଶୈଳୀ ଓ ଅଭ୍ୟାସଗତ ବିଷୟଗୁଡ଼ିକୁ ନେଇ କାର୍ଯ୍ୟ କରନ୍ତୁ । ଉଦାହରଣ: ଉତ୍ତମ ସାକ୍ଷ୍ୟ ରକ୍ଷା କରିବାର ଗୁରୁତ୍ୱ, ସମୟ ଓ ଅର୍ଥର ସୁପରିଚାଳନା, ଇତ୍ୟାଦି ।

- ସୀମାବଦ୍ଧ ବିଷୟଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ସୀମା ଉଚ୍ଛେଦ କରନ୍ତୁ ।

- ବିଫଳତାର ଚକ୍ରଗୁଡ଼ିକୁ ଚିହ୍ନଟ କରି ତା'ର ପ୍ରତିକାର କରନ୍ତୁ (ମଣ୍ଡଳୀଗୁଡ଼ିକୁ ଓ ସେବାକାର୍ଯ୍ୟଗୁଡ଼ିକୁ ବେଳେବେଳେ ଏଥିରୁ ବାଦ୍ ଦିଅନ୍ତୁ) ।

### #୮. ସେମାନଙ୍କ ଆହ୍ୱାନ ଅନୁସାରେ ସେମାନଙ୍କୁ ମୁକ୍ତ କରନ୍ତୁ

ଲୋକେ ଯେତେବେଳେ ବୃଦ୍ଧି ପାଆନ୍ତି ଓ ପରିପକ୍ୱ ହୁଅନ୍ତି, ଆମେ ସେମାନଙ୍କୁ ସେମାନଙ୍କ ଆହ୍ୱାନ ଅନୁସାରେ ମୁକ୍ତ କରିବାକୁ ହେବ ।

*୧ ତୀମଥି ୧:୩*

*[୩]ମୁଁ ମାକିଦିନିଆକୁ ଯିବା ସମୟରେ ତୁମ୍ଭକୁ ଯେପ୍ରକାର ଅନୁରୋଧ କରିଥିଲି, ସେହିପରି ତୁମ୍ଭେ ଏଫିସରେ ରହି କେତେକ ଲୋକ ଯେପରି ଭିନ୍ନ ଶିକ୍ଷା ନ ଦିଅନ୍ତି*

*ତିତସ ୧:୪,୫*
*[୪]ପିତା ଈଶ୍ୱର ଓ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଖ୍ରୀଷ୍ଟ ଯୀଶୁଙ୍କଠାରୁ ଅନୁଗ୍ରହ ଓ ଶାନ୍ତି ତୁମ୍ଭ ପ୍ରତି ହେଉ। [୫]ଅସମ୍ପୂର୍ଣ୍ଣ କାର୍ଯ୍ୟସବୁ ସମ୍ପୂର୍ଣ୍ଣ କରିବାକୁ, ପୁଣି ମୋହର ଆଦେଶାନୁସାରେ ପ୍ରତ୍ୟେକ ନଗରରେ ପ୍ରାଚୀନମାନଙ୍କୁ ନିଯୁକ୍ତ କରିବାକୁ ମୁଁ କ୍ରୀତୀରେ ତୁମ୍ଭକୁ ଛାଡ଼ି ଆସିଲି।*

ସେମାନେ ମୁକ୍ତ ଭାବରେ ନିଜେ ଅଗ୍ରସର ହୁଅନ୍ତୁ ।

## #୯. ଆବଶ୍ୟକମତେ ସେମାନଙ୍କୁ ଆତ୍ମିକ ସହାୟତା ଦିଅନ୍ତୁ

ଲୋକମାନଙ୍କୁ ମୁକ୍ତ କରିବାର ଅର୍ଥ ସେମାନଙ୍କୁ ପରିତ୍ୟାଗ କରିବା ନୁହେଁ । ବରଂ ସେମାନଙ୍କୁ ଆତ୍ମିକ ଭାବରେ ସାହାଯ୍ୟ କରିବା ଓ ଉତ୍ସାହିତ କରିବା ପାଇଁ ଆମେ ସର୍ବଦା ଉପଲବ୍ଧ ରହିବାକୁ ହେବ ।

୨ କରିନ୍ଥୀ ୧୨:୧୪,୧୫
*[୧୪]ଦେଖ, ମୁଁ ତୁମ୍ଭମାନଙ୍କ ନିକଟକୁ ଯିବା ନିମନ୍ତେ ଏହି ତୃତୀୟ ଥର ପ୍ରସ୍ତୁତ ଅଛି, ଆଉ ମୁଁ ତୁମ୍ଭମାନଙ୍କର ଭାର ସ୍ୱରୂପ ହେବି ନାହିଁ, କାରଣ ମୁଁ ତୁମ୍ଭମାନଙ୍କର ଧନ ନ ଖୋଜି ତୁମ୍ଭମାନଙ୍କୁ ଖୋଜୁଅଛି। ଯେଣୁ ସନ୍ତାନସନ୍ତତିମାନଙ୍କର ପିତାମାତାମାନଙ୍କ ନିମନ୍ତେ ସଞ୍ଚୟ କରିବା ଉଚିତ୍ ନୁହେଁ, ମାତ୍ର ସନ୍ତାନସନ୍ତତିମାନଙ୍କ ନିମନ୍ତେ ପିତାମାତାଙ୍କର ସଞ୍ଚୟ କରିବା ଉଚିତ୍। [୧୫]ଆଉ, ମୁଁ ତୁମ୍ଭମାନଙ୍କ ଆତ୍ମା ନିମନ୍ତେ ମହାନନ୍ଦରେ ବ୍ୟୟ କରିବି, ହଁ, ମୋହର ପ୍ରାଣ ସୁଦ୍ଧା ବ୍ୟୟ କରିବି। ମୁଁ ତୁମ୍ଭମାନଙ୍କୁ ଅଧିକ ପ୍ରଚୁରଭାବେ ପ୍ରେମ କରୁଅଛି ବୋଲି କଅଣ ଊଣା ପ୍ରେମ ପ୍ରାପ୍ତ ହେଉଅଛି ?*

## #୧୦. ଯେଉଁମାନେ ପଡ଼ିଯାଇଛନ୍ତି ସେମାନଙ୍କୁ ପୁନଃସ୍ଥାପିତ କରିବାକୁ ହେବ

*ଗାଲାତୀ ୬:୧*
*[୧]ହେ ଭାଇମାନେ, ଯଦି କେହି କୌଣସି ଅପରାଧରେ ଧରାପଡ଼େ, ଆତ୍ମିକ ଯେ ତୁମ୍ଭେମାନେ, ତୁମ୍ଭେମାନେ ମୃଦୁଭାବରେ ସେହିପ୍ରକାର ଲୋକକୁ ସଂଶୋଧନ କର, ପୁଣି କେଜାଣି ନିଜେ ମଧ୍ୟ ପରୀକ୍ଷାରେ ପଡ଼ିପାର, ଏଥିପାଇଁ ଆପଣା ବିଷୟରେ ସାବଧାନ ହୁଅ।*
*୧ ଯୋହନ ୫:୧୪-୧୬*
*[୧୪]ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହସ ଅଛି।*
*[୧୫]ଆଉ ଆମ୍ଭେମାନେ ତାହାଙ୍କ ନିକଟରେ ଯାହା କିଛି ପ୍ରାର୍ଥନା କରୁ, ତାହା ସେ ଶୁଣନ୍ତି ବୋଲି*

*ଯଦି ଆମ୍ଭେମାନେ ଜାଣୁ, ତେବେ ତାହାଙ୍କ ଛାମୁରେ ଯାହା ପ୍ରାର୍ଥନା କରିଅଛୁ, ସେହିସବୁ ଯେ ପାଇଅଛୁ, ଏହା ମଧ୍ୟ ଜାଣୁ। [16]କେହି ଯେବେ ଭାଇକୁ ପାପ କରୁଥିବା ଦେଖେ, ଆଉ ସେହି ପାପ ମୃତ୍ୟୁଜନକ ହୋଇ ନଥାଏ, ତେବେ ସେ ପ୍ରାର୍ଥନା କରୁ, ଆଉ ଈଶ୍ୱର ଯେଉଁପରି ମୃତ୍ୟୁଜନକ ପାପ ନ କରିଥିବା ଲୋକମାନଙ୍କୁ ଜୀବନ ଦାନ କରନ୍ତି, ସେହିପରି ତାହାକୁ ମଧ୍ୟ ଜୀବନ ଦାନ କରିବେ। ମୃତ୍ୟୁଜନକ ପାପ ଅଛି, ସେଥିପାଇଁ ସେ ପ୍ରାର୍ଥନା କରୁ ବୋଲି ମୁଁ କହୁ ନାହିଁ।*

ଯେଉଁମାନେ ଆଘାତପ୍ରାପ୍ତ ସେମାନେ ମରିଯିବା ଆମେ ଦେଖିଥାଉ । କିନ୍ତୁ ଆମେ ପାପରେ ପତିତ ଲୋକମାନଙ୍କୁ ପ୍ରେମରେ ପୁନଃସ୍ଥାପିତ କରିବା ବିଷୟକୁ ଶିକ୍ଷା କରିବା ଆବଶ୍ୟକ ।

## #୧୧. ପାପରେ ପତିତ ଲୋକମାନଙ୍କ ବିଷୟରେ ମନୋଯୋଗୀ ହୁଅନ୍ତୁ

ଅନେକେ ଈଶ୍ୱରଙ୍କ ଆହ୍ୱାନରୁ ବିମୁଖ ହୋଇ ପଡ଼ିଯାଆନ୍ତି ।

*ଫିଲୀମୋନ ୧:୨୪*

*[24]ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମ୍ଭମାନଙ୍କ ଆତ୍ମାର ସହବର୍ତ୍ତୀ ହେଉ।*

*୨ ତୀମଥି ୪:୧୦*

*[10]କାରଣ ଦୀମା ଏହି ବର୍ତ୍ତମାନ ସଂସାରକୁ ପ୍ରେମ କରି ମୋତେ ପରିତ୍ୟାଗ କରିଅଛି ଓ ଥେସଲନୀକୀକୁ ଯାଇଅଛି, କ୍ରେସ୍କେନ୍ସ ଗାଲାତିଆକୁ ଓ ତୀତସ୍ ଦଲ୍ମତିଆକୁ ଯାଇଅଛନ୍ତି ।*

ଅନେକଙ୍କ ବିଶ୍ୱାସରୂପ ଜାହାଜ ଭଙ୍ଗ ହୋଇଥାଏ ଓ ସେମାନେ ଆପଣଙ୍କର ତୀବ୍ର ବିରୋଧ କରିପାରନ୍ତି ।

*୧ ତୀମଥି ୧:୧୯,୨୦*

*[19]ବିଶ୍ୱାସ ଓ ଶୁଚି ବିବେକ ଧରି ରଖ, ତାହା ପରିତ୍ୟାଗ କରିବାରୁ କେତେକଙ୍କର ବିଶ୍ୱାସରୂପ ଜାହାଜ ଭଗ୍ନ ହୋଇଅଛି, [20]ସେମାନଙ୍କ ମଧ୍ୟରୁ ହୁମନାୟ ଓ ଆଲେକ୍‌ଜାଣ୍ଡର ଅନ୍ୟତମ, ଏମାନେ ଯେପରି ଶାସନପ୍ରାପ୍ତ ହୋଇ ଈଶ୍ୱରନିନ୍ଦା ନ କରନ୍ତି, ଏଥିନିମନ୍ତେ ମୁଁ ଏମାନଙ୍କୁ ଶୟତାନ ହସ୍ତରେ ସମର୍ପଣ କଲି।*

*୨ ତୀମଥି ୪:୧୪, ୧୫*

*[14]କଂସାରି ଆଲେକ୍‌ଜାଣ୍ଡର ମୋହର ବହୁତ ଅନିଷ୍ଟ କରିଅଛି, ପ୍ରଭୁ ତାହାର କର୍ମ ଅନୁସାରେ ତାହାକୁ ପ୍ରତିଫଳ ଦେବେ, [15]ତୁମ୍ଭେ ମଧ୍ୟ ତାହାଠାରୁ ସାବଧାନ ଥାଅ, କାରଣ ସେ ଆମ୍ଭମାନଙ୍କ ବାକ୍ୟର ଘୋର ପ୍ରତିରୋଧ କରିଥିଲା ।*

# ବ୍ୟକ୍ତିଗତ ପ୍ରୟୋଗ

ପ୍ରଶ୍ନ ୧. ଆପଣଙ୍କ ଆତ୍ମିକ ଯାତ୍ରାରେ, ଲୋକମାନଙ୍କୁ ଆତ୍ମାଙ୍କ ଦ୍ୱାରା ଗଢ଼ିବା ବିଷୟରେ ଆପଣଙ୍କ ଅନୁଭୂତିକୁ ନେଇ ଚିନ୍ତା କରନ୍ତୁ । କେଉଁସବୁ ବିଷୟରେ ସଫଳତା ପାଇଛନ୍ତି ଓ କେଉଁଥିରେ ସଫଳତା ଆସି ନାହିଁ ? ଆପଣଙ୍କ ଅନୁଭୂତିରୁ ଯେଉଁସବୁ ଶିକ୍ଷା ପାଇଛନ୍ତି ତାକୁ ନେଇ ପ୍ରୟାସ କରନ୍ତୁ ।

(ରାଜ୍ୟନିର୍ମାଣରେ ଲୋକଙ୍କ ମଧ୍ୟରେ କାର୍ଯ୍ୟ କରିବା ସମ୍ପର୍କରେ ଅଧିକ ଜାଣିବା ପାଇଁ APC Publication ର ପୁସ୍ତକ "Code of Honor" ପାଠ କରନ୍ତୁ । ଏହା ମାଗଣାରେ ଉପଲବ୍ଧ ।)

## ସପ୍ତମ ଅଧ୍ୟାୟ

# ଭାଗଦାରି–ରାଜ୍ୟର ସହକର୍ମୀ

ମୁଁ ରୋପଣ କରିଅଛି, ଆପଲ୍ଲ ଜଳସେଚନ କରିଅଛନ୍ତି, କିନ୍ତୁ ଈଶ୍ୱର ବୃଦ୍ଧିସାଧନ କରିଅଛନ୍ତି । ଅତଏବ, ଯେ ରୋପଣ କରେ କିମ୍ବା ଯେ ଜଳସେଚନ କରେ, ସେ କିଛି ନୁହେଁ, ମାତ୍ର ବୃଦ୍ଧି ସାଧନ କରନ୍ତି ଯେ ଈଶ୍ୱର, ସେ ସାର । ଯେ ରୋପଣ କରେ ଓ ଯେ ସେଚନ କରେ, ସେ ଦୁହେଁ ଏକ, କିନ୍ତୁ ପ୍ରତ୍ୟେକ ଜଣ ଆପଣା ପରିଶ୍ରମ ଅନୁସାରେ ନିଜର ପୁରସ୍କାର ପାଇବ ।

(୧ କରିନ୍ଥୀ ୩:୬–୮)



# ୭
# ଭାଗଦାରି–ରାଜ୍ୟର ସହକର୍ମୀ

୧ କରନ୍ଥୀ ୩:୯ (କ)
**୯. କାରଣ ଆମ୍ଭେମାନେ ଈଶ୍ୱରଙ୍କ ସହକର୍ମୀ;...**

ଆମେମାନେ ଈଶ୍ୱରଙ୍କ ସହକର୍ମୀ ହୋଇଥିବାରୁ, ଈଶ୍ୱରଙ୍କ ରାଜ୍ୟରେ ଆମେମାନେ ପରସ୍ପର ସହକର୍ମୀ ଅଟୁ ।

ଭାଗଦାରି ମାଧ୍ୟମରେ ଈଶ୍ୱରଙ୍କ ରାଜ୍ୟର ପ୍ରଗତି ନିମନ୍ତେ ଜଗତ ମଧ୍ୟରେ ବହୁତ କିଛି କାର୍ଯ୍ୟ କରାଯାଇ ପାରିବ ।

ଖ୍ରୀଷ୍ଟଙ୍କ ଶରୀରକୁ ଯେଉଁ ସ୍ୱପ୍ନ ଓ ଦର୍ଶନସମୂହ ମିଳେ ସେସବୁ ପରସ୍ପର ସହିତ ସଂଯୁକ୍ତ ଓ ସମ୍ପର୍କିତ । ଈଶ୍ୱରଦତ୍ତ ସ୍ୱପ୍ନକୁ ସାର୍ଥକ କରିବାକୁ ହେଲେ ଆମେ ଈଶ୍ୱରଙ୍କ ରାଜ୍ୟରେ ଅନ୍ୟମାନଙ୍କ ସହିତ ପ୍ରାୟତଃ ଅଂଶୀଦାର ହୋଇ କାର୍ଯ୍ୟ କରିବାକୁ ହେବ ।

ଈଶ୍ୱରଙ୍କ ସେନାବାହିନୀରେ ସୈନ୍ୟମାନଙ୍କ ମଧ୍ୟରେ କଳହର ସୂତ୍ରପାତ ହୋଇଥାଏ ଯାହା ଏକ ଦୁର୍ଭାଗ୍ୟଜନକ ବିଷୟ ଏବଂ ସମ୍ଭବତଃ ଈଶ୍ୱରଙ୍କ ସେନାମୁଖ୍ୟମାନଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥାଏ । ପ୍ରକୃତ ଶତ୍ରୁର ଏଥିରେ ବିଶେଷ ଭୂମିକା ନଥାଏ । ଆମେ ପରସ୍ପରକୁ ବିନାଶ କରିବାକୁ କାର୍ଯ୍ୟରତ ଥିବାବେଳେ ଶତ୍ରୁ ନୀରବଦ୍ରଷ୍ଟା ହୋଇରହିଥାଏ । ଅନେକ ସମୟରେ ଆମେ ଅଲଗା ହୋଇ ଏକାକୀ କାର୍ଯ୍ୟ କରିବାକୁ ଲାଗୁ ଏବଂ ବୁଝି ନଥାଉ ଯେ ଖ୍ରୀଷ୍ଟଙ୍କ ଶରୀର ଏକ ଜଣିକିଆ ସେନାବାହିନୀ ନୁହେଁ ।

## ଏକ ବିଭକ୍ତ ରାଜ୍ୟ ଦୁର୍ବଳ ଓ ଶକ୍ତିବିହୀନ

*ମାର୍କ ୩:୨୪*
*୨୪ ଯଦି କୌଣସି ରାଜ୍ୟ ବିଭକ୍ତ ହୋଇ ଆପଣା ବିରୁଦ୍ଧରେ ଉଠେ, ତେବେ ସେହି ରାଜ୍ୟ ସ୍ଥିର ହୋଇ ରହିପାରେ ନାହିଁ ।*

ଅନ୍ୟମାନଙ୍କ ସଙ୍ଗେ ଅଂଶୀଦାର ହୋଇ କାର୍ଯ୍ୟ କରିବାକୁ ଆମର ଅନିଚ୍ଛା ପ୍ରକାଶ ଯୋଗୁଁ ଅନେକ କାର୍ଯ୍ୟ ହୋଇ ପାରି ନଥାଏ ।

ଅଂଶୀଦାର ହେବାକୁ ଆମର ଅନିଚ୍ଛା ଯୋଗୁଁ ରାଜ୍ୟର ପ୍ରଗତି ବାଧାପ୍ରାପ୍ତ ହୋଇଥାଏ ।

## ଆତ୍ମାଙ୍କ ଐକ୍ୟ ରକ୍ଷା ନିମନ୍ତେ ଆମମାନଙ୍କୁ ଆହ୍ୱାନ ଦିଆଯାଇଛି

*ଏଫିସୀ ୪:୩*

*[୩]ଶାନ୍ତିରୂପ ବନ୍ଧନରେ ଆତ୍ମାଙ୍କ ଐକ୍ୟ ରକ୍ଷା କରିବା ନିମନ୍ତେ ଯତ୍ନବାନ ହୁଅ।*

*ଫିଲିପ୍ପୀ ୨:୧*

*[୧]ଅତଏବ, ଯଦି ଖ୍ରୀଷ୍ଟଙ୍କ ସହଭାଗିତାରେ କୌଣସି ଉତ୍ସାହ, କୌଣସି ପ୍ରେମପୂର୍ଣ୍ଣ ସାନ୍ତ୍ୱନା, ଆତ୍ମାଙ୍କ କୌଣସି ସହଭାଗିତା, ପୁଣି କୌଣସି ସ୍ନେହପୂର୍ଣ୍ଣ କରୁଣା ଓ ଦୟା ଥାଏ।*

ଆତ୍ମାଙ୍କ ବାସ୍ତବ କାର୍ଯ୍ୟର ଅର୍ଥାତ୍ ପ୍ରକୃତ ରାଜ୍ୟ ନିର୍ମାଣ କାର୍ଯ୍ୟର ଦୁଇଟି ବୈଶିଷ୍ଟ୍ୟ ହେଲା ଆତ୍ମାଙ୍କ ଐକ୍ୟ ଓ ସହଭାଗିତା ରକ୍ଷା । ପ୍ରକୃତ ରାଜ୍ୟ ନିର୍ମାଣ କାର୍ଯ୍ୟ ଦ୍ୱାରା ଆତ୍ମାଙ୍କ ଐକ୍ୟ ଓ ଆତ୍ମାଙ୍କ ସହଭାଗିତା ରକ୍ଷା ସର୍ବଦା ସୁଦୃଢ଼ ହୋଇଥାଏ ।

*ଲୂକ ୯:୪୯, ୫୦*

*[୪୯]ସେଥିରେ ଯୋହନ ଉତ୍ତର ଦେଲେ, ହେ ଗୁରୁ, ଆମ୍ଭେମାନେ ଜଣକୁ ଆପଣଙ୍କ ନାମରେ*
*ଭୂତ ଛଡ଼ାଇବାର ଦେଖିଲୁ, ଆଉ ସେ ଆମ୍ଭମାନଙ୍କ ସାଙ୍ଗରେ ଆପଣଙ୍କ ଅନୁଗାମୀ ନହେବାରୁ*
*ତାହାକୁ ମନା କଲୁ। [୫୦]କିନ୍ତୁ ଯୀଶୁ ତାହାଙ୍କୁ କହିଲେ, ମନା କର ନାହିଁ, କାରଣ ଯେ ତୁମ୍ଭମାନଙ୍କର*
*ବିପକ୍ଷ ନୁହେଁ, ସେ ତୁମ୍ଭମାନଙ୍କର ସପକ୍ଷ।*

ଆମ ଦଳରେ ନାହାନ୍ତି ବୋଲି କହିବାର ଅର୍ଥ ଏହା ନୁହେଁ ଯେ ସେମାନେ ରାଜ୍ୟର କାର୍ଯ୍ୟ କରୁନାହାନ୍ତି ।

## ରାଜ୍ୟ–ମନା ହେବା

*ଦ୍ୱିତୀୟ ବିବରଣ ୨୨:୧୦*

*[୧୦]ତୁମ୍ଭେ ବଳଦ ଓ ଗଧ ଏକତ୍ର ଯୋଚି ଚାଷ କରିବ ନାହିଁ ।*

ଏକତ୍ର କାର୍ଯ୍ୟ କରିବାକୁ ହେଲେ ଆମ ପ୍ରତ୍ୟେକଙ୍କର ମାନସିକତା ସମାନ ରହିବା ଆବଶ୍ୟକ । ଆମେମାନେ ସମସ୍ତେ ଯଦି ରାଜ୍ୟ-ମନା ଅଟୁ ତେବେ ଆମେ ଏକତ୍ର ଆଗକୁ ବଢ଼ିପାରିବା, ରାଜ୍ୟର ପ୍ରଗତି କରିପାରିବା, ଏବଂ ଆତ୍ମାଙ୍କ ଐକ୍ୟ ଓ ସହଭାଗିତାକୁ ସୁଦୃଢ଼ କରିପାରିବା । ତେବେ ଆମ ମଧ୍ୟରୁ କେତେକେ ରାଜ୍ୟ-ମନା ଥିବା ବେଳେ ଅନ୍ୟମାନେ ଯଦି ବ୍ୟକ୍ତିଗତ ବା ନିଜ ସମ୍ପ୍ରଦାୟର ବିଷୟସବୁରେ ଅଧିକ ମନୋଯୋଗୀ ରୁହନ୍ତି ତେବେ ତାହା ବଳଦ ଓ ଗଧକୁ ଏକତ୍ର ଯୋଡ଼ି ଚାଷ କରିବା ସଙ୍ଗେ ସମାନ !

*ଆମୋଷ ୩:୩*
*[୩]ଏକପରାମର୍ଶ ନୋହିଲେ କି ଦୁଇଜଣ ଏକତ୍ର ଗମନ କରିବେ?*

*୧ କରିନ୍ଥୀ ୧:୧୦*
*[୧୦]ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନ ହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ।*

ଆମେମାନେ କେଉଁସବୁ ବିଷୟରେ ସହମତ ହୋଇପାରୁ ? ଖ୍ରୀଷ୍ଟଙ୍କ ସେବକ ଭାବରେ ଆମେ ବିଭିନ୍ନ ସମ୍ପ୍ରଦାୟରୁ ଓ ବିଭିନ୍ନ ସଂସ୍କୃତିରୁ ଆସିଥିଲେ ମଧ୍ୟ ଆମେମାନେ ଆମମାନଙ୍କ ବିଶ୍ୱାସର କେତେକ ମୁଖ୍ୟ ବିଷୟରେ ସହମତ ହୋଇପାରିବା, ଯଥା: ଖ୍ରୀଷ୍ଟ କିଏ, କ୍ରୁଶରେ ତାଙ୍କ ଦ୍ୱାରା ସାଧିତ କାର୍ଯ୍ୟ, ତାଙ୍କର ମୃତ୍ୟୁ ଓ ପୁନରୁତ୍ଥାନ, ତାଙ୍କର ଶୀଘ୍ର ଆଗମନ ଓ ଆମ ଉପରେ ନ୍ୟସ୍ତ ତାଙ୍କର ମହାନ୍ ଆଦେଶ । ଆମେ ଯାହା କରିବା ଖ୍ରୀଷ୍ଟଙ୍କ ରାଜ୍ୟର ଅଗ୍ରଗତିକୁ ଦୃଷ୍ଟିରେ ରଖି ତାହା କରିବା ବିଷୟରେ ଆମେ ସମସ୍ତେ ଏକମନା ହେବା ଉଚିତ ।

ଆମେ ସମସ୍ତେ ରାଜ୍ୟ-ମନା ହୋଇପାରିବା ।

## ଈଶ୍ୱରଙ୍କ ରାଜ୍ୟର ଅଭିବୃଦ୍ଧିକୁ ବ୍ୟକ୍ତିଗତ ସେବାକାର୍ଯ୍ୟର ଅଗ୍ରଗତିର ଆଗରେ ରଖନ୍ତୁ ।

*ମାଥିଉ ୬:୧୦*
*[୧୦]ତୁମ୍ଭର ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ ।*

ଆମମାନଙ୍କର ମାନସିକତାରେ ଏବଂ ବିଭିନ୍ନ ବିଷୟପ୍ରତି ଆମର ଦୃଷ୍ଟି ଏବଂ ବିଭିନ୍ନ ବିଷୟପ୍ରତି ଆମର ଦୃଷ୍ଟିଭଙ୍ଗୀରେ ବହୁତ କିଛି ପରିବର୍ତ୍ତନ ଆସିବା ଆବଶ୍ୟକ। ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକେ ବ୍ୟକ୍ତିଗତ ଭାବରେ ଉତ୍ତରଦାୟୀ ଅଟୁ ଏବଂ ଈଶ୍ୱରଦତ୍ତ ଦର୍ଶନ, ଆହ୍ୱାନ ଓ କାର୍ଯ୍ୟର ଆମେ ଉତ୍ତମ ଭଣ୍ଡାରଘରିଆ ହେବା ଉଚିତ । ତେବେ ଆମେ ବୁଝିବା ଉଚିତ ଯେ ଆମମାନଙ୍କ ସେବାକାର୍ଯ୍ୟ, ଆମମାନଙ୍କ ସ୍ଥାନୀୟ ମଣ୍ଡଳୀ ବା ଆମର ଆହ୍ୱାନ ବଡ଼ ବିଷୟ ନୁହେଁ ମାତ୍ର ଈଶ୍ୱରଙ୍କ ରାଜ୍ୟ ହିଁ ଆମର ପ୍ରାଥମିକତା ହେବା ଉଚିତ ।

ଆମେମାନେ ରାଜ୍ୟ–ମନୋଭାବ ନେଇ କାର୍ଯ୍ୟ କରିବାକୁ ହେବ ଅର୍ଥାତ୍ ଆମମାନଙ୍କ ବ୍ୟକ୍ତିଗତ ଦର୍ଶନ, ଆହ୍ୱାନ, ସେବାକାର୍ଯ୍ୟ ଓ ସ୍ଥାନୀୟ ମଣ୍ଡଳୀ ଅପେକ୍ଷା ଈଶ୍ୱରଙ୍କ ରାଜ୍ୟକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରିବାକୁ ହେବ । ନିଶ୍ଚିତ ରୂପେ ଏହା ନିର୍ବୋଧତା ମନେହୁଏ, ବିଶେଷକରି ଯେତେବେଳେ ଅନ୍ୟ କାର୍ଯ୍ୟକାରୀମାନେ ସମାନମତ ପୋଷଣ କରନ୍ତି ନାହିଁ ଏବଂ ରାଜ୍ୟର ଅଗ୍ରଗତିପ୍ରତି ଯଥେଷ୍ଟ ଦୃଷ୍ଟି ନ ଦେଇ ନିଜ ନିଜର କାର୍ଯ୍ୟସୂଚୀକୁ ସଫଳ କରିବା ପାଇଁ ସେମାନେ ପ୍ରୟାସ ଜାରି ରଖିଥାନ୍ତି । ତେବେ ଏହା ଅନ୍ୟ ଏକ କ୍ଷେତ୍ର ଯେଉଁଠାରେ ମାଥିଉ *୬*:୩୩କୁ ଅଭ୍ୟାସ କରିବା ଆବଶ୍ୟକ : *''କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ''*।

ପ୍ରଥମେ ଆମ ବ୍ୟକ୍ତିଗତ ଅଗ୍ରଗତିକୁ ଦୃଷ୍ଟି ନ ଦେଇ ଈଶ୍ୱରଙ୍କ ରାଜ୍ୟର ଅଗ୍ରଗତି ଓ ଅଭିବୃଦ୍ଧିକୁ ଅଗ୍ରାଧିକାର ଦେବା ଦ୍ୱାରା ଆମେ ନିଜପ୍ରତି ମୃତ ହେବା ବିଷୟ ଶିଖିଥାଉ । ଏହା ସହଜ ନ ହେଲେ ମଧ୍ୟ, ଏହା କରିବା ଯଥାର୍ଥ ବିଷୟ । ଈଶ୍ୱର ଏପରି ତ୍ୟାଗକୁ ସମ୍ମାନ ଦେଇଥାନ୍ତି ।

## ପରସ୍ପର ସହିତ ସଂଯୁକ୍ତ ହୋଇ କାର୍ଯ୍ୟ କରିବା ବିଷୟ ଆମେ ଶିଖିବାକୁ ହେବ

***ଭାଗଦାରି ନିମନ୍ତେ ଆମେ ଅଭିପ୍ରେତ***

*୧ କରିନ୍ଥୀ ୧୨:୧୮*

*[୧୮] କିନ୍ତୁ ଈଶ୍ୱର ଅଙ୍ଗପ୍ରତ୍ୟଙ୍ଗକୁ ଗୋଟି ଗୋଟି କରି ଶରୀରରେ ଆପଣା ଇଚ୍ଛାନୁସାରେ ଖଞ୍ଜି ଅଛନ୍ତି।*

ଅଂଶୀଦାର ହୋଇ କାର୍ଯ୍ୟ କରିବା ପାଇଁ ଖ୍ରୀଷ୍ଟଙ୍କ ଶରୀର ଉଦ୍ଦିଷ୍ଟ ।

*ଏଫିସୀ ୪:୧୬*
*୧୬ ତାହାଙ୍କଠାରୁ ସମସ୍ତ ଶରୀର ପ୍ରତ୍ୟେକ ସନ୍ଧିର ସାହାଯ୍ୟ ଦ୍ୱାରା ପୁଣି ପ୍ରତ୍ୟେକ ଅଂଶର କାର୍ଯ୍ୟସାଧକ ଶକ୍ତି ଅନୁସାରେ ସୁଖଚିତ ଓ ସୁସଂଯୁକ୍ତ ହୋଇ ପ୍ରେମରେ ଆପଣାର ନିଷ୍ଠା ନିମନ୍ତେ ନିଜର ବୃଦ୍ଧି ସାଧନ କରୁଅଛି ।*

ପ୍ରତ୍ୟେକ ସନ୍ଧି ତା'ର ଭାଗ ଯୋଗାଇଦେବା ଆବଶ୍ୟକ ।

ଭାଗଦାରି କହିଲେ ପରସ୍ପରର ପରିପୂରକ ହେବା, ପ୍ରତିଦ୍ୱନ୍ଦୀ ହେବା ନୁହେଁ। ଆମେ ପରସ୍ପରର ପରିପୂରକ ହେବା ନିମନ୍ତେ ଗଢ଼ାଯାଇଛୁ ।

ଈଶ୍ୱରଙ୍କର ଆଗାମୀ ଯୋଜନାଗୁଡ଼ିକ ନିମନ୍ତେ ଆମେମାନେ ଉପଲବ୍ଧ ରହିବା ଆବଶ୍ୟକ ଓ ସେଥି ନିମନ୍ତେ ମଧ୍ୟ ଆମେମାନେ ଆତ୍ମିକ ଦାନ ପାଇଛୁ । ଈଶ୍ୱରଙ୍କ ପରିବାରର ଯଥାର୍ଥ ସ୍ଥାନକୁ ଆମେ ସମସ୍ତେ ଆସିବା ଆବଶ୍ୟକ । ମଣ୍ଡଳୀକୁ ଦୃଢ଼ୀଭୂତ କରିବା, ସାଧୁମାନଙ୍କୁ ସେମାନଙ୍କ ଆତ୍ମିକ ଦାନ ଓ ଆହ୍ୱାନ ଅନୁଯାୟୀ ଯଥାର୍ଥ ଭାବରେ ଅବସ୍ଥାପିତ କରିବା ପାଇଁ ଈଶ୍ୱର ପାଞ୍ଚଟି ସେବାକାର୍ଯ୍ୟର ବ୍ୟବସ୍ଥା କରିଛନ୍ତି । ଏହା ଉଭୟ ସ୍ଥାନୀୟ ମଣ୍ଡଳୀ ତଥା ସାରା ଜଗତରେ ରହିଥିବା ଖ୍ରୀଷ୍ଟଙ୍କ ଶରୀରରୂପ ମଣ୍ଡଳୀ ନିମନ୍ତେ ପ୍ରଯୁଜ୍ୟ । ପ୍ରତ୍ୟେକ ଜଣ ଯେତେବେଳେ ଅବସ୍ଥାପିତ, ସୁସଜ୍ଜିତ ହୋଇ ଆହ୍ୱାନ ଅନୁଯାୟୀ କାର୍ଯ୍ୟ କରିବାକୁ ଲାଗନ୍ତି ସେତେବେଳେ ଖ୍ରୀଷ୍ଟଙ୍କ ଶରୀର ସିଦ୍ଧ ଓ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରିପାରିବ ।

*ଯୋହନ ୪:୩୬-୩୮*
*୩୬ ଏବେ ସୁଦ୍ଧା କଟାଳି ମୂଲ ପାଉଅଛି ଓ ଅନନ୍ତ ଜୀବନ ନିମନ୍ତେ ଫଳ ସଂଗ୍ରହ କରୁଅଛି,*
*ଯେପରି ବୁଣାଳି ଓ କଟାଳି ଉଭୟ ମିଳି ଆନନ୍ଦ କରନ୍ତି । ୩୭ କାରଣ ଜଣେ ବୁଣେ ଓ ଅନ୍ୟ*
*ଜଣେ କାଟେ, ଏହି କଥା ଏ ସମ୍ବନ୍ଧରେ ସତ୍ୟ। ୩୮ ତୁମ୍ଭେମାନେ ଯାହା ନିମନ୍ତେ ପରିଶ୍ରମ କରି*
*ନାହଁ, ତାହା କାଟିବା ପାଇଁ ମୁଁ ତୁମ୍ଭମାନଙ୍କୁ ପଠାଇଲି; ଅନ୍ୟମାନେ ପରିଶ୍ରମ କରିଅଛନ୍ତି,*
*ଆଉ ତୁମ୍ଭେମାନେ ସେମାନଙ୍କ ପରିଶ୍ରମର ଫଳ ପାଉଅଛ ।*

୧ କରିନ୍ଥୀ ୩:୫-୮
*୫ ଆପଲ୍ଲ କିଏ? ପାଉଲ ବା କିଏ? ସେମାନେ ତ ସେବକମାତ୍ର, ଯେଉଁମାନଙ୍କ ଦ୍ୱାରା,*
*ପ୍ରତ୍ୟେକକୁ ପ୍ରଭୁ ଯେପରି ଦେଇଅଛନ୍ତି, ତଦନୁସାରେ ତୁମ୍ଭେମାନେ ବିଶ୍ୱାସ କରିଅଛ। ୬ ମୁଁ*
*ରୋପଣ କରିଅଛି, ଆପଲ୍ଲ ଜଳସେଚନ କରି ଅଛନ୍ତି, କିନ୍ତୁ ଈଶ୍ୱର ବୃଦ୍ଧି ସାଧନ କରିଅଛନ୍ତି।*
*୭ ଅତଏବ, ଯେ ରୋପଣ କରେ କିମ୍ବା ଯେ ଜଳ ସେଚନ କରେ, ସେ କିଛି ନୁହେଁ, ମାତ୍ର ବୃଦ୍ଧି*
*ସାଧନ କରନ୍ତି ଯେ ଈଶ୍ୱର, ସେ ସାର। ୮ ଯେ ରୋପଣ କରେ ଓ ସେ ସେଚନ କରେ, ସେ*
*ଦୁହେଁ ଏକ, କିନ୍ତୁ ପ୍ରତ୍ୟେକ ଜଣ ଆପଣା ପରିଶ୍ରମ ଅନୁସାରେ ନିଜର ପୁରସ୍କାର ପାଇବ ।*

ଈଶ୍ୱର ଏହି ପ୍ରଣାଳୀରେ କାର୍ଯ୍ୟ କରିଥାନ୍ତି । ଈଶ୍ୱର କାହାକୁ ବୁଣିବା ପାଇଁ ଅନ୍ୟକାହାକୁ ଜଳସେଚନ କରିବା ପାଇଁ ଏବଂ ଆହୁରି ଅନ୍ୟକାହାକୁ ଶସ୍ୟ ଅମଳ କରିବା ପାଇଁ ବ୍ୟବହାର କରିଥାନ୍ତି ।

ଆମେ ପ୍ରାୟତଃ ଏହି ନୀତିକୁ ବୁଝି ନ ପାରି ରାଜ୍ୟ ନିର୍ମାଣ କ୍ଷେତ୍ରରେ ଭୁଲ ରାସ୍ତା ଅନୁସରଣ କରିଥାଉ । ଆମର ମନରେ ରହିଥାଏ ଯେ ‘‘ମୁଁ ରୋପଣ କରିଛି, ମୁଁ ଜଳ ସେଚନ କରିବି ଓ ମୁଁ ଶସ୍ୟ ଅମଳ କରିବି’’ । ତେଣୁ ଆମେ ଅନ୍ୟ କାହାକୁ ‘‘ଆମ କ୍ଷେତ୍ର’’ ମଧ୍ୟରେ ପ୍ରବେଶ କରିବାକୁ ଦେଇ ନଥାଉ ଓ କ୍ଷେତ୍ରକୁ ନିଜେ ଜଗିଥାଉ।

ଆମମାନଙ୍କ ଶ୍ରମରେ ପ୍ରବେଶ କରିବା ପାଇଁ ପ୍ରଭୁ ହିଁ ଲୋକ ପଠାଇଥାନ୍ତି (ଯୋହନ ୪:୩୮) । ତେବେ ଆମେ ରାଜ୍ୟମନା ହୋଇ ନଥିବାରୁ ଆମମାନଙ୍କ ଶ୍ରମରେ ପ୍ରବେଶ କରିବା ପାଇଁ ଅର୍ଥାତ୍ ଜଳସେଚନ ବା ଶସ୍ୟଅମଳ କରିବା ପାଇଁ ପ୍ରଭୁ ଯେତେବେଳେ ଲୋକମାନଙ୍କୁ ପଠାନ୍ତି ଆମେ ସେମାନଙ୍କୁ ତଡ଼ି ଦେଉ । ତା’ପରେ ଆମେ ଆଶ୍ଚର୍ଯ୍ୟ ହୋଇଥାଉ କାହିଁକି ଆମେ ବୁଣିଥିବା ବୀଜରୁ ଗଜା ବାହାରିଲା ନାହିଁ । ଆମେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥାଉ ଆମେ କାହିଁକି ଶସ୍ୟ ଅମଳ କରିପାରୁ ନାହୁଁ । ଏହାର କାରଣ ଏହି ଯେ ଆମେ ଯାହା ବପନ କରିଛୁ ସେଥିରେ ଜଳସେଚନ କରିବା ପାଇଁ ପ୍ରଭୁ ଯେଉଁମାନଙ୍କୁ ପଠାଇଥିଲେ ସେମାନଙ୍କୁ ଆମେ ତଡ଼ି ଦେଇଛୁ କିଅବା ଶସ୍ୟ ଅମଳ କରିବା ପାଇଁ ଆମକୁ ସାହାଯ୍ୟ କରିବାକୁ ପ୍ରଭୁ ଯେଉଁମାନଙ୍କୁ ପଠାଇଥିଲେ ସେମାନଙ୍କୁ ମଧ୍ୟ ଆମେ ତଡ଼ି ଦେଉଛୁ ।

ପ୍ରଭୁଙ୍କ ପ୍ରେରିତ ଲୋକମାନଙ୍କୁ ଗ୍ରହଣ କରିବା ଦ୍ୱାରା ଆମେ ପ୍ରଭୁଙ୍କୁ ଗ୍ରହଣ କରୁ । *‘‘ସତ୍ୟସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ ମୋହର ପ୍ରେରିତ ବ୍ୟକ୍ତିଙ୍କି ଗ୍ରହଣ କରେ, ସେ ମୋତେ ଗ୍ରହଣ କରେ ଓ ଯେ ମୋତେ ଗ୍ରହଣ କରେ, ସେ ମୋହର ପ୍ରେରଣକର୍ତ୍ତାଙ୍କୁ ଗ୍ରହଣ କରେ’’ (ଯୋହନ ୧୩:୨୦)* । ଆମମାନଙ୍କ ମଧ୍ୟରୁ ଅନେକେ ଆମମାନଙ୍କ କାର୍ଯ୍ୟରୁ ପ୍ରଭୁଙ୍କୁ ଫେରାଇ ଦେବାର ଦୋଷରେ ଦୋଷୀ ଅଟୁ, କାରଣ ସେ କୌଣସି ଭାଇ/ଭଉଣୀ ଭାବରେ ଆସି ଆମ ସଙ୍ଗେ ମିଶି କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ ।

ଅବଶ୍ୟ ଆମମାନଙ୍କୁ ଅର୍ପିତ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଆମେ ଯେକୌଣସି ବ୍ୟକ୍ତିକି ସରଳ ଭାବରେ ଅନୁମତି ଦେଇ ନପାରୁ । ଯେଉଁମାନେ କଳହର ବୀଜ ବୁଣନ୍ତି ଓ ନିଜର ସ୍ୱାର୍ଥସାଧନ ନିମନ୍ତେ ଏକାନ୍ତ ଆଗ୍ରହୀ ଅଟନ୍ତି ଏପରି ଲୋକମାନଙ୍କ ବିଷୟରେ ଆମେ ସାବଧାନ ହେବାକୁ ହେବ । ଭଣ୍ଡ ପ୍ରେରିତ ଓ ଶୟତାନର ସେବକମାନଙ୍କ ବିଷୟରେ ବି ସାବଧାନ ହେବାକୁ ହେବ । ସେମାନେ ଖ୍ରୀଷ୍ଟଙ୍କ ସେବକ ଭାବରେ ଦେଖାଇ ହୁଅନ୍ତି ।

ଈଶ୍ୱର ଆମକୁ ବୃଦ୍ଧି ପାଇବାକୁ ଦେଇଥାନ୍ତି, କିନ୍ତୁ ସେ ତାହା ତାଙ୍କରି ମାର୍ଗରେ କରିଥାନ୍ତି, ଆମରି ମାର୍ଗରେ ନୁହେଁ । ଈଶ୍ୱରଙ୍କ ରାଜ୍ୟ ଭାଗଦାରି ଦ୍ୱାରା ହିଁ ବୃଦ୍ଧି ଆସିଥାଏ, କାରଣ ଈଶ୍ୱର ସେହି ପ୍ରକାରେ ଯୋଜନା ପ୍ରସ୍ତୁତ କରିଛନ୍ତି ।

ସେହିପରି, ଈଶ୍ୱର ଆମକୁ ଅନ୍ୟମାନଙ୍କ ଶ୍ରମରେ ପ୍ରବେଶ କରିବାକୁ ପ୍ରେରଣ କରିପାରନ୍ତି । ଅନ୍ୟମାନଙ୍କ ଶ୍ରମରେ ପ୍ରବେଶ କରିବା ବିଷୟରେ ଆମେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ଯେଉଁମାନେ ଆମମାନଙ୍କର ଆଗରୁ ସେଠାକୁ ଯାଇଛନ୍ତି ସେମାନଙ୍କୁ ଆମେ ସର୍ବଦା ସମ୍ମାନ ଦେଖାଇବାକୁ ଓ ସ୍ୱୀକାର କରିବାକୁ ହେବ । ଆମେ ମନେ ରଖିବାକୁ ହେବ ଯେ ଅନ୍ୟଜଣେ କ୍ରନ୍ଦନ କରି ବିହନ ନ ବୁଣିଥିଲେ ଆମେ ଜଳସେଚନ କରି ପାରି ନଥାନ୍ତୁ। ଆମେ ମଧ୍ୟ ମନେ ରଖିବା ଆବଶ୍ୟକ ଯେ ଅନ୍ୟମାନେ ସେମାନଙ୍କ ତ୍ୟାଗ, ପ୍ରାର୍ଥନା ଓ ଶ୍ରମ ଦ୍ୱାରା ଜମିକୁ ଚାଷ କରି ବୀଜବପନ କରି ନଥିଲେ ଓ ଜଳସେଚନ କରିନଥିଲେ ଆମେ ଶସ୍ୟ ଅମଳ କରି ନପାରୁ । ଈଶ୍ୱର ଚାହାନ୍ତି ଯେପରି ବୁଣାଳୀ ଓ କଟାଳୀ ଉଭୟ ମିଳି ଆନନ୍ଦ କରନ୍ତି (ଯୋହନ ୪:୩୬) । ତେଣୁ ଯେଉଁମାନେ ବୀଜବପନ ଓ ଜଳସେଚନ କରିଛନ୍ତି ସେମାନଙ୍କ ସଙ୍ଗେ ମିଳି ଶସ୍ୟ ଅମଳକୁ ନେଇ ଆନନ୍ଦ କରନ୍ତୁ ।

ଈଶ୍ୱରଙ୍କ ରାଜ୍ୟରେ ଯେ ରୋପଣ କରେ, ଯେ ସେଚନ କରେ ଓ ଯେ ଅମଳ କରେ ସେ ସମସ୍ତେ ସମାନ (୧ କରନ୍ଥୀ ୩:୮) । ଈଶ୍ୱରଙ୍କ ରାଜ୍ୟରେ ଉପରିସ୍ଥ, ଶ୍ରେଷ୍ଠତର ବା ଅଧିକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଭାବରେ କେହି ପରିଗଣିତ ହୁଅନ୍ତି ନାହିଁ । ଈଶ୍ୱର ଆମ ସମସ୍ତଙ୍କୁ ଏକ ଓ ସମାନ ଭାବରେ ଦେଖିଥାନ୍ତି ।

ରାଜ୍ୟର ଭାଗଦାରିରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଈଶ୍ୱର ଆମମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ କେଉଁ ସ୍ଥାନରେ ଅବସ୍ଥାପିତ କରିବାକୁ ଚାହାନ୍ତି, ସେ ଆମକୁ କେଉଁ ଭୂମିକା ଦେବେ ଓ ସେ ଆମଠାରୁ କେଉଁ କାର୍ଯ୍ୟ ଅପେକ୍ଷା କରନ୍ତି ତାହା ଆମେ ଜାଣିବାକୁ ହେବ (୧ କରନ୍ଥୀ ୩:୫) ।

*୨ କରିନ୍ଥୀ ୧୦:୧୩*

*[୧୩]କିନ୍ତୁ ଆମ୍ଭେମାନେ ସୀମା ଲଙ୍ଘନ କରି ଦର୍ପ କରିବୁ ନାହିଁ, ମାତ୍ର ତୁମ୍ଭେମାନେ ମଧ୍ୟ ଆମ୍ଭମାନଙ୍କ ସୀମାର ଅନ୍ତର୍ଭୁକ୍ତ ହେବା ପାଇଁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ପରିମାଣ ସ୍ୱରୂପେ ଯେଉଁ ସୀମା ନିରୂପଣ କରିଅଛନ୍ତି, ସେଥିର ପରିମାଣାନୁସାରେ ଦର୍ପ କରିବୁ ।*

ଆମମାନଙ୍କ ନିମନ୍ତେ ନିରୂପିତ ସୀମାକୁ ଓ ଆମର ପ୍ରଭାବର ପରିସରକୁ ଆମେ ବୁଝିବା ଆବଶ୍ୟକ ।

ଈଶ୍ୱର ପ୍ରତ୍ୟେକଙ୍କ ନିମନ୍ତେ ଏକ ''ପ୍ରଭାବର ପରିସର'' ନିରୂପଣ କରିଛନ୍ତି । ଆମେମାନେ ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରଭାବର ପରିସରକୁ ବୁଝି ତା' ମଧ୍ୟରେ ରହିବାକୁ ହେବ । ଈଶ୍ୱର ମଧ୍ୟ ଏହି ପ୍ରଭାବର ପରିସରକୁ ଆବଶ୍ୟକ ମତେ ବୃଦ୍ଧି କରିପାରନ୍ତି । ଈଶ୍ୱର ତାହା କରିଥିବାରୁ ଆମେମାନେ ତାହାଙ୍କ ସଙ୍ଗେ ଗମନ କରି ସେ ଚାହୁଁଥିବା ଲୋକମାନଙ୍କ ଜୀବନଗୁଡ଼ିକୁ ସ୍ପର୍ଶ କରିବାକୁ ହେବ ।

## ପାଉଲଙ୍କ ସହକର୍ମୀଗଣ

*ରୋମୀ ୧୬:୭*

*୭ମୋହର ସ୍ୱଜାତୀୟ ଓ ସହବନ୍ଦୀ ଆନ୍ଦ୍ରନିକ ଓ ଯୂନିୟାଙ୍କୁ ନମସ୍କାର ଜଣାଅ; ସେମାନେ ପ୍ରେରିତମାନଙ୍କ ମଧ୍ୟରେ ବିଖ୍ୟାତ ଓ ମୋହର ପୂର୍ବରେ ସୁଦ୍ଧା ଖ୍ରୀଷ୍ଟଙ୍କ ଆଶ୍ରିତ ହୋଇଅଛନ୍ତି ।*

*ରୋମୀ ୧୬:୨୧*

*୨୧ମୋହର ସହକର୍ମୀ ତୀମଥି, ପୁଣି ମୋହର ସ୍ୱଜାତୀୟ ଲୂକିୟ, ଯାସୋନ୍ ଓ ସୋସିପାତ୍ର ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି ।*

*୨ କରିନ୍ଥୀ ୮:୨୩*

*୨୩ତିତସଙ୍କ ବିଷୟରେ ଯଦି କେହି ପଚାରେ, ସେ ମୋହର ସହଭାଗୀ ଓ ତୁମ୍ଭମାନଙ୍କ ନିମନ୍ତେ ମୋହର ସହକର୍ମୀ; କିଅବା ଯଦି ଆମ୍ଭମାନଙ୍କ ଭାଇମାନଙ୍କ ସମ୍ବନ୍ଧରେ ପଚାରେ, ସେମାନେ ମଣ୍ଡଳୀସମୂହ ଦ୍ୱାରା ପ୍ରେରିତ, ପୁଣି ଖ୍ରୀଷ୍ଟଙ୍କ ଗୌରବସ୍ୱରୂପ ।*

*ଫିଲିପ୍ପୀ ୪:୩*

*୩ପୁଣି, ହେ ପ୍ରକୃତ ସହକାରୀ, ଏହି ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ ତୁମ୍ଭକୁ ମଧ୍ୟ ନିବେଦନ କରୁଅଛି, କାରଣ ଏମାନେ କ୍ଳେମେନ୍ସ୍ ଓ ମୋହର ଅନ୍ୟ ସହକର୍ମୀମାନଙ୍କ ସଙ୍ଗରେ ସୁସମାଚାର କାର୍ଯ୍ୟରେ ମୋ ସହିତ ପରିଶ୍ରମ କରିଅଛନ୍ତି, ସେହି ସହକର୍ମୀମାନଙ୍କର ନାମ ଜୀବନପୁସ୍ତକରେ ଅଛି ।*

*କଲସୀ ୧:୭*

*୭ଆମ୍ଭମାନଙ୍କର ପ୍ରିୟ ସହଦାସ ଏପାଫ୍ରାଙ୍କଠାରୁ ତୁମ୍ଭେମାନେ ସେହି ପ୍ରକାରେ ଶିକ୍ଷା କରିଅଛ, ସେ ତୁମ୍ଭମାନଙ୍କ ନିମନ୍ତେ ଖ୍ରୀଷ୍ଟଙ୍କର ଜଣେ ବିଶ୍ୱସ୍ତ ସେବକ।*

*କଲସୀ ୪:୭,୧୦,୧୧*

*୭ପ୍ରିୟ ଭ୍ରାତା ପୁଣି, ପ୍ରଭୁଙ୍କ କାର୍ଯ୍ୟରେ ବିଶ୍ୱସ୍ତ ସେବକ ଓ ସହଦାସ ଯେ ତୁଖିକ, ସେ ମୋହର*
*ସମସ୍ତ ବିଷୟ ତୁମ୍ଭମାନଙ୍କୁ ଜଣାଇବେ, ୧୦ମୋହର ସହବନ୍ଦୀ ଆରିସ୍ତାର୍ଖ ପୁଣି ବର୍ଣ୍ଣବ୍ବାଙ୍କ*
*କୁଟୁମ୍ବୀୟ ଭ୍ରାତା ମାର୍କ (ଏହାଙ୍କ ସମ୍ବନ୍ଧରେ ତୁମ୍ଭେମାନେ ଆଦେଶ ପାଇଅଛ, ସେ ଯଦି ତୁମ୍ଭମାନଙ୍କ*

*ନିକଟକୁ ଆସନ୍ତି, ତେବେ ତାଙ୍କୁ ଗ୍ରହଣ କର) ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି, [୧୧]ଆଉ, ଯୁଷ୍ଟ ନାମରେ ଖ୍ୟାତ ଯୀଶୁ ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି, ସୁନ୍ନତିମାନଙ୍କ ମଧ୍ୟରୁ କେବଳ ଏମାନେ ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ମୋହର ସହକର୍ମୀ, ଏମାନେ ମୋହର ସାନ୍ତ୍ୱନାର କାରଣ ହୋଇଅଛନ୍ତି ।*

*୧ ଥେସଲନୀକୀୟ ୩:୨*

*[୨]ପୁଣି, ତୁମ୍ଭମାନଙ୍କୁ ସୁସ୍ଥିର କରିବାକୁ ଓ ତୁମ୍ଭମାନଙ୍କ ବିଶ୍ୱାସ ସମ୍ବନ୍ଧରେ ତୁମ୍ଭମାନଙ୍କୁ ଉତ୍ସାହ ଦେବାକୁ ଖ୍ରୀଷ୍ଟଙ୍କ ସୁସମାଚାର କାର୍ଯ୍ୟରେ ଈଶ୍ୱରଙ୍କ ସହକାର୍ଯ୍ୟକାରୀ ଆମ୍ଭମାନଙ୍କ ଭାଇ ତୀମଥିଙ୍କୁ ପଠାଇଲୁ ।*

*ଫିଲୀମୋନ ୧:୧,୨,୨୩,୨୪*

*[୧]ପାଉଲ, ଖ୍ରୀଷ୍ଟ ଯୀଶୁଙ୍କର ବନ୍ଦୀ, ଆଉ ଭ୍ରାତା ତୀମଥି ଆମ୍ଭମାନଙ୍କ ପ୍ରିୟପାତ୍ର ଓ ସହକର୍ମୀ ଫିଲୀମୋନ, [୨]ପୁଣି, ଭଗ୍ନୀ ଆପ୍‌ପିୟା ଏବଂ ଆମ୍ଭମାନଙ୍କ ସହସୈନିକ ଆର୍ଖିପପ୍ ଓ ତୁମ୍ଭ ଗୃହସ୍ଥିତ ମଣ୍ଡଳୀ ନିକଟକୁ ପତ୍ର ଲେଖୁଅଛୁ; [୨୩]ଖ୍ରୀଷ୍ଟ ଯୀଶୁଙ୍କ ହେତୁ ମୋହର ସହବନ୍ଦୀ ଏପାଫ୍ରା ଏବଂ ମୋହର ସହକର୍ମୀମାନେ ଯେ ମାର୍କ, ଆରିସ୍ତାର୍ଖ, ଦୀମା ଓ ଲୂକ ତୁମ୍ଭକୁ ନମସ୍କାର ଜଣାଉଅଛନ୍ତି । [୨୪]ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମ୍ଭମାନଙ୍କ ଆତ୍ମାର ସହବର୍ତ୍ତୀ ହେଉ।*

ପ୍ରେରିତ ପୁସ୍ତକରେ ଓ ପାଉଲଙ୍କ ପତ୍ରଗୁଡ଼ିକରେ ସେ ଅନେକଙ୍କ ନାମ ଉଲ୍ଲେଖ କରନ୍ତି ଓ ସେମାନେ ତାଙ୍କ ସହକର୍ମୀ ବୋଲି ସେ ସ୍ୱୀକାର କରନ୍ତି । ସେମାନଙ୍କ ନିମନ୍ତେ ସେ ବ୍ୟବହାର କରିଥିବା ପଦଗୁଡ଼ିକ ହେଲା – ‘‘ସହବନ୍ଦୀ, ସହକର୍ମୀ, ଅଂଶୀଦାର ଓ ସହଭାଗୀ, ସହକାରୀ, ସହଶ୍ରମିକ, ସହବାସ’’ ।

ବର୍ଣ୍ଣବା, ଶୀଲା, ଲୂକ, ଏଣ୍ଡ୍ରୋନିକସ୍, ଜୁନିଆ, ତୀମଥି, ଲୁସିଅସ୍, ଯାଯୋନ୍, ସୋସିପାଟେର୍, ତୀତସ, କ୍ଲେମେନ୍ସ୍, ଏପାଫ୍ରା, ତୁଖିକ, ଆରିଷ୍ଟାର୍ଖ, ମାର୍କ, ୟୁଷ୍ଟସ୍, ଫିଲିମୋନ, ଆପ୍ପିଆ, ଆର୍କିପସ୍, ଦୀମା, କେତେକ ‘‘ଅନ୍ୟ ଭାଇମାନେ’’, ‘‘ସୁସମାଚାର କାର୍ଯ୍ୟରେ ମୋ ସଙ୍ଗେ ପରିଶ୍ରମ କରିଥିବା ମହିଳାମାନେ’’, ‘‘ସେହି ସହକର୍ମୀମାନେ ଯେଉଁମାନଙ୍କ ନାମ ଜୀବନ ପୁସ୍ତକରେ ଅଛି’’ ।

ଏହି ଆଦର୍ଶକୁ ଆମେ ଅନୁସରଣ କରିବାକୁ ହେବ । ଯେଉଁମାନେ ଆମ ସଙ୍ଗେ ମିଶି ସେବାକାର୍ଯ୍ୟ କରିଛନ୍ତି ଓ ଯେଉଁମାନେ ଆମ ଆଗରୁ ପରିଶ୍ରମ କରିଛନ୍ତି ସେମାନଙ୍କୁ ଆମେ ଚିହ୍ନିବା ଓ ସମ୍ମାନ ଦେବା ଉଚିତ । ଯେଉଁମାନେ ସମ୍ମାନ ପାଇବାକୁ ଯୋଗ୍ୟ ସେମାନଙ୍କୁ ଆମେ ସମ୍ମାନ ଦେବା ଉଚିତ ।

## ଅନ୍ୟମାନଙ୍କୁ ସଂଯୁକ୍ତ କରିବା ଦାୟିତ୍ୱ ଈଶ୍ୱରଙ୍କୁ ଦିଅନ୍ତୁ

*୧ ବଂଶାବଳୀ ୧୨:୧୬–୧୮, ୨୨, ୩୮*

*୧୬ ଆହୁରି ବିନ୍ୟାମୀନ ଓ ଯିହୁଦା–ସନ୍ତାନମାନଙ୍କ ମଧ୍ୟରୁ କେତେ ଲୋକ ଦୁର୍ଗସ୍ଥାନକୁ ଦାଉଦଙ୍କ*
*କତିକି ଆସିଲେ । ୧୭ ତହିଁରେ ଦାଉଦ ସେମାନଙ୍କୁ ଭେଟିବା ପାଇଁ ଯାଇ ଉତ୍ତର କରି କହିଲେ,*
*ଯେବେ ତୁମ୍ଭେମାନେ ନିର୍ବିରୋଧ ଭାବରେ ମୋହର ସାହାଯ୍ୟ କରିବା ପାଇଁ ମୋ'କତିକି*
*ଆସିଥାଅ, ତେବେ ମୋହର ଅନ୍ତଃକରଣ ତୁମ୍ଭମାନଙ୍କଠାରେ ସଂଯୁକ୍ତ ହେବ; ମାତ୍ର ମୋ'ହସ୍ତରେ*
*କୌଣସି ଦୌରାତ୍ମ୍ୟ ନଥିଲେ ହେଁ ଯେବେ ତୁମ୍ଭେମାନେ ମୋ'ଶତ୍ରୁମାନଙ୍କ ହସ୍ତରେ ମୋତେ*
*ସମର୍ପଣ କରିବାକୁ ଆସିଥାଅ, ତେବେ ଆମ୍ଭମାନଙ୍କ ପିତୃଗଣର ପରମେଶ୍ୱର ତାହା ଦେଖନ୍ତୁ*
*ଓ ଅନୁଯୋଗ କରନ୍ତୁ । ୧୮ ସେତେବେଳେ ତିରିଶ ଜଣଙ୍କ ମଧ୍ୟରେ ପ୍ରଧାନ ଅମାସୟ ଉପରେ*
*ଆତ୍ମା ଅଧିଷ୍ଠାନ କରନ୍ତେ, ସେ କହିଲା, ହେ ଦାଉଦ, ଆମ୍ଭେମାନେ ତୁମ୍ଭର, ହେ ଯିଶୀର*
*ପୁତ୍ର, ଆମ୍ଭେମାନେ ତୁମ୍ଭର ପକ୍ଷ; ତୁମ୍ଭର ମଙ୍ଗଳ ହେଉ, ଓ ତୁମ୍ଭ ସାହାଯ୍ୟକାରୀମାନଙ୍କର*
*ମଙ୍ଗଳ ହେଉ; କାରଣ ତୁମ୍ଭ ପରମେଶ୍ୱର ତୁମ୍ଭର ସାହାଯ୍ୟ କରନ୍ତି। ତହୁଁ ଦାଉଦ ସେମାନଙ୍କୁ*
*ଗ୍ରହଣ କରି ସେନାଦଳ ଉପରେ ସେମାନଙ୍କୁ ସେନାପତି କଲେ । ୨୨ ଦିନକୁ ଦିନ ଲୋକମାନେ*
*ଦାଉଦଙ୍କୁ ସାହାଯ୍ୟ କରିବାକୁ ଆସିଲେ, ତହିଁରେ ପରମେଶ୍ୱରଙ୍କ ସୈନ୍ୟ ତୁଲ୍ୟ ମହାସୈନ୍ୟ*
*ହେଲା । ୩୮ ଯୁଦ୍ଧ ସଜାଇବାକୁ ସମର୍ଥ ଏହି ସକଳ ଯୋଦ୍ଧା ସମ୍ପୂର୍ଣ୍ଣ ଅନ୍ତଃକରଣ ସହିତ ଦାଉଦଙ୍କୁ*
*ସମଗ୍ର ଇସ୍ରାଏଲ ଉପରେ ରାଜା କରିବା ପାଇଁ ହିବ୍ରୋଣକୁ ଆସିଲେ; ମଧ୍ୟ ଇସ୍ରାଏଲର*
*ଅବଶିଷ୍ଟ ସମସ୍ତେ ଦାଉଦଙ୍କୁ ରାଜା କରିବା ପାଇଁ ଏକଚିତ୍ତ ହେଲେ ।*

ଏହା ଏକ ପୁରାତନ ନିୟମର ଶାସ୍ତ୍ରାଂଶ ହୋଇଥିଲେ ମଧ୍ୟ ଈଶ୍ୱରଙ୍କ ଆତ୍ମାଙ୍କ କାର୍ଯ୍ୟ ସମ୍ବନ୍ଧରେ ଶିକ୍ଷାଲାଭ କରିବା ପାଇଁ ଏଠାରେ ଅତି ଚିତ୍ତାକର୍ଷକ ବିଷୟ ରହିଛି।

ଇସ୍ରାଏଲର ରାଜା ହେବା ପାଇଁ ଯେତେବେଳେ ଦାଉଦ ପ୍ରସ୍ତୁତ ହେଲେ ଈଶ୍ୱରଙ୍କ ଆତ୍ମା ଅନେକ ଲୋକମାନଙ୍କ ମଧ୍ୟରେ କାର୍ଯ୍ୟ କଲେ ଓ ସେମାନଙ୍କୁ ଦାଉଦଙ୍କ ନିକଟକୁ ଆସି ତାଙ୍କ ନେତୃତ୍ୱରେ ସେବା କରିବାକୁ ପ୍ରବୃତ୍ତି ଦେଲେ । ଏହି ଯୋଦ୍ଧାମାନେ ଯେତେବେଳେ ଦାଉଦଙ୍କ ନିକଟକୁ ଆସିବାକୁ ଲାଗିଲେ ସେ ପ୍ରଥମେ ଶଙ୍କା ପ୍ରକାଶ କରିଥିଲେ । କିନ୍ତୁ ପରେ ସେ ସେମାନଙ୍କୁ ଓ ଅନ୍ୟମାନଙ୍କୁ ସ୍ୱାଗତ କଲେ । ଅନେକ ଟାଣୁଆ ନେତା ଓ ଯୋଦ୍ଧା ଦାଉଦଙ୍କ ନିକଟକୁ ଆସିଲେ ଓ ସେ ଏକ ବିଶାଳ ସେନାବାହିନୀ ଗଠନ କରିପାରିଲେ ।

ପ୍ରଭୁ ଅନେକ ଲୋକଙ୍କୁ ଆମ ସଙ୍ଗେ ସଂଯୁକ୍ତ କରିଥାନ୍ତି । ସେମାନଙ୍କୁ ଆମେ ଚିହ୍ନିବା ଓ ସେମାନଙ୍କୁ ସ୍ୱାଗତ କରିବା ଉଚିତ । ଏହି ପ୍ରକାର ସମ୍ପର୍କସମୂହକୁ ଆମେ ସମ୍ମାନ ଦେବା, ଯତ୍ନ ସହକାରେ ସେମାନଙ୍କ ସଙ୍ଗେ ବ୍ୟବହାର କରିବା, ବୁଦ୍ଧିର ସହିତ ଆଚରଣ କରିବା ଏବଂ ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ପବିତ୍ର ଆତ୍ମାଙ୍କ ଚାଳନାରେ ସେମାନଙ୍କ ସହିତ ମିଶି କାର୍ଯ୍ୟ କରିବା ଉଚିତ ।

ଆମମାନଙ୍କୁ ଅବଶ୍ୟ ଭୁଲ ସଂଯୁକ୍ତିଗୁଡ଼ିକରୁ ଦୂରେଇ ରହିବାକୁ ହେବ । ମାଂସିକ ଆଗ୍ରହଯୁକ୍ତ ସଂଯୋଗ ରକ୍ଷା ନିମନ୍ତେ ଆସୁଥିବା ପ୍ରଲୋଭନକୁ ଆମେ ଏଡ଼ାଇ ଦେବା ଆବଶ୍ୟକ ।

## ଆମେ ଅନ୍ୟମାନଙ୍କ ବିଚାର କରିବା ଅନୁଚିତ

*ମାଥିଉ ୨୦:୧–୧୬*

*[୧]କାରଣ ସ୍ୱର୍ଗରାଜ୍ୟ ଏପରି ଜଣେ ଗୃହକର୍ତ୍ତାଙ୍କ ସଦୃଶ, ଯେ ପ୍ରଭାତ ହେବାମାତ୍ର ଆପଣା*
*ଦ୍ରାକ୍ଷାକ୍ଷେତ୍ରରେ ମୂଲିଆ ଲଗାଇବାକୁ ବାହାରିଗଲେ। [୨]ଆଉ, ସେ ମୂଲିଆମାନଙ୍କ ସହିତ*
*ଦିନକୁ ଆଠ ଅଣା ମୂଲ ଚୁକ୍ତି କରି ସେମାନଙ୍କୁ ଆପଣା ଦ୍ରାକ୍ଷାକ୍ଷେତ୍ରକୁ ପଠାଇଲେ। [୩]ପୁଣି,*
*ପ୍ରାୟ ନଅଟା ସମୟରେ ସେ ବାହାରିଯାଇ ବଜାରରେ ଅନ୍ୟମାନଙ୍କୁ ନିଷ୍କର୍ମା ହୋଇ ଠିଆ*
*ହୋଇଥିବା ଦେଖି ସେମାନଙ୍କୁ ମଧ୍ୟ କହିଲେ, [୪]ତୁମ୍ଭେମାନେ ସୁଦ୍ଧା ଦ୍ରାକ୍ଷାକ୍ଷେତ୍ରକୁ ଯାଅ, ପୁଣି*
*ଯାହା ନ୍ୟାଯ୍ୟ, ତାହା ତୁମ୍ଭମାନଙ୍କୁ ଦେବି, ଆଉ, ସେମାନେ ଗଲେ। [୫]ପୁନଶ୍ଚ ସେ ପ୍ରାୟ*
*ବାରଟା ଓ ତିନିଟା ସମୟରେ ବାହାରିଯାଇ ସେହି ପ୍ରକାର କଲେ। [୬]ପୁଣି, ପ୍ରାୟ ପାଞ୍ଚଟା*
*ସମୟରେ ସେ ବାହାରିଯାଇ ଆଉ କେତେକ ଜଣଙ୍କୁ ଠିଆ ହୋଇଥିବା ଦେଖି ସେମାନଙ୍କୁ*
*ପଚାରିଲେ, ତୁମ୍ଭେମାନେ କାହିଁକି ଏଠାରେ ଦିନଯାକ ନିଷ୍କର୍ମା ହୋଇ ଠିଆ ହୋଇଅଛ?*
*[୭]ସେମାନେ ତାହାଙ୍କୁ କହିଲେ, କାରଣ କେହି ଆମ୍ଭମାନଙ୍କୁ ମୂଲ ଲଗାଇ ନାହାନ୍ତି। ସେ*
*ସେମାନଙ୍କୁ କହିଲେ, ତୁମ୍ଭେମାନେ ମଧ୍ୟ ଦ୍ରାକ୍ଷାକ୍ଷେତ୍ରକୁ ଯାଅ। [୮]ପରେ ସନ୍ଧ୍ୟା ହୁଅନ୍ତେ,*
*ଦ୍ରାକ୍ଷାକ୍ଷେତ୍ରର କର୍ତ୍ତା ଆପଣା ବେବର୍ତ୍ତାଙ୍କୁ କହିଲେ, ମୂଲିଆମାନଙ୍କୁ ଡ଼ାକି ଶେଷ ଲୋକମାନଙ୍କଠାରୁ*
*ଆରମ୍ଭ କରି ପ୍ରଥମ ଲୋକମାନଙ୍କ ପର୍ଯ୍ୟନ୍ତ ମୂଲ ଦିଅ। [୯]ସେଥିରେ ଯେଉଁମାନେ ପ୍ରାୟ*
*ପାଞ୍ଚଟା ସମୟରେ ମୂଲ ଲଗାଯାଇଥିଲେ, ସେମାନେ ଆସି ଆଠ ଅଣା ଲେଖାଏଁ ପାଇଲେ।*
*[୧୦]ପୁଣି, ପ୍ରଥମେ ଲଗାଯାଇଥିବା ମୂଲିଆମାନେ ଆସି ଅଧିକ ପାଇବେ ବୋଲି ମନେ କଲେ,*
*ମାତ୍ର ସେମାନେ ମଧ୍ୟ ଆଠଅଣା ଲେଖାଏଁ ପାଇଲେ। [୧୧]କିନ୍ତୁ ତାହା ପାଇ ସେମାନେ ଗୃହକର୍ତ୍ତାଙ୍କ*
*ବିରୁଦ୍ଧରେ ବଚସା କରି କହିବାକୁ ଲାଗିଲେ, [୧୨]ଏହି ଶେଷର ଲୋକମାନେ ଘଣ୍ଟାଏମାତ୍ର*
*କାମ କଲେ, ଆଉ ଆମ୍ଭେମାନେ ଦିନ ଯାକ ଖଟି ଖଟି ଖରାରେ ଜଳିପୋଡ଼ି ଗଲେ ସୁଦ୍ଧା*
*ତୁମ୍ଭେ ସେମାନଙ୍କୁ ଆମ୍ଭମାନଙ୍କ ସମାନ କଲ। [୧୩]କିନ୍ତୁ ସେ ସେମାନଙ୍କ ମଧ୍ୟରୁ ଜଣକୁ ଉତ୍ତର*
*ଦେଲେ, ଭାଇ, ତୋ'ପ୍ରତି ମୁଁ ଅନ୍ୟାୟ କରୁ ନାହିଁ; ତୁ କଅଣ ମୋ'ସାଙ୍ଗରେ ଆଠଅଣିଟିଏ*
*ଚୁକ୍ତି କରି ନଥିଲୁ? [୧୪]ତୋର ଯାହା, ତାହା ଘେନି ଚାଲିଯା, କିନ୍ତୁ ଏହି ଶେଷ ଲୋକକୁ ସୁଦ୍ଧା*
*ତୋ'ପରି ଦେବା ପାଇଁ ମୋହର ଇଚ୍ଛା। [୧୫]ନିଜ ସମ୍ପତ୍ତିକି ନିଜ ଇଚ୍ଛାନୁସାରେ ବ୍ୟବହାର*
*କରିବାକୁ କଅଣ ମୋର ଅଧିକାର ନାହିଁ? ନା ମୁଁ ଦାନଶୀଳ ହେବାରୁ ତୁ ଈର୍ଷାଦୃଷ୍ଟି କରୁଅଛୁ?*
*[୧୬]ସେହିପରି ଶେଷରେ ଥିବା ଲୋକେ ପ୍ରଥମ ହେବେ ଓ ପ୍ରଥମରେ ଥିବା ଲୋକେ ଶେଷରେ*
*ପଡ଼ିବେ।*

ଈଶ୍ୱରଙ୍କ ରାଜ୍ୟର କାର୍ଯ୍ୟରେ କାହାକୁ ଈଶ୍ୱର ଉଠାଇବେ, କିପରି ସେ ସେମାନଙ୍କୁ ଅଭିଷିକ୍ତ କରିବେ ଓ କେଉଁ ପରିମାଣର କାର୍ଯ୍ୟ ସେ ସେମାନଙ୍କ ଉପରେ ନ୍ୟସ୍ତ କରିବେ ଏସବୁ ଈଶ୍ୱର ହିଁ ନିର୍ଦ୍ଧାରଣ କରିଥାନ୍ତି ।

ଈଶ୍ୱରଙ୍କ ରାଜ୍ୟରେ ଯେଉଁମାନେ ପରବର୍ତ୍ତୀ ସମୟରେ ଆସନ୍ତି ସେମାନେ ପୂର୍ବ ପୀଢ଼ି ସବୁର ଅନୁଗ୍ରହ, ପ୍ରକାଶନ ଓ ଅଭିଷେକକୁ ଅଧିକ କରି ଗଢ଼ିବା ପାଇଁ ଏବଂ ଶୀଘ୍ର ଅଧିକ ଅମଳ କରିବାର ସୁଯୋଗ ପାଇଥାନ୍ତି । ଏହାକୁ ଦେଖି ଆମେ ଆନନ୍ଦ କରିବା ଓ ସେମାନଙ୍କ ଜୀବନରେ ପ୍ରଭୁ ଯାହା କରନ୍ତି ତାକୁ ନେଇ ଆମେ ଖୁସୀ ହେବା ଉଚିତ ।

*ରୋମୀୟ ୧୪:୪*
*[୪]ତୁମ୍ଭେ କିଏ ଯେ ଅନ୍ୟର ଦାସର ବିଚାର କରୁଅଛ? ସେ ଆପଣା ପ୍ରଭୁ ନିକଟରେ ସ୍ଥିର ରୁହେ ବା ପତିତ ହୁଏ, ହଁ, ତାହାକୁ ସ୍ଥିର ରଖାଯିବ, କାରଣ ତାହାକୁ ସ୍ଥିର ରଖିବାକୁ ପ୍ରଭୁଙ୍କର ଶକ୍ତି ଅଛି ।*

*୧ କରିନ୍ଥୀ ୪:୫*
*[୫]ତେଣୁ, ସମୟର ପୂର୍ବେ ପ୍ରଭୁଙ୍କ ନ ଆସିବା ପର୍ଯ୍ୟନ୍ତ କୌଣସି ବିଷୟ ବିଚାର କର ନାହିଁ; ସେ ଅନ୍ଧକାରର ଗୁପ୍ତ ବିଷୟଗୁଡ଼ିକ ଆଲୋକରେ ଦେଖାଇବେ, ପୁଣି ହୃଦୟର ସଂକଳ୍ପସମସ୍ତ ପ୍ରକାଶ କରିବେ, ସେତେବେଳେ ପ୍ରତ୍ୟେକ ଜଣ ଈଶ୍ୱରଙ୍କଠାରୁ ପ୍ରଶଂସା ପାଇବ।*

ନିଜକୁ ଅନ୍ୟ ସେବକମାନଙ୍କ ସଙ୍ଗେ ତୁଳନା ନ କରନ୍ତୁ ।

ଅନ୍ୟ ସେବକମାନଙ୍କର ବିଚାର ନ କରନ୍ତୁ, ସେମାନେ କ'ଣ ପୁରସ୍କାର ପାଇବେ ତାହା ନିଜେ ସ୍ଥିର ନ କରନ୍ତୁ ।

## ପ୍ରତ୍ୟେକେ ଭିନ୍ନ ଭିନ୍ନ ଦାନ ପାଇଥାନ୍ତି

*୧ କରିନ୍ଥୀ ୧୨:୫-୭*
*[୫]ସେବା ବିଭିନ୍ନ ପ୍ରକାର, ଆଉ, ପ୍ରଭୁ ଏକ; [୬]କାର୍ଯ୍ୟ ବିଭିନ୍ନ ପ୍ରକାର, କିନ୍ତୁ ଈଶ୍ୱର ଏକ, ସେ ସମସ୍ତଙ୍କଠାରେ ସମସ୍ତ ସାଧନ କରନ୍ତି। [୭]କିନ୍ତୁ ପ୍ରତ୍ୟେକ ଜଣକୁ ଆତ୍ମାଙ୍କ ଗୁଣପ୍ରକାଶକ ଦାନ ସାଧାରଣ ହିତ ନିମନ୍ତେ ପ୍ରଦତ୍ତ ହୁଏ ।*

ପ୍ରତ୍ୟେକଙ୍କୁ ଭିନ୍ନ ଭିନ୍ନ ଦାନ ଦିଆଯାଇଥାଏ । ଏହାକୁ ବୁଝନ୍ତୁ ଏବଂ ଈଶ୍ୱର ପ୍ରତ୍ୟେକଙ୍କ ମାଧ୍ୟମରେ ଯେପରି କାର୍ଯ୍ୟ କରନ୍ତି ତାକୁ ସମ୍ମାନ ଦିଅନ୍ତୁ ।

ଏପରି ବିଭିନ୍ନତା ଯୋଗୁଁ ବିଚ୍ଛେଦ ପ୍ରାଚୀର ନିର୍ମାଣ ନ କରନ୍ତୁ ।

## ଦୁର୍ବଳମାନଙ୍କୁ ବୋଝଗ୍ରସ୍ତ କରନ୍ତୁ ନାହିଁ

*ରୋମୀ ୧୪:୧-୫*

*୧ବିଶ୍ୱାସରେ ଯେ ଦୁର୍ବଳ, ତା'କୁ ଗ୍ରହଣ କର, କିନ୍ତୁ ବିଭିନ୍ନ ମତ ସମ୍ବନ୍ଧରେ ତର୍କବିତର୍କ କରିବା ନିମନ୍ତେ ତାହା କର ନାହିଁ। ୨ସମସ୍ତ ପଦାର୍ଥ ଭୋଜନ କରିବା ନିମନ୍ତେ ଜଣେ ଲୋକର ବିଶ୍ୱାସ ଅଛି, କିନ୍ତୁ ଯେ ବିଶ୍ୱାସରେ ଦୁର୍ବଳ, ସେ କେବଳ ଶାକ ଭୋଜନ କରେ । ୩ଯେ ଭୋଜନ କରେ, ସେ ଭୋଜନ ନ କରିବା ଲୋକକୁ ତୁଚ୍ଛ ନ କରୁ; ପୁଣି ଯେ ଭୋଜନ କରେ ନାହିଁ ସେ ଭୋଜନ କରିବା ଲୋକର ବିଚାର ନକରୁ; କାରଣ ଈଶ୍ୱର ତାକୁ ଗ୍ରହଣ କରିଅଛନ୍ତି। ୪ତୁମ୍ଭେ କିଏ ଯେ ଅନ୍ୟର ଦାସର ବିଚାର କରୁଅଛ? ସେ ଆପଣା ପ୍ରଭୁ ନିକଟରେ ସ୍ଥିର ରହେ ବା ପତିତ ହୁଏ; ହଁ, ତାହାକୁ ସ୍ଥିର ରଖାଯିବ, କାରଣ ତାହାକୁ ସ୍ଥିର ରଖିବାକୁ ପ୍ରଭୁଙ୍କର ଶକ୍ତି ଅଛି। ୫ଜଣେ ଲୋକ ଏକ ଦିନ ଅପେକ୍ଷା ଅନ୍ୟ ଦିନକୁ ଅଧିକ ମାନ୍ୟ କରେ, ଆଉ ଜଣେ ସବୁ ଦିନକୁ ସମାନରୂପେ ମାନ୍ୟ କରେ। ପ୍ରତ୍ୟେକ ଲୋକ ଆପଣା ମନରେ ସ୍ଥିର ବୋଧ କରୁ ।*

ଅନେକ ବିଷୟ ରହିଛି ଯାହା ଉପରେ ବିତର୍କ ହେବା ଅନୁଚିତ । ଏପରି ପରିସ୍ଥିତିରେ ପ୍ରତ୍ୟେକେ ବ୍ୟକ୍ତିଗତ ମତ ପୋଷଣ କରି ଚାଲିବା ଉଚିତ । ସାମାନ୍ୟ ବିଷୟଗୁଡ଼ିକ ଆମ ମଧ୍ୟରେ ବିଭାଜନ ସୃଷ୍ଟି କରିବାକୁ ଆମେ ଅନୁମତି ଦେବା ଅନୁଚିତ।

## ରାଜ୍ୟରେ ଭାଗଦାରିର ମହତ୍ତ୍ୱ

***ଭାଗଦାରି କହିଲେ ବ୍ୟାବହାରିକ ଏକତା***

*ଗୀତ ୧୩୩:୧-୩*

*୧ଦେଖ, ଭାଇମାନେ ମିଳନରେ ଏକତ୍ର ବାସ କରିବା କିପରି ଉତ୍ତମ ଓ ମନୋହର। ୨ତାହା ମସ୍ତକରେ ବହୁମୂଲ୍ୟ ତୈଳ ସ୍ୱରୂପ, ଯାହା ଦାଢ଼ିରେ, ଅର୍ଥାତ୍ ହାରୋଣଙ୍କର ଦାଢ଼ିରେ ବହି ତାଙ୍କ ବସ୍ତ୍ରାଞ୍ଚଳରେ ପଡ଼ିଲା। ୩ତାହା ହର୍ମୋଣର ଶିଶିର ତୁଲ୍ୟ, ଯାହା ସିୟୋନର ପର୍ବତଗଣ ଉପରେ କ୍ଷରି ପଡ଼େ। କାରଣ ସଦାପ୍ରଭୁ ସେଠାରେ ଆଶିର୍ବାଦ, ହଁ, ଅନନ୍ତ ଜୀବନ ଆଜ୍ଞା କଲେ ।*

ଏକତା ସମ୍ପର୍କରେ ପାରମାର୍ଥିକ ଶିକ୍ଷାକୁ ବା ଏ ସମ୍ପର୍କିତ ଅବଧାରଣାକୁ ନେଇ ଆଲୋଚନା କରିବା ଅତି ସୁନ୍ଦର ମନେହୁଏ । ତେବେ ଆମେ ଅଂଶୀଦାର ହୋଇ ବା ଏକାଠି ହୋଇ ଯେତେବେଳେ କାର୍ଯ୍ୟ କରୁ ସେତେବେଳେ ଆମେ ଏକତାକୁ ଅଭ୍ୟାସ କରିଥାଉ । ଏକତା ଅଭିଷେକ ଓ ଆଶୀର୍ବାଦର ସ୍ଥାନ । ଭାଗଦାରି ଅର୍ଥାତ୍ ରାଜ୍ୟ ନିମନ୍ତେ ଏକତ୍ର କାର୍ଯ୍ୟ କରିବା ସେହି ଏକତାରେ ଆମେ ବଞ୍ଚିବାର ବ୍ୟାବହାରିକ ମାର୍ଗ ।

### *ଭାଗଦାରି ଶକ୍ତିଯୁକ୍ତ କରିଥାଏ*

*ଉପଦେଶକ ୪:୧୨*

*[12] ଯେବେ କେହି ଏକାକୀ ଥିବା ଲୋକକୁ ପରାସ୍ତ କରେ, ତେବେ ଦୁଇଜଣ ତାହାର ପ୍ରତିବାଧା କରିବେ; ପୁଣି, ତ୍ରିଗୁଣ ରଜ୍ଜୁ ଶୀଘ୍ର ଛିଣ୍ଡି ଯାଏ ନାହିଁ ।*

ଏକ ବିଭକ୍ତ ରାଜ୍ୟ କେବେ ସ୍ଥିର ହୋଇ ରହେ ନାହିଁ । ଅନ୍ୟ ପକ୍ଷରେ ଏକ ଐକ୍ୟବଦ୍ଧ ରାଜ୍ୟର ଶକ୍ତି ଅନେକ ଗୁଣ ବୃଦ୍ଧି ପାଇଥାଏ । ଏକ ଅପେକ୍ଷା ଦୁଇଜଣ ଭଲ । ତିନି ଜଣ ହେଲେ ଶକ୍ତିବୃଦ୍ଧି ହୋଇଥାଏ । ଆମେ ସମସ୍ତେ ଏକତାରେ ରହିଲେ ଶତ୍ରୁ ଆଗରେ ଆମେ ଅପରାଜେୟ ପ୍ରମାଣିତ ହୋଇଥାଉ ।

### *ଭାଗଦାରି ଦ୍ୱାରା ରାଜ୍ୟର ଉନ୍ନତି ହୋଇଥାଏ*

ଆମେମାନେ ବିଭାଜିତ ହୋଇଥିବା ଯୋଗୁଁ ଈଶ୍ୱରଙ୍କ ରାଜ୍ୟ ଅନେକ କ୍ଷେତ୍ରରେ ନିଶ୍ଚଳ, ଦୁର୍ବଳ, ପ୍ରଭାବଶୂନ୍ୟ ଓ ଶକ୍ତିହୀନ ହୋଇ ରହିଥାଏ । ଆମେ ଯେତେବେଳେ ରାଜ୍ୟର ମାନସିକତା ରଖି ଈଶ୍ୱରଙ୍କ ରାଜ୍ୟର ଅଗ୍ରଗତି ନିମନ୍ତେ ଏକଜୁଟ ହେବା ସେତେବେଳେ ପରିବର୍ତ୍ତନ ଆସିବ । ବର୍ତ୍ତମାନ ଯାହା ସବୁ ହାସଲ କରାଯାଇ ପାରିଛି ତା' ଅପେକ୍ଷା ବହୁତ କିଛି ଆମେ ରାଜ୍ୟର ଭାଗଦାରି ଦ୍ୱାରା ହାସଲ କରିପାରିବା ।

## ରାଜ୍ୟର ଭାଗଦାରିରେ ଯେଉଁସବୁ ବିଷୟ ପ୍ରତିବନ୍ଧକ ସାଜିଥାନ୍ତି

ରାଜ୍ୟର ଭାଗଦାରିର ବିକାଶରେ ଅନ୍ତରାୟ ସୃଷ୍ଟି କରୁଥିବା କେତେକ ବିଷୟ ନିମ୍ନରେ ଦିଆଗଲା ।

### *ମୋତେ ଓ ମୋର ସ୍ୱାର୍ଥଯୁକ୍ତ ମନୋଭାବ*

ଈଶ୍ୱରଙ୍କ ରାଜ୍ୟର 'ବଡ଼ ଛବି'କୁ ଯଦି ଆମେ ଦେଖୁ ନାହୁଁ, ଏବଂ ନିଜର ସ୍ୱାର୍ଥସାଧନରେ ବ୍ୟତିବ୍ୟସ୍ତ, ତେବେ ଆମେ ରାଜ୍ୟର ଭାଗଦାରିରେ ସାମିଲ୍ ହେବାକୁ ଅନିଚ୍ଛୁକ ଅଟୁ ।

### *''ଏଥିରେ ମୋ ପାଇଁ କ'ଣ ରହିଛି ?'' ମନୋଭାବ*

ଆମେ ଈଶ୍ୱରଦତ୍ତ କାର୍ଯ୍ୟର ଉତ୍ତମ ଭଣ୍ଡାରଘରିଆ ହେବାକୁ ହେବ, ତେବେ କୌଣସି ଭାଗଦାରିକୁ ଅଙ୍ଗୀକାର କଲାବେଳେ ''ଏଥିରେ ମୋ ପାଇଁ କ'ଣ ରହିଛି'' ମନୋଭାବ ରଖିବା ଅନୁଚିତ। ବେଳେବେଳେ ଆମେ ସିଧାସଳଖ କିଛି ଲାଭ ପାଇ ନଥାଉ, କିନ୍ତୁ ଈଶ୍ୱରଙ୍କ ରାଜ୍ୟ ଲାଭବାନ୍ ହୋଇଥାଏ ଯାହାକି ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ।

### *ତୁଳନା ଓ ପ୍ରତିଦ୍ୱନ୍ଦିତା*

ଆମେ ଯଦି ଅନ୍ୟ ସେବକମାନଙ୍କ ସଙ୍ଗେ ପ୍ରତିଦ୍ୱନ୍ଦିତା କରୁ, ସେମାନଙ୍କ ଅପେକ୍ଷା ଅଧିକ କିଛି କରିବାକୁ ଚାହୁଁ, ତେବେ ଏହା ରାଜ୍ୟର ପ୍ରକୃତ ଭାଗଦାରିରେ ପ୍ରତିବନ୍ଧକ ସୃଷ୍ଟି କରେ ।

### *ବିବାଦକୁ ଉତ୍ସାହିତ କରିବା – ଜ୍ଞାତସାରରେ ବା ଅଜ୍ଞାତ ଭାବରେ*

ଅନେକ ସମୟରେ ସେବକ ଭାବରେ ଆମେ ସାବଧାନତା ଅବଲମ୍ବନ କରି ନଥାଉ ଏବଂ ଆମର କଥା ଓ କାର୍ଯ୍ୟ ଦ୍ୱାରା ଖ୍ରୀଷ୍ଟଙ୍କ ଶରୀରରେ ଆମେ ବିବାଦକୁ ଉତ୍ସାହିତ କରିଥାଉ । ଅନ୍ୟ ସେବକମାନଙ୍କର ଆମେ ନିନ୍ଦା, ଚୁଗୁଲି କରୁ ଓ ସେମାନଙ୍କୁ ତୁଚ୍ଛଜ୍ଞାନ କରୁ। ଏହା ଦ୍ୱାରା ବିଭାଜନ ସୃଷ୍ଟି ହୁଏ, ଯା ଫଳରେ ରାଜ୍ୟ ଦୁର୍ବଳ ହୁଏ ଓ ଭାଗଦାରିରେ ବାଧା ସୃଷ୍ଟି ହୁଏ । ଯେଉଁମାନେ ଭାଇମାନଙ୍କ ମଧ୍ୟରେ କଳିର ମଞ୍ଜି ବୁଣନ୍ତି ଈଶ୍ୱର ଯେ ସେମାନଙ୍କୁ ଘୃଣା କରନ୍ତି ଏହା ଆମେ ଭୁଲି ଯାଉ ।

*ହିତୋପଦେଶ ୬:୧୬–୧୯*

*[୧୬]ଛଅଗୋଟି ବିଷୟକୁ ସଦାପ୍ରଭୁ ଘୃଣା କରନ୍ତି, ସପ୍ତବସ୍ତୁ ମଧ୍ୟ ତାହାଙ୍କର ଘୃଣାଯୋଗ୍ୟ। [୧୭]ଅହଙ୍କାର –ଦୃଷ୍ଟି, ମିଥ୍ୟାବାଦୀ ଜିହ୍ୱା ଓ ନିର୍ଦ୍ଦୋଷର ରକ୍ତପାତକାରୀ–ହସ୍ତ, [୧୮]ଅନିଷ୍ଟଚିନ୍ତକ ଅନ୍ତଃକରଣ, କୁକର୍ମ କରିବାକୁ ବେଗଗାମୀ ଚରଣ; [୧୯]ମିଥ୍ୟାସାକ୍ଷୀ ଯେ ମିଥ୍ୟା କହେ ଓ ଯେ ଭାଇମାନଙ୍କ ମଧ୍ୟରେ କଳିର ବୀଜ ବୁଣଇ ।*

### *ଛଳନାପୂର୍ଣ୍ଣ ଭାଗଦାରି*

ଅନେକ ସମୟରେ ଆମେ ଠିକ୍ କଥାବାର୍ତ୍ତା କରିଥାଉ ଓ ମିଳିମିଶି କାର୍ଯ୍ୟ କରିବାର ପ୍ରତିଜ୍ଞା କରିଥାଉ, କିନ୍ତୁ ବାସ୍ତବ କ୍ଷେତ୍ରରେ ଭାଗଦାରି କାର୍ଯ୍ୟରେ କରି ନଥାଉ । ଆମେ ଛଳନା କରିଥାଉ, ପ୍ରକୃତରେ କାର୍ଯ୍ୟ କରି ନଥାଉ । କେବଳ ବାକ୍ୟବୀର ହୋଇ ସନ୍ତୁଷ୍ଟ ରହି କର୍ମ ନ କରିବା ଦ୍ୱାରା ଆମେ ବାସ୍ତବ ରାଜ୍ୟ ଭାଗଦାରି ପ୍ରତି ପ୍ରତିବନ୍ଧକ ସୃଷ୍ଟି କରିଥାଉ ଓ ପ୍ରଗତି ଦେଖି ପାରି ନଥାଉ ।

# ବ୍ୟକ୍ତିଗତ ପ୍ରୟୋଗ

ପ୍ରଶ୍ନ ୧. ଆପଣ ରାଜ୍ୟ ମନୋଭାବାପନ୍ନ ଅଟନ୍ତି କି ? ବ୍ୟକ୍ତିଗତ ସେବାକାର୍ଯ୍ୟର ଅଭିବୃଦ୍ଧି ପ୍ରତି କମ୍ ଗୁରୁତ୍ୱ ଦେଇ ଆପଣ ଈଶ୍ୱରଙ୍କ ରାଜ୍ୟର ଅଗ୍ରଗତିକୁ ପ୍ରାଧାନ୍ୟ ଦିଅନ୍ତି କି ?

ପ୍ରଶ୍ନ ୨. ଅନ୍ୟାନ୍ୟ ସେବକଙ୍କ ସହିତ ଓ ସେବାକାର୍ଯ୍ୟସବୁ ସହିତ ମିଶି ଶ୍ରମ ନ କରିବାକୁ ବା ଅଂଶୀଦାର ହୋଇ କାର୍ଯ୍ୟ ନ କରିବାକୁ କେଉଁସବୁ ବିଷୟ ଆପଣଙ୍କୁ ଅଟକାଉଛି ? ଏଥିରୁ ଆପଣ କିପରି ବାହାରି ଆସିବେ ?

## ଅଷ୍ଟମ ଅଧ୍ୟାୟ

# ନଗରସ୍ଥିତ ମଣ୍ଡଳୀ ଦ୍ୱାରା ଈଶ୍ୱରଙ୍କ ରାଜ୍ୟ ସଂସ୍ଥାପନ

ଅତଏବ, ତୁମ୍ଭେମାନେ ଏହି ପ୍ରକାରେ ପ୍ରାର୍ଥନା କର, ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥପିତା, ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ, ତୁମ୍ଭର ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ । (ମାଥିଉ ୬:୯,୧୦)



# ୮
# ନଗରସ୍ଥିତ ମଣ୍ଡଳୀ ଦ୍ୱାରା ଈଶ୍ୱରଙ୍କ ରାଜ୍ୟ ସଂସ୍ଥାପନ

ନଗରଗୁଡ଼ିକ ବହୁସଂଖ୍ୟକ ଲୋକଙ୍କର ବସତିସ୍ଥାନ ହୋଇଥାଏ । ନଗରସ୍ଥିତ ଲୋକମାନଙ୍କ ନିକଟରେ ପହଞ୍ଚିବା ଓ ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ନଗରକୁ ପରିବର୍ତ୍ତନ କରିବା ନଗରସ୍ଥିତ ମଣ୍ଡଳୀଗୁଡ଼ିକର ଦାୟିତ୍ୱ ହୋଇଥାଏ । ନଗରସ୍ଥିତ ମଣ୍ଡଳୀଗୁଡ଼ିକ କହିଲେ ନଗରସ୍ଥ ଖ୍ରୀଷ୍ଟଙ୍କ ଶରୀରକୁ ବୁଝାଏ ଅର୍ଥାତ୍ ସ୍ଥାନୀୟ ମଣ୍ଡଳୀ ସବୁରେ ଯୋଗଦେଉଥିବା ବିଶ୍ୱାସୀମାନଙ୍କର ସମାହାରକୁ ବୁଝାଏ ।

ନଗରସ୍ଥ ଖ୍ରୀଷ୍ଟୀୟ ସେବକଗଣ, ଖ୍ରୀଷ୍ଟୀୟ ନେତୃବୃନ୍ଦ ଓ ବିଶ୍ୱାସୀବର୍ଗ ନିଜ ନଗରରେ ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧୀୟ ଦର୍ଶନ ଓ ଜ୍ଞାନ ପ୍ରାପ୍ତ ହେବାକୁ ହେବ ଏବଂ ସେମାନଙ୍କ ନିଜର ମଣ୍ଡଳୀ ଓ ଖ୍ରୀଷ୍ଟୀୟ ସଂଗଠନର ଆଗକୁ ସେମାନେ ଦୂରଦୃଷ୍ଟି କରିବାକୁ ହେବ ।

## ଏକତା ନିମନ୍ତେ ଆହ୍ୱାନ : ଏକ ଶରୀର – ଅନେକ ମଣ୍ଡଳୀ

*ଆମ ପ୍ରଭୁ ଯୀଶୁ ପ୍ରାର୍ଥନା କଲେ : ''ଯେପରି ସେମାନେ ସମସ୍ତେ ଏକ ହୁଅନ୍ତି; ହେ ପିତା, ତୁମ୍ଭେ ଯେ ପ୍ରକାରେ ମୋ'ଠାରେ ଅଛ ଓ ମୁଁ ତୁମ୍ଭଠାରେ ଅଛି, ସେମାନେ ମଧ୍ୟ ସେ ପ୍ରକାରେ ଆମ୍ଭମାନଙ୍କଠାରେ ରୁହନ୍ତୁ, ଯେପରି ତୁମ୍ଭେ ମୋତେ ପ୍ରେରଣ କଲ ବୋଲି ଜଗତ ବିଶ୍ୱାସ କରେ'' (ଯୋହନ ୧୭:୨୧) ।*

ନଗରସ୍ଥିତ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ମଣ୍ଡଳୀ ଯାହାକି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ଓ ତାହାଙ୍କୁ ଏକମାତ୍ର ତ୍ରାଣକର୍ତ୍ତା ଓ ପ୍ରଭୁ ବୋଲି ଗ୍ରହଣ କରିଥିବା ସମସ୍ତ ଲୋକଙ୍କୁ ନେଇ ଗଠିତ ତାହା ଏକ ଶରୀର ବିଶିଷ୍ଟ ଅଟେ । ଯଦିବା ଆମେ ବିଭିନ୍ନ ସ୍ଥାନୀୟ ମଣ୍ଡଳୀରୁ ଆସିଛୁ ଏବଂ ଆମମାନଙ୍କର ଉପାସନାର ପଦ୍ଧତି, ଅଭିବ୍ୟକ୍ତି ଓ ଶୈଳୀ ଭିନ୍ନ ଭିନ୍ନ ପ୍ରକାରର ହୋଇପାରେ, ଆମେମାନେ ଏକ ଶରୀର ସ୍ୱରୂପ, ଏକ ମାତ୍ର ନଗରସ୍ଥିତ ମଣ୍ଡଳୀ ଅଟୁ । ନଗରରେ ରାଜ୍ୟର ବିସ୍ତାର କାର୍ଯ୍ୟରେ ଏବଂ ପରସ୍ପର ପ୍ରତି ଆମର ପ୍ରେମ, ଏକତା ଓ

ସାହାଯ୍ୟ ପ୍ରକାଶ କଲାବେଳେ ଆମେ ଆତ୍ମାଙ୍କର ଏକତା ଓ ସହଭାଗିତାରେ ଐକ୍ୟବଦ୍ଧ ରହିବା ଗୁରୁତ୍ୱପୂର୍ଣ୍ଣ ବିଷୟ । ତା' ହେଲେ ଆମ ନଗରର ଲୋକେ ଯୀଶୁଙ୍କୁ ବାସ୍ତବରୂପେ ଦେଖିବେ ଓ ଆମମାନଙ୍କ ପରି ତାଙ୍କଠାରେ ବିଶ୍ୱାସ କରିବେ ।

ନଗରସ୍ଥ ମଣ୍ଡଳୀ ବିଶ୍ୱାସୀମାନଙ୍କର ଏକ ବିସ୍ତୃତ ସମ୍ପ୍ରଦାୟ ରୂପେ ବିକଶିତ ହେବା ସଙ୍ଗେ ସଙ୍ଗେ ପ୍ରକୃତ ଏକତା, ପ୍ରେମ, ସହଭାଗିତା ଓ ଭାଗଦାରି ମାଧ୍ୟମରେ ଖ୍ରୀଷ୍ଟଙ୍କଠାରେ ଥିବା ଆମର ଏକତାକୁ ବ୍ୟାବହାରିକ ଭାବରେ ପ୍ରଦର୍ଶନ କରିବାକୁ ହେବ, ଯେପରି ''ଜଗତ ବିଶ୍ୱାସ କରେ'' ।

ନଗରସ୍ଥ ମଣ୍ଡଳୀ ଭାଗଦାରି ମାଧ୍ୟମରେ ଅର୍ଥପୂର୍ଣ୍ଣ ଭାବରେ ସମ୍ପୂର୍ଣ୍ଣ ନଗରକୁ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରି ସମସ୍ତଙ୍କୁ ଶିଷ୍ୟ/ଶିଷ୍ୟା କରିବାର ପ୍ରୟାସ କରିବାକୁ ହେବ ଯେପରି ନଗରଟି ପ୍ରତ୍ୟେକ କ୍ଷେତ୍ରରେ (ଆତ୍ମିକ, ସାମାଜିକ, ବଜାରସ୍ଥାନ, ଶାରୀରିକ, ଇତ୍ୟାଦି) ପରିବର୍ତ୍ତିତ ହୁଏ ।

ଆମର ସାଧାରଣ ମୂଳଦୁଆ:

- ଆମେ ସମସ୍ତେ ଏକ ଶରୀର ସ୍ୱରୂପ, ଏକମାତ୍ର ନଗରସ୍ଥ ମଣ୍ଡଳୀ, ଯଦିବା ଆମେମାନେ ବିଭିନ୍ନ ସ୍ଥାନୀୟ ମଣ୍ଡଳୀର ସଭ୍ୟସଭ୍ୟା ଅଟୁ ।
- ଆମେମାନେ ଯୀଶୁଖ୍ରୀଷ୍ଟଙ୍କ ପ୍ରଭୁତ୍ୱ ପ୍ରତି ସମର୍ପିତ ଅଟୁ ଏବଂ ପ୍ରଥମେ ତାହାଙ୍କର ରାଜ୍ୟ ଆମେ ଅନ୍ୱେଷଣ କରୁ ଓ ଆମର ନଗରରେ ତାହାଙ୍କ ଇଚ୍ଛା ଯେପରି ସଫଳ ହୁଏ ତାହା ଆମେ ଚାହୁଁ ।
- ଆମେମାନେ ପରସ୍ପରକୁ ସମାଦର, ଶ୍ରଦ୍ଧା, ସାହାଯ୍ୟ କରୁ ଓ ପରସ୍ପର ଅଂଶୀ ହୋଇ ନଗରରେ ତାହାଙ୍କ ରାଜ୍ୟର ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟ କରୁ ।

## ନେତୃତ୍ୱକୁ ଆରମ୍ଭ କରିବା

ନଗରସ୍ଥ ମଣ୍ଡଳୀ ଯେପରି ଏକତା ଓ ସହଭାଗିତାରେ ନିକଟବର୍ତ୍ତୀ ହୁଏ ସେଥିପାଇଁ ଆମକୁ ଖ୍ରୀଷ୍ଟୀୟ ନେତୃତ୍ୱକୁ ନିକଟକୁ ଆଣିବାକୁ ହେବ । ନଗରରେ ଖ୍ରୀଷ୍ଟୀୟ ନେତାମାନେ ଯେହେତୁ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଥାନ୍ତି, ଶରୀରର ସବୁ ଅଂଶ ମଧ୍ୟ ବିଚ୍ଛିନ୍ନ ରହିଥାନ୍ତି । ସ୍ଥାନୀୟ ମଣ୍ଡଳୀରେ ଉତ୍ତମ ନେତାଗଣ ରହିଥାଇ ପାରନ୍ତି ଓ ନଗରରେ ଅନେକ ଖ୍ରୀଷ୍ଟୀୟ

ସଂଗଠନଗୁଡ଼ିକ (ଉପ-ମଣ୍ଡଳୀ ସଂଗଠନ, ଖ୍ରୀଷ୍ଟୀୟ ସ୍ୱେଚ୍ଛାସେବୀ ସଂଗଠନ) କାର୍ଯ୍ୟ କରୁଥାନ୍ତି, କିନ୍ତୁ ସେମାନେ ପ୍ରାୟତଃ କେବେ ମିଳିତ ହୁଅନ୍ତି ନାହିଁ କିଅବା ଅଧିକ ସମୟ ଦେଇ ପରସ୍ପର ଆଲୋଚନା କରି ନଥାନ୍ତି । ପରସ୍ପରର ନାମ ଓ ସଂଗଠନଗୁଡ଼ିକର ନାମ ଜାଣିବା ବ୍ୟତୀତ ନେତାମାନଙ୍କ ମଧ୍ୟରେ ପ୍ରାୟତଃ କୌଣସି ସମ୍ପର୍କ ନ ଥାଏ ।

ଏଣୁ, ନଗରସ୍ଥ ମଣ୍ଡଳୀ ଏକ ହେବା ନିମନ୍ତେ ନଗରର ଖ୍ରୀଷ୍ଟୀୟ ନେତୃବୃନ୍ଦଙ୍କ ମଧ୍ୟରେ ନିର୍ଭରତା, ସମ୍ମାନ, ସହଭାଗିତା ଓ ଅଂଶୀ ହେବାର ସୁସମ୍ପର୍କ ଗଢ଼ିତୋଳିବା ଦିଗରେ ଆମେ ପ୍ରଥମେ ପ୍ରୟାସ କରିବାକୁ ହେବ ।

*ମାସିକ ଗୋଲ୍‌ଟେବୁଲ୍ ଆଲୋଚନା*

ଏହା କରିବାର ଗୋଟିଏ ରାସ୍ତା ହେଉଛି ନିୟମିତ ଭାବରେ ପ୍ରତ୍ୟେକ ମାସ ପାଳକ, ଖ୍ରୀଷ୍ଟୀୟ ନେତା ଓ ବଜାର ସ୍ଥାନରେ ରହୁଥିବା ଖ୍ରୀଷ୍ଟୀୟ ନେତାମାନଙ୍କୁ ନେଇ ଏକାଠି କରିବା, ସହଭାଗିତା କରିବା, ପରସ୍ପର ପ୍ରତିକ୍ରିୟା କରିବା, ପ୍ରାର୍ଥନା କରିବା, ଶିକ୍ଷାଲାଭ କରିବା ଓ ଅଧିକ ଜାଣିବା । ଏହି ମିଟିଂସବୁ ମହାସଭା ଢ଼ଙ୍ଗରେ ହେବା ଅନୁଚିତ, ଯେଉଁଥିରେ ଲୋକେ ଯୋଗ ଦିଅନ୍ତି, ପ୍ରଚାରିତ ବାକ୍ୟ ଶୁଣନ୍ତି ଓ ସହଭାଗିତାରେ କିଛି ସମୟ ବିତାଇ ଚାଲି ଯାଆନ୍ତି । ପ୍ରତ୍ୟେକ ଜଣ ଯେତେବେଳେ ନିଜର ମତବ୍ୟକ୍ତ କରନ୍ତି, ଆଲୋଚନାରେ ଭାଗ ନିଅନ୍ତି ଓ ପ୍ରତିକ୍ରିୟା ପ୍ରକାଶ କରନ୍ତି ସେତେବେଳେ ଏହା ପ୍ରଭାବଶାଳୀ ହୋଇଥାଏ । ଗୋଲ୍‌ଟେବୁଲ୍ ଆଲୋଚନାରେ ନେତାମାନେ କ୍ଷୁଦ୍ର କ୍ଷୁଦ୍ର ଦଳରେ ବିଭକ୍ତ ହୋଇ କୌଣସି ଏକ ବିଷୟରେ ଆଲୋଚନା କରନ୍ତି, ତାପରେ ସେମାନଙ୍କ ଆଲୋଚନାର ସାରାଂଶକୁ ଅନ୍ୟମାନଙ୍କୁ ଅବଗତ କରାନ୍ତି, ଯା'ଫଳରେ ମିଟିଂଟି ଶିକ୍ଷାପ୍ରଦ ହୋଇଥାଏ ଓ ପରସ୍ପରକୁ ସୁସଜ୍ଜିତ କରିଥାଏ। ଉପାସନା ଏବଂ ଏକତ୍ର ହୋଇ ପରସ୍ପର ନିମନ୍ତେ ପ୍ରାର୍ଥନା କରିବା ପାଇଁ ଅଧିକ ସମୟ ଦେବାକୁ ହେବ । ଏହିପରି ପରିବେଶରେ ଈଶ୍ୱର କାର୍ଯ୍ୟ କରନ୍ତି ଏବଂ ନେତାମାନଙ୍କ ହୃଦୟ ଓ ମନକୁ ପରିବର୍ତ୍ତନ କରନ୍ତି ।

## ନଗରର ପରିବର୍ତ୍ତନ ପାଇଁ ଭାଗଦାରି

ନଗରର ପରବର୍ତ୍ତନ ଯେପରି ସବୁ କ୍ଷେତ୍ରରେ (ଆତ୍ମିକ, ସାମାଜିକ, ବଜାରସ୍ଥାନ ଓ ଶାରୀରିକ ପରବର୍ତ୍ତନ) ସମ୍ଭବ ହୋଇପାରିବ ଏଥିପାଇଁ ଉଦ୍ୟମ କରିବା ନିମନ୍ତେ ମଣ୍ଡଳୀ ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟଗୁଡ଼ିକ ମଧ୍ୟରେ ଭାଗଦାରି, ସହୋଦ୍ୟମ ଓ ସହଯୋଗ ବଢ଼ାଇବା ପାଇଁ ଆମେ ମିଳିତ ହୋଇ କାର୍ଯ୍ୟ କରିବାକୁ ହେବ ।

ଆମମାନଙ୍କ ଭାଗଦାରି ସାମୟିକ କାର୍ଯ୍ୟକ୍ରମ ଓ ଏକାଠି ହୋଇ ଆଲୋଚନା କରିବାରେ ସୀମିତ ନ ରହି ଆଗକୁ ବଢ଼ିବା ଏବଂ ସମସ୍ତ ମଣ୍ଡଳୀ ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟଗୁଡ଼ିକ ମଧ୍ୟରେ ନିରବିଚ୍ଛନ୍ନ ଭାଗଦାରୀ ଓ ସହୋଦ୍ୟମ ଜାରି ରହିବା ଉଚିତ ।

ରାଜ୍ୟ ମନୋଭାବାପନ୍ନ ଖ୍ରୀଷ୍ଟିୟାନ ନେତା ଭାବରେ ଆମେ ଅନେକ ବିଷୟ ମିଳିତ ଭାବରେ କରିପାରିବା :

(କ) ନଗରରେ ଚାଲୁ ରହିଥିବା କାର୍ଯ୍ୟଗୁଡ଼ିକ ନିମନ୍ତେ ଭାଗଦାରିକୁ ଉତ୍ସାହିତ କରିବା।

(ଖ) ଅନେକ ମଣ୍ଡଳୀ ଓ ଖ୍ରୀଷ୍ଟୀୟ ସଂଗଠନଗୁଡ଼ିକ ଭାଗଦାରି ମାଧ୍ୟମରେ ନୂତନ କାର୍ଯ୍ୟ କରିବାକୁ ଯେଉଁସବୁ ଯୋଜନା କରିଛନ୍ତି ତାହା ଆରମ୍ଭ କରିବା ଓ ତାହା ତଦାରଖ କରିବା ।

### *(କ) ନଗରରେ ଚାଲୁରହିଥିବା କାର୍ଯ୍ୟଗୁଡ଼ିକ ନିମନ୍ତେ ଭାଗଦାରୀକୁ ଉତ୍ସାହିତ କରିବା*

(i) ବିଭିନ୍ନ ମଣ୍ଡଳୀଗୁଡ଼ିକ ଚାଲୁରଖିଥିବା ଅନୁରୂପ କାର୍ଯ୍ୟକ୍ରମଗୁଡ଼ିକ (ଉଦାହରଣ: ଗରିବମାନଙ୍କୁ ଭୋଜନ କରାଇବା, ବସ୍ତି ଅଞ୍ଚଳରେ ସୁସମାଚାର କାର୍ଯ୍ୟ, ବଜାର ଅଞ୍ଚଳରେ ରହୁଥିବା ବିଶ୍ୱାସୀମାନଙ୍କୁ ଦୃଢ଼ କରିବା) ମିଳିତ ଭାବରେ କରିପାରିବେ ଯଦ୍ଦ୍ୱାରା ଏହା ଅଧିକ ଦୃଢ଼, ପ୍ରଭାବଶାଳୀ, ଇତ୍ୟାଦି ହୋଇ ପାରିବ । ପାଳକମାନଙ୍କର ଯଥାର୍ଥ ସହଯୋଗକ୍ରମେ ଏବଂ ବିଶ୍ୱାସୀମାନେ ଏହାଦ୍ୱାରା ଗୋଟିଏ ଅନ୍ୟ ମଣ୍ଡଳୀକୁ ସଭ୍ୟପଦ ସ୍ଥାନାନ୍ତରିତ କରିବେ ନାହିଁ ବୋଲି ବୁଝାମଣାର ସହିତ ଏହା କରିବାକୁ ହେବ ।

(ii) ସେହିପରି, ଯଦି ମଣ୍ଡଳୀମାନେ ଯେଉଁସବୁ କାର୍ଯ୍ୟକ୍ରମ କରନ୍ତି, ଖ୍ରୀଷ୍ଟୀୟ ସଂଗଠନଗୁଡ଼ିକ (ଉପ-ମଣ୍ଡଳୀ ସଂଗଠନ, ଖ୍ରୀଷ୍ଟୀୟ ସ୍ୱେଚ୍ଛାସେବୀ ସଂଗଠନ) ମଧ୍ୟ ସେହିସବୁ କାର୍ଯ୍ୟକ୍ରମ

କରନ୍ତି, ତେବେ ମିଳିତ ଭାବରେ ସେହିସବୁ କାର୍ଯ୍ୟକ୍ରମ କରାଯାଇପାରିବ । ଉଦାହରଣ ସ୍ୱରୂପ, ଯଦି ୫ଟି ମଣ୍ଡଳୀର ବିବାହ ସମ୍ବନ୍ଧୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି ଏବଂ ୩ଟି ଖ୍ରୀଷ୍ଟୀୟ ସଂଗଠନ ମଧ୍ୟ ସେହି କାର୍ଯ୍ୟ କରନ୍ତି, ତେବେ ସେମାନେ ମିଳିତ ଭାବରେ ବିବାହ ସେବାକାର୍ଯ୍ୟ କରି ସେମାନଙ୍କ ମଣ୍ଡଳୀଗୁଡ଼ିକର ଓ ନଗରସ୍ଥ ଖ୍ରୀଷ୍ଟଙ୍କ ଶରୀରର ସେବା କରିପାରିବେ ।

(iii) ''ଧନୀ'' ମଣ୍ଡଳୀଗୁଡ଼ିକୁ ଉତ୍ସାହିତ କରନ୍ତୁ ଯେପରି ସେମାନେ ''ଗରିବ'' ମଣ୍ଡଳୀଗୁଡ଼ିକୁ ବିଭିନ୍ନ ଉପକରଣ, ଇତ୍ୟାଦି କିଣିବା ନିମନ୍ତେ ଆର୍ଥିକ ସହାୟତା ଦେବେ ।

(iv) ପରିପକ୍ୱ ମଣ୍ଡଳୀଗୁଡ଼ିକୁ ଉତ୍ସାହିତ କରନ୍ତୁ ଯେପରି ସେମାନେ ଅପେକ୍ଷାକୃତ ନୂତନ ମଣ୍ଡଳୀଗୁଡ଼ିକୁ ସୁଶିକ୍ଷିତ ଓ ସୁସଜ୍ଜିତ (ଆତ୍ମିକ ଭାବରେ, ସାଂଗଠନିକ ଭାବରେ, ଇତ୍ୟାଦି) କରିବେ ।

**ଆହ୍ୱାନ**

(i) ପାଳକ ଓ ବିଶ୍ୱାସୀମାନଙ୍କ ମଧ୍ୟରେ ରାଜ୍ୟ ମାନସିକତା ବିକଶିତ କରିବାକୁ ହେବ – ଏହାଦ୍ୱାରା ଆମେ ଆମ ନିଜ ନିଜ ମଣ୍ଡଳୀର ସଭ୍ୟମାନଙ୍କୁ ହରାଇବାର ଭୟ ନ ରଖି ମିଳିତଭାବେ କାର୍ଯ୍ୟ କରିବା ଏବଂ ଆମେ ମଧ୍ୟ ଆସ୍ଥା ରଖିବା ଯେ ବିଭିନ୍ନ ପାଳକ ଏହି ପ୍ରକ୍ରିୟା ମଧ୍ୟରେ କୌଣସି ସଭ୍ୟଙ୍କୁ ନିଜ ମଣ୍ଡଳୀକୁ ଆକର୍ଷିତ କରିବେ ନାହିଁ । ନେତାଗଣ ଓ ବିଶ୍ୱାସୀବର୍ଗଙ୍କ ମଧ୍ୟରେ ରାଜ୍ୟ ମାନସିକତା ଓ ଅନୁରକ୍ତି ଉତ୍ପନ୍ନ କରିବା ଦିଗରେ ଆମେ କାର୍ଯ୍ୟ କରିବାକୁ ହେବ ।

(ii) ଆମେ ମଧ୍ୟ ନିଶ୍ଚିତ କରିବା ଯେ ଭାଗଦାରି ମାଧ୍ୟମରେ ପରସ୍ପର କାର୍ଯ୍ୟ କରିବା ସତ୍ତ୍ୱେ ସ୍ଥାନୀୟ ମଣ୍ଡଳୀ ଓ ମଣ୍ଡଳୀ ବାହାରର ଖ୍ରୀଷ୍ଟୀୟ ସଂଗଠନ ଗୁଡ଼ିକର ଦର୍ଶନ ଓ ମିଶନ୍ ଯେପରି ସଫଳ ହୁଏ । ଏହା ଯୋଜନା ମଧ୍ୟରେ ଅନ୍ତର୍ଭୁକ୍ତ ରହିବା ଉଚିତ ଯେପରି ମଣ୍ଡଳୀସମୂହ ଓ ଅନ୍ୟାନ୍ୟ ସେବାକାର୍ଯ୍ୟ ମିଳିତଭାବେ କାର୍ଯ୍ୟ କଲାବେଳେ ଉଭୟ ସ୍ଥାନୀୟ ମଣ୍ଡଳୀଗୁଡ଼ିକ, ଖ୍ରୀଷ୍ଟୀୟ ସେବାକାର୍ଯ୍ୟଗୁଡ଼ିକ ଓ ସାମଗ୍ରିକ ନଗରସ୍ଥ ମଣ୍ଡଳୀ ଲାଭବାନ୍ ହୁଅନ୍ତି ।

***(ଖ) ଅନେକ ମଣ୍ଡଳୀ ଓ ଖ୍ରୀଷ୍ଟୀୟ ସଂଗଠନଗୁଡ଼ିକ ଭାଗଦାରିରେ ଯେଉଁସବୁ ନୂତନ କାର୍ଯ୍ୟ କରିବାକୁ ଯୋଜନା କରିଛନ୍ତି ତାହା ଆରମ୍ଭ ଓ ତଦାରଖ କରନ୍ତୁ***

(i) ବିଭିନ୍ନ ମଣ୍ଡଳୀ ଓ ଖ୍ରୀଷ୍ଟୀୟ ସଂଗଠନଗୁଡ଼ିକ, ଯେଉଁମାନଙ୍କର ମିଳିତ ହୋଇ କାର୍ଯ୍ୟ କରିବା ଉପରେ ସ୍ପଷ୍ଟ ଜ୍ଞାନ ରହିଛି ସେମାନେ ଭାଗଦାରି ମାଧ୍ୟମରେ କାର୍ଯ୍ୟ କରିବାର ବିଭିନ୍ନ ନୂତନ ସୁଯୋଗ ସୃଷ୍ଟି କରନ୍ତୁ ଯେପରି ଏହାଦ୍ୱାରା ନଗରରେ ଅଧିକ ପ୍ରଭାବ ପଡ଼ିବ । ଉଦାହରଣ ସ୍ୱରୂପ: ସାହିମାନଙ୍କରେ ବୁଲୁଥିବା ପିଲାମାନଙ୍କୁ ଉଦ୍ଧାର କରି, ସେମାନଙ୍କୁ ଆଶ୍ରୟସ୍ଥାନ ଦେବା ଓ ସେମାନଙ୍କ ଯତ୍ନତତ୍ତ୍ୱ ନେବା, ସେମାନଙ୍କୁ ଶିକ୍ଷିତ କରାଇବା ଓ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ କରିବାର ନୂତନ ସୁଯୋଗ ସୃଷ୍ଟି କରନ୍ତୁ । ଅନେକ ମଣ୍ଡଳୀ ଓ ଖ୍ରୀଷ୍ଟୀୟ ସଂଗଠନଗୁଡ଼ିକ ଏଥିରେ ସହଯୋଗ କରି ଏହାକୁ ଏକ ବୃହତ୍ ଉଦ୍ୟମର ରୂପ ଦିଅନ୍ତୁ ଯଦ୍ଦ୍ୱାରା ନଗରକୁ ଏହା ବାସ୍ତବରେ ପ୍ରଭାବିତ କରିବ ।

**ଆହ୍ୱାନ**

i. ଏପରି ସହୋଦ୍ୟମ ସାଂଗଠନିକ ଭାବେ ଦୃଢ଼ ରହିବା ଆବଶ୍ୟକ । ତା'ହେଲେ ଏହା ସମ୍ଭବପର ହୋଇପାରିବ । ଏଥିରେ ପରିଚାଳନା କାର୍ଯ୍ୟ ନିମନ୍ତେ ଅର୍ଥ ବିନିଯୋଗର ଆବଶ୍ୟକତା ରହିଛି ।

## ନଗରବ୍ୟାପୀ ଏକତା ସମାବେଶ

*ଗୀତ ୫୦:୫*

*[୫] ଯେଉଁମାନେ ବଳିଦାନ ଦ୍ୱାରା ଆମ୍ଭ ସଙ୍ଗେ ନିୟମ କରିଅଛନ୍ତି, ଆମ୍ଭର ସେହି ସଦ୍‌ଭକ୍ତଗଣଙ୍କୁ ଆମ୍ଭ ନିକଟରେ ଏକତ୍ର କର ।*

ଏହି ଏକତା ସମାବେଶଗୁଡ଼ିକ ନିୟମିତ ରୂପେ କରାଯାଉଥିବା ପ୍ରାର୍ଥନା ସଭା ଓ ଉପାସନା ସଭାଗୁଡ଼ିକ ବା ବାହାରେ କରାଯାଉଥିବା ପ୍ରଚାର କାର୍ଯ୍ୟ ହୋଇପାରେ ଯହିଁରେ ନଗରର ମଣ୍ଡଳୀଗୁଡ଼ିକ ଓ ଖ୍ରୀଷ୍ଟୀୟ ସଂଗଠନଗୁଡ଼ିକ ଯୋଗ ଦିଅନ୍ତି । ଅଂଶ ଗ୍ରହଣ କରୁଥିବା ସମସ୍ତ ମଣ୍ଡଳୀ ଓ ସଂଗଠନଗୁଡ଼ିକୁ ଆର୍ଥିକ ଓ ସାଂଗଠନିକ ଦାୟିତ୍ୱ ଦିଆଯିବା ଉଚିତ ।

**ଆହ୍ୱାନ**

(i) ପାଳକମାନଙ୍କ ମନରୁ ଆମେ ଏହି ଭୟ ଦୂର କରିବା ଉଚିତ ଯେ ସେମାନେ ସେମାନଙ୍କ ମଣ୍ଡଳୀର ସଭ୍ୟମାନଙ୍କୁ ହରାଇବେ ନାହିଁ ଅର୍ଥାତ୍ କୌଣସି ସଭ୍ୟ ଅନ୍ୟ ମଣ୍ଡଳୀକୁ ସଭ୍ୟପଦ ନେଇ ଚାଲିଯିବେ ନାହିଁ । ଆମେ ସେମାନଙ୍କୁ ନିଶ୍ଚିତତା ପ୍ରଦାନ କରିବା ଯେ ଏକତା ସମାବେଶଗୁଡ଼ିକରେ କୌଣସି ବ୍ୟକ୍ତି ବିଶେଷ ବା ସ୍ଥାନୀୟ ମଣ୍ଡଳୀକୁ ଉନ୍ନୀତ କରାଯିବ ନାହିଁ । ଆମେମାନେ କେବଳ ଖ୍ରୀଷ୍ଟ ଯୀଶୁଙ୍କୁ ଉଚ୍ଚୀକୃତ କରିବା ନିମନ୍ତେ ଏକତ୍ରିତ ହେଉଛୁ ।

(ii) ପାଳକମାନଙ୍କ ମନରୁ ମଧ୍ୟ ଏହି ଭୟ ଦୂର କରିବା ଯେ ସେମାନଙ୍କ ମଣ୍ଡଳୀର ଶିକ୍ଷାରେ କୌଣସି ଭ୍ରାନ୍ତିଜନକ ବିଷୟ ପ୍ରବେଶ କରିବ ନାହିଁ । ପ୍ରତ୍ୟେକ ମଣ୍ଡଳୀର ପୃଷ୍ଠଭୂମି ପ୍ରତି ଆମେ ସମ୍ବେଦନଶୀଳ ରହିବାକୁ ହେବ । ଆମେମାନେ ଏକତ୍ର ହେବାର କାରଣ ''ବିଶ୍ୱାସର ଏକତା'' ପାଇଁ ''ଶିକ୍ଷାର ଏକତା'' ପାଇଁ ନୁହେଁ । ''ଈଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନ''ରେ ଆମେ ଏକତ୍ର ହେଉଛୁ ଓ ତାହାଙ୍କର ପୂଜା ଉପାସନା କରୁଛୁ ।

**ସୁପାରିଶ**

(କ) ଏକତା ସମାବେଶଗୁଡ଼ିକରେ ପ୍ରଭୁଭୋଜ ଗ୍ରହଣ କରିବା ପ୍ରମାଣିତ କରିବ ଯେ ଆମେ ଖ୍ରୀଷ୍ଟରେ ଏକମାତ୍ର ଶରୀର ଅଟୁ ।

(ଖ) ମିଳିତ ଉପାସନାରେ ଜଣାଶୁଣା ଗୀତଗୁଡ଼ିକୁ ଗାନ କରାଯିବ ଓ ସାଧାରଣ ଉପାସନା ପଦ୍ଧତି ଅନୁସୃତ ହେବା ଉଚିତ ।

(ଗ) କୌଣସି ବିଶେଷ ମାନ୍ୟଗଣ୍ୟ ବ୍ୟକ୍ତି, ସମ୍ମାନିତ ଅତିଥି, କୌଣସି ପାଳକ ବା ବିଷପ୍‌ଙ୍କ ନାମ ଉଲ୍ଲେଖ କରାଯିବା ଅନୁଚିତ । ଖ୍ରୀଷ୍ଟୀୟ ନେତାମାନେ ଗୋଟିଏ ମଞ୍ଚରେ ବିଶ୍ୱାସୀ ଭାବରେ ଏକତ୍ରିତ ହେବେ । ଆମମାନଙ୍କ ଧ୍ୟାନ ପ୍ରଭୁ ଯୀଶୁଙ୍କ ଉପରେ କେନ୍ଦ୍ରୀଭୂତ ହେବାକୁ ହେବ ଯେ କି ଏକତା ସମାବେଶର ମୁଖ୍ୟବ୍ୟକ୍ତି ଅଟନ୍ତି ।

## ନଗରରେ କାର୍ଯ୍ୟରତ ନଗରସ୍ଥ ମଣ୍ଡଳୀ

ବିଭିନ୍ନ ମଣ୍ଡଳୀ ଓ ସେବାକାର୍ଯ୍ୟଗୁଡ଼ିକରେ ଏକତା, ସହଯୋଗ ଓ ସହଭାଗିତାକୁ ଦୃଢ଼ କରିବା ଦର୍ଶନ ନେଇ କାର୍ଯ୍ୟ କରିବାକୁ ବିଶ୍ୱାସୀମାନଙ୍କୁ ଅନୁପ୍ରାଣିତ କରିବାକୁ ହେବ । ବ୍ୟାବହାରିକ ଭାବରେ ମିଳିତ ହୋଇ ନଗରକୁ ଯୀଶୁଙ୍କ ସୁମାଚାର ନେଇ ପହଞ୍ଚାଇବା ମନୋଭାବ ରଖିବା

ପାଇଁ ସେମାନଙ୍କୁ କୁହାଯିବା ଉଚିତ । ନଗରସ୍ଥ ମଣ୍ଡଳୀ ନଗରବ୍ୟାପୀ ଯୁଦ୍ଧରେ ଜୟୀ ହେବାକୁ ହେବ । ସୁସମାଚାରର ଶକ୍ତିରେ ନଗରର ପରିବର୍ତ୍ତନ ଦେଖିବାକୁ ହେଲେ ସମସ୍ତ ମଣ୍ଡଳୀ ଓ ସେବାକାର୍ଯ୍ୟର ବିଶ୍ୱାସୀମାନେ ହୃଦୟ ଓ ହସ୍ତ ମିଳାଇ କାର୍ଯ୍ୟ କରିବାକୁ ହେବ ।

ଏହାଦ୍ୱାରା ନଗରରେ ନିମ୍ନ ପରିବର୍ତ୍ତନ ସବୁ ସମ୍ଭବ ହେବ ।

(କ) ଆତ୍ମିକ ପରିବର୍ତ୍ତନ (ଖ) ସାମାଜିକ ପରିବର୍ତ୍ତନ
(ଗ) ବଜାର ସ୍ଥାନର ପରିବର୍ତ୍ତନ (ଘ) ଭୌତିକ ପରିବର୍ତ୍ତନ
ଏସବୁ ନିମନ୍ତେ ସହଯୋଗ ଆବଶ୍ୟକ ।

## *(କ) ଆତ୍ମିକ ପରିବର୍ତ୍ତନ*

- ସବୁ ମଣ୍ଡଳୀର ବିଶ୍ୱାସୀମାନେ କ୍ଷୁଦ୍ରଦଳସବୁରେ ବିଭକ୍ତ ହୋଇ ନଗରସ୍ଥ ମଣ୍ଡଳୀ ଓ ନଗର ନିମନ୍ତେ ପ୍ରାର୍ଥନା କରିବେ ।
- ସ୍ଥାନୀୟ ମଣ୍ଡଳୀ ଓ ସେବାକାର୍ଯ୍ୟଗୁଡ଼ିକ ମିଳିତ ହୋଇ ପରସ୍ପରର ପରିପୂରକ ଭାବରେ ନଗରରେ ସୁସମାଚାର କାର୍ଯ୍ୟ ଓ ଶିଷ୍ୟ କରିବା କାର୍ଯ୍ୟ କରିବେ ।
- ପାଳକମାନେ ଏକତ୍ର ପ୍ରାର୍ଥନାରେ ସଜାଗ ରହି ଓ ସେବାକାର୍ଯ୍ୟ କରି ନଗରରେ ହେଉଥିବା କାର୍ଯ୍ୟକୁ ତଦାରଖ କରିବେ ।

## *(ଖ) ସାମାଜିକ ପରିବର୍ତ୍ତନ*

- ସାମାଜିକ ବ୍ୟାଧିଗୁଡ଼ିକ, ଯଥା: ଆତ୍ମହତ୍ୟା, ନିଶା ସେବନ, ଦାରିଦ୍ର୍ୟ, ଶୋଷଣ, ଦୁର୍ନୀତି, ଇତ୍ୟାଦି ପ୍ରତି ରାଜ୍ୟ ପ୍ରତ୍ୟୁତ୍ତର ଆଣନ୍ତୁ ।
- ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରିବା ପରିବର୍ତ୍ତେ ମଣ୍ଡଳୀ ଓ ସେବାକାର୍ଯ୍ୟସବୁ ହାତ ମିଳାଇ ଓ ସମ୍ବଳର ବିନିଯୋଗ କରି ସାମ୍ପ୍ରଦାୟିକ ସାମାଜିକ କାର୍ଯ୍ୟମାନ କରନ୍ତୁ, ଯଥା: ଅନାହାରରେ ରହୁଥିବା ଲୋକଙ୍କୁ ଖୁଆଇବା, ବାସହୀନ ଲୋକଙ୍କୁ ଆଶ୍ରୟ ଦେବା, ଶୋଷଣ କରାଯାଉଥିବା ଲୋକଙ୍କୁ ରକ୍ଷା କରିବା; ବିଧବା, ଅନାଥ ଓ ଅଧିକାରରୁ ବଞ୍ଚିତ ଲୋକମାନଙ୍କର ଯତ୍ନନେବା ।

## *(ଗ) ବଜାର ସ୍ଥାନର ପରିବର୍ତ୍ତନ*

- ବଜାର ସ୍ଥାନରେ ଏକତ୍ରିତ ହେଉଥିବା ସମସ୍ତ ମଣ୍ଡଳୀର ବିଶ୍ୱାସୀମାନେ ସମାଜର

ସବୁକ୍ଷେତ୍ରରେ (କଳା ଓ ମନୋରଞ୍ଜନ, ମିଡ଼ିଆ, ବ୍ୟବସାୟ, ଶିକ୍ଷା, ସରକାର, ପରିବାର, ଧର୍ମ) ସାଂସ୍କୃତିକ ପରିବର୍ତ୍ତନ ଆଣିବାକୁ ହେଲେ ସଚ୍ଚୋଟ, ନିର୍ମଳ, ଈଶ୍ୱର ପରାୟଣ ଜୀବନଯାପନ କରି ମିଳିତଭାବେ କାର୍ଯ୍ୟ କରିବାକୁ ହେବ ।

- ବଜାରସ୍ଥାନରେ କାର୍ଯ୍ୟରତ ସବୁ ମଣ୍ଡଳୀର ବିଶ୍ୱାସୀବର୍ଗ ସେମାନଙ୍କର ଉତ୍କର୍ଷତା, ସଚ୍ଚୋଟତା ଓ ଅଲୌକିକତା ପ୍ରଦର୍ଶନ କରି ରାଜ୍ୟର ଚରିତ୍ରକୁ ପ୍ରକାଶ କରିବେ ।

### *(ଘ) ଭୌତିକ ପରିବର୍ତ୍ତନ*

ସବୁ ମଣ୍ଡଳୀର ବିଶ୍ୱାସୀଗଣ ହାତ ମିଳାଇ ନିମ୍ନ ବିଷୟମାନଙ୍କୁ ନେଇ ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ :

- ବସ୍ତି ବାସିନ୍ଦାଙ୍କ ନିମନ୍ତେ ଉତ୍ତମ ବାସ ଗୃହର ବ୍ୟବସ୍ଥା ଏବଂ ବସ୍ତି ଉଚ୍ଛେଦ ନିମନ୍ତେ କାର୍ଯ୍ୟ କରିବା ।
- ନଗରରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ଉନ୍ନତିକରଣ ନିମନ୍ତେ ତଥ୍ୟ ପ୍ରଦାନ ।
- ଜଳ, ପରିବହନ ଓ ଭିତ୍ତିଭୂମିର ବିକାଶ ନିମନ୍ତେ ତଥ୍ୟ ପ୍ରଦାନ ।
- ଚାକିରୀ ପାଇଁ ସୁଯୋଗ ସୃଷ୍ଟି ଓ ନଗରର ଆର୍ଥିକ ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟ କରିବା ।

## ତାଡ଼ନା ପ୍ରତି ମିଳିତ ପ୍ରତ୍ୟୁତ୍ତର

ନଗରସ୍ଥ ମଣ୍ଡଳୀକୁ ଶକ୍ତିଯୁକ୍ତ କରିବାର ଅନ୍ୟ ଏକ ଲାଭ ଏହି ଯେ ମଣ୍ଡଳୀ ପ୍ରତି ତାଡ଼ନା ଆସିଲେ ଖ୍ରୀଷ୍ଟଙ୍କ ଶରୀର ପରସ୍ପରକୁ ଶକ୍ତି ଓ ସାହାଯ୍ୟ ଯୋଗାଇ ପାରିବ । ବାସ୍ତବରେ ଯେଉଁ ଅଞ୍ଚଳରେ ବା ଯେଉଁ ସମୟରେ ତାଡ଼ନା ଆଶା କରାଯାଏ ଖ୍ରୀଷ୍ଟୀୟ ନେତୃବୃନ୍ଦ, ସ୍ଥାନୀୟ ମଣ୍ଡଳୀ ଓ ଖ୍ରୀଷ୍ଟୀୟ ସଂଗଠନଗୁଡ଼ିକ ସେଥିନିମନ୍ତେ ଏକତ୍ର ଠିଆ ହେବାକୁ ହେବ ।

## ଏକତା ଓ ଅନୁରକ୍ତିର ନିୟମ

*ଆମେ, ପ୍ରଭୁଯୀଶୁଙ୍କ ଦାସଦାସୀ, ଏହି ନଗରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରୁ ଓ ଈଶ୍ୱରଙ୍କ ରାଜ୍ୟର ସହକର୍ମୀ ଭାବରେ ପରସ୍ପର ଏକତା ଓ ଅନୁରକ୍ତି ବଜାୟ ରଖିବାକୁ ଏହି ନିୟମ କରୁ । ଆମମାନଙ୍କ ସମ୍ପର୍କରେ ଧାର୍ମିକତା, ଶାନ୍ତି ଓ ଆନନ୍ଦର ଅନୁଗାମୀ ହୋଇ ଆତ୍ମାଙ୍କ ଐକ୍ୟ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମେ ନିୟମ କରୁ । ଆମେମାନେ ପରସ୍ପରର ସେବାକାର୍ଯ୍ୟ ଓ ପରିବାରଗୁଡ଼ିକୁ ପରିଦର୍ଶନ କରି ପ୍ରକୃତ ଖ୍ରୀଷ୍ଟୀୟ ସହଭାଗିତାରେ ସମୟ କାଟିବା ପାଇଁ ନିୟମ କରୁ । ଆମମାନଙ୍କ ବନ୍ଧୁତ୍ୱ କେବଳ ସେବାକାର୍ଯ୍ୟରେ ସୀମିତ ନ ରହି ପରିବାର ଓ ପିଲାମାନଙ୍କ ପର୍ଯ୍ୟନ୍ତ ବ୍ୟକ୍ତିଗତ ଭାବରେ ବୃଦ୍ଧି ପାଇବ ।*

*ପରସ୍ପର ନିମନ୍ତେ ଓ ପରସ୍ପର ସହିତ ମିଶି ପ୍ରାର୍ଥନା କରିବା ପାଇଁ ଆମେ ନିୟମ କରୁ । ଦୁଃଖ ଦୁର୍ଦ୍ଦଶାରେ ଆମେ ପରସ୍ପରର ସାହାଯ୍ୟ କରିବୁ । ବିଜୟରେ ଆମେ ମିଳିତଭାବେ ଆନନ୍ଦ କରିବୁ । ଆମେ ପରସ୍ପର ପରାମର୍ଶ କରିବୁ, ପରସ୍ପରକୁ ସବଳ କରିବୁ ଓ ଏକଆରେକର ଅନୁଭୂତିରୁ ଶିକ୍ଷା ଲାଭ କରିବୁ । ଆମେ ପ୍ରତ୍ୟେକଙ୍କର ଅନନ୍ୟ ଓ ବିଭିନ୍ନ ଆହ୍ୱାନ ଓ ଆତ୍ମିକ ଦାନକୁ ସମ୍ମାନ ଦେଖାଇବୁ । ଖ୍ରୀଷ୍ଟ ଆମମାନଙ୍କୁ ଯେଉଁସବୁ ଆତ୍ମିକ ଦାନ, ଅଭିଷେକ ଓ ସେବାକାର୍ଯ୍ୟ ଦେଇଛନ୍ତି ତଦନୁସାରେ ଆମେ ପରସ୍ପରର ସେବା କରିବୁ । ଆମେ ଅନ୍ୟମାନଙ୍କ ସେବାକାର୍ଯ୍ୟରେ ଅର୍ଥ ବିନିଯୋଗ କରିବୁ ଏବଂ ସେମାନଙ୍କୁ ଉତ୍ସାହିତ ଓ ସାହାଯ୍ୟ କରିବୁ । ଆମେ ପରସ୍ପରର ଅଂଶୀଦାର ହୋଇ କାର୍ଯ୍ୟ କରିବୁ ଏବଂ ଅନ୍ୟମାନଙ୍କର ମଙ୍ଗଳାର୍ଥେ ତ୍ୟାଗ ସ୍ୱୀକାର କରିବୁ । ଯଦି ଲୋକେ ଜଣେ ସହସେବକଙ୍କୁ ଘୃଣା, ସମାଲୋଚନା ବା ତାଡ଼ନା କରନ୍ତି, ଆମେ ତାଙ୍କର ସପକ୍ଷ ହୋଇ ଠିଆ ହେବୁ ଏବଂ ପ୍ରକୃତ ବନ୍ଧୁ ଭାବରେ ସେ ପାଇଥିବା ଆଘାତର ଅଂଶୀ ହେବୁ ।*

*ଆମେମାନେ ମିଳିତ ହୋଇ ଈଶ୍ୱରଙ୍କ ଉପାସନା କରିବୁ ଏବଂ ନଗର ନିମନ୍ତେ ଈଶ୍ୱରଙ୍କ ଯେଉଁ ଅଭିମତ ରହିଛି ତାହା ଅନ୍ୱେଷଣ କରିବୁ । ଆମେ ମିଳିତ ଭାବେ କାର୍ଯ୍ୟ କରିବୁ ଯେପରି ତାହାଙ୍କ ରାଜ୍ୟ ଆସିବ ଓ ତାହାଙ୍କ ଇଚ୍ଛା ସଫଳ ହେବା ଆମେ ଦେଖିପାରିବୁ । ଏହାଦ୍ୱାରା ନଗର ଜାଣିବ ଓ ବିଶ୍ୱାସ କରିବ ଯେ ଯୀଶୁ ଖ୍ରୀଷ୍ଟ ହିଁ ପ୍ରଭୁ ଅଟନ୍ତି । ଈଶ୍ୱର ଓ ଏହି ସାକ୍ଷୀମାନଙ୍କ ସାକ୍ଷାତରେ ଆମେ ଏହି ପବିତ୍ର ନିୟମରେ ଆବଦ୍ଧ ହେଉଛୁ ।*

# ବ୍ୟକ୍ତିଗତ ପ୍ରୟୋଗ

ପ୍ରଶ୍ନ ୧. ଆପଣଙ୍କ ନଗରର ବା ଅଞ୍ଚଳର ନଗରସ୍ଥ ମଣ୍ଡଳୀରେ ଏକତା ଆଣିବା କାର୍ଯ୍ୟକୁ ଆରମ୍ଭ କରିବାକୁ ବା ଏଥିରେ ଅଂଶୀ ହେବା ପାଇଁ ଆପଣ କ'ଣ କରିପାରିବେ ?

ପ୍ରଶ୍ନ ୨. ଏହି ଅଧ୍ୟାୟରେ ଯାହା କିଛି ଉପସ୍ଥାପିତ କରାଯାଇଛି, ତା' ବ୍ୟତୀତ ଅନ୍ୟକିଛି ମାର୍ଗ ରହିଛି କି ଯଦ୍ଦ୍ୱାରା ନଗରସ୍ଥ ମଣ୍ଡଳୀ (କ) ଏକତା ଓ ସହଭାଗିତାରେ ବୃଦ୍ଧି ପାଇବ ଏବଂ (ଖ) ଏକତ୍ର କାର୍ଯ୍ୟ କରି ନଗରରେ (ବା ଅଞ୍ଚଳରେ) ଈଶ୍ୱରଙ୍କ ରାଜ୍ୟ ସ୍ଥାପନ କରିପାରିବ ?

(ନଗରସ୍ଥ ମଣ୍ଡଳୀ ଏକତ୍ର ମିଶି କାର୍ଯ୍ୟ କରିବା ସମ୍ପର୍କରେ ଅଧିକ ଅଧ୍ୟୟନ ପାଇଁ APC ପ୍ରକାଶନର ପୁସ୍ତକ Divine Order in the Citywide Church ପାଠ କରନ୍ତୁ । ଏହା ମାଗଣାରେ ଉପଲବ୍ଧ ।)

## ନବମ ଅଧ୍ୟାୟ

# ଭ୍ରାତୃ ଓ ପିତୃଗଣ

ଯେ ଆପଣା ଭାଇକୁ ଘୃଣା କରି କହେ ଯେ, ସେ ଜ୍ୟୋତିଃରେ ଅଛି, ସେ ଏପର୍ଯ୍ୟନ୍ତ ସୁଦ୍ଧା ଅନ୍ଧକାରରେ ଅଛି । ଯେ ଆପଣା ଭାଇକୁ ପ୍ରେମ କରେ, ସେ ଜ୍ୟୋତିଃରେ ରହେ, ପୁଣି ତାହାଠାରେ ଝୁଣ୍ଟିବାର କୌଣସି କାରଣ ନାହିଁ । କିନ୍ତୁ ଯେ ଆପଣା ଭାଇକୁ ଘୃଣା କରେ, ସେ ଅନ୍ଧକାରରେ ଅଛି । ପୁଣି ଅନ୍ଧକାରରେ ଭ୍ରମଣ କରି କେଉଁଆଡ଼େ ଯାଉଅଛି, ତାହା ଜାଣେ ନାହିଁ, କାରଣ ଅନ୍ଧକାର ତାହାର ଚକ୍ଷୁକୁ ଅନ୍ଧ କରିଅଛି । (୧ ଯୋହନ ୨:୯–୧୧) ।



# ୯
# ଭ୍ରାତୃ ଓ ପିତୃଗଣ
# (ଭଗ୍ନୀ ଓ ମାତୃଗଣ)

ଆମେମାନେ ଯେ ଏକାକୀ ଜୀବନଯାତ୍ରା କରିବୁ ଏହା ଈଶ୍ୱର କେବେ ଚାହାନ୍ତି ନାହିଁ । ସେ ଆମ ପ୍ରତ୍ୟେକଙ୍କୁ ଅନ୍ୟମାନଙ୍କର ସାହଚର୍ଯ୍ୟ ଦେଇଛନ୍ତି । ଆମେ ସମସ୍ତେ ତାହାଙ୍କ ଶରୀରର ଅଂଶ ବିଶେଷ ଅଟୁ । ଜୀବନରେ ଅନେକ ସମୟରେ ଏକାନ୍ତ ଅବସ୍ଥା ଆସିଥାଏ ବା ଜାଣିଶୁଣି ଆମେ ଏକାକୀ ରହିବାକୁ ଚାହିଁଥାଉ, ତେବେ ବି ଆମେ ଆମ ନିକଟରେ ଭାଇମାନଙ୍କ ଉପସ୍ଥିତି ଆବଶ୍ୟକ କରିଥାଉ ।

ଈଶ୍ୱରଙ୍କ ସେବକ ଭାବରେ ଆମେ କ'ଣ ପ୍ରକୃତରେ ଜଣେ ଭାଇ ହେବାର ଅର୍ଥ ଜାଣୁ ? ତେବେ ପିତାମାନେ କିଏ ? ଈଶ୍ୱରଙ୍କର ଭକ୍ତଗଣ କାହାନ୍ତି ଯେଉଁମାନେ ପିତାର ହୃଦୟ ନେଇ ଯୁବାମାନଙ୍କର ଯତ୍ନତତ୍ତ୍ୱ ନେବେ ?

ଆମ ମଧ୍ୟରୁ ଅଧିକାଂଶ ପ୍ରଚାରକ ଓ ସେବକ ଭାବରେ ବ୍ୟସ୍ତ ରହୁ ଏବଂ ଈଶ୍ୱରଙ୍କ ରାଜ୍ୟରେ ଏକକୁ ଆରେକ ପ୍ରକୃତ ଭ୍ରାତା ବା ପିତା ହେବାର ଯେଉଁ ଆବଶ୍ୟକତା ରହିଛି ତାକୁ ଆମେ ଭୁଲିଯାଉ ।

ଏଠାରେ ଭାତୃଗଣ ଓ ପିତୃଗଣ କହିଲେ ଭଗ୍ନୀଗଣ ଓ ମାତୃଗଣଙ୍କୁ ମଧ୍ୟ ବୁଝାଏ ।

## ଭ୍ରାତା, ସହକାର୍ଯ୍ୟକାରୀ ଓ ଈଶ୍ୱରଙ୍କ ସେବକ

*୧ ଥେସଲନୀକୀୟ ୩:୨*

*²ପୁଣି, ତୁମ୍ଭମାନଙ୍କୁ ସୁସ୍ଥିର କରିବାକୁ ଓ ତୁମ୍ଭମାନଙ୍କ ବିଶ୍ୱାସ ସମ୍ବନ୍ଧରେ ତୁମ୍ଭମାନଙ୍କୁ ଉତ୍ସାହ ଦେବାକୁ ଖ୍ରୀଷ୍ଟଙ୍କ ସୁସମାଚାର କାର୍ଯ୍ୟରେ ଈଶ୍ୱରଙ୍କ ସହକାର୍ଯ୍ୟକାରୀ ଆମ୍ଭମାନଙ୍କ ଭାଇ ତୀମଥିଙ୍କୁ ପଠାଇଲୁ ।*

ତୀମଥିଙ୍କ ନିମନ୍ତେ ପ୍ରେରିତ ପାଉଲ ବିଶ୍ୱାସର "ପିତା" ଥିଲେ । ତୀମଥି ଯେତେବେଳେ ବୃଦ୍ଧି ପାଇଲେ ଓ ଈଶ୍ୱରଙ୍କ ଲୋକ ଭାବରେ ପରିପକ୍ୱ ହେଲେ ପ୍ରେରିତ ପାଉଲ ତାଙ୍କୁ ଭ୍ରାତା, ଈଶ୍ୱରଙ୍କ ସେବକ ଓ ସହକାର୍ଯ୍ୟକାରୀ ଭାବରେ ବର୍ଣ୍ଣନା କରନ୍ତି । ପାଉଲଙ୍କ ପତ୍ରଗୁଡ଼ିକରେ ଅନ୍ୟାନ୍ୟ ପ୍ରଭୁଙ୍କ ସେବକମାନଙ୍କୁ ସେ ଭ୍ରାତା ଭାବରେ ସମ୍ବୋଧିତ କରନ୍ତି ।

ଆଜିର ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ନେତାମାନେ ଅନ୍ୟଜଣେ ସହକାର୍ଯ୍ୟକାରୀ ବା ଅନ୍ୟ ଜଣେ ଈଶ୍ୱରଙ୍କ ସେବକ ନିକଟରେ ଭ୍ରାତା ସଦୃଶ ଆଚରଣ କରିବା ଦେଖାଯାଏ ନାହିଁ । ସମ୍ଭବତଃ ଏହାର କାରଣ ଏହା ହୋଇପାରେ ଯେ ଆମର ପାରସ୍ପରିକ କ୍ରିୟା ସମ୍ପର୍କ ଭିତ୍ତିକ ନ ହୋଇ ବ୍ୟାବସାୟିକ କାରବାର ସଦୃଶ ହୋଇଥାଏ । ଆମେ କେବଳ ସୂଚନା ଓ ଚିନ୍ତାଧାରାକୁ ବ୍ୟକ୍ତ କରିଥାଉ ମାତ୍ର ଆମର ହୃଦୟର କଥା କହି ନଥାଉ । ଆମମାନଙ୍କ ବନ୍ଧୁତ୍ୱ ଉପର ଠାଉରିଆ ବା ଅଗଭୀର ରହିଥାଏ । ଆମେମାନେ ଆମର ଦୁର୍ବଳତା ବା ଆବଶ୍ୟକତାକୁ ପ୍ରକାଶ କରି ନଥାଉ, କାରଣ ଆମେ ଆଶଙ୍କା କରିଥାଉ ଯେ ଅନ୍ୟ ସେବକ ଜଣକ ଏହାକୁ ନେଇ ଚର୍ଚ୍ଚା କରି ଅନ୍ୟ ସମସ୍ତଙ୍କୁ କହିବେ । ଆମେ ନିଜକୁ ଅସୁରକ୍ଷିତ ରଖିବାକୁ ଚାହିଁ ନଥାଉ । ଏଣୁ କରି ଆମେ ପରସ୍ପରକୁ ସାହାଯ୍ୟ ଓ ସବଳ କରିପାରି ନଥାଉ ।

ରାଜ୍ୟ ନିର୍ମାଣରେ ଆମେ ଈଶ୍ୱରଙ୍କ ସେବକ ଓ ସହକାର୍ଯ୍ୟକାରୀ ସ୍ତରରୁ ଉଠି ରାଜ୍ୟରେ ଭାତୃଗଣ ସଦୃଶ ଆଚରଣ କରିବାକୁ ହେବ ।

## ଦୁର୍ଦ୍ଦଶା କାଳ ନିମନ୍ତେ ଜାତ

*ହିତୋପଦେଶ ୧୭:୧୭*

*[୧୭] ବନ୍ଧୁ ସବୁବେଳେ ପ୍ରେମ କରଇ, ପୁଣି ଭାଇ ଦୁର୍ଦ୍ଦଶା କାଳ ନିମନ୍ତେ ଜାତ ଅଟେ ।*

ଆମେ ନେତାଭାବରେ ଏକାନ୍ତରେ କେତେ ଯେ ସଂଘର୍ଷ କରିଥାଉ। ଆମେ ଶହ ଶହ ଓ ହଜାର ହଜାର ଲୋକଙ୍କର ସେବା କରିଥାଉ, କିନ୍ତୁ ଯନ୍ତ୍ରଣା ସମୟରେ ଏକାକୀ ତାହା ସହ୍ୟ କରିଥାଉ । ଏହାର କାରଣ ଏହି ଯେ ଦୁର୍ଦ୍ଦିନରେ ଆମର ସଙ୍ଗୀ ହେବା ନିମନ୍ତେ ରାଜ୍ୟର କୌଣସି ଅନ୍ତରଙ୍ଗ ବନ୍ଧୁ, ଭାଇମାନେ ରହି ନଥାନ୍ତି । ବ୍ୟସ୍ତ ସେବାକାର୍ଯ୍ୟ ମଧ୍ୟରେ ଆମେ ଈଶ୍ୱରଙ୍କ ଅନ୍ୟ ସେବକମାନଙ୍କ ସଙ୍ଗେ ପ୍ରକୃତ ବନ୍ଧୁତା ସ୍ଥାପନ କରି ପାରି ନଥାଉ ।

ସେହି ପ୍ରକାରେ, ଆମେ ଅନ୍ୟାନ୍ୟ ଈଶ୍ୱରଙ୍କ ସେବକମାନଙ୍କର ଜଣେ ଭ୍ରାତା ହେବା ପାଇଁ ଶିକ୍ଷାଲାଭ କରିବା ଉଚିତ । ଜଣେ ଭ୍ରାତା ଜଣେ ପ୍ରକୃତ ବନ୍ଧୁ ସଦୃଶ ଆଚରଣ କରିଥାଏ, ଅନ୍ୟର ମଙ୍ଗଳ କାମନା କରେ, ଭୁଲ ଦେଖିଲେ ସେ ଭୟ ନ କରି ପ୍ରେମରେ ସତ୍ୟ ବିଷୟ ପ୍ରକାଶ କରେ ଓ ସଂଶୋଧନ କରେ । ଜଣେ ଭ୍ରାତା ଅନ୍ୟର ହୃଦୟର କଥାକୁ ଗୁପ୍ତ ରଖେ ଓ ସେଥିରେ ବିଶ୍ୱାସଘାତକତା କରେ ନାହିଁ ।

## ଏକ ବ୍ୟକ୍ତିଗତ ଆହ୍ୱାନ

ଈଶ୍ୱରଙ୍କ ଜଣେ ସେବକଙ୍କ ଭ୍ରାତା ହେବାକୁ ହେଲେ, ତାଙ୍କୁ ଜାଣିବା ପାଇଁ ମୁଁ ତାଙ୍କ ସଙ୍ଗେ ସମୟ ବିତାଇବାକୁ ହେବ । ତାଙ୍କ ସଙ୍ଗେ ଓ ତାଙ୍କ ପରିବାର ସଙ୍ଗେ ମୁଁ ସମୟ ବିତାଇବାକୁ ହେବ ଓ ଦେଖିବାକୁ ହେବ ସେ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ସଙ୍ଗେ କିପରି ବ୍ୟବହାର କରନ୍ତି । ତାଙ୍କ ମଣ୍ଡଳୀ ଓ ତାଙ୍କ ସେବାକାର୍ଯ୍ୟର ଅଫିସ୍‌ରେ, ତାଙ୍କର ସହକର୍ମୀମାନଙ୍କ ସଙ୍ଗେ ମୋତେ ସମୟ ବିତାଇବାକୁ ହେବ । ତଦ୍ଦ୍ୱାରା ସେ ତାଙ୍କ ସହକର୍ମୀମାନଙ୍କ ସଙ୍ଗେ କିପରି କାର୍ଯ୍ୟ କରନ୍ତି ତାହା ଜଣାଯିବ । ତାଙ୍କୁ ମଧ୍ୟ ମୁଁ ମୋର ଗୃହ ଓ ମୋର ମଣ୍ଡଳୀ ଓ ମୋର ଅଫିସ୍‌କୁ ଆସିବା ପାଇଁ ନିମନ୍ତ୍ରଣ କରିବାକୁ ହେବ । ଆମେ ମିଳିତ ହୋଇ ଉପାସନା, ପ୍ରାର୍ଥନା ଓ ଈଶ୍ୱରଙ୍କ ଅନ୍ୱେଷଣ କରିବାକୁ ହେବ । ମୁଁ ତାଙ୍କ ଉପରେ ହାତ ଥୋଇ ତାଙ୍କ ପାଇଁ ପ୍ରାର୍ଥନା କରିବା ଆବଶ୍ୟକ । ସେ ମଧ୍ୟ ମୋ ଉପରେ ହାତ ଥୋଇ ମୋ ନିମନ୍ତେ ପ୍ରାର୍ଥନା କରିବେ । ଦୁଃଖକଷ୍ଟ ଆସିଲେ ମୁଁ ତାଙ୍କ ସଙ୍ଗେ ରହିବାକୁ ହେବ ଓ ଦୁଃଖର ଦିନ ବହିଯିବା ଯାଏଁ ତାଙ୍କ ସଙ୍ଗେ ଯାତ୍ରା କରିବାକୁ ହେବ । ତାଙ୍କର ସଫଳତା ଓ ବିଜୟର ମୁହୂର୍ତ୍ତଗୁଡ଼ିକରେ ମୁଁ ତାଙ୍କ ସଙ୍ଗେ ମିଶି ଆନନ୍ଦ କରିବି । ସେ ଯଦି କିଛି ପରାମର୍ଶ ବା ଉପଦେଶ ଲୋଡ଼ନ୍ତି ତେବେ ସେଥିନିମନ୍ତେ ମୁଁ ଉପଲ୍‌ବ୍ଧ ରହିବି । ସେହିପରି ତାଙ୍କ ପରାମର୍ଶ ନେବା ପାଇଁ ମୁଁ ତାଙ୍କ ନିକଟକୁ ଯିବି । ତାଙ୍କର ଆତ୍ମିକ ଦାନ, ଅଭିଷେକ ଓ ସେବାକାର୍ଯ୍ୟରୁ ମୁଁ ଉପକୃତ ହେବି । ସେହିପରି ସେ ମଧ୍ୟ ମୋତେ ଈଶ୍ୱର ଦେଇଥିବା ଆତ୍ମିକ ଦାନ, ଅଭିଷେକ ଓ ସେବାକାର୍ଯ୍ୟର ଫାଇଦା ଉଠାଇବା ଉଚିତ । ସେ ଈଶ୍ୱରଙ୍କଠାରେ ଯାହା ଅଟନ୍ତି ତାକୁ ନେଇ ମୁଁ ତାଙ୍କର ସମ୍ମାନ କରିବି, ସେହିପରି ମୁଁ ଈଶ୍ୱରଙ୍କ ନିକଟରେ ଯାହା ଅଟେ ସେଥିନିମନ୍ତେ ସେ ମୋତେ ସମ୍ମାନ କରିବେ । ଆମେ ବନ୍ଧୁଭାବରେ ପରସ୍ପରର ଅଂଶୀଦାର ହୋଇ ପାରିବା । ତାଙ୍କର ଓ ତାଙ୍କ ପରିବାରର ମଙ୍ଗଳ ନିମନ୍ତେ ମୋତେ ତ୍ୟାଗ ସ୍ୱୀକାର କରି ତାଙ୍କୁ ଦେବାକୁ ହେବ । ଲୋକେ ତାଙ୍କୁ ଘୃଣା, ସମାଲୋଚନା କଲେ ମୁଁ ତାଙ୍କର ସପକ୍ଷବାଦୀ ହୋଇ ମିତ୍ରରୂପେ ଆଚରଣ କରିବି । ଆମେମାନେ ରାଜ୍ୟରେ ଏହିପରି ବନ୍ଧୁଭାବରେ, ଭ୍ରାତା ଭାବରେ ଆଚରଣ କରିବାକୁ ହେବ ।

## ଜଣେ ଭ୍ରାତା ଯେତେବେଳେ ଝୁଣ୍ଟିପଡ଼େ

*ଗାଲାତୀୟ ୬:୧*

*[୧]ହେ ଭାଇମାନେ, ଯଦି କେହି କୌଣସି ଅପରାଧରେ ଧରାପଡ଼େ, ଆତ୍ମିକ ଯେ ତୁମ୍ଭେମାନେ, ତୁମ୍ଭେମାନେ ମୃଦୁଭାବରେ ସେହିପ୍ରକାର ଲୋକକୁ ସଂଶୋଧନ କର, ପୁଣି କେଜାଣି ନିଜେ ମଧ୍ୟ ପରୀକ୍ଷାରେ ପଡ଼ିପାର, ଏଥିପାଇଁ ଆପଣା ବିଷୟରେ ସାବଧାନ ହୁଅ ।*

*ମାଥିଉ ୭:୩-୫*

*[୩]ଆଉ, କାହିଁକି ତୁମ୍ଭ ଭାଇର ଆଖିରେ ଥିବା କୁଟା ଟିକକ ଦେଖୁଅଛ, କିନ୍ତୁ ନିଜ ଆଖିରେ*
*ଯେଉଁ କଡ଼ିକାଠ ଅଛି, ତାହା ଭାବି ଦେଖୁ ନାହିଁ ? [୪]ଅଥବା ତୁମ୍ଭେ କିପରି ଆପଣା ଭାଇ କି*
*କହିବ, 'ଆସ, ତୁମ୍ଭ ଆଖିରୁ କୁଟାଟିକକ ବାହାର କରିଦିଏ' ? ଆଉ ଦେଖ, ତୁମ୍ଭ ଆଖିରେ*
*କଡ଼ିକାଠ ଅଛି । [୫]ରେ କପଟୀ, ଆଗେ ଆପଣା ଆଖିରୁ କଡ଼ିକାଠ ବାହାର କରି ପକାଅ,*
*ତାହା ପରେ ନିଜ ଭାଇର ଆଖିରୁ କୁଟାଟିକକ ବାହାର କରିବା ନିମନ୍ତେ ସ୍ପଷ୍ଟରୂପେ ଦେଖିପାରିବ ।*

ଈଶ୍ୱରଙ୍କର ଜଣେ ସହସେବକ ଯେତେବେଳେ ଝୁଣ୍ଟି ପଡ଼ନ୍ତି, ପାପ କରନ୍ତି, ଭୁଲ କରି ପକାନ୍ତି, ସେତେବେଳେ ଅନ୍ୟ ନେତାମାନେ ପ୍ରଥମେ ତାଙ୍କର ସମାଲୋଚନା କରନ୍ତି, ଦୋଷାରୋପ କରନ୍ତି ଓ ଏହି ସମ୍ବାଦକୁ ପ୍ରଚାର କରି ପକାନ୍ତି । ଆମେ ନିଜଠାରେ ରହିଥିବା କଡ଼ିକାଠ ବିଷୟରେ ଚିନ୍ତା ନକରି ନିଜ ଭାଇଠାରେ ଥିବା କୁଟାଟିକକକୁ ଦେଖାଇବାକୁ ତତ୍ପରତା ପ୍ରକାଶ କରିଥାଉ ।

ଆମେ ଯଦି ପ୍ରଥମେ ନମ୍ର ଓ ମୃଦୁ ଭାବରେ ସେହି ବ୍ୟକ୍ତିଙ୍କର ସଂଶୋଧନ କରିବା ପାଇଁ ପ୍ରକୃତ ଉଦ୍ୟମ କରୁ ତେବେ ତାହା କ'ଣ ଭଲ ବିଷୟ ନୁହେଁ କି, କାରଣ ଆମେ ଜାଣିବା ଉଚିତ ଯେ ଆମେ ନିଜେ ମଧ୍ୟ ସେହିପରି ଝୁଣ୍ଟି ପଡ଼ିବା ସମ୍ଭବପର । ଜଣେ ପ୍ରକୃତ ଭ୍ରାତା ଏହା ହିଁ କରିବା ଉଚିତ ।

## ଆଲୋକ ସଙ୍ଗେ ଘୃଣାଭାବ ମିଶି ରହି ନ ପାରେ

*୧ ଯୋହନ ୨:୯-୧୧*

*[୯]ଯେ ଆପଣା ଭାଇକୁ ଘୃଣା କରି କହେ ଯେ, ସେ ଜ୍ୟୋତିଃରେ ଅଛି, ସେ ଏପର୍ଯ୍ୟନ୍ତ ସୁଦ୍ଧା*
*ଅନ୍ଧକାରରେ ଅଛି । [୧୦]ଯେ ଆପଣା ଭାଇକୁ ପ୍ରେମ କରେ, ସେ ଜ୍ୟୋତିଃରେ ରହେ, ପୁଣି*
*ତାହାଠାରେ ଝୁଣ୍ଟିବାର କୌଣସି କାରଣ ନାହିଁ । [୧୧]କିନ୍ତୁ ଯେ ଆପଣା ଭାଇକୁ ଘୃଣା କରେ,*
*ସେ ଅନ୍ଧକାରରେ ଅଛି, ପୁଣି ଅନ୍ଧକାରରେ ଭ୍ରମଣ କରି କେଉଁଆଡ଼େ ଯାଉଅଛି, ତାହା ଜାଣେ ନାହିଁ, କାରଣ ଅନ୍ଧକାର ତାହାର ଚକ୍ଷୁକୁ ଅନ୍ଧ କରିଅଛି ।*

ଈଶ୍ୱରଙ୍କ ସେବକ ଭାବରେ ଆମେସବୁ ଆତ୍ମିକ ବ୍ୟକ୍ତିବିଶେଷ ଅଟୁ । ପ୍ରାର୍ଥନା, ଉପାସନା, ଉପବାସ ଓ ଈଶ୍ୱରଙ୍କ ବାକ୍ୟ ଧ୍ୟାନରେ ଆମେ ଅନେକ ସମୟ କ୍ଷେପଣ କରିଥାଉ । ଏସମସ୍ତ ଆଶ୍ଚର୍ଯ୍ୟ ଆତ୍ମିକ ଶୃଙ୍ଖଳା ମଧ୍ୟରେ ରହିଥିଲେ ସୁଦ୍ଧା, ଆମେ ଈଶ୍ୱରଙ୍କ ଅନ୍ୟାନ୍ୟ ସେବକମାନଙ୍କ ବିରୁଦ୍ଧରେ ଘୃଣା, ପ୍ରତିଶୋଧ ପରାୟଣତା, ବିଦ୍ୱେଷ ଓ ଅପବାଦର କଥା କହିଥାଉ ।

ବାଇବଲ କହେ ଯେ ଆମେ ଯଦି ଆଲୋକରେ ଆଚରଣ କରୁଛୁ ବୋଲି କହି ଆପଣା ଭାଇକୁ ଘୃଣା କରୁ ତେବେ ଆମେ ପ୍ରକୃତରେ ଅନ୍ଧକାରରେ ରହିଅଛୁ । ଆମେମାନେ ଅନ୍ଧ ହୋଇଯାଇଛୁ ଓ ଅନ୍ଧକାରରେ ରହିଛୁ ବୋଲି ଆମେ ଜାଣୁ ନାହୁଁ। ଏହା ଅତି ବିପଜ୍ଜନକ ବିଷୟ, କାରଣ ଆମେ କୁଆଡ଼େ ଯାଉଛୁ ତାହା ଜାଣୁନା ।

ଏହାର ସରଳ ଅର୍ଥ ହେଲା ହୃଦୟରେ ଘୃଣାଭାବ ରଖିବା ଏକ ଇଚ୍ଛାକୃତ ବିଷୟ ନୁହେଁ । ଈଶ୍ୱରଙ୍କର ଜଣେ ସେବକ ପ୍ରତି ଯଦି ଆମ ହୃଦୟରେ ଆଘାତ କରିବା, ତିକ୍ତତା, ଈର୍ଷା, କ୍ଷମା ନ ଦେବା ମନୋଭାବ ରହିଛି ତେବେ ଏସବୁକୁ ହୃଦୟରୁ ବାହାର କରିଦେବାକୁ ହେବ । ହୃଦୟରେ ଘୃଣାଭାବ ରଖି ଆମେ ଆଲୁଅରେ ଚାଲିଛୁ ବୋଲି କହି ନ ପାରୁ ।

## ପଶ୍ଚାତ୍ ବିଷୟକୁ ଭୁଲିଯିବାକୁ ହେବ

*ମାଥିଉ ୧୮:୧୫*

*[୧୫] ଯଦି ତୁମ୍ଭ ଭାଇ ପାପ କରେ, ତେବେ ଯାଇ କେବଳ ତୁମ୍ଭ ଦୁଇ ଜଣଙ୍କ ମଧ୍ୟରେ ତାହାକୁ ତାହାର ଦୋଷ ଦେଖାଅ; ଯଦି ସେ ତୁମ୍ଭର କଥା ଶୁଣେ, ତେବେ ତୁମ୍ଭେ ଆପଣା ଭାଇକି ଲାଭ କଲ ।*

*ମାଥିଉ ୧୮:୩୫*

*[୩୫] ତୁମ୍ଭେମାନେ ପ୍ରତ୍ୟେକ ଜଣ ଯଦି ଅନ୍ତର ସହ ଆପଣା ଆପଣା ଭାଇକି କ୍ଷମା ନ କର, ତାହାହେଲେ ମୋହର ସ୍ୱର୍ଗସ୍ଥ ପିତା ହିଁ ତୁମ୍ଭମାନଙ୍କ ପ୍ରତି ସେହି ପ୍ରକାର କରିବେ ।*

ଏହା ସମ୍ଭବ ହୋଇପାରେ ଯେ ଅତୀତର କୌଣସି ଭୁଲ ବୁଝାମଣା ଯୋଗୁଁ ଈଶ୍ୱରଙ୍କ ସେବକମାନଙ୍କ ମଧ୍ୟରେ ସମ୍ପର୍କ ତୁଟି ଯାଇଛି । କିନ୍ତୁ ଆମେ ଆମ ଭାଇଙ୍କୁ ଫେରାଇ ଆଣି ବନ୍ଧୁତା ପୁନଃପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିବାକୁ ହେବ । ଆମେ ଅତୀତକୁ ଭୁଲିଯାଇ ତାଙ୍କୁ ଗ୍ରହଣ କରିବାକୁ ଓ କ୍ଷମା ଦେବାକୁ ହେବ, କ୍ଷତକୁ ସୁସ୍ଥ କରି ଭାଇଭାଇ ହୋଇ ଈଶ୍ୱରଙ୍କ ରାଜ୍ୟରେ ଆଗକୁ ବଢ଼ିବାକୁ ହେବ । ଆମର ଭୁଲପାଇଁ ଆମେ ଈଶ୍ୱରଙ୍କୁ

କ୍ଷମାଭିକ୍ଷା କରୁଛୁ, କିନ୍ତୁ ଆମକୁ କ୍ଷତି ପହଞ୍ଚାଇଥିବା ଜଣେ ଭାଇଙ୍କୁ ଯଦି କ୍ଷମା ଦେବାକୁ ଆମେ ପ୍ରସ୍ତୁତ ନୋହୁଁ ତେବେ ଇଶ୍ୱରଙ୍କ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆମ ନିମନ୍ତେ ଅପେକ୍ଷା କରି ରହିଛି ।

## ରାଜ୍ୟରେ ପିତା ଓ ମାତାମାନଙ୍କର ଉତ୍‌ଥାନ ହେବା ଆବଶ୍ୟକ

ଇଶ୍ୱରଙ୍କ ସେବକମାନଙ୍କର ଭ୍ରାତା ହେବା ବିଷୟ ସାଙ୍ଗକୁ ପରବର୍ତ୍ତୀ ପିଢ଼ି ନିମନ୍ତେ ଇଶ୍ୱରଙ୍କ ରାଜ୍ୟରେ ପିତା ଓ ମାତା ଭାବରେ ଦାୟିତ୍ୱ ତୁଲାଇବା ନିମନ୍ତେ ପୁରୁଷ ଓ ସ୍ତ୍ରୀ ମାନଙ୍କର ଯଥେଷ୍ଟ ଆବଶ୍ୟକତା ରହିଛି । ଆମେମାନେ ମହାନ୍ ପ୍ରଚାରକ, ମହାନ୍ ଈଶ୍ୱରଙ୍କ ସେବକ ସ୍ତରରୁ ଆଗକୁ ବଢ଼ି ପ୍ରକୃତ ରାଜ୍ୟ ନିର୍ମାଣକାରୀ ହେବାକୁ ହେବ । ଜଣେ ରାଜ୍ୟ ନିର୍ମାଣକାରୀ ଈଶ୍ୱରଙ୍କ ରାଜ୍ୟର କାର୍ଯ୍ୟକୁ ଆଗକୁ ନେଇ ଯାଏ ଓ କାର୍ଯ୍ୟ ଯେପରି ଚାଲୁ ରହିବ ତାହା ଦେଖିଥାଏ । ଜଣେ ରାଜ୍ୟ ନିର୍ମାଣକାରୀ ପରବର୍ତ୍ତୀ ପିଢ଼ି ନିମନ୍ତେ ପିତା ସଦୃଶ କାର୍ଯ୍ୟ କରେ ଏବଂ ସେ ଯାହା ଯାହା ପାଇଛି ତାକୁ ବଦାନ୍ୟ ଭାବରେ ଅନ୍ୟମାନଙ୍କୁ ଅର୍ପଣ କରେ ବା ପ୍ରଦାନ କରେ ।

ପରବର୍ତ୍ତୀ ଶେଷ ଅଧ୍ୟାୟରେ ଏ ବିଷୟରେ ଅଧିକ ଆଲୋଚନା କରିବା ।

## ବ୍ୟକ୍ତିଗତ ପ୍ରୟୋଗ

ପ୍ରଶ୍ନ ୧. ମୁଁ ଜାଣିଥିବା ଈଶ୍ୱରଙ୍କ ସେବକମାନଙ୍କର ମୁଁ କ'ଣ ପ୍ରକୃତ ଭ୍ରାତା ଅଟେ ? ମୁଁ କ'ଣ ଜଣେ, ଦୁଇ ଜଣ ବା ଅଧିକ ସହକାର୍ଯ୍ୟକାରୀମାନଙ୍କୁ ଚିହ୍ନଟ କରିପାରେ ଯେଉଁମାନଙ୍କ ସଙ୍ଗେ ମୁଁ ପ୍ରକୃତ ବନ୍ଧୁତ୍ୱ ଗଢ଼ିବି ଓ ରାଜ୍ୟରେ ପ୍ରକୃତ ଭ୍ରାତା ହୋଇପାରିବି ?

## ଦଶମ ଅଧ୍ୟାୟ

# ରାଜ୍ୟର ସେବା ନିମନ୍ତେ ପରବର୍ତ୍ତୀ ପିଢ଼ିକୁ ଉଠାଇବା

କିନ୍ତୁ ମୁଁ ତୁମ୍ଭମାନଙ୍କ ନିକଟକୁ ତୀମଥିଙ୍କୁ ଶୀଘ୍ର ପଠାଇବି ବୋଲି ପ୍ରଭୁ ଯୀଶୁଙ୍କଠାରେ ଭରସା କରୁଅଛି, ଯେପରି ତୁମ୍ଭମାନଙ୍କ ଅବସ୍ଥା ବିଷୟ ଜାଣି ମୁଁ ମଧ୍ୟ ଉତ୍ସାହିତ ହେବି । କାରଣ ଯେ ତୁମ୍ଭମାନଙ୍କ ବିଷୟରେ ପ୍ରକୃତରେ ମନୋଯୋଗ କରିବ, ଏପରି ସମଭାବାପନ୍ନ ଲୋକ ତାଙ୍କ ବିନା ମୋ ନିକଟରେ ଆଉ କେହି ନାହିଁ। ଯେଣୁ ସମସ୍ତେ ଯୀଶୁ ଖ୍ରୀଷ୍ଟଙ୍କ ବିଷୟ ଚେଷ୍ଟା ନ କରି ସ୍ୱାର୍ଥ ଚେଷ୍ଟା କରନ୍ତି । ସେ ଯେ ପରୀକ୍ଷାସିଦ୍ଧ ଲୋକ, ଏହା ତୁମ୍ଭେମାନେ ଜାଣ, ପୁତ୍ର ପିତାର ସେବା କଲା ପରି ସେ ତ ସୁସମାଚାର କାର୍ଯ୍ୟରେ ମୋ ସହିତ ସେବା କରିଥିଲେ (ଫିଲିପ୍ପୀ ୨:୧୯-୨୨) ।



# ୧୦
# ରାଜ୍ୟର ସେବା ନିମନ୍ତେ ପରବର୍ତ୍ତୀ ପିଢ଼ିକୁ ଉଠାଇବା

ଈଶ୍ୱର ଆମମାନଙ୍କୁ ପ୍ରଜନନ କ୍ଷମତା ଦେଇଛନ୍ତି– ଉଭୟ ପ୍ରାକୃତିକ ଭାବରେ ଓ ଆତ୍ମିକ ଭାବରେ

*୧ କରିନ୍ଥୀ ୪:୧୪,୧୫*
*[୧୪]ମୁଁ ତୁମ୍ଭମାନଙ୍କୁ ଲଜ୍ଜା ଦେବା ନିମନ୍ତେ ଏହି ସମସ୍ତ ବିଷୟ ଲେଖୁ ନାହିଁ, କିନ୍ତୁ ମୋହର ପ୍ରିୟ ସନ୍ତାନ ବୋଲି ମନେ କରି ତୁମ୍ଭମାନଙ୍କୁ ଚେତନା ଦେବା ନିମନ୍ତେ ଏହି ସମସ୍ତ ଲେଖୁଅଛି ।*
*[୧୫]କାରଣ ଯଦ୍ୟପି ଖ୍ରୀଷ୍ଟଙ୍କ ବିଷୟରେ ତୁମ୍ଭମାନଙ୍କର ଦଶ ସହସ୍ର ଶିକ୍ଷକ ଥାଆନ୍ତେ, ତଥାପି ତୁମ୍ଭମାନଙ୍କର ଅନେକ ପିତା ନାହାନ୍ତି; କାରଣ ଖ୍ରୀଷ୍ଟଯୀଶୁଙ୍କଠାରେ ମୁଁ ତୁମ୍ଭମାନଙ୍କୁ ସୁସମାଚାର ଦ୍ୱାରା ଜନ୍ମ ଦେଇଅଛି ।*

ତେବେ ଆମେ ଯେତେବେଳେ ପ୍ରଜନନ କରୁ ଜନ୍ମିତ ସନ୍ତାନ ଆମର ଅବିକଳ ନକଲ ହୋଇ ନଥାନ୍ତି । ଆମର ସନ୍ତାନମାନଙ୍କର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଓ ପରିଚୟ ରହିଥାଏ ।

ଯଦି ଆପଣ ଆପଣଙ୍କ ଉତ୍ତରାଧିକାରୀଙ୍କୁ ଉତ୍ପନ୍ନ କରି ନ ପାରନ୍ତି ତେବେ ସେବାକାର୍ଯ୍ୟରେ ଆପଣଙ୍କ ସଫଳତା ଅସମ୍ପୂର୍ଣ୍ଣ ରହିଯାଏ ।

ଯେଉଁଦିନ ଆପଣ କୌଣସି ସେବାକାର୍ଯ୍ୟ ଆରମ୍ଭ କରନ୍ତି ସେହି ଦିନରୁ ହିଁ ଆପଣ ଆପଣଙ୍କ ପ୍ରସ୍ଥାନ ବିଷୟରେ ଚିନ୍ତା କରିବା ଆରମ୍ଭ କରିବା ଉଚିତ ।

*ଯିଶାଇୟ ୫୯:୨୧*
*[୨୧]ନିଜ ବିଷୟରେ ସଦାପ୍ରଭୁ କହନ୍ତି, ସେମାନଙ୍କ ସହିତ ଆମ୍ଭର ନିୟମ ଏହି, ଆମ୍ଭର ଯେଉଁ ଆତ୍ମା ତୁମ୍ଭ ଉପରେ ଅଧିଷ୍ଠାନ କରନ୍ତି ଓ ଆମ୍ଭର ଯେ ସକଳ ବାକ୍ୟ ଆମ୍ଭେ ତୁମ୍ଭ ମୁଖରେ ରଖିଅଛୁ; ତାହା ତୁମ୍ଭ ମୁଖରୁ ଓ ତୁମ୍ଭ ବଂଶ ମୁଖରୁ ଓ ତୁମ୍ଭ ବଂଶୋତ୍ପନ୍ନ ବଂଶର ମୁଖରୁ ଆଜିଠାରୁ ଅନନ୍ତ କାଳ ପର୍ଯ୍ୟନ୍ତ ଦୂର କରାଯିବ ନାହିଁ, ଏହା ସଦାପ୍ରଭୁ କହନ୍ତି ।*

ଈଶ୍ୱର ଚାହାନ୍ତି ଯେ ବର୍ତ୍ତମାନ ପିଢ଼ି ଯେଉଁ ସମସ୍ତ ଅଭିଷେକ ଓ ପ୍ରକାଶନ ପ୍ରାପ୍ତ ହୁଅନ୍ତି ସେମାନେ ସେସବୁକୁ ପରବର୍ତ୍ତୀ ପିଢ଼ି ନିକଟରେ ପ୍ରକାଶ ଓ ଅର୍ପଣ କରିବାକୁ ହେବ । ସେସବୁରେ ସେ ନୂତନ ଅଭିଷେକ ଓ ନୂତନ ପ୍ରକାଶନ ଯୋଗ କରିବେ ଏବଂ ପରବର୍ତ୍ତୀ ପିଢ଼ିକୁ କାର୍ଯ୍ୟ କରିବା ନିମନ୍ତେ ଶକ୍ତିଯୁକ୍ତ କରିବେ ।

*୧ କରିନ୍ଥୀ ୪:୧୭*

*[୧୭] ଏଥିସକାଶେ ମୁଁ ତୁମ୍ଭମାନଙ୍କ ନିକଟକୁ ତୀମଥିଙ୍କୁ ପଠାଇଅଛି, ସେ ପ୍ରଭୁଙ୍କଠାରେ ମୋହର ପ୍ରିୟ ଓ ବିଶ୍ୱସ୍ତ ପୁତ୍ର; ଯେପରି ମୁଁ ସର୍ବତ୍ର ସମସ୍ତ ମଣ୍ଡଳୀରେ ଶିକ୍ଷା ଦେଇଥାଏ, ସେହିପରି ସେ ତୁମ୍ଭମାନଙ୍କୁ ମୋହର ଖ୍ରୀଷ୍ଟୀୟ ଆଚରଣ ସମସ୍ତ ସ୍ମରଣ କରାଇବେ ।*

- ବର୍ତ୍ତମାନ ସମୟରେ ଯେଉଁ ମୂଳଦୁଆ ସ୍ଥାପନ କରାଯାଇଛି ତାହା ଧ୍ୱଂସ ପାଇଯିବ ଯଦି ସେହି କାର୍ଯ୍ୟକୁ ଚାଲୁ ରଖିବା ପାଇଁ ତୀମଥିମାନେ ନ ରହିବେ ।
- ଆଜିର ‘ତୀମଥିମାନେ’ ହେବେ ଆସନ୍ତା କାଲିର ‘ପାଉଲମାନେ’।
- ଆମେମାନେ ପରବର୍ତ୍ତୀ ପିଢ଼ିକୁ ଉଠାଇବାକୁ ହେବ; ତାହା ନ କଲେ ବର୍ତ୍ତମାନ ପିଢ଼ି ଅନ୍ତେ କାର୍ଯ୍ୟ ଚାଲୁ ରଖିବା ପାଇଁ କେହି ରହିବେ ନାହିଁ ।
- ମଣ୍ଡଳୀରେ ପ୍ରାୟତଃ ବର୍ତ୍ତମାନ ପିଢ଼ି ହିଁ ସମସ୍ତ ମନୋଯୋଗ ଆକର୍ଷଣ କରିଥାଏ, ଏଣୁ ପରବର୍ତ୍ତୀ ପିଢ଼ି ଅବହେଳାର ଶିକାର ହୋଇଥାଏ ।
- ପ୍ରତ୍ୟେକ ପିଢ଼ି ଯାହାସବୁ ପ୍ରାପ୍ତ ହୋଇଛି ବା ହୁଏ ସେସବୁକୁ ତାହାସବୁ ପରବର୍ତ୍ତୀ ପିଢ଼ିକୁ ପ୍ରଦାନ କରାଯିବା ଆବଶ୍ୟକ ।
- ବର୍ତ୍ତମାନ ପିଢ଼ିକୁ ଯାହାସବୁ ମିଳିଛି ସେସବୁକୁ ପରବର୍ତ୍ତୀ ପିଢ଼ି ଗ୍ରହଣ କରିନେବା ଉଚିତ ।
- କୌଣସି ପିଢ଼ିର ସର୍ବୋଚ୍ଚ ବିଷୟକୁ ନେଇ ପରବର୍ତ୍ତୀ ପିଢ଼ି ଆରମ୍ଭ କରିବା ଉଚିତ।

## ତୀମଥିମାନଙ୍କୁ କିପରି ଉଠାଇବାକୁ ହେବ: ‘ପାଉଲ-ତୀମଥି’ଙ୍କ ସମ୍ପର୍କରୁ ଶିକ୍ଷା

ପ୍ରେରିତ ପାଉଲ ତୀମଥିଙ୍କୁ ବିଶ୍ୱାସରେ ଜଣେ ପ୍ରିୟ ପୁତ୍ର ମନେ କରୁଥିଲେ (୨ ତୀମଥି ୧:୨) । ସେ ତୀମଥିଙ୍କୁ ଈଶ୍ୱରଙ୍କର ଜଣେ ସେବକ ଓ ରାଜ୍ୟର ଜଣେ ସହକାର୍ଯ୍ୟକାରୀ

ରୂପେ ବଢ଼ାଇଥିଲେ, ଯେପରି ପାଉଲଙ୍କ ପରି ତୀମଥି ମଧ୍ୟ ରାଜ୍ୟର କାର୍ଯ୍ୟ କରିବେ । ପାଉଲ ତୀମଥିଙ୍କୁ କିପରି ଉଠାଇଥିଲେ ସେ ସମ୍ପର୍କୀୟ କେତୋଟି ପ୍ରମୁଖ ବିଷୟକୁ ଦେଖିବା ।

## ୧. ଏକ ସ୍ୱର୍ଗୀୟ ସମ୍ପର୍କକୁ ଜାଣନ୍ତୁ

*ପ୍ରେରିତ ୧୬:୧-୩*

*[୧]ପରେ ସେ ଦର୍ବୀ ଓ ଲୁସ୍ତ୍ରାକୁ ମଧ୍ୟ ଆସିଲେ, ଆଉ ଦେଖ, ସେ ସ୍ଥାନରେ ତୀମଥି ନାମରେ ଜଣେ ଶିଷ୍ୟ ଥିଲେ, ସେ ଜଣେ ବିଶ୍ୱାସିନୀ ଯିହୂଦୀ ମହିଳାର ପୁତ୍ର, କିନ୍ତୁ ତାଙ୍କର ପିତା ଜଣେ ଗ୍ରୀକ୍ ଲୋକ । [୨]ଲୁସ୍ତ୍ରା ଓ ଇକନିୟରେ ଥିବା ଭାଇମାନେ ତାଙ୍କ ସୁଖ୍ୟାତି କରୁଥିଲେ । [୩]ତାଙ୍କୁ ସାଙ୍ଗରେ ନେଇଯିବାକୁ ପାଉଲ ଇଚ୍ଛା କଲେ, ଆଉ ସେହିସବୁ ଅଞ୍ଚଳରେ ଥିବା ଯିହୂଦୀମାନଙ୍କ ହେତୁ ତାଙ୍କୁ ଘେନିଯାଇ ସୁନ୍ନତ କଲେ, କାରଣ ତାଙ୍କର ପିତା ଜଣେ ଗ୍ରୀକ୍ ଲୋକ ବୋଲି ସମସ୍ତେ ଜାଣିଥିଲେ ।*

ଦର୍ବୀ ଓ ଲୁସ୍ତ୍ରାରେ ଅନେକ ଯୁବକ ଥିଲେ ମଧ୍ୟ ପାଉଲ ତୀମଥି ନାମକ ଯୁବକଙ୍କ ପ୍ରତି ବିଶେଷ ସମ୍ପର୍କ ରହିଥିବା ଅନୁଭବ କରିଥିଲେ । ତାଙ୍କ ସମ୍ପ୍ରଦାୟରେ ଥିବା ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ତୀମଥିଙ୍କର ସୁଖ୍ୟାତି ରହିଥିଲା । ତୀମଥି ଯେପରି ପାଉଲଙ୍କ ସେବାକାର୍ଯ୍ୟରେ ଯୋଗ ଦିଅନ୍ତି ଏଥିପାଇଁ ପାଉଲ ବ୍ୟବସ୍ଥା କଲେ । ପାଉଲ ମଧ୍ୟ ତୀମଥିଙ୍କୁ ସୁନ୍ନତ କଲେ ଯେପରି ସେ ଆବଶ୍ୟକ ସ୍ଥଳେ ଯିହୁଦୀମାନଙ୍କ ସଙ୍ଗେ ମିଶି କାର୍ଯ୍ୟ କରି ପାରିବେ ।

ଆପଣଙ୍କ ଜୀବନରେ ଈଶ୍ୱର ଯେଉଁ ''ସ୍ୱର୍ଗୀୟ ସମ୍ପର୍କ'କୁ ରଖନ୍ତି ସେ ବିଷୟରେ ଆପଣ ସଚେତନ ହେବାକୁ ହେବ । ଈଶ୍ୱର ଆପଣଙ୍କ ନିକଟକୁ 'ତୀମଥିମାନଙ୍କୁ' ପଠାଇପାରନ୍ତି ବା ଅନ୍ୟମାନଙ୍କ ନିକଟକୁ ଜଣେ 'ପାଉଲ' ଭାବରେ ଆପଣଙ୍କୁ ପଠାଇ ପାରନ୍ତି ।

ନିଶ୍ଚିତ ହୁଅନ୍ତୁ ଯେ ଆପଣ ଯାହା କିଛି ପ୍ରଥମେ କରିବେ ତାହା ଆପଣଙ୍କ ତୀମଥିଙ୍କ ଭବିଷ୍ୟତକୁ ସାହାଯ୍ୟ କରିବ ।

ଆପଣଙ୍କ ତୀମଥିଙ୍କୁ ଆପଣ ଆପଣଙ୍କ ସଙ୍ଗେ ମିଶି କାର୍ଯ୍ୟ କରିବାକୁ ଦିଅନ୍ତୁ । ତୀମଥି ପାଉଲଙ୍କ ସଙ୍ଗେ ମିଶି ବିଭିନ୍ନ ସ୍ଥାନକୁ ଯାଇ ସେବାକାର୍ଯ୍ୟ କରିବାର ସୁଯୋଗ ପାଇଥିଲେ ।

*ପ୍ରେରିତ ୧୭:୧୪,୧୫*
*[୧୪]ସେଥିରେ ଭାଇମାନେ ଅବିଳମ୍ବରେ ପାଉଲଙ୍କୁ ସମୁଦ୍ର ଆଡ଼କୁ ଯିବାପାଇଁ ପଠାଇଦେଲେ,*
*ଆଉ ଶିଲା ଓ ତୀମଥି ସେହି ସ୍ଥାନରେ ରହିଲେ । [୧୫]କିନ୍ତୁ ଯେଉଁମାନେ ପାଉଲଙ୍କୁ ସାଙ୍ଗରେ*
*ଘେନିଗଲେ, ସେମାନେ ତାଙ୍କୁ ଆଥିନୀ ପର୍ଯ୍ୟନ୍ତ ଆଣିଲେ, ଆଉ ଶିଲା ଓ ତିମଥି ଯେପରି*
*ଅତି ଶୀଘ୍ର ତାଙ୍କ ନିକଟକୁ ଆସନ୍ତି, ଏହି ଆଜ୍ଞା ପାଇ ସେମାନେ ପ୍ରସ୍ଥାନ କଲେ ।*

*ପ୍ରେରିତ ୧୮:୫*
*[୫]ଯେତେବେଳେ ଶୀଲା ଓ ତୀମଥି ମାକିଦନିଆରୁ ଆସିଲେ, ସେତେବେଳେ ପାଉଲ ବାକ୍ୟ ପ୍ରଚାରରେ ନିତାନ୍ତ ନିବିଷ୍ଟ ଥାଇ, ଯୀଶୁ ଯେ ଖ୍ରୀଷ୍ଟ ଅଟନ୍ତି, ଏହା ଯିହୁଦୀମାନଙ୍କ ନିକଟରେ ସାକ୍ଷ୍ୟ ଦେଉଥିଲେ ।*

*ପ୍ରେରିତ ୨୦:୧-୪*
*[୧]ସେହି ଗଣ୍ଡଗୋଳ ନିବୃତ୍ତ ହେବା ପରେ ପାଉଲ ଶିଷ୍ୟମାନଙ୍କୁ ଡ଼କାଇ ସେମାନଙ୍କୁ ଉତ୍ସାହ*
*ଦେଲେ, ଆଉ ସେମାନଙ୍କଠାରୁ ବିଦାୟ ଘେନି ମାକିଦନିଆକୁ ଯିବା ନିମନ୍ତେ ପ୍ରସ୍ଥାନ କଲେ।*
*[୨]ସେହି ସମସ୍ତ ଅଞ୍ଚଳ ଦେଇ ଯାତ୍ରା କରି ସେ ଶିଷ୍ୟମାନଙ୍କୁ ବହୁତ ଉତ୍ସାହ ଦେବା ଉତ୍ତାରେ*
*ଗ୍ରୀସ୍‌କୁ ଆସିଲେ। [୩]ସେ ସେହି ସ୍ଥାନରେ ତିନି ମାସ ରହି ଯେତେବେଳେ ଜାହାଜରେ ଚଢ଼ି*
*ସୁରିଆକୁ ଯିବାକୁ ଉଦ୍ୟତ ହେଲେ, ସେତେବେଳେ ଯିହୁଦୀମାନେ ତାଙ୍କ ବିପକ୍ଷରେ ଷଡ଼ଯନ୍ତ୍ର*
*କରିବାରୁ ସେ ମାକିଦନିଆ ଦେଇ ବାହୁଡ଼ିଯିବାକୁ ମନସ୍ଥ କଲେ। [୪]ଆଉ ପୁରଙ୍କ ପୁତ୍ର*
*ବେରୟାନିବାସୀ ସୋପାତ୍ର, ଥେସଲନୀକୀୟମାନଙ୍କ ମଧ୍ୟରୁ ଆରିସ୍ତାର୍ଖ ଓ ସେକୁନ୍ଦ, ଦର୍ବୀର ଗାୟ,*
*ତୀମଥି, ଆଉ ଆସିଆର ଲୋକମାନଙ୍କ ମଧ୍ୟରୁ ତୁଖିକ ସ ତ୍ରଫିମ ତାଙ୍କ ସାଙ୍ଗରେ ଯାତ୍ରା କଲେ।*

*ଫିଲିପ୍ପୀ ୨:୨୨*
*[୨୨]ସେ ଯେ ପରୀକ୍ଷାସିଦ୍ଧ ଲୋକ, ଏହା ତୁମ୍ଭେମାନେ ଜାଣ; ପୁତ୍ର ପିତାର ସେବା କଲା ପରି ସେ ତ ସୁସମାଚାର କାର୍ଯ୍ୟରେ ମୋ ସହିତ ସେବା କରିଥିଲେ।*
*୨ ତୀମଥି ୨:୨*
*[୨୨]ଆଉ ଅନେକ ସାକ୍ଷୀଙ୍କ ସାକ୍ଷାତରେ ଯେଉଁସବୁ ବାକ୍ୟ ମୋଠାରୁ ଶୁଣିଅଛ, ଯେଉଁମାନେ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେବାକୁ ସମର୍ଥ, ଏପରି ବିଶ୍ୱସ୍ତ ଲୋକମାନଙ୍କ ନିକଟରେ ସେହିସବୁ ଅର୍ପଣ କର ।*

- ଆପଣଙ୍କ ତୀମଥିଙ୍କୁ ସତର୍କତାର ସହ ମନୋନୟନ କରନ୍ତୁ ।
- ଦକ୍ଷତା ଅପେକ୍ଷା ବିଶ୍ୱସ୍ତତା ଅଧିକ ଗୁରୁତ୍ୱପୂର୍ଣ୍ଣ ।
- ଆତ୍ମିକଦାନ ଅପେକ୍ଷା ହୃଦୟର ଅବସ୍ଥା ଅଧିକ ଗୁରୁତ୍ୱପୂର୍ଣ୍ଣ ।

## ୨. ଏକ ଲାଳନପାଳନକାରୀ ସମ୍ପର୍କ ବିକଶିତ କରନ୍ତୁ

*୧ ତୀମଥି ୧:୨*
*[୨]ଧର୍ମବିଶ୍ୱାସରେ ଆପଣା ଯଥାର୍ଥ ପୁତ୍ର ତୀମଥିଙ୍କ ନିକଟକୁ ପତ୍ର ଲେଖୁଅଛି, ପିତା ଈଶ୍ୱର ଓ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କଠାରୁ ଅନୁଗ୍ରହ, ଦୟା ଓ ଶାନ୍ତି ତୁମ୍ଭପ୍ରତି ହେଉ ।*

*୨ତୀମଥି ୧:୨*
*[୨]ପ୍ରିୟ ପୁତ୍ର ତୀମଥିଙ୍କ ନିକଟକୁ ପତ୍ର ଲେଖୁଅଛି, ପିତା ଈଶ୍ୱର ଓ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କଠାରୁ ଅନୁଗ୍ରହ, ଦୟା ଓ ଶାନ୍ତି ତୁମ୍ଭ ପ୍ରତି ହେଉ ।*
*୧ କରିନ୍ଥୀ ୪:୧୭*
*[୧୭]ଏଥିସକାଶେ ମୁଁ ତୁମ୍ଭମାନଙ୍କ ନିକଟକୁ ତୀମଥିଙ୍କୁ ପଠାଇଅଛି, ସେ ପ୍ରଭୁଙ୍କଠାରେ ମୋହର ପ୍ରିୟ ଓ ବିଶ୍ୱସ୍ତ ପୁତ୍ର; ଯେପରି ମୁଁ ସର୍ବତ୍ର ସମସ୍ତ ମଣ୍ଡଳୀରେ ଶିକ୍ଷା ଦେଇଥାଏ, ସେହିପରି ସେ ତୁମ୍ଭମାନଙ୍କୁ ମୋହର ଖ୍ରୀଷ୍ଟିୟ ଆଚରଣ ସମସ୍ତ ସ୍ମରଣ କରାଇବେ ।*

ପାଉଲ ଓ ତୀମଥିଙ୍କ ମଧ୍ୟରେ ଏକ ବିଶେଷ ବନ୍ଧନ, ଏକ ବିଶେଷ ସମ୍ପର୍କ ରହିଥିଲା । ପାଉଲ ତୀମଥିଙ୍କୁ ତାଙ୍କର ଆତ୍ମିକ ପୁତ୍ର ମନେ କରୁଥିଲେ ଓ ତୀମଥି ପାଉଲଙ୍କୁ ତାଙ୍କର ଆତ୍ମିକ ପିତା ରୂପେ ଦେଖୁଥିଲେ ।

## ୩. ଘନିଷ୍ଠତା ଓ ସ୍ୱଚ୍ଛତା ରକ୍ଷା କରନ୍ତୁ

*୨ ତୀମଥି ୩:୧୦,୧୧*
*[୧୦]କିନ୍ତୁ ତୁମ୍ଭେ ମୋହର ଶିକ୍ଷା, ଆଚାର ବ୍ୟବହାର, ସଂକଳ୍ପ, ବିଶ୍ୱାସ, ସହିଷ୍ଣୁତା, ପ୍ରେମ, ଧୈର୍ଯ୍ୟ, ତାଡ଼ନା ଓ ଦୁଃଖଭୋଗର ଅନୁଗାମୀ ହୋଇଅଛ; [୧୧]ଆନ୍ତିୟଖିଆ, ଇକନିୟ ଓ ଲୁସ୍ତ୍ରାରେ ମୋ ପ୍ରତି ସେପରି ତାଡ଼ନା ଘଟିଥିଲା; ମୁଁ ତାହା ସହ୍ୟ କରିଥିଲି, ଆଉ ପ୍ରଭୁ ମୋତେ ସେ ସବୁରୁ ଉଦ୍ଧାର କରିଥିଲେ ।*

ତୀମଥିଙ୍କ ସଙ୍ଗେ ପ୍ରେରିତ ପାଉଲ ଘନିଷ୍ଠତା ଓ ସ୍ୱଚ୍ଛତା ରକ୍ଷା କରିଥିଲେ ଯଦ୍ଦ୍ୱାରା ତୀମଥି ପାଉଲଙ୍କୁ ଦେଖି ପାରୁଥିଲେ ଓ ତାଙ୍କୁ ଭଲଭାବେ ଜାଣି ପାରିଥିଲେ । ପାଉଲଙ୍କ ଜୀବନରୁ ଯାହା ସେ ଦେଖୁଥିଲେ ନିଜେ ମଧ୍ୟ ସେହିଅନୁସାରେ ନିଜର ଜୀବନ ଗଠନ କରିଥିଲେ ବା ତାଙ୍କର ଅନୁକାରୀ ହୋଇଥିଲେ ।

## ୪. ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଦିଅନ୍ତୁ

*୧ ତୀମଥି ୧:୧୮*
*[୧୮]ହେ ବତ୍ସ ତୀମଥି, ତୁମ୍ଭ ବିଷୟରେ ପୂର୍ବରେ ଉକ୍ତ ସମସ୍ତ ଭାବବାଣୀ ଅନୁସାରେ ମୁଁ ତୁମ୍ଭକୁ ଏହି ଆଜ୍ଞା ଦେଉଅଛି, ଯେପରି ତୁମ୍ଭେ ସେହି ସମସ୍ତ ଭାବବାଣୀ ସାହାଯ୍ୟରେ ଉତ୍ତମ ଯୁଦ୍ଧ କରିପାର।*

*୧ ତୀମଥି ୬:୨୦*
*[୨୦]ହେ ତୀମଥି, ତୁମ୍ଭଠାରେ ଯାହା ସମର୍ପିତ ହୋଇଅଛି, ତାହା ରକ୍ଷା କର, ଅସାର ବକୁଆପଣ ଓ ତଥାକଥିତ ଜ୍ଞାନର ଯୁକ୍ତିତର୍କରୁ ବିମୁଖ ହୁଅ।*

ପାଉଲ ତୀମଥିଙ୍କୁ ଦିଶାନିର୍ଦ୍ଦେଶ ଦେଇଥିଲେ – ସେ କ'ଣ କରିବା ଉଚିତ, କ'ଣ ନ କରିବା ଉଚିତ, କେଉଁସବୁ ବିପଦ ପ୍ରତି ସେ ସାବଧାନ ରହିବା ଉଚିତ, ଇତ୍ୟାଦି (୧ ଓ ୨ ତୀମଥି)

## ୫. ଉତ୍ସାହିତ କରନ୍ତୁ, ଉପଦେଶ ଦିଅନ୍ତୁ, ସଂଶୋଧନ କରନ୍ତୁ

ପାଉଲ ତୀମଥିଙ୍କୁ ସକାରାତ୍ମକ ଉପଦେଶ ଦେଇଥିଲେ ।

*୧ ତୀମଥି ୬:୧୨*

*[୧୨] ବିଶ୍ୱାସର ଉତ୍ତମ ଯୁଦ୍ଧରେ ପ୍ରାଣପଣ କର, ଅନନ୍ତ ଜୀବନ ଧରି ରଖ; ସେଥିପାଇଁ ତ ତୁମ୍ଭେ ଆହୂତ ହୋଇଅଛ ଓ ଅନେକ ସାକ୍ଷୀଙ୍କ ସାକ୍ଷାତରେ ଉତ୍ତମ ସାକ୍ଷ୍ୟ ଦେଇଅଛ ।*

ସେବାକାର୍ଯ୍ୟରେ ସଂଶୋଧନ କରିବା ସବୁଠୁ କଷ୍ଟକର କାର୍ଯ୍ୟ ହୋଇଥାଏ । କିନ୍ତୁ ଏହାକୁ ପ୍ରେମର ସହିତ, ସକାରାତ୍ମକ ରୂପେ ଓ ଜଣକୁ ଉଠାଇବା ଉଦ୍ଦେଶ୍ୟରେ କିପରି କରିବାକୁ ହୁଏ ତାହା ଶିଖିବା ଆବଶ୍ୟକ । ଯଦି ଆପଣ ଆପଣଙ୍କ ତୀମଥିଙ୍କୁ ସଂଶୋଧନ ନ କରନ୍ତି ତେବେ ଯେଉଁ ବିଷୟ ନିମନ୍ତେ ଆପଣ ତାଙ୍କୁ ଛାଡ଼ିଦେଲେ ତାହା ହିଁ କ୍ୟାନ୍ସର ପରି ତାଙ୍କ ଜୀବନକୁ ଗ୍ରାସ କରିବ ଓ ତାଙ୍କୁ ନଷ୍ଟ କରି ପକାଇବ । ସଂଶୋଧନ 'ଆତ୍ମିକ ଅସ୍ତ୍ରୋପଚାର' ସଦୃଶ– ଏହା ଆଘାତ କରେ, କିନ୍ତୁ ଏହାର ପ୍ରଭାବ ସକାରାତ୍ମକ ଅଟେ ।

## ୬. ମୂଲ୍ୟକୁ ସ୍ପଷ୍ଟ କରନ୍ତୁ

ଈଶ୍ୱରଙ୍କ ସେବା କରିବାକୁ ହେଲେ ପ୍ରକୃତରେ କ'ଣ ମୂଲ୍ୟ ଦେବାକୁ ହୁଏ ସେ ସମ୍ପର୍କରେ ପାଉଲ କହିଥିଲେ । ପାଉଲ ତୀମଥିଙ୍କୁ ଚିକ୍କଣିଆ କଥା କହି ନଥିଲେ । ସେ ବାସ୍ତବ ବିଷୟକୁ ପ୍ରକାଶ କରିଥିଲେ । ତାଙ୍କ ସଙ୍ଗେ ମିଶି କ୍ଲେଶ ସହ୍ୟ କରିବାକୁ ସେ ତୀମଥିଙ୍କୁ ଆମନ୍ତ୍ରଣ କରିଥିଲେ ।

*୨ ତୀମଥି ୧:୮*

*[୮] ଅତଏବ, ଆମ୍ଭମାନଙ୍କ ପ୍ରଭୁଙ୍କ ସମ୍ବନ୍ଧରେ ସାକ୍ଷ୍ୟ ଦେବା ବିଷୟରେ କିଅବା ତାହାଙ୍କ ନିମନ୍ତେ ବନ୍ଦୀ ଯେ ମୁଁ ମୋ ବିଷୟରେ ଲଜ୍ଜିତ ନହୁଅ, ବରଂ ଈଶ୍ୱରଙ୍କ ଶକ୍ତି ଅନୁସାରେ ସୁସମାଚାର ନିମନ୍ତେ ମୋ ସହିତ କ୍ଲେଶ ସହ୍ୟ କର ।*

*୨ ତୀମଥି ୨:୩–୫*

*[୩] ଖ୍ରୀଷ୍ଟ ଯୀଶୁଙ୍କର ଜଣେ ଉତ୍ତମ ଯୋଦ୍ଧା ପରି ମୋ ସହିତ କ୍ଲେଶ ସହ୍ୟ କର। [୪] କୌଣସି ଲୋକ ସୈନ୍ୟକାର୍ଯ୍ୟ କରି ସଂସାରର ଅନ୍ୟ କାର୍ଯ୍ୟରେ ନିଜକୁ ଆବଦ୍ଧ କରେ ନାହିଁ, ଯେପରି ସୈନ୍ୟପଦରେ ନିଯୋଗକର୍ତ୍ତାଙ୍କୁ ସେ ସନ୍ତୁଷ୍ଟ କରି ପାରେ। [୫] ଆହୁରି ମଧ୍ୟ ଯଦି ଜଣେ ଲୋକ କ୍ରୀଡ଼ାରେ ପ୍ରତିଦ୍ୱନ୍ଦିତା କରେ, ସେ ନିୟମାନୁସାରେ ତାହା ନକଲେ ମୁକୁଟ ପ୍ରାପ୍ତ ହୁଏ ନାହିଁ ।*

# ୭. ସମ୍ମାନ ଦିଅନ୍ତୁ, ଗଠନ କରନ୍ତୁ, ଆଦର କରନ୍ତୁ

*୧ ତୀମଥି ୬:୧୧*

*[୧୧] କିନ୍ତୁ ହେ ଈଶ୍ୱରଙ୍କ ଲୋକ, ତୁମ୍ଭେ ଏହି ସମସ୍ତରୁ ପଳାୟନ କରି ଧାର୍ମିକତା, ଈଶ୍ୱରପରାୟଣତା, ବିଶ୍ୱାସ, ପ୍ରେମ, ଧୈର୍ଯ୍ୟ ଓ ସହିଷ୍ଣୁତାର ଅନୁଗାମୀ ହୁଅ ।*

*୨ କରିନ୍ଥୀ ୧:୧*

*[୧] ପାଉଲ୍, ଈଶ୍ୱରଙ୍କ ଇଚ୍ଛାରେ ଖ୍ରୀଷ୍ଟ ଯୀଶୁଙ୍କର ଜଣେ ପ୍ରେରିତ, ଆଉ ଭ୍ରାତା ତୀମଥି କରିନ୍ଥରେ ଥିବା ଈଶ୍ୱରଙ୍କ ମଣ୍ଡଳୀ ପୁଣି, ସମୁଦାୟ ଆଖାୟାରେ ଥିବା ସମସ୍ତ ସାଧୁଙ୍କ ନିକଟକୁ ପତ୍ର ଲେଖୁଅଛନ୍ତି ।*

*ଫିଲୀମୋନ ୧:୧*

*[୧] ପାଉଲ, ଖ୍ରୀଷ୍ଟ ଯୀଶୁଙ୍କର ବନ୍ଦୀ, ଆଉ ଭ୍ରାତା ତୀମଥି ଆମ୍ଭମାନଙ୍କ ପ୍ରିୟପାତ୍ର ଓ ସହକର୍ମୀ ଫିଲୀମୋନ ।*

*ରୋମୀୟ ୧୬:୨୧*

*[୨୧] ମୋହର ସହକର୍ମୀ ତୀମଥି, ପୁଣି ମୋହର ସ୍ୱଜାତୀୟ ଲୂକିୟ, ଯାସୋନ୍ ଓ ସୋସିପାତ୍ର ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି ।*

ପାଉଲ ତୀମଥିଙ୍କୁ ଯଥେଷ୍ଟ ସମ୍ମାନ ଦେଖାଇ ପତ୍ର ଲେଖିଥିଲେ । ସେ ତୀମଥିଙ୍କୁ ''ଈଶ୍ୱରଙ୍କ ଲୋକ'', ଜଣେ ଭ୍ରାତା, ଜଣେ ସହକର୍ମୀ ଭାବରେ ସମ୍ବୋଧିତ କରନ୍ତି । ସେ ତୀମଥିଙ୍କ ପ୍ରକୃତ ଉପଯୋଗିତା, ତାଙ୍କର ଆହ୍ୱାନ, ଆତ୍ମିକ ଦାନ ଓ ଅଭିଷେକକୁ ଜାଣିଥିଲେ ।

ଆପଣଙ୍କ ତୀମଥିଙ୍କୁ ଆପଣ ଯେପରି ବ୍ୟବହାର କରନ୍ତି ତଦନୁସାରେ ତାଙ୍କୁ ଦାସଭାବରେ ଅଥବା ପୁତ୍ରଭାବରେ ଆପଣ ଗଠନ କରିବାକୁ ଯାଉଛନ୍ତି ତାହା ଜଣାଯିବ । ଯଦି ତାଙ୍କୁ ଦାସଭାବରେ ବ୍ୟବହାର କରନ୍ତି ତେବେ ଜଣେ ଦାସଙ୍କୁ ଉତ୍ପନ୍ନ କରିବେ । ଯଦି ପୁତ୍ରଭାବରେ ବ୍ୟବହାର କରନ୍ତି ଜଣେ ପୁତ୍ରଙ୍କୁ ଉତ୍ପନ୍ନ କରିବେ ।

ଈଶ୍ୱରଙ୍କ ଗୃହରେ ଆମେ ଈଶ୍ୱରଙ୍କ ଲୋକମାନଙ୍କର କର୍ତ୍ତା ବା ଅଧିକାରୀ ଭାବରେ ନୁହେଁ ମାତ୍ର ପ୍ରକୃତ ପିତାମାତା ଭାବରେ ଆଚରଣ କରିବା ବିଷୟକୁ ଶିକ୍ଷା କରିବାକୁ ହେବ । ପିତାମାତାଙ୍କର ପୁତ୍ରକନ୍ୟା ରହିଥାନ୍ତି । କର୍ତ୍ତା ବା ଅଧିକାରୀଙ୍କ ପାଖରେ ଦାସଦାସୀ ରହିଥାନ୍ତି । ଆମେ କିଏ, ତାହା ନିରୂପଣ କରିବ ଈଶ୍ୱରଙ୍କ ଗୃହରେ ଆମେ କେଉଁ ପ୍ରକାର ଲୋକଙ୍କର ପ୍ରତିପାଳନ କରୁ ।

ଜଣେ ଦାସ ପୁରସ୍କାର ପାଇବା ପାଇଁ କାର୍ଯ୍ୟ କରେ, କିନ୍ତୁ ଜଣେ ପୁତ୍ର ନିଜ ଗୃହ ନିମନ୍ତେ କାର୍ଯ୍ୟ କରିଥାଏ ।

ଜଣେ ଦାସର ବଚନବନ୍ଧତା ପରିବର୍ତ୍ତନ ହୋଇପାରେ ଓ ସେ ଗୋଟିଏ ଗୃହକୁ ଛାଡ଼ି ଅନ୍ୟଗୃହରେ କାର୍ଯ୍ୟ କରିପାରେ । ଜଣେ ପୁତ୍ରର ବଚନବଦ୍ଧତା ଦୃଢ଼ ରହିଥାଏ । ସେ କେଉଁଠି ରହିଛି ତାହା ସେ ଜାଣିଥାଏ । ସେ କେଉଁଠି ରହିଛି ତାହା ସେ ଜାଣିଥାଏ । ଜଣେ ପୁତ୍ର ଅନ୍ୟ ଏକ ଘରତୋଳି ସେଠାକୁ ଚାଲିଗଲେ ମଧ୍ୟ ସେ ନିଜ ପିତାଙ୍କୁ ସର୍ବଦା ମନେ ରଖିଥାଏ ।

ଜଣେ ଦାସ ତା'ର କାର୍ଯ୍ୟ ନିମନ୍ତେ ପୁରସ୍କାର ପାଇଥାଏ, କିନ୍ତୁ ଜଣେ ପୁତ୍ର ଉତ୍ତରାଧିକାର ସୂତ୍ରରେ ଅନେକ ବିଷୟ ପାଇଥାଏ, କାରଣ ସେ ଗୃହର ସଦସ୍ୟ ଅଟେ ।

## ୮. କାର୍ଯ୍ୟଭାର ଅର୍ପଣ କରନ୍ତୁ ଓ କ୍ଷମତା ପ୍ରଦାନ କରନ୍ତୁ

ପାଉଲ ତୀମଥିଙ୍କୁ ବିଭିନ୍ନ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ପ୍ରେରଣ କରୁଥିଲେ । ତାଙ୍କୁ ଏହିସବୁ ଦାୟିତ୍ୱ ଦେବା ପାଇଁ ପାଉଲ ତୀମଥିଙ୍କ ଉପରେ ଯଥେଷ୍ଟ ନିର୍ଭର ରଖିଥିଲେ ଓ ଆସ୍ଥା ପ୍ରକଟ କରିଥିଲେ ।

*୧ କରିନ୍ଥୀୟ ୪:୧୭*

*[୧୭] ଏଥିସକାଶେ ମୁଁ ତୁମ୍ଭମାନଙ୍କ ନିକଟକୁ ତୀମଥିଙ୍କୁ ପଠାଇଅଛି, ସେ ପ୍ରଭୁଙ୍କଠାରେ ମୋହର ପ୍ରିୟ ଓ ବିଶ୍ୱସ୍ତ ପୁତ୍ର, ଯେପରି ମୁଁ ସର୍ବତ୍ର ସମସ୍ତ ମଣ୍ଡଳୀରେ ଶିକ୍ଷା ଦେଇଥାଏ, ସେହିପରି ସେ ତୁମ୍ଭମାନଙ୍କୁ ମୋହର ଖ୍ରୀଷ୍ଟିୟ ଆଚରଣସମସ୍ତ ସ୍ମରଣ କରାଇବେ।*

*ଫିଲିପ୍ପୀ ୨:୧୯*

*[୧୯] କିନ୍ତୁ ମୁଁ ତୁମ୍ଭମାନଙ୍କ ନିକଟକୁ ତୀମଥିଙ୍କୁ ଶୀଘ୍ର ପଠାଇବି ବୋଲି ପ୍ରଭୁ ଯୀଶୁଙ୍କଠାରେ ଭରସା କରୁଅଛି, ଯେପରି ତୁମ୍ଭମାନଙ୍କ ଅବସ୍ଥା ବିଷୟ ଜାଣି ମୁଁ ମଧ୍ୟ ଉତ୍ସାହିତ ହେବି।*

*୧ ଥେସଲନୀକୀୟ ୩:୧,୨*

*[୧] ଏଥିନିମନ୍ତେ ଆମ୍ଭେମାନେ ଆଉ ସହି ନପାରିବାରୁ ଆଥୀନୀରେ ଏକାକୀ ପଛରେ ରହିବା ପାଇଁ ସ୍ଥିର କଲୁ । [୨] ପୁଣି, ତୁମ୍ଭମାନଙ୍କୁ ସୁସ୍ଥିର କରିବାକୁ ଓ ତୁମ୍ଭମାନଙ୍କ ବିଶ୍ୱାସ ସମ୍ବନ୍ଧରେ ତୁମ୍ଭମାନଙ୍କୁ ଉତ୍ସାହ ଦେବାକୁ ଖ୍ରୀଷ୍ଟଙ୍କ ସୁସମାଚାର କାର୍ଯ୍ୟରେ ଈଶ୍ୱରଙ୍କ ସହକାର୍ଯ୍ୟକାରୀ ଆମ୍ଭମାନଙ୍କ ଭାଇ ତୀମଥିଙ୍କୁ ପଠାଇଲୁ ।*

କାର୍ଯ୍ୟଭାର ଅର୍ପଣ କରିବା ଦ୍ୱାରା ଲୋକେ ବୃଦ୍ଧି ପାଇଥାନ୍ତି ଓ ପରିପକ୍ୱ ହୋଇଥାନ୍ତି । ଲୋକମାନେ ଭୁଲ କରିପାରନ୍ତି, କିନ୍ତୁ ସେମାନେ ସେପରି କଲେ ବି ସେମାନଙ୍କ ପ୍ରତି ସଦୟ ବ୍ୟବହାର କରନ୍ତୁ । ଶିକ୍ଷା ଲାଭ କରିବା ଓ ବୃଦ୍ଧି ପାଇବା ନିମନ୍ତେ ଭୁଲ କରି ବସିବା ବିଷୟକୁ ଏକ ସୁଯୋଗ ଭାବରେ ବ୍ୟବହାର କରନ୍ତୁ ।

## ୯. ଉତ୍ତମ ସୁପାରିଶ ଦିଅନ୍ତୁ

*୧ କରିନ୍ଥୀୟ ୧୬:୧୦*

*[୧୦]ଯଦି ତୀମଥି ଯାଆନ୍ତି, ତେବେ ଯେପରି ନିର୍ଭୟରେ ତୁମ୍ଭମାନଙ୍କ ମଧ୍ୟରେ ରୁହନ୍ତି, ସେ ବିଷୟରେ ମନୋଯୋଗ କର, କାରଣ ମୁଁ ଯେପରି, ସେ ମଧ୍ୟ ସେହିପରି ପ୍ରଭୁଙ୍କ କାର୍ଯ୍ୟ କରନ୍ତି ।*

*ଫିଲିପ୍ପୀ ୨:୧୯–୨୩*

*[୧୯]କିନ୍ତୁ ମୁଁ ତୁମ୍ଭମାନଙ୍କ ନିକଟକୁ ତୀମଥିଙ୍କୁ ଶୀଘ୍ର ପଠାଇବି ବୋଲି ପ୍ରଭୁ ଯୀଶୁଙ୍କଠାରେ*
*ଭରସା କରୁଅଛି, ଯେପରି ତୁମ୍ଭମାନଙ୍କ ଅବସ୍ଥା ବିଷୟ ଜାଣି ମୁଁ ମଧ୍ୟ ଉତ୍ସାହିତ ହେବି।*
*[୨୦]କାରଣ ଯେ ତୁମ୍ଭମାନଙ୍କ ବିଷୟରେ ପ୍ରକୃତରେ ମନୋଯୋଗ କରିବ, ଏପରି ସମଭାବାପନ୍ନ*
*ଲୋକ ତାଙ୍କ ବିନା ମୋ ନିକଟରେ ଆଉ କେହି ନାହିଁ। [୨୧]ଯେଣୁ ସମସ୍ତେ ଯୀଶୁ ଖ୍ରୀଷ୍ଟଙ୍କ*
*ବିଷୟ ଚେଷ୍ଟା ନକରି ସ୍ୱାର୍ଥ ଚେଷ୍ଟା କରନ୍ତି। [୨୨]ସେ ଯେ ପରୀକ୍ଷାସିଦ୍ଧ ଲୋକ, ଏହା ତୁମ୍ଭେମାନେ*
*ଜାଣ, ପୁତ୍ର ପିତାର ସେବା କଲା ପରି ସେ ତ ସୁସମାଚାର କାର୍ଯ୍ୟରେ ମୋ ସହିତ ସେବା*
*କରିଥିଲେ। [୨୩]ଅତଏବ, ମୋ ପ୍ରତି କଅଣ ଘଟିବ, ତାହା ଜାଣିବା ମାତ୍ର ତାଙ୍କୁ ପଠାଇବି*
*ବୋଲି ଭରସା କରୁଅଛି ।*

ପାଉଲ ତାଙ୍କୁ ପ୍ରେରଣ କଲାବେଳେ ଅତି ଉତ୍ସୁକତାର ସହିତ ସକାରାତ୍ମକ ସୁପାରିଶ ଦେଇ ପଠାଉଥିଲେ । ପାଉଲ ତାଙ୍କ ସୁପାରିଶରେ ପ୍ରକାଶ କରୁଥିଲେ ଯେ ତୀମଥି ତାଙ୍କର ସହକର୍ମୀ ଓ ସେବାକାର୍ଯ୍ୟରେ ତାଙ୍କ ସଙ୍ଗେ ସମାନ ଅଟନ୍ତି ।

## ୧୦. ଈଶ୍ୱରଙ୍କ ଆହ୍ୱାନ ଉଦ୍ଦେଶ୍ୟରେ ମୁକ୍ତ କରନ୍ତୁ

ପାଉଲ ତୀମଥିଙ୍କୁ ଏଫିସୀ ମଣ୍ଡଳୀର ଦାୟିତ୍ୱ ବହନ କରିବା ଉଦ୍ଦେଶ୍ୟରେ ପଠାଇ ଦେଇଥିଲେ ।

*୧ ତୀମଥି ୧:୩*

*[୩]ମୁଁ ମାକିଦନିଆକୁ ଯିବା ସମୟରେ ତୁମ୍ଭକୁ ଯେପ୍ରକାର ଅନୁରୋଧ କରିଥିଲି, ସେହିପରି ତୁମ୍ଭେ ଏଫିସରେ ରହି କେତେକ ଲୋକ ଯେପରି ଭିନ୍ନ ଶିକ୍ଷା ନ ଦିଅନ୍ତି ।*

ବ୍ୟାବହାରିକ ତାଲିମ୍ ମାଧ୍ୟମରେ ତୀମଥି ଜଣେ ଈଶ୍ୱରଙ୍କ ଲୋକ ହୋଇ ପାରିଥିଲେ । ଜଣେ 'ତୀମଥି'ଙ୍କୁ ସମକକ୍ଷ ବ୍ୟକ୍ତି ଭାବରେ ଦେଖିବା ଏକ ସମ୍ମାନର ବିଷୟ । ଜଣେ 'ତୀମଥି' ଯଦି ଅଗ୍ରସର ହୋଇ ଆମର ଆଗକୁ ବଢ଼ିଯାଆନ୍ତି ତେବେ ତାହା ଆହୁରି ଅଧିକ ସମ୍ମାନର ବିଷୟ ଅଟେ । ଆମେମାନେ ଆମର ମିଶନ୍‌କୁ ସମ୍ପୂର୍ଣ୍ଣ କରିଛୁ । ଆମେ ଜଣେ ଉତ୍ତମ ଆତ୍ମିକ ପିତା ଭାବରେ କାର୍ଯ୍ୟ କରିଛୁ ।

ଯଦି ପୁତ୍ର ବୃଦ୍ଧି ପାଏ ନାହିଁ ବା ପିତା ଯଦି ପୁତ୍ରକୁ 'ପୁତ୍ର' ରୂପରେ ସର୍ବଦା ଦେଖିବାକୁ ଚାହାନ୍ତି, ତାକୁ ସହ-ଅଧିକାରୀ ରୂପେ ଦେଖିବାକୁ ଚାହାନ୍ତି ନାହଁ ତେବେ ସମସ୍ୟା ଉପୁଜି ଥାଏ ।

## ଆପଣ ଯେତେବେଳେ ବୃଦ୍ଧ ଓ ପକ୍ୱକେଶ ବିଶିଷ୍ଟ ହୁଅନ୍ତି

*ଗୀତସଂହିତା ୭୧:୧୭-୧୮*

*୧୭ ହେ ପରମେଶ୍ୱର, ତୁମ୍ଭେ ମୋତେ ବାଲ୍ୟକାଳଠାରୁ ଶିକ୍ଷା ଦେଇ ଆସୁଅଛ, ପୁଣି, ମୁଁ ଏ ପର୍ଯ୍ୟନ୍ତ ତୁମ୍ଭର ଆଶ୍ଚର୍ଯ୍ୟ କ୍ରିୟାସବୁ ପ୍ରଚାର କରିଅଛି। ୧୮ ହେ ପରମେଶ୍ୱର, ମୁଁ ଆସନ୍ତା ପୁରୁଷ ନିକଟରେ ତୁମ୍ଭର ବାହୁବଳ, ପ୍ରତ୍ୟେକ ଭବିଷ୍ୟତ ଲୋକଙ୍କ ନିକଟରେ ତୁମ୍ଭର ପରାକ୍ରମ ପ୍ରଚାର କରିବା ପର୍ଯ୍ୟନ୍ତ,ବୃଦ୍ଧ ଓ ପକ୍ୱକେଶ ହେବା ସମୟରେ ହେଁ ମୋତେ ପରିତ୍ୟାଗ କର ନାହିଁ ।*

*ଯିଶାଇୟ ୪୬:୪*

*୪ ପୁଣି, ଆମ୍ଭେ ତୁମ୍ଭମାନଙ୍କର ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ସେହି ଅଟୁ ଓ ପକ୍ୱକେଶ ପର୍ଯ୍ୟନ୍ତ ହିଁ ଆମ୍ଭେ ତୁମ୍ଭମାନଙ୍କୁ ବହିବା; ଆମ୍ଭେ ନିର୍ମାଣ କରିଅଛୁ ଓ ଆମ୍ଭେ ବହିବା; ହଁ, ଆମ୍ଭେ ବହିବା ଓ ଉଦ୍ଧାର କରିବା ।*

ଈଶ୍ୱରଙ୍କ ଶକ୍ତିକୁ ପ୍ରକାଶ କରି ଚାଲନ୍ତୁ । ବୟସ ଅନୁସାରେ ଈଶ୍ୱରଙ୍କ ଅଭିଷେକ ହ୍ରାସ ପାଏ ନାହିଁ !

### *(କ) ଈଶ୍ୱରଙ୍କ ଜ୍ଞାନକୁ ଅଂଶୀ କରାନ୍ତୁ*

ଈଶ୍ୱରଙ୍କ ସହିତ ଗମନାଗମନ କରି ଆମେ ଯେଉଁ ଜ୍ଞାନ ପ୍ରାପ୍ତ ହୋଇ ରାଜ୍ୟରେ ପରିପକ୍ୱତା ଲାଭ କରିଛୁ ତାହା ଅନ୍ୟମାନଙ୍କୁ ପ୍ରଦାନ କରିବା ଭଳି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଆମେ କରିପାରିବା

**(ଖ) *ବାରମ୍ବାର ଅଭିଷେକକୁ ନୂତନୀକରଣ କରନ୍ତୁ ! ଅବସର ନ ନେଇ ପୁନଃ-ଉଦ୍ଦୀପ୍ତ ହୁଅନ୍ତୁ !***

*ଗୀତସଂହିତା ୯୨:୧୦*

*[୧୦] ମାତ୍ର ତୁମ୍ଭେ ଅରଣାର ଶୃଙ୍ଗ ପରି ମୋହର ଶୃଙ୍ଗ ଉନ୍ନତ କରିଅଛ; ମୁଁ ନୂତନ ତୈଳରେ ଅଭିଷିକ୍ତ ହୋଇଅଛି ।*

***(ଗ) ଫଳ ଉତ୍ପନ୍ନ କରି ଚାଲନ୍ତୁ***

*ଗୀତସଂହିତା ୯୨:୧୪*

*[୧୪] ସେମାନେ ବୃଦ୍ଧ ବୟସରେ ହେଁ ଫଳ ଉତ୍ପନ୍ନ କରିବେ; ସେମାନେ ରସ ଓ ତେଜରେ ପୂର୍ଣ୍ଣ ହେବେ ।*

***(ଘ) ସୁଖକର ଭାବରେ ପ୍ରସ୍ଥାନ କରନ୍ତୁ***

*୧ ବଂଶାବଳି ୨୯:୨୮*

*[୨୮] ତହିଁ ଉତ୍ତାରେ ସେ ଆୟୁଷ, ଧନ ଓ ସମ୍ଭ୍ରମରେ ପରିପୂର୍ଣ୍ଣ ହୋଇ ଉତ୍ତମ ବୃଦ୍ଧାବସ୍ଥାରେ ମଲେ, ପୁଣି ତାଙ୍କ ପୁତ୍ର ଶଲୋମନ୍ ତାଙ୍କ ପଦରେ ରାଜ୍ୟ କଲେ ।*

# ବ୍ୟକ୍ତିଗତ ପ୍ରୟୋଗ

ପ୍ରଶ୍ନ ୧. ଯୁବ ସେବକମାନଙ୍କୁ ଲାଳନପାଳନ କରିବାରେ ଆପଣଙ୍କ ଅନୁଭୂତି କଣ? ଏହା କେତେଦୂର ସଫଳ ହୋଇଛି ଓ ଏଥିରେ କ'ଣସବୁ ଆହ୍ୱାନ ରହିଛି ?

ପ୍ରଶ୍ନ ୨. ଯୁବ ସେବକମାନଙ୍କ ନିମନ୍ତେ ଆପଣ କିପରି ଜଣେ ଉତ୍ତମ ଆତ୍ମିକ ପିତା ହୋଇପାରିବେ ଓ ସେମାନଙ୍କ ଯତ୍ନ ନେବା ଦିଗରେ କିପରି ପ୍ରକୃତ ସାହାଯ୍ୟ କରିପାରିବେ ?

# ଏକ ରାଜ୍ୟ ନିର୍ମାଣକାରୀ ସଭାର ଆୟୋଜନ କରନ୍ତୁ

ପ୍ରିୟ ପାଳକ / ସହସେବକ ବନ୍ଧୁ:

ଏହି ପୁସ୍ତକରେ ଉଲ୍ଲିଖିତ ସତ୍ୟସମୂହକୁ ସର୍ବାଧିକ ଈଶ୍ୱରଙ୍କ ସେବକମାନଙ୍କ ନିକଟରେ ଯଥାସାଧ୍ୟ ପହଞ୍ଚାଇବା ଆମର ହାର୍ଦ୍ଦିକ ବାଞ୍ଛା । ଏହି ପୁସ୍ତକରୁ ଆପଣ ଯାହାସବୁ ଶିକ୍ଷା କଲେ ତା'କୁ ବିନା ସଙ୍କୋଚରେ ଅନ୍ୟମାନଙ୍କ ନିକଟରେ ଶିକ୍ଷା ଦିଅନ୍ତୁ ଓ ପ୍ରଚାର କରନ୍ତୁ ।

ଆମର ବିଶ୍ୱାସ ରହିଛି ଯେ ବ୍ୟକ୍ତିଗତ ଭାବରେ ଏକ ରାଜ୍ୟ ନିର୍ମାଣକାରୀ ସଭାରେ ଯୋଗଦାନ କଲେ ଆପଣ ଶକ୍ତିଯୁକ୍ତ ଭାବରେ ପରିବର୍ତ୍ତିତ ହେବେ । ଏଣୁ ଏକ ରାଜ୍ୟ ନିର୍ମାଣକାରୀ ସଭାରେ ଯୋଗଦେବା ନିମନ୍ତେ ଆମେ ଆପଣଙ୍କୁ ଉତ୍ସାହିତ କରୁଛୁ ।

ଆମେ ମଧ୍ୟ ଆପଣଙ୍କୁ ଉତ୍ସାହିତ କରିବୁ ଯେ ଆପଣଙ୍କ ଅଞ୍ଚଳରେ କାର୍ଯ୍ୟରତ ପାଳକ ଓ ସେବକମାନଙ୍କୁ ନେଇ ଆପଣ ମିଳିତ ଭାବରେ ଏକ ରାଜ୍ୟ ନିର୍ମାଣକାରୀ ସଭାର ଆୟୋଜନ କରନ୍ତୁ । ସଭାରେ ଯୋଗଦେବା ପାଇଁ ଯେତେଜଣଙ୍କୁ ପାରିବେ ନିମନ୍ତ୍ରଣ କରନ୍ତୁ, ଯେପରିକି ସେମାନଙ୍କ ହୃଦୟ ଓ ମନ ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ ହେବ । ଆପଣ ମଧ୍ୟ ଏହି ପୁସ୍ତକକୁ ବ୍ୟବହାର କରି ନିଜେ ସେହି ରାଜ୍ୟ ନିର୍ମାଣକାରୀ ସଭାରେ ଶିକ୍ଷା ଦେଇ ପାରିବେ । ଏହି ସଭାରେ ବ୍ୟବହାର କରିବା ପାଇଁ ଆବଶ୍ୟକମତେ ଏହି ପୁସ୍ତକରୁ କେତେଖଣ୍ଡ ଆମଠାରୁ ମଗାଇ ନେଇ ପାରିବେ । ଆପଣ ଯଦି ଚାହାନ୍ତି ଯେ ଆମ ମଧ୍ୟରୁ କେତେ ଜଣ ଯାଇ ଏହି ସଭାରେ ଶିକ୍ଷାଦାନ କରିବୁ ତେବେ ଆମେ ଖୁସୀରେ ତାହା କରିବୁ ।

ଆମେ ଆପଣଙ୍କ ଉତ୍ତରର ପ୍ରତୀକ୍ଷା କରିବୁ ।

ଆଶିଷ୍ ରାଇଚୁର୍

# ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବା କାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ୍ ''All Peoples Church, Bangalore'' ନାମରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା

Account Name : All Peoples Church
Account Number : 0057213809
IFSC Code : CIT10000004
Bank : Citibank N.A. 506-507,Level 5, Prestige Meridian 2,
# 30, MG Road, Bangaluru - 560 001

***ବି.ଦ୍ର:*** *ଅଲ୍ ପିପୁଲ୍ସ ଚର୍ଚ୍ଚର FCRA ପରମିଟ୍ ନାହିଁ, ଏଣୁ ଭାରତୀୟ ନାଗରିକଙ୍କ ନିକଟରୁ ହିଁ ବ୍ୟାଙ୍କ୍ ମାଧ୍ୟମରେ ଆମେ ଦାନ ପାଇ ପାରିବୁ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ମଧ୍ୟ ଆପଣ ଲେଖିପାରନ୍ତି । ଆମମାନଙ୍କ ନିମନ୍ତେ ଓ ଆମ ସେବାକାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

**ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ !**

# ଅଲ୍ ପିପୁଲ୍ସ ଚର୍ଚ୍ଚକୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନ କରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨:୩,୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପାଆନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ ପଠାନ୍ତୁ ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ। ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ମନୁଷ୍ୟ ହୋଇଥିବାରୁ ତାଙ୍କର ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟି ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମ୍ଭମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମ୍ଭେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରିଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ। ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରିଦେଇଥାଏ। ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷାକରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କିଛି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । *ବାଇବଲ କହେ, ‘‘ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ’’(ରୋମୀ ୬:୨୩)।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତଥିବାର ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପ କ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବେ – କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*‘‘ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ’’(ପ୍ରେରିତ ୧୦:୪୩)*

*‘‘ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ’’ (ରୋମୀ ୧୦:୯)।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ’ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି

ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବାପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୂନା ମାତ୍ର। ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

*ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେକେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।*

*ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।*

*ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପକ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।*

*ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର, ଆମେନ୍ ।*

ଆଜିର ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ଯେଉଁ ଏକ ବିଷୟର ବିଶେଷ ଆବଶ୍ୟକତା ରହିଛି ତା'ହେଲା ଏକ ରାଜ୍ୟାଭିମୁଖୀ ମାନସିକତାକୁ ବିକଶିତ କରିବା । ଈଶ୍ୱର ଆମମାନଙ୍କୁ ନିଜ ନିଜର ସେବାକାର୍ଯ୍ୟ, ବା ନିଜ ନିଜର ମଣ୍ଡଳୀ ଗଠନ କରିବା ନିମନ୍ତେ ଆହ୍ୱାନ କରି ନାହାନ୍ତି। ତାହାଙ୍କ ରାଜ୍ୟ ନିର୍ମାଣ କରିବାକୁ ସେ ଆମମାନଙ୍କୁ ଆହ୍ୱାନ କରିଛନ୍ତି ।

ରାଜାଙ୍କର ସହକର୍ମୀ ହେବାର ଅର୍ଥ ଜଣ, ଏହାକୁ ଆବିଷ୍କାର କରନ୍ତୁ । ରାଜ୍ୟ ନିର୍ମାଣକାରୀ ହେବାର ହୃଦୟ ଧାରଣ କରନ୍ତୁ।

ଈଶ୍ୱର କିପରି ତାଙ୍କ ରାଜ୍ୟର ଅଭିବୃଦ୍ଧି ନିମନ୍ତେ ଆମ ପ୍ରତ୍ୟେକଙ୍କୁ ତାହାଙ୍କର ଦର୍ଶନ ଓ ସ୍ୱପ୍ନ ସବୁକୁ ସଫଳ କରିବା ପାଇଁ ବ୍ୟବହାର କରନ୍ତି ଏହା ଜାଣନ୍ତୁ ।

ରାଜ୍ୟ ନିର୍ମାଣର ଅର୍ଥ ଲୋକମାନଙ୍କୁ ଗଢ଼ିବା ! ଆମ୍ଭାଙ୍କ ଦ୍ୱାରା କିପରି ଲୋକମାନଙ୍କୁ ଗଢ଼ିବାକୁ ହୁଏ ଶିକ୍ଷା କରନ୍ତୁ।

ଈଶ୍ୱରଙ୍କ ରାଜ୍ୟରେ ସ୍ୱପ୍ନ ଓ ଦର୍ଶନସବୁ ମଧ୍ୟରେ ପାରସ୍ପରିକ ସଂପର୍କ ରହିଛି ! ଈଶ୍ୱରଙ୍କ ରାଜ୍ୟରେ କିପରି ଜଣେ ଅଂଶୀଦାର ହୋଇପାରିବ ଶିକ୍ଷା କରନ୍ତୁ ।

ଆମେ ସମସ୍ତେ ମିଶି ଯଦି ରାଜ୍ୟ ନିର୍ମାଣକାରୀ ଭାବରେ କାର୍ଯ୍ୟ କରୁ, ଯେକୌଣସି ନଗର, ଯେକୌଣସି ଅଞ୍ଚଳ, ଯେକୌଣସି ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରରେ ସମ୍ପୂର୍ଣ୍ଣ ଆତ୍ମିକ ପରିବର୍ତ୍ତନ ଦେଖିପାରିବା !

All Peoples Church & World Outreach,
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617, +91-80-65970617
Email: contact@apcwo.org
Website: www.apcwo.org

ରାଜ୍ୟ ନିର୍ମାଣକାରୀ

ଆଶିଷ ରାଇଚୁର